ସାମ୍ପ୍ରଦାୟିକ ସମ୍ପ୍ରୀତି

ମୁକ୍ତି ବନ୍ଧୁ

ନାରାୟଣ ସାହୁ

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର

ସୃଷ୍ଟି ବଳୟ

ସଂପାଦନା :
ଡକ୍ଟର ନାରାୟଣ ସାହୁ

ଆର୍ଯ୍ୟ ପ୍ରକାଶନ

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର
ସୃଷ୍ଟି ବଳୟ

ସଂପାଦନା :

ଡଃ. ନାରାୟଣ ସାହୁ
ଅଧ୍ୟାପକ, ଓଡ଼ିଆ ବିଭାଗ
ପତ୍ର ବିନିମୟ ପାଠ୍ୟକ୍ରମ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ପ୍ରକାଶକ :

ଆର୍ଯ୍ୟ ପ୍ରକାଶନ
ବାଦାମବାଡ଼ି
କଟକ - ୭୫୩ ୦୧୨

ପ୍ରକାଶନ କାଳ :

୧୯୯୩

ମୁଦ୍ରଣ :

ଶ୍ରୀଜଗନ୍ନାଥ ଲାମିନେଟର
ଆଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର
ବାଦାମବାଡ଼ି, କଟକ-୧୨

ମୂଲ୍ୟ :- ପଚାଶ ଟଙ୍କା

Digitized by PPRACHIN, SOA

ସୂଚୀପତ୍ର

ବିଷୟର ନାମ	ଲେଖକ	ପୃଷ୍ଠା
ନାଟ୍ୟକାର ରାମଚନ୍ଦ୍ର ମିଶ୍ର: ଅନ୍ଧକାର ମଧ୍ୟରେ ଆଲୋକ ବର୍ତ୍ତିକା- "ମିଶ୍ର-ଛୋଟରାୟ-ପଟ୍ଟନାୟକ"	ଶ୍ରୀ ପଠାଣି ପଟ୍ଟନାୟକ	୧
ନାଟ୍ୟକାର ରାମଚନ୍ଦ୍ର ମିଶ୍ର	ଅଧ୍ୟାପକ ନବକିଶୋର ପୃଷ୍ଟି	୭
ଓଡ଼ିଆ ନାଟକର 'ସୁବର୍ଣ୍ଣଯୁଗ'ର ନେତା ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟଦୃଷ୍ଟି	ଅଧ୍ୟାପକ ହରିହର ମିଶ୍ର	୧୯
ନାଟ୍ୟକାର ରାମଚନ୍ଦ୍ର ମିଶ୍ର	ଡଃ. ହେମନ୍ତ କୁମାର ଦାସ	୨୫
ରାମଚନ୍ଦ୍ର— ନାଟ୍ୟ ମାନସ: ଦୃଷ୍ଟି ଓ ଦର୍ଶନ	ଡଃ. ବୈଷ୍ଣବ ଚରଣ ସାମଲ	୩୧
ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ 'ସଂଳାପ': ଏକ ଅଧ୍ୟୟନ	ଡଃ. ବ୍ରଜଗୋପାଳ ମହାନ୍ତି	୩୮
ରାମଚନ୍ଦ୍ର ମିଶ୍ରଙ୍କର ନାଟକରେ ସାମାଜିକ ପ୍ରତିବଦ୍ଧତା	ଡଃ. ସଂଘମିତ୍ରା ମିଶ୍ର	୫୭
ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ ଭାରତୀୟ ସଂସ୍କୃତି	ଡଃ. ବିଜୟଲକ୍ଷ୍ମୀ ସ୍ୱାଇଁ	୬୮
ରାମଚନ୍ଦ୍ର ମିଶ୍ରଙ୍କ ସୃଷ୍ଟି ସମୀକ୍ଷା	ଶ୍ରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା	୭୮
ନାଟ୍ୟକାର ରାମଚନ୍ଦ୍ର ମିଶ୍ର: ଏକ ଅଧ୍ୟୟନ	ଡଃ. ହୃଷୀକେଶ ପଣ୍ଡା	୧୦୧
ରାମଚନ୍ଦ୍ର ମିଶ୍ରଙ୍କ ବେତାର ନାଟକ	ଡଃ. ଜୟନ୍ତ କୁମାର ଦାସ	୧୧୧
ରାମଚନ୍ଦ୍ର ମିଶ୍ର: ଏକ ଆକଳନ	ଡଃ. ନାରାୟଣ ସାହୁ	୧୧୩
ନରୋତ୍ତମ ଦାସ କହେ- ଏକ ଆଲୋଚନା	ଡଃ. କୃଷ୍ଣ ଚରଣ ସାହୁ	୧୨୧
ଅର୍ଥ ଅନର୍ଥ: ଏକ ଅର୍ଥାନ୍ତର	ଡଃ. ଶରତ ଚନ୍ଦ୍ର ପ୍ରଧାନ	୧୨୪
'ଭାଇ ଭାଉଜ'ର ଦୃଷ୍ଟି ଦର୍ଶନ	ଡଃ. ଆଶୁତୋଷ ପଟ୍ଟନାୟକ	୧୩୦
ରାଜନୀତିର ନୂଆ ଚର୍ଯ୍ୟାପଦ: ମନ୍ତ୍ରୀଯୁଗ	ଡଃ. ରତ୍ନାକର ଚଇନି	୧୩୩
ଚରିତ ନାଟକ- 'କବିସୂର୍ଯ୍ୟ'	ଡଃ.ନୀଳାଦ୍ରି ଭୂଷଣ ହରିଚନ୍ଦନ	୧୩୯
'ନାଟକ ରୀତିମତ'ର ଆଲୋଚନା	ଅଧ୍ୟାପକ ସୁଧାକର ଦାଶ	୧୪୩
'ଘର ସଂସାର' - ଏକ ବିଶ୍ଳେଷଣ	ଡଃ. ସଚ୍ଚିଦାନନ୍ଦ ମିଶ୍ର	୧୫୧
ମୂଲିଆ: ଏକ ମୂଲ୍ୟାୟନ	ଡଃ. ପ୍ରଭାତୀ ରଥ	୧୫୯
ମଉଡ଼ମଣି: ଏକ ବିଶ୍ଳେଷଣ	ଅଧ୍ୟାପକ ଭାଗୀରଥି ଜେନା	୧୬୭
ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ 'ଚାବୁକ୍' -ଏକ ବିଚାର ବିମର୍ଶ	ଡଃ.ବାବାଜୀ ଚରଣ ପଟ୍ଟନାୟକ	୧୭୪

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ

ଅନ୍ଧକାର ମଧ୍ୟରେ ଆଲୋକ ବର୍ତ୍ତିକା-''ମିଶ୍ର-ଛୋଟରାୟ-ପଟ୍ଟନାୟକ''

ଓଡ଼ିଆ ନାଟକ ରଚନା ଏବଂ ରଙ୍ଗମଞ୍ଚ ପରିଚାଳନା କ୍ଷେତ୍ରରେ ଯେଉଁ ଦୁଇଜଣ ବରପୁତ୍ରଙ୍କର କଥା ଅଧିକ ସ୍ମରଣୀୟ, ସେମାନେ ହେଲେ ଅଶ୍ୱିନୀକୁମାର ଘୋଷ ଏବଂ କାଳୀଚରଣ ପଟ୍ଟନାୟକ। ବହୁକାଳ ପର୍ଯ୍ୟନ୍ତ ଏହି ଦୁଇଜଣ କୃତି ସନ୍ତାନ ଓଡ଼ିଆ ନାଟକ ରଚନା ଏବଂ ପରିବେଷଣ କ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ କଳାକାର ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଦୁହିଁଙ୍କ ଦ୍ୱାରା ପରିଚାଳିତ ଯଥାକ୍ରମେ 'ଆର୍ଟ ଥିଏଟର' ଓ 'ଓଡ଼ିଶା ଥିଏଟର' ନାଟ୍ୟକଳାକୁ ବିକାଶପ୍ରାପ୍ତ କରିବା ପାଇଁ ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆନୟନ କରିଥିଲେ। ନାନା କାରଣରୁ ଯେତେବେଳେ ଏହି ଦୁଇଟି ନାଟ୍ୟଦଳ ମୃତ୍ୟୁବରଣ କଲେ ଏବଂ ଏହି ନାଟ୍ୟସଂପ୍ରଦାୟର ଆତ୍ମା ସ୍ୱରୂପ ଅଶ୍ୱିନୀକୁମାର ଏବଂ କାଳୀଚରଣଙ୍କ ଲେଖନୀ ଆଉ ନାଟକ ଲେଖିବା ପାଇଁ ଉତ୍ସାହିତ ହେଲାନାହିଁ; ଏହିପରି ଏକ ଜାତୀୟ ସଂକଟ ସମୟରେ ଓଡ଼ିଆ ନାଟକ ସାହିତ୍ୟକୁ ଯେଉଁମାନେ ନବଜନ୍ମ ଦେଇଥିଲେ, ସେମାନେ ହେଲେ ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ ଏବଂ ଭଞ୍ଜକିଶୋର ପଟ୍ଟନାୟକ। ଏହି ସଂପର୍କରେ ବିଶିଷ୍ଟ ନାଟ୍ୟକାର କାର୍ତ୍ତିକକୁମାର ଘୋଷଙ୍କ ଅଭିମତ ଏଠାରେ ବିଶେଷ ପ୍ରଣିଧାନ ଯୋଗ୍ୟ—

''ଯଦିଓ ଏହି ସମୟରେ ଅନ୍ୟ ନାଟ୍ୟକାର ଆଗେଇ ଆସିଛନ୍ତି, ଓଡ଼ିଶା ନାଟ୍ୟ ଜଗତରେ ନିଜର ସ୍ୱାକ୍ଷର ରଖିବାକୁ, ତଥାପି ଏହି ତିନିଜଣ- 'ମିଶ୍ର-ଛୋଟରାୟ-ପଟ୍ଟନାୟକ' ବ୍ୟବସାୟୀ ମଞ୍ଚକୁ ପ୍ରୋଟିନ୍ ଖାଦ୍ୟ ଯୋଗାଇ ମୁମୂର୍ଷୁ ଅବସ୍ଥାରୁ ଉଦ୍ଧାର କରିଥିଲେ। ତିନିଜଣଙ୍କ ଭିତରେ ଛୋଟବଡ଼ ବାଛିବା ମୋର ଉଦ୍ଦେଶ୍ୟ ନୁହେଁ। କେବଳ ମୁଁ ଜାଣେ ଅଶ୍ୱିନୀବାବୁ ଓ କାଳିବାବୁଙ୍କର ରଚନା ମନ୍ଥର ହେଲା ବେଳକୁ ନାଟ୍ୟ ଜଗତରେ ଯେଉଁ କାଳିମା ଛାଇ ଆସିଥିଲା ସେ କାଳିମା ଦୂର କରିବାକୁ ଏହି ତିନିଜଣ କୃତୀ ନାଟ୍ୟକାର ସଫଳ ହୋଇଥିଲେ। ବିଭିନ୍ନ ପ୍ରକାର ନାଟକ ରଚନା କରି ଏହିମାନେ ଦର୍ଶକଙ୍କୁ ବିମୁଗ୍ଧ କରିବା ସଙ୍ଗେ ସଙ୍ଗେ ରଙ୍ଗମଞ୍ଚର ପାଦ ପ୍ରଦୀପକୁ ଉଜ୍ଜ୍ୱଳ ରଖି ପାରିଥିଲେ। ପ୍ରତିଦିନ ନାଟକ ପ୍ରଦର୍ଶନ (ସପ୍ତାହରେ କେବଳ ଗୋଟିଏ ଦିନ ବିଶ୍ରାମ ରୂପେ ଛାଡ଼ି) କରିବାରେ ଓଡ଼ିଶାର ରଙ୍ଗମଞ୍ଚ ନାଟ୍ୟ-ଜଗତରେ ଏକ ଅଧ୍ୟାୟ ସୃଷ୍ଟି କରିପାରିଥିଲା ଏହି ସମୟରେ। ଅଶ୍ୱିନୀବାବୁ ଓ କାଳିବାବୁଙ୍କର ପ୍ରଦର୍ଶିତ ପଥକୁ ଆହୁରି ସଂପ୍ରସାରିତ କରିବାରେ ଏମାନେ ସକ୍ଷମ ହୋଇଥିଲେ।

Digitized by PPRACHIN, SOA

ଏହି ତିନିଜଣଙ୍କର ଗୋଟିଏ ଗୋଟିଏ ନାଟକ ବହୁଦିନ ଧରି ଅଭିନୀତ ହୋଇ ସେତେବେଳେ ଏକ ରେକର୍ଡ଼ ସୃଷ୍ଟି କରିଥିଲା । ଏହି ନାଟ୍ୟକାରମାନେ ସାମାଜିକ ନାଟକହିଁ ଲେଖିଥିଲେ ବେଶି । ଐତିହାସିକ ଓ ପୌରାଣିକ ନାଟକ ସ୍ପର୍ଶ କରିଛନ୍ତି ମାତ୍ର । ସେତେବେଳେ ସାମାଜିକ ନାଟକର ଆଦର ଅଧିକ ଥିବାରୁ ରଙ୍ଗମଞ୍ଚ କର୍ତ୍ତୃପକ୍ଷ ବୋଧହୁଏ ନାଟ୍ୟକାରମାନଙ୍କୁ ସାମାଜିକ ନାଟକ ରଚନା ଲାଗି ଅନୁରୋଧ କରିଥିଲେ । ଯାହାହେଉ, ଏହି ତିନିଜଣ ନାଟ୍ୟକାରଙ୍କ ରଚନାକାଳ ୧୯୪୦ ମସିହା ପରେ ।'' (ଓଡ଼ିଶାର ରଙ୍ଗମଞ୍ଚ ଓ ତହିଁରେ ମୋର ନଟଜୀବନ-୧୯୭୭, ପୃ-୧୨୭-୨୮)

ଦ୍ୱିତୀୟ ମହାଯୁଦ୍ଧ କାଳରେ ଓଡ଼ିଆ ନାଟ୍ୟ ସାହିତ୍ୟର ବୈପ୍ଳବିକ ପରିବର୍ତ୍ତନ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ମଧ୍ୟରେ ଆଜିର ଆଲୋଚ୍ୟ ରାମଚନ୍ଦ୍ର ମିଶ୍ର ଅନ୍ୟତମ ।

ନାଟ୍ୟକାର ରାମଚନ୍ଦ୍ର : ଏକ ପରିଚିତି

ପୂର୍ବତନ ଗଡ଼ଜାତ ଦଶପଲ୍ଲା ରାଜ୍ୟର କୁଞ୍ଜବନଗଡ଼ଠାରେ ୧୯୨୦ ମସିହା ଅକ୍ଟୋବର ୧୨ ତାରିଖ ଦିନ ରାମଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ ଗୋଟିଏ ସଂସ୍କୃତି ସମ୍ପନ୍ନ ପରିବାରରେ । ପିତା ବିଦ୍ୟାଧର ମିଶ୍ର ଜଣେ ସ୍କୁଲ ଶିକ୍ଷକ ଥିଲେ । ସେ କାଳରେ ଶିକ୍ଷିତଙ୍କ ସଂଖ୍ୟା ଥିଲା ଅଙ୍ଗୁଳିମେୟ । ତେଣୁ ବିଦ୍ୟାଧର ମିଶ୍ର କୁଞ୍ଜବନଗଡ଼ର ଜଣେ ସମ୍ମାନିତ ଲୋକଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ସେ କାଳରେ ଗଡ଼ଜାତ ଅଞ୍ଚଳରେ ଅନ୍ଧାରିଯୁଗ ରାଜପଣ କରୁଥିଲା । ବିଂଶ ସଭ୍ୟତାର ସଭ୍ୟତାଲୋକ ପ୍ରବେଶ କରିବାପାଇଁ ତଥାପି ଅନେକକାଳ ଅପେକ୍ଷା କରିବାକୁ ପଡ଼ିଥିଲା । ଏହି ପରିପ୍ରେକ୍ଷିରେ ଶିକ୍ଷକ ବିଦ୍ୟାଧର ଦଶପଲ୍ଲା ରାଜଧାନୀରେ ଶିକ୍ଷା ଓ ସଂସ୍କୃତି ପ୍ରଚାର ପାଇଁ ଯଥେଷ୍ଟ ଧ୍ୟାନ ଦେଇଥିଲେ । ତାଙ୍କରି ନେତୃତ୍ୱରେ ଗଡ଼ରେ ଅନେକଥର ନାଟକ ଅଭିନୀତ ହେଉଥିଲା ଏବଂ ସଙ୍ଗୀତର ଆସର ମଧ୍ୟ ଆୟୋଜନ କରାଯାଉଥିଲା । ସତେ ଯେପରି ସଙ୍ଗୀତ ପ୍ରାଣ ଏବଂ ନାଟ୍ୟମୋଦି ପିତା ବିଦ୍ୟାଧରଙ୍କର ଉପଯୁକ୍ତ ଦାୟାଦ ଥିଲେ ରାମଚନ୍ଦ୍ର । ସେ ବାଲ୍ୟ ବୟସରୁ ପିତାଙ୍କର ପ୍ରେରଣାରେ ସଙ୍ଗୀତ ଓ ନାଟକ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ସେହି ବୟସରେ ସେ ହୁଏତ କଳ୍ପନା କରିପାରି ନଥିଲେ ଯେ ଦିନେ ତାଙ୍କରି ଦ୍ୱାରା ଓଡ଼ିଶା ନାଟ୍ୟ ଜଗତରେ ଅଭାବନୀୟ ପରିବର୍ତ୍ତନ ସୃଷ୍ଟି ହେବ ।

କୁଞ୍ଜବନଗଡ଼ଠାରେ ମାଇନର ଶିକ୍ଷା ସମାପ୍ତ କରି ରାମଚନ୍ଦ୍ର, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିଷ୍ଠିତ ବାଣପୁର ବନବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ଏହି ତରୁଣ ବୟସରେ ବାଣପୁର ସ୍କୁଲରେ ଅଧ୍ୟୟନ କାଳରେ ସେ ପଣ୍ଡିତ ଗୋଦାବରୀଶ ମିଶ୍ର, କବି ଗୋଦାବରୀଶ ମହାପାତ୍ର, କବି ମାୟାଧର ମାନସିଂହଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିଲେ । ଏହି ସାନିଧ୍ୟ ତାଙ୍କୁ ଓଡ଼ିଆ ସାହିତ୍ୟର ସେବା କରିବାପାଇଁ ଗଭୀର ପ୍ରେରଣା ପ୍ରଦାନ କରିଥିଲା । ଏହି ଛାତ୍ର ଜୀବନର ଅନେକ ଲେଖା ସେ ତତ୍‌କାଳୀନ

Digitized by PPRACHIN, SOA

ସ୍କୁଲ ପତ୍ରିକାରେ ପ୍ରକାଶ କରିଛନ୍ତି। ପରବର୍ତ୍ତୀ କାଳରେ ସେ ରେଭେନ୍‌ସା କଲେଜ ଏବଂ ମଧୁସୂଦନ ଆଇନ କଲେଜରୁ ଶିକ୍ଷା ସମାପ୍ତ କରି ୧୯୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଶାସନ ବିଭାଗରେ କାର୍ଯ୍ୟ କରିଥିଲେ। ମାତ୍ର ସେ ଥିଲେ ଆଜନ୍ମରୁ ସ୍ୱାଧୀନଚେତା ଏବଂ କଳାପ୍ରାଣ। ସରକାରୀ ଚାକିରିର ସୀମିତ ପରିବେଷ୍ଟନୀ ତାଙ୍କର ପ୍ରତିଭାର ବିକାଶ ପାଇଁ ଆଦୌ ଅନୁକୂଳ ହୋଇ ନଥିଲା। ତେଣୁ ସେ ସ୍ୱାଧୀନ ଭାବରେ ତିଷ୍ଠି ରହିବାପାଇଁ ଆଇନଜୀବୀର ଜୀବିକାକୁ ବରଣ କରିନେଲେ।

ନାଟ୍ୟ ପ୍ରତିଭାର ଉନ୍ମେଷ:

ସ୍କୁଲ ଛାତ୍ର ହିସାବରେ କବିତା ଲେଖାରେ ହାତ ଦେଇଥିଲେ ହେଁ କଲେଜରେ ଅଧ୍ୟୟନ କାଳରେ କ୍ଷୁଦ୍ରଗଳ୍ପ ଲେଖିବା ପାଇଁ ଆକୃଷ୍ଟ ହେଲେ। ହୁଏତ ଜଣେ କ୍ଷୁଦ୍ରଗଳ୍ପ ଲେଖକ ହିସାବରେ ସେ ପରିଚିତ ହୋଇ ଥାଆନ୍ତେ। ମାତ୍ର ବିଧିର ନିର୍ଦ୍ଦେଶ ଥିଲା ଅନ୍ୟ ପ୍ରକାର। ଏହି ସମୟରେ କଟକ ମାଣିକଘୋଷ ବଜାରରେ ଭାରତୀ ଥିଏଟର ପ୍ରତିଷ୍ଠିତ ହୋଇ ଅଭିନୟ ପ୍ରଦର୍ଶନ କରୁଥାଆନ୍ତି। ସେତେବେଳେ ଐତିହାସିକ ଏବଂ ପୌରାଣିକ ନାଟକ ପାଇଁ ଦର୍ଶକମାନଙ୍କର ଅଧିକ ଆଗ୍ରହ ରହିଥାଏ। ଅବଶ୍ୟ ନାଟ୍ୟକାର କାଳୀଚରଣ ତାଙ୍କର 'ଓଡ଼ିଶା ଥିଏଟରର୍ସ' ରଙ୍ଗମଞ୍ଚରେ ସାମାଜିକ ନାଟକ ପ୍ରଦର୍ଶନ କରି ଏକ ଚଳଚଞ୍ଚଳତା ସୃଷ୍ଟି କରିଥାଆନ୍ତି। ମାତ୍ର ଅକାଳରେ ଓଡ଼ିଶା ଥିଏଟର୍ସ ମୃତ୍ୟୁବରଣ କରିବାରୁ ଏହି ରୁଚିବୋଧ ଜାଗ୍ରତ କରିବାପାଇଁ ଅଧିକ ପ୍ରଭାବଶାଳୀ ଉଦ୍ୟମର ଆବଶ୍ୟକତା ଅନୁଭୂତ ହେଉଥିଲା। ସୁଖର କଥା, ଓଡ଼ିଶା ଥିଏଟର୍ସର ପ୍ରତିପକ୍ଷ ହିସାବରେ ସେ କାଳରେ ଭାରତୀ ଥିଏଟର୍ସ ମୁଣ୍ଡ ଟେକି ଉଠିଲା ଏବଂ ଏହା ପରେ ପରେ ପ୍ରତିଷ୍ଠିତ ହେଲା ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍। ରାମଚନ୍ଦ୍ର ଅତ୍ୟନ୍ତ ଦୁଃସାହସିକ ପଦକ୍ଷେପ ଗ୍ରହଣ କରି ଲେଖିଲେ ପ୍ରଥମେ ତାଙ୍କର ସାମାଜିକ ନାଟକ 'ଅଭିମାନ'। ଏହି ନାଟକଟି ଭାରତୀ ଥିଏଟର୍ସ ଅଭିନୀତ କରି ଅତ୍ୟନ୍ତ ଯଶସ୍ୱୀ ହେଲେ। ଏହି ନାଟକରେ ନାୟକ ଭୂମିକାରେ ଅଂଶ ଗ୍ରହଣ କରିଥିଲେ ଭବିଷ୍ୟତର ଶକ୍ତିଶାଳୀ ନାଟ୍ୟକାର ଗୋପାଳ ଛୋଟରାୟ। ଯାହାହେଉ, ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ପ୍ରତିଷ୍ଠିତ ହେବାପରେ ଏହି ମଞ୍ଚପାଇଁ ରାମଚନ୍ଦ୍ର ଗୋଟିକ ପରେ ଗୋଟିଏ ନାଟକ ଲେଖିବାକୁ ଆରମ୍ଭ କଲେ। ଏହି ନାଟ୍ୟମଞ୍ଚରେ ଅତ୍ୟନ୍ତ ସଫଳତାର ସହିତ ଏକାଦିକ୍ରମେ ଶତ ଶତ ରାତ୍ରିବ୍ୟାପି ଅଭିନୀତ ହେଲା ରାମଚନ୍ଦ୍ର ମିଶ୍ରଙ୍କର ନାଟକ ମୂଲିଆ, ଘରସଂସାର, ଭାଇଭାଉଜ ପ୍ରଭୃତି। ପରେ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍‌ରେ ମଧ୍ୟ ତାଙ୍କର ଚରିତଧର୍ମୀ ନାଟକ 'କବିସୂର୍ଯ୍ୟ', ନୂତନ ଦୃଷ୍ଟିଭଙ୍ଗୀର ନାଟକ 'ନରୋତ୍ତମ ଦାସ କହେ' ଅଭିନୀତ ହେଲା।

ଏକଦା ଗୋଟିଏ ଗୋଟିଏ ନାଟକ ନିର୍ଦ୍ଦିଷ୍ଟ ସ୍ଥାନରେ ଶତ ଶତ ରଜନୀ ଅଭିନୀତ ହୋଇ ଯେଉଁ ଅଭୂତପୂର୍ବ ମଞ୍ଚସଫଳତା ଅର୍ଜନ କରିଥିଲା, ତାହା ଆଜିର ଦର୍ଶକମାନେ କଳ୍ପନା କରିପାରିବେ ନାହିଁ। ଲୋକମାନଙ୍କୁ ରଞ୍ଜନ କରି ମଞ୍ଚମାୟା ସୃଷ୍ଟି କରିବାରେ ଯେଉଁ କେତେଜଣ କୁଶଳୀ ନାଟ୍ୟକାର ଅଦ୍ଭୁତ ସଫଳତା ହାସଲ କରିଥିଲେ, ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଥିଲେ ଅନ୍ୟତମ।

Digitized by PPRACHIN, SOA

ସେ କାଳରେ ସେମାନେ କେବଳ ବ୍ୟବସାୟିକ ଦୃଷ୍ଟିଭଙ୍ଗୀକୁ ମୂଳକରି ଲୋକ ରଞ୍ଜନ ପାଇଁ ନାଟକ ଲେଖୁଥିଲେ ବୋଲି ଆଧୁନିକ ଯୁଗର ପରୀକ୍ଷାଧର୍ମୀ ନାଟ୍ୟକାରମାନେ ଅଭିଯୋଗ କରିଥାଆନ୍ତି। ଏହା ସତ୍ୟ ଯେ ସେ କାଳର ଅନେକ ନାଟକ ଥିଲା ମେଲୋଡ୍ରାମଧର୍ମୀ। ତେବେ ସେମାନେ ଥିଲେ ସମାଜ ସଚେତନ ଲେଖକ ଏବଂ ଲୋକଜୀବନର ସଂସ୍କାର ଆନୟନ ଉଦ୍ଦେଶ୍ୟରେ ଏହି ଲେଖକମାନେ ଲେଖନୀ ଚାଳନା କରିଥିଲେ। ସେମାନଙ୍କର ଉଦ୍ଦେଶ୍ୟ ଥିଲା ସାମାଜିକ ଜୀବନରେ ପରିବର୍ତ୍ତନ ଆନୟନ କରିବା। ପ୍ରଚଳିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ବୈପ୍ଳବିକ ପରିବର୍ତ୍ତନ ପାଇଁ ମଧ୍ୟ ସେମାନେ ସଚେଷ୍ଟ ହୋଇପଡ଼ିଥିଲେ। ୧୯୫୦ ସାଲରେ ଭାରତବର୍ଷ ସାଧାରଣତନ୍ତ୍ରରେ ପରିଣତ ହୋଇ ନୂତନ ସଂବିଧାନ ଗ୍ରହଣ କଲା। ବହୁ କାଳରେ ପରାଧୀନତା ପରେ ଦେଶରେ ଯେଉଁ ଆଶା ଆଶଙ୍କା, ଖେଳି ବୁଲୁଥିଲା, ନୂତନ ଲବ୍ଧ ସ୍ୱାଧୀନତା ସମାଜ ମାନସରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ସେହି ଚିତ୍ର ଦେଖିବାକୁ ମିଳେ ରାମଚନ୍ଦ୍ରଙ୍କର ନାଟ୍ୟ ସାଧନାରେ; କାରଣ ସେ ଥିଲେ ଉତ୍ତର ପଚାଶର ପ୍ରତିଷ୍ଠିତ ନାଟ୍ୟକାର। ଉଦାହରଣ ସ୍ୱରୂପ ୧୯୫୦ ସାଲରେ ଅଭିନୀତ ତାଙ୍କର 'ଘରସଂସାର' ନାଟକରେ ଭୂମିକା ଏଠାରେ ପ୍ରଣିଧାନ ଯୋଗ୍ୟ।

''ନିଜ ଘରକୁ ସଜାଡ଼ିଲେ ବାହାରର ସଂସାର ଅନାୟାସରେ ସଜାଡ଼ି ହୋଇଯିବ- ଏହା ଏହି ନାଟକଟିର ମୂଳଭିତ୍ତି। ଗୋଟିଏ ଗୋଟିଏ କ୍ଷୁଦ୍ର ଗୃହ ଆମ ସମାଜ ତଥା ଦେଶର ଗୋଟିଏ ଗୋଟିଏ ଅଙ୍ଗ। ଜାତି ଓ ଦେଶର ଉନ୍ନତି ପ୍ରତ୍ୟେକ ଗୃହର ସର୍ବାଙ୍ଗୀନ ଉନ୍ନତି ଉପରେ ନିର୍ଭରକରେ। ଜାତି କିମ୍ବା ଦେଶର ପ୍ରତ୍ୟେକ ଘର ଆଦର୍ଶ ପ୍ରତିଷ୍ଠା କରିବାରେ ଉପଯୁକ୍ତ କ୍ଷେତ୍ର। ରାଜନୈତିକ ପରାଧୀନତା ସଙ୍ଗେ ସଙ୍ଗେ ମାନସିକ ଓ ସାମାଜିକ ପରାଧୀନତା ମଧ୍ୟ ସଂଘଟିତ ହୋଇଥିଲା। ରାଜନୈତିକ ପରିବର୍ତ୍ତନ ଯେତେ ଦ୍ରୁତ, ମାନସିକ ଓ ସାମାଜିକ ପରିବର୍ତ୍ତନ ସେତେ କ୍ଷିପ୍ର ଗତିରେ ସମ୍ଭବ ନୁହେଁ। କିନ୍ତୁ ପରିବର୍ତ୍ତନ ସୁନିଶ୍ଚିତ ଏବଂ ସେଥି ନିମିତ୍ତ ବିପ୍ଳବ ଅବଶ୍ୟମ୍ଭାବୀ। ସମାଜରେ ପରିବର୍ତ୍ତନ ଆଣିବାକୁ ହେଲେ ଆମର ଆଦର୍ଶକୁ ଆଖି ଆଗରେ ରଖି, ଆମର ଘର, ଆମର ଦୈନନ୍ଦିନ ଜୀବନର ପ୍ରତ୍ୟେକ କାର୍ଯ୍ୟ ପରୀକ୍ଷା କରି ଦେଖିବାକୁ ହେବ। ସେଥିପାଇଁ ଏହି ନାଟକଟି କେତେକ ସାଧାରଣ ଚରିତ୍ର ଓ କେତେକ ଅତି ସାଧାରଣ ଦୈନନ୍ଦିନ ଘଟଣା ଘେନି ରୂପାୟିତ। ଏହି କେତୋଟି ଚରିତ୍ର ଓ ଘଟଣାର ସଂଘର୍ଷ ମଧ୍ୟରେ ଆମରି ସମାଜ ଓ ଦେଶରେ ଏକ ସନାତନ ଆଦର୍ଶ ପ୍ରତିଷ୍ଠାର ଚେଷ୍ଟା କରି କେତେଦୂର କୃତକାର୍ଯ୍ୟ ହୋଇଛି, ତାହା ନାଟ୍ୟପ୍ରେମୀମାନଙ୍କର ବିଚାର୍ଯ୍ୟ।''

ଆମରି ନିତିଦିନିଆ ଘରସଂସାର ଚିତ୍ର, ତାରି ସମସ୍ୟା ଏବଂ ସେଇଠି ଚଲାଫେରା କରୁଥିବା ମଣିଷ ଏବଂ ସେମାନଙ୍କର ମୁହଁର ଭାଷା ପରିବେଷଣ କରିବା ଫଳରେ ରାମଚନ୍ଦ୍ର ମିଶ୍ରଙ୍କର ନାଟକଗୁଡ଼ିକ କେବଳ ମଞ୍ଚମାୟା ସୃଷ୍ଟି କରିନଥିଲା, ଓଡ଼ିଶାର ତତ୍କାଳୀନ ସମାଜରେ ଚମତ୍କାର ପ୍ରତିକ୍ରିୟା ସୃଷ୍ଟି କରିପାରିଥିଲା।

Digitized by PPRACHIN, SOA

ନାଟ୍ୟ କୃତିର ଦିଗ୍‌ଦର୍ଶନ :

ଏହି ଅତ୍ୟାଧୁନିକ ଉଦ୍ଭଟ ଯୁଗରେ ଉଦ୍ଭଟ ନାଟ୍ୟ ଆନ୍ଦୋଳନ ବୁଦ୍ଧିଜୀବୀ ସମାଜରେ ଯଥେଷ୍ଟ ଆନନ୍ଦ ସଞ୍ଚାର କରିଥିଲେ ହେଁ ଓଡ଼ିଶାର ଜନସାଧାରଣ ଆଧୁନିକ ନାଟକ ଓ ଆଧୁନିକ ରଙ୍ଗମଞ୍ଚଠାରୁ ଦୂରେଇ ଯାଉଛନ୍ତି। ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ ଉତ୍ତର ପଚାଶରେ ଯେଉଁ ଦର୍ଶକଗଣ ପ୍ରାଚୀନ ପରଂପରାଧର୍ମୀ ଗୀତିନାଟ୍ୟ, ଲୀଳା, ଯାତ୍ରାକୁ ଅନାଦର କରି ଓଡ଼ିଆ ରଙ୍ଗମଞ୍ଚ ପ୍ରତି ବ୍ୟାକୁଳ ହୋଇ ଦଉଡ଼ି ଆସିଥିଲେ, ସେମାନେ ଉତ୍ତର ସତୁରୀ ବେଳକୁ ନବନାଟ୍ୟ ଆନ୍ଦୋଳନ କାଳରେ ପୁନର୍ବାର ସେହି ପ୍ରାଚୀନ ଯାତ୍ରା,ଲୀଳା ଓ ସୁଆଙ୍ଗକୁ ଆଦରି ବସିଛନ୍ତି। ମନେହୁଏ, ସେମାନଙ୍କର ଚିତ୍ତବିନୋଦନ ଏବଂ ମନର ଖୋରାକପାଇଁ ଆବଶ୍ୟକୀୟ ଉପାଦାନ ନବନାଟ୍ୟ ସଂସ୍ଥା ଦେଇପାରିଲେ ନାହିଁ। ଜନସାଧାରଣଙ୍କର ବୌଦ୍ଧିକ ଚେତନା ହୁଏତ ଏତେ ଉନ୍ନତ ନଥିଲା, ଯାହାଫଳରେ ସେମାନେ ଏହି ପରିବର୍ତ୍ତିତ ଉଦାର ସାହିତ୍ୟିକ ମୂଲ୍ୟବୋଧକୁ ଗ୍ରହଣ କରିପାରେ। ଫଳରେ ସାହିତ୍ୟର ଲକ୍ଷ୍ୟ ଯଦି ହୁଏ 'ସହିତର ବର୍ତ୍ତମାନ'—ତାହା ଯେପରି ଏଠାରେ ପଦେ ପଦେ ଆଘାତପ୍ରାପ୍ତ ହେଲା।

ଏହି ପରିସ୍ଥିତିକୁ ଆଖି ଆଗରେ ରଖି ଯୁଦ୍ଧ ପରବର୍ତ୍ତୀ ନାଟ୍ୟକାରମାନଙ୍କର ସାଧନା ଲକ୍ଷ୍ୟ କରିବାକୁ ହେବ। ସ୍ୱାଧୀନତାର ପ୍ରାକ୍‌କାଳରେ ଯେଉଁ ଆଶା ଅଭିଳାଷ ନେଇ ଏକ ନୂତନ ଜାତିର ଅଭ୍ୟୁଦୟ ହୋଇଥିଲା, ତାହାରି ମନୋବାଞ୍ଛାକୁ ଚରିତାର୍ଥ କରିବାପାଇଁ ଧୀରେ ଧୀରେ ନାଟ୍ୟକାରମାନେ ଅଗ୍ରସର ହୋଇଥିଲେ। ତେଣୁ ସେମାନେ ଥିଲେ ଏତେ ପରିମାଣରେ ଲୋକପ୍ରିୟ, ସମଗ୍ର ସମାଜର ଅତନ୍ତ୍ୟ ଆପଣାର।

ରାମଚନ୍ଦ୍ରଙ୍କର ପ୍ରଥମ ନାଟକ 'ଅଭିମାନ' ପରେ କ୍ରମାନ୍ୱୟରେ ଅଭିନୀତ ହେଲା ଦୀର୍ଘ ଦୁଇଟି ଯୁଗ ନିରବଚ୍ଛିନ୍ନ ଭାବରେ ଅନ୍ୟ ନାଟକଗୁଡ଼ିକ। ସେଗୁଡ଼ିକ ହେଲା ମୁକ୍ତିଆ (୧୯୪୬), କବିସୂର୍ଯ୍ୟ (୧୯୪୭), ଘରସଂସାର (୧୯୫୦), ସାଇପଡ଼ିଶା (୧୯୫୩), ଭାଇଭାଉଜ (୧୯୫୪), ସେବିକା (୧୯୫୫), ମମତା (୧୯୫୫), ପୁଅଝିଅର (୧୯୬୨), ନରୋତ୍ତମ ଦାସ କହେ (୧୯୬୯) ଇତ୍ୟାଦି। ଆଜି ପର୍ଯ୍ୟନ୍ତ ନାଟ୍ୟକାର ରାମଚନ୍ଦ୍ରଙ୍କର ୨୮ ଖଣ୍ଡ ପୂର୍ଣ୍ଣାଙ୍ଗ ନାଟକ ଏବଂ ୧୪ ଖଣ୍ଡ କ୍ଷୁଦ୍ର ନାଟକ ପ୍ରକାଶିତ ହୋଇଅଛି। ଏତଦ୍ ବ୍ୟତୀତ କଟକ ଆକାଶବାଣୀରେ ତାଙ୍କର ଅନେକ ନାଟକ ପ୍ରଚାରିତ ହୋଇଅଛି।

ତାଙ୍କ ନାଟକର ଆଭିମୁଖ୍ୟ :

ଏଭଳି ଏକ ପରିଚିତ ପ୍ରବନ୍ଧରେ ରାମଚନ୍ଦ୍ରଙ୍କର ନାଟକଗୁଡ଼ିକର ସମୁଚିତ ମୂଲ୍ୟାଙ୍କନ ପାଇଁ ଅବସର ବା ସୁଯୋଗ ନାହିଁ। ତେବେ ଏକଥା ସ୍ୱୀକାର କରିବାକୁ ହେବଯେ ଏକ ଉଚ୍ଚ ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠାପାଇଁ ରାମଚନ୍ଦ୍ର ତାଙ୍କର ନାଟକ ଗୁଡ଼ିକରେ ଅହରହ ଚେଷ୍ଟା କରିଆସିଛନ୍ତି। ଚାରିତ୍ରିକ ସଂଘର୍ଷ ଓ ମାନସିକ ବିଶ୍ଳେଷଣରେ ମଧ୍ୟ ତାଙ୍କର ସିଦ୍ଧହସ୍ତତା ପ୍ରକାଶ ପାଇଅଛି। ଜୀବନରେ ହତାଶା ଓ ବିଫଳତା

Digitized by PPRACHIN, SOA

ଲାଗି ରହିଛି। ଯନ୍ତ୍ରଣା ଜର୍ଜରିତ ଜୀବନରେ ମନୁଷ୍ୟ ବିଚଳିତ ହୋଇପଡିଛି। ମାତ୍ର ରାମଚନ୍ଦ୍ର କେଉଁଠାରେ ହତାଶାର ବାଣୀ ଶୁଣାଇ ନାହାଁନ୍ତି। ତାଙ୍କର ମତହେଲା, ସମସ୍ୟା ଥିଲେ ସମାଧାନ ନିଶ୍ଚୟ ଅଛି। ଜୀବନଥିଲେ ଜଞ୍ଜାଳ ନିଶ୍ଚୟ ଲାଗିରହିବ। କିନ୍ତୁ ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ ହେଲା ଜୀବନର ଧର୍ମ। ନୈରାଶ୍ୟର ଘନ କୁହୁଡ଼ି ମଧ୍ୟରେ ଆଶାର ଆଲୋକବର୍ତ୍ତିକା ଜାଳି ରଖିବା ହେଲା ଜୀବନର ତପସ୍ୟା। ଆଦର୍ଶ ନାମରେ ସେ ବାସ୍ତବତାର ପ୍ରବଞ୍ଚନା କରିନାହାଁନ୍ତି। ମାତ୍ର ସର୍ବତ୍ର, ଆଦର୍ଶର ଉପଲବ୍ଧି ପାଇଁ ବ୍ୟାକୁଳତା ପ୍ରକାଶିତ ହୋଇଅଛି। ଅଧିକାଂଶ ନାଟକର ପ୍ରେରଣା କ୍ଷେତ୍ର ହୋଇଛି ପଲ୍ଲୀସଂସାର। କୃଷିଭିତ୍ତିକ ଭାରତୀୟ ସମାଜରେ ନାଟକ ଯଦି ପଲ୍ଲୀମୁଖୀ ହେଲା, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହି ପ୍ରସଙ୍ଗରେ 'ଓଡ଼ିଆ ସାହିତ୍ୟର କ୍ରମ ବିକାଶ' ପୁସ୍ତକରେ ସମାଲୋଚକ ସୁରେନ୍ଦ୍ର ମହାନ୍ତିଙ୍କର ମତାମତ ଏଠାରେ ଉଲ୍ଲେଖକଲେ ଅପ୍ରାସଙ୍ଗିକ ହେବନାହିଁ। ସେ ପ୍ରାକ୍ ସ୍ୱାଧୀନତା କାଳର ନାଟ୍ୟକାରମାନଙ୍କ ସଂପର୍କରେ ଆଲୋଚନା କରି ଲେଖିଥିଲେ— "ଓଡ଼ିଆ ଉପନ୍ୟାସ ଯେପରି ପଲ୍ଲୀଭିତ୍ତିକ ପାଠକ ସମାଜର ରୁଚି ଓ ମୂଲ୍ୟବୋଧର ନିକଟବର୍ତ୍ତୀ ହେବାପାଇଁ ଥିଲା ଚେଷ୍ଟିତ। ସେହି ପଲ୍ଲୀବାସୀ ଓ ଗ୍ରାମୀଣ ରୁଚି-ସମ୍ପନ୍ନ ଦର୍ଶକମାନଙ୍କର ମନୋରଞ୍ଜନ, ନାଟ୍ୟମଞ୍ଚର ପ୍ରଯୋଜକମାନଙ୍କର ମଧ୍ୟ ଥିଲା ଅଭିପ୍ରେତ। ମନୋରଞ୍ଜନ ବ୍ୟତୀତ ନାଟକର ଅନ୍ୟ ଉଦ୍ଦେଶ୍ୟ ଅଥବା ଆଦର୍ଶ ନ ଥିଲା * * * ଏମାନଙ୍କ ନାଟକ (ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ ପ୍ରଭୃତି) ସବୁ ମଞ୍ଚ ସଫଳତା ଧର୍ମୀ, ଗଳ୍ପ-ଚରିତ୍ର ବିଶିଷ୍ଟ ଓ ଉପନ୍ୟାସ ପରି ମୁଖ୍ୟତଃ ପଲ୍ଲୀଅଭିମୁଖୀନ ଥିଲେ ହେଁ ସେଇ ସାମାଜିକତା ମଧ୍ୟରେ ପ୍ରତ୍ୟେକ ନାଟ୍ୟକାର ନୂତନତାର କିଛି କିଛି ଆଭିମୁଖ୍ୟ ଆଣିବାପାଇଁ ଚେଷ୍ଟିତ ଥିଲେ। * * * ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ସଙ୍ଗୀତ ପ୍ରବଣତା ଓ ପାରମ୍ପରିକ, ଅନୁପ୍ରାସ-ବହୁଳ ଶୈଳୀର ପ୍ରୟୋଗ ସତ୍ତ୍ୱେ ସାମାଜିକ ଓ ରାଜନୈତିକ ବ୍ୟାଭିଚାର ବିରୁଦ୍ଧରେ ପ୍ରତିବାଦର ସ୍ୱର ହୋଇ ଉଠିଥିଲା ତୀକ୍ଷ୍ଣତର।"

ଆଧୁନିକ କାଳର ବୁଦ୍ଧିଜୀବୀ-ଚକ୍ଷୁମାରେ ଜଣେ ପଚାଶର ନାଟ୍ୟକାରମାନଙ୍କର ନାଟକ ଗୁଡ଼ିକର ମୂଲ୍ୟାୟନ କଲାବେଳେ ସେମାନେ କେଉଁ ପରିସ୍ଥିତିରେ ନାଟକ ରଚନା କରିଥିଲେ, ତାହା ଅବଧାରଣ କରିବାକୁ ହେବ। ପେଶାଦାରୀ ରଙ୍ଗମଞ୍ଚର ଫରମାଦ ଅନୁସାରେ ନାଟକ ରଚନା କରୁଥିବାରୁ ସେମାନଙ୍କର ରଚନା ମଧ୍ୟରେ କେତେକ ପାରମ୍ପରିକ ତ୍ରୁଟି ଓ ଦୁର୍ବଳତା ରହିବା ସ୍ୱାଭାବିକ। ଓଡ଼ିଆ ରଙ୍ଗମଞ୍ଚର ସୁବର୍ଣ୍ଣ ଯୁଗରେ ଯେଉଁ ନାଟ୍ୟକାରମାନେ ଅବିଶ୍ରାନ୍ତ ଲେଖନୀ ଚଳାଇ ଓଡ଼ିଆ ଜନମାନସକୁ ଦୀର୍ଘ ବହୁ ଯୁଗଧରି ଅସୀମ ନାଟ୍ୟରସ ଆସ୍ୱାଦନ କରିବାର ସୁଯୋଗ ଦେଇଥିଲେ, ସେହି ସାଧକମାନଙ୍କ ମଧ୍ୟରେ ନାଟ୍ୟକାର ରାମଚନ୍ଦ୍ର ଅନ୍ୟତମ।

ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ଅବିସ୍ମରଣୀୟ ହୋଇରହିବ।

(୧୯୮୦-ସ୍ୱପ୍ନଶ୍ରୀରେ ପ୍ରକାଶିତ)

—o—

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ଅଧ୍ୟାପକ ନବକିଶୋର ପୃଷ୍ଟି

କୌଣସି ଦେଶରେ ନାଟ୍ୟ ସାହିତ୍ୟର ଦ୍ରୁତ ବିକାଶ ସ୍ଥାୟୀ ରଙ୍ଗମଞ୍ଚ ନାଟ୍ୟଗୋଷ୍ଠୀ ପୃଷ୍ଠପୋଷକ ଏବଂ ଉତ୍ସାହୀ କଳାକାର ଗୋଷ୍ଠୀର ଉପସ୍ଥିତିରେ ସମ୍ଭବ ହୋଇଥାଏ। ୧୯୪୦ଠାରୁ ୧୯୬୦ ମସିହା ମଧ୍ୟରେ ଓଡ଼ିଶାରେ 'ଓଡ଼ିଶା ଥିଏଟର୍ସ', ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ଓ 'ବି' ଗ୍ରୁପ୍ ଏବଂ ଜନତା ପ୍ରଭୃତି ନାଟ୍ୟ ସଂସ୍ଥାଗୁଡ଼ିକ ଓଡ଼ିଆ ଭାଷାରେ ନାଟ୍ୟ ସାହିତ୍ୟ ବିକାଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିବାରୁ ୧୮୮୦ ମସିହାଠାରୁ ୧୯୪୦ ମସିହା - ଦୀର୍ଘ ୬୦ ବର୍ଷ ମଧ୍ୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ଯାହା ସମ୍ଭବ ହୋଇନଥିଲା, ତାହା ମାତ୍ର ୨୦ ବର୍ଷ ମଧ୍ୟରେ ସମ୍ଭବ ହୋଇପାରିଥିଲା। 'ଓଡ଼ିଶା ଥିଏଟର୍ସ'ର ପ୍ରତିଷ୍ଠାତା ନାଟ୍ୟକାର କାଳୀଚରଣ ପଟ୍ଟନାୟକ ୧୯୪୦ ମସିହାଠାରୁ ୧୯୪୫ ମଧ୍ୟରେ ବହୁ ପୌରାଣିକ, ଐତିହାସିକ ଓ ସାମାଜିକ ନାଟକ ମଞ୍ଚସ୍ଥ କରାଇ ଏକ ସ୍ୱତନ୍ତ୍ର ଓଡ଼ିଆ ନାଟ୍ୟଶୈଳୀ ପ୍ରତିଷ୍ଠା କରିଗଲେ। ୧୯୫୫ ଖ୍ରୀଷ୍ଟାବ୍ଦଠାରୁ ଅନ୍ନପୂର୍ଣ୍ଣା ଥିଏଟର, ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ ଓ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ ନାମରେ ବିଭକ୍ତ ହୋଇ ପୁରୀ ଓ କଟକଠାରେ ସ୍ଥାୟୀ ରଙ୍ଗମଞ୍ଚରେ ଧାରାବାହିକ ଭାବରେ ନାଟକ ପରିବେଷଣ କରିବାଦ୍ୱାରା ଆଧୁନିକ ଓଡ଼ିଆ ନାଟ୍ୟସାହିତ୍ୟର ସୃଷ୍ଟି ଓ ବିକାଶ ସାଧିତ ହୋଇପାରିଥିଲା। ଆଲୋଚ୍ୟ କାଳମଧ୍ୟରେ ଯେଉଁ ପ୍ରତିଭାବାନ ନାଟ୍ୟକାରଗଣ ଓଡ଼ିଶାର ସମାଜଜୀବନ ଓ ବିଭିନ୍ନ ପାରିବାରିକ ସମସ୍ୟାକୁ ଉପଜୀବ୍ୟ କରି ସାମାଜିକ ନାଟକ ସୃଷ୍ଟିର ସୁଯୋଗ ପାଇଥିଲେ, ସେମାନଙ୍କ ମଧ୍ୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅନ୍ୟତମ। ନାଟ୍ୟକାର ଶ୍ରୀଯୁକ୍ତ ମିଶ୍ରଙ୍କ ପ୍ରଥମ ନାଟକ ପ୍ରଥମ ନାଟକ ଅଭିମାନ 'ଭାରତୀ ଥିଏଟର୍ସ' ଦ୍ୱାରା 'ଭାରତୀ ପେଣ୍ଡାଲ' ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା। ଏହାପରେ ୧୯୪୬ ଖ୍ରୀଷ୍ଟାବ୍ଦରେ ଅନ୍ନପୂର୍ଣ୍ଣା ବି ଗ୍ରୁପର ଦ୍ୱିତୀୟ ଅବଦାନରୂପେ 'ମୂଳିଆ' ନାଟକ ଏକାଦିକ୍ରମେ ୧୧୨ ରାତି ଅଭିନୀତ ହୋଇ ଓଡ଼ିଆ ନାଟ୍ୟ ଜଗତରେ ଏକ ବିପ୍ଳବ ସୃଷ୍ଟି କରିଥିଲା। 'ମୂଳିଆ' ନାଟକର ସଫଳତା ଓ ଜନପ୍ରିୟତା ନାଟ୍ୟକାର ମିଶ୍ରଙ୍କୁ ପରବର୍ତ୍ତୀ କାଳରେ କବିସୂର୍ଯ୍ୟ (୧୯୪୭), ଘରସଂସାର (୧୯୫୦), ସାଇପଡ଼ିଶା (୧୯୫୩), ଭାଇଭାଉଜ (୧୯୫୪), ସେବିକା (୧୯୫୫), ମମତା (୧୯୫୫), ପୁଆଣିଘର (୧୯୬୨) ଓ ନରୋତ୍ତମ ଦାସ ଭଜେ (୧୯୬୯) ପ୍ରଭୃତି ନାଟକ ରଚନା କରିବାରେ ଉତ୍ସାହିତ କରିଥିଲା।

ଅଧ୍ୟାପକ ସର୍ବେଶ୍ୱର ଦାସଙ୍କ ନାଟକ ବିଚାର ପୁସ୍ତକର ମୁଖବନ୍ଧରେ କବିବର ମାୟାଧର ମାନସିଂହ ଓଡ଼ିଆ ନାଟକର ଓ ଦର୍ଶକମାନଙ୍କର ତ୍ରୁଟି ବିଷୟରେ ଉଲ୍ଲେଖକରି

Digitized by PPRACHIN, SOA

ଉଚ୍ଚକୋଟୀର ନାଟ୍ୟଶୈଳୀ ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି ତାହା ଶ୍ରୀଯୁକ୍ତ ମିଶ୍ରଙ୍କ ନାଟକ ବିଚାର କାଳରେ ବିଶେଷ ଉଲ୍ଲେଖଯୋଗ୍ୟ। ତାଙ୍କ ବିଚାରରେ "ଆମ ଦେଶର ଅଧିକାଂଶ ଦର୍ଶକ ଓ ଅଧିକାଂଶ ନାଟ୍ୟକାରଙ୍କ ଧାରଣା ଯେ—ନାଚ, ଗୀତ, ନବଜ—ଏଇହେଲା ନାଟକ। ନାଟକ ଯେ ଉଚ୍ଚ ସାମାଜିକ ଆଦର୍ଶ, ଚାରିତ୍ରିକ ସଂଘର୍ଷ ଓ ମନସ୍ତତ୍ତ୍ୱର ମୁକୁର ଏବଂ ଏଥିପାଇଁ ଯେ ଅତି ଉଚ୍ଚକୋଟୀର ସିଦ୍ଧହସ୍ତତା ଆବଶ୍ୟକ, ତାହା ନାଟକୀୟ ରସଗ୍ରହଣର ଆଦ୍ୟ ତତ୍ତ୍ୱରୂପେ ଗ୍ରହଣ ନକଲାଯାଏ ଆମମାନଙ୍କର ରଙ୍ଗମଞ୍ଚର ଉନ୍ନତି ଅସମ୍ଭବ।" ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକାବଳୀ ମଧ୍ୟରେ ଡକ୍ଟର ମାନସିଂହଙ୍କ ବିଚାରଧାରାର କେତୋଟି ଦିଗ ପରିଲକ୍ଷିତ ହୁଏ। ସେ ତାଙ୍କର ନାଟକ ଗୁଡ଼ିକରେ କେବଳ ଓଡ଼ିଆ ସମାଜ ଜୀବନର ଚିତ୍ର ଅଙ୍କନ କରିନାହାଁନ୍ତି, ଉଚ୍ଚ ସାମାଜିକ ଆଦର୍ଶ ପ୍ରତିଷ୍ଠା କରିବା ଦିଗରେ ମଧ୍ୟ ଉଦ୍ୟମ କରିଛନ୍ତି। ତାଙ୍କର ପ୍ରତ୍ୟେକ ସାମାଜିକ ନାଟକର ବିଷୟବସ୍ତୁ ଗ୍ରାମ ଓ ସହର ପୃଷ୍ଠଭୂମିରେ ପରିକଳ୍ପିତ।

'ମୂଲିଆ' ନାଟକରେ ବୃଦ୍ଧ ସନାତନ ସାମଲ ବଡ଼ପୁଅ ନନ୍ଦର ପରିଶ୍ରମ ଓ ଉଦ୍ୟମ ଫଳରେ ମୂଲିଆ ଶ୍ରେଣୀରୁ ଉଠି କୃଷକର ଗୌରବ ଲାଭ କରିଛି। ମାତ୍ର ବଡ଼ଭାଇ ନନ୍ଦ ସାନଭାଇ ରାଜକିଶୋରର ଉଚ୍ଚଶିକ୍ଷା ପାଇଁ ସର୍ବସ୍ୱ ହରାଇ ଶେଷରେ ମୂଲିଆ ହୋଇଛି। ଉଚ୍ଚଶିକ୍ଷା ପ୍ରାପ୍ତ ରାଜକିଶୋର ଗ୍ରାମର କଣ୍ଟ୍ରୋଲ ବ୍ୟବସାୟୀ ମାମଲତକାର ଧଡ଼ିମହାପାତ୍ରର ଚକ୍ରାନ୍ତରେ ଓକିଲ କୁଞ୍ଜବିହାରୀଙ୍କ ଆଶ୍ରୟପାଇ, ଓକିଲ କନ୍ୟା କଳ୍ପନାକୁ ଲାଭକରିବା ଆଶାରେ ପିତା ସନାତନଙ୍କ ବାଚ୍‌ଦତ୍ତ ବୋହୂ ଗ୍ରାମ୍ୟବାଳିକା ସହର ପ୍ରଣୟକୁ କେବଳ ପ୍ରତ୍ୟାଖ୍ୟାନ କରିନାହିଁ, ଭାଇ ଭାଉଜଙ୍କ ସ୍ନେହ, ମମତା ଓ ଦାନକୁ ମଧ୍ୟ ଅସ୍ୱୀକାର କରିଛି। ଉଚ୍ଚଶିକ୍ଷିତ ରାଜକିଶୋର କଳ୍ପନାକୁ ନେଇ ଯେଉଁ କଳ୍ପନାର ସୌଧ ଗଢ଼ିଥିଲା, ଓକିଲ ପତ୍ନୀ ମିସେସ୍ ରାଓଙ୍କ ବିରୋଧ ଓ କଳ୍ପନାର ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନରେ ତାହା ଭୁଶୁଡ଼ି ପଡ଼ିଛି। ହତାଶା ଓ ଅନୁଶୋଚନାରେ ଜର୍ଜରିତ ହୋଇ ସେ ପୁଣି ନିଜର ପରିବାର ମଧ୍ୟକୁ ଫେରି ଆସିଛି। କଣ୍ଟ୍ରୋଲ ବ୍ୟବସାୟୀ ଧଡ଼ି ମହାପାତ୍ର ସର ବାପକୁ ଅର୍ଥଲୋଭ ଦେଖାଇ ସରକୁ ବିବାହ କରିବାକୁ ଉଦ୍ୟମ କରୁଥିବା ସମୟରେ ବେଦି ଉପରୁ କିଡ଼ନାପିଂ ପାଇଁ ଭାରତ ରକ୍ଷା ଆଇନ ବଳରେ ଆରେଷ୍ଟ ହୋଇଯାଇଛି। ରାଜକିଶୋର ସହିତ ଗ୍ରାମ୍ୟବାଳିକା ସରର ବିବାହ ସମ୍ପନ୍ନ ହୋଇଛି। କଣ୍ଟ୍ରୋଲର ସୁଯୋଗ ନେଇ ଧଡ଼ି ମହାପାତ୍ର ପରି ସମାଜର ନିମ୍ନଶ୍ରେଣୀର ବ୍ୟକ୍ତିମାନଙ୍କର କିପରି ଉନ୍ନତି ଘଟିଛି ଏ ଛାଡ଼ି କୁମ୍ଭୀ ଓ ଦ୍ୱାରଶୂନ୍ୟ ରେଙ୍ଗୁନବାସୀ ଓଡ଼ିଆ ପଞ୍ଚୁ ଓ ବୀରା ପ୍ରଭୃତି ଯୁବକମାନେ ଓଡ଼ିଶାକୁ ଫେରିଆସି ପେଟପାଇଁ କିପରି ଚୌର୍ଯ୍ୟବୃତ୍ତି ଅବଲମ୍ବନ କରିଛନ୍ତି, ଏହାମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଓଡ଼ିଆ ସମାଜଚିତ୍ର ଫୁଟାଇବାକୁ ସଚେଷ୍ଟ

Digitized by PPRACHIN, SOA

ହୋଇଛନ୍ତି ନାଟ୍ୟକାର ମିଶ୍ର। ଚୌର୍ଯ୍ୟବୃତ୍ତିର ଲବ୍ଧ ଧନରେ ପଶୁ ଓ ବୀରା ଅସହାୟଙ୍କୁ ସାହାଯ୍ୟ କରିଛନ୍ତି ଏବଂ ଜଳାବଳାରୀ ମହାପାତ୍ର ଘର ଲୁଣ୍ଠନ ସମୟରେ କଣ୍ଢକବନ୍ଧା ଉଦ୍ଧାର କରି ସାମଲ ପରିବାରକୁ ଦେଇଛନ୍ତି। ଚୌର୍ଯ୍ୟବୃତ୍ତିର କଠିନ ଆବରଣ ତଳେ ଏମାନଙ୍କ ହୃଦୟରେ ଯେ ମନୁଷ୍ୟତ୍ୱର ଫଲ୍‌ଗୁ ପ୍ରବାହିତ ହେଉଛି ତାହା ଦେଖାଇବାରେ ନାଟ୍ୟକାର କାର୍ପଣ୍ୟ କରିନାହାନ୍ତି। ମାତ୍ର ଆଦର୍ଶବାଦୀ ଆଇନଜୀବୀ ନାଟ୍ୟକାର ସମାଜ ବିରୋଧୀକାର୍ଯ୍ୟକୁ ଉତ୍ସାହିତ ନକରି ଏମାନଙ୍କୁ ଶାସ୍ତି ଦେବାରେ ଆଇନର ଆଶ୍ରୟ ନେଇଛନ୍ତି। ଓକିଲ କୁଞ୍ଜବିହାରୀ ରାୟ ପ୍ରାଚୀନ ପନ୍ଥୀ ମାତ୍ର ମିସେସରାୟ ଆଧୁନିକା। ରାଜକିଶୋର ସହିତ କନ୍ୟା କଳ୍ପନାର ବିବାହ ପ୍ରସଙ୍ଗକୁ ବିରୋଧ କରି ମିସେସରାୟ କହିଛନ୍ତି ''ମୋ ଝିଅକୁ ବିବାହ କରିବାକୁ ଚାହିଁଲେ ପରିବାରର ବନ୍ଧନ ଛିନ୍ନ କରିବାକୁ ପଡ଼ିବ''। ଏହାଦ୍ୱାରା ସେ ପାରମ୍ପରିକ ଯୌଥ ପରିବାରକୁ ଅସ୍ୱୀକାର କରିବାପାଇଁ ଉତ୍ସାହିତ କରିଛନ୍ତି। ତୃତୀୟ ଅଙ୍କ ୧ମ ଦୃଶ୍ୟ ଓ ୩ୟ ଦୃଶ୍ୟରେ ନାଟ୍ୟକାର ମିଶ୍ର ଓକିଲ କୁଞ୍ଜବିହାରୀଙ୍କ ମାନସିକ ପ୍ରତିକ୍ରିୟା ମଧ୍ୟରେ ଯୁଗ ପରିବର୍ତ୍ତନର ସୂଚନା ଦେଇ ଆଧୁନିକ ଯୁଗରୁଚି ପ୍ରତି କଟାକ୍ଷ କରିଛନ୍ତି। କନ୍ୟା କଳ୍ପନାର ଜନ୍ମଦିବସ ଉପଲକ୍ଷେ ସଙ୍ଗୀତ ଶିକ୍ଷକ ଓ ନୃତ୍ୟ ଶିକ୍ଷକଙ୍କୁ ଅଣାଇ ମିସେସ୍ ରାୟ କଳ୍ପନାର ନାଚ ଓ ଗୀତ ପାଇଁ ଯେପରି ବ୍ୟବସ୍ଥା କରିଛନ୍ତି ତାହା ଉଦ୍ଦେଶ୍ୟରେ ମିଃ ରାୟ କହିଛନ୍ତି—'I mean to say ଓଡ଼ିଆ ଘରେ ଏସବୁ ପାଶ୍ଚାତ୍ୟ ଧରଣର ଆଦବ କାଏଦା କାହିଁକି? I mean to say ଏସବୁ କିଛି ଭଲକଥା ନୁହେଁ।'' କୁଞ୍ଜବିହାରୀ ବାବୁଙ୍କ କନ୍ୟା କଳ୍ପନା, ଜୀବନକୁ ମଞ୍ଚରେ ଅଭିନେତ୍ରୀର ଜୀବନ ଭାବେ ଗ୍ରହଣ କରିଛନ୍ତି। ''ପିଲାଦିନେ ଜାପାନୀ କଣ୍ଢେଇରେ ଖେଳ-ବର୍ତ୍ତମାନ ପୁରୁଷବନ୍ଧୁମାନଙ୍କର ସାଥିରେ—'' କଳ୍ପନାର ଏ ଉକ୍ତି ଭିତରେ ଆଧୁନିକ ନାରୀମନର ଲିପି ଉତ୍କୀର୍ଣ୍ଣ। ଚତୁର୍ଥ ଅଙ୍କ ୫ମ ଦୃଶ୍ୟରେ ସହରର ଶ୍ରମିକ ବସ୍ତି ଏବଂ ପଞ୍ଚମ ଅଙ୍କ ୩ୟ ଦୃଶ୍ୟରେ ଠାକୁରାଣୀଙ୍କ ନିକଟରେ କାଳିସି ଲାଗିବାର ବ୍ୟଙ୍ଗଚିତ୍ର ଅତି ଜୀବନ୍ତ ଓ ପ୍ରଭାବଶାଳୀ ହୋଇପାରିଛି।

୧୯୪୬ ମସିହାରେ ନାଟ୍ୟକାର ମିଶ୍ରଙ୍କ 'କବିସୂର୍ଯ୍ୟ' ନାଟକ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପଦ୍ୱାରା ଅଭିନୀତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଥିଲା। ଏହା କବିସୂର୍ଯ୍ୟ ବଳଦେବ ରଥଙ୍କ ଜୀବନକୁ ଉପଜୀବ୍ୟକରି ରଚିତ। ନାଟ୍ୟକାର କାଳୀଚରଣ 'ଜୟଦେବ' ଓ 'ଅତିବଡ଼ି ଜଗନ୍ନାଥଦାସ' ନାଟକ ରଚନା କରି ଓଡ଼ିଆ ନାଟ୍ୟକାରମାନଙ୍କ ସମ୍ମୁଖରେ କବିଜୀବନୀ ସମ୍ବଳିତ ନାଟକ ରଚନାର ମାର୍ଗ ଉନ୍ମୋଚନ କରି ଯାଇଥିଲେ। ଏହି ଆଦର୍ଶକୁ ଅନୁସରଣ କରି ନାଟ୍ୟକାର ରାମଚନ୍ଦ୍ର ମିଶ୍ର 'କବିସୂର୍ଯ୍ୟ' ନାଟକରେ ଅଲୌକିକତାକୁ ସ୍ଥାନ ଦେଇଥିଲେହେଁ ଓଡ଼ିଶାର ରାଜନୈତିକ ଓ ସାମାଜିକ ଚିତ୍ର ପରିବେଷଣରେ ସିଦ୍ଧହସ୍ତତା ପରିଚୟ ଦେଇଛନ୍ତି। ଲଳିତା ଓ ଚନ୍ଦ୍ରକଳା ଚରିତ୍ର ସୃଷ୍ଟିରେ

Digitized by PPRACHIN, SOA

ନାଟକୀୟ ଚମତ୍କାରିତା ସମ୍ପାଦନ କରିବା ସଙ୍ଗେ ସଙ୍ଗେ ବାଗ୍ମୀ ଭୂଷଣ, ବିଦ୍ୟାରତ୍ନ, ମିଛୁ ମହାନ୍ତି, ଦେବାନ ଓ ଦେବାନପତ୍ର ଆନନ୍ଦ ପ୍ରଭୃତି ଚରିତ୍ର ପରିକଳ୍ପନାରେ ନାଟକକୁ ଦ୍ୱନ୍ଦ ମୁଖର କରିପାରିଛନ୍ତି ନାଟ୍ୟକାର ମିଶ୍ର। କବିସୂର୍ଯ୍ୟଙ୍କ କବି ପ୍ରତିଭାର ସୂଚନା ଦେବାକୁ ଯାଇ ନାଟକରେ କବିରଚିତ ଯେଉଁ ସଙ୍ଗୀତଗୁଡ଼ିକର ସଂଯୋଜନା କରାଯାଇଛି, ତାହା ନାଟ୍ୟକାର ମିଶ୍ରଙ୍କ ନିର୍ବାଚନ ଦକ୍ଷତା, ରସିକତା ଓ ଚାତୁରୀର ପରିଚୟ ଦିଏ।

'ଘରସଂସାର', ନାଟ୍ୟକାର ମିଶ୍ରଙ୍କ ଅନ୍ୟ ଏକ ଜନପ୍ରିୟ ନାଟକ। ଆଦର୍ଶବାଦୀ ଗୋପ ଚୌଧୁରୀ ମହାପାତ୍ରବଂଶ ଏବଂ ଚୌଧୁରୀବଂଶ ନେତୃତ୍ୱରେ ରଘୁନାଥପୁର ଓ ଚଣ୍ଡୀପୁର ମଧରେ ଲାଗି ରହିଥିବା ଗ୍ରାମ୍ୟ ବିବାଦର ସମାଧାନ ପାଇଁ ମହାପାତ୍ରଙ୍କ କନ୍ୟା ବିବାହର ନିମନ୍ତ୍ରଣ ରକ୍ଷା କରି ବିବାହ ଉତ୍ସବରେ ଯୋଗ ଦେଇଛନ୍ତି। ମାତ୍ର ବିଲାତ ଫେରନ୍ତା ବରର ବିବାହ ପ୍ରତ୍ୟାଖ୍ୟାନ ଯୋଗୁ କନ୍ୟା ପିତା ମହାପାତ୍ରଙ୍କ ଜୀବନ ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ଅନୁରୋଧରେ ସେ ମହାପାତ୍ରଙ୍କ ଏକମାତ୍ର କନ୍ୟା ଶାରଦାର ପାଣିଗ୍ରହଣ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଗୋପର ନେତୃତ୍ୱକୁ ନ୍ୟୁନ କରିବାପାଇଁ ମାମଲତକାର ଅନାଦି ଦାସ ଓ ମଙ୍ଗୁ ମହାନ୍ତି ସୁଯୋଗ ପାଇଛନ୍ତି। ଏହାପରେ ଗୋପର ସାନଭାଇ ବିନୋଦ ସହରୀ ପରିବେଶରେ ବଢ଼ିଥିବା ପ୍ରଫେସର ମହାନ୍ତିଙ୍କ ଉଚ୍ଚଶିକ୍ଷିତା ଆଧୁନିକା କନ୍ୟା ଅନିମାକୁ ବିବାହ କରିଛି। ନାରୀ ସ୍ୱାଧୀନତା ନାମରେ ଆଧୁନିକା ଅନିମାର ସ୍ୱେଚ୍ଛାଚାରିତା ପ୍ରାଚୀନ ପରମ୍ପରାଗତ ଗୋପର ସଂସାରରେ ସୃଷ୍ଟି କରିଛି ସଂଘର୍ଷ। ନାଟକର ଦ୍ୱିତୀୟ ଅଙ୍କ ଗ୍ରାମ ଦୃଶ୍ୟରେ ଏ ସଂଘର୍ଷ ଚରମାବସ୍ଥାରେ ପହଞ୍ଚିଛି। ଯେତେବେଳେ କୁମାରୀ ଜୀବନର ପୁରୁଷବନ୍ଧୁ ମି: ବର୍ମାଙ୍କ ସନ୍ତୋଷ ବିଧାନ ପାଇଁ ଆଧୁନିକା ଅନିମା ନିଜ ନଣନ୍ଦ ରତିର ଅନିଚ୍ଛାସତ୍ତ୍ୱେ ତାକୁ ବାଧ କରିଛି ଗୀତ ଗାଇବା ପାଇଁ। ଶାରଦାର ଉପସ୍ଥିତି ଓ ବିରୋଧ ପରିସ୍ଥିତିକୁ ଅଧିକ ଦ୍ୱନ୍ଦ ମୁଖର କରିଛି। ପ୍ରାଚୀନ ପନ୍ଥୀ ବଡ଼ବୋହୂ ଶାରଦାର ବିରୋଧକୁ ଭ୍ରୂକ୍ଷେପ ନ କରି ଅନିମା ଅଧିକ ସ୍ୱେଚ୍ଛାଚାରିଣୀ ହୋଇଉଠିଛି ଏବଂ ନିଜ ସ୍ୱାମୀ ବିନୋଦକୁ ପ୍ରଭାବିତ କରି ଚାକିରୀ ଅନ୍ୱେଷଣରେ ପଠାଇଛି। ବିନୋଦ ରୋଗାକ୍ରାନ୍ତ ଥିବା ଅବସ୍ଥାରେ ଶାଶୁଙ୍କ ବାରଣସତ୍ତ୍ୱେ ପୁରୁଷ ବନ୍ଧୁ ମି: ବର୍ମାଙ୍କ ପାର୍ଟିରେ ଯୋଗ ଦେବାପାଇଁ ଡାକବଙ୍ଗଳାକୁ ଯାଇ ସେ ପ୍ରତାରିତା ହୋଇଛି। ଏହାପରେ ବିନୋଦ ଓ ଶାରଦାଙ୍କ ପବିତ୍ର ସମ୍ପର୍କକୁ ସନ୍ଦେହ ଚକ୍ଷୁରେ ଦେଖି ସେମାନଙ୍କୁ ଭର୍ତ୍ସନା କରିଛି ଏବଂ ବିନୋଦଠାରୁ ଆଘାତ ପାଇ ବିଷପାନ କରିଛି। ଶାରଦାର ସେବା ଯତ୍ନରେ ସୁସ୍ଥ ହେବା ପରେ ଅନିମା ଚକ୍ଷୁରୁ ଆଧୁନିକତାର ଅନ୍ଧପୁଟୁଳି ଖସି ପଡ଼ିଛି। ଆଦର୍ଶବାଦୀ ଗୋପ ଚୌଧୁରୀର ବଳିଷ୍ଠ ବ୍ୟକ୍ତିତ୍ୱର ସ୍ପର୍ଶରେ ଶ୍ୱଶୁର ହରିଶଙ୍କର ମହାପାତ୍ରଙ୍କର ହୃଦୟ ପରିବର୍ତ୍ତନ ହୋଇଛି। ମଙ୍ଗୁ ମହାନ୍ତି ନିଜର ଅପକର୍ମପାଇଁ

Digitized by PPRACHIN, SOA

ଗ୍ରାମବାସୀ କର୍ତ୍ତୃକ ଧୃତ ହୋଇ ପୋଲିସ ଆଇନର ଅପେକ୍ଷାରେ ରହିଛନ୍ତି ଏବଂ ମାମଲତକାର ଅନାଦି ଦାସ କୃତକର୍ମ ପାଇଁ ଅନୁଶୋଚନା କରି ଗ୍ରାମବାସୀଙ୍କ ନିକଟରେ କ୍ଷମାଭିକ୍ଷୁ ହୋଇଛନ୍ତି। ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ଓ ରୁଚିର ଉପାସକ ମି: ବର୍ମା ଓଡ଼ିଶା ଘରର କୂଳବଧୂ ଶାରଦାଙ୍କ ବ୍ୟକ୍ତିତ୍ୱରେ ପ୍ରାଚ୍ୟ ପରମ୍ପରା-ପରିବର୍ଦ୍ଧିତା ନାରୀର ପ୍ରକୃତ ସ୍ୱରୂପ ଦେଖି ତଟସ୍ଥ ହୋଇ ଜୀବନର ଗତି ବଦଳାଇଛନ୍ତି। ଆଦର୍ଶବାଦୀ ନାଟ୍ୟକାର ଉଚ୍ଚ ସାମାଜିକ ଆଦର୍ଶ ପ୍ରତିଷ୍ଠାପାଇଁ ଆଲୋଚ୍ୟ ନାଟକର ଗଳ୍ପାଂଶ ପରିକଳ୍ପନାରେ ବିଶେଷ ଧ୍ୟାନ ଦେଇଛନ୍ତି।

ଆଧୁନିକ ସ୍ୱାର୍ଥ କୈନ୍ଦ୍ରିକ ଅହଂସର୍ବସ୍ୱ ମନ ପ୍ରାଚୀନ ପରମ୍ପରା-ପରିବର୍ଦ୍ଧିତ ସାଇପଡ଼ିଶାର ଅକୃତ୍ରିମ ସ୍ନେହ ସୌହାର୍ଦ୍ଦ୍ୟରେ କିପରି ଅଯଥା ଅଶାନ୍ତି ପରିସ୍ଥିତି ସୃଷ୍ଟି କରିଥାଏ ତାର ବାସ୍ତବ ଚିତ୍ର ଫୁଟି ଉଠିଛି 'ସାଇପଡ଼ିଶା' ନାଟକରେ। ଆଲୋଚ୍ୟ ନାଟକଟି ଦୁଇବନ୍ଧୁ, ଅବସରପ୍ରାପ୍ତ ପୋଲିସର ଅଫିସର ଶଙ୍କର ଓ ସ୍କୁଲ ଶିକ୍ଷକ ନିମେଇ ପରିବାରର ଦୈନନ୍ଦିନ ଘଟଣାକୁ କେନ୍ଦ୍ର କରି ଗଢିଉଠିଛି। ଆଧୁନିକ ସଭ୍ୟତାରେ ପରିବର୍ଦ୍ଧିତା ଶଙ୍କରବାବୁଙ୍କ ପତ୍ନୀ ନିରୂପମାଙ୍କ ସ୍ୱାର୍ଥ କେନ୍ଦ୍ରିକ, ଅହଂସର୍ବସ୍ୱ ସନ୍ଦେହୀମନ ବିଭେଦର ପ୍ରାଚୀର ସୃଷ୍ଟି କରିଛି। ଜମିଦାରୀ ଉଚ୍ଛେଦ ପରେ ଜମିଦାର ସିରସ୍ତାରୁ ବିଦାୟ ନେଇ ତହସିଲଦାର ଭଜହରି ଗ୍ରାମ ସ୍କୁଲର ପ୍ରେସିଡେଣ୍ଟ୍ ହୋଇ ନୂତନ ସିରସ୍ତା ମେଲେଇ ବସିଛନ୍ତି ଏବଂ ଉଭୟ ପରିବାର ମଧ୍ୟରେ ସଙ୍ଘର୍ଷ ସୃଷ୍ଟିର ସୁଯୋଗ ପାଇଛନ୍ତି। ଅନ୍ୟ ଦିଗରେ ନିମେଇବାବୁଙ୍କ ପୁଅ ଗୁଣକୁ କେନ୍ଦ୍ରକରି ଶଙ୍କରବାବୁଙ୍କ କନ୍ୟା ଶୈଳଜା ଓ ମନୁଜା ମଧ୍ୟରେ ଭଲ ପାଇବାର ପ୍ରତିଯୋଗିତା ଦେଖାଦେଇଛି। ବିଦେଶର ସଜନାଗଛ ଓ ଭଜହରିଙ୍କ ଅପପ୍ରଚାରକୁ କେନ୍ଦ୍ରକରି ଶଙ୍କରବାବୁଙ୍କ ପତ୍ନୀ ନିରୂପମା ନିମେଇବାବୁଙ୍କୁ କେବଳ ଦ୍ୱାର ବନ୍ଦ କରି ନାହାନ୍ତି, ନିଜର କନ୍ୟାମାନଙ୍କୁ ମଧ୍ୟ ନିମେଇବାବୁଙ୍କ ଘରକୁ ଯିବାପାଇଁ ବାରଣ କରିଛନ୍ତି। ଶିକ୍ଷକ ନିମେଇବାବୁ ଓ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଏ ପରିସ୍ଥିତି ପାଇଁ ମନେ ମନେ କ୍ଷୁର୍ଣ୍ଣ ହୋଇଛନ୍ତି। ପରେ ନିମେଇବାବୁ ସ୍କୁଲ ପାଣ୍ଠିରୁ ନିଜବନ୍ଧୁ ଶଙ୍କରଙ୍କ ଘର ତୋଳାରେ ବ୍ୟୟିତ ଅର୍ଥ ଭରଣାପାଇଁ ନିଜ ବୁନିୟାଦିର ସନ୍ତକ ସୁନାବଳାକୁ ଭଜହରିଙ୍କ ନିକଟରେ ବନ୍ଧା ପକାଇଛନ୍ତି। ମାତ୍ର ଅବସ୍ଥାଚକ୍ରରେ ଏହି ବଳା ବିକ୍ରୀସୂତ୍ରରେ ନିରୂପମାଙ୍କ ହସ୍ତଗତ ହୋଇ ନୃତ୍ୟର ପୁରସ୍କାର ସ୍ୱରୂପ ଶୈଳଜାଙ୍କ କରମଣ୍ଡନ କରିଛି। ଶିକ୍ଷକ ନିମେଇବାବୁ ନିଜବନ୍ଧୁ ଶଙ୍କରବାବୁଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ନିଜ ସମ୍ମାନକୁ ବଳି ଦେଇଛନ୍ତି। ବନ୍ଧୁର ଏତାଦୃଶ ନିଷ୍କପଟ ମମତାରେ ଅଭିଭୂତ ହୋଇ ଅବସରପ୍ରାପ୍ତ ପୋଲିସ ଅଫିସର ଓ ତାଙ୍କ ପତ୍ନୀ ନିରୂପମା କନ୍ୟା ଶୈଳଜାକୁ ଘରକୁ ବୋହୂ ଭାବେ ପଠାଇବାକୁ ପ୍ରତିଶ୍ରୁତି ଦେଇ ଉଭୟ ପରିବାର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛନ୍ତି।

Digitized by PPRACHIN, SOA

ଗ୍ରାମସାଉକାର ଚକ୍ରାନ୍ତରେ ଶରବ୍ୟ ହୋଇ ଗୋଟିଏ ଆଦର୍ଶ କୃଷକ ପରିବାର ଭାଗ୍ୟାକାଶରେ ଯେଉଁ ଅକାଳ ଝଡ଼ ଦେଖାଦେଇଛି ତାକୁ ଉପଜୀବ୍ୟ କରି ବିଂଶାଧିକ ବର୍ଷର କେତୋଟି ଘଟଣାକୁ ଭାଇଭାଉଜ ନାଟକରେ ରୂପ ଦିଆଯାଇଛି। ଯୋଗିସାହୁକାରର ଅତ୍ୟାଚାର ଜର୍ଜରିତ ମହି ପ୍ରଧାନ ପରିବାରରେ ଭାଇଗର ଉପସ୍ଥିତି ଓ ସାଧନା ମଧ୍ୟରେ ପୁରାଣ ଯୁଗର ଲକ୍ଷ୍ମଣର ନିଷ୍ଠା ପ୍ରତିଫଳିତ କରେ। ଆଦର୍ଶବାଦୀ ନାଟ୍ୟକାର ଜଜ୍ ସାହେବଙ୍କ ସରକାରୀ ଚାକିରୀରୁ ଅବ୍ୟାହତି ନେବା ପ୍ରସଙ୍ଗ ଓ ମାନସିକ ପ୍ରତିକ୍ରିୟା ମଧ୍ୟରେ ଆମ ଦେଶର ନ୍ୟାୟାଳୟ ଗୁଡ଼ିକ ଯଥାର୍ଥ ନ୍ୟାୟ ଦେବାକୁ କିପରି କ୍ରମେ ଅକ୍ଷମ ହୋଇ ପଡୁଛନ୍ତି ତାର ସୂଚନା ଦେଇଛନ୍ତି। ଖାଦ୍ୟ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନରେ ଆଦର୍ଶ ସମାଜ ପ୍ରତିଷ୍ଠା ସମ୍ଭବ ହୋଇ ପାରିବ ବୋଲି ଉପଲବ୍ଧି କରି ଜଜ୍ ସାହେବ ନିଜ କନ୍ୟା ଡାକ୍ତରାଣୀ ସବିତା ଏବଂ ମହି ପ୍ରଧାନ ପୁଅ କୃଷିବିଶାରଦ ଯୁବକ ଭରତକୁ ଉତ୍ସାହିତ କରିଛନ୍ତି ଏବଂ ନିଜେ ଚାକିରୀରୁ ଅବ୍ୟାହତି ନେଇ ଗ୍ରାମାଞ୍ଚଳକୁ ଫେରି ଆସିଛନ୍ତି। ସାହୁକାର ଯୋଗି ଓ ସହଯୋଗି ଅଇଁଠାକୁ ନ୍ୟାୟାଳୟ ଦଣ୍ଡ ଦେବାକୁ ଅକ୍ଷମ ହୋଇଥିବାରୁ ଆଦର୍ଶବାଦୀ ନାଟ୍ୟକାର ସେମାନଙ୍କୁ ଦୈବଦଣ୍ଡର ସମ୍ମୁଖୀନ କରାଇଛନ୍ତି। କର୍ମଫଳର ଭୀଷଣତା ଲକ୍ଷ କରି ଯୋଗିସାହୁକାର ପୁତ୍ର ନିଧିର ଯେପରି ହୃଦୟ ପରିବର୍ତ୍ତନ ହୋଇଛି ତାହା ମଧ୍ୟରେ ନାଟ୍ୟକାର ଭବିଷ୍ୟତ ସୁସ୍ଥ ସମାଜର ସୂଚନା ଦେଇଛନ୍ତି।

ସମାଜସେବୀ ସାନପୁଅ ମାଧବର ବିବାହ ପରେ ମଝିଆଁ ପୁଅ ଓକିଲ ପ୍ରବୋଧର ସନ୍ଯୋଗ ଲାଳସୀମନ ଶ୍ୱଶୁର ବାଉରିବନ୍ଧୁ ଓ ପତ୍ନୀ ମାୟାର ପ୍ରରୋଚନାରେ ଆତ୍ମ ସୁଖ ପାଇଁ ପିତା ମାତା ଭାଇ ଓ ପୁତୁରାର ସ୍ନେହ ମମତାକୁ ଏଡ଼ିଦେଇ ବୃଦ୍ଧ ଯାଦବ ବାବୁଙ୍କ ପରିବାରର ଯେଉଁ ଝଡ଼ ସୃଷ୍ଟି କରିଛି ତାର ବାସ୍ତବ ଚିତ୍ରକୁ ନେଇ 'ମମତା' ନାଟକ ରଚିତ। ଯାଦବ ବାବୁଙ୍କ ସାନପୁଅ ମାଧବ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଶହୀଦ୍ ହୋଇଥିବା ବଡ଼ଭାଇ ବିପ୍ଳବୀ ସୁବୋଧର ଆଦର୍ଶରେ ଅନୁପ୍ରାଣିତ। ଶିକ୍ଷା ସମାପ୍ତି ପରେ ଗ୍ରାମର ନାଇଟ୍ ସ୍କୁଲରେ ଅବୈତନିକ ମାଷ୍ଟର ଭାବେ କର୍ମ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ସେବାରେ ନିଜକୁ ନିୟୋଜିତ କରିବା ବ୍ରତ ଗ୍ରହଣ କରିଛି ମାଧବ। ମାତ୍ର ମଝିଆଁ ଭାଇ ପ୍ରବୋଧ "ଆଗ ଘରକଥା, ପରେ ପରକଥା, ତାପରେ ଦେଶକଥା" କହି ସେବା ବ୍ରତର ବିରୋଧ କରିଛି ଏବଂ ଏକ ନିଶ୍ଚିତ ଆୟର ପନ୍ଥା ଧରିବାକୁ ମାଧବକୁ ନିର୍ଦ୍ଦେଶ ଦେଇଛି। ମାତ୍ର ମାଧବ "ସ୍ୱାର୍ଥପର ପରି ନିଜେ ବଞ୍ଚିବାରେ ମହତ୍ତ୍ୱ ନାହିଁ, ଅଛି ଅନ୍ୟମାନଙ୍କୁ ବଞ୍ଚାଇ ନିଜେ ବଞ୍ଚିବାରେ।" ଆଦର୍ଶରେ ଅନୁପ୍ରାଣିତ। ଫଳରେ ଭାଇ ଭାଇ ଭିତରେ ସୃଷ୍ଟି ହୋଇଛି ଆଦର୍ଶଗତ ଦ୍ୱନ୍ଦ୍ୱ। ଆଦର୍ଶଗତ ଦ୍ୱନ୍ଦ୍ୱ ପରିଣତି ହୋଇଛି ବ୍ୟକ୍ତିଗତ ମନୋମାଳିନ୍ୟରେ। ବ୍ୟକ୍ତିଗତ ମନୋମାଳିନ୍ୟ ଶେଷରେ ଏପରି

Digitized by PPRACHIN, SOA

ସ୍ତରରେ ପହଞ୍ଚିଛି ଯେତେବେଳେ ପ୍ରବୋଧ ସାନଭାଇ ମାଧବ ଉଦ୍ଦେଶ୍ୟରେ ବନ୍ଧୁକ ଉତ୍ତୋଳନ କରିଛି। ମାୟାର ହାର ଚୋରି ବ୍ୟାପାରରେ ପ୍ରବୋଧ ନିଜ ପୁତୁରା ସୁବାସକୁ ଦୋଷୀ ସାବ୍ୟସ୍ତ କରି ଭୀଷଣ ପ୍ରହାର କରିବା ଫଳରେ ସୁବାସ ଘରଛାଡ଼ି ଚାଲି ଯାଇଛି। ପରେ ଶାଳକ କାହ୍ନୁ ହାର ଚୋରି କରିଥିବା ଜାଣି ଏବଂ ବିଧବା ଭାଉଜ ଓ ସାନଭାଇ ମାଧବର ପୁତ୍ର ସୁବାସ ପାଇଁ ମାନସିକ ଅସ୍ଥିରତା ଅନୁଭବ କରି ତାର ହୃଦୟରେ ପରିବର୍ତ୍ତନ ଆସିଛି। ଶ୍ୱଶୁର ବାଉରିବନ୍ଧୁ ବନ୍ୟା ପାଣ୍ଠି ତୋଷରପାତ କରିବା ଦୋଷରେ ପୋଲିସ ଆଇନର ସମ୍ମୁଖୀନ ହୋଇଛନ୍ତି। ପ୍ରବୋଧ ନିଜର ଭୁଲ ବୁଝିପାରିଛି ଏବଂ ବାପା, ମା' ଭାଇ ଓ ଭାଉଜଙ୍କ ଅକପଟ ସ୍ନେହ ମମତା ନିକଟରେ ତାର ସମ୍ଭୋଗ ଲାଳସୀ ଆଧୁନିକ ମନ ପରାଜୟ ସ୍ୱୀକାର କରିଛି। ଆତ୍ମସୁଖ ଓ ସମ୍ଭୋଗ ଲାଳସା ମଣିଷକୁ କିପରି ଅନ୍ଧ କରିଦିଏ ଏବଂ ପରିବାରର ଅକପଟ ସ୍ନେହ ମମତାରେ କିପରି ପ୍ରକୃତ ସୁଖ ନିହିତ ତାହା ନାଟ୍ୟକାର ଶ୍ରୀ ମିଶ୍ର ଆଲୋଚ୍ୟ ନାଟକରେ ପରିବେଷଣ କରିଛନ୍ତି। ଓଡ଼ିଶାର ବନ୍ୟା ସମସ୍ୟା ଏବଂ ସାନପୁଅ ମାଧବ ଓ ସାନବୋହୂ ବାସନ୍ତୀର ଆଦର୍ଶ ସେବାଧର୍ମ ନାଟକର ଗଳ୍ପାଂଶକୁ ଅଧିକ ପ୍ରଭାବଶାଳୀ କରିଛି।

୧୯୫୫ ମସିହାରେ ରଚିତ ଏବଂ ଅନ୍ନପୂର୍ଣ୍ଣା ବି ଗ୍ରୁପଦ୍ୱାରା ଅଭିନୀତ 'ସେବିକା' ନାଟକରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ନାରୀର ସମ୍ଭୋଗ ଲାଳସୀ ମନର ଶୋଚନୀୟ ପରିଣତିର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଅନ୍ଧ ଓ ତାର ପତ୍ନୀ ଗଳ୍ପାଂଶ ପରିବେଷଣରେ ଆଦର୍ଶ ନାରୀଧର୍ମ ଓ ସଂସାର ଧର୍ମର ପ୍ରତିଷ୍ଠା କରିଛନ୍ତି। ଆଦର୍ଶବାଦୀ ବିକାଶ ଏବଂ ବାସ୍ତବବାଦିନୀ ଜୟନ୍ତୀର ମାନସିକ ଦ୍ୱନ୍ଦ୍ୱର ସଫଳ ରୂପାୟନ ନାଟକଟିକୁ ନାଟ୍ୟକାର ମିଶ୍ରଙ୍କ ନାଟକାବଳୀ ମଧ୍ୟରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରାଯାଇଛି। ବାଳକୃଷ୍ଣ ବାବୁଙ୍କ ଯୁବତୀ କନ୍ୟା ସ୍ନାନରତା ଜୟନ୍ତୀ ସମୁଦ୍ରରେ ବୁଡ଼ିଯାଉଥିବା ସମୟରେ ଅଧ୍ୟାପକ ବିକାଶ ଚୌଧୁରୀ ନିଜ ଜୀବନକୁ ବିପଦାପନ୍ନ କରି ଉଦ୍ଧାର କରିଛନ୍ତି। ଫଳରେ ଉଭୟ ଉଭୟଙ୍କୁ ଭଲପାଇ ବସିଛନ୍ତି। ଉଭୟଙ୍କ ପରିବାର ମଧ୍ୟରେ ଏମାନଙ୍କ ବିବାହର ଆୟୋଜନ ପର୍ଯ୍ୟନ୍ତ ହୋଇସାରିଛି। ମାତ୍ର ଗବେଷଣାଗାରରେ ଗବେଷଣାରତ ଥିବା ସମୟରେ ଭୀଷଣ ବିସ୍ଫୋରଣର ସମ୍ମୁଖୀନ ହୋଇ ବିକାଶ ଚୌଧୁରୀ ଚକ୍ଷୁ ହରାଇବା ସଙ୍ଗେ ସଙ୍ଗେ ସବୁଦିନପାଇଁ ଜୟନ୍ତୀକୁ ହରାଇ ବସିଛନ୍ତି। ଜୟନ୍ତୀ ସୁଇଜରଲ୍ୟାଣ୍ଡ ଫେରନ୍ତା ଚକ୍ଷୁ ଚିକିତ୍ସକ ଡକ୍ଟର ଦାସଙ୍କୁ ବିବାହ କରିଛି। ଘଟଣାଚକ୍ରରେ ଅଧ୍ୟାପକ ବିକାଶ ଚୌଧୁରୀଙ୍କର ଚିକିତ୍ସାର ଭାର ବହନ କରିଛନ୍ତି ଡକ୍ଟର ଦାସ। ବିକାଶର ବାପା ଗଗନବିହାରୀ ଚୌଧୁରୀଙ୍କ ଉଚ୍ଚ ଆଶା ଓ ମମତାମୟୀ ମାତାଙ୍କର ଅସ୍ଥିରତା ଲକ୍ଷ୍ୟକରି ଡକ୍ଟର ଦାସ ବିକାଶର ସେବା ଶୁଶ୍ରୂଷାର ଭାର ନିଜପତ୍ନୀ ଜୟନ୍ତୀ ଉପରେ ନ୍ୟସ୍ତ କରିଛନ୍ତି। ଆଲୋଚ୍ୟ ନାଟକର ଦ୍ୱିତୀୟ ଅଙ୍କର

Digitized by PPRACHIN, SOA

ଶେଷଦୃଶ୍ୟ ଏବଂ ସମଗ୍ର ତୃତୀୟ ଅଙ୍କରେ ଚକ୍ଷୁହୀନ ଅଧ୍ୟାପକ ବିକାଶ ଚୌଧୁରୀ ଓ ଏବଂ ପରିଣିତା ଜୟନ୍ତୀଙ୍କ ମାନସିକ ଦ୍ୱନ୍ଦ୍ୱ ପ୍ରକାଶରେ ନାଟ୍ୟକାର ମିଶ୍ର ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି। ବିଶେଷତଃ ପ୍ରଣୟନୀ ଜୟନ୍ତୀ ଓ ପରିଣିତା ଜୟନ୍ତୀ ମନର ଦ୍ୱୈତ ରୂପ ପ୍ରକାଶ ଏବଂ ମାନସିକ ଅସୁସ୍ଥତାର ରୂପାୟନ ଏତେ ପ୍ରଭାବଶାଳୀ ହୋଇଛି ଯେ ତାହା ଯେକୌଣସି ପାଠକ ଓ ଦର୍ଶକଙ୍କୁ ଅଭିଭୂତ କରିବ।

'ପୁଆଣିଘର' ନାଟକର ଗଳ୍ପାଂଶ ବଡ଼ ଦୁର୍ବଳ। ଏଥିରେ ସଂଯୋଜିତ ବହୁଦୃଶ୍ୟ, ଚରିତ୍ର ଓ ଘଟଣାର ନାଟକୀୟ ଆବଶ୍ୟକତା ଥିଲାପରି ମନେହୁଏ ନାହିଁ। ନାଟକର ପ୍ରକୃତ ନାୟକ ଓ ନାୟିକା ସମ୍ପର୍କରେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଆଧୁନିକ ସମାଜରେ ନାରୀ ନିଜର ମର୍ଯ୍ୟାଦା ନିଜେ ରକ୍ଷା କରିବାକୁ ସକ୍ଷମ ନହେଲେ ନିଜକୁ ପ୍ରତିଷ୍ଠା କରିପାରିବ ନାହି— ଏହି ଆଦର୍ଶକୁ ସୁନା ଓ ବାଣୀ ଚରିତ୍ର ମାଧ୍ୟମରେ ନାଟ୍ୟକାର ମିଶ୍ର ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି। ନଷ୍ଟ ଚରିତ୍ର ନବଘନ ହୀନ ଉପାୟରେ ଅର୍ଥ ଉପାର୍ଜ୍ଜନ କରିବାପାଇଁ ପଲ୍ଲୀବାଳା ଚନ୍ଦ୍ରା, ତାରା ଓ ଶଶୀକୁ ଲୋକ ଦେଖାଣିଆ ବିବାହ କରି ମହେଶ ବାବୁଙ୍କ ପ୍ରରୋଚନାରେ କଲିକତା ନେଇ ଯାଇଛନ୍ତି। ଶେଷରେ ବିଧବା ସୁନାର ବାକ୍‌ଦତ୍ତ ପୁନିକୁ କଲିକତା ନେବାପାଇଁ ଅପଚେଷ୍ଟା କରୁଥିବା ସମୟରେ ସୁନା ନିଜ ପୁଅ ମାଧ ସହିତ ପୁନିର ବିବାହ ସମ୍ପନ୍ନ କରି ନବଘନର ସମସ୍ତ ଚକ୍ରାନ୍ତକୁ ପଣ୍ଡ କରିଦେଇଛି। ଗ୍ରାମ ଯୁବକ ଶଙ୍କରର ପ୍ରରୋଚନାରେ ମାଧ ନିଜ ମାତା ଓ ପତ୍ନୀଙ୍କ ପ୍ରତି ମର୍ଯ୍ୟାଦା ପ୍ରଦର୍ଶନ କରି ଅଭିମାନରେ ଘରଛାଡ଼ି ଶଙ୍କର ସହିତ କଲିକତା ଯାତ୍ରା କରିଛି ଏବଂ ସେଠାରେ ନବଘନ ଓ ମହେଶ ରାୟଙ୍କ କୌଶଳରେ ଦିନ ମଜୁରିଆ ଭାବେ ଜୀବନ କଟାଇଛି। ଏଣେ ସୁନାର ସଂସାରରେ ସୃଷ୍ଟି ହୋଇଛି ବିପର୍ଯ୍ୟୟ। ଏହି ଅବସରରେ ନବଘନ ଗ୍ରାମକୁ ଆସି ମାଧର ଚରିତ୍ର ସମ୍ପର୍କରେ ଅପପ୍ରଚାର କରି ସୁନାର ବିଶ୍ୱାସଭାଜନ ହୋଇଛି ଏବଂ ପୁନିକୁ ମାଧ ସହିତ ଭେଟ କରାଇଦେବ ବୋଲି କଲିକତା ନେବାକୁ ଚେଷ୍ଟା କରିଛି। ମାତ୍ର ସୁନା ତାକୁ ଭର୍ତ୍ସନା କରି ତଡ଼ି ଦେଇଛି। କଲିକତାରେ ଶଶୀ ନବଘନ ଓ ମହେଶ ରାୟଙ୍କ ସମସ୍ତ ଚକ୍ରାନ୍ତରେ ଉପେକ୍ଷିତା ଚନ୍ଦ୍ରା ଓ ତାରାଠାରୁ ଜାଣିପାରି ସଚେତନ ହୋଇଛି ଏବଂ ଯଥା ସମୟରେ ନିଜର ମର୍ଯ୍ୟାଦା ରକ୍ଷା କରିବାକୁ ସକ୍ଷମ ହୋଇପାରିଛି। ଯେପରି ପରିସ୍ଥିତିରେ ନବଘନ ଶଶୀକୁ ଗ୍ରହଣ କରିଛନ୍ତି ଏବଂ ତାଙ୍କର ହୃଦୟ ପରିବର୍ତ୍ତନର ସୂଚନା ଦିଆଯାଇଛି, ତାହା ଅସ୍ୱାଭାବିକ ମନେହୁଏ।

'ନରୋତ୍ତମ ଦାସ କହେ' ୧୯୬୯ ଖ୍ରୀଷ୍ଟାବ୍ଦରେ ରଚିତ ଓ ଅନ୍ନପୂର୍ଣ୍ଣା ଏଗ୍ରୁପ ଦ୍ୱାରା ଅଭିନୀତ ଏକ ସାମାଜିକ ନାଟକ। ସ୍ୱାଧୀନ ଭାରତରେ ଉଚ୍ଚପଦସ୍ଥ ସରକାରୀ ଅଫିସର, ବ୍ୟବସାୟୀ ଗୋଷ୍ଠୀ ଓ ରାଜନୈତିକ ନେତାମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ଯୌଥ ପ୍ରତିଷ୍ଠାନର ଅଙ୍ଗବ୍ୟବଚ୍ଛେଦ କରି ନାଟ୍ୟକାର ଶ୍ରୀ ମିଶ୍ର ପ୍ରାଚୀନ ଭାରତର

Digitized by PPRACHIN, SOA

ପରମ୍ପରା ଓ ନୈତିକ ମୂଲ୍ୟବୋଧର ସୌଧ କ୍ରମେ କିପରି ଭୁଷୁଡ଼ି ପଡ଼ୁଛି ତାହା ପ୍ରତି ସମାଜ ସଚେତନ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଅବସର ପ୍ରାପ୍ତ ଶିକ୍ଷକ ନରୋତ୍ତମ ଦାସ ଚରିତ୍ର ମାଧ୍ୟମରେ। ମଣିଷ ଚରିତ୍ର ସମ୍ପର୍କରେ ମହାପୁରୁଷ ନରୋତ୍ତମ ଦାସ ଯାହା କହୁଥିଲେ ତାହା ନାଟକର ନାୟକ ନରୋତ୍ତମ ଦାସ ନିଜର ବଡ଼ଶଳା ଉଚ୍ଚପଦସ୍ଥ ଆୟକର ଅଫିସର ମି: ଦାସ, ମଝିଆଁ ଶଳା ଲକ୍ଷ୍ମୀଟ୍ରେଡ଼ର୍ସ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଯାଦବ ବାବୁ ଏବଂ ସାନଶଳା ରାଜନୈତିକ ନେତା ଏମ୍.ଏଲ୍.ଏ. ମାଧବଙ୍କର କ୍ରିୟା କଳାପରୁ ବେଶ୍ ଉପଲବ୍ଧ କରିପାରିଛନ୍ତି। ରାଘବାନନ୍ଦ ଓରଫ ଉଚ୍ଚପଦସ୍ଥ ସରକାରୀ ମି. ଦାସଙ୍କ ଭିଣୋଇ ଅବସରପ୍ରାପ୍ତ ଶିକ୍ଷକ ନରୋତ୍ତମ ଦାସ ମି. ଦାସଙ୍କ ବଙ୍ଗଳାରେ ପହଞ୍ଚି, ମିସେସ୍ ଦାସ ଓ ହିନ୍ଦୁସ୍ଥାନ ଟ୍ରେଡ଼ର୍ସର ଏଜେଣ୍ଟ ଶ୍ୟାମଳ ବାବୁଙ୍କୁ ଯୁଗ୍ମ ନୃତ୍ୟରତ ଅବସ୍ଥାରେ ଦେଖି ଅନ୍ୟ କାହାଘରକୁ ପଶିଆସିଛନ୍ତି ବୋଲି ଆଶଙ୍କା କରିଛନ୍ତି। ମାତ୍ର ପରେ ସେ ଯାହା ଆବିଷ୍କାର କରିଛନ୍ତି ସେଥିରେ ବିସ୍ମୟାଭୂତ ହୋଇ ପଡ଼ିଛନ୍ତି। ସାନଶଳା ରାଜନୈତିକନେତା ମାଧବର ଉପସ୍ଥିତି ପରିସ୍ଥିତିକୁ ସହଜ କରିଛି। ମାଧବ ସହିତ ଆଲୋଚନାରୁ ସେ ଜାଣିବାକୁ ପାଇଛନ୍ତି ଯେ ହିନ୍ଦୁସ୍ଥାନ ଟ୍ରେଡ଼ର୍ସର ଏଜେଣ୍ଟ ଶ୍ୟାମଳବାବୁ ଟ୍ୟାକ୍ସ ଫାଙ୍କିବା ପାଇଁ ମିସେସ୍ ଦାସଙ୍କୁ ପଟେଇ ରଖିବାକୁ ଚେଷ୍ଟା କରୁଛି। କାରଣ ଓଡ଼ିଆ କର୍ମଚାରୀମାନଙ୍କ ଉପରେ ହାକିମମାନେ ଯେପରି ହୁକୁମ ଜାରି କରନ୍ତି, ହାକିମଙ୍କ ଘରଣୀ ହାକିମଙ୍କ ଉପରେ ସେହିପରି ହୁକୁମ ଜାରି କରନ୍ତି। ଗଜାନନ ଆଣ୍ଡ କୋଃ ନିର୍ବାଚନରେ ମାଧବକୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ମି: ଦାସଙ୍କଠାରୁ ଅଫିସିଆଲ ସୁବିଧା ପାଇବା ପାଇଁ ମାଧବ ସହିତ ମୋଟା ଟଙ୍କା ଧରି ପହଞ୍ଚିଛନ୍ତି। ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କର ଖର୍ଚ୍ଚ ଫର୍ଦ୍ଦ ପ୍ରସ୍ତୁତ ଉପୁରି ଉପରେ। ମାସିକ ଦରମାରେ ତାହା ଭରଣା ହେବାର ଆଶା ନଥାଏ। ସାମାଜିକ ଓ ପାରିବାରିକ ସ୍ତରରେ ସମ୍ଭୋଗ ପିପାସା ଓ ଆତ୍ମସୁଖ କିପରି ଅନ୍ଧ କରିଛି ତାହା ଜାଣିପାରି ଭିଣେଇ ନରୋତ୍ତମ ଦାସ ଶାଳକ ମି: ଦାସଙ୍କୁ ପ୍ରଭାବିତ କରି ଘରେ ଖର୍ଚ୍ଚ କାଟର ବ୍ୟବସ୍ଥା ପାଇଁ ଚେଷ୍ଟା କରିଛନ୍ତି। ମାତ୍ର ମିସେସ୍ ଦାସ ଓ ଶ୍ୟାମଳବାବୁ ଏଥିରେ କ୍ଷୁବ୍ଧ ହୋଇ ନରୋତ୍ତମ ଦାସଙ୍କୁ ଲକ୍ଷ୍ମୀଟ୍ରେଡ଼ର୍ସର ଏଜେଣ୍ଟ ଭାବରେ ଲାଞ୍ଚ ଦେଇଥିବା ମିଥ୍ୟା ଅଭିଯୋଗରେ ଜେଲ ହାଜତକୁ ପଠାଇ ଦେଇଛନ୍ତି। ବଡ଼ଭାଇଠାରୁ ନିଜ ବ୍ୟବସାୟ ପ୍ରତିଷ୍ଠାନ ଲକ୍ଷ୍ମୀଟ୍ରେଡ଼ର୍ସ ପାଇଁ କିଛି ସୁବିଧା କରିନପାରିବାରୁ ଯାଦବ ଓ ତାଙ୍କ ପତ୍ନୀଲକ୍ଷ୍ମୀ ଏହି ସୁଯୋଗରେ ମି: ଦାସ, ମି. ଶ୍ୟାମଳ ଓ ମିସେସ୍ ଦାସଙ୍କୁ ଉଚିତ୍ ଶିକ୍ଷା ଦେବାପାଇଁ ଟଙ୍କାବଳରେ ନରୋତ୍ତମ ଦାସଙ୍କୁ କେବଳ ମୁକ୍ତ କରିନାହାନ୍ତି ସାନଭାଇ ରାଜନୈତିକ ନେତା ମାଧବକୁ ଏମ୍.ଏଲ୍.ଏ ଓ ପରେ ମନ୍ତ୍ରୀ କରିବା ପାଇଁ ମଧ୍ୟ ଚେଷ୍ଟା କରିଛନ୍ତି। ମାଧବର ନିର୍ବାଚନ ଖର୍ଚ୍ଚ ପାଇଁ ରେଲ୍‌ୱେ ଗୋଦାମରୁ ମାଲ ନଛଡ଼ାଇ ସହରରେ

Digitized by PPRACHIN, SOA

ଚିନିର କୃତ୍ରିମ ଅଭାବ ସୃଷ୍ଟିକରି ଚିନିଦର ବଢ଼ାଇ ଦିଆଯାଇଛି ଏବଂ ଅଟାରେ ପୋକରା ମକା ଓ ତେନ୍ତୁଳି ମଞ୍ଜିର ଚୂନା ମିଶାଯାଇ ଚଢ଼ାଦାମରେ ବିକ୍ରି କରାଯାଉଛି। ଅପର ପକ୍ଷରେ ସାନଶଳା ମାଧବ ଗଜାନନ କମ୍ପାନୀର ଚାନ୍ଦା ଟଙ୍କାରେ ନିର୍ବାଚନ ବୈତରଣୀ ପାରି ହେବାପାଇଁ ନିଜ ବଡ଼ଭାଇ ମି: ଦାସଙ୍କୁ ବ୍ଲାକ୍‌ମେଲ କରି କମ୍ପାନୀ ପାଇଁ ସୁବିଧା କରାଇ ପାରିଛନ୍ତି। ମାଧବର ଇନ୍ଦ୍ରିୟ ଲାଳସାର ଶରବ୍ୟ ହୋଇ ଅସହାୟା ଯୁବତୀ କନ୍ୟା ଭାରତୀ ମାତୃତ୍ୱ ବରଣ କରିଛି। ମାତ୍ର ନିର୍ବାଚନ ପୂର୍ବରୁ ଓ ପରେ ଆତ୍ମସୁଖ ଓ ଆତ୍ମସମ୍ମାନ ପାଇଁ ନେତା ମାଧବ ଭାରତୀର ପତ୍ନୀତ୍ୱକୁ ଅସ୍ୱୀକାର କରି ଆତ୍ମହତ୍ୟାର ବାଟ ବତାଇ ଦେଇଛି। ନିର୍ବାଚନ ପରେ ମନ୍ତ୍ରୀତ୍ୱ ପାଇଁ ଦଳ ବଦଳାଇବାକୁ ମଧ୍ୟ ଉଦ୍ୟମ କରିଛନ୍ତି। ମାଧବର ନୀତିହୀନତା ଓ ନୀଚତାର ବିରୋଧ କରି ଭିଣୋଇ ନରୋତ୍ତମ ଶେଷରେ ମାଧବର ଆଘାତରେ ରକ୍ତାକ୍ତ ହୋଇଛନ୍ତି। ମି: ଦାସଙ୍କ ନାମରେ ଗଜାନନ କମ୍ପାନୀ ଖାତାରେ ଥିବା ମୋଟା ଟଙ୍କାର ଚେକର ସୂତ୍ରଧରି ଭିଜିଲାନ୍‌ସ ବିଭାଗ କେସ୍ କରିବା ଫଳରେ ସେ ଚାକିରୀରୁ ନିର୍ବାସିତ, ନିର୍ବାଚନ ଖର୍ଚ୍ଚ ତୁଲାଇବା ପାଇଁ ଲକ୍ଷ୍ମୀମିଲ୍ ଯେତେବେଳେ ପ୍ରତି ଦଶବସ୍ତା ଅଟାରେ ଏକବସ୍ତା ପୋକରା ମକା ଓ ଏକବସ୍ତା ତେନ୍ତୁଳି ମଞ୍ଜିଗୁଣ୍ଡ ମିଶାଇ ବଜାରକୁ ଛାଡ଼ିଛନ୍ତି ସେତେବେଳେ ନରୋତ୍ତମ ଦାସ ଏହାର ପ୍ରତିବାଦ କରିଛନ୍ତି। ନିଜର ଅପକର୍ମ ପାଇଁ ଲକ୍ଷ୍ମୀଦେବୀ ଯେଉଁ ଯୁକ୍ତି ବାଢ଼ିଛନ୍ତି ସେଥିରୁ ସ୍ୱାଧୀନ ଭାରତର ଲାଭଖୋର ବ୍ୟବସାୟୀମାନଙ୍କ ଚିନ୍ତାଧାରାକୁ ସହଜରେ ଧରିହୁଏ। ତାଙ୍କର ଯୁକ୍ତି "ବନ୍ୟା, ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଲୋକଙ୍କର ଖାଦ୍ୟ ପଦାର୍ଥରେ ପୋକରା, ଗଣ୍ଡିଆ ବାଛିବା ଗୋଟାଏ ବିଳାସ— ଯେଉଁ ଦେଶରେ ଲୋକେ ନୋଟ୍ ବଦଳରେ ଭୋଟ୍ ଦିଅନ୍ତି, ସେଠି ଲୋକ ଅନ୍ୟ କ'ଣ ଆଶା କରିପାରିବ"। ନିର୍ବାଚନରେ ମାଧବ ବାବୁ ଜୟଲାଭ କରିବାପରେ ବିଭିନ୍ନ ସୁବିଧାବାଦୀ ବ୍ୟବସାୟ ପ୍ରତିଷ୍ଠାନ ଫୋନ୍ ଯୋଗେ ଅଭିନନ୍ଦନ ଜଣାଇଛନ୍ତି। ମାତ୍ର ହିନ୍ଦୁସ୍ଥାନ ଟ୍ରେଡ଼ର୍ସର ଏଜେଣ୍ଟ ମି: ଶ୍ୟାମଲ ମି: ଦାସ ଚାକିରୀରୁ ସସ୍‌ପେଣ୍ଡ ହେବାଜାଣି ତାଙ୍କଠାରୁ ସମ୍ପର୍କ ତୁଟାଇ ନିର୍ବାଚିତ ପ୍ରତିନିଧି ମାଧବଙ୍କଠାରୁ ବ୍ୟବସାୟଗତ ଫାଇଦା ଉଠାଇବାପାଇଁ ନିଜେ ଅଭିନନ୍ଦନ ଜଣାଇବାକୁ ଆସି ମିସେସ୍ ଦାସଙ୍କଦ୍ୱାରା ଅପମାନିତ ହୋଇ ଫେରିଯାଇଛନ୍ତି।

ଉପରେ ସାମାଜିକ ନାଟକ ଗୁଡ଼ିକର ଗଳ୍ପାଂଶ ଓ ଚରିତ୍ର ସମ୍ପର୍କରେ ଯେଉଁ ଆଲୋଚନା କରାଯାଇଛି ତହିଁରୁ ନାଟ୍ୟକାର ମିଶ୍ରଙ୍କ ସମାଜ ସଚେତନତା ଏବଂ ଉଚ୍ଚ ସାମାଜିକ ଆଦର୍ଶ ପ୍ରତିଷ୍ଠା ଆଭିମୁଖ୍ୟର ସୂଚନା ମିଳେ। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟେକ ନାଟକ ଚରିତ୍ର ପ୍ରଧାନ ନାଟକ ହୋଇଥିବାରୁ ସେ ଗଳ୍ପାଂଶ ଅପେକ୍ଷା ଚରିତ୍ର ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। "ସେବିକା" ନାଟକରେ ଚରିତ୍ରମାନଙ୍କର ଆତ୍ମିକ ଅନ୍ତର୍ଦାହ ଏବଂ ଘରସଂସାର, ମମତା ଓ

Digitized by PPRACHIN, SOA

ନରୋତ୍ତମ ଦାସ କହେ ପ୍ରଭୃତି ନାଟକରେ ଚରିତ୍ରମାନଙ୍କର ମାନସିକ ବିରୋଧ ଓ ବିପ୍ଳବକୁ ସେ ଯେପରି ଉପସ୍ଥାପନା କରିଛନ୍ତି ତାହା ତାଙ୍କ ଉଚ୍ଚକୋଟୀର ଚରିତ୍ର-ଚିତ୍ରକରର ସମ୍ମାନ ପ୍ରଦାନ କରିଛି। ନାଟକର ଗତି ପରିଣତି ପାଇଁ ଚରିତ୍ରର ବିକାଶ ଓ ପରିବର୍ତ୍ତନ ବହୁ ପରିମାଣରେ ଦାୟୀ। ନାଟ୍ୟକାର ମିଶ୍ରଙ୍କର ପ୍ରଣୀତ ନାଟକାବଳୀ ମଧ୍ୟରେ ଆଦର୍ଶବାଦୀ ମୁଖ୍ୟ ଚରିତ୍ର ଗୁଡ଼ିକର ଚାରିତ୍ରିକ ସୌନ୍ଦର୍ଯ୍ୟ ପ୍ରତିଷ୍ଠା ଏବଂ ନାଟକୀୟ ଦ୍ୱନ୍ଦ୍ୱକୁ ଦୀର୍ଘସ୍ଥାୟୀ କରିବାପାଇଁ ବହୁ ବିପରୀତ ମୁଖୀ ଗୌଣ ଚରିତ୍ରର ଅବତାରଣା କରିଛନ୍ତି। ସମାଜର ବିଭିନ୍ନ ସ୍ତରରୁ ଆହୃତ ଚରିତ୍ରଗୁଡ଼ିକୁ ଜୀବନ୍ତ ଓ ବାସ୍ତବ ଭାବେ ପରିବେଷଣ କରିଥିଲେ ହେଁ ତାଙ୍କ ନାଟକାବଳୀରେ କେତେକ ଅନାବଶ୍ୟକ ଚରିତ୍ର ଦୃଷ୍ଟିଗୋଚର ହୁଏ। ପୁରୁଷ-ଚରିତ୍ର ଅପେକ୍ଷା ନାରୀଚରିତ୍ର ଚିତ୍ରଣରେ ସିଦ୍ଧହସ୍ତତାର ପରିଚୟ ମିଳେ। ତାଙ୍କ ନାଟକ ଗୁଡ଼ିକରେ ପ୍ରଚ୍ଛନ୍ନତା ବା ବିସ୍ମୟ (Suspense) ରକ୍ଷାକରିବାରେ ସେ ସଫଳହୋଇ ପାରିନାହାନ୍ତି। ସଂଳାପ ସ୍ୱାଭାବିକ ଓ ପାତ୍ରୋପଯୋଗୀ ହେଲେହେଁ 'ଘରସଂସାର' ଓ 'ଭାଇଭାଉଜ' ନାଟକରେ ଅଯଥା ଦୀର୍ଘ ଓ ମଧ୍ୟଯୁଗୀୟ ଉତ୍ତେଜନାରେ ପୂର୍ଣ୍ଣ। ଶ୍ରୀଯୁକ୍ତ ମିଶ୍ରଙ୍କ ନାଟକାବଳୀରେ ସଂଯୋଜିତ ସଙ୍ଗୀତଗୁଡ଼ିକ କବିମଞ୍ଜୁଳ କୃଷ୍ଣପ୍ରସାଦ, କବିଚନ୍ଦ୍ର କାଳୀଚରଣ ଓ କିଶୋରକବି ଶ୍ୟାମସୁନ୍ଦରଙ୍କଦ୍ୱାରା ରଚିତ। ଅଧିକାଂଶ ସଙ୍ଗୀତ ନାଟକାବଳୀର ବିଭିନ୍ନ ଚରିତ୍ରକୁ ବଳିଷ୍ଠ କରିବାରେ ଏବଂ ଉପଯୁକ୍ତ ବାତାବରଣ ସୃଷ୍ଟିରେ ସହାୟକ ହେଲେହେଁ ଦୀର୍ଘ ହେତୁ ବିରକ୍ତିକର ବୋଧହୁଏ। କବିଚନ୍ଦ୍ର କାଳୀଚରଣ ତାଙ୍କ ସୃଷ୍ଟ ନାଟକ ଗୁଡ଼ିକରେ ପ୍ରବର୍ତ୍ତନ କରିଥିବା ଢଉରସିନ୍ ପରବର୍ତ୍ତୀକାଳର ନାଟ୍ୟକାରମାନଙ୍କଦ୍ୱାରା ଅନୁସୃତ ହୋଇଥିଲା। ଢଉରସିନ୍‌ର ସ୍ଥାନ ହେଉଛି ରାଜପଥ, ଗ୍ରାମପଥ, ଅଳିନ୍ଦ ବା ପ୍ରାନ୍ତର। ଢଉରସିନ୍ ପ୍ରବର୍ତ୍ତନ ଫଳରେ ନାଟ୍ୟକାର କାଳିଚରଣ ରଙ୍ଗମଞ୍ଚରେ ସେଟ୍‌ସିନ୍ ପ୍ରସ୍ତୁତ କରିବାର ଅସୁବିଧା ଦୂରକରିବା ସଙ୍ଗେ ସଙ୍ଗେ ନିଜର ସଙ୍ଗୀତ ପ୍ରତିଭାର ସଫଳ ବିନିଯୋଗ ପାଇଁ ଲୀଳାଯାତ୍ରାପ୍ରିୟ ଓଡ଼ିଶା ଦର୍ଶକମାନଙ୍କୁ ଆମୋଦିତ କରିବାକୁ ସକ୍ଷମ ହୋଇ ପାରିଥିଲେ। ଶ୍ରୀଯୁକ୍ତ ମିଶ୍ରଙ୍କ ନାଟକ ଗୁଡ଼ିକରେ ଭିକ୍ଷୁକ, ଯୋଗୀ, ବୈଷ୍ଣବ ଓ ଅନ୍ଧ ବ୍ୟକ୍ତିମାନଙ୍କ ମୁହଁରେ ଯେଉଁ ସଙ୍ଗୀତ ଦିଆଯାଇଛି ତାହା ଯାତ୍ରାରେ ନିୟତି ଭୂମିକାର ଭ୍ରମ ସୃଷ୍ଟି କରେ। 'ପୁଅାଣୀଘର' ନାଟକର ତୃତୀୟ ଅଙ୍କ ପ୍ରଥମ ଦୃଶ୍ୟରେ ଦୀର୍ଘ ପାଞ୍ଚପୃଷ୍ଠା ବ୍ୟାପି ସଂଯୋଜିତ ଗୀତ ନାଟକଟିକୁ ଭେରାଇଟ୍ ଏଣ୍ଟରଟେନ୍‌ମେଣ୍ଟ ସ୍ତରକୁ ଘେନି ଆସିବା ସଙ୍ଗେ ସଙ୍ଗେ ଗୀତିନାଟ୍ୟରେ ସଂଯୋଜିତ ଫାର୍ଶ ବା ପ୍ରହସନର ଭ୍ରମ ସୃଷ୍ଟିକରେ। ଏପରିକି ୧୯୬୯ ମସିହାରେ ରଚିତ 'ନରୋତ୍ତମ ଦାସ କହେ' ନାଟକର ଦ୍ୱିତୀୟ ଅଙ୍କ ୪ର୍ଥ ଦୃଶ୍ୟରେ ନରୋତ୍ତମ ଦାସଙ୍କ ମୁହଁରେ ଯେଉଁ ଦୀର୍ଘ ନାନାବାୟା ଗୀତ ସଂଯୋଜନା କରାଯାଇଛି ତାହା ମଧ ଦର୍ଶକର ଧୈର୍ଯ୍ୟଚ୍ୟୁତି ଘଟାଇଥାଏ। ଗୀତ ପାଇଁ ଗୀତ ସଂଯୋଜନା ରୀତିରେ ଘରସଂସାର ନାଟକର ଦ୍ୱିତୀୟ ଅଙ୍କ

Digitized by PPRACHIN, SOA

୨ୟ ଦୃଶ୍ୟରେ ଜଣେ ରିଜେକ୍‌ଟେଡ୍ ଲଭର ମୁହଁରେ ଯେଉଁ ହିନ୍ଦୀ ଗୀତ ଦିଆଯାଇଛି ତାହା ପେଷାଦାର ରଙ୍ଗମଞ୍ଚର ବରାଦ ତାଲିମ କରିବାରେ ନାଟ୍ୟକାର କିପରି ଅସହାୟ ତାହାର ଏକ ନଗ୍ନ ଉଦାହରଣ। ଏ ଦିଗରେ ଓଡ଼ିଆ ନାଟ୍ୟ ପରମ୍ପରାକୁ ଏଡ଼ି ଦେବାପାଇଁ ନାଟ୍ୟକାର ମିଶ୍ର ସାହସ କରିପାରିନାହାନ୍ତି। ଜୀବନ ପରି ନାଟକକୁ ଗତିଶୀଳ କରିବାପାଇଁ ଦ୍ୱନ୍ଦ ଅପରିହାର୍ଯ୍ୟ। ବିଭିନ୍ନ ଚରିତ୍ରର ସଙ୍ଘର୍ଷରେ ନାଟକୀୟ କଥାବସ୍ତୁର ଆରମ୍ଭ ଏବଂ ତାର ପରିସମାପ୍ତି ନାଟକର ଅବସାନ— ରୀତି ସେ ସବୁ ସମୟରେ ଅନୁସରଣ କରି ନଥିଲେ ହେଁ, ବିପରୀତ ମୁଖୀ ଚରିତ୍ର ସୃଷ୍ଟି ଏବଂ ବିରୋଧାତ୍ମକ ଆଦର୍ଶ ଓ ଭାବ ପ୍ରତିଷ୍ଠାକରି ସେ ନାଟକଗୁଡ଼ିକୁ ଦ୍ୱନ୍ଦମୁଖର କରିଥିବାରୁ ତାହା ଚିତ୍ତାକର୍ଷକ ହୋଇପାରିଛି। 'ମୂଳିଆ' ନାଟକର ପ୍ରଥମ ଅଙ୍କ ୨ୟ ଦୃଶ୍ୟରେ ଫଳପୂର୍ଣ୍ଣ ପିଜୁଳିଗଛ ଦେଖି ସ୍କୁଲରୁ ଫେରୁଥିବା ରାଜ, ସର ଓ ନବାର ଆଲୋଚନା, ନବାର ଗଛରେ ଚଢ଼ିବା ଓ ଧଡ଼ି ମହାପାତ୍ର ପିଜୁଳି ଗଛରେ ଟିଣବାନ୍ଧି ହଲାଉଥିବା ପ୍ରଭୃତି ଦୃଶ୍ୟ ପରିକଳ୍ପନା ମଞ୍ଚୋପଯୋଗୀ ହୋଇନାହିଁ। ସେହିପରି 'ଭାଇଭାଉଜ' ନାଟକର ପ୍ରଥମ ଅଙ୍କ ୫ମ ଦୃଶ୍ୟରେ ମୃତ ବଡ଼ ସାଉକାରକୁ କାନ୍ଧରେ ଧରି ମହିପ୍ରଧାନ ରଙ୍ଗମଞ୍ଚ ମଧ୍ୟକୁ ପ୍ରବେଶ କରିବା ଦୃଶ୍ୟ ଦର୍ଶକ ମନରେ ଯାତ୍ରା ଭ୍ରମ ସୃଷ୍ଟି କରିଥାଏ। ନାଟକ ଗୁଡ଼ିକରେ ଉଚ୍ଚକୋଟୀର ହାସ୍ୟରସର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ। 'A nation is known through its stages' 'ଗଲ୍‌ସଓ୍ୟାର୍ଦ୍ଦିଙ୍କର' ଏ ଉକ୍ତି ଓଡ଼ିଶାର ବିଭିନ୍ନ ରଙ୍ଗମଞ୍ଚରେ ଅଭିନୀତ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକଗୁଡ଼ିକରେ ସାର୍ଥକ ହୋଇପାରିଛି। ଓଡ଼ିଆ ସମାଜ ଜୀବନର ବିଭିନ୍ନ ଚିତ୍ର ତାଙ୍କ ନାଟକାବଳୀରେ ଯେପରି ଉତ୍କୀର୍ଣ୍ଣ ହୋଇଛି ତହିଁରୁ ପ୍ରାଚୀନ ପରମ୍ପରା ପୁଷ୍ଟ ଓ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ପ୍ରଭାବିତ ଓଡ଼ିଆ ସମାଜକୁ ଚିହ୍ନିବାରେ ଅସୁବିଧା ହୁଏନାହିଁ। ନାଟକର ସାହିତ୍ୟିକ ମର୍ଯ୍ୟାଦା ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାଚ୍ୟ ପ୍ରାଶ୍ଚାତ୍ୟ ନାଟ୍ୟତତ୍ତ୍ୱ ପ୍ରଣେତାଗଣ ଯେଉଁ ଅଭିମତ ପ୍ରକାଶ କରିଯାଇଛନ୍ତି, ନାଟ୍ୟକାର ମିଶ୍ର ତାର ପୋଷକତା କରିଛନ୍ତି। The Indian Theater ପୁସ୍ତକରେ ଆଲୋଚକ ଚନ୍ଦ୍ରଭାନୁଗୁପ୍ତ ନାଟକର ଉଦ୍ଦେଶ୍ୟ ସମ୍ପର୍କରେ ସଂସ୍କୃତ ଆଳଂକାରିକ ମମ୍ମଟଙ୍କ ମତର ବିଶ୍ଳେଷଣ କରି କହିଛନ୍ତି—'The purpose of a play like that of all poetry is to please and to instruct in a pleasing manner is the style of a loving wife, as Mammata puts it.' ଏ ଦୃଷ୍ଟିରୁ ବିଚାର କଲେ ତାଙ୍କର ନାଟକ ଗୁଡ଼ିକ ସଫଳ ହୋଇପାରିଛି। ପେଷାଦାର ରଙ୍ଗମଞ୍ଚର ବରାଦ ଏବଂ ଓଡ଼ିଆ ନାଟ୍ୟ ପରମ୍ପରାକୁ ଅନୁସରଣ କରି ନାଟକ ରଚନା କରିଥିବାରୁ ନାଟ୍ୟକାର ମିଶ୍ରଙ୍କ ନାଟକାବଳୀରେ ପରିବେଷଣ ଜନିତ କେତେକ ତ୍ରୁଟି ପରିଲକ୍ଷିତ ହେଲେହେଁ ଯୁଗପତ୍ ଆନନ୍ଦ ଓ ଶିକ୍ଷା ପ୍ରଦାନ କରିବା ପ୍ରବୃତ୍ତିକୁ ସେ ଅବ୍ୟାହିତ ରଖିପାରିଛନ୍ତି।

—o—

Digitized by PPRACHIN, SOA

ଓଡ଼ିଆ ନାଟକର 'ସୁବର୍ଣ୍ଣଯୁଗ'ର ନେତା ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟଦୃଷ୍ଟି

ଅଧ୍ୟାପକ ହରିହର ମିଶ୍ର

"The function of art is to assist the development of man's consciousness to improve social system." ନାଟକ ଭାବ ପ୍ରସାରର ପ୍ରକୃଷ୍ଟ ମାଧ୍ୟମ। ବିଭିନ୍ନ କଳାର ସମନ୍ୱୟ ନାଟକକୁ ଏକ 'ମିଶ୍ରକଳା'ରେ ପରିଣତ କରିଛି। ସଂଗୀତ, ନୃତ୍ୟ ଓ ଅଭିନୟକୁ ନାଟକ ରୂପେ ଅଭିହିତ କରାଯାଇଥିବା ସତ୍ତ୍ୱେ ଏଥିରେ ଧ୍ୱନି, ଆଲୋକ, ସାଜସଜ୍ଜା ଆଦି ମଞ୍ଚର ପରିପାଟୀକୁ ନେଇ ଏହା ସମସ୍ତ ପ୍ରକାର ଚାରୁକଳା ଓ କାରୁକଳାର ମୂର୍ତ୍ତିମନ୍ତ ପରିପ୍ରକାଶ ହୋଇ ପାରିଛି। ମଞ୍ଚଦୃଷ୍ଟି ସହିତ ନାଟ୍ୟକାରର ଜୀବନ ଦୃଷ୍ଟି ମିଶି ଯେଉଁ 'ନାଟ୍ୟଦୃଷ୍ଟି'ଟି ପ୍ରକାଶ ଲାଭ କରେ ତାହା ଅନୁରୂପ ଭାବେ ଅଭ୍ୟସ୍ତ ଦର୍ଶକର ରୁଚି ସହିତ ଖାପ ଖାଇ ଆଗେଇ ଥାଏ ଓ ଆବଶ୍ୟକ ହେଲେ ଦର୍ଶକର ରୁଚିକୁ ଗଢ଼ିଥାଏ।

ପରମ୍ପରା ଦର୍ଶକର ଏହି ଅଭ୍ୟସ୍ତ ରୁଚି ଭିତରେ ଲୁକ୍କାୟିତ ଥାଏ। କିନ୍ତୁ ସଂଭ୍ରାନ୍ତ ଓ ଲୋକ ନାଟକ ଭିତ୍ତିରେ ଏହି ପରମ୍ପରାରେ ପରିବର୍ତ୍ତନ ଆସେ ପରିବର୍ତ୍ତିତ ଲୋକରୁଚି ମାଧ୍ୟମରେ। ଲୋକରୁଚିରେ ପରିବର୍ତ୍ତନ ଆଣେ ନାଟ୍ୟକାର। ନାଟ୍ୟକାର ସହିତ ସମଭାବରେ ସଂପୃକ୍ତ ହୋଇଥାନ୍ତି ନିର୍ଦ୍ଦେଶକ ଓ ସମସ୍ତ ମଞ୍ଚଶିଳ୍ପୀ। ନାଟ୍ୟ ଦୃଷ୍ଟି ପ୍ରକାଶ ପାଇ ପ୍ରତିଷ୍ଠିତ ହେବା ପାଇଁ ବହୁ ସମୟ ନିଏ। ମଞ୍ଚଶିଳ୍ପର ବିକାଶ ସ୍ତରରେ ଏହା ଦେଖାଦିଏ ଏକ ସମନ୍ୱିତ ସୃଷ୍ଟି ଶିଳ୍ପଭାବରେ। ଓଡ଼ିଆ ନାଟକର ପ୍ରାରମ୍ଭିକ ଯୁଗରେ ସମାଜ ସଂସ୍କାର, ଜାତୀୟତାବୋଧ ଓ ସାଂସ୍କୃତିକ ଅଭିରୁଚିର ବିକାଶ ହୁଏ। ପ୍ରାଚ୍ୟ, ପାଶ୍ଚାତ୍ୟ ଏବଂ ଲୋକ ନାଟକର ପଦ୍ଧତି ବିବର୍ତ୍ତିତ ହୋଇ ସୌଖୀନ୍ ଭାବେ ମାହାଙ୍ଗା, କୋଠପଦା, ପାରଳାଖେମୁଣ୍ଡି ଏବଂ ବହୁ ଗଡ଼ଜାତର ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତାରେ ପରିପୁଷ୍ଟ ହୋଇଛି। ତଥାପି କଟକଠାରେ ପାଞ୍ଚୋଟି ମଞ୍ଚ ସ୍ଥାପିତ ହୋଇଥିଲେ ମଧ୍ୟ ଥିଏଟର ଦଳଟିଏ ପ୍ରତିଷ୍ଠିତ ହୋଇପାରି ନଥିଲା। ଆଚାର୍ଯ୍ୟ ଭରତଙ୍କ ମତରେ କଳାକୁ ବୃତ୍ତିରେ ପରିଣତ କରି ନ ପାରିଲେ ଅଙ୍ଗୀକାର ବଦ୍ଧ ହୋଇ ଶିଳ୍ପୀ କଳାକ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିବା ଅସମ୍ଭବ। ବିଶେଷତଃ ନାଟ୍ୟ ପ୍ରଦର୍ଶନରେ ବ୍ୟବସାୟିକ ଧାରାବାହିକତା ନଥିଲେ ମଞ୍ଚଶିଳ୍ପର ଈପ୍‌ସିତ ସଂଭାବନା ପୂରଣ ହେବା ଅନିଶ୍ଚିତ। ୧୯୦୮ ମସିହାରେ ପୁରୀ ଜିଲ୍ଲା ବଳଙ୍ଗାର ବନମାଳୀ ପତି 'ରାଧାକୃଷ୍ଣ ଥିଏଟର୍ସ' ପ୍ରତିଷ୍ଠା କରି ୧୯୧୧ ବେଳକୁ ଲୋକପ୍ରିୟ ହେଲା ପରେ ନାଟ୍ୟ ସମ୍ରାଟ ଅଶ୍ୱନୀ କୁମାର ଘୋଷଙ୍କ ନାଟକକୁ ନେଇ ୧୯୧୪ରୁ ୧୯୨୭ ପର୍ଯ୍ୟନ୍ତ (ଅର୍ଥାତ୍ "ସେଓଜୀ"ରୁ "କୋଣାର୍କ" ପର୍ଯ୍ୟନ୍ତ) ଏକ ଧାରାବାହିକତା ସୃଷ୍ଟି କଲେ। ଏହି ଦଳ ଭାଙ୍ଗିଯାଇ 'ବନମାଳି ଆର୍ଟ ଥିଏଟର୍ସ'ରେ ପରିଣତ ହେଲା ଓ ସ୍ୱର୍ଗତଃପତିଙ୍କ ବିୟୋଗ ପରେ ଅଶ୍ୱିନୀବାବୁ ୧୯୩୫ ପର୍ଯ୍ୟନ୍ତ କଷ୍ଟେମଷ୍ଟେ

Digitized by PPRACHIN, SOA

ଏହାକୁ ଚଳେଇନେଲେ କିନ୍ତୁ ଏହି ଯନ୍ତଣାର ବିନିମୟରେ ସେ ତାଙ୍କର ସାମାଜିକ, ଐତିହାସିକ, ସାଂସ୍କୃତିକ ମଞ୍ଚଶିଳ୍ପକୁ ପରିବର୍ଦ୍ଧିତ କରିବାକୁ ଦେଇଥିଲେ ପରବର୍ତ୍ତୀ ନାଟ୍ୟକାର କବିଚନ୍ଦ୍ର କାଳୀଚରଣଙ୍କୁ। ସ୍ୱର୍ଗତଃ ଗୋବିନ୍ଦ ଶୂରଦେଓ ଓ କାଳୀଚରଣ ଲୋକନାଟ୍ୟ ପଦ୍ଧତିରେ ରାସ କରି, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି ଯାତ୍ରା ଓ ଗୀତିନାଟ୍ୟ କରି ନାଟ୍ୟକଳାର ଉର୍ବର କ୍ଷେତ୍ରକୁ ଦିଗନ୍ତ ପ୍ରସାରୀ କରି ଗଢ଼ିଥିଲେ। ୧୯୩୫ରେ ବାଳକୃଷ୍ଣ ମହାନ୍ତିଙ୍କ ଯାତ୍ରା ଦଳରୁ ଆସି ମଞ୍ଚଶ୍ରୀ ବାଉରୀବଂଧୁ ମହାନ୍ତି ଭାଙ୍ଗି ଯାଉଥିବା ଦଳରୁ କଳାକାରମାନଙ୍କୁ ମିଶେଇ ନୂତନ ରକ୍ତର ସଞ୍ଚାର କଲେ ମୁମୂର୍ଷୁ ମଞ୍ଚ ଇତିହାସରେ। ଏହି ନାଟ୍ୟମଣ୍ଡଳୀ "ଅନ୍ନପୂର୍ଣ୍ଣା ଥିଏଟର୍ସ" ନାମରେ ନାମିତ ହେଲା। ୧୯୩୯ ବେଳକୁ ଅଶ୍ୱିନୀବାବୁଙ୍କ କନିଷ୍ଠ ଭ୍ରାତା ଅଭିଜ୍ଞ ମଞ୍ଚଶିଳ୍ପୀ କାର୍ତ୍ତିକ ଘୋଷଙ୍କ P.W.D. ଭଳି କେତେକ ବଂଗଳା ଅନୂଦିତ ନାଟକ ଏଥିରେ ଅଭିନୀତ ହେଲା। ସେହି ସମୟରେ ଓଡ଼ିଶାର ଅଭିନେତା, ଅଭିନେତ୍ରୀମାନେ ଏକାଠି ମିଶି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଓ କାଳୀଚରଣଙ୍କ "ଓଡ଼ିଶା ଥିଏଟର୍ସ୍"କୁ ଏକ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲାଗି ପଡ଼ିଲେ। ଅନ୍ନପୂର୍ଣ୍ଣା ଥିଏଟର୍ସ୍‌ରେ ଅଭିନେତା, ଅଭିନେତ୍ରୀମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଏହାକୁ ୧୯୪୫ରେ ଦୁଇଭାଗ କରିଦିଆଗଲା। ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ହିଁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଭଂଜକିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟଙ୍କ ଭଳି ନାଟ୍ୟ ପ୍ରତିଭାର ଲାଳନ ଭୂମି ହୋଇ ପଡ଼ିଲା। ବ୍ୟବସାୟୀ ରଙ୍ଗମଞ୍ଚ କ୍ଷେତ୍ରରେ ସାମାଜିକ ଚେତନାର ସ୍ୱର୍ଣ୍ଣଯୁଗ ସେହିଠାରୁ ଆରମ୍ଭ ହେଲା ବୋଲି ଆଜି ଆଲୋଚକମାନଙ୍କ ଦୃଢ଼ମତ। ଆଜି ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଭାଷାରେ କହିଲେ "ସେହି ସ୍ୱର୍ଣ୍ଣଯୁଗର ନେତା ହେଉଛନ୍ତି ନାଟ୍ୟକାର ରାମଚନ୍ଦ୍ର ମିଶ୍ର।" (ପ୍ରଜାତନ୍ତ୍ର ୮-୭-୯୨) ଏହି ଉକ୍ତିର ଯଥାର୍ଥତା ରାମଚନ୍ଦ୍ର ମିଶ୍ରଙ୍କ ସବିଶେଷ ନାଟ୍ୟ ଦୃଷ୍ଟି ଭିତରେ ନିହିତ। ତାଙ୍କୁ "ସ୍ୱର୍ଣ୍ଣଯୁଗର ନେତା" ଭାବେ ଅଭିହିତ କରି ତାଙ୍କର ସମସାମୟିକ ଯୁଗସ୍ରଷ୍ଟା ନାଟ୍ୟକାର ମନୋରଂଜନ ତାଙ୍କ ବିୟୋଗରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ମନ୍ତବ୍ୟ ସହିତ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଆମକୁ ଦେଖିବାକୁ ପଡ଼ିବ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସେହି ସବିଶେଷ ନାଟ୍ୟ ଦୃଷ୍ଟିର ସ୍ୱତନ୍ତ୍ରତା ରହିଛି କେଉଁଠି? ଏଥି ପୂର୍ବରୁ ସେ ୧୯୪୩ ମସିହାରେ କଟକର ମାଣିକଘୋଷ ବଜାରରେ ପ୍ରତିଷ୍ଠିତ ଭାରତୀ ଥିଏଟରସ୍‌ରେ 'ଅଭିମାନ' ନାଟକ ଲେଖି ମଞ୍ଚସ୍ଥ କରାଇଥିଲେ। ଏହା ଏକାଦିକ୍ରମେ ମାସେ ଚାଲିଥିଲା ଓ ଏଥିରେ ନାଟ୍ୟକାର ଗୋପାଳ ଛୋଟରାୟ ମଧ ଅଭିନୟ କରିଥିଲେ। ଏହାରି ପ୍ରତିକ୍ରିୟାରେ କାଳୀଚରଣ "ଅଭିମାନ"ର ମହୌଷଧି ଖୋଜିବାକୁ "ଚୁଂବନ" ଲେଖି ଓଡ଼ିଶା ଥିଏଟରସ୍‌ରେ ମଞ୍ଚସ୍ଥ କରାଇଥିଲେ। ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ରେ ୧୯୪୫ରେ ଅଭିନୀତ ହେଲା "ମ୍ୟାନେଜର"। ତା'ପରେ 'ମୂଲିଆ'। ସାମୁଏଲ ସାହୁ (ବାବି) ଏହାର ନିର୍ଦ୍ଦେଶନା ଓ ରଚନାରେ ମଧ ସହଯୋଗ କରିଥିଲେ। 'ବି'ଗ୍ରୁପ୍ କଳାକାର ଗୋଷ୍ଠୀର ନୂତନ ପ୍ରେରଣାରେ ରାମଚନ୍ଦ୍ର ଗୋଟିଏ ପରେ ଗୋଟିଏ ନାଟକ ଲେଖି ମଞ୍ଚସ୍ଥ କରିବାକୁ ଆରମ୍ଭ କଲେ। ସେତେବେଳେ 'ଏ' ଗ୍ରୁପ୍‌ରେ ଅଶ୍ୱିନୀକୁମାର ଓ କାର୍ତ୍ତିକ ବାବୁଙ୍କ ନାଟକର ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ ବି ସେଗୁଡ଼ିକ

Digitized by PPRACHIN, SOA

ଥିଲା ପୁରାଣାଶ୍ରିତ ସମାଜ ସଂପର୍କିତ ଭକ୍ତି ରସାଣିତ ନାଟକ । (ଶ୍ରୀ ଲୋକନାଥ, ଚଣ୍ଡାଳୁଣୀ ଓ ବହୁ ପରେ ଲକ୍ଷ୍ୟହୀରା ଆଦି) । କିନ୍ତୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ନିଜର ମୌଳିକତା ଦର୍ଶାଇଲେ ପରିବର୍ତ୍ତିତ ସାମାଜିକ ପରିସ୍ଥିତିରେ ଓଡ଼ିଶାର ଜୀବନ ଧାରାରେ ମୂଲ୍ୟବୋଧର ଦ୍ୱନ୍ଦ୍ୱାତ୍ମକ ଚିତ୍ର ଦେବାରେ । ଜାତୀୟତା, ସମାଜ ସଂସ୍କାର, ଜମିଦାର ପ୍ରଥାର ପୁନରାବୃତ୍ତି ନ କରି ସେ ମନସ୍ତାତ୍ତ୍ୱିକ, ପାରିବାରିକ, ସାମାଜିକ କ୍ଷେତ୍ରରେ ପରିବର୍ତ୍ତିତ ବାସ୍ତବତା ଗୁଡ଼ିକ ପ୍ରତି ସଚେତନ କରାଇଲେ । ମାନବିକତାର ଶ୍ରମିକ ଶ୍ରେଣୀ, କୃଷକ ବର୍ଗ, ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ଚରିତ୍ର ସୃଷ୍ଟି କରି ସୁରୁଚି, ସୁନୀତି, ଶାନ୍ତି, ଅହିଂସାକୁ ମନୁଷ୍ୟତାର ଭିତ୍ତିରେ ଆଦର୍ଶ କରି ଗଢ଼ିଲେ । ତାଙ୍କର ଆଦର୍ଶବାଦ, ବାସ୍ତବତାର ପଟ୍ଟଭୂମି ଉପରେ ଦ୍ୱନ୍ଦ୍ୱାତ୍ମକ ପରିବେଶ ମାଧ୍ୟମରେ ଉପସ୍ଥାପିତ ହୋଇଥିବାରୁ ଏହାର କଳାତ୍ମକ ଆବେଦନ ଦର୍ଶକଙ୍କୁ ସ୍ପର୍ଶ କଲା ଓ ତାଙ୍କର ନାଟ୍ୟ ଚେତନା ବିଶ୍ୱାସନୀୟ ହୋଇ ଉଠିଲା । ଅଭିନୟର ମର୍ମସ୍ପର୍ଶୀ ଆବେଦନରେ ଦର୍ଶକଙ୍କୁ ଯଥେଷ୍ଟ ରସାପ୍ଳୁତ କରିବାରେ ସେ ହୋଇ ଉଠିଲେ ଆଦରଣୀୟ ନାଟ୍ୟକାର । ଗାନ୍ଧୀବାଦ ଉପରେ ପ୍ରତିଷ୍ଠିତ ସୁସ୍ଥ ରାଜନୀତିକୁ ସେ ସାରା ଜୀବନ ଅଙ୍ଗୀକାର କରି ଖଦଡ଼ ପରିଧାନ କରୁଥିଲେ । ଗର୍କି, ଗଲ୍‌ସୱାର୍ଦ୍ଧି, ମାମା ୱାରେକର୍, ଗିରୀଶ ଘୋଷ, ଦ୍ୱିଜେନ୍ଦ୍ର ଲାଲଙ୍କ ଭଳି ତାଙ୍କର ଚେତନା ଥିଲା ଭାରତ ତଥା ଓଡ଼ିଶାର ସାଧାରଣ ଜନ ଜୀବନ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ସେଥିପାଇଁ ମନୋରଞ୍ଜନଧର୍ମୀ ପେଶାଦାର, ରଙ୍ଗମଞ୍ଚରେ ନାଟକ ଲେଖି ଶେଷ ଜୀବନ ପର୍ଯ୍ୟନ୍ତ ଓଡ଼ିଆ ଆଧୁନିକ ନାଟକର ବିଭିନ୍ନ ସ୍ତର ସହିତ ସେ ଥିଲେ ପ୍ରତ୍ୟକ୍ଷଭାବେ ସଂପୃକ୍ତ । ତାଙ୍କ ଜୀବନରେ ସେ ଯେତେ ନାଟକ ଅଭିନୟ ଦେଖିଛନ୍ତି ମୁଁ ଜାଣିବାରେ ଏତେବେଶୀ ନାଟ୍ୟ ସଂପୃକ୍ତି କୌଣସି ନାଟ୍ୟକାର ବା ନାଟ୍ୟପ୍ରେମୀ ପାଖେ ରହିବା ସଂଭବ ନୁହେଁ । ଏପରିକି ୧୯୬୦ ପରେ ତାଙ୍କ ଲେଖା ଶିଥିଳ ହେଲା ପରେ ବି ୧୯୭୦ ଠାରୁ ୧୯୯୦ ପର୍ଯ୍ୟନ୍ତ ପ୍ରାୟତଃ ପ୍ରତ୍ୟେକ ନାଟକ ପ୍ରତିଯୋଗିତାରେ ସେ ଥିଲେ ଅବିଚ୍ଛିନ୍ନ ଭାବେ ବିଚାରକ । ତାଙ୍କ ସହିତ ଆମ ଭଳି କିଏ କେଉଁଠି ବସିଥାଇ ପାରନ୍ତି କିନ୍ତୁ ସେ ଥାଆନ୍ତି ସବୁଠି । ସେ ଯେତିକି ପେଷାଦାର ରଙ୍ଗମଞ୍ଚ ସହିତ ସଂଶ୍ଲିଷ୍ଟ ଥିଲେ, ସେ ସବୁ ପାଦ ପ୍ରଦୀପର ଐତିହାସିକ ଗୌରବ ଲିଭିଯିବା ସତ୍ତ୍ୱେ ବି ସେ ଥିଲେ ଅଧିକାଂଶ ସୌଖିନ ନାଟ୍ୟଚକ୍ର ସହିତ ସଂପୃକ୍ତ । କୌଣସି ପୁରସ୍କାର ଆଶାରେ ସେ ସଂପର୍କ ରଖୁ ନଥିଲେ କି ସାଲିସ୍ କରୁ ନଥିଲେ । ଆପଣା ବେସାଲିସ୍ ବ୍ୟକ୍ତିତ୍ୱର ଦାମ୍ଭିକତା ଅଯଥା ପ୍ରକାଶ ନ କରି ସେ ଥିଲେ ବିଶୁଦ୍ଧ କଳାନୁରାଗୀ ଏକ ଅତ୍ୟନ୍ତ ଉତ୍ସାହୀ ସ୍ଥିତପ୍ରଜ୍ଞ ମନିଷୀ । ତାଙ୍କର ଆତ୍ମୀୟତାର ସ୍ପର୍ଶ ଓଡ଼ିଶାର ପ୍ରତ୍ୟେକ ଶିଳ୍ପୀ ଓ ସାହିତ୍ୟିକମାନଙ୍କ ପାଖେ ବିଛେଇ ହୋଇ ପଡ଼ିଥିଲା । ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ସେ ଅନୁଶୀଳନ କରୁଥିଲେ ଜଣେ ରସ ଦ୍ରଷ୍ଟା ଲେଖକ ଭାବେ । ସ୍ୱର୍ଗତ ଗୋଦାବରୀଶ ମହାପାତ୍ରଙ୍କ ଭଳି ତାଙ୍କର ସ୍ୱଭାବ ସୁଲଭ ହାସ୍ୟ, ଲଘୁ ପ୍ରତ୍ୟୁତ୍ପନ୍ନମତିତା ଦେଖିଲେ ଯେ କେହି ହସି ହସି ବେଦମ୍ ହୋଇଯିବ । କିନ୍ତୁ ଅନ୍ୟ ଦ୍ୱାରା ହଠାତ୍ ପ୍ରଭାବିତ ହେବା ଭଳି ବ୍ୟକ୍ତି କେବେ ସେ ନଥିଲେ । ଏତେ ବେଶୀ ସଂପର୍କ ଯୋଡ଼ୁଥିବା ମଣିଷଟି ନିଜ ବିଚାର, ନିଜର ଉଦାର ମତାମତ ଜଣାଇଲା ବେଳେ

Digitized by PPRACHIN, SOA

ମନେହୁଏ ଅବୈର ମୈତ୍ରୀଭାବ ଓ ଅକ୍ଲିଷ୍ଟ କରୁଣା ତାଙ୍କ ଜୀବନ ଦର୍ଶନ ଓ ଜୀବନ ଚର୍ଯ୍ୟାରେ ସମ୍ମିଳିତ ହୋଇ ରହିଛି। ତେଣୁ ବୋଧେ ଅନ୍ନପୂର୍ଣ୍ଣା ଏ ଗ୍ରୁପ୍ ପାଇଁ ('ବି' ଗ୍ରୁପ୍ ବନ୍ଦ ହେଲା ପରେ) ୧୯୬୯ ରେ 'ନରୋତ୍ତମ ଦାସ କହେ' ନାଟକଟି ଲେଖି ସେ ପ୍ରାୟ ଏକ ଶିଖରରେ ପଦାର୍ପଣ କରିଛନ୍ତି ଓ ସତୁରୀ ଦଶକ ବେଳକୁ କିଛି କିଛି ହାତରେ କାମ ଥିଲେ ବି ସୌଖିନ ମଞ୍ଚ ପାଇଁ କିଛି ସେମିତି ଲେଖି ନାହାନ୍ତି। କିନ୍ତୁ ପେଷାଦାର ରଙ୍ଗମଞ୍ଚର ପ୍ରଚଳିତ ଶୈଳୀ ଭିତରେ ନୂତନ ଆସ୍ୱାଦନ ଦେଇଛନ୍ତି ନରୋତ୍ତମ ଦାସ ଭଳି ଏକ ଚରିତ୍ର ସୃଷ୍ଟି କରି। ଚରିତ୍ରଟି ସାଧାରଣ ମଣିଷକୁ ପ୍ରତିନିଧିତ୍ୱ କରେ। ତାକୁ ଫାଙ୍କି ଦେଇ ତା' ପ୍ରତି ଅନ୍ୟାୟ, ଅତ୍ୟାଚାର କରୁଥିବା ପ୍ରତିଷ୍ଠାବନ୍ତ ତଥାକଥିତ ସଫଳ ବ୍ୟକ୍ତି ଶେଷରେ ଅନୁତାପରେ ତା'ପାଦ ତଳେ ମୁଣ୍ଡ ନୁଆଁଏ। ସକଳ ସ୍ୱୈରାଚାର ଏକାଠି ଏହି ସମାଜବାଦୀ ଅମାୟିକ ବ୍ୟକ୍ତିତ୍ୱଟି ପ୍ରତି ଅସହିଷ୍ଣୁ ହୋଇ ପଡୁଥିଲେ ବି ଦିନେ ସେ ସବୁର ଗତି ହଠାତ୍ ଥମିଯାଏ ସରଳ ନିଷ୍କପଟ ମାନବବାଦୀ ବ୍ୟକ୍ତିତ୍ୱ ନିକଟରେ। ତେଣୁ କହିଲି, "ନରୋତ୍ତମ ଦାସ କହେ" ତାଙ୍କ ସାମାଜିକ ରାଜନୈତିକ, ପାରିବାରିକ ତଥା ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱାତ୍ମକ ସାଗର ମନ୍ଥନର ଏକ ଅମୃତମୟ ପରିଣତି। ଏହାକୁ ଆଧୁନିକ ନାଟ୍ୟକାରମାନେ ଖୋଜୁଥିଲେ ବହୁ ବାଟରେ। ପରେ ପରେ ସେ 'କଳାପାହାଡ଼' 'ମନ୍ତ୍ରୀଯୁଗ' ଏପରି କିଛି ମଞ୍ଚସ୍ଥ ହୋଇ ନଥିବା ନାଟକ ଲେଖିଥାଇ ପାରନ୍ତି। କିନ୍ତୁ 'ନରୋତ୍ତମ ଦାସ କହେ' ନାଟ୍ୟକାରଙ୍କ ସାମଗ୍ରିକ ନାଟ୍ୟ ଦୃଷ୍ଟିର ଏକ ସାର୍ଥକ ପ୍ରତିନିଧିତ୍ୱ କରିଛି । କବିଚନ୍ଦ୍ର କାଳୀଚରଣଙ୍କ 'ଭାତ' ନାଟକରେ "ଜୀବନଟା ତା'ର ହକ୍, କାହାର ଅନୁଗ୍ରହ ବା ଦୟା ଆଶା କରି ନୁହେଁ, ଲକ୍ଷ୍ୟ ତା'ର ଭିକ୍ଷା ନୁହେଁ - ଦାବୀ" ଏହାକୁ ଭଗ୍ନ ଭାବରେ ଗ୍ରହଣ ନ କରି ପରିବର୍ତ୍ତନ ଓ ପରଂପରା ଭିତରେ ଏକ ସର୍ତ୍ତକ ସେତୁବନ୍ଧ ନିର୍ମାଣ କରି ସେ ଲେଖିଛନ୍ତି—"ଭାଇ ଭାଉଜ" ନାଟକରେ ସେ ଲେଖିଛନ୍ତି— ଆମ ଦେଶର ସଭ୍ୟତା ବହୁ ପୁରୁଣା। ଯାର ଚେର ବହୁ ତଳେ, ଯା ଉପରେ ବହୁତ ଝଡ଼ଝଞ୍ଜା ବହି ଯାଇଛି କିନ୍ତୁ ଯା'ର ସଂସ୍ଥା ଭୁଷୁଡ଼ି ପଡ଼ିନି। ସଭ୍ୟତା କହିଲେ ସାଧାରଣତଃ ଆମେ ଯାହା ବୁଝୁ, ସେଇଆ ଆମ ସମାଜର ସଭ୍ୟତା ନୁହେଁ କିମ୍ବା ଏତେ ଦିନର ପୁରୁଣା ସଂସ୍ଥାକୁ ଭାଙ୍ଗି ଆମର ଏହି ସାଧାରଣ ସଭ୍ୟତା ଛାଞ୍ଚରେ ଏହାକୁ ନୂଆକରି ଗଢ଼ାଯାଇ ନପାରେ। ଆମ ସମାଜରେ ପରିବର୍ତ୍ତନ ଯେତେ ସମ୍ଭବ, ବିପ୍ଳବ ସେତେ ନୁହେଁ। ଏହି ହେଲା ଆମ ସମାଜ ଓ ସଂସ୍କୃତିର ବୈଶିଷ୍ଟ୍ୟ। ଏହି ସଭ୍ୟତା ଓ ସଂସ୍କୃତିରେ ଯାହା ନିତ୍ୟ ଓ ଶାଶ୍ୱତ ତାହାକୁ ଫେଡ଼ି, ବିଶ୍ଳେଷଣ କରି ଜନସମାଜ ସମ୍ମୁଖରେ ଉପସ୍ଥାପିତ କରିବା ହିଁ ନାଟ୍ୟକାର ମିଶ୍ରଙ୍କର ନାଟକ ରଚ୍‌ନାର ମୂଳ ଉଦ୍ଦେଶ୍ୟ। ଏହି ଶାଶ୍ୱତ ମୂଲ୍ୟବୋଧକୁ ଉତ୍ତମ ରୂପେ ହୃଦୟଙ୍ଗମ କରି 'ଘର ସଂସାର' ଓ 'ସାହିପଡ଼ିଶା'କୁ ସଠିକ୍ ଭାବେ ଚଳେଇବାକୁ ହେବ। 'ମମତା' ନେଇ 'ସେବିକା' ହୋଇ 'ମଉଡ଼ମଣି'କୁ ଖୋଜିବାକୁ ପଡ଼ିବ। କାଳୀଚରଣଙ୍କ ଭଳି ଶସ୍ତା ନାମ କରଣ ସାମାଜିକ ନାଟକ ନଦେଇ ନିଜର ନାଟ୍ୟଦୃଷ୍ଟିର ସମଗ୍ରତାକୁ ନେଇ ସେ ନିଜ ନାଟକର ନାମ କରଣ କରିଥିଲେ। ଗାର୍ଲସ୍କୁଲ୍, ଚୁମ୍ବନ, ହରଣଚାଳ ଆଦି ନାମକରଣର

Digitized by PPRACHIN, SOA

ଚଳନ୍ତି କାଟ୍ରି ରୂପରେ ତାଙ୍କର ନାମକରଣ ଭିତ୍ତି କରି ଗଢ଼ିଉଠିନାହିଁ। ଏଥିରେ ମାର୍କ୍ସ, ଲେନିନ୍ ଅପେକ୍ଷା ଗାନ୍ଧୀଙ୍କର, ଜୟପ୍ରକାଶଙ୍କର ସମାଜତତ୍ତ୍ୱ ତାଙ୍କ ସ୍ଥାୟୀ ଆଭିମୁଖ୍ୟକୁ ଆମ ଆଗରେ ଉଜ୍ଜ୍ୱଳ କରିଛି। ଏହାଦ୍ୱାରା ତାଙ୍କର ପରମ୍ପରା ପ୍ରତି ମୋହ ଯେତିକି ପରମ୍ପରାର ବଳିଷ୍ଠ ପ୍ରେରଣାରେ ବର୍ତ୍ତମାନକୁ ପୁନର୍ଗଠନ କରିବାର ପ୍ରବଣତା ବି ସେତିକି।

ପରମ୍ପରାଠାରୁ ସାଂପ୍ରତିକ ଦୃଷ୍ଟିଭଙ୍ଗୀର ବାସ୍ତବତା ପ୍ରତି ସେ ଦର୍ଶକମାନଙ୍କୁ ବେଶୀ ପ୍ରଭାବିତ କରିଥିଲେ। ସେଥିପାଇଁ ''ମୂଲିଆ'' ତାଙ୍କର ୧୧୨ ରାତି ଅଭିନୀତ ହୋଇ ଏକପ୍ରକାର ଚହଳ ସୃଷ୍ଟି କରିଥିଲା। ସେ ସବୁ ନାଟକରେ ଯାହା ସବୁ ଅସଂଗତ ମନେହୁଏ ସେଥିପାଇଁ ସେ ସମୟର ପେଷାଦାର ରଂଗମଞ୍ଚର ଅତି ନାଟକୀୟ ପରିବେଷଣ ରୀତି ହିଁ ଦାୟୀ। ସେହି ଧରଣର ନିର୍ଦ୍ଦେଶନା ଆଜି ଅଚଳ ହୋଇ ପଡ଼ିଛି ସାରା ଭାରତରେ ସବୁଠି।

ସଂଗୀତ, ନୃତ୍ୟ ପ୍ରତି ଯେଉଁ ସାହିତ୍ୟକ ତଥା ସାଂସ୍କୃତିକ ମୋହ ତାଙ୍କର ଥିଲା, ସେଥିରୁ ଏକ ଜୀବନୀ ମୂଳକ ନାଟକ ଲେଖା ହେଲା ''କବିସୂର୍ଯ୍ୟ''। ଓଡ଼ିଶାରେ ଜୟଦେବ, ଅତିବଡ଼ୀ ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ରଭଂଜ, ଦୀନକୃଷ୍ଣ ଦାସଙ୍କ ଜୀବନୀ ଉପରେ ଆଧାରିତ ''ଅଦୃଶ୍ୟନଟ'' ଅଭିମନ୍ୟୁ, ଗୋପାଳକୃଷ୍ଣଙ୍କ ଠାରୁ ବାପୁଜୀ, ନନ୍ଦ କିଶୋର, ଫକୀରମୋହନ, ଗଙ୍ଗାଧର ପ୍ରତ୍ୟେକଙ୍କ ଉପରେ ନାଟକ ଲେଖା ହେଲାଣି। କିନ୍ତୁ ଚରିତ ମୂଳକ ନାଟକ ଲେଖି ମଞ୍ଚସ୍ଥ କରିବା ଓଡ଼ିଆ ନାଟକରେ ପ୍ରାୟ ବିରଳ। ସେ ଗୋଟିଏ ଅଭାବ ପୂରଣ କରିଛନ୍ତି। ମନେହୁଏ, 'କିବସୂର୍ଯ୍ୟ'ଙ୍କ ଚରିତଟି ଲୋକେ ମିଥ୍ ଭଳି ମନେ ରଖିଛନ୍ତି ସେ ନାଟକ ଦେଖି। ନୃତ୍ୟ, ସଂଗୀତରେ ପାଇଛନ୍ତି ନିର୍ମଳ ଓଡ଼ିଶୀ ଶୈଳୀର ପରିଚୟ। ବ୍ୟକ୍ତି ନିଜକୁ ସଜାଡ଼ି ପାରିଲେ ଆପେ ଆପେ ପରିବାର ସଜାଡ଼ି ହେବ। ଘରକୁ ସଜାଡ଼ି ପାରିଲେ ଆପେ ଆପେ ସମାଜ ସଜାଡ଼ି ହୋଇଯିବ। ସମାଜକୁ ସଜାଡ଼ି ପାରିଲେ ଆପେ ଦେଶ ସଜାଡ଼ି ହୋଇଯିବ ଏବଂ ଦେଶକୁ ସଜାଡ଼ି ପାରିଲେ ବିଶ୍ୱ ଆପେ ଆପେ ସଜଡ଼ା ହୋଇଯିବ। ଏହି ହେଉଛି ଅଭିମାନ, ମ୍ୟାନେଜର, ଭାଇଭାଉଜ, ଘର ସଂସାରଠୁ ନରୋତ୍ତମ ଦାସ କହେ, ମନ୍ତ୍ରୀଯୁଗ ପର୍ଯ୍ୟନ୍ତ ତାଙ୍କର ପଦଯାତ୍ରା। ବିଶ୍ୱ ପାଇଁ ନାଟକ ଲେଖିବାକୁ ସେ ଆଗାମୀ ଯୁଗର ନାଟ୍ୟକାରଙ୍କୁ ପ୍ରେରଣା ଦେଇଛନ୍ତି। ରାମବାବୁ ଖାଣ୍ଟି ଦେଶୀ ନାଟ୍ୟକାର। ତାଙ୍କର ସଂଳାପରେ ଓଡ଼ିଆ ଭାଷାର ମୌଖିକ ରୀତି ଖୁବ୍ ସରଳ ଓ ଗଦ୍ୟମୟ। କାଳୀବାବୁଙ୍କ ଭଳି କି ଗୋପାଳବାବୁଙ୍କ ଭଳି ଏହା ଛନ୍ଦମୟ, ସାବଲୀଳ, ଆବେଗପୂର୍ଣ୍ଣ, ରସୋଲ୍ଲାସମୟ ନୁହେଁ। ଏହା ମଣିଷ ସହିତ ମଣିଷର ସୁଖ ଦୁଃଖ ହେବାର ସଂଳାପ। ସେଠି ଉଙ୍କି ମାରିଛି ସରଳ ବୌଦ୍ଧିକ ଦ୍ୱନ୍ଦ୍ୱ। ପରଂପରାକୁ ନେଇ ବର୍ତ୍ତମାନ ପ୍ରସାରିତ ହେଲେ ଆସେ ଆଧୁନିକତା। କେବଳ ଶୈଳୀର ପରିବର୍ତ୍ତନରେ ଆଧୁନିକତା ଆସେ ନାହିଁ। ଆଧୁନିକତା ଏକ ବ୍ୟାକୁଳ ଜିଜ୍ଞାସା ଏବଂ ଏକ ସତ୍ୟାନ୍ୱେଷଣର ନିରଂହକାର ପଦଯାତ୍ରା। ଏହା ହିଁ ଥିଲା ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ ଦୃଷ୍ଟିର ବୈଶିଷ୍ଟ୍ୟ। ଏହି ବୈଶିଷ୍ଟ୍ୟ ବୈଚିତ୍ର୍ୟକୁ ବାଦ୍ ଦେଇ ଅହଂବାଦୀ ସ୍ଥିତି ସର୍ବସ୍ୱତା ଉପରେ ଆଧାରିତ ନୁହେଁ। ଏହା ଭାରତୀୟ

Digitized by PPRACHIN, SOA

ପରଂପରାର ଉର୍ଦ୍ଧଗାମୀ ମୂଲ୍ୟବୋଧ। ଏହି ଚେତନା ବ୍ୟକ୍ତିକୁ ମୁକ୍ତି ଦିଏ। ପରିବ୍ୟାପ୍ତ କରାଏ। ଉଦାର ଓ ସରଳ କରେ। ଏହାହିଁ ମୂଲ୍ୟବୋଧର ପ୍ରସାର। କବି ଓ ସମାଲୋଚକ ମାୟାଧର ମାନସିଂଙ୍କ ମତରେ "ନାଟକ ଯେ ଉଚ୍ଚ ସାମାଜିକ ଆଦର୍ଶ, ଚାରିତ୍ରିକ ସଂଘର୍ଷ ଓ ମନସ୍ତତ୍ତ୍ୱର ମୁକୁର ଏବଂ ଏଥିପାଇଁ ଯେ ଅତି ଉଚ୍ଚକୋଟୀର ସିଦ୍ଧହସ୍ତତା ଆବଶ୍ୟକ, ତାହା ନାଟକୀୟ ରସଗ୍ରହଣର ଆଦ୍ୟତତ୍ତ୍ୱ ରୂପେ ଗ୍ରହଣ ନ କଲାଯାଏଁ ଆମ୍ଭମାନଙ୍କ ରଙ୍ଗମଞ୍ଚର ଉନ୍ନତି ଅସଂଭବ।" 'ରାମାୟଣ'ରେ ରାମଲକ୍ଷ୍ମଣ, ସୀତାଙ୍କୁ ରୂପ ନଦେଇ ସେ ମହୀ, ଭାଇଗ ଦୁଃଖୀକୁ ନେଇଛନ୍ତି ଭାଇଭାଉଜରେ। ସେଇଠି ଅଛି ଘରକଥା, ପରକଥା, ଦେଶକଥା ଓ ମଣିଷର କଥା। ନାରୀର ଉଗ୍ର ଆଧୁନିକତା ପ୍ରତି ସେ ଯେତିକି ପ୍ରତିକ୍ରିୟାଶୀଳ, ନାରୀକୁ ସ୍ୱାଧୀନତା ଓ ନିର୍ଭୀକତା ଦେବାରେ ସେତିକି ଆଗ୍ରହୀ। ତେଣୁ ଜୀବନ ଚଳଣିରେ ଏକ ସୁସଂହତ ସୌହାର୍ଦ୍ୟ ଆଣି ସେ ପାରିବାରିକ ଦ୍ୱନ୍ଦ୍ୱର ଅବସାନ କରିବା ପାଇଁ ତତ୍ପର ହୋଇଛନ୍ତି। Maxim Gorky ଙ୍କ ଭାଷାରେ –"Only they will of the people, wisely directed, is capable of working wonders." ହଠାତ୍ ବିପ୍ଳବର ସ୍ଲୋଗାନ୍ ନ ଦେଇ ସାମାଜିକ ପରିବର୍ତ୍ତନର ବାସ୍ତବତା ଭିତରେ ନିଜର ବିଚାରକୁ ରଖି ବିଶୃଙ୍ଖଳା ଓ ଅସ୍ଥିରତାର ମୂଳ କେଉଁଠି ତାହା ପାରିବାରିକ ସ୍ତରରୁ ବ୍ୟକ୍ତି ଜୀବନର ସ୍ତର ଭିତରେ କିପରି ଆତ୍ମଗୋପନ କରିଛି ତାକୁ ଆବିଷ୍କାର କରିଛି ତାଙ୍କର ନାଟ୍ୟଦୃଷ୍ଟି। ଏକ ସୁସ୍ଥ ବିଚାର ଉପରେ ଗଢ଼ି ଉଠିଛି ତାଙ୍କ ନାଟ୍ୟ ସଂଶ୍ଳେଷଣ ରୀତି (Dramatic Treatments).

ପ୍ରତ୍ୟେକଟି ଚରିତ୍ରକୁ ଜଣେ ଆଇନଜୀବି ଭାବେ ସେ ନ୍ୟାୟ ଦୃଷ୍ଟିରେ ସମାନ ଭାବେ ବିଚାର କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ମୋହଭଂଗ କାଳରେ ମଧ୍ୟ ସେ ସେହି ସ୍ଥିର ବିଚାରକୁ ବଦଳେଇ ନାହାନ୍ତି। କିନ୍ତୁ ବଦଳିଯାଉଥିବା ମୂଲ୍ୟବୋଧକୁ ଦେଖାଇବାରେ ତ୍ରୁଟି କରି ନାହାନ୍ତି। ଧନ ଲାଳସା, ପଦଲାଳସା, କ୍ଷମତା ଲାଳସା କିପରି ସ୍ନେହ, ମମତା, ବିଶ୍ୱାସକୁ ପଦ ଦଳିତ କରିବାକୁ ଚାହେଁ, ସରଳ ମନୁଷ୍ୟତାକୁ ଧ୍ୱଂସର ବିବର ଭିତରକୁ ଠେଲି ଦିଏ ତାହାର ଭୟାବହତା ଦର୍ଶାଇ ଆମ ସାମାଜିକ ଜୀବନରେ ରାଜନୈତିକ ନିରୂପଣକୁ କ୍ରମେ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି ଓ ସ୍ୱାଭାବିକ୍ ଭାବେ ଚୁପ୍ ହେଇଯାଇଛନ୍ତି ନାଟ୍ୟକାର। ତଥାପି ଭୟଙ୍କର କର୍କଟ ରୋଗର ଯନ୍ତ୍ରଣାକୁ ଭ୍ରୁକ୍ଷେପ ନ କରି ସେ କେଉଁଠି ଲୋକନାଟକର ଆଧୁନିକ ନାଟକ ସହିତ ଯୋଗସୂତ୍ରର ଯଥାର୍ଥତା ବା ତା'ର ଔଚିତ୍ୟ ବିଚାର କରିଛନ୍ତି ତ କେଉଁଠି ନୂଆ ନାଟକ ତଥା ନାଟ୍ୟକାରଙ୍କୁ ପ୍ରେରଣା ଦେବାକୁ ବହୁ ରାତି ସଭା ମଞ୍ଚ ଉପରେ ଭାଷଣ ଦେବାକୁ ଚାଲି ଯାଇଛନ୍ତି। ଚେତନା ବାରଣ ମାନିନାହିଁ। ଦୀପଟିଏ ଅସଂଖ୍ୟ ଦୀପାବଳୀକୁ ଜଳେଇ ଆଲୋକ ଦେଇଛି।

ସେହି ଆଲୋକରେ ମୁଁ ଅନୁଭବ କରେ, ସେ ମୋରି ଭଳି ଅନେକଙ୍କ ଭିତରେ ଅଭୟ ମୁଦ୍ରାରେ ହସ ହସ ମୁହଁରେ ମାର୍ଗ ନିର୍ଦ୍ଦେଶ କରି ଚାଲିଛନ୍ତି—

ଚରୈବେତି...ଚରୈବେତି...

—o—

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ଡଃ ହେମନ୍ତ କୁମାର ଦାସ

ନାଟ୍ୟକାର ରାମଚନ୍ଦ୍ରଙ୍କର ସୃଷ୍ଟି ଭୂମିକୁ ମୂଳତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ପର୍ବଟିରେ ନାଟ୍ୟକାର ନ୍ୟାୟ, ନୀତି ଏବଂ ଆଦର୍ଶ ଗର୍ଭିତ ଏକ ପରିଚ୍ଛନ୍ନ ପାରିବାରିକ ଜୀବନର ପରିକଳ୍ପନା କରିଥିବା ସ୍ଥଳେ ଦ୍ୱିତୀୟ ପର୍ବରେ ବାସ୍ତବତାର ଖୁବ୍ ନିକଟକୁ ଚାଲି ଆସିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଏ ଦେଶର ସାମାଜିକ ଜୀବନରେ ଯେଉଁ ନବ ନବ ପରିବର୍ତ୍ତନ ସଂଘଟିତ ହେଲା ଏବଂ ନୂତନ ସମସ୍ୟାମାନ ସୃଷ୍ଟି ହେଲା ସେଥିରୁ ଗୋଟିଏ ଗୋଟିଏକୁ ଅବଲମ୍ବନ କରି ରାମଚନ୍ଦ୍ର ନାଟକମାନ ଲେଖିଛନ୍ତି। ତେଣୁ ଏହି ସବୁ ନାଟକର ସ୍ୱାଦ ମଧ୍ୟ ଅଭିନବ ହୋଇଛି।

ସମସାମୟିକ ସମାଜ ତାର କ୍ରୋଧ, ଅକ୍ରୋଧ, ଉଦାରତା, ନିଷ୍ଠୁରତା, ପ୍ରେମ, ପ୍ରତାରଣା, ସାରଲ୍ୟ, ଚାପଲ୍ୟ, ତ୍ୟାଗ ଆଉ ସ୍ୱାର୍ଥପରତାର ବର୍ଣ୍ଣାଢ୍ୟ ରୂପବିଭବ ନାଟ୍ୟକାରଙ୍କର ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ରଚିତ ନାଟକ ଗୁଡ଼ିକରେ ତାହାରି ରୂପାୟନ ଘଟି ଥିବାର ଦେଖିବାକୁ ମିଳେ। ମୂଳତଃ, ତେଣୁ କୁହାଯାଇପାରେ ଯେ, ସମାଜ ମଧ୍ୟରୁ ନାଟ୍ୟକାରଙ୍କର ସୃଷ୍ଟି, ତାହାରି ମଧ୍ୟରେ ତାଙ୍କର ବ୍ୟାପ୍ତି ଏବଂ ବିସ୍ତୃତି। ବିଷୟବସ୍ତୁ, ଚରିତ୍ର, ଘଟଣାବଳୀ ଏବଂ ପରିବେଶ ନିମନ୍ତେ ନାଟ୍ୟକାର ବାହାରକୁ ଆଖି ପକେଇ ନାହାନ୍ତି। ପ୍ରତ୍ୟେକ ଓଡ଼ିଆ ହୋଇଛି ତାଙ୍କ ନାଟକର ଚରିତ୍ର; ଓଡ଼ିଆ ପରିବାରର ହସକାନ୍ଦ ହୋଇଛି ତାଙ୍କ ନାଟକର ଆଧାର। ଗ୍ରାମଠାରୁ ନଗରଜୀବନ— ଉଭୟ କ୍ଷେତ୍ରରେ ବିବର୍ଣ୍ଣତା ଏବଂ ଉଜ୍ଜ୍ୱଳତା, ଆଶା ଏବଂ ନୈରାଶ୍ୟକୁ ନାଟ୍ୟକାର ଅନୁଧ୍ୟାନ କରିଛନ୍ତି ଏବଂ ନିଜର ନାଟକରେ ସେ ସବୁର ବିଶ୍ଳେଷଣ ମଧ୍ୟ କରିଛନ୍ତି। ଏଥିରେ କୌଣସି ଅସ୍ପଷ୍ଟତା ନାହିଁ, ମାଗିଆଣିବାର ଦୈନ୍ୟ ନାହିଁ, ଅନୁଭୂତିହୀନତା ନାହିଁ— ଯାହା ଅଛି ତାହା ଏକାନ୍ତ ଭାବରେ ଓଡ଼ିଶାର ମାଟି ଗୋଡ଼ି ପାଣି ପବନର। ପ୍ରତ୍ୟେକ ନାଟକରେ ହୁଏତ ନୂଆ କଥା ନୂଆ ରୂପରେ ଆବିର୍ଭୂତ ହୋଇ ନାହିଁ। ତେବେ ସେଇ ପୁରୁଣା କଥାକୁ ନୂଆ ରୂପରେ ଯେ କୁହାଯାଇ ପାରିଚି, ଏହା ଅସ୍ୱୀକାର କରି ହେବ ନାହିଁ। ଅନୁଭୂତିର ଦିଗନ୍ତକୁ ଓଡ଼ିଶା ମଧ୍ୟରେ ସୀମାବଦ୍ଧ କରି ରଖିବାର ପ୍ରବଣତା ନାଟ୍ୟକାରଙ୍କର ଉଗ୍ର ଜାତୀୟତାର ପରିଚାୟକ ଏବଂ ଏ କ୍ଷେତ୍ରରେ କାଳୀଚରଣଙ୍କର ତଳକୁ ରାମବାବୁଙ୍କର ସ୍ଥାନ ନିରୂପିତ ହୋଇ ରହିବ।

କବିସୂର୍ଯ୍ୟ ନାମକ ଖଣ୍ଡିଏ ଚରିତ ନାଟକକୁ ଛାଡ଼ିଦେଲେ ନାଟ୍ୟକାର କେବଳ ମାତ୍ର ସାମାଜିକ ନାଟକ ରଚନା କରିଛନ୍ତି। ଦୁଇଖଣ୍ଡି ସାମାଜିକ ଉପନ୍ୟାସର ନାଟ୍ୟରୂପ

Digitized by PPRACHIN, SOA

ଏହାର ଅନ୍ତର୍ଭୁକ୍ତ। ଏସବୁ ନାଟକର ମୌଳିକ ଉଦ୍ଦେଶ୍ୟ ହେଉଛି, ଆନନ୍ଦ ପରିବେଷଣ ଏବଂ ଶିକ୍ଷାଦାନ। ଉତ୍ତର-ଚାଳିଶରେ ଏହାହିଁ ପ୍ରଚଳିତ ନାଟ୍ୟାଦର୍ଶ ଥିଲା। ଏହି କାରଣରୁ ହିଁ ତାଙ୍କର ପ୍ରତ୍ୟେକ ନାଟକରେ ନୃତ୍ୟଗୀତର ପ୍ରାଚୁର୍ଯ୍ୟ ଦେଖିବାକୁ ମିଳିଥାଏ। ପାରମ୍ପରିକ ନାଟ୍ୟାଦର୍ଶ ନୃତ୍ୟଗୀତ ଇତ୍ୟାଦିକୁ ବାଦ୍‌ଦେଇ ପୂର୍ଣ୍ଣାଙ୍ଗ ହୁଏ ନାହିଁ। ଏ ବିଷୟରେ ସ୍ୱୟଂ ନାଟ୍ୟକାର ମଧ୍ୟ ଲେଖିଛନ୍ତି, ''ନାଟକ ମଧ୍ୟରେ ନାଚଗୀତ ରଖିବାକୁ ଆଜିକାଲି ଅନେକ ଚାହାନ୍ତି ନାହିଁ, କିନ୍ତୁ ନାଚଗୀତ ପରିବେଷଣ କରିବାକୁ ସ୍ଥାନ ନିର୍ଦ୍ଦେଶ କରାଯାଇଛି''—(ନାଟକ ରୀତିମତ୍ : ନାଟକ ଲେଖାର କଥା—ପୃ: ୨)। ପରବର୍ତ୍ତୀ କାଳରେ ନାଟ୍ୟକାର ପ୍ରଗତିର ଧାରା ଅନ୍ୱେଷଣ କରିବାରେ ଲାଗିପଡ଼ିଥିଲେ ମଧ୍ୟ ବହୁ ପ୍ରାଚୀନ କାଳରୁ ଏ ଦେଶରେ ଯେଉଁ ନାଟ୍ୟାଦର୍ଶ ପ୍ରଚଳିତ ଥିଲା, ତାହାରି ମଧ୍ୟରୁ ସେ ନିଜର ନାଟ୍ୟାଦର୍ଶ ପ୍ରସ୍ତୁତ କରିନେଇଥିଲେ।

ନିଜ ସୃଷ୍ଟି ଭୂମି ପ୍ରତି ନାଟ୍ୟକାରଙ୍କର ରହିଛି ପ୍ରଚଣ୍ଡର ସମ୍ବେଦନଶୀଳତା। ସାଧୁ, ଚୋର, ସରଳ, ଜଟିଳ ସମସ୍ତେ ଏଠାରେ ନାଟ୍ୟକାରଙ୍କର ସହାନୁଭୂତିର ସ୍ପର୍ଶଲାଭ କରିଛନ୍ତି। ଭାଇଭାଉଜ ନାଟକର ଯୋଗୀ ସାହୁକାର, ଘରସଂସାର ନାଟକର ମଙ୍ଗୁ ମହାନ୍ତି, ମାନେଜର ନାଟକର ପ୍ରତାପ କାହାରି ପ୍ରତି ନାଟ୍ୟକାର ଅବହେଳା ପ୍ରଦର୍ଶନ କରିନାହାନ୍ତି। ଏମାନେ ସାମାଜିକ ଜୀବନର କଳଙ୍କ, ଦଣ୍ଡ ପାଇବାର ଯୋଗ୍ୟ। ମାତ୍ର ପୃଥିବୀରେ ଏଭଳି କୌଣସି ପାପ ନାହିଁ, ଯାହା ଅନୁତାପ ଜଳରେ ଧୋଇ ହୋଇଯାଏ ନାହିଁ। ଦୋଷତ୍ରୁଟିକୁ ନେଇ ପୂର୍ଣ୍ଣ ମଣିଷ। ମିଣିଷ ହୋଇ ମଣିଷର ବିଚାର କରିବା କାହାରି ସାଧ୍ୟଗତ ନୁହେଁ। ସେ ବିଚାରର ଦାୟିତ୍ୱ ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କର। ଏହାହିଁ ହୋଇଛି ନାଟ୍ୟକାରଙ୍କର ମନୋଭାବ। ମାତ୍ର ଦ୍ୱିତୀୟ ପର୍ବରେ ନାଟକ ରଚନା କଲାବେଳକୁ ନାଟ୍ୟକାର ଆଉ ଏକ ମନୋଭାବରେ ଦୃଢ଼ ହୋଇ ରହିପାରି ନାହାନ୍ତି। ତେଣୁ 'ନରୋତ୍ତମ ଦାସ କହେ', 'କିସ ପୁଣି ଦେଖା ନ ଯାଏ', 'ଗୋଧୂଳି ଲଗ୍ନ' (ଅସ୍ତରାଗ ନାମରେ ୧୯୫୪ ମସିହାରେ କଟକ ମେଡ଼ିକାଲ ଛାତ୍ରମାନଙ୍କଦ୍ୱାରା ଅଭିନୀତ) ପ୍ରଭୃତି ନାଟକରେ ସେ ତଥାକଥିତ ପାପୀମାନଙ୍କ ନିମନ୍ତେ କୌଣସି ସାମାଜିକ ଦଣ୍ଡର ବ୍ୟବସ୍ଥା କରିପାରି ନାହାନ୍ତି। ବାସ୍ତବ ଜୀବନରେ ଦୋଷୀମାନେ ଯେ ସଦାବେଳେ ଦଣ୍ଡ ପାଆନ୍ତି ନାହିଁ, ଏହି ବିଶ୍ୱାସ ନାଟ୍ୟକାରଙ୍କର ବଦ୍ଧମୂଳ ହୋଇଯାଇଛି।

ନାଟ୍ୟକାର ମିଶ୍ରଙ୍କର ସୃଷ୍ଟିର ମୂଳ ଦର୍ଶନଟି ହେଉଛି ଆଦର୍ଶବାଦର ପ୍ରତିଷ୍ଠା। ଅନ୍ତତଃ ପ୍ରଥମ ପର୍ଯ୍ୟାୟର ନାଟକଗୁଡ଼ିକରେ ଏହା ହିଁ ହୋଇଛି ତାଙ୍କର ଧ୍ୟେୟ। ଏହି ନାଟକ ସଂସାର ତାଙ୍କର ସ୍ୱପ୍ନମୟ, ଯାହା ଭିତରୁ ସେ ସୂଚନା ଦେଇଛନ୍ତି, କଳଙ୍କହୀନ, ଶୋଷଣମୁକ୍ତ ଏକ ଉଦାର ସମାଜର। ଉପରୁ ଦେଖିଲେ, ଏଗୁଡ଼ିକ ବାସ୍ତବ—ବୋଧ—ଶୂନ୍ୟତାର ପରିଚାୟକ ବୋଲି ମନେ ହୋଇପାରେ। ତେବେ ଏ ସବୁଥିରେ ସୁଦ୍ଧା ବାସ୍ତବତା ଯେ, ତାର ନିଜସ୍ୱ ରୂପରେ ରହିଛି, ଏ କଥା

Digitized by PPRACHIN, SOA

ଅସ୍ୱୀକାର କରିହେବ ନାହିଁ। ଯାହା ସଚରାଚର ହୁଏ ନାହିଁ, କିନ୍ତୁ ହେଲେ ସମାଜଜୀବନ ମଧୁମୟ ହୋଇ ଉଠନ୍ତା, ଏହାରି ସୂଚନା ଦେବା ତ ସ୍ରଷ୍ଟାଙ୍କର କର୍ତ୍ତବ୍ୟ। ଏହି ଦୃଷ୍ଟିକୋଣରୁ ନାଟ୍ୟକାରଙ୍କର ଏହି ଧରଣର ନାଟ୍ୟପ୍ରବୃତ୍ତିକୁ, ''ପଳାୟନବାଦ'' ବୋଲି କହିବାର କୌଣସି କାରଣ ଆମେ ଦେଖୁନାହୁଁ।

ନାଟକର ପ୍ରତ୍ୟେକ ଚରିତ୍ର, ଘଟଣା ଏବଂ ପରିବେଶ ପଛରେ ନାଟ୍ୟକାରଙ୍କର ଆନ୍ତରିକତାର ସ୍ୱର ଧ୍ୱନିତ। ଯାହା ସେ କହିଛନ୍ତି, ନିଜେ ବିଶ୍ୱାସ କରିଛନ୍ତି ବୋଲି କହିଛନ୍ତି। କାହାଣୀପ୍ରଧାନ ତାଙ୍କର ଅଧିକାଂଶ ନାଟକ, ରକ୍ତମାଂସର ବର୍ଣ୍ଣାଢ୍ୟ ଚରିତ୍ରର କଳକୋଳାହଳରେ ମୁଖରିତ ହୋଇ ଉଠିଛି। ଅଧିକାଂଶ କ୍ଷେତ୍ରରେ ଏଇସବୁ ଚରିତ୍ର ବଳିଷ୍ଠ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟଦେଇ ପୂର୍ଣ୍ଣତା ଲାଭ କରିଛନ୍ତି। ଅନେକେ 'ଭାଇଭାଉଜ' ନାଟକର ପ୍ରସିଦ୍ଧ ''ଜଜ୍‌ସାହେବ''ଙ୍କ ଆଡ଼କୁ ସନ୍ଦେହର ଚକ୍ଷୁରେ ଦେଖିଥାଆନ୍ତି। ଆଦର୍ଶ ପୁଷ୍ଟ ଏହି ଚରିତ୍ରର ବାସ୍ତବତା ସହିତ ଯେ ବିଶେଷ କୌଣସି ସମ୍ପର୍କ ନାହିଁ, ଏ ବିଷୟ କହିଥାଆନ୍ତି। ମାତ୍ର ନିର୍ଦ୍ଦୋଷକୁ ଦଣ୍ଡ ଦେଇସାରିବା ପରେ ଜଣେ ବିବେକବନ୍ତ ବ୍ୟକ୍ତିର ଯେଉଁ ପ୍ରତିକ୍ରିୟା ହୁଅନ୍ତା, ଜଜ୍‌ସାହେବଙ୍କ କ୍ଷେତ୍ରରେ ମଧ୍ୟ ତାହାହିଁ ହୋଇଛି। ବିବେକ ନିକଟରେ କୌଣସି ଆଇନ ଚଳେ ନାହିଁ। ତେଣୁ ଜଜ୍-ସାହେବ ତାହାରି ତାଡ଼ନାରେ ଯଦି ରାଜରାସ୍ତାକୁ ଓହ୍ଲାଇ ଆସିଥାଆନ୍ତି, ତେବେ ଏଥିରେ ଅବିଶ୍ୱାସ କିଛି ନାହିଁ। ଉଭୟ ପୁରୁଷ ଏବଂ ନାରୀ ଚରିତ୍ର ଚିତ୍ରଣରେ ନାଟ୍ୟକାରଙ୍କର ଦକ୍ଷତା ରହିଥିଲେ ହେଁ ନାରୀ ଚରିତ୍ର ରୂପାୟନରେ ତାଙ୍କର କୃତିତ୍ୱ କିଛିତ ଅଧିକ ବୋଲି ମନେହୁଏ।

ଦ୍ୱନ୍ଦ୍ୱ ନାଟକକୁ ଗତିମୁଖର କରିଥାଏ। ଆଧୁନିକ ନାଟ୍ୟକାରବୃନ୍ଦ ତେଣୁ ଅନ୍ତର୍ଦ୍ୱନ୍ଦ୍ୱ ସାହାଯ୍ୟରେ ନାଟକରେ ଗତି ଆଣିବା ନିମନ୍ତେ ଉଦ୍ୟମ କରିଥାଆନ୍ତି। ଅନ୍ତର୍ଦ୍ୱନ୍ଦ୍ୱକୁ ନାଟ୍ୟକାର ମିଶ୍ର ପୂରାପୂରି ଉପେକ୍ଷା କରିନଥିଲେ ହେଁ, ତାଙ୍କର ଅଧିକାଂଶ ନାଟକରେ ବହିଃର୍ଦ୍ୱନ୍ଦ୍ୱର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ। ବିଭିନ୍ନ ବିପରୀତଧର୍ମୀ ଚରିତ୍ର ତଥା ଆଦର୍ଶର ସଂଘର୍ଷରୁ ହିଁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସାଧାରଣତଃ ନାଟ୍ୟକାର ନାଟକରେ କିଛି କଥା କହନ୍ତି ଏବଂ ବାକିତକ ଦର୍ଶକମାନଙ୍କର ଚିନ୍ତା ନିମନ୍ତେ ଛାଡ଼ିଦିଅନ୍ତି। ଏହା ହିଁ ନାଟକୀୟ ଉତ୍କଣ୍ଠା ଏବଂ ସନ୍ଦେହ ପକ୍ଷକୁ ଆମୂଳ ଜାଗ୍ରତ କରି ରଖିଥାଏ। ଶ୍ରୀ ମିଶ୍ର ପ୍ରଥମ ପର୍ଯ୍ୟାୟରେ ଯେଉଁ ନାଟକଗୁଡ଼ିକ ଲେଖିଛନ୍ତି, 'ମ୍ୟାନେଜର' ଠାରୁ 'ଘରସଂସାର' ପର୍ଯ୍ୟନ୍ତ —ଏହିସବୁ ନାଟକରେ ଦର୍ଶକମାନଙ୍କର ଚିନ୍ତା ନିମନ୍ତେ ବିଶେଷ କୌଣସି ଉପାଦାନ ବାଦ୍‌ଦେଇ ନାହାନ୍ତି। ଜୀବନର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଏହିସବୁ ନାଟକରେ ରୂପାୟିତ ହୋଇଛି। ମାତ୍ର ତାଙ୍କର ଦ୍ୱିତୀୟ ପର୍ଯ୍ୟାୟର ନାଟକଗୁଡ଼ିକ 'ନରୋତ୍ତମ ଦାସ କହେ' ଏବଂ 'କିସ ପୁଣି ଦେଖା ନ ଯାଏ' ପ୍ରଭୃତିରେ ନାଟ୍ୟକାର ଯାହା କହିଛନ୍ତି, ତାହା ଅପେକ୍ଷା ଅଧିକ ଅବ୍ୟକ୍ତ ରହିଯାଇଛି। ଚରିତ୍ର ଏବଂ ଘଟଣାକୁ ଏକ ମଝିମଝିକିଆ ପରିଣତିରେ ଛାଡ଼ିଦେଇ, ସେମାନଙ୍କୁ ପୂର୍ଣ୍ଣ କରିବାର ଦାୟିତ୍ୱ ଦର୍ଶକମାନଙ୍କ ଉପରେ ଲଦିଦେଇଛନ୍ତି। ତେଣୁ ତାଙ୍କର ପ୍ରଥମ ପର୍ଯ୍ୟାୟର ନାଟକଗୁଡ଼ିକରେ

Digitized by PPRACHIN, SOA

ସଂଶୟର ସ୍ଥାନ ଖୁବ୍ ବଳିଷ୍ଠ ହୋଇ ନଥିଲେ ହେଁ, ପରବର୍ତ୍ତୀକାଳର ନାଟକଗୁଡ଼ିକରେ ଏହି ଦୁର୍ବଳତା ଆଉ ରହି ନାହିଁ। ଜୀବନର ଏକ ଧରାବନ୍ଧା ଛକ ରହିଛି, ସେ କଥା ପ୍ରତ୍ୟେକେ ଜାଣନ୍ତି ଏବଂ ସେଥିପାଇଁ ସେମାନଙ୍କର କୌଣସି ଚିନ୍ତା ମଧ୍ୟ ନ ଥାଏ। ବାସ୍ତବ ସଂଘର୍ଷମୟ ଜୀବନ କିନ୍ତୁ ପ୍ରାୟ ଏହି ଛକ ମଧ୍ୟରୁ ବାହାରକୁ ଖସିଆସେ। ସେତେବେଳେ ତା'ର ପରଣତି କ'ଣ ହେବ, ସେ କଥା ଅନୁମାନ କରିବା ଆଦୌ ସମ୍ଭବପର ନୁହେଁ। ନାଟ୍ୟକାର ନିଜର ଦ୍ୱିତୀୟ ପର୍ଯ୍ୟାୟର ନାଟକଗୁଡ଼ିକରେ ଏହିଭଳି ଜୀବନକୁ ସ୍ଥାନ ଦେଇଛନ୍ତି ଏବଂ ଏଗୁଡ଼ିକ ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠାପୂର୍ଣ୍ଣ ହୋଇ ସଂଶୟ ବଜାୟ ରକ୍ଷା କରିପାରିଛି। ପ୍ରଥମ ପର୍ଯ୍ୟାୟର ନାଟ୍ୟ କାହାଣୀଗୁଡ଼ିକ ତେଣୁ ପ୍ରଥମରୁ ହିଁ ଦର୍ଶକମାନଙ୍କ ନିକଟରେ ସ୍ପଷ୍ଟ ହୋଇ ଉଠୁଥିବା ସ୍ଥଳେ, ଦ୍ୱିତୀୟ ପର୍ଯ୍ୟାୟରେ ସେଭଳି ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ପ୍ରଥମେ ପ୍ରଥମେ ନାଟ୍ୟକାର ପ୍ରଚୁର ନୃତ୍ୟସଙ୍ଗୀତ ଏବଂ ହାସ୍ୟରସର ପୁଟ ଚଢାଇ ଏହି ଦୁର୍ବଳତାକୁ ଢାଙ୍କିବା ନିମନ୍ତେ ଉଦ୍ୟମ କରିଛନ୍ତି ଏବଂ ପରେ ଆଉ ଏସବୁ ଦରକାର ହୋଇ ନାହିଁ, ପୃଥିବୀରେ କୌଣସି ସୃଷ୍ଟି ନିର୍ଦ୍ଦୋଷ ନୁହେଁ। ତନ୍ନେଇକରି ବିଚାରକଲେ, ଶ୍ରୀ ମିଶ୍ରଙ୍କର ଫର୍ମୁଲାଧର୍ମୀ ନାଟକରେ ମଧ୍ୟ ଛୋଟବଡ଼ ବହୁ ତ୍ରୁଟି ଆଖିରେ ପଡ଼ିବ। ତେବେ ଯୁଦ୍ଧୋତ୍ତର ଓଡ଼ିଆ ସମାଜକୁ ସେ ନାଟକରେ ଯେଉଁଭଳି ଭାବରେ ରୂପାୟିତ କରିଛନ୍ତି, କାଳୀବାବୁଙ୍କର ପ୍ରସ୍ତୁତ ପଥରେ ନାଟ୍ୟକାର ଜୀବନ ଆରମ୍ଭ କରି ମଧ୍ୟ ନାଟ୍ୟକ୍ଷେତ୍ରକୁ ବିଭିନ୍ନ ଦୃଷ୍ଟିକୋଣରୁ ଯେଉଁଭଳି ସମୃଦ୍ଧ କରିଛନ୍ତି, ଏଥିନିମନ୍ତେ ଏ ଜାତି ଚିରଦିନ ତାଙ୍କ ନିକଟରେ କୃତଜ୍ଞ ରହିବ।

ମୂଳତଃ ପାରିବାରିକ ନାଟକ ଲେଖୁଥିବାରୁ ନାଟ୍ୟକାର ତାଙ୍କ ନାଟକରେ ପ୍ରେମ ଏବଂ ପ୍ରଣୟର ସଂଯତର ରୂପ ବର୍ଣ୍ଣନା ସଂପର୍କରେ ଅତ୍ୟନ୍ତ ସଚେତନ। କବିଚନ୍ଦ୍ର କାଳୀଚରଣ ତାଙ୍କ ନାଟକରେ ତରଳ ପ୍ରେମର ଯେଉଁ ଅନାବଶ୍ୟକ ଚିତ୍ରଣ କରିଛନ୍ତି, ସେଥିନିମନ୍ତେ ତାଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି ଏବଂ ପରିଣାମରେ ତାଙ୍କର ନାଟକଗୁଡ଼ିକ ମଧ୍ୟ ଅତ୍ୟନ୍ତ ଲଘୁ ହୋଇ ପଡ଼ିଛି। ପୌରାଣିକ ନାଟକରୁ ମଧ୍ୟ ସେ ଏଇଭଳି ରୂପଜ ପ୍ରେମର ଚିତ୍ର ବାଦ୍ ଦେଇ ପାରିନାହାନ୍ତି। ରାମଚନ୍ଦ୍ର ସ୍ୱୟଂ କାଳୀବାବୁଙ୍କର ଏହି ମାତ୍ରାତିରିକ୍ତ ତରଳତା ପ୍ରତି ଅତ୍ୟନ୍ତ ସଚେତନ ନ ଥିଲେ। ଏହାଛଡ଼ା ସେ ସ୍ୱୟଂ ଏକ ରକ୍ଷଣଶୀଳ ପରିବାରର ସନ୍ତାନ ହୋଇଥିବାରୁ ପ୍ରେମର ବର୍ଣ୍ଣନା ସମ୍ପର୍କରେ ଅତ୍ୟନ୍ତ ସତର୍କ ହୋଇପଡ଼ିଛନ୍ତି। ଏହି କାରଣରୁ ହିଁ ତାଙ୍କର 'ପରପୁରୁଷ' ଏବଂ 'କିସ ପୁଣି ଦେଖା ନ ଯାଏ' ପ୍ରଭୃତି ନାଟକରେ ପ୍ରେମର ତରଳ ବର୍ଣ୍ଣନା ଦେବାର ପ୍ରଚୁର ସୁଯୋଗ ରହିଥିଲେ ମଧ୍ୟ ସେ ତାକୁ ଏଡ଼ାଇ ଯାଇଛନ୍ତି। 'ନାଟକ ରୀତିମତ'ରେ ସୁଦ୍ଧା ପ୍ରେମିକ ପ୍ରେମିକାଙ୍କର ସଂଯତ ବ୍ୟବହାର ଅତ୍ୟନ୍ତ ରୁଚିପ୍ରଦ ହୋଇଛି। ସାଧାରଣ ଦର୍ଶକଙ୍କ ଯୌନଚେତନାକୁ ଉତ୍ତେଜିତ କରାଇ ବ୍ୟବସାୟିକ ସଫଳତା ଲୋଡ଼ିବା, ଏକ ଘୃଣ୍ୟ ବ୍ୟାପାର। ରୂପଜ ପ୍ରେମର

Digitized by PPRACHIN, SOA

ଧର୍ମକର୍ତ୍ତା ଏ ଦେଖିଚିଚି ପରମ୍ପରାରେ ଏଙ୍କ ପ୍ରତିଷ୍ଠିତ ବ୍ୟାପାର। ନାଟ୍ୟକାର ସ୍ୱୟଂ ପରିଚ୍ଛନ୍ନ ନୀତି ଏବଂ ଆଦର୍ଶର ଉପରେ ଅତ୍ୟନ୍ତର ଆସ୍ଥାଶୀଳ ହୋଇଥିବାରୁ ହିଁ ପରମ୍ପରାର ଲକ୍ଷ୍ମଣ-ଗାର ଲଙ୍ଘନ କରି ନାହାନ୍ତି। ପ୍ରଲୋଭନକୁ ଏଡ଼ାଇ ଯାଇଛନ୍ତି। ଏତକ କିଛି କମ୍ କୃତିତ୍ୱ ନୁହେଁ।

ରାଜନୀତିକୁ ନେଇ ରାମଚନ୍ଦ୍ର କୌଣସି ନାଟକ ଲେଖିନାହାନ୍ତି । ଅବଶ୍ୟ 'ନରୋତ୍ତମ ଦାସ କହେ' ପ୍ରଭୃତି ନାଟକରେ ଏହା ପ୍ରାସଙ୍ଗିକ ଭାବରେ ଆସିଛି। ମାତ୍ର ନିରୋଳ ରାଜନୀତିକୁ ନାଟ୍ୟକାର ସଯତ୍ନରେ ପରିତ୍ୟାଗ କରିଛନ୍ତି। ପ୍ରଥମରୁ ଆମେ କହିଛୁ ଯେ, ଓଡ଼ିଆମାନେ ପ୍ରକୃତି ଦୃଷ୍ଟିରୁ ରାଜନୀତି ସଚେତନ ଜାତି ନୁହନ୍ତି, ତେଣୁ ପଡ଼ୋଶୀ ପ୍ରଦେଶମାନଙ୍କରେ ଯେତେବେଳେ 'ନୀଳଦର୍ପଣ', 'ରାଣାପ୍ରତାପ', 'ଭାରତ ଛୋଡ଼ୋ' ପ୍ରଭୃତି ଉଗ୍ର ଜାତୀୟତାବାଦୀ ନାଟକମାନ ଲେଖାଯାଉଥିଲା, ଓଡ଼ିଶାର ନାଟ୍ୟକାରବୃନ୍ଦ ସେତେବେଳେ ସେ ସମ୍ପର୍କରେ ପୂର୍ଣ୍ଣ ନୀରବ। ନାଟ୍ୟକାର ମିଶ୍ର, ଏହି ପରମ୍ପରାରେ ବିଶ୍ୱାସୀ ହୋଇଥିବାରୁ, ରାଜନୀତିର ଭଙ୍ଗାଗଢ଼ା ଖେଳରେ ତାଙ୍କର ବିଶ୍ୱାସ ନଥିବାରୁ ହିଁ ସେ ଏ ଦିଗରେ ଦୃଷ୍ଟି ଦେଇ ନାହାନ୍ତି।

ବିଂଶ ଶତାବ୍ଦୀରେ ସ୍ତ୍ରୀ ଶିକ୍ଷାର କ୍ରମିକ ପ୍ରସାର ଏବଂ ରାଷ୍ଟ୍ରିୟ ଆନ୍ଦୋଳନରେ ଭାଗ ନେବା ଫଳରେ ସମସ୍ତ ଭାରତ ବ୍ୟାପି ନାରୀ ଜାଗରଣର ପରିଣାମ ସ୍ୱରୂପ ଭାରତବର୍ଷରେ ପାଶ୍ଚାତ୍ୟ ଜୀବନଦର୍ଶନ ସମୁଦ୍ଭୂତ ଏକ ନୂତନ ନାରୀସମାଜ ମୁଣ୍ଡ ଟେକି ଉଠିଲା। ଇତିପୂର୍ବରୁ ବିବାହ ସମ୍ପର୍କରେ ଯେଉଁ ନୈତିକ-ବିଧାନ ପ୍ରଚଳିତ ଥିଲା, ତାହା କ୍ରମଶଃ ବଦଳିବାକୁ ଆରମ୍ଭ କରିଥିଲା। ମୁକ୍ତ ପ୍ରେମ ଏବଂ ସମସ୍ୟାକଣ୍ଟକିତ ଏକ ରୁଗ୍ଣ ଦାମ୍ପତ୍ୟଜୀବନ ସାମାଜିକ ଜୀବନର ସମସ୍ୟା ହୋଇଉଠିଲା। ନାଟ୍ୟକାର ରାମଚନ୍ଦ୍ର ସମସ୍ୟାସଚେତନ ହୋଇଥିବାରୁ, ସ୍ୱାଭାବିକ ରୀତିରେ ଏ ଦୁଇ ଉପାଦାନ ପ୍ରତି ଆକୃଷ୍ଟ ହେଲେ। ତେବେ ପ୍ରଥମଟିକୁ ସେ ସଂଯତ ଏବଂ ମହତ କରିଦେଲେ। ଦ୍ୱିତୀୟଟିର ବିଭିନ୍ନ ଦିଗ ନିଜର ଅଧିକାଂଶ ନାଟକରେ ଆଲୋଚନା କରିବାକୁ ଲାଗିଲେ। 'ଘରସଂସାର' 'ମ୍ୟାନେଜର', 'ନରୋତ୍ତମ ଦାସ କହେ', 'ଗୋଧୂଳି ଲଗ୍ନ' 'କିସ ପୁଣି ଦେଖା ନ ଯାଏ', 'ମମତା' ପ୍ରଭୃତି ତାଙ୍କର ପ୍ରାୟ ଅଧିକାଂଶ ନାଟକରେ ବିବାହ ଜନିତ ସମସ୍ୟା ହିଁ ରୂପାୟିତ ହୋଇଛି।

ଭାରତୀୟ ସାହିତ୍ୟକମାନେ ହେଉଛନ୍ତି ମୂଳତଃ ରସବାଦୀ। ଏହି ରସର ସମ୍ପର୍କ ରହିଛି ହୃଦୟ ବୃତ୍ତି ସହିତ। ମସ୍ତିଷ୍କ ସହିତ ଏହାର ସମ୍ପର୍କ ସେତେ ଦୃଢ଼ ନୁହେଁ। ରାମଚନ୍ଦ୍ର ଯେତେ ନାଟକ ଲେଖିଛନ୍ତି, ସେ ସବୁର ଆବେଦନ, ଦର୍ଶକମାନଙ୍କର ହୃଦୟକୁ ଲକ୍ଷ୍ୟ କରି। ବୌଦ୍ଧିକତା ନାମରେ କୌଣସି ଜଟିଳ, ଦୁରୁହଭାବ ଦର୍ଶକମାନଙ୍କ ଉପରେ ଲଦିଦେବା ଅନ୍ତତଃ ତାଙ୍କ ଦ୍ୱାରା ହୋଇନାହିଁ। ସମ୍ପ୍ରତି ନାଟକ କ୍ଷେତ୍ରରେ ବହୁ ପରୀକ୍ଷା ନିରୀକ୍ଷା ଚାଲିଛି ଏବଂ ଯେ କୌଣସି ଏକ ନୂତନତା ନିମନ୍ତେ ସ୍ୱୀକୃତି ଲୋଡ଼ା ଯାଉଛି। ନୂତନ ପୁରାତନ ନ ହେବା ପର୍ଯ୍ୟନ୍ତ ତାହାର ପ୍ରକୃତ

Digitized by PPRACHIN, SOA

ମୂଲ୍ୟ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟକର। ନୂତନ ଶୈଳୀ ଅବଶ୍ୟ କିଛିକାଳ ନିମନ୍ତେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ନିଜ ଆଡ଼କୁ ଆକୃଷ୍ଟ କରିନେଇ ପାରେ। ମାତ୍ର ମନେରଖିବାକୁ ହେବ ଯେ, ନାଟକର ମହତ୍ତ୍ୱ ଉପରେ ଏହାର କୌଣସି ସ୍ଥାୟୀ ପ୍ରଭାବ ପଡ଼େ ନାହିଁ। ଶୈଳୀ ହେଉଛି ନାଟକର ବହିଃରଙ୍ଗ ଏବଂ ଏହା ଅହରହ ପରିବର୍ତ୍ତନଶୀଳ। ଆଭ୍ୟନ୍ତରୀଣ ରୂପ ହିଁ ନାଟକଟିକୁ ଶାଶ୍ୱତ-ଭାବଚେତନାରେ ରୂପାନ୍ତରିତ କରେ। ଜୀବନ-ବିଶ୍ଳେଷଣର କାରୁ-ଶକ୍ତି ମଧ୍ୟ ଦେଇ, ନାଟ୍ୟକାର ନିଜର ଏହି ପ୍ରବୃତ୍ତିର ପରୀକ୍ଷା ଦିଅନ୍ତି। ଯେଉଁ ନାଟ୍ୟକାର ବାହ୍ୟାଡ଼ମ୍ବରର ଆବରଣକୁ ଛିନ୍ନ କରି ଅନ୍ତର୍ନିହିତ ଜୀବନସତ୍ୟର ସନ୍ଧାନ କରି ପାରନ୍ତି, ସେଇ କେବଳ କାଳର ପଟ୍ଟଭୂମିରେ ଚିରନ୍ତନ ହୋଇପାରନ୍ତି। ଯେଉଁ କୃତିରେ ତାଙ୍କର ଦୃଷ୍ଟି ଯେତେ ବ୍ୟାପକ ଏବଂ ତୀକ୍ଷ୍ଣ ହେବ, ସେଇ ନାଟକ ହେବ ସେତେ ଚିରସ୍ଥାୟୀ। ନାଟକରେ ଦୃଷ୍ଟିର ବ୍ୟାପକତା ଏବଂ ତୀକ୍ଷ୍ଣତା ଘଟଣାର ଘାତପ୍ରତିଘାତ ଉପରେ ନିର୍ଭରଶୀଳ। ଏଣୁ ଯେଉଁ ନାଟକର ଘଟଣା ପରମ୍ପରା ଦୈବାଧୀନ ଅନାଗତ କାଳମଧ୍ୟ ଗତ ରହସ୍ୟକୁ ଉଦ୍‌ଘାଟନ କରି ମାନବଜୀବନର ପ୍ରକୃତ ପଥ ନିର୍ଦ୍ଦେଶ କରି ସମାଜର ଭବିଷ୍ୟତ ଗର୍ଭକୁ ଆଲୋକିତ କରିପାରିବ, ସେଇ ନାଟକ କଳ୍ପନାତୀତ ସୂକ୍ଷ୍ମାତିସୂକ୍ଷ୍ମ ବିଚାରଧାରାକୁ ପରିସ୍ଫୁଟ କରି ଆମର ମସ୍ତିଷ୍କବୃତ୍ତିକୁ ଆଲୋକିତ ଏବଂ ହୃଦୟବୃତ୍ତିକୁ ଝଙ୍କୃତ କରିବ। ଏହିଭଳି ନାଟକର ଉଭୟ ପଠନ ଏବଂ ଦର୍ଶନଦ୍ୱାରା ମାନବସମାଜର ଚିନ୍ତାର ଦିଗନ୍ତ ଉଦାତ୍ତ ହେବ ଏବଂ ଦୃଷ୍ଟି ପ୍ରସାରିତ ହେବ।

ନାଟ୍ୟକାର ମିଶ୍ର ତାଙ୍କର ନାଟ୍ୟକାର ଜୀବନରେ ଏଭଳି କେତେଖଣ୍ଡି ନାଟକ ଆମକୁ ଦେଇ ପାରିଛନ୍ତି, ଯାହା ଆମର ଦୃଷ୍ଟିର ଦିଗନ୍ତକୁ ପ୍ରସାରିତ କରିବା ନିମନ୍ତେ ସମ୍ପୂର୍ଣ୍ଣ ଉପଯୁକ୍ତ। ‘‘ଭାଇଭାଉଜ’’ ହେଉ କିମ୍ବା ‘‘ଘରସଂସାର’’ ହେଉ, ହେଉ ଅବା ‘‘ନରୋତ୍ତମ ଦାସ କହେ’’—ଏ ସମସ୍ତ ନାଟକର ଜୀବନଧର୍ମିତା ଏବଂ ସମାଜସଚେତନତା ଏତେ ଅଧିକ ଯେ, ଏଗୁଡ଼ିକ କାଳକାଳ ଧରି ଓଡ଼ିଆ ନାଟ୍ୟସାହିତ୍ୟରେ ସ୍ଥାୟୀ ହୋଇ ରହିବ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ନାଟ୍ୟସାହିତ୍ୟକୁ ସମୃଦ୍ଧ କରିବା ନିମନ୍ତେ ନାଟ୍ୟକାରଙ୍କର ଯେଉଁ ଆନ୍ତରିକ ଉଦ୍ୟମ, ତାକୁ ଅସ୍ୱୀକାର କରିବା ଅନ୍ତତଃ ଏ ଜାତି ପକ୍ଷରେ ଉଚିତ ହେବନାହିଁ। ଦୋଷତ୍ରୁଟି ସହିତ ନାଟ୍ୟକାର ମିଶ୍ର ଯେ ଓଡ଼ିଆ ନାଟ୍ୟସାହିତ୍ୟର ଏକ ଯୁଗଧର ପ୍ରତିଭା—ଏହା ମଧ୍ୟ ସ୍ୱୀକାର କରିବାକୁ ହେବ।

—୦—

Digitized by PPRACHIN, SOA

ରାମଚନ୍ଦ୍ର – ନାଟ୍ୟ ମାନସ: ଦୃଷ୍ଟି ଓ ଦର୍ଶନ

ଡଃ ବୈଷ୍ଣବ ଚରଣ ସାମଲ

ଓଡ଼ିଆ ନାଟ୍ୟ ସାହିତ୍ୟର ତୃତୀୟ ପୀଢ଼ରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଆବିର୍ଭାବ। ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକଙ୍କ ନାଟ୍ୟ ରଚନାର ସମକାଳୀନ ବଳିଷ୍ଠ ନାଟ୍ୟକାର ରାମଚନ୍ଦ୍ର ପ୍ରାକ୍ ସ୍ୱାଧୀନତା କାଳରେ ଓଡ଼ିଆ ନାଟ୍ୟ ଜଗତରେ ଆବିର୍ଭୂତ ହୁଅନ୍ତି ଓ 'ଭାରତୀ ଥିଏଟର୍ସ' ତଥା 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ'କୁ ଅବଲମ୍ବନ କରି ରଚନା କରନ୍ତି ଅଭିମାନ (୧୯୪୨), ମାନେଜର (୧୯୪୫), ମୂଲିଆ (୧୯୪୬) ଓ କବିସୂର୍ଯ୍ୟ (୧୯୪୬) ନାଟକ ଚତୁଷ୍ଟୟ। 'କବିସୂର୍ଯ୍ୟ' ଏକମାତ୍ର ଚରିତ ମୂଳକ ନାଟକ। ଅବଶିଷ୍ଟ ତିନିଖଣ୍ଡ ଯାକ ସାମାଜିକ ଓ ପାରିବାରିକ ସମସ୍ୟା ଆଧାରିତ। ଏହି ଚାରିଖଣ୍ଡ ମାତ୍ର ନାଟକ ମାଧ୍ୟମରେ ରାମଚନ୍ଦ୍ର ପଞ୍ଚମ ଦଶକରେ କାଳୀ ଚରଣଙ୍କ ନାଟ୍ୟ-ଶୈଳୀକୁ ଅନୁସରଣ କରିଥିଲେ ତଥାପି ସେହି ପାରଂପରିକତା ମଧ୍ୟରେ ସେ ନୂତନତା ସୃଷ୍ଟି କଲେ ଏବଂ ତାହା ଏପରି ଏକ ଚମକ ସୃଷ୍ଟି କଲା ଯାହା ସେ କାଳର ବହୁ ନାଟ୍ୟକାରଙ୍କୁ ଅନୁପ୍ରେରିତ କଲା। ଏହି ନୂତନତା ଥିଲା କାଳୀଚରଣୀୟ ରୋମାଣ୍ଟିକ୍ ପ୍ରେମ-ବଳୟ-ବ୍ୟାମୋହ ମଧ୍ୟରୁ ମୁକ୍ତି ଓ ବାସ୍ତବତାର ରୁଦ୍ର କଠୋର ସମସ୍ୟା ଭିତରେ ଭାରତୀୟ ପାରଂପରିକ ଆଦର୍ଶ ବାଦର ପ୍ରତିଷ୍ଠା। ଏହି ନାଟ୍ୟ — ବାର୍ତ୍ତାର ପ୍ରମୁଖ ନାଟ୍ୟକାର ରାମଚନ୍ଦ୍ର ମିଶ୍ର। ପ୍ରାକ୍ ସ୍ୱାଧୀନତା ପର୍ବରେ ଉଚ୍ଚଶିକ୍ଷା ଲାଭ ସହିତ ଭାରତୀୟ ମୁକ୍ତି - ସଂଗ୍ରାମରେ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିବା ସଂଗେ ସଂଗେ ଗାନ୍ଧିବାଦୀ ଆଦର୍ଶର ମୁଗ୍ଧ ଉପାସକ, ମାନବବାଦର ପ୍ରମୁଖ ରୂପକାର ଓ ସର୍ବୋପରି ଭାରତୀୟ ପରଂପରା ଓ ସଂସ୍କୃତିର ନିଷ୍ଠାପର ଉପାସକ ଭାବରେ ସେ ସୁପରିଚିତ। ସ୍ୱାଧୀନତା ପରେ ସେ ଲକ୍ଷ୍ୟ କରିଥିଲେ ନିବିଡ଼ ଭାବରେ ମୂଲ୍ୟ ଓ ମୂଲ୍ୟ ବୋଧର ଚିର-ସଂଘର୍ଷକୁ। ସ୍ୱାଧୀନତା ପରେ ପରେ ମୁକ୍ତି, ସଂଗ୍ରାମ କାଳୀନ ତ୍ୟାଗ, ନିଷ୍ଠା, ଆଦର୍ଶ ଓ ପ୍ରାଚ୍ୟ ସଂସ୍କୃତି ପ୍ରତି ଆଦରର ହେଲା କ୍ରମ ଅବକ୍ଷୟ। ଏକ ଭୋଗବାଦୀ ଓ ବ୍ୟକ୍ତିମୁଖୀ ମନୋବୃତ୍ତିର ହେଲା ଉନ୍ମେଷ। ରାଜତନ୍ତ୍ର ଗଲା, ଅତୀତର ସାମନ୍ତବାଦ ଗଲା; ଗଣତନ୍ତ୍ର ପ୍ରତିଷ୍ଠା ଲାଭ କଲା। ଅଥଚ ପୂର୍ବରୁ ଗଢ଼ି ଆସିଥିବା ଶୋଷଣର ବିଲୋପ ହେଲା ନାହିଁ। ବରଂ ଏହା ନୂତନ ରୂପରେ କାୟା ବିସ୍ତାର କଲା। ପାଶ୍ଚାତ୍ୟ ବସ୍ତୁବାଦୀ ମନୋଭାବ ହେଲା ପ୍ରଭାବଶାଳୀ। ଅର୍ଥବାଦ ଓ କ୍ଷମତାକୁ ନେଇ ଗଢ଼ିଉଠିଲା ଏକ ନୂତନ ଆଭିଜାତ ସମାଜ। ଏହି ସମାଜରେ ମୂଲ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା; ମୂଲ୍ୟବୋଧ ହେଲା ସୁଦୂରପରାହତ। ଦୁର୍ନୀତି ରାକ୍ଷସ ସହସ୍ର ବାହୁ ବିସ୍ତାର କରି ସାମାଜିକ ଜୀବନକୁ କଳଙ୍କିତ କରିଦେଲା। ଗଣତନ୍ତ୍ର କ୍ଷମତା ଓ ବିଳାସର ମାୟା ଜାଲ ଭିତରେ ହେଲା ବିଚ୍ଛେଦ। ସ୍ୱାଧୀନତାର ପ୍ରଥମ ଦଶନ୍ଧି ଭିତରେ ଅର୍ଥାତ୍ ୧୯୬୦ ମସିହା ମଧ୍ୟରେ ବାସ୍ତବତା ଓ ଆଦର୍ଶବାଦ ମଧ୍ୟରେ ଦେଖା ଦେଲା ସଂଘର୍ଷ।

Digitized by PPRACHIN, SOA

ସାହିତ୍ୟରେ ଏହା ହେଲା ପ୍ରତିଫଳିତ। ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଏହାର ସଫଳ ରୂପାୟନ କଲେ ଘରସଂସାର (୧୯୫୦), ସାଇପଡ଼ିଶା (୧୯୫୩), ଭାଇଭାଉଜ (୧୯୫୪), ଅସ୍ତରାଗ (୧୯୫୩), ସେବିକା (୧୯୫୫), ମମତା (୧୯୫୬), ଚାବୁକ (୧୯୫୮) ଆଦି ନାଟକ ମାନଙ୍କରେ। ଏସବୁ ନାଟକ ଗୁଡ଼ିକ ସ୍ୱାଧୀନତା ପରବର୍ତ୍ତୀ ଦଶନ୍ଧିର ଅନ୍ତଧ୍ୱନି। ଏ ସମୟକୁ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ସଂକ୍ରମଣ କ୍ରମେ ସୁତୀବ୍ର ହେଉଥିଲା ବେଳେ ଅନ୍ୟ ପକ୍ଷରେ ଭାରତୀୟ ସଂସ୍କୃତି ଓ ଆଦର୍ଶ ଏବଂ ଗାନ୍ଧିବାଦର ପ୍ରଭାବ ମଧ ସଂପୂର୍ଣ୍ଣ ବିଲୁପ୍ତ ହୋଇ ନ ଥିଲା। ନାଟ୍ୟକାର ରାମଚନ୍ଦ୍ର ଏହି ମନୋବୃତ୍ତିର ସୂକ୍ଷ୍ମ ଅନୁଧ୍ୟାନ କାରୀ ଓ ରୂପକାର।

ଷଷ୍ଠଦଶକ ପରେ ରାମଚନ୍ଦ୍ର ଲକ୍ଷ୍ୟକଲେ ଓଡ଼ିଆ ନାଟକରେ ଦୁଇଟି ଧାରା— ଗୋଟିଏ ପ୍ରତ୍ୟାସିଦ୍ଧ ପାରଂପରିକ ନାଟ୍ୟ ଧାରା, ଅନ୍ୟଟି ପ୍ରୟୋଗବାଦୀ ପରୀକ୍ଷାମୂଳକ ଉଦ୍‌ଭଟ ନାଟ୍ୟଧାରା। ରାମଚନ୍ଦ୍ର ପ୍ରଥମ ଧାରାର ନାଟ୍ୟକାର। ପ୍ରୟୋଗବାଦ ଓ ପରୀକ୍ଷା ନାମରେ ସେ ଯଥେଚ୍ଛାଚାରର ପକ୍ଷପାତୀ ନୁହନ୍ତି। ଉଦ୍‌ଭଟ ବା ଆବ୍‌ସାଡ଼୍‌କୁ ସେ ଆଦୌ ଅନୁମୋଦନ କରନ୍ତି ନାହିଁ। ଟେକ୍‌ନିକ୍‌ରେ ହଟଚମଟ କରି ସାମୟିକ ବାହାବା ନେବା ଓ ବୌଦ୍ଧିକ ଆଲୋଡ଼ନ ସୃଷ୍ଟି କରିବା ତାଙ୍କର ଶିଳ୍ପୀ ସତ୍ତାର ଆଭିମୁଖ୍ୟ ନୁହେଁ। ତାଙ୍କର ଲକ୍ଷ୍ୟ ନାଟକରେ ଚମତ୍କାରିତା ରହିବ, ଦର୍ଶକଙ୍କୁ ଆନନ୍ଦଦେବ ଓ ତାହା ହେବ ଲୋକ ଜୀବନ ଓ ଲୋକ ସମାଜର ଜୀବନ୍ତ ଭାଷ୍ୟ। ନାଟକ ଯଦି ମଣିଷର କଥା ନ କହେ, ମଣିଷକୁ ଉତ୍ତୋଳନ ପାଇଁ କିଛି ପ୍ରେରଣା ନ ଦିଏ, ସାମାଜିକ ଓ ରାଜନୀତିକ, ମାନସିକ ଓ ସାଂସ୍କୃତିକ ସମସ୍ୟାବଳୀକୁ ଠିକ୍ ଭାବରେ ଉପସ୍ଥାପନ କରି ନ ପାରେ, ତେବେ ନାଟକରେ ଯେତେ ପରୀକ୍ଷା ନିରୀକ୍ଷା କରାଯାଉ ନା କାହିଁକି ତାହାର ପ୍ରଭାବ ରହେନାହିଁ। ସପ୍ତ ଦଶକର ଆରମ୍ଭରୁ ଅର୍ଥାତ୍ ୧୯୬୦ ମସିହା ପରେ ପରେ ନାଟକରେ ନୂତନ ନୂତନ ପରୀକ୍ଷା କରାଯାଇଛି। ବୌଦ୍ଧିକତାର ମୋହର ମାରି ଦିଆ ଯାଇଛି। ତେଣୁ ପାରଂପରିକ ନାଟକ ରଚନାରେ ପଡ଼ିଯାଇଛି ଭଟ୍ଟା। ବ୍ୟାବସାୟିକ ରଙ୍ଗମଞ୍ଚ ମଧ ହୋଇଯାଇଛି ନିଷ୍ପ୍ରଦୀପ। ତଥାପି ଏହି ସମୟରେ ରାମଚନ୍ଦ୍ର ମିଶ୍ର ଦୃଢ଼ ଭାବରେ ନିଜର ସ୍ୱର ଉତ୍ତୋଳନ କରିଛନ୍ତି। ନିଜ ଆଦର୍ଶରେ ଅଟଳ ରହି ଲେଖିଛନ୍ତି ନାଟକ। ପୁଆଣିଘର (୧୯୬୨), ଗୋଧୂଳିଲଗ୍ନ (୧୯୬୮), ନରୋତ୍ତମ ଦାସ କହେ (୧୯୬୯) ଇତ୍ୟାଦି ତାଙ୍କ ପ୍ରତିଭାର ଯଥାର୍ଥ ସଂକେତ ପ୍ରଦାନ କରିଥାଆନ୍ତି। 'ନାଟକରୀତିମତ' (୧୯୫୩) ତାଙ୍କର ଏକ ଭିନ୍ନ ଧରଣର ନାଟକ। ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ 'ପରପୁରୁଷ' ଓ ପ୍ରଫୁଲ୍ଲ ନାୟକଙ୍କ ଉପନ୍ୟାସ 'ବଗୁଲିଗଡ଼ାଏ ଲୁହ' ଅବଲମ୍ବନରେ ସେ ମଧ ରଚନା କରିଛନ୍ତି 'ପରପୁରୁଷ' (୧୯୬୮) ଓ 'କିସ ପୁଣି ଦେଖା ନ ଯାଏ' (୧୯୭୨) ନାଟକ ଦ୍ୱୟ। 'ମଉଡ଼ମଣି' ତାଙ୍କର ଅନ୍ୟ ଏକ ନାଟକ।

୧୯୪୨ ରୁ ୧୯୯୨ — ଦୀର୍ଘ ପଚାଶ ବର୍ଷ — ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟକାର ଜୀବନର ଅର୍ଦ୍ଧ ଶତାବ୍ଦୀର ଜୀବନ୍ତ ଇତିହାସ। ଏହି ଇତିହାସ ହସକାନ୍ଦର ଇତିହାସ, ଆଦର୍ଶ ଓ ବାସ୍ତବତାର ଇତିହାସ। ବହୁ ନାଟକ ସେ ଲେଖି ନାହାନ୍ତି;

Digitized by PPRACHIN, SOA

ଯାହା କିଛୁ ଲେଖିଛନ୍ତି ସେସବୁ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର। ତାହା ସ୍ଥିର ଓ ଦୀପ୍ତିମାନ। ସେ ନାଟକ ଲେଖିଛନ୍ତି, ଏକାଙ୍କିକା ଲେଖିଛନ୍ତି। ସେ ମାଜିଷ୍ଟ୍ରେଟ ହୋଇଛନ୍ତି ଓ ଆଦର୍ଶ ଦୃଷ୍ଟିରୁ ଚାକିରି ମଧ୍ୟ ଛାଡ଼ିଛନ୍ତି। ଓକିଲାତି କରିଛନ୍ତି ଦଶପଲ୍ଲାରେ। ପ୍ରତ୍ୟକ୍ଷ ରାଜନୀତି ଭିତରକୁ ଯାଇଛନ୍ତି। ଦଶପଲ୍ଲା ପଞ୍ଚାୟତ ସମିତିର ସେ ହୋଇଥିଲେ ସର୍ବପ୍ରଥମ ଅଧ୍ୟକ୍ଷ (୧୯୬୧ - ୧୯୭୪)। ସେ ମଧ୍ୟ ପୁରୀଜିଲ୍ଲା ପରିଷଦର ଉପାଧ୍ୟକ୍ଷ ହୋଇଥିଲେ। ପୁରୀଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଭାବରେ ସେ ମଧ୍ୟ ଆପଣାର ଦକ୍ଷତା ଦେଖାଇଥିଲେ। ରାଜନୀତି ତାଙ୍କର ପେଷା ନଥିଲା; ଥିଲା ଆଦର୍ଶ-ଭୂମି। ରୋଗ ଶଯ୍ୟାରେ ଚଳଚ୍ଛକ୍ତି ହୀନ ହୋଇ ପଡ଼ିବା ପର୍ଯ୍ୟନ୍ତ ସେ ଥିଲେ ସତତ କର୍ମଯୋଗୀ। କୌଣସି ସଂକୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରି ନଥିଲା। ଏକ ଦାର ପ୍ରଶାନ୍ତ ହୃଦୟବାନ୍ ପୁରୁଷ ଭାବରେ ସେ ଥିଲେ ସମସ୍ତଙ୍କ ପାଖରେ ଏକାନ୍ତ ଆପଣାର। ଯୁବକଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ନିଜର କରି ନେଇ ପାରୁଥିଲେ। ପରିଣତ ବୟସରେ ମଧ୍ୟ ସେ ଯୁବ ସୁଲଭ ଉଦ୍ଦୀପନା ନେଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଯୁବ ଲେଖକ ସମ୍ମିଳନୀରେ ଯୋଗ ଦେଉଥିଲେ ଓ ଆଲୋଚନା ଚକ୍ରରେ ଭାଗନେଇ ନିଜର ସୁଚିନ୍ତିତ ମତ ପ୍ରଦାନ କରୁଥିଲେ। ସର୍ବଭାରତୀୟ ଲେଖକ ସମ୍ମିଳନୀରେ ମଧ୍ୟ ସେ ଉପସ୍ଥାପନ କରିଛନ୍ତି ନିଜର ସାହିତ୍ୟକ ସତାଦର୍ଶକୁ। ସର୍ବତ୍ର ସେ ଥିଲେ ଏକ ସମ୍ମାନିତ ବ୍ୟକ୍ତିତ୍ୱ। କେବଳ ସାରସ୍ୱତ ଜଗତରେ ନୁହଁନ୍ତି, କ୍ରୀଡ଼ା ଜଗତରେ ମଧ୍ୟ ସେ ଥିଲେ ଏକ ଶକ୍ତିଶାଳୀ ପ୍ରତିଭା। ସ୍ୱର୍ଗତ ଗୋବିନ୍ଦ ମିଶ୍ର ଯିଏ ଥିଲେ ତ୍ୟାଗ ଦୀପ୍ତ ଭାରତୀୟ ରାଜନୀତିର ଅନ୍ୟତମ ଅମ୍ଳାନ ପ୍ରତିଭା, ତାଙ୍କର ଆଦର୍ଶ ରାମଚନ୍ଦ୍ରଙ୍କୁ ପ୍ରଭାବିତ କରିଥିଲା। ସେ ଥିଲେ ତାଙ୍କର ପିତା ସ୍ୱରୂପ — ମନ୍ତ୍ରଦାତା।

ରାମଚନ୍ଦ୍ର ମିଶ୍ରଙ୍କ ପ୍ରାକ୍ ସ୍ୱାଧୀନତା କାଳର ନାଟକ ଚତୁଷ୍ଟୟ ଥିଲା ତ୍ୟାଗ ଓ ଆଦର୍ଶ, ପ୍ରେମ ଓ ପ୍ରଣୟ, ବ୍ୟକ୍ତିତ୍ୱ ଓ ମାନବତ୍ୱ ଅପୂର୍ବ ରୂପରାଗ। 'ମ୍ୟାନେଜର' ନାଟକ ଦେବତ୍ୱ, ଦାନବତ୍ୱ ଓ ମାନବତ୍ୱ ତ୍ରିବେଣୀ ସଂଗମ। ଏକ ପକ୍ଷରେ ପ୍ରତାରଣା, ପ୍ରବଞ୍ଚନା, ତୀବ୍ର ଉପଭୋଗ ଲାଳସା, ଶୋଷଣ, କପଟତା ଏବଂ ଅନ୍ୟପକ୍ଷରେ ନୈତିକତା, ତ୍ୟାଗ, ମାନବିକତା, ଶୁଦ୍ଧ ଅନୁରାଗ ଓ ପ୍ରେମ ଉକ୍ତ ନାଟକରେ ପ୍ରକାଶ ପାଇଛି ଓ ପ୍ରଥମ ପ୍ରବୃତ୍ତି ଉପରେ ଦ୍ୱିତୀୟ ପ୍ରବୃତ୍ତିର ହୋଇଛି ବିଜୟ। 'ମୂଲିଆ' ନାଟକରେ ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ଜନିତ ନୂତନ ଆଭିଜାତ ବର୍ଗର ଉତ୍‌ଥାନ ଓ ଉପଭୋଗୀ ମନୋଭାବର ଉନ୍ମେଷ ବେଶ୍ ଜୀବନ୍ତ ଭାବରେ ଉପସ୍ଥାପିତ। ପଲ୍ଲୀ ଓ ନଗରର ଚିର-ସଂଘର୍ଷ, ଦୀନ ଦୁଃଖୀ ଭାଇ ଓ ଭାଉଜଙ୍କ ପ୍ରତି ସହରରେ ପାଠ ପଢୁଥିବା ସାନ ଭାଇର ବୀତ ରାଗଣ, ପଲ୍ଲୀର ସରଳ ଯୁବତୀର ପ୍ରେମକୁ ପ୍ରତ୍ୟାଖ୍ୟାନ ଓ ଶିକ୍ଷିତା ଅଭିଜାତା ଯୁବତୀ ପ୍ରତି ଆସକ୍ତି, ପରିଣତିରେ ଅନୁତାପ ଓ ଭାଇଭାଉଜଙ୍କ ପାଖକୁ ପ୍ରତ୍ୟାବର୍ତ୍ତନ, ବିଶୁଦ୍ଧ ପ୍ରେମର ବିଜୟ ଏହି ନାଟକକୁ କରିଛି ହୃଦ୍ୟ ଓ ପ୍ରଭାବଶାଳୀ।

Digitized by PPRACHIN, SOA

ସ୍ୱାଧୀନତା ପରବର୍ତ୍ତୀ କାଳର ଆଦର୍ଶବାଦୀ ନାଟକ ଦ୍ୱୟ, 'ଘରସଂସାର' ଓ 'ଭାଇ ଭାଉଜ' ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସର୍ବତ୍ର ଲୋକପ୍ରିୟତା ଅର୍ଜନ କରିଅଛି। ଚଳଚ୍ଚିତ୍ର ପରଦାରେ ମଧ୍ୟ ଏହି ଦୁଇଟି ନାଟକ ହୋଇଛି ଗୌରାବାନ୍ୱିତ। 'ଘରସଂସାର' ପାରିବାରିକ ସମସ୍ୟାମୂଳକ ଆଦର୍ଶବାଦୀ ନାଟକ। ଏଥିରେ ମଧ୍ୟ ଅଛି ନଗର ଓ ପଲ୍ଲୀ ଜୀବନର ଚିର-ସଂଘର୍ଷ। ଶିକ୍ଷିତ ଯୁବକ ଗୋପଚୌଧୁରୀର ଆଦର୍ଶ, ତ୍ୟାଗ ଓ ପ୍ରେମ ନାଟକକୁ ପ୍ରାଣବନ୍ତ କରିଦେଇଛି। ପ୍ରାୟ ଏହିପରି ଶାରଦାର ବ୍ୟକ୍ତିତ୍ୱ ମଧ୍ୟ ହୋଇ ଉଠିଛି ମହାନ୍। ଉଚ୍ଚଶିକ୍ଷିତ ମି. ବର୍ମାଙ୍କ ପାଶ୍ଚାତ୍ୟ ମନୋଭାବ, ଉପଭୋଗୀ ଦୃଷ୍ଟିକୋଣ ନାଟକରେ ବ୍ୟଂଜିତ ହୋଇଛି। ଗ୍ରାମ୍ୟ ଜୀବନରେ ଟାଉଟର ଶ୍ରେଣୀର ଚରିତ୍ରମାନେ ଯେପରି ନାରକୀୟତା ସୃଷ୍ଟି କରନ୍ତି ସେ କଥାକୁ ମଧ୍ୟ ଦେଖାଇ ଦିଆ ଯାଇଛି। ସହରୀ ସଭ୍ୟତାର ଶିକ୍ଷିତା ଯୁବତୀ ଅନିମାର ଆତ୍ମମ୍ଭରିତା ଓ ସ୍ୱେଚ୍ଛାଚାରିତା, ସ୍ୱାମୀ ବିନୋଦ ପ୍ରତି ତାର ରୁକ୍ଷ ବ୍ୟବହାର, ପରିଣତିରେ ମି. ବର୍ମାଙ୍କଠାରୁ କଦର୍ଯ୍ୟ ବ୍ୟବହାର ପାଇ ଅନୁତାପ ଏବଂ ପରିବାର ବୃତ୍ତକୁ ପ୍ରତ୍ୟାବର୍ତ୍ତନ, ଗୋପଚୌଧୁରୀ ଓ ଶାରଦାର ତ୍ୟାଗଦୀପ୍ତ ଆଦର୍ଶ ବ୍ୟକ୍ତିତ୍ୱ ନାଟକକୁ ପ୍ରଦାନ କରିଛି ଏକ ଚିରନ୍ତନ କଳା-ମୂଲ୍ୟ। ଆମ ପାରିବାରିକ ଜୀବନର ଏକ କରୁଣ ମଧୁର କାହାଣୀର ଏହା ବାସ୍ତବିକ କଳାତ୍ମକ ଅଭିବ୍ୟକ୍ତି। 'ସାଇପଡ଼ିଶା' ନାଟକରେ ପାରିବାରିକ ଜୀବନର ସଂଘାତ ଓ ସଂଘର୍ଷ ମଧ୍ୟ ଦେଇ ବିଶ୍ୱାସ ଓ ଆଦର୍ଶ ହୋଇଛି ପ୍ରତିଷ୍ଠିତ। 'ଭାଇଭାଉଜ' ନାଟକ ମଧ୍ୟ ରାମାୟଣୀ ଆଦର୍ଶର ଏକ ଆଧୁନିକ ପ୍ରତିଧ୍ୱନି। ମହୀପଧାନ, ଭାଇଗ ଓ ଦୁଃଖୀ - ଏହି ଚରିତ୍ରତ୍ରୟୀ ଯେପରି ଅଶ୍ଳୀଳ ସେହିପରି ମଧ୍ୟ ଆଦର୍ଶବାନ୍। ତ୍ୟାଗ ଓ ପ୍ରେମର ଏମାନେ ଜ୍ୱଳନ୍ତ ଆଦର୍ଶ। ଗ୍ରାମ ସାହୁକାର ଯୋଗୀ ଓ ତାର ସହଯୋଗୀ ଅଇଁଠାର ଚକ୍ରାନ୍ତ ଫଳରେ ମହୀପଧାନକୁ ହୋଇଛି କାରାଦଣ୍ଡ। ଭାଇଗ ସମସ୍ତ କିଛି ତ୍ୟାଗ କରି ଦୁଃଖୀ ତାର ପୁଅକୁ ବଂଚାଇଛି। ମହୀ ପଧାନର ପୁଅକୁ ପାଠ ପଢ଼ାଇ ମଣିଷ ପରି ମଣିଷ କରିଛି। ସେ ହୋଇଛି କୃଷି ବିଶାରଦ। ମହୀପଧାନ କାରାମୁକ୍ତ ହୋଇ ଭାଇଗ ଓ ଦୁଃଖୀକୁ ଅବିଶ୍ୱାସ କରିଛି ଓ ଶେଷରେ ଆଶ୍ରୟ ନେଇଛି ତାକୁ କାରାଦଣ୍ଡ ଦେଇଥିବା ବିଚାରଙ୍କ ଘରେ। ବିଚାରକ ମଧ୍ୟ ମହୀପଧାନକୁ ଆଇନର ଜାଲ ଭିତରୁ ମୁକ୍ତ କରି ନ ପାରି ଦଣ୍ଡ ଦେଇଥିବାରୁ ଅନୁତାପ କରିଛନ୍ତି ଓ ଚାକିରୀ ତ୍ୟାଗ କରିଦେଇଛନ୍ତି। ସଇତାନ୍ ଚରିତ୍ରମାନେ ଦଣ୍ଡପାଇଛନ୍ତି ଅଦୃଷ୍ଟଦ୍ୱାରା। ସ୍ୱାମୀ, ସ୍ତ୍ରୀ ଓ ପୁତ୍ରର ହୋଇଛି ମଧୁମୟ ମିଳନ। ଭାଇଗ ଚାଲି ଯାଇଛି ଗାଁକୁ। ଏଥର ବିଚାରକ ନିଜର ପତ୍ନୀ ଓ କନ୍ୟା ସହିତ ମହୀପଧାନ, ତାର ସ୍ତ୍ରୀ ଓ ପୁତ୍ର ସହିତ ଯାଇଛନ୍ତି ଭାଇଗ ପାଖକୁ। ବିଚାରକ ନିଜର ସ୍ୱାସ୍ଥ୍ୟ ବିଶାରଦା କନ୍ୟାକୁ ବିବାହ ଦେଇଛନ୍ତିର ମହୀପଧାନର ପୁତ୍ରକୁ। ଏହି ନାଟକରେ ବାସ୍ତବତା ଉପରେ ଆଦର୍ଶବାଦର ହୋଇଛି ବିଜୟ। ଗ୍ରାମ୍ୟ ଜୀବନର ଓ ସଭ୍ୟତାର ଉନ୍ନତିହିଁ ଉକ୍ତ ନାଟକରେ ମହନୀୟ ପ୍ରେରଣା। 'ସେବିକା' ନାଟକରେ ନାରୀର ପ୍ରେମିକାତ୍ୱ, ବଧୂତ୍ୱ ଓ ସେବିକାତ୍ୱ - ଏହି ଗୁଣତ୍ରୟୀର ହୋଇଛି ନାଟ୍ୟିକ ଉପସ୍ଥାପନା। ଏଥିରେ ମଧ୍ୟ

Digitized by PPRACHIN, SOA

ତ୍ୟାଗ ଓ ଆଦର୍ଶର ହୋଇଛି ସ୍ପର୍ଦ୍ଧିତ ଜୟଯାତ୍ରା। 'ମମତା' ନାଟକର ପାରିବାରିକ ଦ୍ୱନ୍ଦ୍ୱ ଓ କଳହ ଏବଂ ପରିଣତିରେ ସ୍ନେହ, ପ୍ରେମ ଓ ମମତାର ବିଜୟକୁ ନେଇ ରଚିତ। ଏହା ମଧ୍ୟ ସେହି ଆଦର୍ଶବାଦୀ ଧରାତଳର ନାଟକୀୟ ପରିପ୍ରକାଶ। 'ପୁଆଣିଘର' ନାଟକରେ ସଂଦେହ, ସଂକଟ, ସଂଘର୍ଷ, ଅବିଶ୍ୱାସ ଓ ଚକ୍ରାନ୍ତ ଉପରେ ପ୍ରେମ, ସ୍ନେହ, ସହନଶୀଳତା, ବ୍ୟକ୍ତିତ୍ୱ ଓ ଚରିତ୍ରବତ୍ତାର ବିଜୟ ଉଦ୍‌ଘୋଷିତ। 'ଗୋଧୂଳିଲଗ୍ନ' ନାଟକରେ ବିଶ୍ୱବିଦ୍ୟାଳୟ ଶିକ୍ଷାର ବ୍ୟର୍ଥତା ଓ ପ୍ରକୃତ ମନୁଷ୍ୟତ୍ୱର ପରିଚୟ ନାଟକାୟିତ। 'ପରପୁରୁଷ' ଓ 'କିସପୁଣି ଦେଖା ନ ଯାଏ' ନାଟକ ଦ୍ୱୟ ଉପନ୍ୟାସ ଅବଲମ୍ବିତ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କ ଆଦର୍ଶ ବାଦର ପ୍ରତିଧ୍ୱନି ମାତ୍ର। ରାମଚନ୍ଦ୍ରଙ୍କର ଏସବୁ ନାଟକମାନଙ୍କୁ ବିଶ୍ଳେଷଣ କଲେ ସ୍ପଷ୍ଟ ଜଣାଯାଏ ଯେ ସେ ପ୍ରେମ, ତ୍ୟାଗ ଓ ମାନବିକତା - ଏହି ତିନୋଟି ସ୍ୱର୍ଗୀୟ ଭାବ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ତ୍ରୟୀ ଭାବକୁ ସେ ଖୋଜିଛନ୍ତି ଜୀବନ ସାରା। ଅଧିକନ୍ତୁ ସେ ଭାରତୀୟ ଆର୍ଯ୍ୟ ସଂସ୍କୃତିର ମହତ୍ତ୍ୱ ଓ ମହିମାକୁ ସ୍ୱାଗତ କରିଛନ୍ତି। ତେଣୁ ସେ ଚାହିଁଛନ୍ତି ଏକ ସ୍ନେହ, ପ୍ରେମ, ତ୍ୟାଗ ପରିପୂର୍ଣ୍ଣ ଶାନ୍ତର ସୁନ୍ଦର ପରିବାର। ବସ୍ତୁବାଦ ଓ ଉପଭୋଗରେ ପରିପୂର୍ଣ୍ଣ ସହରଜୀବନ ନୁହେଁ; କାନ୍ତିକୋମଳ କମନୀୟ ପଲ୍ଲୀଜୀବନ ଓ ପଲ୍ଲୀ ସଭ୍ୟତାହିଁ ତାଙ୍କର ଆଦର୍ଶମୟ ଆକାଂକ୍ଷା।

ଆଦର୍ଶ ବୃତ୍ତରୁ ନାଟ୍ୟକାରଙ୍କ ବ୍ୟକ୍ତି - ପୁରୁଷ ପୁଣି ଗତି କରି ଆସିଛି ରୁକ୍ଷ ବାସ୍ତବତାକୁ। ଏଠି ନାଟ୍ୟକାର କେବଳ ଅନୁଭବ କରିଛନ୍ତି ପ୍ରତାରଣା ଆଉ ପ୍ରବଞ୍ଚନା। ଚାକିରି, ବ୍ୟବସାୟ ଓ ରାଜନୀତି - ଏହି ତ୍ରୟୀ ଅବସ୍ଥା ଆଜି ଦୁର୍ନୀତିର ହୋଇଯାଇଛି କେନ୍ଦ୍ରଭୂମି। ସର୍ବତ୍ର ଅର୍ଥ ଓ କ୍ଷମତାର ପ୍ରତିଯୋଗିତା, ବ୍ୟକ୍ତି ସ୍ୱାର୍ଥମୁଖ୍ୟ ଅର୍ଥ ଓ କ୍ଷମତା ନିକଟରେ ଭାଇଭାଇ, ପିତାପୁତ୍ର, ବନ୍ଧୁ ବନ୍ଧୁର ସଂପର୍କ ଅତ୍ୟନ୍ତ ହେୟ। ଏହି ସତ୍ୟ ପ୍ରକଟିତ ହୋଇଛି 'ନରୋତ୍ତମ ଦାସ କହେ' ନାଟକରେ। ତିନିଭାଇ - ଜଣେ ଉଚ୍ଚପଦସ୍ଥ ଅଫିସର, ଜଣେ ବଡ଼ ବ୍ୟବସାୟୀ ଏବଂ ଅନ୍ୟଜଣେ ରାଜନୀତିକ ନେତା। ତିନିଜଣଙ୍କର ଗତି ଭିନ୍ନ। ଲାଞ୍ଚ, ମିଛ, ଦୁର୍ନୀତି, ମିଥ୍ୟା, କପଟତା ସାଂପ୍ରତିକ ସମାଜକୁ କିପରି କଳଙ୍କିତ କରିଦେଇଛି ତାହା ଏହି ନାଟକରେ ଉତ୍କୀର୍ଣ୍ଣ। ଆଦର୍ଶ ଓ ବାସ୍ତବତାର ସଂଘର୍ଷ ଏଥିରେ ସୁତୀବ୍ର। ବାସ୍ତବତାର ହୋଇଛି ବିଜୟ। ଏପରି ଏକ ନାଟକ ରଚନା କରି ନାଟ୍ୟକାର ସାଂପ୍ରତିକ ସମାଜ ଓ ଅଭିଜାତ ବର୍ଗଙ୍କର ମୁଖା ଉନ୍ମୋଚନ କରି ଦେଇଛନ୍ତି। ତାଙ୍କର ଶେଷତମ ନାଟକ 'ମନ୍ତ୍ରୀଯୁଗ'। ରୋଗଶଯ୍ୟାରେ ପଡ଼ିଥିଲା ବେଳେ ଏହା ରଚିତ ଓ ମୃତ୍ୟୁର ପ୍ରାକ୍ ମୁହୂର୍ତ୍ତରେ 'ମନ୍ତ୍ରୀ ଆସିବେ', 'ଭୋଟ ସଂସାର' - ଏହି ଅବସ୍ଥାତ୍ରୟୀକୁ ନେଇ ଉକ୍ତ ନାଟକର ଗତି। ପ୍ରତ୍ୟେକ ସ୍ୱତନ୍ତ୍ର ଓ ସ୍ୱୟଂସଂପୂର୍ଣ୍ଣ। ପୁନଶ୍ଚ ପ୍ରତ୍ୟେକ ସହିତ ପ୍ରତ୍ୟେକ ମଧ୍ୟ ଘନିଷ୍ଠ ସଂପୃକ୍ତ। ପୂର୍ବାଶା-ଆଶ-ନିରାଶା'ରେ ପ୍ରାକ୍ ସ୍ୱାଧୀନତା ପୂର୍ବର ରାଜକୀୟ ଓ ସ୍ୱାଧୀନତା ଲାଭ ପରେ ପରେ ମନ୍ତ୍ରୀତ୍ୱର ମୋହ, ଉପଭୋଗ - ଲାଳସା, କ୍ଷମତାନ୍ଧତା, ରୂପାୟିତ। ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ମାତ୍ୱରଙ୍କ ପ୍ରତି ଅଛି ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତି। 'ମନ୍ତ୍ରୀ ଆସିବେ' ପ୍ରସଙ୍ଗରେ ଅଛି ଗାଉଟରମାନଙ୍କର କାରସାଦି,

Digitized by PPRACHIN, SOA

ଦୁର୍ନୀତି, ମନ୍ତ୍ରୀଙ୍କର ମିଥ୍ୟା ପ୍ରତିଶ୍ରୁତି, ଉତ୍କଟ ଉପଭୋଗ ଲାଳସା, ଗ୍ରାମ୍ୟ ରାଜନୀତିକ ନେତାମାନଙ୍କର ସରକାରୀ ଅଫିସରଙ୍କ ଉପରେ ପ୍ରଭାବ, ଯୁବନେତାମାନଙ୍କର ଆତ୍ମମ୍ଭରିତା ଇତ୍ୟାଦି ବେଶ୍ ଜୀବନ୍ତ ଭାବରେ ନାଟକାୟିତ। 'ଭୋଟ ସଂସାର' ପ୍ରସଙ୍ଗରେ କିନ୍ତୁ ଅଛି ମହିଳାମାନଙ୍କର ରାଜନୀତିରେ ଶତକଡ଼ା ତିରିଶଭାଗ ଯୋଗଦେବା ବ୍ୟବସ୍ଥା ପ୍ରତି ବ୍ୟଙ୍ଗୋକ୍ତି। ଆଜିର ନିର୍ବାଚନୀ ରାଜନୀତି ହୋଇଯାଇଛି କୁରୁକ୍ଷେତ୍ର ଯୁଦ୍ଧ ଭୂମି। ଏଠି ନୀତି ନାହିଁ, ଆଦର୍ଶ ନାହିଁ; ଅଛି କେବଳ କପଟତା, ମିଥ୍ୟା ଓ ପ୍ରବଞ୍ଚନା। ଅର୍ଥ ବଳରେ ନିର୍ବାଚନ ବୈତରଣୀ ପାରିହେବାହିଁ ହୋଇଛି ଏକମାତ୍ର ଲକ୍ଷ୍ୟ। ଏଇ କେଇବର୍ଷର ରାଜନୀତି ଭିତରେ ଯେଉଁ ପରିବର୍ତ୍ତନ ଘଟିଯାଇଛି ଓ ଘଟୁଛି ତାହାର ଏକ ଚମତ୍କାର ଜୀବନ୍ତ ଆଲେଖ୍ୟ 'ମନ୍ତ୍ରୀଯୁଗ' ବାସ୍ତବିକ ଏ ଯୁଗ କେବଳ ମନ୍ତ୍ରୀର ଯୁଗ। ମନ୍ତ୍ରୀ ଯାହା ଚାହାଁନ୍ତି ତାହା ହୁଏ। ଏ ଯୁଗ ଅଫିସରର ନୁହେଁ, ସାଧାରଣ ମଣିଷର ନୁହେଁ, ଶ୍ରମିକର ନୁହେଁ କିମ୍ବା କୃଷକର ନୁହେଁ। ଏଯୁଗ ରାଜନୀତିର - ମନ୍ତ୍ରୀ ମାନଙ୍କର। ଏକଥା ରାମଚନ୍ଦ୍ର ମିଶ୍ର ହିଁ କହିପାରନ୍ତି।

ରାମଚନ୍ଦ୍ର ମିଶ୍ର ଆଶାବାଦୀ ଓ ଆଦର୍ଶ ବାଦୀ ନାଟ୍ୟକାର। ସେ କହନ୍ତି - 'ହତାଶ ହେବାର କିଛି ନାହିଁ। ଦେଶରେ ପ୍ରତିଭାର ଅଭାବ ନାହିଁ - ତାହାର ଉପଯୁକ୍ତର ବିନିଯୋଗ ଆବଶ୍ୟକ। ଓଡ଼ିଆ ରଂଗମଂଚ, ନାଟକ, ନାଟ୍ୟକାର ଓ ଶିଳ୍ପୀଗଣ ବଂଚିବେ ନୂତନ ସୃଷ୍ଟିର ଦୀକ୍ଷା ନେଇ। ସେମାନେ ସୃଷ୍ଟି କରିବେ ସମାଜରେ ଓ କଳାକ୍ଷେତ୍ରରେ ନୂତନ ଦିଗନ୍ତ'। ସେ ଜାଣନ୍ତି ସମାଜ - ସଂପର୍କ ଓ ମଣିଷ - ମନ ମଧ୍ୟ ଜଟିଳରୁ ଜଟିଳତର ହୋଇଯାଉଛି। ଶିଳ୍ପ ସଭ୍ୟତା ସୃଷ୍ଟି କରିଛି ନୂତନ ଦାସତ୍ୱ। ତାହାର ମୁକାବିଲା କରିବା ପାଇଁ ସମାଜ- ମଣିଷକୁ ସଚେତନ କରିବାକୁ ହେବ ନାଟକ ପରି ଗଣ ମାଧ୍ୟମ ଦ୍ୱାରା। ନାଟକ ଯଦି ଏହି ଦାସତ୍ୱ ତୁଲାଇ ନ ପାରେ ତେବେ ସେପରି ନାଟକର ମୂଲ୍ୟ କଣ? ନାଟକର ମାର୍କା ବଦଳେଇ ଦେଲେ ତାହା ନାଟକ ହୁଏ ନାହିଁ। "ସାଧାରଣ ଲୋକଙ୍କ ଆଖିରେ ଧୂଳି ପକାଇ, ନୂଆ ଚଷମା ପିନ୍ଧାଇ, ବହୁ ଭୂମିକା ଶୁଣାଇ, ବାଧ୍ୟତାମୂଳକ ଭାବେ ଟିକେଟ ମୂଲ୍ୟ ଦ୍ୱାରଦ୍ୱାର ବୁଲି ସଂଗ୍ରହ କରି ଯେଉଁ ନାଟକ ପ୍ରଦର୍ଶିତ ହେଲା, ତାହା ଦର୍ଶକଙ୍କ ମନ ଉପରେ କୌଣସି ପ୍ରକାର ପ୍ରଭାବ ପକାଇ ପାରିଲା ନାହିଁ। ରାମଚନ୍ଦ୍ର ମିଶ୍ରହିଁ ଏକଥା ଉପଲବ୍ଧି କଲେ। ତେଣୁ ତଥାକଥିତ ବୌଦ୍ଧିକ ନାଟକ ବିରୋଧରେ ସ୍ୱର ଉତ୍ତୋଳନ କଲେ। ସେ ସ୍ୱର ଏକକ ମାତ୍ର ବଳିଷ୍ଠ। ସେହି ସ୍ୱରର ହେଲା କ୍ରମଶଃ ବିଜୟ। ସେ ତେଣୁ କହନ୍ତି - 'ସ୍ୱାଧୀନତା ପରେ ଏ ଦେଶର ସମାଜରେ ଏକ ନୂତନ ନୌକର ସାହିର ଅଭ୍ୟୁତ୍ଥାନ ପରିଲକ୍ଷିତ ହେଲା। ସେମାନଙ୍କର ଶକ୍ତି ଜାହିର ରଖିବାକୁ ସେମାନେ ସର୍ବଦା ଚାହିଁଲେ ଲୋକଶକ୍ତିର ହ୍ରାସ। ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଗୁଡ଼ିକ ବିରୋଧରେ ସଂଗ୍ରାମରତ। ଲୋକ ବିଜୟ ନ ଘଟିଲା ପର୍ଯ୍ୟନ୍ତ ସଂଘର୍ଷ ଚାଲୁ ରହିବ ଏବଂ ସମାଜରେ ସଂଗ୍ରାମରତ ଶ୍ରେଣୀ ମାନଙ୍କର ପୁନଃ ବିନ୍ୟାସ ଚାଲିଥିବ। ଏହି ସଂଗ୍ରାମକୁ ଏକ ଚରମ ପର୍ଯ୍ୟାୟରେ ପହଞ୍ଚାଇ ଦବାର ଭୂମିକା ନାଟ୍ୟ କଳା ଦ୍ୱାରା ସାଧିତ ହୋଇ ପାରିବାର ସମ୍ଭାବନା ଅଧିକ। ଏହାହିଁ ଥିଲା

Digitized by PPRACHIN, SOA

ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟାଦର୍ଶ ଓ ସାମାଜିକ ଆଭିମୁଖ୍ୟ। ଆମୋଦ ନାମରେ ବିକୃତ କଳାର ପରିବେଷଣର ସେ ପରିପନ୍ଥୀ। ପରୀକ୍ଷା ନିରୀକ୍ଷା ନାମରେ ନାଟକକୁ ମଧ୍ଯ ସେ ଦୁର୍ବୋଧ କରିବାର ସପକ୍ଷବାଦୀ ନୁହଁନ୍ତି। ଆତ୍ମରକ୍ଷା ଆତ୍ମସମୃଦ୍ଧି ଦୃଷ୍ଟିରୁ ଯେଉଁମାନେ ସ୍ୱାର୍ଥ ଜଡ଼ିତ ଶ୍ରେଣୀ ଗଠନ କରିନ୍ତି ଓ ସେହି ଶ୍ରେଣୀର ଚିତ୍ତବିନୋଦନ ପାଇଁ ନାଟକ ଲେଖନ୍ତି ତାହାକୁ ମଧ୍ଯ ସେ ସ୍ୱାଗତ କରି ପାରି ନାହାନ୍ତି। ତାଙ୍କର ମତ 'ନାଟ୍ୟ କଳା ସର୍ବଜନୀନତା ଲାଭ କରିବାର ଅନ୍ୟ ଏକ ପନ୍ଥା - ନାଟକରେ ସବୁ ଶ୍ରେଣୀର ଲୋକ ଯଦି ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିପାରିବେ, ସବୁ ଶ୍ରେଣୀର ଲୋକଙ୍କ ଆଶାଆକାଂକ୍ଷା, ଉତ୍‌ଥାନ ପତନର କାହାଣୀ ସହିତ ଯଦି ସେମାନଙ୍କୁ ପ୍ରତ୍ୟକ୍ଷ ଭାବେ ଜଡ଼ିତ କରାଯାଇ ପାରିବ, ତେବେ ତାହାର ସର୍ବଜନୀନତା ବୃଦ୍ଧି ଲାଭ କରିବ।' ନାଟକକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ତା'ଭିତରୁ ସମସ୍ତ କ୍ଲିଷ୍ଟତାକୁ ପରିହାର କରିବାକୁ ହେବ। ନାନାପ୍ରକାର ଶୈଳୀ ଓ ରୂପକଳ୍ପର ପ୍ରୟୋଗ ଦ୍ୱାରା ନାଟକର ଆତ୍ମା ହଜିଯାଏ।

ରାମଚନ୍ଦ୍ର ମିଶ୍ର ସମ୍ବେଦନଶୀଳ ମାନବବାଦୀ ନାଟ୍ୟକାର। ସେ ଗାଁକୁ ଓ ମଣିଷଙ୍କୁ ଭଲପାଆନ୍ତି। ସେହି ମଣିଷ ଯେଉଁ ସ୍ତରର ହୋଇ ଥାଆନ୍ତୁ ନା କାହିଁକି, ଯଦି ତା'ଭିତରେ ମନୁଷ୍ୟତ୍ୱ ଅଛି ତେବେ ତାକୁ ସେ ଅନ୍ତରର ଶ୍ରଦ୍ଧା ଜଣାଇଛନ୍ତି। ଭାରତୀୟ ସଂସ୍କୃତି ଓ ଆର୍ଯ୍ୟଚେତନାର ସେ ଜାଗ୍ରତ ପ୍ରହରୀ। ତେଣୁ ତାଙ୍କର ନାଟକରେ ଅଛି ଭାରତୀୟ ସଂସ୍କୃତି ପ୍ରତି ଗଭୀର ମମତ୍ୱବୋଧ। ଏହି ସଂସ୍କୃତିରେ ସ୍ୱାମୀ ଓ ସ୍ତ୍ରୀ, ପିତା ମାତା ଓ ପୁତ୍ର, ଭାଇ ଓ ଭାଇ, ବନ୍ଧୁ ଓ ବନ୍ଧୁ, ଶାସକ ଓ ଶାସିତ ମଧ୍ୟରେ ଯେଉଁ ଦିବ୍ୟ ଭାବ ବିଦ୍ୟମାନ ଥିଲା ତାହାର ପୁନଃ ପ୍ରତିଷ୍ଠା ପାଇଁ ଜୀବନରେ ସେ ସରଳ, ନିରାଡ଼ମ୍ବର ନିରହଂକାର ଓ ଅମାୟିକ। ସାହିତ୍ୟରେ ସେ ସ୍ୱାଭିମାନୀ। ନାଟକ ରଚନାରେ ସେ ଆଦର୍ଶ ବାଦୀ। ଏହାର ଅର୍ଥ ନୁହେଁ ଯେ ସେ ବାସ୍ତବତାକୁ ଅସ୍ୱୀକାର କରିଦେଇଛନ୍ତି। ବାସ୍ତବତାକୁ ଗ୍ରହଣ କରି ତାରି ପରେ ଆଦର୍ଶର ବିଜୟ ବୈଜୟନ୍ତୀ ଉଡ଼ାଇଛନ୍ତି।

ଏପରି ଜଣେ କ୍ରାନ୍ତିକାରୀ ନାଟ୍ୟକାରଙ୍କର ହେଲା ଅକାଳ ତିରୋଧାନ। ଓଡ଼ିଆ ସାରସ୍ୱତ ଜଗତ ହରାଇ ଦେଲା ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର। ତଥାପି ଏହି ବ୍ୟକ୍ତିତ୍ୱର ବିଲୟ ନାହିଁ। ଏହି ପ୍ରତିଭାର ଅବସାନ ନାହିଁ। ଏହା ଶାଶ୍ୱତ। ଓଡ଼ିଆ ସାହିତ୍ୟକୁ ଏହା ପ୍ରେରଣା ଦେଉଥିବ। ହଜିଯାଉଥିବା ଆଦର୍ଶ ଯୁଗରେ ଏହା ଆଦର୍ଶର ଧ୍ୱଜା ଧରୁଥିବ।

ଜଣେ ସ୍ନେହଶୀଳ ନାଟ୍ୟକାରଙ୍କର ତିରୋଧାନ ବାସ୍ତବିକ ଦାରୁଣ ଆଘାତ ସମସ୍ତଙ୍କ ପାଇଁ। ଓଡ଼ିଆ ନାଟ୍ୟ ସାହିତ୍ୟର ପ୍ରାଣବନ୍ତ ଶକ୍ତିଶାଳୀ ମଣୁଆଙ୍କର ବିୟୋଗ କେତେ ଦୁଃଖ ଦାୟକ ନୁହେଁ ସତେ।

ଏହି ଅମର ଶିଳ୍ପୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା।

—o—

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ 'ସଂଳାପ': ଏକ ଅଧ୍ୟୟନ

ଡକ୍ଟର ବ୍ରଜଗୋପାଳ ମହାନ୍ତି

ନାଟ୍ୟ– ଭାଷାର ଅନ୍ୟନାମ 'ସଂଳାପ'। ଜୀବନର ବାସ୍ତବ ରୂପ ନାଟକରେ ପ୍ରତିଫଳିତ ହେଉଥିବାରୁ ନାଟକର ଭାଷା ମଧ୍ୟ ଅନୁରୂପ ଭାବରେ ଜନ ଜୀବନର ସରଳ ସ୍ୱାଭାବିକ ବାକ୍-ଚାତୁରୀର ପ୍ରତିଫଳିତ ହେବା ଏକାନ୍ତ ଆବଶ୍ୟକ। ମାତ୍ର ନାଟକର ଭାଷା ଏକାବେଳକେ ଅବିକଳ ବାସ୍ତବ ଭାଷା ନୁହେଁ। କାରଣ ଏହା ମଞ୍ଚ ଉପରେ ସବୁ ଶ୍ରେଣୀୟ ସବୁ ବୟସର ଏବଂ ସବୁସ୍ତରର ଦର୍ଶକଙ୍କ ନିକଟରେ ଏକ ସମୟରେ ପ୍ରକାଶ ଲାଭ କରେ। ତେଣୁ ଏହା ବିଶେଷ ସଜ୍ଜାତ ଓ ମାର୍ଜିତ ହେବା ଉଚିତ। ଏହି ପ୍ରସଙ୍ଗରେ ବିଖ୍ୟାତ ସମାଲୋଚକ M.Boulton କହନ୍ତି "In drama speach must be more attractive and economical then it is in real life"[୧] ସଂଳାପ ପ୍ରସ୍ତୁତିରେ ନାଟ୍ୟକାର ସାହିତ୍ୟର ଅନ୍ୟାନ୍ୟ ବିଭାଗର ସାହିତ୍ୟକମାନଙ୍କଠାରୁ ବିଶେଷ ଯତ୍ନଶୀଳ ନହେଲେ ନାଟକର ସ୍ୱାଭାବିକତା ନଷ୍ଟ ହୋଇଯାଏ। କାରଣ ଉପନ୍ୟାସ, ଗଳ୍ପ ପ୍ରଭୃତିରେ ଯେଉଁସବୁ ଚରିତ୍ର ଉପସ୍ଥାପିତ ହୋଇଥାନ୍ତି, ସେମାନଙ୍କର ଏବଂ ସେମାନଙ୍କ ପରିବେଶର ସମସ୍ତ କଥା ନିଜେ ଔପନ୍ୟାସିକ ଓ ଗାଳ୍ପିକ ପ୍ରକାଶ କରନ୍ତି। ମାତ୍ର ନାଟକ ଏପରି ଏକ କଳା ଯେଉଁଥିରେ ନାଟ୍ୟକାର କିଛି କହନ୍ତି ନାହିଁ। ଯାହା କହିବାର ଥାଏ, ତାହା ନାଟକ ସୃଷ୍ଟ ଚରିତ୍ରମାନଙ୍କ ଦ୍ୱାରା ପ୍ରକାଶ କରନ୍ତି। ତେଣୁ ଚରିତ୍ର ମୁହଁରେ ନାଟ୍ୟକାର ସଂଳାପ କୁହାଇଲାବେଳେ ପାତ୍ରୋଚିତ ଭାଷା ପ୍ରତି ସଚେତନ ରହିଥାନ୍ତି। ପୁଣି ନାଟକ ଅଭିନୟ କଳାଦ୍ୱାରା ସାର୍ଥକତା ଲାଭ କରୁଥିବାରୁ ଏହାର ଅଭିନୟ ପାଇଁ ଏକ ନିର୍ଦ୍ଧାରିତ ସମୟସୀମା ଥାଏ। ତେଣୁ ଏକ ସଂକ୍ଷିପ୍ତ ସମୟସୀମା ଭିତରେ ସମାପ୍ତି ହୋଇପାରୁଥିବା ଭଳି ନାଟକର ସଂଳାପ ମଧ୍ୟ କ୍ଷୁଦ୍ର, ସଂକ୍ଷିପ୍ତ, ଶାଣିତ, ବିଶେଷକରି ଭାବଗର୍ଭକ ତଥା ସୂଚନାତ୍ମକ ହେବା ଉଚିତ। ପୁଣି ଏହି ସଂଳାପ ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ବିକାଶକ୍ଷମ ହେବା ସଙ୍ଗେ ସଙ୍ଗେ ଏହା ନାଟକର କଥାବସ୍ତୁକୁ ବିକଶିତ କରିବାରେ ସହାୟକ ହେବା ଉଚିତ। କେବଳ ଏତିକିରେ ଯେ ନାଟକର ଭାଷା ସାର୍ଥକତା ଲାଭ କରିବ ଏ କଥା କହିହେବ ନାହିଁ। କାରଣ ନାଟ୍ୟକାରଙ୍କର ସୃଷ୍ଟ ସଂଳାପ ଚରିତ୍ର ମାନଙ୍କ ମାଧ୍ୟମରେ ଦର୍ଶକଙ୍କ ନିକଟରେ ଆଦୃତ ହୁଏ। ତେଣୁ ରଙ୍ଗ ମଞ୍ଚରେ ଚରିତ୍ରମାନଙ୍କର ଆଙ୍ଗିକ ଭାବଭଙ୍ଗୀ ଓ ବାଚିକ ସ୍ୱରଲହରୀ ହିଁ ଏ ସଂଳାପକୁ ଦର୍ଶକ ନିକଟରେ ଜୀବନ୍ତ କରି ତୋଳିପାରେ। ଏଥିପାଇଁ ନାଟ୍ୟକାରଙ୍କର ସୂଚନା

Digitized by PPRACHIN, SOA

ଯେତିକି ଆବଶ୍ୟକ, ନିର୍ଦ୍ଦେଶକ ମଧ ନାଟ୍ୟକାରଙ୍କର ଉଦ୍ଦେଶ୍ୟକୁ ଲକ୍ଷ୍ୟକରି ତଦନୁରୂପ ନିର୍ଦ୍ଦେଶନା ଦେବା ସେତିକି ପ୍ରୟୋଜନ। ସର୍ବୋପରି ଯଦି ଅଭିନେତା ଚରିତ୍ର ଭିତରେ ଏକାତ୍ମ ହୋଇ ତାର ଦୁଃଖ, ଶୋକ, ଆନନ୍ଦକୁ ନିଜର ମନେକରି ଅବିକଳ ଅଭିନୟ ପରିବେଷଣ ପୂର୍ବକ ସଂଳାପ ବ୍ୟକ୍ତ କରନ୍ତି, ତେବେ ନାଟ୍ୟଭାଷା ଯେ କଳାତ୍ମକ ହୋଇପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ। ମାତ୍ର ଏଠାରେ ଅଭିନେତା ଚରିତ୍ର ଭିତରେ ଏକାତ୍ମ ହୋଇ ରଙ୍ଗମଞ୍ଚ ଓ ଦର୍ଶକକୁ ଭୁଲିଗଲେ ଚଳିବ ନାହିଁ। ତେଣୁ ଅଭିନେତାର ଅଭିନୟ ସମୟରେ ମଞ୍ଚ ସଚେତନତା ଏକାନ୍ତ ଆବଶ୍ୟକ। ମୋଟ ଉପରେ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ପ୍ରତ୍ୟେକଙ୍କର ଆନ୍ତରିକ ଉଦ୍ୟମ ହିଁ ନାଟକର ଭାଷାକୁ ଦର୍ଶକଙ୍କ ନିକଟରେ ଆଦୃତ କରିପାରିବ। ଏହି ପରିପ୍ରେକ୍ଷୀରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟକରେ ଉପରୋକ୍ତ ସଂଳାପର— ବୈଶିଷ୍ଟ୍ୟ ଗୁଡ଼ିକ କିଭଳି ରୂପାୟିତ ହୋଇଛି ତାହା ଏଠାରେ ପର୍ଯ୍ୟାୟକ୍ରମେ ଅନୁଧ୍ୟାନ କରାଯିବା ଏକାନ୍ତ ଆବଶ୍ୟକ।

ପାତ୍ରମୁଖୀ ସଂଳାପ—

ପାତ୍ରମୁଖୀ ଭାଷା ଗୋଟିଏ ନାଟକର ସଂଳାପ ଗତ ସାର୍ଥକତା ଆଣିବା ସଙ୍ଗେ ସଙ୍ଗେ ନାଟ୍ୟକାରଙ୍କର ନାଟ୍ୟ ସଚେତନତାର ପରିଚୟ ଦିଏ। ନାଟକରେ ଚରିତ୍ର ମାନଙ୍କର ନିଜ ନିଜ କଥା ସେହି ନିର୍ଦ୍ଦିଷ୍ଟ ଚରିତ୍ର ଦ୍ୱାରା ହିଁ ବ୍ୟକ୍ତ ହୁଏ। କଥୋପକଥନ ଭଙ୍ଗୀରେ ନାଟକର ସନ୍ନିବେଶିତ ଚରିତ୍ରମାନଙ୍କର ବ୍ୟକ୍ତ ହେଉଥିବା ସଂଳାପର ସାମୁହିକ ସମନ୍ୱୟରେ ହିଁ ଏକ ସୁନ୍ଦର ଓ ହୃଦୟସ୍ପର୍ଶୀ କାହାଣୀଟିଏ ସ୍ୱତଃ ପ୍ରସ୍ଫୁଟିତ ହୋଇଯାଏ। ନାଟକ ସୃଷ୍ଟିର ଏଇଠି ହିଁ ବିଶେଷ ବୈଚିତ୍ର୍ୟ ପରିଲକ୍ଷିତ ହୁଏ। ସେଥିପାଇଁ ନାଟକକୁ ଅଧିକ ମାର୍ଜିତ କରିବା ଲାଗି ସଂଳାପ ଗୁଡ଼ିକ ବ୍ୟକ୍ତ କରୁଥିବା ଚରିତ୍ରର ଚାରିତ୍ରିକ ଭାବାନୁରୂପ ହୋଇଥିବା ଉଚିତ। ଉଦାହରଣ ସ୍ୱରୂପ ଜଣେ ଧନ୍ୟାଢ଼୍ୟ ସମ୍ଭ୍ରାନ୍ତ ବଂଶଜ ମୁନିବ ମୁଖରେ ପ୍ରକାଶ ପାଉଥିବା ଭାଷା ଓ ଜଣେ ଦିନ ମଜୁରିଆ ଗରିବ ଖଟିଖିଆ ଚାକରର ଭାଷା କିମ୍ବା ଜଣେ କୃଷକର ଭାଷା ବା ଜଣେ ଶିକ୍ଷକଙ୍କ ଭାଷା କେବେ ସମାନ ହେବନାହିଁ। ତେଣୁ ଯେଉଁ ଚରିତ୍ର ମୁହଁରେ ଯେପରି ଭାଷା ଶୋଭାପାଇବ ସେଠାରେ ସେଇଭଳି ଭାଷାର ପ୍ରୟୋଗ ହୋଇଥିଲେ ନାଟ୍ୟକାରଙ୍କର ସଂଳାପ ଗତ ସାର୍ଥକତା ସ୍ପଷ୍ଟବାରି ହୋଇଯାଏ। ନାଟ୍ୟକାର ରାମଚନ୍ଦ୍ର ମିଶ୍ର ପାତ୍ରମୁଖୀ ଭାଷା ସୃଷ୍ଟିରେ ଜଣେ ଅପ୍ରତିଦ୍ୱନ୍ଦୀ ନାଟ୍ୟକାର।

ରାମଚନ୍ଦ୍ର ମିଶ୍ରଙ୍କ ନାଟକ ମାନଙ୍କରେ ନବ୍ୟଶିକ୍ଷିତ ଓ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ଅନୁପ୍ରାଣିତ ଚରିତ୍ରମାନଙ୍କର ଭାଷା ଏକାବେଳକେ ପାତ୍ରୋଚିତ ମନେହୁଏ। ସେମାନଙ୍କ ଇଂରାଜୀ ଶବ୍ଦର ବ୍ୟବହାର, ସ୍ୱାଗତ ସମ୍ଭାଷଣ, ସ୍ୱରଲହରୀ ପ୍ରଭୃତି ସାଂପ୍ରତିକ ସଭ୍ୟତାର ପ୍ରତିରୂପ ଭଳି ମନେହୁଏ। 'ମ୍ୟାନେଜର' ନାଟକର ପ୍ରତାପ, 'ମୂଲିଆ'

Digitized by PPRACHIN, SOA

ନାଟକର ରାଜୁ, କଞ୍ଚନା, କୁମାର, 'ଘର ସଂସାର' ନାଟକର ମି. ବର୍ମା, ଅନୀମା, 'ସାଇପଡ଼ିଶା'ର ମନୁଜା, 'ନାଟକ ରୀତିମତ' ରେ ସୁଚିତ୍ରା, ସେକ୍ରେଟାରୀ, ଉଦୟ, ଆଶା, ମ୍ୟାନେଜର, ଅଶୋକ, ପ୍ରଫେସର, ସଭାପତି ପ୍ରଭୃତି ଚରିତ୍ର, 'ମମତା' ନାଟକରେ ପ୍ରବୋଧ, 'ନରୋତ୍ତମ ଦାସ କହେ' ନାଟକରେ ମି.ଦାସ୍, ଶ୍ୟାମଳଙ୍କ ସଂଳାପ 'ଚାବୁକ୍' ରେ ମି.ଦାସ, ମିସେସ୍ ନାୟକ ପ୍ରଭୃତି ଚରିତ୍ରମାନଙ୍କ ମୁହଁରେ ସଂଳାପ ଗୁଡ଼ିକ ଉପରୋକ୍ତ ଶୈଳୀର ଅବିକଳ ଉପସ୍ଥାପନା ଫଳରେ ଚରିତ୍ର ଗୁଡ଼ିକ ମଧ୍ୟ ଅଧିକ ସ୍ୱଷ୍ଟ ହୋଇ ପାରିଛନ୍ତି। ଏଠାରେ 'ଘର ସଂସାର' ନାଟକର ଅନୀମା ଓ ମି.ବର୍ମାଙ୍କ ଏକ ସଂଳାପ ଉଦାହରଣ ଦିଆଯାଇପାରେ।

"ଅନୀମା—ଧନ୍ୟବାଦ! ମନେକରନ୍ତୁ ନାହିଁ ମୁଁ ଆପଣଙ୍କର ଗଳଗ୍ରହ ହୋଇ ଆପଣଙ୍କର Romantic life ମଧୁମୟ ସ୍ୱପ୍ନରେ ବ୍ୟାଘାତ ଘଟେଇବି...you are quite free Mr.Barma. ଆପଣ ସଂପୂର୍ଣ୍ଣ ସ୍ୱାଧୀନ। ଆପଣଙ୍କ ସ୍ୱପ୍ନନେଇ ଆପଣ ବଞ୍ଚିରହନ୍ତୁ।

ମି. ବର୍ମା—No miss Mohanti, you are no ଗଳଗ୍ରହ to me ତୁମେ ମୋର ଗଳଗ୍ରହ ବୋଲିତ ମୁଁ କେବେ କହିନାହିଁ। Rather I feel proud to have you by my side.xxx[୨]

ମହାଜନ, ଜମିଦାର ଓ ଗାଁ ଟାଉଟର ପ୍ରଭୃତିଙ୍କ ଭୂମିକାର ସଂଳାପ ଗୁଡ଼ିକ ମଧ୍ୟ ଅଧିକ ସ୍ୱଷ୍ଟ। 'ମୂଳିଆ' ନାଟକରେ ଧଡ଼ି ମହାପାତ୍ର, 'ଘର ସଂସାର'ର ଅନାଦି ଦାସ, ମଙ୍ଗୁ ମହାନ୍ତି, 'ମଉଡ଼ ମଣି'ରେ କବିରାଜ, 'ସାଇପଡ଼ିଶା' ରେ ଦୀନବନ୍ଧୁ, 'ମମତା' ନାଟକରେ ବାଉରୀ ବନ୍ଧୁ ବାବୁ ପ୍ରଭୃତିଙ୍କ ସଂଳାପ ପାତ୍ରୋପଯୋଗୀ ହୋଇଅଛି। 'ମୂଳିଆ' ନାଟକରେ ରାଜୁ ଯେତେବେଳେ ଭାଇଭାଉଜଙ୍କ ପାଖରୁ ଜମିଜମାର ଭାଗ ନେବାକୁ ଆସିଛି, ସେତେବେଳେ ଦୁଇଭାଇଙ୍କ ଉକ୍ତି ପ୍ରତ୍ୟୁକ୍ତି ମଝିରେ ଟାଉଟର ଧଡ଼ି ମହାପାତ୍ରର ସଂଳାପ ଏଠାରେ ବିଶେଷ ଉଲ୍ଲେଖ ଯୋଗ୍ୟ।

"ମହାପାତ୍ର— ରାଜୁବାବୁ, କହିଦେଉନା, ତୁମ ଭାଗଟା ତୁମର ଦରକାର।

ନନ୍ଦ— ଭାଗ, ଭାଗନେବ ରାଜୁ! ଆରେ ଏ ଘର ଦୁଆର ସବୁତ ତାର।

ମହାପାତ୍ର— ବୁଝିଲ ରାଜୁବାବୁ ଏଥରତ ଏଇଆ କହିବେ। ଆଉ ତ ଘରେ କିଛି ନାହିଁ। ଜମିବାଡ଼ି କଂସାବାସନ ଠାରୁ ଆରମ୍ଭ କରି ଗୁହାଳେ ହଡ଼ା କାଣ୍ଡେବି ନାହିଁ। ସବୁ ବିକିଭାଗି ଏଇ ବଡ଼ ବୋହୂଙ୍କ ନାକ କାନରେ"[୩]

ଗାଁ ମାଇପିଙ୍କ ପୋଖରୀ କୂଳର କଥୋପକଥନ 'ମ୍ୟାନେଜର' ନାଟକରେ ଅତି ଚମତ୍କାର ହୋଇଅଛି। ସତେ ଯେଭଳି ଫକୀର ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' ର ଅସୁର ଦୀଘୀରେ ଗାଁ ଗାଧୁଆ ତୁଠ ଆମ ଆଖି ଆଗରେ ନାଚିଯାଏ।

ଗ୍ରାମ୍ୟ ଚାଷୀମୂଳିଆଙ୍କ ଭାଷା ପ୍ରାୟ କୃଷି ଭିତ୍ତିକ। ଏମାନଙ୍କ କଥାଭାଷା ଗୁଡ଼ିକ ଯେଉଳି ସରଳ ସେଭଳି ଉଦାର ଅଟେ। 'ମ୍ୟାନେଜର' ନାଟକରେ ବଳିଆ,

Digitized by PPRACHIN, SOA

ନାଥିଆ, ଦୁଃଖିଆ, 'ମୂଳିଆ' ନାଟକରେ ନନ୍ଦ, ସନାତନ, ନବ, ବଡ଼ବୋହୂ, ଭେଙ୍କି, କୁରୁପା, 'ଘର ସଂସାର' ରେ ପାଣ୍ଡୁ, ଗୁଣ୍ଡୁଚି, 'ମଉଡ଼ମଣି' ନାଟକରେ ସାଧୁ ସାନ୍ତରା, ନିଧି, ବାଞ୍ଛା, 'ଭାଇଭାଉଜ' ନାଟକରେ ମହୀ, ଭାଇଗ, ଚେମା, ଦୁଃଖି, 'ମମତା' ନାଟକରେ ନଟ, ଗୋବିନ୍ଦା, 'ପୁଅାଣୀଘର' ନାଟକରେ ମାଧବ, ନଟ, ପାଣ୍ଡୁ, ସୁନା, ପୁନି, ବାନା 'ଅର୍ଥ ଅନର୍ଥ' ନାଟକରେ କୁଳମଣି, ତାରା ପ୍ରଭୃତି ଚରିତ୍ରମାନଙ୍କ ମୁହଁରେ ଉପରୋକ୍ତ ସଂଳାପ ବିଶେଷଭାବେ ପ୍ରତିଷ୍ଠାଲାଭ କରିଛି। 'ଭାଇ ଭାଉଜ' ନାଟକର ମହୀ ଓ ଭାଇଗ ସଂଳାପରୁ ଏକ ଉଦାହରଣ ଏଠାରେ ସ୍ଥାନିତ କରାଯାଇପାରେ।

"ମହୀ— ହଇରେ ଭାଇଗ ! ତୁ ରାତିଯାକ ଚେଇଁଛୁ ? ଦିନଯାକ ହାଡ଼ଭଙ୍ଗା ଖଟେଣି—

ଭାଇଗ— ଚଷା ପୁଅର ଏ ନୂଆ କ'ଣ କହିଲୁ ? ତୁ ପରା କହୁ "ଭୋକ, ଶୋଷ, ଖରା, କାକର, ବର୍ଷା, ଶୀତ ନମାନି ମାଟି ସଙ୍ଗେ ମାଟି ନହେଲେ କ୍ଷେତ ଉଠିଆ କରିବା ସହଜ ନୁହେଁ"[୪]

ଆଦର୍ଶବାଦୀ ଚରିତ୍ର 'ମ୍ୟାନେଜର' ନାଟକରେ ସୁରେନ୍ଦ୍ର, 'ମୂଳିଆ'ରେ ନନ୍ଦ, 'ଘର ସଂସାର'ରେ ଗୋପ, ଶାରଦା, 'ମଉଡ଼ମଣି' ନାଟକରେ ସାଧୁସାନ୍ତରା, ରଞ୍ଜନ, ଜୟଶ୍ରୀ, 'ସାଇ ପଡ଼ିଶା'ରେ ନିମେଇଁ, ଅନ୍ନପୂର୍ଣ୍ଣା, 'ଭାଇଭାଉଜ'ରେ ଭାଇଗ, 'ନାଟକ ରୀତିମତ' ରେ ଉଦୟ, 'ଗୋଧୂଳିଲଗ୍ନ'ରେ ସୁବାସ, 'ସେବିକା'ରେ ବିକାଶ, 'ମମତା'ରେ ମାଧବ, ବଡ଼ବୋହୂ, 'ଚାବୁକ୍'ରେ ଜୟନ୍ତ, କନକ, 'ପରପୁରୁଷ'ରେ ବନାନୀ, 'ନରୋତ୍ତମ ଦାସ କହେ' ନାଟକରେ ନରୋତ୍ତମ ଦାସ ପ୍ରଭୃତିଙ୍କ ବାକ୍ଚାତୁରୀ ଓ ସଂଳାପ ସବୁ ବିଶେଷ ଆଦର୍ଶ ପୁଷ୍ଟ। ଅନ୍ୟ ଦୁଃଖରେ ଦୁଃଖିହେବା, ବିପଦ ସମୟରେ ସହନଶୀଳ ହୋଇ ଧୈର୍ଯ୍ୟର ସହ ମୁକାବିଲା କରିବା ଏସବୁ ଚରିତ୍ରର ସଂଳାପରୁ ଲକ୍ଷ୍ୟ କରାଯାଏ। ଏମାନଙ୍କ ସଂଳାପ ଗୁଡ଼ିକ ସାଧାରଣତଃ ସିଦ୍ଧ ମହାପୁରୁଷ କିମ୍ବା ସତ୍ତ୍ୱଗୁଣ ସଂପନ୍ନ ଅଟେ। କିନ୍ତୁ ଏ ସଂଳାପ ଗୁଡ଼ିକ ସୁସ୍ଥ ସମାଜ ଗଠନ ଲାଗି, ଶାନ୍ତିରେ ବସବାସ କରିବା ଲାଗି ନିତ୍ୟାନ୍ତ ଶିକ୍ଷଣୀୟ।

'ସାଇ ପଡ଼ିଶା' ନାଟକର ନିମେଇଁ, 'ଗୋଧୂଳିଲଗ୍ନ' ନାଟକର ସଦାନନ୍ଦ, 'ନରୋତ୍ତମ ଦାସ କହେ' ନାଟକର ନରୋତ୍ତମ ଆଦି ଚରିତ୍ର ମାନଙ୍କ ମୁହଁରେ ଶିକ୍ଷକ ସମାଜର ସଂଳାପ ଶୋଭା ପାଇଛି।'ମୂଳିଆ' ନାଟକରେ ମି. ରାୟ, 'ଭାଇ ଭାଉଜ' ର ଜଜ୍ ନିକଟରେ ବିଚାରକ ଶ୍ରେଣୀର ଭାଷା, ବିଶେଷ କରି 'ମୃତ ଆସାମୀ'ରେ ଓକିଲ, ମହକିଲ, ଜଜ୍ ପ୍ରଭୃତିଙ୍କ ସଂଳାପ ଗୁଡ଼ିକ ସଂପୂର୍ଣ୍ଣ ପାତ୍ରୋଚିତ ଅଟେ। 'ପରପୁରୁଷ' ନାଟକରେ ହରିଆ ଚରିତ୍ର ନିକଟରେ ନାଟ୍ୟକାର ଯେଉଁ ସଂଳାପ ଉପସ୍ଥାପନ କରିଛନ୍ତି ତାହା କେମିତି ଟିକିଏ ଖାପଛଡ଼ା ଓ ପାତ୍ରୋଚିତ ନହେଲା ଭଳି ମନେହୁଏ। ପୁଣି ସେହି ନାଟକରେ ଛୋଟଛୋଟ ପିଲା ଦୁଇଟି ବାବୁନି ଓ ବାବୁଲି ମୁହଁରେ ଯେଉଁ ଭାବପ୍ରବଣ ସଂଳାପ ପ୍ରଦତ୍ତ ହୋଇଛି ତାହା

Digitized by PPRACHIN, SOA

ଆଦୌ ଶିଶୁ ସୁଲଭ ହୋଇନାହିଁ। 'କବି ସୂର୍ଯ୍ୟ' ନାଟକରେ ବଳଦେବ ଚରିତ୍ର ନିକଟରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳର କାବ୍ୟିକ ଭାଷା ବେଶ୍ ହୃଦୟଗ୍ରାହୀ, ଶୁଦ୍ଧ ଓ ମାର୍ଜିତ ହୋଇଅଛି।

''କବି— କବି ରାଜାର ନୁହେଁ କି ରାଜଜେମାର ନୁହେଁ, ସେ କବିତାର...। ଏହି ନାଟକର ଅନ୍ୟାନ୍ୟ ଚରିତ୍ରମାନଙ୍କ ସଂଳାପରେ ମଧ ସେ ସମୟର ଧର୍ମକୁ ରକ୍ଷା କରାଯାଇ ପାରିଛି। 'ନାଟକ ରୀତିମତ' ଓ 'ଚାବୁକ୍' ନାଟକରେ ଛାତ୍ରମାନଙ୍କର ସ୍ୱାଭାବିକ ଆଳାପ ଆଲୋଚନା ମଧ ବେଶ୍ ପାତ୍ରୋଚିତ ହୋଇଅଛି। ମୋଟ ଉପରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ପାତ୍ରୋଚିତ ଭାଷା ବ୍ୟବହାରରେ ଜଣେ ସାର୍ଥକ ଓ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ।

ଭାବଗର୍ଭକ ଅଥଚ ସଂକ୍ଷିପ୍ତ ଓ ଶାଣିତ ସଂଳାପ—

ନାଟକ ଦୃଶ୍ୟକାବ୍ୟ ହୋଇଥିବାରୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ମଞ୍ଚ ଉପରେ ଅଭିନୀତ ହୋଇ ଦର୍ଶକଙ୍କ ମନୋରଞ୍ଜନ କରାଉ ଥିବାରୁ ନାଟ୍ୟକାରମାନେ ଏହାର ସଂଳାପକୁ ଭାବଗର୍ଭକ, ସଂକ୍ଷିପ୍ତ ଓ ଶାଣିତ କରି ତୋଳିଥାନ୍ତି। ଅର୍ଥାତ୍ କଥା ପ୍ରସଙ୍ଗରେ ଗୋଟିଏ କଥାକୁ ସ୍ପଷ୍ଟ କରିବା ପାଇଁ ଅନେକ ଗୁଡ଼ିଏ କଥା ଉପସ୍ଥାପନ ନକରି ନାଟ୍ୟକାରଙ୍କୁ ଏପରି କେତେକ ଶବ୍ଦ ସମୂହ ବାଛିବାକୁ ପଡ଼ିବ ଯାହା ନାଟ୍ୟକାରଙ୍କର ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସ୍ପଷ୍ଟ କରାଇବା ସଙ୍ଗେ ସଙ୍ଗେ ଭାବଗର୍ଭକ ତଥା ଏକାନ୍ତ ସଂକ୍ଷିପ୍ତ କରାଇ ପାରିବ। ଏ ପ୍ରସଙ୍ଗରେ Richards କହନ୍ତି ''Dramatic dialogue must be direct and to the point absolutely characteristic of the person speaking and the speaches as short as possible. [୫] ସଂକ୍ଷିପ୍ତ ହେବା ଫଳରେ ନାଟକ ଦର୍ଶକଙ୍କ ଧୈର୍ଯ୍ୟଚ୍ୟୁତି ନ ଘଟାଇ ଉପଯୁକ୍ତ ସମୟରେ ଯବନିକା ହୋଇଯାଏ। ଶାଣିତ ହେବା ଫଳରେ ଦର୍ଶକଙ୍କ ହୃଦୟକୁ ଅତିଶୀଘ୍ର ସ୍ପର୍ଶ କରିପାରେ। ପୁଣି ଭାବ ଗର୍ଭକ ହେବା ଫଳରେ ଦର୍ଶକଙ୍କ ମନକୁ ବିଶେଷ ଆକର୍ଷଣ କରି ରସ ନିଷ୍ପତ୍ତିରେ ସାହାଯ୍ୟ କରାଏ। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ସମୂହର ଭାଷା ସାଧାରଣତଃ ସଂକ୍ଷିପ୍ତ ଓ ତୀକ୍ଷ୍ଣ। ପୁଣି ଭାବର ଗଭୀରତାରେ ସେସବୁ ଉଚ୍ଚକୋଟୀର ଅଟେ।

'ମ୍ୟାନେଜର' ନାଟକରେ କାମପ୍ରବଣ ପ୍ରତାପ ଚରିତ୍ରକୁ ସୁଷମା ଚରିତ୍ରର ଗୋଟିଏ ମାତ୍ର ସଂଳାପ ଗୋଟିଏ ଜାତିର ସ୍ୱାଭିମାନ ଉପସ୍ଥାପନ କରାଇବା ସଙ୍ଗେ ସଙ୍ଗେ ସୁଷମା ଚରିତ୍ରର ସାମଗ୍ରୀକତାକୁ ପ୍ରତିଷ୍ଠା କରିପାରିଛି।

''ପ୍ରତାପ— କିନ୍ତୁ ଅନ୍ୟାନ୍ୟ ସଭ୍ୟ ଦେଶର ଝିଅମାନଙ୍କୁ ଦେଖିଛି...

ସୁଷମା— ହଁ, ପୁରୁଷ ଉପରେ ଢଳିପଡ଼ନ୍ତି। କିନ୍ତୁ ଓଡ଼ିଆ ଘରର ଝିଅ ତା ନୁହେଁ' [୬]

Digitized by PPRACHIN, SOA

'ଘର ସଂସାର' ନାଟକରେ ଅନୀମାର ବନ୍ଧୁ ମି.ବର୍ମା ନିମନ୍ତିତ ହୋଇ ଗୋପବାବୁଙ୍କ ଘରକୁ ଆସି ଅଭଦ୍ରୋଚିତ ବ୍ୟବହାର କରିବା ଫଳରେ ଶାରଦା ମୁଖରେ ଆଶ୍ଚର୍ଯ୍ୟ ପ୍ରକାର ସଂଳାପ ଶୋଭାପାଇଛି।

ବର୍ମା— ଘରର ଦାସୀ ହୋଇ ଆସ୍ପର୍ଦ୍ଧାତ କମ୍ ନୁହଁ? ଏକାବେଳକେ ଧାତ୍ରୀ ପାନ୍ନା।

ଶାରଦା— ଘରର ମାନ ସମ୍ମାନ ବିପଦଗ୍ରସ୍ତ ହେଲେ ଦାସୀର ମଧ୍ୟ ପ୍ରତିବାଦ କରିବାର ଅଧିକାର ଅଛି।

x x x x x

ବିନୋଦ— କଣ ହେଉଚି, ନୂଆବୋଉ। ଭଦ୍ରଲୋକ ଅପମାନିତ ନିଶ୍ଚୟ।

ଶାରଦା— ଅଭଦ୍ରୋଚିତ ବ୍ୟବହାର ଯେ କରେ ସେ ଅପମାନ ପାଏ; କିନ୍ତୁ ଭଦ୍ରଲୋକ କେବେ ଅପମାନିତ ହୁଏନା।" [୭]

ଏହି ସଂଳାପ ଗୁଡ଼ିକ ଏପରି ତୀକ୍ଷ୍ଣ ଓ ଭାବବ୍ୟଞ୍ଜକ ଯେ ତତ୍କାଳୀନ ନାଟ୍ୟପ୍ରେମୀ ଜନତାକୁ ସ୍ତବ୍ଧ କରି ଦେଇଛି। 'ଭାଇ ଭାଉଜ' ନାଟକରେ ବାପପୁଅର ପରିଚୟ ଲାଗି ଭାଇଗ ମୁହଁରେ ନାଟ୍ୟକାରଙ୍କର ଦୁଇ ତିନି ଧାଡ଼ି ସଂଳାପ ଏତେ ତୀକ୍ଷ୍ଣ ତଥା ଭାବଗର୍ଭକ ଯେ ତାହା ସମସାମୟିକ ନାଟ୍ୟକାରମାନଙ୍କ ଠାରେ ବିରଳ।

"ଭାଇଗ — ସେତେବେଳେ ପୁଅର ଡାଡି ବାପ ଦେହରେ ମିଶିବ, ବାପା ଦେହର ରକ୍ତ ପୁଅ ଦିହର ରକ୍ତ ସଙ୍ଗରେ ମିଶିବ— ରକ୍ତରେ ରକ୍ତରେ କଥା ଭାଷା; ଚିହ୍ନା ଚିହ୍ନି ହେବେ। ଆଉ ମୋତେ କି ତୁମକୁ କାହାକୁ ପାଟି ଫିଟେଇବା ଦରକାର ପଡ଼ିବନି।" [୮]

'ସେବିକା' ନାଟକରେ ସ୍ୱାମୀ ସ୍ତ୍ରୀର ସଂପର୍କକୁ ବିଶ୍ୱଜନୀନ କରିବା ଲାଗି ଅନ୍ଧସ୍ତ୍ରୀ ମୁହଁରେ ନାଟ୍ୟକାରଙ୍କର ସଂଳାପ ଏକାନ୍ତ କ୍ଷୁଦ୍ର ଅଥଚ ତୀକ୍ଷ୍ଣ ଓ ହୃଦୟସ୍ପର୍ଶୀ।

"ଅନ୍ଧସ୍ତ୍ରୀ— ମା, ଯାଙ୍କ ଆଖି ଭଲ ଥିବାବେଳେ ତ ମୁଁ ଯାଙ୍କ ପାଖରେ ଥିଲି। ଆଜି ଯାଙ୍କ ଆଖି ଖରାପ ହୋଇଗଲା ବୋଲି ଛାଡ଼ି ଚାଲିଯିବି? ସେଥିପାଇଁ କ'ଣ ମୁଁ ଯାଙ୍କ ହାତ ଧରିଥିଲି x x x ତମକୁ ତମର ପଇସା ବଡ଼— ମତେ ବଡ଼ ମୋର ସ୍ୱାମୀ। ଜୀବନରେ ଯାହା ହାତ ମୁଁ ଥରେ ଧରିଛି, ଜୀବନଗଲା ପର୍ଯ୍ୟନ୍ତ ସେ ହାତ ଛାଡ଼ି ଦେଇ ପାରେନା" [୯]

'ମମତା' ନାଟକର ବାପା ପୁଅର ସଂପର୍କକୁ ସ୍ପଷ୍ଟ କରିବାକୁ ଯାଇ ପ୍ରବୋଧ ନିକଟରେ ନାଟ୍ୟକାରଙ୍କର ସଂଳାପ ଅତି ହୃଦୟସ୍ପର୍ଶୀ।

"ପ୍ରବୋଧ— ନାଇଁ ବାପା, ମୁଁ ଜମିବାଡ଼ି ଦଖଲ କରିବାକୁ ଆସିନି। ମୁଁ ଆସିଚି, ବାପର ଛାତି ଭିତରେ ପୁଅର ଯୋଉ ଜାଗା ଟିକକ, ସେଇ ଟିକକ ଦଖଲ କରିବାକୁ।" [୧୦]

'ପର ପୁରୁଷ'ରେ ଶ୍ୟାମଳ ଅଭାବ ବଶତଃ ଯେତେବେଳେ ଅଫିସରୁ କାଟସ୍ଲାସ୍ ଓ ତଉଲିଆ ଚୋରାଇ ନେଇ ଆସିଛି, ସେତେବେଳେ ସ୍ତ୍ରୀ ବନାନୀ କହିଛି

Digitized by PPRACHIN, SOA

''ଦାରିଦ୍ର୍ୟର ଶୋଷ କ'ଣ ଏଇ ସାମାନ୍ୟ କାଚ ଗିଲାସରେ ମରିବ, କି ଯେ ଟଉଲିଆରେ ଭାଗ୍ୟ ଲିପି ପୋଛି ହୋଇଯିବ।'' [୧୧]

ବାସ୍ତବିକ ଏ ସଂଳାପ ଅନ୍ତରାଳରେ ନାଟ୍ୟକାରଙ୍କର ସିଦ୍ଧହସ୍ତତା ଏକାନ୍ତ ସ୍ୱୀକାର୍ଯ୍ୟ। 'ନରୋତ୍ତମ ଦାସ କହେ' ନାଟକରେ ନାଟ୍ୟକାର ଭାଇଭାଇର ସଂପର୍କ ନିର୍ଦ୍ଧାରଣ କରି ମିଷ୍ଟର ଦାସଙ୍କ ନିକଟରେ ଯେଉଁ ସଂଳାପ ଉପସ୍ଥାପନ କରିଛନ୍ତି ତାହା ଅତ୍ୟନ୍ତ କ୍ଷୁଦ୍ର ହେଲେ ବି ତାଙ୍କ ସମଗ୍ର ନାଟ୍ୟକୃତି ଭିତରୁ ଏହା ଏକାନ୍ତ ସ୍ମରଣୀୟ।

''ମି. ଦାସ— ଯାଦବ ମୋର ଭାଇ; ତା'ର ସ୍ଥାନ ଏଇ କୋଳରେ, ଲକ୍ଷ୍ମୀଚନ୍ଦ୍ରେର୍ସ ମାଲିକ ଯାଦବ ତା'ର ସ୍ଥାନ ମୋ ବଙ୍ଗଳାର ଫାଟକ ପାଖରେ। ଯେଉଁ ସ୍ଥଳ ତୋର ପସନ୍ଦ, ଆପେ ଆପେ ବାଛିନେଇ ପାରୁ।''[୧୨]

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂଳାପ ବିଚାରରେ 'ମୃତ ଆସାମୀ' ଏକ ବ୍ୟତିକ୍ରମ ସୃଷ୍ଟି। ଏଥିରେ ଖବର କାଗଜ ବିକାଳିର ଯେଉଁ ଲମ୍ୱାଲମ୍ୱା ସଂଳାପ ତାହା ଅତ୍ୟନ୍ତ ବିରକ୍ତିକର। ନାଟକର ପରିଣତି ପରେ ମଞ୍ଚ ଉପରେ ବିଭିନ୍ନ ଚରିତ୍ରର ଆତ୍ମ ବିଶ୍ଳେଷଣ ଆଦୌ ମଞ୍ଚଉପଯୋଗୀ ନୁହେଁ। କାରଣ ସେତେବେଳକୁ ମଞ୍ଚରେ ବସିବାପାଇଁ ଦର୍ଶକଙ୍କ ନିକଟରେ ଉତ୍କଣ୍ଠା ନଥାଏ। ମାତ୍ର ଏ ସଂଳାପ ଗୁଡ଼ିକ ନାଟ୍ୟକାରଙ୍କର ଚରିତ୍ର ଚିତ୍ରଣରେ ପୂର୍ଣ୍ଣ ସାହାଯ୍ୟ କରେ। ମୋଟ ଉପରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ସଂଳାପ ଉପସ୍ଥାପନ ଯେଭଳି କ୍ଷୁଦ୍ର ସେହିଭଳି ଭାବଗର୍ଭକ ଓ ତୀକ୍ଷ୍ଣ; ଯାହା ତାଙ୍କୁ ଜଣେ ଯୁଗସ୍ରଷ୍ଟାର ସମ୍ମାନ ଜଣାଇବାରେ ସକ୍ଷମ କରାଇଛି।

କଥୋପକଥନ ଧର୍ମୀ ସଂଳାପ—

ବାସ୍ତବ ଜୀବନର ସ୍ୱଚ୍ଛନ୍ଦ, ସରଳ ଏବଂ ସ୍ୱତଃସ୍ଫୂର୍ତ୍ତ ବାକ୍‌ଭଙ୍ଗୀରେ ନୂତନ ପ୍ରାଣ ସ୍ପନ୍ଦନ ସୃଷ୍ଟିକରି ଏହାର ଅନ୍ତଃସ୍ରୋତରେ ନାଟ୍ୟକାର ନିଜ ସାହିତ୍ୟକ ମାନସିକତା, ସର୍ଜନାତ୍ମକ ବୃତ୍ତି, ଦୃଷ୍ଟି, ଦର୍ଶନ ଓ ରୁଚିକୁ ପ୍ରୟୋଗ ପୂର୍ବକ ରସଗର୍ଭକ କରି ନାଟକର ସଂଳାପକୁ ରୂପାୟନ କରିଥାନ୍ତି। କାରଣ ନାଟକ ଲାଗି ସଂଳାପ ହେଉଛି ଏକ ଦର୍ପଣ ତୁଲ୍ୟ। ନାଟକର ଗଳ୍ପାଂଶଠାରୁ ଆରମ୍ଭ କରି ଦ୍ୱନ୍ଦ, ଉତ୍କଣ୍ଠା, ଯାବତୀୟ ତତ୍ତ୍ୱ ଏହି ସଂଳାପ ମାଧ୍ୟମରେ ଦର୍ଶକ ନିକଟରେ ପ୍ରତିଷ୍ଠାଲାଭ କରେ। ତେଣୁ ନାଟ୍ୟକାରଙ୍କର ଚିନ୍ତା, ଚେତନା, ସାହିତ୍ୟକ ମାନସିକତା ଓ ସୃଷ୍ଟିଗତ କଳାକୌଶଳ ଏହି ସଂଳାପ ବିଶ୍ଳେଷଣରେ ସ୍ପଷ୍ଟ ହୋଇଉଠେ। ଏ ସବୁ ସତ୍ତ୍ୱେ ସଂଳାପ ଗୁଡ଼ିକ କଥୋପକଥନ ଧର୍ମୀ ହୋଇ ସରଳ ଓ ସାବଲୀଳ ଭାବେ ଦର୍ଶକଙ୍କ ବୋଧଗମ୍ୟ ହୋଇପାରିଲେ ସଂଳାପର ସାର୍ଥକତା ସ୍ପଷ୍ଟ ହୋଇଉଠେ। ଏ ଦୃଷ୍ଟିରୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂଳାପ ସଂଯୋଜନା ତାଙ୍କ ନାଟକ ସମୂହରେ ଅତି ଉଚ୍ଚକୋଟୀର। 'ମୂଲିଆ' ନାଟକରେ ଗାଁ ଟାଉଟର ଧଡ଼ି ମହାପାତ୍ର ର ଉତ୍‌ପୀଡ଼ନରେ ଘରଦ୍ୱାର ଏପରିକି ଗାଁ ଛାଡ଼ି ଚାଲିଗଲା ବେଳେ ବଡ଼ବୋହୂ ଏବଂ ଶ୍ୱଶୁର ସନାତନର ସଂଳାପ ଏକାନ୍ତ କଥୋପକଥନ ଧର୍ମୀ ଅଟେ।

Digitized by PPRACHIN, SOA

"ସନାତନ— ବୋହୂ ! ଖଣ୍ଡେଇତ ଘର ବୋହୂ ହୋଇ ମୋ ସାଙ୍ଗରେ ବୁଲି ଭିକ ମାଗିବାକୁ ତୋ କପାଳରେ ଥିଲା.... ବୋହୂ ଚାଲ ମୁଁ ତୋ ବାପଘରେ ତତେ ଆଉ କୁନିକୁ ଛାଡ଼ିଦେଇ ଆସେ ।

ବଡ଼ବୋହୂ— ବାପା ! ଝିଅ ଯେତେବେଳେ ବାପାଘରେ ଥାଏ ସେତେଦିନ ସେ ବାପା ମା'ଙ୍କର । ବାହାହେଲା ପରେ ସେ ଆଉ ତାଙ୍କର ନୁହେଁ । ଶାଶୁଘରର ଦୁଃଖ ସୁଖରେ ତା'ର ଯେ ଦୁଃଖ ସୁଖ" [୧୩]

'ଘର ସଂସାର' ନାଟକରେ ଶାରଦା ଓ ଗୋପର ସଂଳାପ ଗୁଡ଼ିକ ଦୈନନ୍ଦିନ ଜୀବନର ବ୍ୟବହୃତ ବାକ୍ ଭଙ୍ଗୀ ସହିତ ଯେଉଁଭଳି ଏକାତ୍ମ ସେହିଭଳି ନାଟ୍ୟକାରଙ୍କ ସାହିତ୍ୟକ ମାନସିକତା ଏବଂ ସର୍ଜନାତ୍ମକ ବୃତ୍ତିର ପରିସୂଚକ ।

"ଗୋପ— ଶାରଦା...

ଶାରଦା— (ଗୋପ ଆଡ଼େ କରୁଣ ଦୃଷ୍ଟିରେ ଚାହିଁ) ମୁଁ ଜାଣେ, ହିନ୍ଦୁ ନାରୀର ସ୍ୱାମୀଘର ସ୍ୱର୍ଗ ! ମୋତେ ସେ ସୁଖରୁ ବଞ୍ଚିତ କରନା—

ଗୋପ— ତୁମ ମନକଥା ମୁଁ ବୁଝିପାରିଚି ଶାରଦା । ହିନ୍ଦୁ ନାରୀର ସେବା ଯତ୍ନ ଓ ଆତ୍ମବଳିରେ ଗଢ଼ିଉଠେ ତା'ର ସ୍ୱର୍ଗର ସଂସାର— ସେ ବଞ୍ଚିରହେ ଅନ୍ୟକୁ ବଞ୍ଚେଇବା ପାଇଁ— ସେ ହସି ହସି ଦୁଃଖ ସହେ ଅନ୍ୟକୁ ସୁଖି କରାଇବା ପାଇଁ ।

ଶାରଦା— ଆଶୀର୍ବାଦ କର......ତା ଯିମିତି ମୁଁ ପାରେ ।" [୧୪]

'ଭାଇ ଭାଉଜ' ନାଟକରେ ଜମିଦାରୀ ଉତ୍ପୀଡ଼ନର ସମସ୍ୟା ସମାଧାନ ଲାଗି ନିଧି, ଜକ୍ ଓ ଭରତର ସଂଳାପ ଉପସ୍ଥାପନ ସହଜେତ ସାଧାରଣ ଆଳାପ ଆଲୋଚନାର ସମାନ୍ତରାଳ ରୂପ ଅଧିକନ୍ତୁ ନାଟ୍ୟକାରଙ୍କର ବ୍ୟକ୍ତି ମାନସର ପ୍ରତିଫଳନ ।

"ଭରତ— ସବିତା ଦେବୀ ! ଆପଣ ବି ଆସିଛନ୍ତି ? ନିଧି ତୁ ମତେ ଚିହ୍ନି ପାରୁନୁ ?

ନିଧି— ଚିହ୍ନିଚି ଭାଇ ଭରତ ! ହେଲେ ଚିହ୍ନା ଦେବାକୁ ମୋର ଆଉ ମୁହଁ ନାହିଁ— ବାପାଙ୍କ ସକାଶେ...

ଜକ୍— ଆରେ ! ବାପା ସକାଶେ ପୁଅ କାହିଁକି ଦାୟୀ ହବ ? ବୁଝିଲ ନିଧିବାବୁ । ତୁମର ଏଇ ନିଧିଟି ହଉଚି ତୁମର ବ୍ୟାଧି । ନିଧିଟିକୁ ଛାଡ଼ିଦିଅ । ବ୍ୟାଧିଟି ଛାଡ଼ିଯିବ । ସାଉକାରର ଭେକ ବଦଳେଇ ସାଧାରଣଙ୍କ ସଙ୍ଗେ ମିଶିଯାଅ, ଦେଖିବ ଜୀବନରେ ସୁଖଶାନ୍ତି ସବୁ ପାଇପାରିବ" [୧୫]

'ଚାବୁକ୍ ନାଟକରେ କନକ, କମଳ, ଜୟନ୍ତଙ୍କ କଥୋପକଥନର ସଂଳାପ ନାଟ୍ୟକାରଙ୍କର ଉଚ୍ଚକୋଟୀର ମାନସିକତାର ରୂପାୟନ ଅଟେ ।

Digitized by PPRACHIN, SOA

''କନକ— ଆପଣଙ୍କ ବନ୍ଧୁଟିର କଥା ଏଥର ଆପଣମାନେ ବୁଝନ୍ତୁ— ମୋର ଆଜିଠୁ ଛୁଟି।

କମଳ— ଜୟନ୍ତ ବାବୁ ସଂପୂର୍ଣ୍ଣ ଆରୋଗ୍ୟ ନ ହେଲା ଯାଏ ଆପଣଙ୍କୁ ଛୁଟୀ ଦଉଚି କିଏ ?

ଜୟନ୍ତ— କାହିଁକି କମଳ ବାବୁ ? ପଇସା ଦେଲେ କ'ଣ ଯାଙ୍କଠୁଁ ଉପଯୁକ୍ତ ନର୍ସ ଏ ସହରରେ ମିଳିପାରିବେନି ?

କମଳ— ପଇସା ଦେଲେ ସବୁ ମିଳିବ ଜୟନ୍ତ ବାବୁ। ହେଲେ ହୃଦୟ ମିଳିବନି''[୧୬]

'ପ୍ରବାସୀ' ନାଟକରେ ନାଟ୍ୟକାର ଜାତିଭାଷା ଓ ମାଟିର ତାରତମ୍ୟକୁ ଏକ ମହାଭାରତୀୟ ମହାନୁଭବତାରେ ଏକାକାର କରାଇ ଦେବାକୁ ଚାହିଁ ଯେଉଁ ସଂଳାପ ଉପସ୍ଥାପନ କରିଛନ୍ତି, ତାହା ତାଙ୍କ ଦୃଷ୍ଟି ଦର୍ଶନ ସର୍ବୋପରି ସାହିତ୍ୟକ ମାନସିକତାର ଅପୂର୍ବ ଉଦାହରଣ।

''ସୁମିତ୍ରା— ଉତ୍ତର ଦେବ କି ଉତ୍ତର

ଉଷା— ହଁ ବୋଉ— ଏଇ ଭାଷା, ଜାତି, ଜାତିଭେଦ ଆମକୁ ଆଉ ଏଣିକି ଅଲଗା କରିପାରିବ ନାହିଁ। ମନୋହର ବାବୁଙ୍କ ସାଙ୍ଗରେ ମୁଁ ମଧ୍ୟ ଏହି ଉତ୍ତର ଦେବାକୁ ଆଜି ତିଆର ବୋଉ।

ସୁମିତ୍ରା— ଶୁଣୁଚ....ଉଷା କଣ କହୁଚି।

ବିଶୁବାବୁ— ହଁ— ଖାଲି ଶୁଣୁନାହିଁ ଜଇବୋଉ, ମୁଁ ଦିବ୍ୟ ଦୃଷ୍ଟିରେ ଦେଖି ପାରୁଚି....''[୧୭]

ମୋଟଉପରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂଳାପ ଗୁଡ଼ିକ ଦୈନନ୍ଦିନ ଜୀବନର ବ୍ୟବହୃତ ବାକ୍‌ଭଙ୍ଗୀ ସହ ସାମିଲି ହୋଇ ସରଳ ତଥା ଆକର୍ଷଣୀୟ ହୋଇ ଉଠିଛି; ଯାହା ତାଙ୍କ ସଂଳାପ ସୃଷ୍ଟିର ଖାଲି କଳାକୌଶଳ ନୁହେଁ; ତାଙ୍କ ସାହିତ୍ୟକ ମନନଶୀଳତା, ସାମାଜିକ ଦୃଷ୍ଟିଭଙ୍ଗୀ ଓ ଦାର୍ଶନିକ ଚିନ୍ତାଧାରାର ଅପୂର୍ବ ପରିପ୍ରକାଶ ଅଟେ।

ସଂଳାପ ଅର୍ଥ ପ୍ରକାଶ ଅପେକ୍ଷା ଭାବପ୍ରକାଶର ଆଧାର—

ନାଟକର ଭାଷା ଗୁଡ଼ିକ ଅର୍ଥ ପ୍ରକାଶକ ନହୋଇ ଭାବଦ୍ୟୋତକ ହେବା ବାଞ୍ଛନୀୟ। ଫଳରେ ଗୋଟିଏ ଶବ୍ଦ ପ୍ରୟୋଗରେ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଭାବର ଚିତ୍ର ଦର୍ଶକଙ୍କ ନିକଟରେ ସ୍ପଷ୍ଟହୁଏ। ଏ କ୍ଷେତ୍ରରେ ନାଟ୍ୟକାର ସଂଳାପ ସୃଷ୍ଟିକରି ଦର୍ଶକ ବା ପାଠକଙ୍କ ମନକୁ ଆନ୍ଦୋଳିତ ନକରି ହୃଦୟକୁ ସ୍ପର୍ଶକରିବାକୁ ଚେଷ୍ଟା କରିଥାନ୍ତି। ନାଟ୍ୟକାର ରାମଚନ୍ଦ୍ର ମିଶ୍ର 'ଘରସଂସାର' ନାଟକରେ ଦେଶପ୍ରେମୀ ଗୋପ ଚରିତ୍ର ନିକଟରେ ଯେଉଁ ଭାବଦ୍ୟୋତକ ସଂଳାପ ଉପସ୍ଥାପନ କରିଛନ୍ତି ତାହା ଯୁଗେଯୁଗେ ସମସ୍ତଙ୍କ ଲାଗି ସଂସାର ଗଢ଼ିବାରେ ମାଇଲ ସ୍ତମ୍ଭ ହୋଇରହିବ।

Digitized by PPRACHIN, SOA

''ଗୋପ— ଶାରଦା ! ସାନବୋହୂଙ୍କୁ ବୁଝେଇଦିଅ, ଜୀବନର ମୂଲ୍ୟ ବହୁତ ବେଶୀ। ଜୀବନକୁ ହତ୍ୟାକରି ସଂସାର ଗଢ଼ା ଯାଏନା, ଗଢ଼ାଯାଏ ଜୀବନକୁ ଉତ୍ସର୍ଗ କରି'' [୧୮]

ଏଠାରେ ଅର୍ଥ ଅତି ସହଜ ହେଲେ ମଧ ଏହାକୁ ଭାବନାର ଗଭୀରତାରେ ଖୋଜି ବସିଲେ ଯେଉଁ ବିଶ୍ୱ-ଜନୀନ ଉତ୍ସଟି ଆବିଷ୍କୃତ ହୁଏ ତାହା ସାଧାରଣ ଅର୍ଥ ପ୍ରକାଶର ତରାଜୁରେ ତଉଳିବା ଏକାବେଳକେ ଅସମ୍ଭବ। ଅନୁରୂପ ଭାବରେ 'ଭାଇଭାଉଜ' ନାଟକର ଭାଇଗ ଚରିତ୍ର ମହୀପ୍ରଧାନ ପରିବାର ପ୍ରତି ଯେଉଁଭଳି ଉତ୍ସର୍ଗୀକୃତ ତାହାର ପରିଣତି ବିଷୟରେ ଚିନ୍ତାକରି ସ୍ୱତଃସ୍ଫୁର୍ତ୍ତ ଭାବରେ ସେ ଯେଉଁ ଭାଷାବ୍ୟକ୍ତ କରିଛି, ତାହା କେବଳ—ଦୁଃଖୀ ଚରିତ୍ରକୁ କାହିଁକି; ସମଗ୍ର ଦର୍ଶକଙ୍କୁ ମଧ କ୍ଷଣିକ ପାଇଁ ସମ୍ବେଦନଶୀଳତାରେ କରୁଣ ଓ ଆର୍ଦ୍ର କରିଦେଇଛି।

''ଭାଇଗ— ଆଉ ଏଇ ରାତିକ ନୂଆବୋଉ। ଏଇ ରାତିଟା ପାହିଲେ ହୁଏତ ଦେଖିବ, ଦୁନିଆଁ କେତେ ବଦଳିଯାଇଥିବ। ଭାଇକୁ ଭାଉଜ ମିଳିବ, ବାପକୁ ପୁଅ ମିଳିବ, ପୁଅକୁ ବାପ ମିଳିବ। ହେଲେ ମତେ....ମୋର କ'ଣ ହେବ ? କୁହ ନୂଆବୋଉ !— ମତେ ସେ ପଲାକୁ ପଠେଇବଟି ? ମୋ ପାଇଁ ଭାତ ବାଢ଼ି ଦେବଟି ?'' [୧୯]

ଏହି ସଂଳାପର ଶକ୍ତି ବିଷୟରେ ଉଲ୍ଲେଖ କରି ଡକ୍ଟର ହେମନ୍ତ କୁମାର ଦାସ କହିଛନ୍ତି ''ସର୍ବହରା ରିକ୍ତ ଏକ ନୀରବ କର୍ମୀର କାରୁଣ୍ୟର ବଜ୍ର ଧ୍ୱନିରେ ଏଠି ସ୍ୱର୍ଗ ରାଜ୍ୟ ପ୍ରକମ୍ପିତ ହୋଇଗଲାଭଳି ବୋଧ ହେଉଛି, ସମଗ୍ର ଦର୍ଶକ ସମାଜକୁ ଅଶ୍ରୁ ଭାରାକ୍ରାନ୍ତ କରି'' [୨୦]

'ପରପୁରୁଷ' ନାଟକରେ ସ୍ୱାମୀ, ସ୍ତ୍ରୀର ସଂପର୍କକୁ ସ୍ପଷ୍ଟ କରିବାକୁ ଯାଇ ନାଟ୍ୟକାର ବନାନୀ ନିକଟରେ ଯେଉଁ ସଂଳାପ ପ୍ରୟୋଗ କରିଛନ୍ତି, ତାହା ଆଉ ବିଚାର ଆଲୋଚନାର ସିଦ୍ଧାନ୍ତ ନୁହେଁ; ଏକାବେଳକେ ହୃଦୟ ସମ୍ମୁଖରେ ଗୋପନ ବାର୍ତ୍ତା ଅଟେ।

''ବନାନୀ— କହିପାରିବେ ବିମଳବାବୁ, କୋର୍ଟ, କଚେରୀରେ କ'ଣ ସ୍ୱାମୀ-ସ୍ତ୍ରୀର ସଂପର୍କ କେବେ ଗଢ଼ିଉଠେ, ନା କେବେ ଭାଙ୍ଗି ଯାଇପାରେ ?''[୨୧]

ଏହିପରି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂଳାପ ସଂଯୋଜନା ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ ପ୍ରକାଶକ ନ ହୋଇ ବିଶେଷ ଭାବଦ୍ୟୋତକ; ଯାହା ଦର୍ଶକଙ୍କ ମନକୁ ଭାରାକ୍ରାନ୍ତ ନ କରି ହୃଦୟକୁ ବିହ୍ୱଳିତ କରିପକାଏ।

ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରକାଶ ଲାଗି ସଂଳାପର ପୂର୍ଣ୍ଣଶକ୍ତି ରହିବା ଉଚିତ୍—

ଗୋଟିଏ ଗୋଟିଏ ସଂଳାପରେ ମଧ ଅନେକ ସମୟରେ ଗୋଟିଏ ଗୋଟିଏ ଚରିତ୍ର ବିଷୟରେ ଦର୍ଶକ ବା ପାଠକ ନିକଟରେ ସଂପୂର୍ଣ୍ଣ ଧାରଣା ସୃଷ୍ଟି କରାଯାଇପାରେ।

Digitized by PPRACHIN, SOA

ଅବଶ୍ୟ ଏହା ନାଟ୍ୟକାରଙ୍କର ସଂଳାପ ସୃଷ୍ଟି କୌଶଳର ପାରଙ୍ଗମତା ଉପରେ ନିର୍ଭର କରେ। ନାଟ୍ୟକାର ଚରିତ୍ର ସୃଷ୍ଟି କଲାବେଳେ ସେମାନଙ୍କ ଭାଷାରେ ସେମାନଙ୍କୁ ପ୍ରକାଶ କଲା ଭଳି ସଂଳାପ ସଂଯୋଜନା ନକଲେ ନାଟକ ସାର୍ଥକତା କରିବା ଅସମ୍ଭବ। ଏ ପ୍ରସଙ୍ଗରେ Magorie Boulton କହନ୍ତି—"All Charactors in a play are amazingly talkatiue. They are forever explaining things, justifying themselves, saying what they have just done or what they intend to do. They are often both more communicative and more articulate then most of us can order be."[୨୨] ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଗୁଡ଼ିକ ସାର୍ଥକତା ଲାଭର ଏହା ମଧ୍ୟ ଏକ ପ୍ରଧାନ କାରଣ।

"ଭାଇ ଭାଉଜ" ନାଟକରେ 'ଦୁଃଖୀ'ର ସ୍ୱାମୀ ମହୀପଧାନର ଅନୁପସ୍ଥିତିରେ ଦିଅର 'ଭାଇଗ'କୁ ନେଇ ଗ୍ରାମ୍ୟ ସମାଜ ଯେଉଁ କଳଙ୍କ ରଟାଇ ଥିଲା ତା'ର ଜବାବ୍ ଦେବାକୁ ଯାଇ ଭାଇଗ କହିଛି "ତେବେ ମୁଁ କହିବି ନୂଆବୋଉ! ସଫା ସଫା କହିବି, ପତର କୁଡ଼ିଆ ଦୁଆରେ ଲକ୍ଷ୍ମଣର ନିଷାନେଇ ମୁଁ ଜଗି ବସିଛି—ଭାଇ ରାମଙ୍କର ଫେରିବା ବାଟକୁ ଚାହିଁ। କୁହ ନୂଆବୋଉ। ଏଥିରେ ମୁଁ କେବେ ହେଳା କରିଚି? [୨୩] ଭାଇଗର ଏଇ ସାମାନ୍ୟ ପ୍ରଶ୍ନବାଚୀ ସଂଳାପରେ ତା' ଚରିତ୍ରର ସମସ୍ତ ପବିତ୍ରତା ଦର୍ଶକଙ୍କ ନିକଟରେ ସ୍ପଷ୍ଟ ହୋଇ ଉଠିଚି। 'ଘର ସଂସାର' ନାଟକରେ ମିଷ୍ଟର ବର୍ମାଙ୍କ ସଂଳାପରେ ଶାରଦା ଚରିତ୍ରର ଉତ୍କର୍ଷ ଓ ଅନୀମା ଚରିତ୍ରର ଉଚ୍ଛୃଙ୍ଖଳ ମନୋବୃତ୍ତି ଦର୍ଶକ ସହଜରେ ଅନୁମାନ କରି ପାରନ୍ତି।

"ଅନୀମା— କାହିଁକି? ସ୍ତ୍ରୀ କ'ଣ ଶାସନ କରି ପାରେନି?

ବର୍ମା— ସ୍ୱୀକାର କରୁଛି ଅନୀମା! ବିଲାତରେ ମୁଁ ପ୍ରାୟ ଅଧିକାଂଶ ଜାଗାରେ ଦେଖିଛି ସ୍ତ୍ରୀ ଜାତିର ପ୍ରାଧାନ୍ୟ; କିନ୍ତୁ ଏ ଦେଶକୁ ଆସି ମୋର ଧାରଣା ଥିଲା, ନାରୀ କେବଳ ଭୋଗ ବିଳାସର ସାମଗ୍ରୀ। ମାତ୍ର ସେଦିନ ତୁମ ଘରେ ମୁଁ ଯେଉଁ ନାରୀର ଜ୍ୱଳନ୍ତ ମୂର୍ତ୍ତି ଦେଖିଚି, ସେଥିରେ ମୋର ଆଖି ଝଲସି ଯାଇଚି....ମୋର ମୁଣ୍ଡ ସେ ଦିନ ଆପେ ଆପେ ନଇଁ ପଡ଼ିଛି ତାରି ଆଗରେ... ମାତ୍ର ମୁଁ ଜାଣେ, ତା ତୁଳନାରେ ତୁମେ କେଡ଼େ ଦୁର୍ବଳ! ଶାସନ କରିବାକୁ ତୁମେ କେତେ ଅଯୋଗ୍ୟ"—[୨୪]

ଏଠାରେ ପ୍ରାଚ୍ୟ ସଭ୍ୟତାର ନାରୀ ଯେ ଯୁଗେ ଯୁଗେ ନମସ୍ୟ ଓ ଆଦର୍ଶର ପ୍ରତିମୂର୍ତ୍ତି ତାହା ସ୍ପଷ୍ଟ ହେଇ ଉଠିଛି।

'ନରୋତ୍ତମ ଦାସ କହେ' ନାଟକରେ ଲକ୍ଷ୍ମୀ ଦେବୀଙ୍କ ଟେଲିଫୋନ୍ ବେଳର ସଂଳାପଟି ଲକ୍ଷ୍ମୀ ଚରିତ୍ରଟିକୁ ବ୍ୟବଚ୍ଛେଦିତ ଭାବରେ ବିଶ୍ଳେଷଣ କରିବାଲାଗି ଦର୍ଶକଙ୍କୁ ସୁଯୋଗ ଦେଇଛି। ଏ ସଂଳାପଟି ଶୁଣି ସାରିଲା ପରେ ବ୍ୟବସାୟୀ ଗୋଷ୍ଠୀର ସମଗ୍ର ଦୁର୍ନୀତି ଚୁମ୍ବକରେ ସମସ୍ତଙ୍କ ମନକୁ ସ୍ପର୍ଶକରେ।

Digitized by PPRACHIN, SOA

''ଲକ୍ଷ୍ମୀ— ହାଲୋ ! ଲକ୍ଷ୍ମୀ ମିଲରୁ କହୁଚି ? ହଁ, କ'ଣ କୁହ ! ହଁ, ହଁ, ପ୍ରତ୍ୟେକ ଦଶ ବସ୍ତାରେ ବସ୍ତାଏ ପୋକରା ମକା, ବସ୍ତାଏ ତେନ୍ତୁଳି ମଞ୍ଜି, ଦେଇଚ ? ଅଟାଟା ପରୀକ୍ଷା କରିଚ ? ଠିକ୍ ମିଶି ଯାଇଚି ତ ?—ବେଶ୍ ଅଛି। ଚେକିଙ୍ଗ ଅଫିସରଙ୍କ କଥା ? ବାବୁଙ୍କ ପାଖକୁ ପଠାଇ ଦିଅ ହାଲୋ, ମୁଁ କହୁଚି ! ମାଲ ବାହାରକୁ ଛାଡ଼ିଦିଅ।''[୨୫]

ଏଥିପାଇଁ ନରୋତ୍ତମ ଚରିତ୍ର ବିଦ୍ରୋହର ସ୍ୱର ଉତ୍ତୋଳନ କରିବାରୁ ଲକ୍ଷ୍ମୀଦେବୀ ପୁଣି ଯେଉଁ ସଂଳାପ ବ୍ୟକ୍ତ କରିଛନ୍ତି ସେଥିରେ ସେ ଆହୁରି ସ୍ପଷ୍ଟ ହୋଇ ଉଠିଛନ୍ତି।

''ଲକ୍ଷ୍ମୀ—ଯେଉଁ ଦେଶର ଲୋକେ ନୋଟ ବଦଳରେ ଭୋଟ ଦିଅନ୍ତି, ସେଠି ଲୋକ ଅନ୍ୟ କ'ଣ ଆଶା କରି ପାରିବ ?'' [୨୬]

ଏହି ଭଳି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂଳାପ ସଂଯୋଜନା, ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟକୁ ପ୍ରକାଶ କରିବା ଲାଗି ଏତେ ସୁଚିନ୍ତିତ ଯେ ପ୍ରତ୍ୟେକଟି ନାଟକ ତାଙ୍କର ଏଥିପାଇଁ ଗୌରବର ଚରମ ସ୍ଥାନ ଲାଭ କରି ପାରିଛି।

ଢଗଢ଼ମାଳୀର ପ୍ରୟୋଗ ହିଁ ସଂଳାପ ସୃଷ୍ଟିର ଅନ୍ୟତମ କୌଶଳ—

ଢଗଢ଼ମାଳୀ ଆପ୍ତ ବାକ୍ୟ, ନୀତିବାକ୍ୟ ପ୍ରୟୋଗ କରି ନାଟ୍ୟ ଭାଷାକୁ ସରଳ ସାବଲୀଳ ପୂର୍ବକ ସାମାଜିକଙ୍କୁ ତୃପ୍ତ କରିବାହିଁ ସଂଳାପ ସୃଷ୍ଟିର ଏକ ବିଶିଷ୍ଟ ବୈଚିତ୍ର୍ୟ। ଏ ପ୍ରକାର କୌଶଳ ଏକ ବୃହଦ୍ କଥାକୁ ଏକ କ୍ଷୁଦ୍ର ପରିସର ଭିତରେ ସମାପ୍ତ କରାଇବାପରେ ସାହାଯ୍ୟ କରେ। ଏହାଛଡ଼ା ଦର୍ଶକଙ୍କ ଦୀର୍ଘ ଆକାଂକ୍ଷାକୁ ମୋଚନ କରି ଅତିଶୀଘ୍ର ରସନିଷ୍ପତିରେ ସହାୟ ହୁଏ। ସେଥିପାଇଁ ଡକ୍ଟର ହେମନ୍ତ କୁମାର ଦାସ କହନ୍ତି—''ଦୈନନ୍ଦିନ ବ୍ୟବହାରରେ ସାମାନ୍ୟ ଗୋଟିଏ ଲୋକୋକ୍ତି କିମ୍ବା ଢଗଢ଼ମାଳୀ, ପ୍ରୟୋଗରେ ଯେଉଁ ସ୍ଫୂର୍ତ୍ତି ପ୍ରକାଶ କରେ, ପୋଥିଏ ସାହିତ୍ୟିକ ଭାଷା ସାହାଯ୍ୟରେ ମଧ୍ୟ ତାହା ସୃଷ୍ଟି କରାଯାଇ ପାରିବ ନାହିଁ। ନାଟ୍ୟକାର ପ୍ରୟୋଜନ ବୋଧରେ ଏହି ପଦ୍ଧତିଟିକୁ କାର୍ଯ୍ୟରେ ଲଗାଇବା ଉଚିତ୍।''[୨୭] ନାଟ୍ୟକାର ରାମଚନ୍ଦ୍ର ମିଶ୍ର ସଂଳାପ ସଂଯୋଜନା ବେଳେ ଉପରୋକ୍ତ ଢ଼ଗଢ଼ମାଳୀ ସବୁକୁ ଏପରି ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ଯେଉଁଥିରେ ତାଙ୍କ ସୁ ଚତୁର ସଂଳାପ ସୃଷ୍ଟି କୌଶଳର ବୈଚିତ୍ର୍ୟ ସ୍ପଷ୍ଟ ହୋଇଯାଏ।

ଢ଼ଗଢ଼ମାଳୀ ଉପସ୍ଥାପନ କୌଶଳ ବିଷୟରେ ଏଠାରେ ଗୋଟିଏ ଉଦାହରଣ ଦେଲେ ନାଟ୍ୟକାରଙ୍କର ସମସ୍ତ ନାଟକରେ ଅନ୍ୟାନ୍ୟ ଢ଼ଗଢ଼ମାଳୀ ଉପସ୍ଥାପନ ମଧ୍ୟ ସ୍ପଷ୍ଟ ହୋଇଯିବ। 'ଭାଇ ଭାଉଜ' ନାଟକରେ ଗ୍ରାମ୍ୟ ସମାଜ ଯେତେବେଳେ ମିଛରେ ଦୁଃଖୀ ଓ ଭାଇଗର ପାପ ପ୍ରଣୟ ପାଇଁ ଭରତର ଜନ୍ମ ବୋଲି ପ୍ରଘଟ କରାଇଛନ୍ତି; ସେତେବେଳେ ନାଟ୍ୟକାର ଏହାକୁ ସିଧା ସଳଖ ନ କହି ଗୋଟିଏ ସୁନ୍ଦର ଢ଼ଗ

Digitized by PPRACHIN, SOA

ଉପସ୍ଥାପନ ପୂର୍ବକ ବିରାଟ ବିଷୟ ବସ୍ତୁକୁ ସଂକ୍ଷେପରେ ପ୍ରକାଶ କରାଇଛନ୍ତି। "ହୋଇ ହେ ଭାଇଗ ଡେଣ୍ଡା। ଦୁଃଖୀତ ନୁହଁଇ କଦଳୀ ଗଛ କେମିତି ଛାଡ଼ିଲା ଭଣ୍ଡା।" ନାଟ୍ୟକାରଙ୍କ ଏପରି ପ୍ରତ୍ୟେକଟି ଆପ୍ତବାକ୍ୟ, ନୀତିବାଣୀ, ଢଗଢ଼ମାଳୀ ସବୁର ଉପସ୍ଥାପନ କୌଶଳ ଏତେ ତୀକ୍ଷ୍ଣ ଓ ବୌଦ୍ଧିକ ଯେ ତାହା ସହଜରେ ଦର୍ଶକଙ୍କୁ ସ୍ପର୍ଶ କରିପାରେ।

ସଂଳାପର ସାର୍ଥକତା ଉଭୟ ଆଙ୍ଗିକ ଓ ବାଚିକ ଅଭିନୟ ଉପରେ ହିଁ ନିର୍ଭର କରେ।—

ସଂଳାପକୁ ରଙ୍ଗମଞ୍ଚରେ ପ୍ରତିଷ୍ଠା କରିବା ପାଇଁ ଉଭୟ ଆଙ୍ଗିକ ଓ ବାଚିକ ଅଭିନୟ ପ୍ରତି ବିଶେଷ ଯତ୍ନଶୀଳ ହେବା ଏକାନ୍ତ ଆବଶ୍ୟକ। ଏଥିରେ କେବଳ ନାଟ୍ୟକାରଙ୍କର ଉଦ୍ୟମ ଯଥେଷ୍ଟ ନୁହେଁ। ନିର୍ଦ୍ଦେଶକ ଓ ବିଶେଷ କରି ଅଭିନେତା ଏବଂ ଅଭିନେତ୍ରୀଙ୍କ ଉଦ୍ୟମ ଏଥିରେ ଏକାନ୍ତ କାମ୍ୟ। ନାଟ୍ୟକାର ସଂଳାପ ରଚନା ସମୟରେ ସମଗ୍ର ନାଟକକୁ ଏପରି ସଜାଇବା ଦରକାର ଯେ, ଅଭିନେତା ଅଭିନୟ କରିବା ଆଗରୁ ଯେତେବେଳେ ଚରିତ୍ରକୁ ଚିହ୍ନିବାକୁ ଚେଷ୍ଟାକରେ ଓ ଅନୁରୂପ ଅଭିନୟ ପାଇଁ ନାଟକର ସଂଳାପକୁ ଅନ୍ୱେଷଣ କରେ, ସେତେବେଳେ ସେ ବଚନ ଭଂଗୀ ଓ ଆଙ୍ଗୀକ କ୍ରିୟା ବିଷୟରେ ସେହି ସଂଳାପ ମଧ୍ୟରୁ ଉପାଦାନ ପାଇ ପାରିବା ଆବଶ୍ୟକ। ସଂଳାପ ଭିତରେ ଏହି 'ନିହିତାର୍ଥ' ବା Sub-text ପାଠକ, ଦର୍ଶକ, ଅଭିନେତା, ନିର୍ଦ୍ଦେଶକ ପ୍ରଭୃତି ସମସ୍ତଙ୍କୁ ନାଟ୍ୟକାରଙ୍କର ଉଦ୍ଦେଶ୍ୟକୁ ସାର୍ଥକ କରିବା ଲାଗି ସାହାଯ୍ୟ କରିଥାଏ। ସଂଳାପ ଯଦି ଏହି ସମସ୍ତଙ୍କ ନିକଟରେ ସ୍ପଷ୍ଟ ହୋଇ ନ ପାରିଲା ତେବେ ସଂଳାପର ମଞ୍ଚ ନିର୍ଭରତା ଠିକ୍ ଠିକ୍ ସମ୍ଭବ ହୋଇ ପାରିବ ନାହିଁ। ଏହି Sub-text ବିଷୟରେ ଅଭିନେତା ଏବଂ ପ୍ରଯୋଜକ ଷ୍ଟାନିସ୍ଲାଭିସ୍କି (Stanislavisky) କହନ୍ତି—"The Sub-text is a innumeriable varied inner patterns inside a play and a part, woven from magic its, given circumstances, all sorts of figments of the imagination inner movements, abjects of attention, smaller and greater truths and bilief in them, adaptations, adjustments and other similar elements. It is the sub-text that makes us say the words we do in a play." [୨୮] ସଂଳାପକୁ ଅନୁଧ୍ୟାନ କରି ପ୍ରଯୋଜକ ମଧ୍ୟ ନାଟ୍ୟ ପରିଚାଳନା କରିଥାଆନ୍ତି। ଏ ପରିପ୍ରେକ୍ଷୀରେ ଡକ୍ଟର ହେମନ୍ତ କୁମାର ଦାସ କହନ୍ତି—" ଅଭିନେତା ବ୍ୟତୀତ ନାଟକ ସଂପର୍କୀୟ ଟିକିନିଖି ବ୍ୟବସ୍ଥା ନିମନ୍ତେ ପ୍ରଯୋଜକ ମଧ୍ୟ ସଂଳାପ ମାଧ୍ୟମରେ ହିଁ ନାଟ୍ୟକାରଙ୍କ ନିର୍ଦ୍ଦେଶ ପାଇ ଥାଆନ୍ତି। ମଂଚ ବ୍ୟବସ୍ଥା, ସ୍ୱର ଗ୍ରାମର ଉଦାର, ଅନୁଦାର ସୂଚିତ, ପ୍ରଯୋଗଗତ ଚମତ୍କାରିତା, ଆରୋହ, ଅବରୋହ, ଦୃଶ୍ୟାବଳୀର ଆୟୋଜନ, ତାହାର ଅନ୍ତସ୍ୱର ଏବଂ ଗତି

Digitized by PPRACHIN, SOA

ବେଗର ତୀବ୍ରତା ମଞ୍ଚ ଏବଂ ଦର୍ଶକ ମଧ୍ୟରେ ଗଢ଼ି ଉଠୁଥିବା ଆବେଗ ଗତ ସଂପର୍କ ଇତ୍ୟାଦି ବହୁ ବିଷୟକୁ ଗୋଟିଏ ସୂତ୍ରରେ ଗ୍ରନ୍ଥନ କରି ପ୍ରଯୋଜକ ନାଟକ ପାଇଁ ଯେଉଁ ସାମୂହିକ ଆବେଦନ ସୃଷ୍ଟି କରନ୍ତି, ତା'ର ନିର୍ଦ୍ଦେଶ ତାଙ୍କୁ ମୂଳତଃ ମିଳିଥାଏ, ସଂଳାପରୁ'' [୨୯]। ଏହି ସବୁ ଦୃଷ୍ଟିରୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ସଂଳାପ ସଂଯୋଜନା ଅତି ଉଚ୍ଚକୋଟୀର ଅଟେ। ତାଙ୍କର ପ୍ରଥମ ନାଟକ ଠାରୁ ଶେଷ ନାଟକ ପର୍ଯ୍ୟନ୍ତ ପ୍ରତ୍ୟେକ ନାଟକରେ ସଂଳାପ ପାଇ ଅଙ୍ଗଭଙ୍ଗୀ ଓ ବାଚୀକ ସ୍ୱର ଲହରୀର ସୂଚନା ନିହିତ ଅଛି। ଏହା ବ୍ୟତୀତ ପ୍ରତ୍ୟେକ ସଂଳାପକୁ ସାଧାରଣ ଭାବେ ଥରେ ପଢ଼ିଗଲେ ସଂଳାପଟି ମଞ୍ଚରେ କହିଲାବେଳେ କେଉଁ ସ୍ୱରରେ କୁହାଯିବ ପୁଣି ସେ ସ୍ୱରର ଲୟ, ଆରୋହ, ଅବରୋହ ବିଶେଷ କରି ସଂଳାପ ସହିତ ଅଙ୍ଗ ଭଙ୍ଗୀ କିପରି ହେବ ଅର୍ଥାତ୍ ନେତ୍ର ବକ୍ତ୍ରର ବିକାର, ଭ୍ରୂ-ବିକ୍ଷେପାଦି ବିଳାସ, ହସ୍ତପଦମାନଙ୍କର ପରିଚାଳନା ସବୁକିଛି ସ୍ୱତଃ ପ୍ରତୀୟମାନ ହୁଏ। ଏପରିକି ସ୍ୱର ଗୁଡ଼ିକ ମଧ୍ୟ କେଉଁ ରସାନୁକୂଳ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇ ଉଠେ। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ କେତୋଟି ସଂଳାପକୁ ଏଠାରେ ଉପସ୍ଥାପନ କରାଯାଇ ପରୀକ୍ଷା କରାଯାଉଛି।

'ଘରସଂସାର' ନାଟକରେ ମି. ବର୍ମା ଅନୀମାକୁ ଡ୍ରାକ ବଙ୍ଗଳାକୁ ଡ଼ାକିଆଣି କହିଛି—''....କିନ୍ତୁ ମିସେସ୍ ଚୌଧୁରୀ! ସେମାନେ ମି. ବର୍ମାଙ୍କର କଥା ଉପରେ ନଥାନ୍ତି ଯେ, ମୋର ଇଙ୍ଗୀତ ମାତ୍ରକେ ଦେଶ କାଳପାତ୍ର ବିବେଚନା ନକରି, ଘରୁ ବାହାରି ଆସିବେ ... ସେମାନେ ଗୋଟେ society ରେ ଚଳନ୍ତି। ସେମାନେ ନିଜର ମାନ ସମ୍ମାନକୁ ଖୁବ୍ ବଡ଼ ବୋଲି ମନେ କରନ୍ତି।'' [୩୦] ଏହି ସଂଳାପକୁ ସାଧାରଣ ଭାବେ ପଢ଼ିଦେଲେ ଅନାୟାସରେ ଜଣେ ବୁଝି ପାରିବ ଯେ ଏହା ଜଣେ ଖଳ ନାୟକଙ୍କ ପ୍ରତାରଣାର ଭାଷା। ତେଣୁ ଏଥିପାଇଁ ଅନୁରୂପ ସ୍ୱର ଲହରୀ ବ୍ୟବହାର କରିବାରେ କିଛି ଅସୁବିଧା ମଧ୍ୟ ନହେବା ସ୍ୱାଭାବିକ ଅଟେ। ପୁଣି ଉପରୋକ୍ତ ନାଟକରେ ମହାପାତ୍ରର ସଂଳାପ ''ଗୋପ ତୁମେ ଖୋଜୁଥିଲ ହୃଦୟ ନା? ମହାପାତ୍ର ହୃଦୟ ତୁମେ ବୁଝିପାରିନଥିଲ ବାବୁ, ଏହା ପଥର ପରିବର୍ତ୍ତେ ମାତ୍ର ଫୁଲ ପରି କୋମଳ।'' [୩୧] ଏହା ମଧ୍ୟ ଜଣେ ସାଧୁ ଚରିତ୍ରର ଏକାନ୍ତ ହୃଦୟର କଥା। ତେଣୁ ଏହାକୁ ଅନୁରୂପ ଭାବରେ ବ୍ୟକ୍ତ କରାଯାଇପାରେ। 'ମୂଲିଆ' ନାଟକରେ ନନ୍ଦର ସଂଳାପ ''ମୁଁ ନିଜେ ଚାଲିଯିବି, ମା! ଆସିଥିଲି ଭାଇକି ଫେରାଇ ନେବି ବୋଲି; ହେଲେ, ତା ହେଲା ନାହିଁ। ଶୁଣ୍, ରାଜୁ, ତୋ ଆଖିରେ ଏ ଯୋଉ ଭେଳିକି ଲାଗିଚି, ଏ ସବୁଦିନର ନୁହେଁରେ...ସବୁ ଦିନର ନୁହେଁ। ଦିନ ଆସିବ, ତୁ ପୁଣି ମୋ'ରି କୋଳକୁ ଫେରି ଆସିବୁ''[୩୨]। ଏହି ସଂଳାପଟି ଯେ ଜଣେ ବଡ଼ ଭାଇ ତା ସାନ ଭାଇକୁ ଖରାପ ରାସ୍ତାରୁ ଫେରାଇ ନେବାକୁ ଆସି ଅସମ୍ମାନିତ ହୋଇ ଫେରୁଛି ଓ ଫେରିଲା ବେଳେ ତା କରୁଣ ହୃଦୟର ଆବେଗ ଭରା ମନକଥାଟ ପ୍ରକାଶ ପୂର୍ବକ ଆକ୍ଷେପୋକ୍ତି କରିଛି, ତାହା ଯେ

Digitized by PPRACHIN, SOA

କେହି ନାଟ୍ୟ ସଚେତନ ବ୍ୟକ୍ତି ସହଜରେ ଉପଲବ୍ଧି କରିପାରିବ। ତେଣୁ ଏ ସଂଳାପର ସାର୍ଥକତା ପାଇଁ ଅନୁରୂପ ସ୍ୱର ଓ ଭାବ ଭଙ୍ଗୀର ଆବଶ୍ୟକତା ରହିଛି। ଏହାକୁ ଯଦି ସାଧାରଣ ଭାବେ ମଞ୍ଚରେ ପ୍ରକାଶ କରାଯିବ ତାହେଲେ ଏହା ମଞ୍ଚ ଉପଯୋଗୀତା ନିଶ୍ଚିତ ଭାବରେ ହରାଇ ବସିବ। ତେଣୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ପ୍ରତ୍ୟେକ ସଂଳାପରେ ଏହିପରି ସୁନ୍ଦର ଭାବରେ ତଥ୍ୟ ସଂଯୋଜନା କରିଛନ୍ତି; ଯାହା ଅଭିନେତା, ନିର୍ଦ୍ଦେଶକ ସମସ୍ତେ ସହଜରେ ତା'ର ଭାବ ଭଂଗୀକୁ ଖୋଜି ଅନୁରୂପ ଆଚରଣ ଖୁସିରେ କରି ପାରିବେ।

ମୋଟ ଉପରେ 'ସଂଳାପ'ର ବହୁବିଧ ବୈଚିତ୍ର୍ୟ ଥିଲେ ମଧ୍ୟ ଏହାର ସାର୍ଥକତାକୁ ମଞ୍ଚ ଦୃଷ୍ଟିରୁ ବିଚାରକୁ ନେବାକୁ ହେବ। ଯେଉଁ ନାଟକର ସଂଳାପ ମଞ୍ଚ ଉପଯୋଗୀ ନୁହେଁ, ସେ ନାଟକ ନାଟକ ପଦବାଚ୍ୟ ହେବା ଉଚିତ୍ ନୁହେଁ। ଏହି ପରିପ୍ରେକ୍ଷୀରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଗୁଡ଼ିକର ସଂଳାପ ସବୁ ମଞ୍ଚ ଉପଯୋଗୀତା ଯେ ଲାଭ କରିଛି ତାହା ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୋଇଯାଏ। ଏହା ଛଡ଼ା ସଂଳାପକୁ ସାର୍ଥକ କରିବା ପାଇଁ ନିର୍ଦ୍ଦେଶକ ତଥା ଅଭିନେତା ଅଭିନେତ୍ରୀଙ୍କୁ ସେ ବ୍ୟକ୍ତିଗତ ଭାବରେ ସୂଚନା ଦେଇଛନ୍ତି। ବିଭିନ୍ନ ନାଟ୍ୟ ସଂସ୍ଥା ସହିତ ସଂଶ୍ଳିଷ୍ଟ ରହି, ଅନେକ ସମୟରେ ନିଜେ ମଧ୍ୟ ଅଭିନୟ କରି ନିଜ ଅଭିବ୍ୟକ୍ତିକୁ ଦର୍ଶକଙ୍କ ନିକଟରେ ସଫଳ ଭାବରେ ଉପସ୍ଥାପନା କରି ପାରିଛନ୍ତି। "ନାଟ୍ୟକାରର ନାଟକ ରୂପପାଏ ଅନ୍ୟ ଏକ ଶିଳ୍ପୀ ଗୋଷ୍ଠୀଙ୍କ ମାଧ୍ୟମରେ। ଏହି ମାଧ୍ୟମରେ ଦକ୍ଷତା ଉପରେ ନାଟକର ଉଶୋତ୍ତୀର୍ଣ୍ଣତା ନିର୍ଭରଶୀଳ। ନାଟକର ବାସ୍ତବ ରୂପାୟନ ଏହି ଶିଳ୍ପୀମାନଙ୍କ ଉପରେ ନିର୍ଭର କରେ। ବଳିଷ୍ଠ ନାଟକ ଦୁର୍ବଳ ହୋଇପଡ଼େ ମାଧ୍ୟମର ଦୁର୍ବଳତାରୁ। ନାଟ୍ୟକାର ପ୍ରଥମତଃ ଏହି ସମସ୍ୟାର ସମ୍ମୁଖୀନ ହୁଏ। ନାଟକର ଭାବାନୁରୂପ ଚରିତ୍ର ଓ ସେଗୁଡ଼ିକୁ ଦକ୍ଷତାର ସହିତ ସଂଯୋଜନା କରିବାର ସୁପରିଚାଳକଙ୍କର ଅଭାବ ଦେଖାଯାଏ। ଯେଉଁ ନାଟକରେ, ନାଟ୍ୟକାର, ଅଭିନେତା, ଅଭିନେତ୍ରୀ ଓ ପରିଚାଳକ ମଧ୍ୟରେ ଯେତିକି ଅଧିକ ସଂଯୋଗ ରକ୍ଷା କରାଯାଇଥାଏ, ସେ ନାଟକର ରୂପାୟନ ସେତିକି ପରିମାଣରେ ସାଫଲ୍ୟମଣ୍ଡିତ ହୋଇଥାଏ।" [୩୩]

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ସଂଳାପର ନୂତନତ୍ୱ:—

ଯୁଗେ ଯୁଗେ ସ୍ରଷ୍ଟାମାନସ ନୂତନତ୍ୱର ସନ୍ଧାନ କରେ। ପାରଂପରିକ ଗତିପଥରୁ ତା ସୃଷ୍ଟିକୁ ଭିନ୍ନ ଏକ ନୂତନ ପଥରେ ପରିଚାଳିତ କରି ନିଜ ସୃଷ୍ଟି କୌଶଳର ମର୍ଯ୍ୟାଦା ପ୍ରତିଷ୍ଠା ଲାଗି ଆପ୍ରାଣ ଚେଷ୍ଟାକରେ। ପୂର୍ବ ସ୍ୱାଦରୁ କିଛିଟା ବ୍ୟତିକ୍ରମ ସୃଷ୍ଟିକରି ରୁଚିପୂର୍ଣ୍ଣ କରି ତୋଳେ। ନାଟକ ସୃଷ୍ଟି କ୍ଷେତ୍ରରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅନୁରୂପ ସ୍ରଷ୍ଟାମାନସର ଅଧିକାରୀ। ନାଟ୍ୟଭାଷା ସୃଷ୍ଟିଲାଗି ତାଙ୍କ ଆନ୍ତରିକତାର ଅନ୍ତନାହିଁ। ସଂଳାପକୁ ଯେଉଁପରି ଭିନ୍ନଭାବରେ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଛନ୍ତି ତାହାହିଁ ଏଠାରେ ଉଲ୍ଲେଖ କରାଯାଇଛି।

Digitized by PPRACHIN, SOA

ବାସ୍ତବ ଜନଜୀବନର ନିତ୍ୟ ବ୍ୟବହୃତ ଭାଷାରୁ ଆବଶ୍ୟକ ଅନୁସାରେ ସଂଯମ ରକ୍ଷାକରି ମଞ୍ଚଉପରେ ସବୁ ଶ୍ରେଣୀର ଦର୍ଶକଙ୍କୁ ସନ୍ତୁଷ୍ଟ କଲାଭଳି ସଂଳାପ ସଂଯୋଜନା କରିବା ନାଟ୍ୟକାରଙ୍କ ଏକ ବିଶିଷ୍ଟ ଦିଗ—

ରାମଶଙ୍କରଙ୍କ ସମୟରୁ ଓଡ଼ିଆ ନାଟ୍ୟ ସଂଳାପର ଯେଉଁ କୃତିମତା ଥିଲା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ସେ କୃତ୍ରିମତାକୁ ଦୂରକରି ନିଜ ବାସ୍ତବ ଅନୁଭୂତିରୁ ଏହି ବାଗ୍‌ରୀତିକୁ ଦର୍ଶକଙ୍କର ଶ୍ରୁତିକୁ ଅତିକ୍ରମ କରାଇ ମନକୁ ସ୍ପର୍ଶ କରାଇଥିଲେ। ମାତ୍ର ନାଟ୍ୟକାର ରାମଚନ୍ଦ୍ର ମିଶ୍ର କବିଚନ୍ଦ୍ରଙ୍କର ଯଥାର୍ଥ ଦାୟାଦ ଭାବରେ ଏହି ସଂଳାପ ସଂଯୋଜନା ରୀତିକୁ ଅଧିକ ସଚେତନ ଭାବରେ ଦେଶ କାଳ ପାତ୍ରକୁ ବିବେଚନା କରି ଏଭଳି ସରସ ସୁନ୍ଦର ଓ ମଧୁମୟ କରି ତୋଳିଛନ୍ତି ଯାହା ଦର୍ଶକର ମନକୁ ଅତିକ୍ରମ କରି ହୃଦୟର ମହତ୍ତ୍ୱକୁ ସ୍ପର୍ଶ ପୂର୍ବକ ଅଧିକ ଯୁକ୍ତିଯୁକ୍ତ ଓ ବୌଦ୍ଧିକ ହୋଇଛି। କବିଚନ୍ଦ୍ର ଓ ରାମଚନ୍ଦ୍ର ଉଭୟଙ୍କର ପ୍ରେମ ବର୍ଣ୍ଣନାକୁ ଏଠାରେ ଉଦାହରଣ ସ୍ୱରୂପ ନିଆଯାଇ ପାରେ। କବିଚନ୍ଦ୍ର ପ୍ରେମ ବର୍ଣ୍ଣନାକୁ ନିଜ ଅନୁଭୂତିରେ ତଥା ଜନଜୀବନର ଅବିକଳ ବାସ୍ତବ ସଂଳାପ ବ୍ୟବହାର କରି ସ୍ପଷ୍ଟ କରାଉଥିଲେ। ଫଳରେ ଏହା ଦର୍ଶକଙ୍କ ମନକୁ ସ୍ପର୍ଶକରି ପାରୁଥିଲା। ମାତ୍ର ସଂଳାପ ଜନଜୀବନର ଏକାବେଳକେ ବାସ୍ତବ ଅନୁକୃତି ନୁହେଁ [୩୪]। କାରଣ ବିଭିନ୍ନ ବୟସର ବିଭିନ୍ନ ଧର୍ମର ତଥା ବିଭିନ୍ନ ଲିଙ୍ଗର ଦର୍ଶକମାନଙ୍କ ଆଗରେ ନାଟକ ପରିବେଷଣ କରାଯାଉଥିବାରୁ ବାସ୍ତବ ଜନଜୀବନର ସଂଳାପରୁ ସଂଯମ ରକ୍ଷାକରି ମାର୍ଜିତ ରୁଚି ତଥା ଶାଳୀନତାର ପ୍ରତିଫଳନ କରାଇବା ଉଚିତ; ଯାହା ମନକୁ ସ୍ପର୍ଶ କରିବ ସତ ମାତ୍ର ଉତ୍ତେଜିତ ନ କରି ହୃଦୟକୁ ଆକର୍ଷଣ ପୂର୍ବକ ବିବେକର ମାନରେ ମପାହୋଇ ଦର୍ଶକଙ୍କ ଆନ୍ତରିକତା ଲାଭ କରି ପାରିବ। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ସଂଳାପ କିନ୍ତୁ ଅନୁରୂପ ଆନ୍ତରିକତା ଯେ ଦର୍ଶକଙ୍କ ଠୁଁ ଲାଭ କରିଛି, ଏଥିରେ ସଂଦେହର ଅବକାଶ ନାହିଁ। ନାଟ୍ୟକାରଙ୍କ ପରିଚ୍ଛନ୍ନ ସଂଯତ ମନୋବୃତ୍ତି ଫଳରେ ଅଦ୍ଭୁତ ଜୀବନ ଧର୍ମୀ ଭାଷା ସୃଷ୍ଟିହୋଇ ପାରିଛି, ଯାହା ସମ୍ବେଦନଶୀଳ ଦର୍ଶକ ହୃଦୟକୁ ସହଜରେ ଆକର୍ଷଣ କରିପାରେ।

ସହରୀ ସଂଳାପ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ପୂର୍ବନାଟ୍ୟକାରମାନଙ୍କଠାରୁ ଅଧିକ ବଳିଷ୍ଠ—

ରାମଶଙ୍କରଙ୍କ ସମୟରେ ସଂଳାପ ସାଧାରଣତଃ ପଦ୍ୟଧର୍ମୀ ଥିଲା। ସହରୀ ପରିବେଶ ଯଦିଓ ସେତେବେଳେ ନାଟକରେ ସୃଷ୍ଟି କରାଯାଇଥିଲା ତଥାପି ସେ ଗୁଡ଼ିକର ସଂଳାପ ଆଦୌ ସହରୀ ହାବଭାବର ପରିଚୟ ବହନ କରିପାରିନି। ତାପରେ ନାଟ୍ୟକାର ଅଶ୍ୱିନୀ କୁମାର ଘୋଷଙ୍କ ନାଟକରେ କାହାଣୀ ଅତିମାତ୍ରାରେ ଆକର୍ଷଣୀୟ; ମାତ୍ର ସଂଳାପ ସଂଯୋଜନାର ଦୁର୍ବଳତା ଅନୁରୂପ ପରିମାଣରେ ପରିଦୃଷ୍ଟ। "ଅଶ୍ୱିନୀ ବାବୁଙ୍କ ଲେଖା ଗୁଡ଼ିକ ମୋଟ ଉପରେ ଭଲ ହୋଇପାରେ। ମାତ୍ର ଅନେକ ସ୍ଥଳରେ

Digitized by PPRACHIN, SOA

ଓଡ଼ିଆ ଭାଷାର ରୀତି ଗତ ବ୍ୟବହାର (Idiomatic use) ସର୍ବଜନ ସମ୍ମତ ନୁହେଁ'[୩୫]। ଏହାପରେ ନାଟ୍ୟକାର କାଳୀଚରଣ ପଟ୍ଟନାୟକ ସଂଳାପ ସଂଯୋଜନାର ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ସଂଳାପର ସାହିତ୍ୟିକ ମୂଲ୍ୟ ସହିତ ମଂଚମୂଲ୍ୟକୁ ସେ ସୁଚିନ୍ତିତ ଭାବରେ ଆରୋପ କରାଇଥିଲେ। ମାତ୍ର ଏହି ନାଟ୍ୟକାରଙ୍କର ଗ୍ରାମ୍ୟ ସଂଳାପ ଗୁଡ଼ିକ ବିଶେଷ ଆକର୍ଷଣୀୟ ହେଲେ ମଧ୍ୟ ସହରୀ ସଂଳାପ ଗୁଡ଼ିକ ବିଶେଷ ସାର୍ଥକତା ଲାଭ କରିପାରି ନାହିଁ। ଏହାର ଅର୍ଥ ନୁହେଁ ଯେ ଏହି ସଂଳାପ ଗୁଡ଼ିକ ଦୁର୍ବଳ। ଏଥିରେ ସମସାମୟିକ ବାକ୍ୟରୀତିଠୁଁ ଆରମ୍ଭ କରି ତାଙ୍କ ସଂଳାପ ସୃଷ୍ଟିର ଅଭିନବ ପ୍ରଚେଷ୍ଟା ଆରୋପ କରାଇଥିଲେ ମଧ୍ୟ ସହରୀ ଭାଷା ସହିତ ନାଟ୍ୟକାରଙ୍କର ବାସ୍ତବ ଅନୁଭୂତି ସ୍ୱଳ୍ପ ଥିଲା ପରି ହୃଦବୋଧ ହୁଏ। ମୋଟ ଉପରେ ଏହି ସହରୀ ସଂଳାପ ସୃଷ୍ଟି ଦିଗରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅପେକ୍ଷାକୃତ ନୂତନତ୍ୱର ସ୍ପର୍ଶ ଦେଇଛନ୍ତି। ସହରୀ ପରିବେଶର ବିଶେଷ ଆଦବ କାଇଦା ଓ ଦାର୍ଶନିକ ସୁଲଭ ବ୍ୟଞ୍ଜନାଧର୍ମୀ ମେଜାଜ ରହିତ ଭାଷା ନାଟ୍ୟକାରଙ୍କ ଚାକିରୀ ଜୀବନର ବାସ୍ତବ ଅଭିଜ୍ଞତାରୁ ହିଁ ନାଟକରେ ରୂପାୟିତ ହୋଇଛି ମନେ ହୁଏ। ରାମଚନ୍ଦ୍ର ମିଶ୍ରଙ୍କ 'ନାଟକରୀତି ମତ', 'ଗୋଧୂଳି ଲଗ୍ନ','ନରୋତ୍ତମ ଦାସ କହେ','ପରପୁରୁଷ','କିଏପୁଣି ଦେଖାନଯାଏ' ପ୍ରଭୃତି ନାଟକମାନଙ୍କରେ ସହରୀ ସଂଳାପର ସାର୍ଥକ ସଂଯୋଜନା ବିଶେଷ ପରିଦୃଷ୍ଟ ହୁଏ। ଅନୁରୂପ ଭାବରେ ଚରିତ୍ର ଗୁଡ଼ିକର ଚିତ୍ରଣ ମଧ୍ୟ ବାସ୍ତବ ରୂପ ଲାଭ କରିଅଛି।

ସରଳ, ସାବଲୀଳ ଅଥଚ ଭାବୋଦ୍ଦୀପକ ସଂଳାପ ସଂଯୋଜନା ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ସୃଷ୍ଟିରେ ଏକ ବିଶେଷତ୍ୱ—

ଏ ସଂପର୍କରେ ଓଡ଼ିଶାର ଜଣେ ଅନ୍ୟତମ ଅଭିନେତା ତଥା ଅନ୍ନପୂର୍ଣ୍ଣା'ବି' ଗ୍ରୁପ୍ ମଞ୍ଚରେ ମଞ୍ଚସ୍ଥ ପ୍ରାୟ ସବୁ ନାଟକରେ ଅଭିନୟ କରିଥିବା ଶ୍ରୀଯୁକ୍ତ ମାଧବାନନ୍ଦ କରଙ୍କ ମତ ଯେ— "ପ୍ରଥମତଃ ରାମ ଭାଇନାଙ୍କ ନାଟକର ସଂଳାପ ଗୁଡ଼ିକର ବିଶେଷତ୍ୱ ଥାଏ। କାରଣ କଳାକାରମାନଙ୍କୁ ମୁଖସ୍ଥ କରିବାକୁ ପଡ଼େନା; ସେ ମନକୁ ମନ ମନେ ରହିଯାଏ, ତାଙ୍କ ସଂଳାପର ବିଶେଷତ୍ୱ ଆଉ ଅନ୍ୟ ନାଟ୍ୟକାରଙ୍କର ନାହିଁ। ଏଇଟା କେବଳ ମୋ ମତ ନୁହେଁ, ଆମ କଳାକାରଙ୍କର ମତ ଏଇଆ। କାରଣ ରଙ୍ଗ ମଞ୍ଚର ଅଭିନେତ୍ରୀମାନେ ଅନେକ ନିରକ୍ଷର; ସେମାନେ ଭାଇନାଙ୍କ ସଂଳାପକୁ ଖୁବ୍ ଶୀଘ୍ର ମନେ ରଖନ୍ତି ଏବଂ ଅନ୍ୟ ନାଟ୍ୟକାରମାନଙ୍କ ସଂଳାପ ମୁଖସ୍ଥ କରିବାକୁ ପଡ଼େ। ରାମ ଭାଇନାଙ୍କ ନାଟକରେ ଆଉ ଗୋଟିଏ ବିଶେଷତ୍ୱ ହେଉଛି ଟିକିଏ ଟିକିଏ କଥାରେ ସେ ଏପରି ଅବସ୍ଥା ସୃଷ୍ଟି କରନ୍ତି ଯେ ସେଇଟା ଦର୍ଶକଙ୍କ ମନରେ ରହିଯାଏ"[୩୬]। ପୁଣି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ମତରେ "ବଚନିକା ଗହଳି ଭିତରେ ବହୁତ ଯାଗାରେ ଭାଷା ଖଞ୍ଜିବାରେ ରାମବାବୁଙ୍କ ବିନ୍ଧାଣୀ ପଣିଆ ଫୁଟି ପାରିଛି, ଆମ ଘରର ଜାତିଆଣ ଟେକ ରଖିବାକୁ ଚେଷ୍ଟା ଅଛି,

Digitized by PPRACHIN, SOA

ତାଙ୍କର ଦୃଶ୍ୟ ପରିକଳ୍ପନାରେ ଭାବନା ଅଛି, ଭାବଧାରା କୁହୁଡ଼ି ତଳେ ମୁହଁ ଛପାଉନାହିଁ। ଶସ୍ତା ହସ କୌତୁକ ଯୋର କରି ଭରି ଦେଇ ସାଧାରଣର ମନ ଭୁଲାଣିଆ ନାଟକ ଗଢ଼ିବାକୁ ନାଟ୍ୟକାର ପଛେଇଛନ୍ତି। ନିଜର ବ୍ୟବସାୟ ଜଞ୍ଜାଳ ମଝିରେ ଏତକ ରାମବାବୁ କରି ପାରିଛନ୍ତି, ଏଇଠି ହେଲା ବାହାଦୂରୀ।[୩୭]

ଉପରୋକ୍ତ ମନ୍ତବ୍ୟର ସତ୍ୟତା ମଧ୍ୟ ସମସାମୟିକ ଓ ପୂର୍ବ ନାଟ୍ୟକାର ମାନଙ୍କର ନାଟକ ସବୁକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଯାଏ। ଯୁକ୍ତାକ୍ଷର ବ୍ୟବହାର ନକରି ଅତି ସାଧାରଣ ଭାଷାରେ ନାଟ୍ୟକାର ଖୁବ୍ ଭାବୋଦ୍ଦୀପକ ସଂଳାପ ସଂଯୋଜନାର ସିଦ୍ଧହସ୍ତତା ଲାଭ କରିଛନ୍ତି।

ମୋଟ ଉପରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ରଙ୍ଗ ମଞ୍ଚରେ ଅନ୍ୟଥା ବହୁବିଧ ମଞ୍ଚମାୟା ମାଧ୍ୟମରେ ପରିବେଶ ସୃଷ୍ଟି ନକରି ସଂଳାପ ମାଧ୍ୟମରେ ପରିବେଶ ସୃଷ୍ଟି କରିଛନ୍ତି ଏବଂ ତାଙ୍କ ନାଟ୍ୟମାନସର ପରିଚୟକୁ ସ୍ପଷ୍ଟ କରି ତୋଳିଛନ୍ତି।

—o—

ସଂକେତ ସୂଚୀ

୧- The Anatomy of Drama- M. Boulton- Page-108
୨- ଘର ସଂସାର- ରାମଚନ୍ଦ୍ର ମିଶ୍ର- ସାଥୀ ପ୍ରକାଶନ- କଟକ (୧୯୭୯)-ପୃ-୫୭
୩- ମୂଳିଆ- ରାମଚନ୍ଦ୍ର ମିଶ୍ର- ସାଥୀପ୍ରକାଶନ, କଟକ (୧୯୮୪) ପୃ-୩୪
୪- ଭାଇଭାଉଜ- ରାମଚନ୍ଦ୍ର ମିଶ୍ର- ସାଥୀ ପ୍ରକାଶନ- କଟକ (୧୯୮୨) ପୃଷ୍ଠା- ୨୩
୫- (Play writing and play making- Norha Richards) ସାହିତ୍ୟର ରୂପରେଖ- ଡକ୍ଟର ନୀଳାଦ୍ରି ଭୂଷଣ ହରିଚନ୍ଦନ- ପୃଷ୍ଠା-୮୬
୬- ମ୍ୟାନେଜର-ରାମଚନ୍ଦ୍ର ମିଶ୍ର-ସାଥୀ ପ୍ରକାଶନ, କଟକ (୧୯୬୮) ପୃଷ୍ଠା-୩୪
୭- ଘର ସଂସାର- ପୃଷ୍ଠା-୧୦୦,୧୦୧
୮- ଭାଇ ଭାଉଜ- ପୃଷ୍ଠା-୭୦
୯- ସେବିକା- ରାମଚନ୍ଦ୍ର ମିଶ୍ର-ସାଥୀ ପ୍ରକାଶନ, କଟକ (୧୯୬୮) ପୃଷ୍ଠା-୬୦-୬୧
୧୦- ମମତା-ରାମଚନ୍ଦ୍ର ମିଶ୍ର- ସାଥୀ ପ୍ରକାଶନ, କଟକ (୧୯୬୭) ପୃ-୧୩୦
୧୧- ପରପୁରୁଷ-ରାମଚନ୍ଦ୍ର ମିଶ୍ର-ସାଥୀ ପ୍ରକାଶନ, କଟକ (୧୯୮୭) ପୃଷ୍ଠା-୫୬
୧୨- ନରୋତ୍ତମ ଦାସ କହେ- ରାମଚନ୍ଦ୍ର ମିଶ୍ର, ସାଥୀ ପ୍ରକାଶନ; କଟକ (୧୯୮୩) ପୃ-୩୪
୧୩- ମୂଳିଆ-ପୃଷ୍ଠା-୬୩
୧୪- ଘର ସଂସାର-ପୃଷ୍ଠା-୩୫
୧୫- ଭାଇ ଭାଉଜ- ପୃଷ୍ଠା-୧୨୧
୧୬- ଚାବୁକ-ରାମଚନ୍ଦ୍ର ମିଶ୍ର (୧୯୫୮) ପୃଷ୍ଠା-୧୫୮
୧୭- ପ୍ରବାସୀ-ରାମଚନ୍ଦ୍ର ମିଶ୍ର (ପାଣ୍ଡୁଲିପି) ପୃଷ୍ଠା-୩୦

Digitized by PPRACHIN, SOA

୧୮- ଘର ସଂସାର—ପୃଷ୍ଠା—୧୪୧

୧୯- ଭାଭ ଭାଉଜ— ପୃଷ୍ଠା—୧୧୦, ୧୧୧

୨୦- ଝଙ୍କାର (ଆଧୁନିକ ଓଡ଼ିଆ ନାଟକରେ ସୌନ୍ଦର୍ଯ୍ୟ ଚେତନା- ଡକ୍ଟର ହେମନ୍ତ କୁମାର ଦାସ) ୩୩ଶ ବର୍ଷ, ଦ୍ୱିତୀୟ ସଂଖ୍ୟା

୨୧- ପରପୁରୁଷ– ପୃଷ୍ଠା—୧୭୫

୨୨- The Anatomy of Drama- Magorie Boulton- Page-101

୨୩- ଭାଭ ଭାଉଜ— ପୃଷ୍ଠା—୪୮

୨୪- ଘର ସଂସାର—ପୃଷ୍ଠା—୧୨୮

୨୫- ନରୋତ୍ତମ ଦାସ କହେ—ପୃଷ୍ଠା—୮୦

୨୬- ନରୋତ୍ତମ ଦାସ କହେ—ପୃଷ୍ଠା—୮୧

୨୭- ଝଙ୍କାର—(ନାଟକର ଭାଷା– ଡକ୍ଟର ହେମନ୍ତ କୁମାର ଦାସ) ୩୫ଶ ବର୍ଷ ୭ମ ସଂଖ୍ୟା ଅକ୍ଟୋବର ୧୯୮୩—ପୃଷ୍ଠା—୬୧୧

୨୮- Building a character–Trans–E.R. Hapgood– C. Stanislausky– (1950) page–113.

୨୯- ଝଙ୍କାର– (ନାଟକର ଭାଷା– ଡକ୍ଟର ହେମନ୍ତ କୁମାର ଦାସ) ୩୫ଶ ବର୍ଷ, ୭ମ ସଂଖ୍ୟା, ଅକ୍ଟୋବର ୧୯୮୩—ପୃ—୬୧୧

୩୦- ଘର ସଂସାର—ପୃଷ୍ଠା—୧୭୬

୩୧- ଘର ସଂସାର—ପୃ—୧୩୫

୩୨- ମୂଲିଆ—ପୃ—୬୧

୩୩- ସାହିତ୍ୟ ପତ୍ର– (ଆଜିର ନାଟ୍ୟକାର, ନାଟକ ଓ ରଙ୍ଗମଞ୍ଚର ସମସ୍ୟା– ରାମଚନ୍ଦ୍ର ମିଶ୍ର) ନାଟକ ବିଶେଷାଙ୍କ– ଅର୍ଦ୍ଧବାର୍ଷିକ ସ୍ନାତକୋତ୍ତର ପାଠଚକ୍ର– ରେଭେନ୍‌ସା କଲେଜ, କଟକ– ପୃଷ୍ଠା—୩.୪.

୩୪- "କେହି କେହି ନାଟ୍ୟଭାଷାକୁ ଜୀବନ କ୍ଷେତ୍ରର ନିତ୍ୟ ବ୍ୟବହୃତ କଥିତ ଭାଷାର ସମାନ୍ତରାଳ ରୂପଭାବରେ ଗ୍ରହଣ କରିଥାନ୍ତି, ମାତ୍ର ଲିଖିତ ଓ କଥିତ ଭାଷାରେ କେତେକ ପାର୍ଥକ୍ୟ ରହିବା ସ୍ୱାଭାବିକ * * * କଥିତ ଭାଷାର ସ୍ୱଚ୍ଛନ୍ଦତା ଏବଂ ସ୍ୱତଃସ୍ଫୂର୍ତ୍ତତା ଏତେ ଅଧିକ ଯେ, ଏହାକୁ କଳା କ୍ଷେତ୍ରରେ ପ୍ରତିଷ୍ଠିତ କରିବା କିମ୍ବା ଏଥିରୁ ଭାଷାର ଏକ ପୂର୍ଣ୍ଣ ରୂପ କାମନା କରିବା ଆଦୌ ସହଜ ସାଧ୍ୟ ନୁହେଁ। ଏ କ୍ଷେତ୍ରରେ ତେଣୁ ରୂପ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡ଼େ।" ଝଙ୍କାର– (ନାଟକର– ଭାଷା– ଡକ୍ଟର ହେମନ୍ତ କୁମାର ଦାସ) ଅକ୍ଟୋବର ୧୯୮୩—ପୃ—୬୧୩

୩୫- ପୂର୍ଣ୍ଣଚନ୍ଦ୍ର ଭାଷାକୋଷ—ପୃଷ୍ଠା—୬୮୦୩

୩୬- ମାଧବାନନ୍ଦ କର ୧୭/୯/୧୯୮୮ରେ ଏହି ଆଲୋଚକଙ୍କୁ ଲେଖିଥିବା ଏକ ପତ୍ରରୁ ଉଦ୍ଧୃତ।

୩୭- ମଉଡ଼ମଣି– (ମୁଖବନ୍ଧ– କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ—୧୯/୯/୫୨ ରାମଚନ୍ଦ୍ର ମିଶ୍ର, ଛାତ୍ରବନ୍ଧୁ ପୁସ୍ତକାଳୟ, କଟକ (୧୯୫୨)

Digitized by PPRACHIN, SOA

ରାମଚନ୍ଦ୍ର ମିଶ୍ରଙ୍କର ନାଟକରେ ସାମାଜିକ ପ୍ରତିବଦ୍ଧତା

ଡଃ ସଂଘମିତ୍ରା ମିଶ୍ର

ନାଟ୍ୟକାର ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର ଓଡ଼ିଆ ନାଟକର ସ୍ୱର୍ଣ୍ଣଯୁଗର ଅନ୍ୟତମ ଦିଗ୍‌ପାଳ। ନାଟକକୁ ସମାଜ ଜୀବନର ସ୍ୱଚ୍ଛଦର୍ପଣ ଭାବରେ ପ୍ରତିପାଦିତ କରିବା ପାଇଁ ତାଙ୍କର ଆନ୍ତରିକ ଉଦ୍ୟମ ଓଡ଼ିଆ ନାଟ୍ୟ ସାହିତ୍ୟକୁ ବହୁ ମଞ୍ଚସଫଳ ନାଟକ ପ୍ରଦାନ କରିଛି। କେବଳ ସେତିକି ନୁହେଁ ଅନେକ ସଫଳ ଏକାଙ୍କିକାର ରଚୟିତା ଭାବରେ ସେ ଯଥେଷ୍ଟ ଗୌରବର ଅଧିକାରୀ। ଅଶ୍ୱିନୀ କୁମାର ଓ କାଳୀଚରଣଙ୍କର ପଦାଙ୍କ ଅନୁସରଣ କରି ସେ ନାଟକ ଓ ମଞ୍ଚର ସଂପୃକ୍ତିକୁ ଯଥେଷ୍ଟ ମହତ୍ତ୍ୱ ଦେଇଛନ୍ତି, ମାତ୍ର ସମସ୍ୟା ଉତ୍‌ଥାପନ କ୍ଷେତ୍ରରେ ସେ ଆଉ କେଇପଦ ଆଗକୁ ଯାଇ ସମୟର ପ୍ରାଣ ସ୍ପନ୍ଦନକୁ ଉପଯୁକ୍ତ ସମ୍ମାନ ଦେଇଥିବା ମନେହୁଏ।

ସ୍ୱାଧୀନତା ପ୍ରାପ୍ତିର କିଛିଦ୍ ପୂର୍ବରୁ ତାଙ୍କର ନାଟ୍ୟକାର ଜୀବନର ଅୟମାରମ୍ଭ ହୁଏ। ସେହି ସମୟ ଯେକୌଣସି ·ସଚେତନ ଭାରତୀୟ ପକ୍ଷରେ ସ୍ମରଣଯୋଗ୍ୟ ସମୟ, ଯେଉଁ ସମୟରେ ଅଜସ୍ର ଆତ୍ମବିଶ୍ୱାସ ସହିତ ଅମାପ ସ୍ୱପ୍ନପ୍ରବଣତା ଭାରତୀୟ ଯୁବକ ମନରେ ଖୁନ୍ଦି ହୋଇ ରହିଥିଲା। ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ପ୍ରତି ଥିଲା ଅସୀମ ଶ୍ରଦ୍ଧା ଓ ଆନ୍ତରିକତା। କେବଳ ଭାରତ ନୁହେଁ; ଇଂଗଲା ଫକୀର ଗାନ୍ଧୀ ନିଜର ନୂତନ ଚିନ୍ତାଧାରା ନେଇ ସମସ୍ତ ବିଶ୍ୱକୁ ଚକିତ କରି ଦେଇଥିଲେ। ସମଗ୍ର ବିଶ୍ୱ ସାହିତ୍ୟ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ଦ୍ୱାରା ପ୍ରଭାବିତ ହୋଇଥିଲା ଓ ଅହିଂସା ଆନ୍ଦୋଳନର ତୀବ୍ର ଶକ୍ତି ପ୍ରମାଣିତ ହୋଇଥିଲା।

ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ଅହିଂସା ଆନ୍ଦୋଳନ ଓ ତା'ର ପ୍ରଭାବ ଏକ ନୂତନର କ୍ରାନ୍ତି ସୃଷ୍ଟି କରିଥିଲା। ଓଡ଼ିଆ ସାହିତ୍ୟରେ ଗାନ୍ଧିଜୀଙ୍କର ଉଦାରତା ବ୍ୟକ୍ତିତ୍ୱ ଓ ତାଙ୍କର ପ୍ରଦର୍ଶିତ ମାର୍ଗର ମହାନୁଭବତାକୁ ଉପଜୀବ୍ୟ କରି ଅନେକ ସାହିତ୍ୟକୃତି ସୃଷ୍ଟି ହୋଇଛି। ସାହିତ୍ୟ ଭାବରେ ଏଗୁଡ଼ିକ ଉଚ୍ଚକୋଟିର ଓ ସମୟର ପ୍ରାଣକୁ ନେଇ ଏଗୁଡ଼ିକର ଆବେଦନ ନିତ୍ୟନୂତନ।

ଠିକ୍ ସ୍ୱାଧୀନତା ପ୍ରାପ୍ତି ପରେ ପରେ ଆମର ସାମାଜିକ ସମସ୍ୟାଗୁଡ଼ିକର ସ୍ୱରୂପ ବଦଳିଗଲା। ସ୍ୱାଧୀନତା ପୂର୍ବର ଲକ୍ଷ୍ୟ ଥିଲା ଦେଶକୁ ବିଦେଶୀ ଶାସନର ଅତ୍ୟାଚାର କବଳରୁ ମୁକ୍ତ କରିବା, ସାଧାରଣ ଜନତାକୁ ପ୍ରଭାବିତ କରି ପାରିବା ଭଳି ଉଦାର ଓ ବିବେକବନ୍ତ ଚରିତ୍ର ସୃଷ୍ଟି କରିବା ତଥା ଧନୀ ଦରିଦ୍ର ମଧ୍ୟରେ ଥିବା ଅସାମଞ୍ଜସ୍ୟକୁ ଦୂର କରିବା। ସ୍ୱାଧୀନତା ପରର ସମସ୍ୟା ହେଲା ଶ୍ରମିକ ମାଲିକର ସମସ୍ୟା, ନାରୀଶିକ୍ଷା ଓ ତଦ୍‌ଜନିତ ବିଭିନ୍ନ ସ୍ୱେଚ୍ଛାଚାରର ସମସ୍ୟା, ପାରଂପରିକ ମର୍ଯ୍ୟାଦାସଂପନ୍ନ ପରିବାର ଧସିଯାଉଥିବା ସମସ୍ୟା, ନଗରର ଓ ପଲ୍ଲୀ ମଧ୍ୟରେ ଥିବା ଅସହିଷ୍ଣୁତା ପ୍ରଭୃତ ସମସ୍ୟା ଇତ୍ୟାଦି। ଯେଉଁଦିନଠାରୁ ଜମିଦାର ଓ ପ୍ରଜାଙ୍କ ସମସ୍ୟା ମିଲ୍‌ମାଲିକ ଓ ଶ୍ରମିକଙ୍କ ସମସ୍ୟାରେ ରୂପାନ୍ତରିତ ହେଲା

Digitized by PPRACHIN, SOA

ସେହିଦିନଠାରୁ ସତେ ଯେପରି କୃଷିଭିତ୍ତିକ ଶାନ୍ତ ସରଳ ସଭ୍ୟତା ଶିଳ୍ପ ସଭ୍ୟତାର ପାଦତଳେ ନିଜକୁ ବିକି ଦେଲା ।

ସହରର ଚାକଚକ୍ୟ ଓ ତଥାକଥିତ ଆଧୁନିକତା ଦୂରାଗତ ପଲ୍ଲୀମନୁଷ୍ୟର ଆଖିକୁ ଝଲମଲ କରିଦେଲା । ବଦଳିଗଲା ସରଳ ମଣିଷର ଜୀବନର ମୂଲ୍ୟବୋଧ, ସାମାଜିକ ଜୀବନର ମୂଳଦୁଆ ଦୋହଲାଇ ଦେଲା ଜମିଦାରୀ ଉଚ୍ଛେଦ । ସାମାଜିକ ଜୀବନର ଏହି ଦୁଃସ୍ଥିତିକୁ ପ୍ରତ୍ୟେକ ସ୍ରଷ୍ଟା ନିଜ ସୃଷ୍ଟି ମଧ୍ୟରେ ବାନ୍ଧି ରଖିବାକୁ ଚାହିଁଲା ।

ନାଟକ ସାହିତ୍ୟ ଭାବରେ ତଥା ଜୀବନର ଅନୁକୃତି ଭାବରେ ଏହି ଦାୟିତ୍ୱ ବେଶ୍ ସଫଳତାର ସହିତ ବହନ କରିଛି । ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ଏହି ସାମାଜିକ ପ୍ରତିବଦ୍ଧତା ସହିତ ସମୟର ପ୍ରାଣସ୍ପନ୍ଦନକୁ ଚିହ୍ନିବା ଏହି ପ୍ରବଂଧର ଉଦ୍ଦେଶ୍ୟ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଜୀବିକାର ଓକିଲ କିନ୍ତୁ ଜୀବନରେ ସଂପୂର୍ଣ୍ଣ ନାଟ୍ୟକାର । ତାଙ୍କର ପ୍ରଥମ ଲିଖିତ ଓ ଅଭିନୀତ ନାଟକ ହେଲା 'ଅଭିମାନ' । ସେହି ସମୟକୁ ଓଡ଼ିଆ ନାଟ୍ୟ ସାହିତ୍ୟ ଆକାଶରେ ମଧ୍ୟାହ୍ନ ସୂର୍ଯ୍ୟର ଦୀପ୍ତି ନେଇ କାଳୀଚରଣ ଦେଦୀପ୍ୟମାନ । ତାଙ୍କର ପ୍ରତିଷ୍ଠିତ ଓଡ଼ିଶା ଥିଏଟର୍ସରେ ୧୯୪୨ରେ ତାଙ୍କର ଲିଖିତ ନାଟକ 'ଚୁମ୍ବନ' ମଞ୍ଚସ୍ଥ ହେଉଥିବା ବେଳେ ସେହି ସାଂସ୍କୃତିକ ରାଜଧାନୀ କଟକ ସହରର ଅନ୍ୟଏକ ମଞ୍ଚ ''ଭାରତୀ ଥିଏଟର୍ସ''ରେ ଅଭିନୀତ ହେଉଥାଏ ରାମଚନ୍ଦ୍ର ମିଶ୍ରଙ୍କର ନାଟକ ''ଅଭିମାନ'' । ''ଅଭିମାନ''ର ଲୋକପ୍ରିୟତା ନେଇ ବିବ୍ରତ ହୋଇ ପଡୁଥିବା ନାଟ୍ୟକାର କାଳୀଚରଣ ଏକ ବିଜ୍ଞାପନ ଦେଇଥିଲେ ଯେ ''ଅଭିମାନର ଶ୍ରେଷ୍ଠ ଔଷଧ ହେଉଛି ଚୁମ୍ବନ''— ତତ୍‌କାଳୀନ ଯୁଗୋପଯୋଗୀ ନାଟକ ଭାବରେ 'ଅଭିମାନ' ଦର୍ଶକମାନଙ୍କର ଅକୁଣ୍ଠ ପ୍ରଶଂସାଭାଜନ ହୋଇ ପାରିଥିଲା ।

ବହୁ ନାଟକ ଲେଖି ପ୍ରତିଷ୍ଠା ଅର୍ଜନ କରିଥିବା ସ୍ରଷ୍ଟା ତାଙ୍କର ପୂର୍ବସୂରୀ କବିଚନ୍ଦ୍ର କାଳୀଚରଣଙ୍କ ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଛନ୍ତି । 'ପରପୁରୁଷ' ଓ 'କିସ ପୁଣି ଦେଖା ନ ଯାଏ' ତାଙ୍କର ମୌଳିକ ନାଟକ ନୁହେଁ । 'ପରପୁରୁଷ' ଉପନ୍ୟାସକାର ବିଭୂତି ପଟ୍ଟନାୟକଙ୍କର 'ପରପୁରୁଷ' ଓ 'କିସପୁଣି ଦେଖା ନଯାଏ' ପ୍ରଫୁଲ୍ଲ ନାୟକଙ୍କର 'ବଗୁଲୀ ଝରାଏ ଲୁହ' ଉପନ୍ୟାସର ନାଟ୍ୟରୂପ ମାତ୍ର । ତଥାପି ଏଥିରେ ପରିବେଷିତ ସମସ୍ୟା ତାଙ୍କର ମୌଳିକ ନାଟକଗୁଡ଼ିକର ସମସ୍ୟା ସହିତ ଏକାତ୍ମତା ରକ୍ଷା କରିପାରିଛି ।

ଶିକ୍ଷା ମନୁଷ୍ୟର ବ୍ୟକ୍ତିତ୍ୱକୁ ପରିମାର୍ଜିତ କରେ । ତାର ଅନୁଭୂତିକୁ ଶାଣିତ କରେ । ଶିକ୍ଷିତ ବ୍ୟକ୍ତି ଭଲ ମନ୍ଦ ବାରିବାର ସୂକ୍ଷ୍ମ କଳାଟିକୁ ଆୟତ୍ତ କରି ପାରେ । କିନ୍ତୁ ନଗର ଜୀବନର ବାହ୍ୟ ଆଡ଼ମ୍ବରରେ ମୁଗ୍ଧ ହୋଇ ସରଳ ଗ୍ରାମ୍ୟ ମଣିଷଟି ରାସ୍ତା ଭୁଲିଯିବାର ମଧ୍ୟ ସ୍ୱାଭାବିକ । ସମାଜର ଏହି ମଳିନ ଦିଗଟି ନାଟ୍ୟକାରଙ୍କ ଲେଖନୀରେ ବହୁଭାବରେ ରୂପାୟିତ ହୋଇଛି । ମୂଳିଆ, ଭାଇଭାଉଜ, ଘରସଂସାର, ନରୋତ୍ତମ ଦାସ କହେ ପ୍ରଭୃତି ଏହି ଶ୍ରେଣୀର ନାଟକ । ଏହି ନାଟକ ଗୁଡ଼ିକରେ

Digitized by PPRACHIN, SOA

କିନ୍ତୁ ଚରିତ୍ର ''ଯାହା ଅଛି 'ସବୁ ଭଲ' ବୋଲି ଧରିନେଇ ପରଂପରାକୁ ଜାବୁଡ଼ି ଧରିଥାଆନ୍ତି ଓ ଆଉ କେତେକ ପାଶ୍ଚାତ୍ୟ ନଗର ସଭ୍ୟତାର ପ୍ରତିକ୍ରିୟା ସ୍ୱରୂପ ''ଯାହା ପଶ୍ଚିମରୁ ଆସୁଛି ସବୁ ସୁନ୍ଦର'' ଏହିପରି ଭାବରେ ମାଟି ସହିତ ସମ୍ପର୍କ ରକ୍ଷା କରି ପାରନ୍ତି ନାହିଁ ବଂର ନିଜେ ଛିନ୍ନମୂଳ ପାଲଟି ଯାଆନ୍ତି। କିନ୍ତୁ ପ୍ରତ୍ୟେକ ନାଟକରେ ନିଜର ତ୍ରୁଟିକୁ ସୁଧାରି ଉପଯୁକ୍ତ ନାଗରିକ ହେବାପାଇଁ ଏକ ସଚେତନ ପ୍ରୟାସ ଲକ୍ଷ୍ୟଣୀୟ। ଶିକ୍ଷିତ ଓ ତଥାକଥିତ ଆଧୁନିକା ନାରୀ କିପରି ନିଜର ପରଂପରାରୁ ବିଚ୍ୟୁତ ହୋଇ ପରିବାରର ସ୍ଥିତି ବିପନ୍ନ କରିଥାଏ ତାର ଚିତ୍ର ମଧ୍ୟ ଶ୍ରୀଯୁକ୍ତ ମିଶ୍ରଙ୍କର ନାଟକରେ ସୁଲଭ। ସର୍ବଦା ଯେ ନାଟ୍ୟକାର ଗ୍ରାମ୍ୟଜୀବନକୁ ଉତ୍ତମ ବୋଲି ବିଚାରିଛନ୍ତି ତାହାନୁହେଁ। ଗାଁ ଗଉଟିଆ ଓ ମାମଲତକାରମାନେ ସ୍ୱାର୍ଥାନ୍ଧ ହୋଇ କିଭଳି ଗ୍ରାମର ଶାନ୍ତି ଓ ସଂହତି ପଥର ବାଧକ ହୁଅନ୍ତି ସେଥିପ୍ରତି ମଧ୍ୟ ନାଟ୍ୟକାର ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପରିବାରର ବଂଧୁମାନଙ୍କର ହସ୍ତକ୍ଷେପ ମଧ୍ୟ ଅନେକ ସମୟରେ ବିଷମୟ ପରିଣତି ସୃଷ୍ଟି କରିଥାଏ। ଏହି ବଂଧୁମାନଙ୍କ ମଧ୍ୟରେ ଶ୍ୱଶୁର ଓ ସମୁଦି ଚରିତ୍ରର ବୈଶିଷ୍ଟ୍ୟ ହିଁ ବିଶେଷ ଭାବରେ ରୂପାୟିତ ହୋଇଛି। ଏଥି ସହିତ ନାରୀ ଶିକ୍ଷାର ଯଥାର୍ଥ ଉପଯୋଗ ଦର୍ଶାଇବା ନିମିତ୍ତ ନାଟ୍ୟକାର 'ଘର ସଂସାର'ର ଶାରଦା ଭଳି ଶିକ୍ଷିତା ଅଥଚ ସହିଷ୍ଣୁ ନାରୀ ଚରିତ୍ର ସୃଷ୍ଟି କରିଛନ୍ତି। ଦେଶରେ ଆଧୁନିକ ସଭ୍ୟତାର ଅନୁପ୍ରବେଶ କିଭଳି ଆମର ପାରିବାରିକ ସଂହତି ବିପନ୍ନ କରିଛି ତାର ଚିତ୍ର ନାଟ୍ୟକାର ଶ୍ରୀଯୁକ୍ତ ମିଶ୍ରଙ୍କ ନାଟକ ମାନଙ୍କରେ ସୁଲଭ। କିନ୍ତୁ ଏସବୁର ମୂଳ କଥା ହେଉଛି ତ୍ୟାଗ, ''ତେନ ତ୍ୟକ୍ତେନ ଭୁଞ୍ଜିଥାଂ ମା ଗୃଧଂ କସ୍ୟଚିତ୍ ଧନମ୍'' ତ୍ୟାଗ ହିଁ ପାରିବାରିକ ଜୀବନକୁ ମର୍ଯ୍ୟାଦାବନ୍ତ କରିଥାଏ। ସହାନୁଭୂତି ଓ ସ୍ନେହ ହୃଦୟ ପରିବର୍ତ୍ତନ କରିପାରେ। ଗାନ୍ଧିଜୀଙ୍କର ନୀତିର ଏଭଳି ଭବ୍ୟ ପରିବେଷଣ ନାଟ୍ୟକାର ଶ୍ରୀଯୁକ୍ତ ମିଶ୍ରଙ୍କୁ ଓଡ଼ିଆ ନାଟକର ସାମାଜିକ ଯୁଗର ଅନ୍ୟତମ କାଣ୍ଡାରୀ ଭାବେ ସମ୍ମାନିତ କରିଛି। ସମୟ ଉପଯୋଗୀ ନାଟକ ରଚନା କ୍ଷେତ୍ରରେ ଯଥେଷ୍ଟ ପ୍ରତିଷ୍ଠା ଦେଇଛି।

ବୈକୁଣ୍ଠ ସମାନ ଆହା ଅଟେ ସେହିଘରଃ-

ସେହିଘର ଗଢ଼ିବାକୁ ଯାଇ 'ଘରସଂସାର'ର ଗୋପଚୌଧୁରୀ ପାଲଟିଛି ତ୍ୟାଗୀ, ଉଦାରଚେତା ସମାଜ ସଂସ୍କାରକ। 'ମୂଳିଆ'ର ନନ୍ଦ ନିଜ ଭାଇର ଭବିଷ୍ୟତ ଗଢ଼ିବା ଆଶାରେ ନିଜ ପେଟରୁ କାଟି ତା ତୁଣ୍ଡରେ ଆହାର ଦେଇଛି। 'ଭାଇଭାଉଜ'ରେ ବଡ଼ଭାଇ ମହାପ୍ରଧାନର ସମସ୍ତର ଦାୟିତ୍ୱ ତୁଲେଇ ନେଇଛି ଲକ୍ଷ୍ମଣ ସଦୃଶ ସାନଭାଇ ଭାଇଗା। ଅପବାଦଗ୍ରସ୍ତ ହୋଇ ମଧ୍ୟ କର୍ତ୍ତବ୍ୟ ପଥରୁ ଓହରି ଯାଇ ନାହିଁ। 'ମୂଳିଆ' ନାଟକର ବଡ଼ବୋହୂ ସେହି ଘରସଂସାର ପାଇଁ ନିଜକୁ ଉତ୍ସର୍ଗ କରିଦେଇଛି। ଶାଶୁ ଘରର ଦୁଃଖ ସୁଖରେ ଭାଗୀ ହୋଇ ନିଜର ସ୍ଥିତି ସୁଦୃଢ଼ କରିଛି। ଦିଅର ରାଜୁକୁ କୋଳେଇ କାଖେଇ, ମଣିଷ କରିଥିଲା ବୋଲି ଶେଷ ପର୍ଯ୍ୟନ୍ତ ତାର ଶୁଭ ମନାସି ଚାଲିଛି। ''ପରପରୁଷ'ରେ ଶ୍ୟାମଳର ଦୁର୍ବଳ ପୌରୁଷ ପାରିବାରିକ ଜୀବନର ନିର୍ମଳର ଆନନ୍ଦ ଉପଭୋଗ କରିବା ପାଇଁ ସମର୍ଥ ହୋଇନି। ତାର ସନ୍ଦେହୀ ଦୃଷ୍ଟି ବନାନୀ ଜୀବନରେ କଳା ଅଂଧାରରେ ଛାଇ ଦେଇଛି। ଶେଷ ପର୍ଯ୍ୟନ୍ତ ସେ

Digitized by PPRACHIN, SOA

ଆତ୍ମହୀନମନ୍ୟତାରେ ହିଁ ଘାରି ହୋଇଛି। ସନ୍ଦେହର ଆବର୍ତ୍ତନରେ ନିଜେ ଛଟପଟ ହୋଇ ଅନ୍ୟମାନଙ୍କୁ ମଧ୍ୟ ଛଟପଟ କରିଛି। 'କିସ ପୁଣି ଦେଖା ନ ଯାଏ'ରେ ଅନୁରୂପ ଭାବରେ ସଭ୍ୟତା ସଂଘର୍ଷଜନିତ ଦ୍ୱନ୍ଦ୍ୱ ଲକ୍ଷ୍ୟଣୀୟ। ଏଠାରେ ରଜତ ଓ ଛାକଲୀ ଘର ବାନ୍ଧିବାକୁ ବ୍ୟଗ୍ର ଅଥଚ ଘରର ନିରାପତ୍ତା ଓ ପବିତ୍ରତା ରକ୍ଷା ପାଇଁ ବିବ୍ରତ ନୁହନ୍ତି। ଅନ୍ୟ ଚରତ୍ରଦ୍ୱୟ ମିସ୍‌ରାୟ ଓ ମିଷ୍ଟର ନାୟକଙ୍କ ମତରେ ବିବାହ ଏକ ପୁରୁଣା institution. ବିବାହ ଡ଼ୋରିରେ ବାନ୍ଧି ହେଲେ ବ୍ୟକ୍ତିତ୍ୱ ବାଧାପ୍ରାପ୍ତ ହୁଏ। ତେଣୁ ବିବାହ ବ୍ୟତୀତ ସେମାନେ ଚାହାନ୍ତି ଆକଣ୍ଠ ଉପଭୋଗ। କିନ୍ତୁ 'ଘରସଂସାର'ର ଭିତ୍ତିଭୂମି ଭୋଗରେ ନୁହେଁ ତ୍ୟାଗରେ ଏହା ଶେଷ ପର୍ଯ୍ୟାୟରେ ହିଁ ସିଦ୍ଧ ହୁଏ। 'କବିସୂର୍ଯ୍ୟ' ଏକ ଚରିତ ନାଟକ। ଏଥିରେ ଅଲୌକିକତାର ସ୍ପର୍ଶ ବିଦ୍ୟମାନ। କବିସୂର୍ଯ୍ୟ ଚରିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ପାଇଁ ଅନ୍ୟ ଚରିତ୍ର ମାନେ ସର୍ବଦା ତତ୍‌ପର। ନରୋତ୍ତମ ଦାସ ଘରର ପରିବର୍ତ୍ତିତ ମୂଲ୍ୟବୋଧର ମୂକ ଦର୍ଶକ ପାଲଟିଯାଏ। 'ଚାବୁକ୍'ରେ ପାରିବାରିକ ଜୀବନର ସତ୍ୟ ଉଦ୍‌ଘାଟନ ପାଇଁ ଦ୍ୱନ୍ଦ୍ୱ ଅବ୍ୟାହତ ରହେ। ସମାଜର ସବୁଠାରୁ କ୍ଷୁଦ୍ର ଅଥଚ ପ୍ରଭାବଶାଳୀ ଏକକ ହେଉଛି ଘର, ଯାହା ଶ୍ରୀଯୁକ୍ତ ମିଶ୍ରଙ୍କର ନାଟକର ମୂଳ ଉପାଦାନ। ଘରର ବୁନିଆଦି, ପରଂପରା ଘାତ ପ୍ରତିଘାତ, ଆନନ୍ଦ ବିଷାଦ ତଥା ଭଂଗା ଗଢ଼ାକୁ ନେଇ ଯେତେ ସବୁ ସମସ୍ୟା। ସେହି ଘରର ଟେକ ରଖିବାପାଇଁ ତ୍ୟାଗ ଭାବପନ୍ନ ଚରିତ୍ରମାନେ ତାଙ୍କରର ନାଟକକୁ ମର୍ଯ୍ୟାଦାବନ୍ତ କରିଛନ୍ତି।

ପରବୁଦ୍ଧି ପ୍ରଳୟଙ୍କରୀ:-

କଥାରେ ଅଛି ପର ବୁଦ୍ଧିରେ ଘର ଭାଙ୍ଗେ। ଏଠାରେ ପର କିଏ? ଗାଁ ଟାଉଟର ତ ସବୁବେଳେ ଘର ଭାଂଗିବାକୁ ଚାହିଁ ବସିଥାଆନ୍ତି। ଘରେ ଅଶାନ୍ତିର ନିଆଁ ଜାଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ଲାଗି ପଡ଼ନ୍ତି। କିନ୍ତୁ ତା ଠାରୁ ଆହୁରି ଭୟଙ୍କର ହେଉଛନ୍ତି ସମ୍ବନ୍ଧି ଓ ଶଶୁର ଚରିତ୍ର। ସେମାନଙ୍କର ଅନଧିକାର ପ୍ରବେଶ ସୁସ୍ଥ ପାରିବାରିକ ଜୀବନରେ ଅଶାନ୍ତିର ଦାବାଗ୍ନି ଜାଳେ। 'ମମତା' ନାଟକରେ ଦ୍ୱିତୀୟ ପୁତ୍ର ପ୍ରବୋଧର ଶଶୁର ବାଉରୀବନ୍ଧୁ ସେମାନଙ୍କ ଘରର ପରଂପରା ଉପରେ କୁଠାରଘାତ କରିଛନ୍ତି। ନିଜ କନ୍ୟା ମାୟାର ତଥାକଥିତ ଆନନ୍ଦ ପାଇଁ ଭାଂଗି ଦଅନ୍ତି ଏକାନ୍ନବର୍ତ୍ତୀ ପରିବାରର ଭାବଗତ ଐକ୍ୟ। କିନ୍ତୁ ଶେଷରେ ତାଙ୍କର ଭୁଲ ଧରାପଡ଼େ ଓ ମିଳନରେ ନାଟକର ପରିସମାପ୍ତି ଘଟେ। 'ଘର ସଂସାର'ର ତଥା କଥିତ କକା ଅନାଦି ଦାସ ଅଭିଭାବକତ୍ୱର ଅନ୍ତରାଳରେ ଚାହାଁନ୍ତି ଗୋପ ଚୌଧୁରୀଙ୍କ ପରାଜୟ। ନିଜର ରାଜନୀତିକ ସ୍ୱାର୍ଥସିଦ୍ଧି ପାଇଁ ସେ ବିଭିନ୍ନ ଚାଲ୍ ଖେଳନ୍ତି। ସେ ଗୋପବାବୁଙ୍କ ମାଆ ତାରାମଣିଙ୍କୁ ପୁଅ ବୋହୂଙ୍କ ସଂପର୍କରେ ନାନା ମନଗଢ଼ା କଥା କହି ଉତ୍ତେଜିତ କରନ୍ତି। କିନ୍ତୁ ତାଙ୍କର ଚାଲ ଦୀର୍ଘସ୍ଥାୟୀ ହୁଏ ନାହିଁ। ବିନୋଦ ଜିଦ୍ କରି ଚାକିରୀ ଆଳରେ ଘର ଛାଡ଼ିଥିଲା କିନ୍ତୁ ରୋଗଗ୍ରସ୍ତ ହୋଇ ଫେରିଲା। ଅତ୍ୟାଧୁନିକା ପତ୍ନୀ ଅନିମା ମି: ବର୍ମାଙ୍କ କର୍ତ୍ତୃକ ଅପମାନିତ ହେବାପରେ ବୁଝିପାରିଲା

Digitized by PPRACHIN, SOA

ଘରସଂସାର ସ୍ୱଚ୍ଛତା, ପବିତ୍ରତା । ତେଣୁ ଅନାଦି ଦାସ ଓ ତାଙ୍କରର ଉପଯୁକ୍ତ ସହକାରୀ ମଂଗୁ ମହାନ୍ତି ପୁଣି ଥରେ ବିଫଳ ହେଲେ ।

'ମୂଳିଆ'ର ଧଡ଼ି ମହାପାତ୍ର, 'ଭାଇଭାଉଜ'ର ଯୋଗୀ, 'ଟାବୁକ୍'ର ଦାସ୍ ସାହେବ 'ପୁଆଣି ଘର'ର ନବଘନ ଓ 'ଗୋଧୂଳି ଲଗ୍ନ'ର ଦୀନବଂଧୁ ହେଉଛନ୍ତି ଗୋଟିଏ ଲାଉର ମଞ୍ଜି । ସୁବିଧା ସୁଯୋଗ ଦେଖି ସ୍ୱାର୍ଥ ହାସଲ ପାଇଁ ଏମାନେ ପଡ଼ୋଶୀ ଗଳାରେ ଛୁରୀ ଦେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ମୂଳିଆର ଧଡ଼ି ମହାପାତ୍ର ମୁହଁରେ ବାରମ୍ବାର ଜଗଦମ୍ବା ଉଚ୍ଚାରଣ କରୁଥିଲେ ମଧ ବାରମ୍ବାର ପରର ଅନିଷ୍ଟ କରିଥାନ୍ତି । ସର ବାପାଙ୍କୁ ନନ୍ଦ ବିରୁଦ୍ଧରେ କହିବା, ସହରରେ ରାଜୁ ସହିତ ଦେଖା କରି ତାକୁ ବଡ଼ଭାଇ ବିରୁଦ୍ଧରେ ଉତ୍ତେଜିତ କରିବା, ତାଙ୍କର ଜମିବାଡ଼ି ଭାଗବାଣ୍ଟ ବେଳେ ଉପରେ ପଡ଼ି ସାହାଯ୍ୟ କରିବା ସହିତ ବୃଦ୍ଧ ସନାତନଙ୍କର ଅନ୍ଧତ୍ୱର ସୁଯୋଗ ନେଇ ମିଛ କାଗଜପତ୍ର କରି ତାଙ୍କର ଦସ୍ତଖତ ପର୍ଯ୍ୟନ୍ତ କରାଇ ନେଇଛି । ଏତିକିରେ ତାର ସ୍ୱାର୍ଥ ଲାଳସାର ଇତି ହୋଇ ନାହିଁ । ସରଳା ସର ଉପରେ ମଧ ସେ ପାପଦୃଷ୍ଟି ପକାଇଛି ।

'ଭାଇ ଭାଉଜ'ର ଯୋଗୀ ଚରିତ୍ର ମଧ ଅନୁରୂପ ଖଳ ଚରିତ୍ର । ସେ ଗାଁର ଝିଅ ଦୁଃଖୀ ଉପରେ ଖରାପ ଦୃଷ୍ଟି ଦେଇଛି । ତାର ସହଯୋଗୀ ହେଉଛି ଅଇଁଠା । ମହୀ ବିରୁଦ୍ଧରେ ଭାଇଗକୁ ଓ ଭାଇଗ ବିରୁଦ୍ଧରେ ମହୀକୁ କହି ଉଭୟଙ୍କର ଭୁଲ୍ ବୁଝାମଣା ସୃଷ୍ଟି କରିଛି । ଦୁଃଖୀର ଅଭାବ ସମୟରେ ତା ଦୁଆରେ ଅଯାଚିତ ଭାବରେ ସାହାଯ୍ୟର ଝୁଲି ଧରି ପହଞ୍ଚିଛି ଓ ତାର ଅସହାୟତାର ସୁଯୋଗ ନେବାର ଚେଷ୍ଟା କରିଛି । ନାଟକରେ ପରିଣତିରେ ଯୋଗୀ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ନିଜର କୃତକର୍ମପାଇଁ ଅନୁତାପ କରିଛି । 'ଟାବୁକ୍' ନାଟକର ଦାସ ସାହେବଙ୍କର ଧନ ଓ ନାରୀ ଉଭୟ ଲାଳସା ରହିଛି । ସେ ପ୍ରତିଶୋଧ ପ୍ରବଣ ହୋଇ ଜୟନ୍ତର ଭବିଷ୍ୟତ ଅନ୍ଧାର କରି ଦେଇଛନ୍ତି ଓ ତାକୁ ମାରିବାର ଚକ୍ରାନ୍ତ ମଧ କରିଛନ୍ତି । ପରିଶେଷରେ ତାଙ୍କର ପ୍ରକୃତ ସ୍ୱରୂପ ଉଦ୍‌ଘାଟିତ ହୋଇଛି । 'ପୁଆଣିଘର'ର ଟାଉଟର ନବଘନ ଗାଁ ଭିତରେ ନିଜର ଚାଲାଖି ପଣକୁ ସୀମିତ କରି ରଖିନାହିଁ । ବରଂ କଲିକତା ପର୍ଯ୍ୟନ୍ତ ବ୍ୟାପ୍ତ କରି ଦେଇଛି । ସେ ମଫସଲରୁ କୁମାରୀ କନ୍ୟାମାନଙ୍କୁ କଲିକତାକୁ ଚାଲାଣ କରି ଅର୍ଥ ଉପାର୍ଜନ କରେ । 'ପରପୁରୁଷ'ର ବିଜୟ କେତେନ ଓ 'ଗୋଧୂଳି ଲଗ୍ନ'ର ଦୀନବନ୍ଧୁ ଉଭୟ ଉଦ୍ୟମୀ ଚତୁର କିନ୍ତୁ ସେହି ଉଦ୍ୟମ ଅନ୍ୟର କ୍ଷତି ଉଦ୍ଦେଶ୍ୟରେ ହିଁ ବ୍ୟୟିତ ।

ଏ ସମସ୍ତ ନାଟକରେ ଖଳ ଚରିତ୍ରମାନେ ବେଶ୍ କ୍ରିୟାଶୀଳ । ନାଟକରେ ସଂଘାତ ସୃଷ୍ଟି କରିବାପାଇଁ ପ୍ରତ୍ୟେକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ପରିଣତିରେ ସମସ୍ତେ ଅନୁତପ୍ତ ତଥା ପରାଜିତ ହୋଇଛନ୍ତି । ଶୁଭ, ମଙ୍ଗଳ ଓ ସତ୍ୟର ବିଜୟ ହିଁ ଉଦ୍‌ଘୋଷିତ ହୋଇଛି । ଏଭଳି ପରିଣତିକୁ ନାଟ୍ୟକାରଙ୍କର ସୁସ୍ଥ ସମାଜ ଗଠନ ପାଇଁ ଶୁଭ ପ୍ରୟାସ ଭାବରେ ଗ୍ରହଣ କରାଯାଇ ପାରେ ।

Digitized by PPRACHIN, SOA

ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ:—

ସେ ହିଁ କ୍ଷମା ଦେଇପାରେ, ଯାହା ପାଖରେ ଦଣ୍ଡ ଦେବାର କ୍ଷମତା ରହିଥାଏ । ନାଟକରେ ଭଲ ମନ୍ଦର ଯେଉଁ ଚିରନ୍ତନ ଦ୍ୱନ୍ଦ୍ୱ ଚାଲିଥାଏ ନାୟକ ସାଧାରଣତଃ ସେଥିରେ ବିଜୟୀ ହୋଇଥାଏ । ଅନେକ ସମୟରେ ଏ ବିଜୟ ନାୟକର ମୃତ୍ୟୁ ପରେ ମଧ୍ୟ ଆସିଥାଏ । କିନ୍ତୁ ନାୟକର ମୃତ୍ୟୁ ହେଉଛି ବୀରର ମୃତ୍ୟୁ । ସେ ଉଦାରତାର ସହିତ ସମସ୍ତଙ୍କୁ କ୍ଷମା କରିଦିଏ ଏବଂ ଅନ୍ୟର ହୃଦୟ ପରିବର୍ତ୍ତନରେ ବିଶ୍ୱାସ ରଖେ । ଯେମିତି ବିଶ୍ୱାସ ରଖି ଗୋପ ଚୌଧୁରୀ ତିନିପୁରୁଷର ଶତ୍ରୁ ମହାପାତ୍ରଙ୍କ କନ୍ୟା ଶାରଦାକୁ ବିବାହ କରିଥିଲେ । ନିଜ ଗାଁର ମୁଖିଆମାନଙ୍କ କୋପ ଦୃଷ୍ଟିରେ ପଡ଼ି ମଧ୍ୟ ନିଜ ଆଦର୍ଶରୁ ଓହରି ଯାଇ ନଥିଲେ ବା ମହାପାତ୍ର ଘର ବିପୁଳ ସଂପତ୍ତିକୁ ଆଡ଼ ଆଖିରେ ଚାହିଁ ନଥିଲେ । ଶେଷରେ ସମସ୍ତେ ତାଙ୍କର ମହାନୁଭବତାକୁ ହୃଦୟଙ୍ଗମ କରିଥିଲେ । ଆଘାତପ୍ରାପ୍ତ ମହାପାତ୍ର ବାବୁ ମଧ୍ୟ ଢୋଇଁ ଗୋପବାବୁଙ୍କ ଘରକୁ ଆସି ନିଜର ସମସ୍ତ ସଂଚିତ ଅଭିମାନକୁ ପାଶୋରି ପକାଇଥିଲେ । ମୂଳିଆ ନନ୍ଦ ମଧ୍ୟ କ୍ଷମା କରି ଦେଇଥିଲା ପଥ ଭୁଲା ସାନଭାଇ ରାଜୁକୁ । ଅଶେଷ ଦୁଃଖ କଷ୍ଟର ଅଗ୍ନିଦାହ ମଧ୍ୟରୁ ଶୁଦ୍ଧ ସୁବର୍ଣ୍ଣ ଭଳି ଦାଉ ଦାଉ ଦିଶିଗଲା ତାର ଚାରିତ୍ରିକ ବୈଶିଷ୍ଟ୍ୟ । 'ପରପୁରୁଷ'ର ବନାନୀ ବାରମ୍ବାର କ୍ଷମା କରିଛି ଶ୍ୟାମଳର ହୀନମନ୍ୟତାକୁ ଓ ଦେଇ ଚାଲିଛି ବଶମ୍ବଦତାର କଠୋର ପରୀକ୍ଷା । 'କିସ ପୁଣି ଦେଖା ନ ଯାଏ'ର ବାହୁବଳେନ୍ଦ୍ର କ୍ଷମା କରିଛନ୍ତି ରଜତର ଅବାଧତା, କାକଳୀର ଔଦ୍ଧତ୍ୟ କେବଳ ନାତିଟୋକା କୁନା ମୁହଁକୁ ଚାହିଁ । ସର୍ବୋପରି ନରୋତ୍ତମ ଦାସ କ୍ଷମା କରିଛନ୍ତି ତାଙ୍କର ଶ୍ୟାଳକ ଦ୍ୱୟଙ୍କୁ, କାରଣ ପ୍ରତ୍ୟେକର ଚାରିତ୍ରିକ ଦୁର୍ବଳତା ଓ ପରିବେଶ ପ୍ରତି ସତର୍କତାକୁ ସେ ଦୟା କରିଛନ୍ତି, ସହରୀ ପୋଷାକ ତଳୁ ସେ ଦେଖି ପାରିଛନ୍ତି ଗୁଡ଼ିଏ କାତର ଦୁର୍ବଳ ବ୍ୟକ୍ତିତ୍ୱ ତେଣୁ ସେ କ୍ଷମା କରିଛନ୍ତି ସମସ୍ତଙ୍କୁ ।

ଏହା ଦ୍ୱାରା କ୍ଷମା କରିଥିବାର ଉଦାରଚେତା ଚରିତ୍ରମାନଙ୍କର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇପାରିଛି । ନାଟକର ସମସ୍ୟା ତୀବ୍ରତର ହୋଇ ଦର୍ଶକ ମନରେ ରେଖାପାତ କରିଛି । ନାଟକ ସଂଘାତଶଂକୁଳ ହୋଇ ପରିଣତି ଆଡ଼କୁ ଅଗ୍ରସର ହୋଇଛି । ପରିବେଶ ହୃଦ୍ୟ ତଥା ପରିବେଷଣ ଆବେଗପୂର୍ଣ୍ଣ ହୋଇପାରିଛି । ଦୋଷୀକୁ ଦଣ୍ଡ ଦେବାର ସର୍ବଦା ବିହିତ । କିନ୍ତୁ ଦୋଷୀର ଅନୁତାପ ଓ ତାକୁ କ୍ଷମା ଦେବାରେ ଦଣ୍ଡଦାତା ଚରିତ୍ରର ଯେଉଁ ବୈଶିଷ୍ଟ୍ୟ ଉପଲବ୍ଧି କରିହୁଏ; ନାଟ୍ୟକାର ତାହାକୁ ନାଟକ ମାଧ୍ୟମରେ ସ୍ୱଭାବ ସୁଲଭ ଢଙ୍ଗରେ ପରିବେଷଣ କରିଛନ୍ତି । ମନୁଷ୍ୟର ଚାରିତ୍ରିକ ପରିବର୍ତ୍ତନ ଆକସ୍ମିକତାରେ ସେ ବିଶ୍ୱାସୀ ।

ତିଳକୁ ତାଳ କରିବା:—

ଛୋଟ କଥାକୁ ବଡ଼ କରି ପାରିବାରିକ ଜୀବନରେ ଫାଟ ସୃଷ୍ଟି କରିବା ଆମ ସମାଜରେ ଚିରାଚରିତ ରୀତି । ଶ୍ରୀଯୁକ୍ତ ମିଶ୍ରଙ୍କର ଏକାଧିକ ନାଟକରେ ଦିଅର ଭାଉଜ ସଂପର୍କକୁ ନେଇ ଅପବାଦ ସୃଷ୍ଟି ହୋଇଛି । ସେମାନଙ୍କର ପବିତ୍ର ସଂପର୍କକୁ

Digitized by PPRACHIN, SOA

ଇଚ୍ଛାକୃତ ଭାବରେ ବିକୃତ କରି ପରିବେଷଣ କରାଯାଇଛି। ଭାଇଗ ଓ ଦୁଃଖୀର ସଂପର୍କ (ଭାଇ ଭାଉଜ), ବିନୋଦ ଓ ଶାରଦାର ସଂପର୍କ (ଘରସଂସାର) ଏହାର ପ୍ରମୁଖ ଉଦାହରଣ। 'ପରପୁରୁଷ'ରେ ଶ୍ୟାମଳର ନିଜ ପତ୍ନୀଙ୍କର ଏକଦା ପ୍ରେମିକ ଓ ବର୍ତ୍ତମାନର ପଡ଼ୋଶୀ ବିମଳବାବୁଙ୍କୁ ନେଇ ପାପଚିନ୍ତା କରିବା, ମୁସଲମାନ ୟୁସୁଫ୍‌ର ସ୍ନେହକୁ ପଦାଘାତ କରିବା ଏହି ତିଳକୁ ତାଳ କରିବାର ଭିନ୍ନ ପରିପ୍ରକାଶ ମାତ୍ର। ଏହାଦ୍ୱାରା ଅଯଥା ସନ୍ଦେହର କୁହୁଡ଼ିରେ ମନ ଭାରାକ୍ରାନ୍ତ ହୁଏ ଓ ନିଜ ଉପରୁ ଆସ୍ଥା ତୁଟିଯାଏ। 'ନରୋତ୍ତମ ଦାସ କହେ'ର ପାରିବାରିକ ସମସ୍ୟା ହେଉଛି ଆମଘରର ସାମାଜିକ ସମସ୍ୟା। ଉଚ୍ଚ ପଦସ୍ଥ ଅଫିସର, ଶିଳ୍ପପତି ତଥା ରାଜନୀତିଜ୍ଞ ଭାଇମାନଙ୍କର ସମସ୍ୟା। ଏଠାରେ ଛୋଟ କଥାକୁ ବଡ଼ କରି ଜାଆମାନଙ୍କର କଳିଗୋଳ ହୁଏ ଓ ତାହା ଭାଇମାନଙ୍କ ଭିତରେ ସଂକ୍ରମିତ ହୋଇଯାଏ। ଫଳରେ ଶ୍ୟାମଳ ଭଳି ନଷ୍ଟ ଚରିତ୍ର ବ୍ୟକ୍ତିମାନେ ପରିସ୍ଥିତିର ଫାଇଦା ଉଠାନ୍ତି ଓ ପରିବାରର ଶାନ୍ତିର ସୁଦୂର ପରାହତ ହୁଏ। ଅନେକ ସମୟରେ ନାୟକର ବଳିଷ୍ଠ ଚରିତ୍ର ମଧ୍ୟ ପରିବେଶର କ୍ରୀଡ଼ନକ ପାଲଟିଯାଏ। ବିନା କାରଣରେ ପରିବାରର ସଂହତି ବିପନ୍ନ ହୁଏ, ବାତାବରଣ କଳୁଷିତ ହୁଏ। 'ପରପୁରୁଷ'ର ଶ୍ୟାମଳ ଏହିଭଳି ଜଣେ ଚରିତ୍ର ଯାହାକୁ ନାୟକ କହିବା ଯଥାର୍ଥ ମନେହୁଏ ନାହିଁ କାରଣ ନାୟକର ଚାରିତ୍ରିକ ଦୃଢତା ତା'ଠାରେ ନାହିଁ। ଛୋଟ କଥାକୁ ବଡ଼ କରି, ତହିଁରେ କଳ୍ପନାର ବିଭିନ୍ନ ପୁଟ ଦେଇ ନିଜକୁ ସୁହାଇବାଭଳି ଅନେକ କଥା କୁହାଯାଇପାରେ। କିନ୍ତୁ ଏସବୁ ହିଁ ନାଟକକୁ ଗୁଣବାନ୍ କରେ। ଦ୍ୱନ୍ଦମୁଖର କରେ ଓ ପରିବେଶକୁ ଜୀବନ୍ତ କରି ରଖିପାରେ।

କଥାକୁହା ସାହିତ୍ୟ ନାଟକ:—

ନାଟକ ହେଉଛି ଉଚ୍ଚାରଣ ଯୋଗ୍ୟ ଭାଷାର କାରିଗରୀ। ଏଥିରେ ବର୍ଣ୍ଣନା ନୁହେଁ ବ୍ୟଞ୍ଜନା ହିଁ ଶ୍ରେଷ୍ଠ। ତେଣୁ ନାଟକର ଭାଷା ହେଉଛି ସଂଳାପ। ଏହି ସଂଳାପ ମଧ୍ୟରେ ଦେଶ କାଳ ପାତ୍ର ସହିତ ନାଟ୍ୟକାରର ବ୍ୟକ୍ତିତ୍ୱର ପ୍ରତିବିମ୍ବିତ ହୋଇଥାଏ। ତୀକ୍ଷ୍ଣ ଶାଣିତ ସଂଳାପ ନାଟ୍ୟକାର ହସ୍ତରେ ସମାଜ ସଂସ୍କାରର ଅସ୍ତ୍ର ପାଲଟି ଯାଏ। ଏହା ମାଧ୍ୟମରେ ସ୍ରଷ୍ଟା ଜୀବନ ସଂପର୍କୀୟ ତତ୍ତ୍ୱ ବ୍ୟାଖ୍ୟାନ କରେ ଓ ଭବିଷ୍ୟତ ପାଇଁ ଆଶା ଆଶ୍ୱାସନାର ବାର୍ତ୍ତା ଶୁଣାଏ। ତେଣୁ ସଂଳାପର ସାଫଲ୍ୟକୁ ନାଟକର ସାଫଲ୍ୟଭାବରେ ଗ୍ରହଣ କରାଯାଇପାରେ। ଶ୍ରୀଯୁକ୍ତ ମିଶ୍ରଙ୍କର ନାଟକଗୁଡ଼ିକରେ ସଂଳାପ ସଂଯୋଜନା ପ୍ରାଣବନ୍ତ। 'ନରୋତ୍ତମ ଦାସ କହେ' ନାଟକରୁ ଗୋଟିଏ ଉଦାହରଣ ଦିଆଯାଇ ପାରେ। ଭାଉଜ ଲକ୍ଷ୍ମୀ ଭାରତୀ ନାମକ କନ୍ୟାକୁ ମାଧବ ବିବାହ କରିଛି କି ନା ପ୍ରଶ୍ନ କରନ୍ତି।

ଲକ୍ଷ୍ମୀ — ତୁମେ ଭାରତୀକୁ ବିବାହ କରିଛ ?

ମାଧବ — ମୋର ବିବାହ ହେଲା, ଅଥଚ ତୁମେମାନେ କେହି ଜାଣିପାରିଲ ନାହିଁ ? ଏହା କଣ କେବେ ସମ୍ଭବ ନୁଆବୋଉ ? ତୁମେ ତାକୁ ଡାକି ପଚାରି ବୁଝନ, ବାଜା ବାଜିଥିଲା ନା ରୋଷଣୀ ଜଳିଥିଲା ନା ବେଦୀ ପଡ଼ିଥିଲା ? ସେସବୁ

Digitized by PPRACHIN, SOA

ନ ହେଲା ଏବେ, କୋଉ ପୁରୋହିତ ମନ୍ତ୍ର ପଢ଼ି ଆମ ଦୁହିଁଙ୍କର ହାତ ମିଳେଇ ଦେଇଥିବ? (ନରୋତ୍ତମ ଦାସ କହେ- ପୃ- ୯୯)

ଏଭିତରେ ମାଧବର ସତ୍ୟକୁ ସମ୍ମୁଖୀନ ହେବାର ଭୟ ସହିତ ଆମ ସମାଜର ଚଳଣି, ଶଂକା ଓ ସମ୍ଭାବନାର ଚିତ୍ର ସ୍ପଷ୍ଟ ହୋଇ ଉଠିଛି।

ସେହିପରି 'ପରପୁରୁଷ'ରେ ପାତ୍ର ଉପଯୋଗୀ ସଂଳାପ ପ୍ରୟୋଗ ଦେଖାଯାଏ। ମୁସଲମାନ ୟୁସୁଫ ସଂଳାପରେ ହିନ୍ଦିମିଶ୍ରିତ ଭାଷା ସହିତ ଜାତୀୟ ସଂହତିର ଦୃଢ଼ ସ୍ୱର ଶୁଣାଯାଏ। ସେ ବନାନୀର ପରିବାର ସହିତ ସଂପର୍କୀତ। ତେଣୁ ବନାନୀ ପ୍ରତି ତାର ସ୍ନେହ ରହିଛି। କିନ୍ତୁ ବନାନୀର ସ୍ୱାମୀ ଶ୍ୟାମଳ ତାକୁ ସନ୍ଦେହ କରେ। ତେଣୁ ବ୍ୟସ୍ତ ହୋଇ ୟୁସୁଫ୍ କହେ—

ୟୁସୁଫ୍—"ସେ ସବୁ ବାଜେ କଥା ଭିଣୋଇ ସାହାବ୍, ଆମେ ଦୁସରା ଧରମ୍‌ର ବୋଲି ଆମ ନାଁରେ ବଦନାମ ଉଠାଇଲେ... ହେଲେ ମୁଁ ପଠାଣ ଆପଣ ହିନ୍ଦୁ...ଛୁରୀଟା ଆଣି କାଟିଲେ— ଆମ ଦେହର ଖୁନ୍‌ର ରଂଗରେ କ'ଣ କିଛି ତଫାତ୍ ଦେଖିବ? ଖୋଦା ମାଲିକ, ଭିଣୋଇ ସାହାବ! ଜେଜେ ବାପା ଯଦି ଜିନ୍ଦା ନଥାନ୍ତେ, ଆମ ବଂଶରେ ଆଜି ଆଉ କେହି ନ ଥାନ୍ତୁ, ଏତେବଡ଼ ରିସ୍ତା କଣ କେତେଜଣଙ୍କ ମିଛ ବଦନାମ୍ ଭୟରେ କାଟିଦେବୁ", (ପରପୁରଷ—ପୃ୬୪)

ଆମ ସମାଜରେ ପ୍ରଚଳିତ ବିଭିନ୍ନ ଢଗଢମାଳିର ପର୍ଯ୍ୟାପ୍ତ ପ୍ରୟୋଗ ତାଙ୍କ ନାଟକରେ ଦୃଷ୍ଟିଗୋଚର ହୁଏ। ଯଥା ଘର ଚ୍ଛିଙ୍କି କୁମ୍ଭୀର, ନଈରେ ଘର କରି କୁମ୍ଭୀର ସଂଗେ ବାଦ, ଗୋଠ ଖଣ୍ଟିଆ, କହିଲେ କୁଳ କୁଟୁମ୍ବକୁ ଲାଜ, ଅହି ନକୁଳ ସମ୍ବନ୍ଧ, ଭଂଗାକାନ୍ଥରେ ଚୂନ ମାରିବା, ନିଆଁପାଣି ଅଟକ, ଛାତି ଉପରେ ଘୋଡ଼ା ଦଉଡ଼ି, ସାପଗାତରେ ହାତ ପୁରାଇବା, ଲୁହାଟା ତାଉ ହେଲେ ପାହାର ପକାଇବା, ଜାତିକା ଶିକାରକୁ ଖେଳେଇ ଖେଳେଇ ଧରିବା ଭଳି ଢଗ ସହିତ ରମଣୀ ଭୂଷଣ ଲଜ୍ଜା, ସ୍ତ୍ରୀ ରତ୍ନ ଦୁଷ୍କୁଳାଦପି ଭଳି ସଂସ୍କୃତି ପ୍ରୟୋଗ ମଧ୍ୟ ଦୃଷ୍ଟିଗୋଚର ହୁଏ।

ଯେମିତି ଦିଅଁକୁ ସେମିତ ପୂଜା:-

କଥାରେ ଅଛି, " ଯେମିତି ଦିଅଁକୁ ସେମିତି ପୂଜା, ବାଲି ଗରଡ଼ାକୁ ଚାଉଳ ଭଜା," ଚରିତ୍ର ଉପଯୋଗୀ ହେଲେ ସଂଳାପର ଗୁରୁତ୍ୱ ପରିସ୍ଫୁଟ ହୋଇଥାଏ। ଖୁବ୍ ସରଳ ଭାଷାରେ ମଧ୍ୟ ଭାବଗମ୍ଭୀର ସଂଳାପ ବ୍ୟକ୍ତ ହୋଇପାରେ। 'ଭାଇଭାଉଜ' ନାଟକରେ ଦିଅର ଭାଇଗ ଓ ଭାଉଜ ଦୁଃଖୀ ଉଭୟ ଅଶିକ୍ଷିତ, ଗ୍ରାମ୍ୟ। କିନ୍ତୁ ଉଭୟଙ୍କର ଚାରିତ୍ରିକ ଦୃଢ଼ତା ଉଲ୍ଲେଖଯୋଗ୍ୟ। ଉଭୟ ନିଜ ନିଜ ପରିବେଶରେ ବେଶ୍ ମର୍ଯ୍ୟାଦାବନ୍ତ। ସେହି ମର୍ଯ୍ୟାଦାର ସ୍ୱର ଭାଇଗ କଣ୍ଠରେ—" ତେବେ ମୁଁ କହିବି ନୂଆବୋଉ। ସଫା ସଫା କହିବି। ପତର କୁଡ଼ିଆ ଦୁଆରେ ଲକ୍ଷ୍ମଣର ନିଷ୍ଠା ନେଇ ମୁଁ ଜଗି ବସିଛି ଭାଇ ରାମଙ୍କର ଫେରିବା ବାଟକୁ ଚାହିଁ। କୁହ ନୂଆବୋଉ? ଏଥିରେ ମୁଁ କେବେ ହେଳା କରିଛି? (ଭାଇ ଭାଉଜ ପୃ-୪୮)

Digitized by PPRACHIN, SOA

ଶିକ୍ଷିତ ଚରିତ୍ର କଣ୍ଠରେ ନାଟ୍ୟକାର ଇଂରାଜୀ ମିଶ୍ରିତ ସଂଳାପ ଖଞ୍ଜିଛନ୍ତି। ଏହାକୁ ତାଙ୍କର ଆଧୁନିକ ଜୀବନ ପ୍ରତି ଆଗ୍ରହର ପ୍ରତିଫଳନ ଭାବରେ ଗ୍ରହଣ କରାଯାଇପାରେ। 'ମୂଳିଆ' ନାଟକରେ ଓକିଲ କୁଞ୍ଜ ବାବୁ ଉଚ୍ଚ ଶିକ୍ଷିତ। ସେ କୁମାରଙ୍କୁ କୁହନ୍ତି "x x I mean to say ନାରୀ ସ୍ୱାଧୀନତା ମାନେ female emancipation ବିଷୟରେ ତର୍କଟା ଆରମ୍ଭ କିର ଦିଅ। ଯାଅ, ଭିତରକୁ ଯାଅ, ମତେ ଆଉ disturb କରନା"। (ମୂଳିଆ - ପୃ ୩୯)

ନରୋତ୍ତମ ଦାସଙ୍କର ସଂଳାପ ଶ୍ଳେଷାଶ୍ରୟୀ। ତାହାର ବ୍ୟଙ୍ଗାର୍ଥ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ କୁହନ୍ତି ଯେ ଶିକ୍ଷକ ଜୀବନର ଅନୁଭୂତି ତାଙ୍କର ଅବସର ଜୀବନକୁ ପ୍ରଭାବିତ କରିଛି। ତେଣୁ ଶାଳକମାନଙ୍କର ପରିବାରର ଅସାମଞ୍ଜସ୍ୟ ତଥା ଯାଦବର ମଦକାରଖାନା କରିବା କଥା ଶୁଣି ସେ କହନ୍ତି—"ବାଃ ବାଃ ଚମତ୍କାର। ଯୋଉ ଦେଶରେ ପାଣି ମୁନ୍ଦାଏ ପାଇଁ କୂଅ କି ପୋଖରୀ ଖୋଳିବାକୁ ପଇସା ନାହିଁ ସେଠି ପୁଣି ବୋତଲ ପାଣି ପାଇଁ କାରଖାନାର ପରିକଳ୍ପନା" (ନରୋତ୍ତମ ଦାସ କହେ— ପୃ ୨୯)

ସମାଜର ବିଭିନ୍ନ ସ୍ତରର ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ସଂପର୍କରେ ନରୋତ୍ତମଙ୍କର ପ୍ରତ୍ୟେକଉକ୍ତି ବ୍ୟଙ୍ଗଜର୍ଜର ହୋଇଛି। ଏହାକୁ ନାଟ୍ୟକାରଙ୍କର ସମାଜସୁଧାର ଦୃଷ୍ଟିଭଂଗୀ ଭାବରେ ଗ୍ରହଣ କରିବା ସ୍ୱାଭାବିକ। ତେଣୁ ଚରିତ୍ର ଉପଯୋଗୀ ସଂଳାପ ହେବା ଉଚିତ ଓ ସେ ପରିବର୍ତ୍ତନ ଶୁଭଙ୍କର ହେବା ଉଚିତ୍, ଏ ସଂପର୍କରେ ନାଟ୍ୟକାର ବେଶ୍ ସଚେତନ।

ସାରେ, ଗା, ମା, ପା, ଧା, ନି:—

ସଂଗୀତ ନାଟକର ଅନ୍ୟତମ ବିଭାବ ଭାବରେ କେଉଁ ସୁଦୂର ଅତୀତରୁ ସ୍ୱୀକୃତ। ସଂଗୀତର ଭାବ ଗାମ୍ଭୀର୍ଯ୍ୟ ତଥା ସ୍ୱର ସଂଯୋଜନା ନାଟକକୁ ଏକ ନୂତନ ଭାବସମୃଦ୍ଧି ଦେଇଥାଏ। ଶ୍ରୀଯୁକ୍ତ ମିଶ୍ରଙ୍କର ନାଟକରେ ସଂଗୀତର ଶୋଭନ ସଂଯୋଗ ଦେଖାଯାଏ। ସେ ଗୁଡ଼ିକ ପରିବେଶ ଉପଯୋଗୀ। 'କବିସୂର୍ଯ୍ୟ' ନାଟକରେ କବିସୂର୍ଯ୍ୟଙ୍କ ଲିଖିତ ସଂଗୀତର ପ୍ରୟୋଗ ମନୋମୁଗ୍ଧକର। ବାଧିଲା ଜାଣି କ୍ଷମା, ଜୟଜଗବନ୍ଧୁ ଦୀନ ଜନବନ୍ଧୁ, ରାତି ପାହିଗଲା ହେ ହାତୀ, ଯେବେ ନବଘନ ଶ୍ୟାମ ବଂଶୀ ସ୍ୱନ, ପ୍ରାଣନାଥ ବିଜେ ବେଳ ବଳିଲାରେ, ମୋ ଭାଲେ ଥିଲା କି ଲିହି, ରେ ସଂଗାତ ଗଲାଣି ତ ଗଲା କଥା, ଅତସୀ କୁସୁମ ସମ ଶ୍ୟାମ ହେ, କର କ୍ଷମାରେ, ରତି ପ୍ରତିମାତୁ, କ୍ଷୀରମୟ ସିନ୍ଧୁ ଜେମା ପ୍ରାଣବଂଧୁ, କେହି ସରିକି, ପ୍ରଭୁ ପଣେ ନୀଳାଦ୍ରି କେଶରୀକି ପ୍ରଭୃତି କବି ସୂର୍ଯ୍ୟଙ୍କର ପ୍ରଭାବଶାଳୀ ନିତ୍ୟ ନୂତନ ସଙ୍ଗୀତ ଗୁଡ଼ିକ ନାଟକ ମଧ୍ୟରେ ପରିବେଷିତ ହୋଇଛି। 'ମୂଳିଆ'ରେ କବି ମଂଜୁଳ କୃଷ୍ଣ ପ୍ରସାଦ ବସୁ ଓ କିଶୋର କବି ଶ୍ୟାମ ସୁନ୍ଦର ଦାସ ସଂଗୀତ ସଂଯୋଜନା କରିଛନ୍ତି। ଏହି ସଂଗୀତ ଗୁଡ଼ିକରେ ଗ୍ରାମଜୀବନର ରସାଳ ଅନୁଭୂତି ସହିତ ରୋମାଣ୍ଟିକ୍ ଭାବପ୍ରବଣତାର ସ୍ୱର ଶୁଣାଯାଏ। କୁମାରର ଓ କଳ୍ପନାଙ୍କର

Digitized by PPRACHIN, SOA

ଦ୍ୱୈତ କଣ୍ଠ ସଂଗୀତରେ ଭାବ ପ୍ରବଣ ମାନସିକତାର ପ୍ରତିଫଳନ ସ୍ପଷ୍ଟ। ବାବାଜୀର ଗୀତ— ବାବୁ ଧନ କହୁଛିରେ ମହତକୁ ଘୋଡ଼େଇପକା

କଣ୍ଟାବାଡୁ ଲୁଗା କଢ଼େଇ ପକା— (ମୂଳିଆ ପୃ - ୧୧୭) ରେ ସାମାଜିକ ପ୍ରତିବଦ୍ଧତା ଲକ୍ଷ୍ୟଣୀୟ। 'ପରପୁରୁଷ'ରେ ୟୁସିଫ୍ ମୁହଁରେ ହିନ୍ଦୀ ସଂଗୀତ ପରିବେଷିତ ହୋଇଛି। ନାରାୟଣ ପ୍ରସାଦ ସିଂହ ଓ ଗୋପାଳ ପଣ୍ଡା ଏହାର ସଂଗୀତର ଲେଖକ ଓ ନିର୍ଦ୍ଦେଶକ। ସନ୍ୟାସିନୀର ସଂଗୀତରେ ଜୀବନ ଦର୍ଶନ ପ୍ରକାଶିତ। ଈଶ୍ୱରଙ୍କ ଉପରେ ତୀବ୍ର ଅଭିମାନ ସେହି ସଂଗୀତର କଥାବସ୍ତୁ। 'କିସ ପୁଣି ଦେଖାନ ଯାଏ'ରେ କିଶୋର କବି ଶ୍ୟାମ ସୁନ୍ଦର ଦାସଙ୍କର ସଂଗୀତ ଦୃଷ୍ଟି ଗୋଚର ହୁଏ। ଏଥିରେ ଆଦିବାସୀ ଚରିତ୍ର ଥିବାରୁ ଆଦିବାସୀମାନଙ୍କର କଣ୍ଠ ସଂଗୀତ ଏଥିରେ ପରିବେଷିତ ହୋଇପାରିଛି। ରଜତ ଓ କାକଳୀ ମଧରେ ରୋମାଣ୍ଟିକ ସଂଗୀତ ପ୍ରଯୁକ୍ତ ହୋଇଛି। 'ଘର ସଂସାର'ରେ କୁମାରପୂର୍ଣ୍ଣମୀ ଉପଲକ୍ଷେ କୁଆଁରୀ ମାନଙ୍କର ମିଳିତ କଣ୍ଠସଂଗୀତ ଗାନ କରାଯାଇଛି। ଶାରଦା ନିଜର ସାନ ନଣନ୍ଦ ରତିକୁ ପରିହାସ କରି ଗୀତଟିଏ ଗାଇଛି। ମଂଗୁ ମାହାନ୍ତି ସହିତ ଅନ୍ୟମାନେ କଣ୍ଠ ମିଳାଇ ଗାଇଛନ୍ତି—

> ଏତ ବଡ଼ ଘର ବଡ଼ ଗୁମର କଥା, ମିତଲୋ ମିତ କାନ ଦେଇଥା
> ହରିବୋଲ ଭାଇ ଗୋବିନ୍ଦ ବୋଲ, ଭାସିଲା ପଥର ବୁଡ଼ିଲା ସୋଲ
>
> (ଘରସଂସାର- ପୃ-୨୦)

ଏ ସଂଗୀତରେ ସମାଜସୁଧାର ପାଇଁ ଆବେଗ ବଡ଼ ତୀବ୍ର। ଓଡ଼ିଆ ବୋହୂମାନଙ୍କର ଚାଲି ଚଳଣିର ତ୍ରୁଟିକୁ ଏଥିରେ ବ୍ୟଙ୍ଗ କରାଯାଇଛି। ରତିର ସଂଗୀତରେ ନିଜ ଭାଉଜର ସେବା ଓ ତ୍ୟାଗ ସଂପର୍କରେ ମନ୍ତବ୍ୟ ଦେଖାଯାଏ।

ନାଟ୍ୟକାର ନାରୀର ସେବା, ଆନ୍ତରିକତା ଓ ତ୍ୟାଗରେ ସମାଜର ସୁସ୍ଥ ଭବିଷ୍ୟତ ପ୍ରଚ୍ଛନ୍ନ ଥିବା ଅନୁଭବ କରିଛନ୍ତି। ତାଙ୍କର ନାରୀସୃଷ୍ଟି ପୁରୁଷ ବା ପରିବାର ଠାରୁ ଭିନ୍ନ ସ୍ୱତନ୍ତ୍ର ନୁହେଁ ସତ୍ୟ କିନ୍ତୁ ପରିବାରର ପରିସର ଭିତରେ ନାରୀ ନିଜର ସ୍ୱାତନ୍ତ୍ର୍ୟ ନେଇ ତିଷ୍ଠି ରହିଛି। ତାର ଚାରିତ୍ରିକ ବୈଶିଷ୍ଟ୍ୟ ନାଟକରେ ଦିଶା ପରିବର୍ତ୍ତନ କରିବାରେ ସମର୍ଥ ହୋଇଛି। 'କିସ ପୁଣି ଦେଖା ନ ଯାଏ'ର ସଂଗୀତ ହରିହର ପଣ୍ଡା ପ୍ରଯୋଜନା କରିଛନ୍ତି, ନରୋତ୍ତମ ଦାସ କହେ ନାଟକରେ ସଂଗୀତ ସେତେ ପ୍ରଭାବ ଶାଳୀ ନୁହେଁ। କାରଣ ପାଶ୍ଚାତ୍ୟ ଶିକ୍ଷାର ଅନୁଗତ ବନ୍ଦନା ଯେଉଁଠି ଯନ୍ତ୍ର ସଂଗୀତ ମଧରେ ଜୀବନକୁ ଉପଭୋଗ କରିବାକୁ ଚାହେ, ସେଠାରେ ସଂଗୀତର ପ୍ରଶ୍ନ ମଧ୍ୟ ଉଠେନାହିଁ। କିନ୍ତୁ ବନ୍ଦନାର କଣ୍ଠସଂଗୀତ ଓ ନୃତ୍ୟ ପ୍ରବଣତା ସଂପର୍କରେ ଅନେକ ପ୍ରଶଂସା ଆମେ ଶ୍ୟାମଙ୍କ ତୁଣ୍ଡରୁ ଶୁଣିପାରୁ ଓ ନୃତ୍ୟକରି ବିଶ୍ୱ ପରିକ୍ରମା କରିବାର କାର୍ଯ୍ୟକ୍ରମ ସଂପର୍କରେ ଶୁଣି ଚମତ୍କୃତ ହେଉ। କିନ୍ତୁ ଶେଷ ପର୍ଯ୍ୟନ୍ତ ବନ୍ଦନାଙ୍କର ବିଦେଶ ଯାତ୍ରା ସ୍ଥଗିତ ରହେ।

Digitized by PPRACHIN, SOA

ସଂସ୍କୃତି ସଂଘର୍ଷର ଫଳାଫଳ:—

ଗ୍ରାମ୍ୟ ସଂସ୍କୃତି ତାର ସମସ୍ତ ବୈଶିଷ୍ଟ୍ୟ ନେଇ ଶ୍ରୀଯୁକ୍ତ ମିଶ୍ରଙ୍କର ନାଟକରେ ତିଷ୍ଠି ରହିଛି। ସେ ଗାଁରେ ଗାଉଟର ଅଛନ୍ତି, ଅଛନ୍ତି ମୂଲିଆ ଶ୍ରେଣୀର ସାଧାରଣ ମଣିଷ। ସେଠାରେ ବୁନିଆଦିକୁ ଜାବୁଡ଼ିର ଧରି ମୁଣ୍ଡ ଫଟାଫଟି ହୁଏ। ସାନ ଭାଇକୁ ଶିକ୍ଷିତ କରିବା ପାଇଁ ବଡ଼ ଭାଇ ମୂଲ ଲାଗେ। ଦିଅର ଭାଉଜ ସଂପର୍କକୁ ଯୋଡ଼ି ଅପବାଦ ଦିଆଯାଏ ପୁଣି ଛୋଟ ଛୋଟ କଥାରେ ଭୁଲ ବୁଝାମଣା ହୋଇଯାଏ। ଦଳେ ଲୋକ ଦରିଦ୍ରରୁ ଦରିଦ୍ର ହୋଇ ଦିନ ମଜୁରିଆ ପାଲଟିଗଲା ବେଳେ ଆଉ କେତେକ ଚାଲାଖ ଲୋକ ପୁଞ୍ଜି ବଢ଼ାଇ ଚାଲନ୍ତି। ସହରର ଜନସମାଜ ଗ୍ରାମ୍ୟ ସମାଜଠାରୁ ଭିନ୍ନ ନୁହେଁ ବରଂ ଚାକିରୀ ପାଠ ପ୍ରଭୃତି ନାଁ'ରେ ଗାଁ' ଲୋକେ ସହରକୁ ଆସନ୍ତି। ସେହି ସମାଜ ମ୍ଳାନ ପରିବର୍ତ୍ତନ କରେ। କିନ୍ତୁ ମଣିଷର ସମସ୍ୟା ମଧ ବଦଳି ଯାଏ। ରାତାରାତି ଧନୀ ହେବାର ନିଶା ମଣିଷକୁ କଳାବଜାର କରିବାକୁ ପ୍ରେରଣା ଦିଏ। ଆଧୁନିକତା ନାମରେ ନାରୀ ସ୍ୱେଚ୍ଛାଚାରିଣୀ ହୁଏ। ପୁରୁଷ ହୁଏ ଆତ୍ମହୀନମନ୍ୟତା ବ୍ୟାଧିଗ୍ରସ୍ତ। ରାଜନୀତିର ପଶାପାଲିରେ ପ୍ରେମ ପ୍ରଣୟ ଏପରିକି ସଂତାନ ମଧ ବାଜି ଲାଗିଯାଏ। ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଅନ୍ଧ ଆନୁଗତ୍ୟ ମଧ ପାରିବାରିକ ଜୀବନର ଶାନ୍ତି ନଷ୍ଟ କରେ। ସ୍ୱାମୀ ସ୍ତ୍ରୀଙ୍କ ମଧରେ ତୃତୀୟ ବ୍ୟକ୍ତିର ଆବିର୍ଭାବ ସନ୍ଦେହର ଚକ୍ର ସୃଷ୍ଟି କରେ ଓ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ସେହି ଚକ୍ରରେ ଘୂରୁ ଥାଆନ୍ତି। ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତ ହେଲେ ମଧ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସହରୀ ମଣିଷମାନେ ଅଧିକ ରଗ୍ଣ ମନେ ହୁଅନ୍ତି। ପରିବର୍ତ୍ତିତ ସାମାଜିକ ପରିସ୍ଥିତିରେ ଜୀବନର ମୂଲ୍ୟ ବଦଳିଯାଏ। ସେହି ମୂଲ୍ୟବୋଧର ପ୍ରତୀକ ହେଉଛନ୍ତି ଅବସରପ୍ରାପ୍ତ ଶିକ୍ଷକ ନରୋତ୍ତମ ଦାସ, ଯେକି ନାଟ୍ୟକାରଙ୍କ ମୁଖପାତ୍ର। ସଂସ୍କୃତି ସଂଘର୍ଷରୁ ତାଙ୍କର ଚରତ୍ରମାନେ ବିକଶିତ ହୋଇଛନ୍ତି ସତ୍ୟ କିନ୍ତୁ ନାଟ୍ୟକାର ସେହି ପ୍ରାଚୀନ ପାରିବାରିକ ଜୀବନର ସୌଷ୍ଠବ ପ୍ରତି ସର୍ବଦା ବଶମ୍ୱଦ ରହିଛନ୍ତି। ତାଙ୍କର ନାଟକଗୁଡ଼ିକ ପାଶ୍ଚାତ୍ୟ ସଭ୍ୟତା ଅନୁକରଣ କରି ନିଜସ୍ୱ ବିସ୍ମରି ଯାଉଥିବା ମଣିଷମାନଙ୍କ ପାଇଁ ଚେତାବନୀ ସଦୃଶ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟସୃଷ୍ଟି ପାରଂପରିକର ନାଟ୍ୟଶୈଳୀର ଅନ୍ତର୍ଗତ କିନ୍ତୁ ଆତ୍ମାରେ ଆଧୁନିକ। କାରଣ ଆଧୁନିକତାର ଅର୍ଥ ହେଉଛି ଅତୀତ ସହିତ ସଂପୃକ୍ତ ରହି ବର୍ତ୍ତମାନ ଆଡ଼କୁ ପ୍ରସାରିତ ହେବା। 'ଲୋକନାଟକ' ନାମକ ସଦ୍ୟ ପ୍ରକାଶିତ ଗ୍ରନ୍ଥରେ ଶ୍ରୀଯୁକ୍ତ ମିଶ୍ର ତାଙ୍କର ନାଟକ ସଂପର୍କୀୟ ବକ୍ତବ୍ୟ ପାଠକ ଉଦ୍ଦେଶ୍ୟରେ ବାଢ଼ି ଦେଇଛନ୍ତି। ଅନେକ ଯଶ ସମ୍ମାନର ଅଧିକାରୀ ଏହି ବୟୋଜ୍ୟେଷ୍ଠ ନାଟ୍ୟକାର ଅନେକ ଆଧୁନିକ ନାଟ୍ୟକାରଙ୍କ ପ୍ରେରଣାର ଅସରନ୍ତି ଉତ୍ସ।

—o—

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ ଭାରତୀୟ ସଂସ୍କୃତି

ଡଃ ବିଜୟଲକ୍ଷ୍ମୀ ସ୍ୱାଇଁ

ସଂସ୍କୃତି ଏକ ଅନ୍ତର୍ନିହିତ ଚେତନା। ଏହାର ପରିସର ଅତ୍ୟନ୍ତ ବ୍ୟାପକ। ସାହିତ୍ୟ, ସଂଗୀତ, ନୃତ୍ୟ, ଚିତ୍ରକଳା, ଭାସ୍କର୍ଯ୍ୟ, ଲୋକ ବିଶ୍ୱାସ, ସାମାଜିକ ଚଳଣି, ବିଭିନ୍ନ ଧର୍ମଧାରା ପ୍ରଭୃତି ଏହାର ଅନ୍ତର୍ଭୁକ୍ତ। ଉପରୋକ୍ତ ବିଭାଗଗୁଡ଼ିକୁ ପରସ୍ପରଠାରୁ ପୃଥକ୍ କଲେ କେହି ସଂସ୍କୃତିର ପୂର୍ଣ୍ଣରୂପ ଭାବେ ପରିଗଣିତ ହେବେନାହିଁ। ଅଥଚ ଯେଉଁ ଅନ୍ତର୍ନିହିତ ସ୍ରୋତ ହିଁ ଏ ସମସ୍ତଙ୍କୁ ଏକ ସୂତ୍ରରେ ଗ୍ରଥିତ କରିପାରେ ତାହାହିଁ ସଂସ୍କୃତି। ସଭ୍ୟତା ସଂସ୍କୃତିର ବାହକ। ଯୁଗ ବା ସମୟ ଅନୁସାରେ ସଭ୍ୟତା ପରିବର୍ତ୍ତିତ ହେବାପରି ସଂସ୍କୃତିର ରୂପ ମଧ୍ୟ ବଦଳେ। ଯେତେବେଳେ ଦୁଇଟି ସଭ୍ୟତା ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି। ସେତେବେଳେ ସେମାନଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ଅଥବା ସାଂସ୍କୃତିକ ସଂଘର୍ଷ ଦେଖାଦିଏ। ନୃତ୍ୟ, ସଂଗୀତ, ଚିତ୍ରକଳା ପରି କଳାର ଅନ୍ୟାନ୍ୟ ବିଭାଗ ଅପେକ୍ଷା ସାହିତ୍ୟରେ ସାଂସ୍କୃତିକ ପ୍ରତିବିମ୍ବ ଅଧିକ ପରିମାଣରେ ଅନୁଭୂତ ହୁଏ।

ଊନବିଂଶ ଶତାବ୍ଦୀର ଶେଷଭାଗରେ ସମଗ୍ର ଭାରତବର୍ଷରେ ସାଂସ୍କୃତିକ ନବଜାଗରଣ ଦେଖାଦେଲା। ଦୀର୍ଘଦିନ ଧରି ଭାରତ ବିଦେଶୀ ଶାସନାଧୀନ ଥିବାରୁ ଏହି ନବଜାଗରଣ ପରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ସହ ଭାରତୀୟ ସଭ୍ୟତା ଓ ସଂସ୍କୃତିର ସଂଘର୍ଷ ଓ ସମନ୍ୱୟ ଘଟିଲା। ଭାରତବର୍ଷର ଜନସାଧାରଣଙ୍କ ମଧ୍ୟରୁ କେତେକ ପ୍ରାଚୀନ ଭାରତୀୟ ସଂସ୍କୃତିରେ ନଥିବା ନାରୀଶିକ୍ଷାର ବିରୋଧ ବା ସତୀଦାହ ପ୍ରଥାପରି କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରିଥିବା ବେଳେ ଅନ୍ୟ କେତେକ ସ୍ୱେଚ୍ଛାଚାରୀ ଗୁରୁଜନଙ୍କ ପ୍ରତି ଅବମାନନା ପ୍ରଭୃତି ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣ କର ବସିଲେ। ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କଲେ ସେମାନେ ମୂଲ୍ୟବୋଧ ଉପରେ କୁଠାରଘାତ କଲେ। ଅପରପକ୍ଷରେ ଅନ୍ୟମାନେ ପରମ୍ପରା ଓ ଚଳଣି ନାମରେ କେବଳ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଗ୍ରହଣ କଲେ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଫକୀର ମୋହନ ସେନାପତିଙ୍କଦ୍ୱାରା ରଚିତ ହୋଇଥିବା ଡ଼ାକମୁନ୍‌ସୀ, ସଭ୍ୟ ଜମିଦାର, ପେଟେଣ୍ଟ ମେଡ଼ିସିନ, ଗାରୁଡ଼ି ମନ୍ତ୍ର ପ୍ରଭୃତି କ୍ଷୁଦ୍ରଗଳ୍ପ ଏବଂ ଜଗମୋହନ ଲାଲାଙ୍କ ରଚିତ 'ବାବାଜୀ' 'ସତୀ' ପ୍ରଭୃତି ନାଟକକୁ ଅନୁଶୀଳନ କଲେ ଉଭୟ ସାଂସ୍କୃତିକ ସଂଘର୍ଷର ଚିତ୍ର ସ୍ପଷ୍ଟଭାବେ ଉପଲବ୍ଧ ହୁଏ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଉଭର ଚାଳିଶି ପରେ ନାଟକ ରଚନା କରି ସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ଯଶସ୍ୱୀ ହୋଇଥିବା ଜଣାଯାଏ। ସେ ମୂଳିଆ, ଭାଇ ଭାଉଜ, ଘର-ସଂସାର, ନରୋତ୍ତମ ଦାସ କହେ, କବିସୂର୍ଯ୍ୟ ଆଦି ବହୁ

Digitized by PPRACHIN, SOA

ନାଟକର ରଚୟିତା। ଏତଦ୍‌ବ୍ୟତୀତ ପ୍ରଖ୍ୟାତ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ରଚିତ 'ପରପୁରୁଷ' ଉପନ୍ୟାସର ନାଟ୍ୟରୂପ ଓ ପ୍ରଫୁଲ୍ଲ ନାୟକଙ୍କ ଜନପ୍ରିୟ ଉପନ୍ୟାସ 'ବଗୁଲୀ ଝରଣାର ଲୁହ'ର ନାଟ୍ୟରୂପ 'କିଏ ପୁଣି ଦେଖା ନ ଯାଏ' ତାଙ୍କର ଉଲ୍ଲେଖଯୋଗ୍ୟ କୃତି। 'କବିସୂର୍ଯ୍ୟ' ଜୀବନୀମୂଳକ ନାଟକ ହୋଇଥିବାବେଳେ ଅନ୍ୟଗୁଡ଼ିକ ସାମାଜିକ ନାଟକ। ଏହି ସାମାଜିକ ନାଟକଗୁଡ଼ିକ ମଧ୍ୟରେ 'ନରୋତ୍ତମ ଦାସ କହେ' ଅପେକ୍ଷାକୃତ ପରବର୍ତ୍ତୀ। ତଥାପି ୧୯୪୦ ମସିହା ବା ତହିଁର କିଛିତ ପରବର୍ତ୍ତୀ ସମଗ୍ର ଭାରତବର୍ଷ ତଥା ଓଡ଼ିଶା ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ବହୁ ଲୋକ ପାଠ ନପଢ଼ି କୌଣସି ଡ଼ିଗ୍ରୀଗତ ଶିକ୍ଷା ନପାଇ ପରମ୍ପରାକୁ ଉପେକ୍ଷା କରୁଥିଲେ। ସମାଜରେ ସାଧାରଣ ଦୃଷ୍ଟିରେ ଇଂରେଜୀ ଶିକ୍ଷା ପାଇଁ ଆକର୍ଷଣର ମୂଳ କାରଣ ଥିଲା ଚାକିରୀ। ଯେଉଁମାନେ ଇଂରେଜୀ ଶିକ୍ଷାରୁ ଦୁଇ ଅକ୍ଷର ପଢ଼ିପାରୁଥିବେ ଚାକିରୀ ସେମାନଙ୍କ ନିକଟରେ ସହଜଲଭ୍ୟ ଥିଲା। ପୁଣି ସେମାନଙ୍କ ମଧ୍ୟରୁ ଅନେକ ତ୍ୟାଗ ଭିତ୍ତିକ ଭାରତୀୟ ପରମ୍ପରା ଓ ସଂସ୍କୃତିର ବିରୋଧ କରୁଥିଲେ। ନାଟ୍ୟକାର ମିଶ୍ରଙ୍କ ସାମାଜିକ ନାଟକଗୁଡ଼ିକରେ ଉଭୟ ସାଂସ୍କୃତିକ ସଂଘର୍ଷର ଚିତ୍ର ଉପଲବ୍ଧ। ତଥାପି ନାଟ୍ୟକାର ସର୍ବଦା ତାଙ୍କ ନାଟକ ଗୁଡ଼ିକରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ଅପେକ୍ଷା ଭାରତୀୟ ସଂସ୍କୃତିର ମହାନତା ପ୍ରକାଶ କରି ସ୍ୱାଭିମାନର ପରିଚୟ ଦେଇଥିବା ଲକ୍ଷ୍ୟ କରାଯାଇ ପାରେ।

ପରିବାର ବା ଘରର ମହତ୍ତ୍ୱ ନାଟ୍ୟକାର ଶ୍ରୀଯୁକ୍ତ ମିଶ୍ରଙ୍କର ପ୍ରତ୍ୟେକ ସାମାଜିକ ନାଟକରେ ସ୍ୱୀକୃତ। ଭାଇ ଭାଉଜ ଓ ଘର ସଂସାର ପ୍ରଭୃତି ନାଟକର ନାମକରଣରୁ ଏହା ସ୍ପଷ୍ଟ। ପାରିବାରିକ ବନ୍ଧନ ସମସ୍ତ ପ୍ରକାର ପାର୍ଥିବ ବନ୍ଧନରୁ ଶ୍ରେଷ୍ଠ। ତାରାମଣି ତୀର୍ଥଯାତ୍ରାରେ ବାହାରିବା ବେଳେ ବିନୋଦ କହିଛନ୍ତି— ଆଜ୍ଞା ବୋଉ! ତୋର ପୁଅ ଝିଅ ବୋହୂ- ଏମାନଙ୍କୁ ନେଇ ଦିନ କାଟିବାର ସୁକୃତ ଫଳ କ'ଣ ଦେଶ ଦେଶାନ୍ତରରେ କେତେଟା ନଦୀ ଆଉ ସମୁଦ୍ର କୂଳରେ କେତେକ ଦିଅଁ ଦେବତାଙ୍କ ଦର୍ଶନଠୁ ବେଶୀ ନୁହେଁ [ଘର ସଂସାର,ପୃ-୮୬] ବିନୋଦଙ୍କର ଏହି ଉକ୍ତି ହେଉଛି ସ୍ୱୟଂନାଟ୍ୟକାରଙ୍କର ଉକ୍ତି। ମନୁଷ୍ୟ ଦିଅଁ ଦେବତା ଦର୍ଶନ, ତୀର୍ଥ ଗମନ ଆଦି ପୁଣ୍ୟକର୍ମ ବା ଧର୍ମ କର୍ମ ନିଜର ଆତ୍ମିକ ଉନ୍ନତି ନିମନ୍ତେ କରେ। କିନ୍ତୁ ନିଜର ପରିବାରକୁ ଦୁଃଖ ବା ବିଶୃଙ୍ଖଳା ମଧ୍ୟକୁ ଠେଲି ଦେଇ ନିଜର ସ୍ୱାର୍ଥ ନିମନ୍ତେ ଧର୍ମ କର୍ମ କଲେ ଆତ୍ମାର ଉନ୍ନତି ସମ୍ଭବପର ନୁହେଁ।

ଘର ବା ପରିବାର ସମାଜର ଏକ କ୍ଷୁଦ୍ର କ୍ଷୁଦ୍ର ଏକକ। ବହୁ ପରିବାର ବା ଘରକୁ ନେଇ ସମାଜ ଗଠିତ। ଏ ସମାଜକୁ ଉନ୍ନତ କରିବାର ଦାୟିତ୍ୱ ଆମ ସମସ୍ତଙ୍କର। ନାଟ୍ୟକାରଙ୍କ ଅନୁଯାୟୀ - ନିଜ ଘରକୁ ସଜାଡ଼ିଲେ ବାହାରର ସଂସାର ଅନାୟାସରେ ସଜାଡ଼ି ହୋଇଯିବ। ଗୋଟିଏ ଗୋଟିଏ କ୍ଷୁଦ୍ରଗୃହ ଆମ ସମାଜ ତଥା ଦେଶର ଗୋଟିଏ ଗୋଟିଏ ଅଙ୍ଗ। ଜାତି ଓ ଦେଶର ଉନ୍ନତି ପ୍ରତ୍ୟେକ ଗୃହର ସର୍ବାଙ୍ଗୀନ ଉନ୍ନତି ଉପରେ ନିର୍ଭର କରେ। ଜାତି କିମ୍ବା ଦେଶର ପ୍ରତ୍ୟେକ ଘର ଆଦର୍ଶ ପ୍ରତିଷ୍ଠା କରିବାରେ ଉପଯୁକ୍ତ କ୍ଷେତ୍ର [ଘର ସଂସାର- ପଦେଅଧେ]। ନାଟ୍ୟକାରଙ୍କର

Digitized by PPRACHIN, SOA

ଏହି ଆଦର୍ଶ ପ୍ରାୟ ସମସ୍ତ ନାଟକଗୁଡ଼ିକରେ ପ୍ରକାଶିତ। 'ଘରସଂସାର'ର ଗୋପ-ଶାରଦା ବିନୋଦ, 'ମୂଲିଆ'ର ନନ୍ଦ ବଡ଼ବୋହୂ, 'ଭାଇ ଭାଉଜ'ର ଭାଇଗ ଓ ଜଜ୍ ସାହେବ, 'ପର ପୁରଷ'ର ଦିବାକର ବାବୁ ଓ ଅନ୍ନପୂର୍ଣ୍ଣା ସମସ୍ତେ ନିଜ ନିଜ ଘରକୁ ସଜାଡ଼ିବାରେ ବ୍ୟସ୍ତ। ସାମାଜିକ ପ୍ରତିପ୍ରତ୍ତି ବା ଅର୍ଥନୈତିକ ନିରାପତ୍ତା ଦୃଷ୍ଟିରୁ ହୁଏତ ସେମାନେ ବିଭିନ୍ନ ଶ୍ରେଣୀରେ ଅବସ୍ଥାପିତ ହୋଇପାରନ୍ତି କିନ୍ତୁ ଏ ସମସ୍ତଙ୍କର ଲକ୍ଷ୍ୟ ଏକ— ଉତ୍ତମ ପରିବାର ବା ଘରର ପ୍ରତିଷ୍ଠା। ଚଣ୍ଡୀପୁର ଗାଁର ମଦନ ଚୌଧୁରୀଙ୍କ ପରିବାର ଯେତେବେଳେ ବିଶୃଙ୍ଖଳିତ ତାଙ୍କ ବଡ଼ ପୁଅ ଗୋପ କହୁଛନ୍ତି— ନାନା ସବୁ ଭୁଲ୍ ମୋର। ମୁଁ ଆଗ ନିଜ ଘରକୁ ନସଜାଡ଼ି ବାହାରଟାକୁ ସଜାଡ଼ିବାରେ ଲାଗିଥିଲି; ସେଇଟା ମୋରି ଭୁଲ। ନା ନା ... ମତେ ଆଗ ମୋ ନିଜ ଘର ସଜାଡ଼ିବାକୁ ହେବ [ଘର ସଂସାର,ପୃ-୧୦୩]। ଅର୍ଥାତ୍ ଘର ଏବଂ ବାହାରର ଦୁନିଆଁ ପରସ୍ପରର ଆପେକ୍ଷିକ ତଥା ପରିପୂରକ। ଗୋପ ନିଜ ପତ୍ନୀ ଶାରଦାଙ୍କୁ କହିଛନ୍ତି — ଘରର ସମସ୍ତ ଭାର ତୁମ ଉପରେ ଛାଡ଼ି ଦେଇ ମୁଁ ନିଶ୍ଚିନ୍ତରେ ବାହାର ସଂସାରଟାକୁ ଗଢୁଥିଲି; କିନ୍ତୁ ଦେଖୁଚି ଶେଷକୁ ସବୁ ଭୁଷୁଡ଼ି ଯିବ [ଘର ସଂସାର,ପୃ-୧୦୩]।

ଉପର ବିଚାରର ଏକ ବିପରୀତ ଚିନ୍ତାଧାରା ମଧ୍ୟ ରହିଛି। ଅପର ପକ୍ଷରେ ସଂସାରଟାକୁ ଅଥବା ସମାଜକୁ ଉନ୍ନତ କଲେ ତଦନ୍ତର୍ଗତ ସମସ୍ତ ପରବାରର ଉନ୍ନତି ସଂଗଠିତ ହେବ। ଘର ବା ପରିବାର ଉପରେ ଗୁରୁତ୍ୱାରୋପ କରୁଥିବା ଗୋପ ମଧ୍ୟ କହିଛନ୍ତି— ଏଇ ସଂସାରକୁ ମୁଁ ମୋର ଘର କରି ନେଇଚିରେ... ମତେ ଆଉ କେହି ତମେ ବାଧା ଦିଅନା। ସେବାଧର୍ମ ଯେ ମୋର ଜୀବନର ବ୍ରତ। ମୋର କାର୍ଯ୍ୟ ଏବେ ମଧ୍ୟ ଅସପୂର୍ଣ୍ଣ। ପୁଣି କୋଟି କୋଟି ନିରନ୍ନ କଙ୍କାଳର କରୁଣ, କ୍ରନ୍ଦନ...ଅଜ୍ଞାନ ଅନ୍ଧକାର ମଧ୍ୟରେ ସେମାନେ ପଥହରା...ସେମାନେ ସେମାନଙ୍କର ଦୁର୍ବଳ ହାତଟେକି ମତେ ଡାକୁଛନ୍ତି, ହଁ ମୁଁ ଯିବି [ଘର ସଂସାର,ପୃ-୪୭]।

ଗୋପ ମୁହଁରେ ନାଟ୍ୟକାରଙ୍କର ଏଇ ସଂଳାପ ଆମ ସ୍ୱାଧୀନତା ଆନ୍ଦୋଳନର ଗାନ୍ଧୀ-ଗୋପବନ୍ଧୁଙ୍କ ଆଦର୍ଶକୁ ସ୍ମରଣ କରାଇଦିଏ। ଏକ ଅବିଭକ୍ତ ଭାରତବର୍ଷର ସ୍ୱାଧୀନତା ଲାଭ ଗାନ୍ଧିଜୀଙ୍କର ଲକ୍ଷ୍ୟ ଥିଲା। ଅବଶ୍ୟ ପରସ୍ଥିତି ଦୃଷ୍ଟିରୁ ସ୍ୱାଧୀନତା ଲାଭ ବେଳକୁ ଭାରତ ଖଣ୍ଡ ବିଖଣ୍ଡିତ ହେଲା। ଏଥିପାଇଁ ଗାନ୍ଧୀ ସୁଖୀ ନଥିଲେ। ଗାନ୍ଧିଜୀଙ୍କ ମତଥିଲା ସମଗ୍ର ଭାରତବର୍ଷର ଉନ୍ନତି ହେଲେ ଏହାର ପ୍ରତ୍ୟେକ ଅଂଶରେ ଉନ୍ନତି ଦେଖାଦେବ। ଅପର ପକ୍ଷରେ ଗୋପବନ୍ଧୁ କହୁଥିଲେ, ଉତ୍କଳ ଜନନୀ କଦାପି ଭାରତ ଜନନୀଙ୍କଠାରୁ ବିଚ୍ଛିନ୍ନ ନୁହନ୍ତି। ଓଡ଼ିଆ ପ୍ରଗତି ପଥରେ ଅଗ୍ରସର ହେଲେ ବା ଉନ୍ନତ ହେଲେ ଭାରତ ବର୍ଷର ଉନ୍ନତି ପଥରେ କୌଣସି ଅନ୍ତରାୟ ହେବ ନାହିଁ।

ପରିବାରରେ ପତି-ପତ୍ନୀର ସମ୍ପର୍କ ଅବିଚ୍ଛେଦ୍ୟ। ହିନ୍ଦୁ ଦର୍ଶନ ଅନୁଯାୟୀ ବିବାହ ଅନୁଷ୍ଠାନର ଦ୍ୱାରା ସେମାନେ ପବିତ୍ର ବନ୍ଧନରେ ଆବଦ୍ଧ ହୁଅନ୍ତି। ପତି ପତ୍ନୀର ବନ୍ଧନ କେବଳ ଇହ ଜନ୍ମରେ ସୀମିତ ନ ହୋଇ ପର ଜନ୍ମ ନିମନ୍ତେ ବ୍ୟାପ୍ତ ହୋଇ ଥାଏ। ପତ୍ନୀ ପତିର ଆଦର୍ଶକୁ ଅନୁସରଣ କରେ। ସୀତା ସାବିତ୍ରୀ ପ୍ରଭୃତି

Digitized by PPRACHIN, SOA

ମହୀୟସୀ ଭାରତୀୟ ନାରୀଙ୍କ ଆଦର୍ଶକୁ ଅନୁସରଣ କରି ସେ ତାର କର୍ତ୍ତବ୍ୟ ସ୍ଥିର କରେ। ପତି କାୟାର ସେ ହୁଏ ଛାୟା। ଉଭୟେ ପରସ୍ପରର ସୁଖ ଦୁଃଖରେ ସାରା ଜୀବନ ପାଇଁ ଭାଗୀ ହୁଅନ୍ତି। 'ଭାଇ ଭାଉଜ' ନାଟକରେ ସୁମିତ୍ରା ଜଜ୍ ସାହେବଙ୍କୁ କହିଛନ୍ତି — ମୋର ଭବିଷ୍ୟତ? ମୋର ଭବିଷ୍ୟତଠୁ ତୁମ ଭବିଷ୍ୟତ ତ ମୁଁ ଭିନ୍ନ ବୋଲି କେବେ ଭାବିନି![ଭାଇ ଭାଉଜ,ପୃ-୯୭]

ନାରୀ ପୁରୁଷର କେବଳ ସହକର୍ମିଣୀ ନୁହେଁ ସହଧର୍ମିଣୀ ମଧ୍ୟ। ବିବାହ ପୂର୍ବରୁ ଶାରଦା ଥିଲା ଜମିଦାର ହରିଶଙ୍କର ମହାପାତ୍ରଙ୍କ କନ୍ୟା। ମାତ୍ର ପରିସ୍ଥିତିରେ ପଡ଼ି ତାକୁ ମଦନ ଚୌଧୁରୀଙ୍କ ପୁତ୍ର ସମାଜ ସେବା ସଂସ୍କାରକ ଗୋପକୁ ବିବାହ କରିବାକୁ ପଡ଼ିଛି। ସେ ଉଚ୍ଚଶିକ୍ଷିତା ହେଲେ ବି ବିବାହ ପରେ ଚୌଧୁରୀ ଘରର ରୀତି ନୀତି ଚାଲିଚଳଣ ସହ ଓତଃପ୍ରୋତ ଭାବେ ଜଡ଼ି ଯାଇଛନ୍ତି। ହସି ହସି ଘରର ସବୁ ଦାୟିତ୍ୱକୁ ମୁଣ୍ଡାଇବା ସହ ଗୋପବାବୁଙ୍କ ଆଦର୍ଶ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେବା ଦାୟିତ୍ୱକୁ ସ୍ୱେଚ୍ଛାରେ ବରଣ କରି ନେଇଚି। ସେ କହିଚି— 'ହିନ୍ଦୁ ନାରୀର ସ୍ୱାମୀ ଘର ସ୍ୱର୍ଗ! ମତେ ସେ ସୁଖରୁ ବଞ୍ଚିତ କରନା'। ତାର ସେବା କର୍ତ୍ତବ୍ୟନିଷ୍ଠା, ଆଦର୍ଶରେ ମୁଗ୍ଧ ହୋଇ ଗୋପ କହିଛନ୍ତି 'ତୁମେ ବିଜୟିନୀ ଶାରଦା। ସେ ଶକ୍ତିର ସନ୍ଧାନ ମୁଁ ତୁମଠାରେ ପାଇଚି.. ତୁମେ ପାରିବ, ତୁମେ ନିଶ୍ଚୟ'[ଘର ସଂସାର,ପୃ-୩୫]।

'ଭାଇ ଭାଉଜ'ର ସୁମିତ୍ରା କିମ୍ବା 'ଘରସଂସାର'ର ଶାରଦା ସମ୍ଭ୍ରାନ୍ତ ବଂଶୀୟା ଉଚ୍ଚଶିକ୍ଷିତା ହୋଇପାରିଥାନ୍ତି। ମାତ୍ର 'ଭାଇ ଭାଉଜ'ର ଦୁଃଖୀ ଓ 'ମୂଲିଆ'ର କୁନିବୋଉ ଆମ ଗାଁ ଗହଳିରେ ଚଷାଘରର ସାଧାରଣ ସ୍ତ୍ରୀ ଲୋକ। ସେମାନେ ପାଠ ପଢ଼ି ଉଚ୍ଚଶିକ୍ଷିତା ହୋଇ ପାରିନାହାନ୍ତି ଅଥଚ ସେମାନଙ୍କ ସ୍ୱାମୀ ମହୀ ପଧାନ ଓ ନନ୍ଦ ସାମଲର ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି। ଉତ୍ତେଜନା ବଶବର୍ତ୍ତୀ ହୋଇ ମହୀ ପଧାନ ସାହୁକାରକୁ ହତ୍ୟା କରିଥିବାରୁ ତାକୁ ପୋଲିସ ନେଉଥିବା ବେଳେ ଦୁଃଖୀ ମହୀ ସାଙ୍ଗରେ ଯିବାକୁ ବାହାରିଛି। ନନ୍ଦ ସାମଲ ସାନ ଭାଇ ରାଜୁକୁ ପାଠ ପଢାଇ ମଣିଷ କରିବାକୁ ବାହାରିଥିବାବେଳେ କୁନି ବୋଉ ଆନନ୍ଦ ମନରେ ନିଜେ ପିନ୍ଧିଥିବା ଗହଣା ବିକି ଭୋକ ଉପାସରେ ରହି ଟଙ୍କା ଦେବାକୁ ପଶ୍ଚାତ୍‌ପଦ ହୋଇନାହିଁ।

ହିନ୍ଦୁ ନାରୀ ପାଖରେ ତାହାର ସ୍ୱାମୀହିଁ ସର୍ବସ୍ୱ। ବାସ୍ତବ ଜୀବନର ଘନ ଘଟାରେ ହୁଏତ ସେମାନଙ୍କ ସାଂସାରିକ ଜୀବନରେ ଝଡ଼ଝଞ୍ଜା ଦେଖା ଦେଇପାରେ। ପରିସ୍ଥିତିର ତାଡ଼ନାରେ ହୁଏତ ମନୋମାଳିନ୍ୟ ଘଟିପାରେ। ଫଳରେ ଜୀବନର ଚଲାବାଟରେ ଦେଖାଦିଏ ବିଚ୍ଛେଦ। ତଥାପି ନାରୀ ଚାହେ ସେ ପଛେ ଶାରୀରିକ ଭାବେ ଦୂରରେ ଅବସ୍ଥାନ କରୁ କିନ୍ତୁ ପତି ତାହାର ଭଲରେ ଥାଉ। 'ପର ପରୁଷ'ରେ ଶ୍ୟାମଳ ପାରିବାରିକ ଜୀବନରେ ବନାନୀଙ୍କ ପ୍ରତି ବହୁ ଅତ୍ୟାଚାର କରିଛନ୍ତି। ଅତ୍ୟନ୍ତ ସୁନ୍ଦରୀ ଓ ବି.ଏ. ପାଶ୍ କରିଥିବା ବନାନୀ କିରାଣୀ ଶ୍ୟାମଳବାବୁଙ୍କୁ ବାହା ହୋଇ ନିଜର ସୀମିତ ଆୟ ମଧ୍ୟରେ ପରିବାରକୁ ହସାଇବାକୁ ଚାହିଁଛନ୍ତି କିନ୍ତୁ ଶ୍ୟାମଳଙ୍କ ଅତ୍ୟାଚାରର ପରିମାଣ ସୀମାତିରିକ୍ତ ହୋଇଥିବାରୁ ଓ ଶ୍ୟାମଳ ବନାନୀଙ୍କୁ ଛାଡ଼ି ଚାଲି ଯାଇଥିବାରୁ ବନାନୀ ଶ୍ୟାମଳଙ୍କଠାରୁ ଦୂରରେ ରହିବାକୁ ଚାହିଁଛନ୍ତି। କିନ୍ତୁ ସେ ଛାଡ଼ପତ୍ର ଗ୍ରହଣ

Digitized by PPRACHIN, SOA

କରିବାକୁ ଅଥବା କୋର୍ଟରେ ମକଦ୍ଦମା ଲଢିବାକୁ ଇଚ୍ଛୁକ ନୁହନ୍ତି। ତାଙ୍କ ମତରେ କୋର୍ଟରେ ମକଦ୍ଦମା ଲଢ଼ିଲେ ଏକ ପକ୍ଷରେ ଖବରକାଗଜ ବାଲା ଖୋରାକ ପାଇବେ ଏବଂ ଅପର ପକ୍ଷରେ ସ୍ୱାମୀ ନିଜ ସ୍ତ୍ରୀକୁ ଅସତୀ ବୋଲି କହିଲା ପରେ ଆଇନ ଯଦି ସତୀ ବୋଲି କହେ ଲୋକେ କ'ଣ ତାକୁ ବିଶ୍ୱାସ କରିବେ [ପର ପୁରୁଷ,ପୃ-୫]? ଭିଣୋଇ ଦିବାକରବାବୁ, ଭଉଣୀ ଅନ୍ନପୂର୍ଣ୍ଣା ଓ ସେକ୍ରେଟରୀ ମନମୋହନ ବାବୁଙ୍କ ସଙ୍ଗେ ପୁନର୍ବାର ଘର ସଂସାର କରିବା ନିମନ୍ତେ ପ୍ରରୋଚନା ଦେବାବେଳେ ବନାନୀ ଦୃଢ଼ ପ୍ରତିବାଦ କରିଛନ୍ତି— କେତେଥର ମୁଁ ତମକୁ କହିଚି, ସେ ଯାହା ହୁଅନ୍ତୁ ସେ ମୋର ସ୍ୱାମୀ। ବିବାହ ବେଦୀ ଉପରେ ଅଗ୍ନି ସାକ୍ଷୀ ରଖି ମୋରି ହାତ ଉପରେ ହାତ ରଖି ମନ୍ତ୍ର ଉଚ୍ଚାରଣ କରି ସେ ଯେଉଁ ଶପଥ ନେଇଥିଲେ ତା' ହୁଏତ ସେ ଲଘଂନ କରି ପାରନ୍ତି, ହେଲେ ମୁଁ କାହିଁକି ଜାଣି ଶୁଣି ଲଘଂନ କରିବି ?

ଭାରତୀ ସେହିପରି ଆଉ ଏକ ଚରିତ୍ର ଯେକି ବନାନୀଠାରୁ ଆହୁରିର ପାଦେ ଆଗେଇ ଯାଇଛି। ଏକଦା ମାଧବ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇ ପୋଲିସ ଆଖିରୁ ଲୁଚି ରହିବା ପାଇଁ ଭାରତୀର ଘରେ ଆଶ୍ରୟ ନେଇଥିଲେ। ମାତୃହୀନା ଭାରତୀ ପିତାଙ୍କ ମୃତ୍ୟୁରେ ବ୍ୟଥିତା ହୋଇଥିବା ବେଳେ ମାଧବ ଗୋପନରେ ବିବାହ କଲେ। ପରେ ଏକ ପୁତ୍ରର ଜନକ ହେବାପରେ ତଥାକଥିତ ନେତା ବୋଲାଉଥିବା ମାଧବ ସେହି ବିବାହକୁ ଅସ୍ୱୀକାର କଲେ। ବରଂ ମନ୍ତ୍ରୀ ହେଲେ ଅନାଥାଶ୍ରମରେ ଭରଣ ପୋଷଣ ବ୍ୟବସ୍ଥା କରିଦେବା ଭରସା ମଧ୍ୟ ଦେଲେ। ଅପର ପକ୍ଷରେ ଭାରତୀର ଏସବୁ ଆଶା କିଛି ନଥିଲା ସେ କେବଳ ଚାହୁଁଥିଲା ମାଧବର ଆଶ୍ରୟ। ପ୍ରତାରକ ମାଧବ ଅନନ୍ୟୋପାୟ ହୋଇ ନିଜେ ଆତ୍ମହତ୍ୟା କରିବାର ଧମକ ଦେବାରୁ ଭାରତୀ ନିଜେ ଆତ୍ମହତ୍ୟା କରିବାର ସିଦ୍ଧାନ୍ତ ନେଲା। ସେ ମାଧବର ସ୍ତ୍ରୀ ରୂପେ ପରିଚିତ ହୋଇ ମରିବାକୁ ଗୌରବାବହ ମନେ କଲା — ଘରର ସାନବୋହୂ ହିସାବରେ ସିନା ବଞ୍ଚି ରହିବାର ଅଧିକାର ମୋତେ ଦେଇ ପାରିଲନି; ହେଲେ ମରିବାର ଅଧିକାରରୁ ମୋତେ ବଞ୍ଚିତ କରନି। ଦେଖୁନା, ମୁଁ କେତେ ନିଶ୍ଚିନ୍ତ [ନରୋତ୍ତମ ଦାସ କହେ,ପୃ-୧୧୭]। ତଥାପି ସେ ନିଶ୍ଚିନ୍ତ ଥିଲା କାରଣ ପିଲାକୁ ସେ ଉପଯୁକ୍ତ ସ୍ଥାନରେ ପହଞ୍ଚାଇ ପାରିଥିଲା। ଯାଦବଙ୍କ ଘରେ ଆଶ୍ରୟ ନେବା ପରେ ମାଧବକୁ ସେ କହିଥିଲା — ଏଥର ମୋର ମୁକ୍ତି। ତୁମ ଅମାନତ ତୁମ ଜିମା କରି ଦେଇଚି। ଏଥର ଯୋଉଁଠି ମୋର ଜାଗା କରିଦେବ, ମୁଁ ଯିବାକୁ ତିଆର ଅଛି [ନରୋତ୍ତମ ଦାସ କହେ,ପୃ-୯୮]। ମାଧବ ସହ ଦେଖା ନମିଳିଥିବା ବେଳେ ଯାଦବଙ୍କ ଘରେ ପୁତ୍ରକୁ ଲକ୍ଷ୍ମୀଙ୍କ ହସ୍ତରେ ଅର୍ପଣ କରି ମାଧବଙ୍କ ଅନ୍ୱେଷଣରେ ବ୍ରତୀ ଥିଲା। ଲକ୍ଷ୍ମୀ ମାଧବର ସନ୍ତାନ ସମ୍ପର୍କରେ ସନ୍ଦିହାନ ଥିବାବେଳେ ଭାରତୀ ଦୃଢ଼ କଣ୍ଠରେ କହିଥିଲା —'ଏ ଜନ୍ମରେ ନ ହେଲେ ଆର ଜନ୍ମରେ ତ ମିଳିବ !'

ପତ୍ନୀ ପରେ ନାରୀ ବଧୂରୂପ ଧାରଣ କରେ। ପତ୍ନୀ ଥିବାବେଳେ ତା'ର ସମ୍ପର୍କ ଥାଏ ଜଣକ ସହିତ କିନ୍ତୁ ବଧୂ ରୂପରେ ପରିବାର ପ୍ରତି ତା'ର କର୍ତ୍ତବ୍ୟ

Digitized by PPRACHIN, SOA

ଅନେକ ବେଶି। ଏଥିରେ ତାକୁ ବହୁ ଲୋକଙ୍କ ସହ ସମ୍ମୁଖ ହେବାକୁ ହୁଏ। ବ୍ୟକ୍ତିଗତ ମାନ ସମ୍ମାନ ଅପେକ୍ଷା କୁଳ ବା ବଂଶର ସମ୍ମାନ ରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ନାଟ୍ୟକାରଙ୍କ ସୃଷ୍ଟିରେ ଉପଯୁକ୍ତ ବଧୂ ହେଲେ ଶାରଦା, କୁନି ବୋଉ, ଦୁଃଖୀ ପ୍ରମୁଖ। ଶାରଦା ବଧୂ ଭାବେ ଶାଶୁ ତାରାମଣି, ଦିଅର ବିନୋଦ, ନଣନ୍ଦ ରତି ଏବଂ ଯାଆ ଅନିମାଙ୍କ ପ୍ରତି ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରିଛନ୍ତି। ତ୍ୟାଗ, ଦୟା, ସହନଶୀଳତା, ତିତିକ୍ଷା ଆଦିର ସେ ମୂର୍ତ୍ତିମନ୍ତ ଅବତାର। କାହାରି ପ୍ରତି ତାଙ୍କର ବିଦ୍ୱେଷ ନାହିଁ କିନ୍ତୁ ଘରର ଓ ବଂଶର ସମ୍ମାନ କ୍ଷୁର୍ଣ୍ଣ ହେବା ସମୟରେ ପ୍ରତିବାଦ ନକରି ଛାଡ଼ନ୍ତି ନାହିଁ। ମି. ବର୍ମା ଓ ଅନିମାଙ୍କ କାର୍ଯ୍ୟ କଳାପରେ ଚୌଧୁରୀ ପରିବାରର ଇଜ୍ଜତ ବିପନ୍ନ ହୋଇ ପଡୁଥିବା ବେଳେ ସେ ଘୋଷଣା କରିପାରନ୍ତି — ବଂଶର ସମ୍ମାନ ରଖିବା ପାଇଁ ଘରର ବଡ଼ ବୋହୂ ହିସାବରେ ମୋର ପ୍ରତିବାଦ କରିବାର ଯଥେଷ୍ଟ ଅଧିକାର ଅଛି [ଘର ସଂସାର,ପୃ-୧୦୦]। ସେ ଘରେ ଥିବା ପର୍ଯ୍ୟନ୍ତ ଶାଶୁ ତାରାମଣି ନିଶ୍ଚିନ୍ତ — କାରଣ ଶାରଦାଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା। କେବଳ ସେତିକି ନୁହେଁ ପାଶ୍ଚାତ୍ୟ ସଭ୍ୟତାକୁ ସମ୍ପୂର୍ଣ୍ଣ ରୂପେ ପ୍ରଶ୍ରୟ ଦେଉଥିବା ମି: ବର୍ମା ଅନୀମାଙ୍କ ପ୍ରତି ଅତ୍ୟାଚାର କରିବାର ମନୋବୃତ୍ତି ନେଇ ତୋଟା ଗହଳି ମଧ୍ୟରେ ଥିବା ନିର୍ଜନ ଡାକବଂଗଳାକୁ ଡକାଇ ନେଇଛନ୍ତି କିନ୍ତୁ ପାରିନାହାନ୍ତି। ଅଥଚ ସେ କହିଛନ୍ତି — ସର୍ବନାଶ କରିବାକୁ ମୋର ତିଳେହେଲେ ଅନୁଶୋଚନାର କାରଣ ନାହିଁ। ସେଇ ଉଦ୍ଦେଶ୍ୟରେ ମୁଁ ତୁମ ଘରକୁ ଯାଇଥିଲି; କିନ୍ତୁ ଦେଖିଲି ତୁମକୁ, ଆଉ ତୁମ ଘରର ମାନ ସମ୍ମାନ, ହାନିଲାଭ ସବୁକୁ ଜଗି ରହିଛି ଦୁଇଟା ସତେଜ ଆଖି। ତେଣୁ ତୁମକୁ ଏପରି ଏକ ନିର୍ଜନ ସ୍ଥାନକୁ ଡାକି ଆଣିଚି ତୁମପରି ଆଧୁନିକା ଗର୍ବିତା ବାଳିକା ଦେହରେ ଗୋଟାଏ ଦାଗ କାଟିଦବାକୁ; କିନ୍ତୁ ଭାବି ଭାବି ଦେଖୁଛି, ସେ କଳଙ୍କର ଦାଗ ଏକା ତୁମର ନୁହେଁ, ଗୋଟାଏ ବଂଶର କଳଙ୍କ ହୋଇ ରହିଯିବ.... ସେଥିପାଇଁ ଜୀବନରେ ଗୋଟାଏ ବଡ଼ ଅବଶୋଷ ରହିଗଲା ଅନିମା [ଘର ସଂସାର,ପୃ-୧୨୭]।

କୁନି ବୋଉ ବୃଦ୍ଧ ସନାତନଙ୍କ ପରିବାରର ବଡ଼ ବୋହୂ। ବଡ଼ ପୁଅ ନନ୍ଦର ସେ ଏକାନ୍ତ ଅନୁଗତ ହେବା ସହ ଶ୍ୱଶୁର ଅନ୍ଧ ହେଲେ ମଧ ତାଙ୍କ ପ୍ରତି କର୍ତ୍ତବ୍ୟଶୀଳା। ରାଜୁ ଓ ନବ ତା'ର ଦିଅର ହେଲେ ମଧ ସେ ଜନ୍ମକଲା ପୁଅଭଳି ସ୍ନେହ ଶ୍ରଦ୍ଧା ଓ ମମତା ଦେଇ ପାଳିଛି। ନନ୍ଦର ଅନୁପସ୍ଥିତିରେ ମହାପାତ୍ର ନନ୍ଦର ପରିବାରକୁ ଭିଟାମାଟିରୁ ବିତାଡ଼ିତ କରିଥିବା ବେଳେ ସେ ଶ୍ୱଶୁର ସହ ଝିଅକୁ ନେଇ ଭିକମାଗିଛି। ସେଥିପ୍ରତି ତାର ଦୁଃଖ ନାହିଁ, ଅନୁଶୋଚନା ମଧ ନାହିଁ। ତା' ଦୁଃଖରେ ବ୍ୟଥିତ ହୋଇ ଶଶୁର ତାକୁ ବାପଘରେ ଛାଡ଼ି ଦେଇ ଆସିବା ପାଇଁ ପ୍ରସ୍ତାବ ଦେବା ବେଳେ ସେ କହିଛି— ବାପା! ଝିଅ ଯେତେଦିନ ବାପଘରେ ଥାଏ, ସେତେଦିନ ସେ ବାପ ମାଙ୍କର। ବାହାହେଲା ପରେ ସେ ଆଉ ତାଙ୍କର ନୁହେଁ। ଶାଶୁ ଘରର ଦୁଃଖ ସୁଖରେ ତା'ର ଯେ ଦୁଃଖ ସୁଖ [ମୂଲିଆ, ପୃ ୬୩]। ଦିଅର ଦୁହିଁଙ୍କୁ ନାଁ ଧରି ଡାକିନି। ସେ ବଡ଼ ଦିଅରକୁ 'ମଝିଆଁ ପୁଅ' ଓ ସାନ ଦିଅରକୁ 'ସାନ'

Digitized by PPRACHIN, SOA

ଭାବରେ ସମ୍ବୋଧନ କରିଛି। ବଡ଼ ଦିଅର ରାଜୁ ପାଠ ପଢ଼ିବା ନିମନ୍ତେ ନନ୍ଦ ବଳଦ ନେଇ ହାଟରେ ବିକିବା କଥା ଶୁଣି ଦୁଃଖ ପ୍ରକାଶ କରିଛି। ନନ୍ଦ ଜଣେଇ ନଥିବାରୁ ଅଭିମାନ ମଧ କରିଛି। ତା'ର ଦୁଃଖ ଦିଅର ପାଠ ପଢ଼ିବା ନିମନ୍ତେ ନୁହେଁ— ବଳଦ ବିକ୍ରୀ ହିଁ ଦୁଃଖର କାରଣ। ଦିଅର ପଢ଼ିବା ନିମନ୍ତେ ନିଜର ଗହଣା ବିକ୍ରୀ କରିଦେବାକୁ ପଶ୍ଚାତ୍‌ପଦ ହୋଇନାହିଁ। ରାଜୁ ନବ ସହ ସମଗ୍ର ପରିବାରର ଭବିଷ୍ୟତ ତା' ଆଖିରେ ବଡ଼ ହୋଇ ଦେଖା ଦେଇଛି। ସେ କହିଛି — ଗହଣା ଥାଇ ମୋର କ'ଣ ହେବ? ରାଜୁ ହାକିମ ହେଲେ କାଲି ସକାଳେ ଆମ ଦୁଃଖ ପାଣି ପରି ବୋହିଯିବ। ତା'ର ଦିଅରମାନଙ୍କ ପ୍ରତି ଆଗକୁ ଲକ୍ଷ୍ୟ କରି ବାପ ସନାତନ ପୁଅ ରାଜୁକୁ କହିଛି — ପାଠ ଶାଠ ପଢ଼ିଲୁ ବୋଲି କ'ଣ ମୁଣ୍ଡ ଉପରେ ଚଢ଼ିବୁ? ତୋ ଜନ୍ମକଲା ମାଆଠୁ ସେ ବଡ଼। ତା' ନାଁରେ ...। ଦିଅର ରାଜୁ ତା ପ୍ରତି ଗୁରୁତର ଅବିଚାର ଅତ୍ୟାଚାର କରିଥିଲେ ମଧ ତା'ର କ୍ଷୋଭ ନାହିଁ ବରଂ ମିଳନ ସମୟରେ ସେ ଉଲ୍ଲସିତ ହୋଇ ମମତାମୟୀ ରୂପେ କହିଛି — ଏତେଦିନ ଯାଏ ଆମକୁ ଭୁଲି କୋଉଠି ଥିଲ? [ମୂଲିଆ ପୃ-୧୧୬]। 'ଭାଇ-ଭାଉଜ'ର ଦୁଃଖୀ ତାହାର ସ୍ୱାମୀ ମହୀ ପଧାନର ଅବର୍ତ୍ତମାନରେ ଦିଅର ଭାଇଗକୁ ଉପଯୁକ୍ତ ଶ୍ରଦ୍ଧା ଆଦର ଦେଇ ଦୁଃଖ ସୁଖକୁ ଆଦରି ନେଇଛି। ସେ ଇଚ୍ଛା କରିଥିଲେ ସାହୁକାର ଯୋଗୀକୁ ପୁନର୍ବିବାହ କରି ସୁଖରେ ରହି ପାରିଥାନ୍ତା। ମାତ୍ର ଭାରତୀୟ ସଂସ୍କୃତି ଅନୁଯାୟୀ ସ୍ତ୍ରୀ ଥରେ ବିବାହ କରେ। ତେଣୁ ସେ ପ୍ରତିବାଦ କରିଛି। ଫଳରେ ତା'କୁ ସାହୁକାର ଯୋଗୀର ଚକ୍ରାନ୍ତରେ ଅଧିକ ଦୁଃଖ ଭୋଗ କରିବା ସଙ୍ଗେ ସଙ୍ଗେ ସ୍ୱାମୀ ମହୀ ପଧାନକୁ ଅଧିକ ଦିନ ହରାଇବାକୁ ପଡ଼ିଛି।

ପରିବାରରେ ବଡ଼ ପୁଅର ଦାୟିତ୍ୱ ଯଥେଷ୍ଟ ଅଧିକ। ସେ ଅନ୍ୟମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ସୌହାର୍ଦ୍ଦ୍ୟ ପୋଷଣ କରିବା ସହ ସାନମାନଙ୍କ ଅପରାଧରେ କ୍ରୋଧ ହିଂସା ଆଦି ପ୍ରକାଶ କରିବା ଅନୁଚିତ। ଶ୍ରୀଯୁକ୍ତ ମିଶ୍ରଙ୍କ ନାଟକ ଗୁଡ଼ିକରେ ପ୍ରାୟ ଏକାଧିକ ଭାଇ ପରିଦୃଷ୍ଟି ହୁଅନ୍ତି। 'ଭାଇ-ଭାଉଜ'ରେ ମହୀ - ଭାଇଗ ଦୁଇଭାଇ, 'ଘର ସଂସାର'ରେ ଗୋପ-ବିନୋଦ ଦୁଇଭାଇ, 'ମୂଲିଆ'ରେ ନନ୍ଦ-ରାଜୁ ନବ ତିନିଭାଇ 'ନରୋତ୍ତମ ଦାସ କହେ'ରେ ରାଘବ -ଯାଦବ ଓ ମାଧବ ତିନିଭାଇ, ବଡ଼ ଭାଇ ଗୋପ ଓ ନନ୍ଦ ଯେତେ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥିଲେ ହେଁ, ସାନ ଭାଇ ଅଥବା ଭାଇ ବୋହୂ ଦ୍ୱାରା ଅସମ୍ମାନଜନକ ବ୍ୟବହାର ସମ୍ମୁଖୀନ ହୋଇଥିଲେ ହେଁ ପ୍ରତିବାଦ ନକରି ନିଜ ନିଜ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ନନ୍ଦ ରାଜୁକୁ ପାଠି ପଢେଇ ମଣିଷ କରିବା ପାଇଁ ସର୍ବସ୍ୱାନ୍ତ ହୋଇଥିଲେ ହେଁ ରାଜୁର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ନନ୍ଦ କଳ୍ପନା ଘରକୁ ଯାଇ ରାଜୁକୁ ଫେରାଇ ଆଣିବାକୁ କହି ପାରିନାହିଁ। ପରେ କଳ୍ପନା ସହ ସାକ୍ଷାତ ହେବା ପରେ ନନ୍ଦ କହିଛି— ହଁ, ମା ମୁଁ ଯାଇଥିଲି। ଆଉଦିନେ ବାଟରେ ବସ୍ତା ନେଇ ଗଲାବେଳେ ଆପଣଙ୍କ ଦିହରେ ଧକ୍କା ବାଜିବାରୁ ପଡ଼ିଗଲି। ସେ ଦିନ ତା ଠଉଁ ଗୋଇଠାମାଡ଼

Digitized by PPRACHIN, SOA

ବି଼ ଖାଇଚି। ହେଲେ, ସେ ସର୍ବାଂଶେ ମୋ ମନରେ କଷ୍ଟ ନାହିଁ। କେବଳ ଆପଣଙ୍କ ଯୋଗୁ ସେ ଦିନ ସେ ମତେ ଚିହ୍ନି ପାରିଲା ନାହିଁ। କୁହ ମା, ମୋ ଭାଇକି ଫେରେଇ ଦେବକି ନାହିଁ? [ମୂଲିଆ,ପୃ-୯୩]। 'କିସ ପୁଣି ଦେଖା ନ ଯାଏ'ରେ ରଜତବାବୁ ବାହୁବଳେନ୍ଦ୍ରଙ୍କ ଏକମାତ୍ର ପୁତ୍ର। ରଜତ୍‌ବାବୁ ପିତାର ଦୁଃଖ ନବୁଝି ତାଙ୍କ ଇଛା ବିରୁଦ୍ଧରେ ଅତ୍ୟାଧୁନିକା କାକଳୀ ଦେବୀଙ୍କୁ ବିବାହ କରିଛନ୍ତି। ବାହୁବଳେନ୍ଦ୍ର ଏଥିରେ କ୍ଷୁବ୍‌ଧ ହେଇଥିବା ବେଳେ ଏହି ଭଳି ଏକ ବଡ଼ ଭାଇର ଭୂମିକା ନେଇଛି ଭୃତ୍ୟ ସନିଆ। ପ୍ରତି ପଦକ୍ଷେପରେ ସେ ବାହୁବଳେନ୍ଦ୍ରଙ୍କୁ ପୁତ୍ର ରଜତ କୃତ ଅପରାଧକୁ କ୍ଷମା କରିବା ପାଇଁ ପ୍ରବର୍ତ୍ତେଇଛି। ଅପର ପକ୍ଷରେ ରଜତ ଏବଂ କାକଳୀଙ୍କର ସମସ୍ତ ପ୍ରକାର ଦୋଷ ଦୁର୍ବଳତାକୁ ନିଜ ମୁଣ୍ଡକୁ ମୁଣ୍ଡାଇ ପରିବାରର ମାନମହତ ରକ୍ଷା ଦିଗରେ ଅଗ୍ରସର ହୋଇଛି। ବିପଥଗାମିନୀ କାକଳୀ ଦେବୀଙ୍କୁ ଉଚିତ ପଥକୁ ଫେରାଇ ଆଣି ବାହୁବଳେନ୍ଦ୍ର ରଜତ ବାବୁ ଓ କାକଳୀ ଦେବୀ ଆଦି ପରିବାରର ସମସ୍ତଙ୍କୁ ଏକତ୍ରିତ କରିପାରିଛି।

କେବଳ ବଡ଼ ଭାଇଯେ କର୍ତ୍ତବ୍ୟ ଓ ଆଦର୍ଶ ପଥରେ ଅଗ୍ରସର ହେଲେ ଘର ସୁଖ ଓ ସମୃଦ୍ଧିରେ ଭରିଯାଏ ତାହା ନୁହେଁ, ଏଥିପାଇଁ ସାନ ଭାଇକୁ ବଡ଼ ଭାଇର ଆଦର୍ଶରେ ସହଯୋଗ କରିବାକୁ ହୁଏ। ବିନୋଦ ଗୋପଙ୍କ ଆଦର୍ଶରେ ସମ୍ପୂର୍ଣ୍ଣରୂପେ ଅନୁପ୍ରାଣିତ। ଉଗ୍ର ଆଧୁନିକାର ସ୍ୱେଚ୍ଛାଚାରୀଣୀ ପତ୍ନୀ ଅନିମାଙ୍କୁ ଭାରତୀୟ ସଂସ୍କୃତିର ଆଦର୍ଶ ଏକାନ୍ନବର୍ତ୍ତୀ ପରିବାରର ପ୍ରତିଷ୍ଠା ନିମନ୍ତେ ପ୍ରତି ପଦକ୍ଷେପରେ ସଂଯତ ହେବାକୁ ଉପଦେଶ ଦେଇଛନ୍ତି। ଏହାର ଉତ୍ତରରେ ଅନିମା କହିଛନ୍ତି— ତା ହୁଏତ ମତେ ନୂଆ କରି ଶିଖିବାକୁ ହବନି— ମୁଁ ଜାଣେ ତୁମେ ତୁମର ଭାଇ ଭାଉଜଙ୍କର ଖୁବ୍ ଅନୁଗତ [ଘର ସଂସାର, ପୃ-୮୩]। ଭାଇ ଭାଉଜଙ୍କ ଅନୁସୃତ ପଥରେ ବିନୋଦ ସ୍ୱୈରିଣୀ ଅନିମାକୁ ସନ୍ତୁଷ୍ଟ କରିବାକୁ ଚାହିଁଛନ୍ତି। ମାତ୍ର ତାହାର କୌଣସି ସୁଫଳ ନ ଦେଖିବା ପରେ ଏବଂ ଅନିମା ବିଶେଷ କରି ଶାରଦାକୁ ଅନୈତିକ ଭାବେ ଅପମାନିତ କରିବା ଫଳରେ ସେ ଅନିମାଙ୍କୁ ଶାସନ କରିବା ପାଇଁ ଚାପୁଡ଼ା ମାରିଛନ୍ତି। ଅନିମାର ଆତ୍ମହତ୍ୟା ପାଇଁ ବିଷପାନ ଧମକ ବିନୋଦ ମନରେ କୌଣସି ପ୍ରକାର ଭାବାନ୍ତର ସୃଷ୍ଟି କରିପାରିନାହିଁ ଅଥଚ ସେ କହିଛନ୍ତି — କିଛି ଦରକାର ନାହିଁ ନୂଆବୋଉ, କିଛି ଦରକାର ନାହିଁ। ସ୍ୱାଧୀନ ଭାବରେ ସେ ତା ବାଟ ବାଛି ନେଇଛି। ତାକୁ ନିର୍ବିଘ୍ନରେ ତା ବାଟରେ ଯିବାକୁ ଦିଅ। ଭାଇଗ ସେହିପରି ଏକ ଆଦର୍ଶ ଚରିତ୍ର। ବଡ଼ ଭାଇ ମହୀ ପ୍ରତି ନିଜର ଅନୁରକ୍ତି ପ୍ରକାଶ କରିବା ସହ ବଡ଼ ଭାଇ ଜେଲ୍, ଯିବା ପରଠାରୁ ସେ ଭାଉଜ ଓ ପୁତୁରାକୁ ମଣିଷ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଛି। ନିଜେ ଘର ସଂସାର କରିବା ପ୍ରତି ଦୃଷ୍ଟି ଦେଇ ନାହିଁ। ଭାରତର ମଙ୍ଗଳ ପାଇଁ ଦରକାର ପଡ଼ିଲେ ସେ ଭରତଠାରୁ ଦୂରେଇ ଯିବା ପାଇଁ ପ୍ରସ୍ତୁତ ହୋଇଛି। ସାହୁକାରର ଚକ୍ରାନ୍ତ ଫଳରେ ମହୀ ତାକୁ ଅବିଶ୍ୱାସ କରୁଥିବା ସୂଚନା ପାଇବାକ୍ଷଣି ସେ କହିଛି- ସାହୁକାର ହାତରେ ସିନା ଜମିଟାକୁ ଛାଡ଼ିଦେଲି, ହେଲେ ମୋର ଭାଇର ଭାରିଯାକୁ ଛାଡ଼ି

Digitized by PPRACHIN, SOA

ଦେଇନି। ତାକୁ ମୁଁ ଦାଣ୍ଡରେ ବସେଇ ଦେଇନି। ତା'ର ପିଲାକୁତ ଅମଣିଷ କରିନି। ଏତିକିରେ କ'ଣ ତୁ ସନ୍ତୁଷ୍ଟ ବୋହୁ? ଆଉ ମୁଁ ଅଧିକା କ'ଣ କରି ପାରି ଥାନ୍ତି? କୋଉଥିରେ ତୁ ଖୁସି ହୋଇ ପାରିଥାନ୍ତୁ, ଜବାବ ଦେ? ବେଶ୍ ଏଇଥର ମୁଁ ନିଶ୍ଚିନ୍ତ। ଏତେଦିନବେ ତୋ ଭେଟ ମିଳିଛି। ତୋ'ରି ଜିମା ତୋ ପୁଅ ଭାରିଯାଙ୍କୁ କରି ଦେଲେ ମୁଁ ନିଶ୍ଚନ୍ତ [ଭାଇଭାଉଜ, ପୃ-୧୦୪]

ପୂର୍ବରୁ କୁହାଯାଇଛି ଯେ ସାହିତ୍ୟ ସଂସ୍କୃତିର ଅଂଶ ବିଶେଷ। ପ୍ରାଚୀନ ଭାରତୀୟ ସାହିତ୍ୟ ବେଦ, ପୁରାଣ ମଧଦେଇ ପରିବ୍ୟାପ୍ତ। ରାମାୟଣ ଓ ମହାଭାରତର ସାଧାରଣ ଚକ୍ଷୁରେ ପୁରାଣ ଭାବେ ପରିଗଣିତ ହେଉଥିଲେ ହେଁ ତାହା ବାସ୍ତବରେ ଇତିହାସ। ଏହା ବ୍ୟତୀତ ଢ଼ଗ ଢ଼ମାଳୀ ପ୍ରବଚନ, ପ୍ରହେଳିକା ଆଦି ଲୋକ ସାହିତ୍ୟର ଅନ୍ତର୍ଗତ। କ୍ଷୁଦ୍ର ମଞ୍ଜି ଭିତରେ ବୃହତ୍ ବୃକ୍ଷରର ସତ୍ତା ଗୁପ୍ତ ରହିବା ପରି ଏହି ଲୋକକ୍ତି ଆକାରରେ କ୍ଷୁଦ୍ର ହେଲେହେଁ ହୃଦୟର ଭାବ ପ୍ରକାଶରେ ଯଥେଷ୍ଟ ସକ୍ଷମ। ନାଟ୍ୟକାର ଶ୍ରୀଯୁକ୍ତ ମିଶ୍ର ତାଙ୍କର ସାମଜିକ ତଥା ପାରିବାରିକ ନାଟକଗୁଡ଼ିକରେ ନାଟ୍ୟ ବିଷୟବସ୍ତୁ ସହ ପୁରାଣ ଏବଂ ଲୋକୋକ୍ତିର ବିଭିନ୍ନ କଥାବସ୍ତୁକୁ ସୁସଂହତ ରୂପେ ସମୀକରଣ କରି ଦେଇଛନ୍ତି। ଏହିସବୁ ପଂକ୍ତି ବ୍ୟାପକ ଭାବରେ ତାଙ୍କ ନାଟକରେ ସର୍ବତ୍ର ସଂଳାପ ଆକାରରେ ବ୍ୟବହୃତ ହୋଇଥିବାରୁ ନାଟ୍ୟକାରଙ୍କ ଭାରତୀୟ ସଂସ୍କୃତି ପ୍ରତି ଦୁର୍ବଳତା ଥିବା ଜଣାଯାଏ।

ପାଶ୍ଚାତ୍ୟ ସଂସ୍କୃତି ଯେ ଆମକୁ ବାସ୍ତବରେ ସୁଖ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରଦାନ କରିପାରିବ ନାହିଁ - ଏହା ନାଟ୍ୟକାର ହୃଦୟଙ୍ଗମ କରିଥିବା ସ୍ପଷ୍ଟ। ମି. ବର୍ମା ଶ୍ୟାମଳ, ରାଘବ ମି: ନାୟକ ବିଜୟ କେତନ, ଅନିମା, ସୁମିତ୍ରା, ମିସେସ୍ ରାୟ, ମିସ୍‌ରାୟ, କଳ୍ପନା, ବନ୍ଦନା, କାକଳୀ ପ୍ରଭୃତି ଚରିତ୍ରଗୁଡ଼ିକ ଆଧୁନିକ ସଭ୍ୟତା ନାମରେ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଅନୁରକ୍ତ। ପାଶ୍ଚାତ୍ୟ ସଭ୍ୟତା କହିଲେ ଏମାନେ ବୁଝନ୍ତି କେତେଗୁଡ଼ିଏ ଏଟିକେଟ୍ ବା ଆଦବ କାଏଦା। ଉତ୍ସବ କହିଲେ ଏମାନେ ବୁଝନ୍ତି ପାର୍ଟି ଆଟେଣ୍ଡ। ପୁଣି ସେ ପାର୍ଟି ହୋଇଥାଇପାରେ ବାର୍ଥଡ଼େ ପାର୍ଟି ଅଥବା ପିକ୍‌ନିକ୍ ପାର୍ଟି। ପୁରୁଷ ଓ ନାରୀ ନିଜ ନିଜର ସମ୍ମାନ ସମ୍ଭ୍ରମ ଭୁଲି ଅପର ନାରୀ ବା ପୁରୁଷ ସହ ଅବାଧ ମିଳାମିଶା ଓ ନୃତ୍ୟ ସଙ୍ଗୀତରେ ମତ୍ତ ହୁଅନ୍ତି। ସେ ନୃତ୍ୟ ଭାରତ ନାଟ୍ୟ ବା ଓଡ଼ିଶୀ ମଣିପୁରୀ, କଥକ ପ୍ରଭୃତିର ଭଳି ଶାସ୍ତ୍ରୀୟ ନୃତ୍ୟ ନୁହେଁ। ପୁରୁଷ ଓ ନାରୀ ଗୋଟିଏ ହାତ ଧରାଧରି ହୋଇ ଅନ୍ୟ ହାତଟି ଅପରର କମରରେ ବେଷ୍ଟନ କରି ଗୋଟିଏ ପାଦ ଆଗକୁ ଆଗେଇ ଏବଂ ଦୁଇପାଦ ପଛକୁ ହଟି ଯାଉଥାନ୍ତି। ପୁରୁଷ ଓ ନାରୀ ଉଭୟ ପକ୍ଷ ଭୁଲିଯାଆନ୍ତି ସେମାନଙ୍କର ସ୍ତ୍ରୀ ଅଥବା ସ୍ୱାମୀ ପିଲାଛୁଆ ଘର ସଂସାର ଅଛି। ନିଜର ସ୍ୱାର୍ଥ ହାସଲ ପାଇଁ ଏମାନେ ଛଳନାର ଅଭିନୟ କରନ୍ତି। ଜନନୀ ନାରୀର ମହାନ୍ ରୂପର ପରିଚୟ। ତଥାପି ନାରୀ ନିଜର କ୍ଷଣିକ ସୁଖ ଲାଭ ପାଇଁ ନିଜର ନବଜାତ ଶିଶୁକୁ ଛାଡ଼ି ପିକ୍‌ନିକ୍ ପାର୍ଟିରେ ଯୋଗଦେବାକୁ ଯାଏ। ଜାତି ଓ ଦେଶର ଭବିଷ୍ୟତ ନାଗରିକକୁ ଆୟା

Digitized by PPRACHIN, SOA

ହାତରେ ଟେକି ଦେଇ ସେ ଚାଲିଯାଏ ନିଜର ଫୁର୍ତ୍ତି କରିବା ପାଇଁ। ପାଠ ପଢୁଥିବା ପିଲାକୁ ଉନ୍ନତ କରିବା ନାଁରେ ଦିଲ୍ଲୀ ପରି ଦୂର ସ୍ଥାନର ପବ୍ଲିକ୍ ସ୍କୁଲରେ ପଢ଼ାଇଥାଏ। ପିଲାର ଜୀବନରେ ବଢ଼ିବା ପାଇଁ ସ୍ନେହ, ଶ୍ରଦ୍ଧା, ଦୟା, ମମତା ପ୍ରଭୃତି ଗୁଣର ମାନସିକ ବିକାଶ ଯେ ଆବଶ୍ୟକ ଏଥିପ୍ରତି ପିତାମାତାଙ୍କର ଦୃଷ୍ଟି ନଥାଏ।

ସମାଜର ଏହି ସବୁ ଦୁଷ୍ପ୍ରବୃତ୍ତିର ବିରୋଧ କରିଥିଲେ ହେଁ ଏଥିପ୍ରତି ନାଟ୍ୟକାର ପାଶ୍ଚାତ୍ୟ ଶିକ୍ଷାକୁ ସମ୍ପୂର୍ଣ୍ଣରୂପେ ଦାୟୀ କରିନାହାନ୍ତି। ଗୋପ, ବିନୋଦ, ଭରତ ଜଜ୍ ସାହେବ, ଶାରଦା, ସବିତା ବନାନୀ ପ୍ରଭୃତି ଚରିତ୍ର ଗୁଡ଼ିକ ପାଶ୍ଚାତ୍ୟ ଶିକ୍ଷା ପ୍ରଣାଳୀ ଅନୁଯାୟୀ ଉଚ୍ଚଶିକ୍ଷିତ। ସେମାନେ ନିଜର ମହାନ୍, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଛାଡ଼ି ପାରିନାହାନ୍ତି। ଏମାନଙ୍କ ତ୍ୟାଗ, ସାଧନା ଓ ମହତ୍ତ୍ୱ ଆଗରେ ଅପର ଗୋଷ୍ଠୀଙ୍କ ମୁଖା ଖୋଲିଯାଇଛି। ପ୍ରାଚୀନ ଭାରତରେ ପ୍ରଚଳିତ ଯୌଥ ପାରିବାରିକ ଜୀବନର ମହତ୍ତ୍ୱ ପ୍ରତିପାଦନ ହିଁ ନାଟ୍ୟକାରଙ୍କ ଆଦର୍ଶ। ତେଣୁ ନରୋତ୍ତମ ଦାସ କହେ ବ୍ୟତୀତ ଅନ୍ୟାନ ସାମାଜିକ ନାଟକରେ ବହୁ କ୍ଷେତ୍ରରେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣକାରୀମାନେ ନିଜର ଭୁଲ ବୁଝିପାରି ନାହାନ୍ତି ସେମାନଙ୍କର ବିଳୟ ଘଟିଛି। ନାଟକଗୁଡ଼ିକରେ ପରିସମାପ୍ତି ବେଳକୁ ପରିବାରର ସମସ୍ତ ସଦସ୍ୟଗଣ ମିଳିତ ହୋଇଥିବାରୁ ଏଗୁଡ଼ିକ 'ମିଳନାନ୍ତକ' ପର୍ଯ୍ୟାୟଭୁକ୍ତ। ଅଥଚ ନରୋତ୍ତମ ଦାସ କହେ ରଚନା କଲାବେଳକୁ ନାଟ୍ୟକାରଙ୍କର ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣରୂପେ ବଦଳି ଯାଇଛି। ସାମାଜିକ ଜୀବନରେ ଆମ ସମସ୍ତଙ୍କୁ କବଳିତ କରିଛି ବିଚ୍ଛିନ୍ନତାବୋଧ। ଏକା ଛାତ ତଳେ ଏକା ପରିବାରରେ ବାସ କରୁଥିଲେ ହେଁ ସଦସ୍ୟଗଣ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଯାଉଛନ୍ତି। ନାଟ୍ୟକାର ଅନୁଭବ କରିଛନ୍ତି ବର୍ତ୍ତମାନ ପରିପ୍ରେକ୍ଷୀରେ ଆଉ ଭାରତ ମାଟିରେ ଯୌଥ ପରିବାରର ଗଠନ ସମ୍ଭବ ନୁହେଁ। ନାଟକର ଶେଷ ଦୃଶ୍ୟରେ ରାଘବ, ମାଧବ, ଯାଦବ ପ୍ରଭୃତି ଭାଇ ଓ ବନ୍ଦନା, ଲକ୍ଷ୍ମୀ ପ୍ରଭୃତି ପରିବାରର ସଦସ୍ୟଗଣ ଅନୁପସ୍ଥିତ ହୋଇଥିବାରୁ ବିୟୋଗାନ୍ତକ ରୂପ ଧାରଣ କରିଛି। ଶେଷ ଦୃଶ୍ୟରେ ରହିଛନ୍ତି କେବଳ ନରୋତ୍ତମ ଦାସ ଓ ଅବୋଧ ଶିଶୁ କୁନା। ନରୋତ୍ତମ ଦାସଙ୍କର ଖେଦୋକ୍ତି—"ସାଆନ୍ତ କୁଣିଆ ହୋଇ ଆସିଥିଲି, ପ୍ରିୟ ବନ୍ଧୁମାନଙ୍କୁ ସନ୍ଧୋଳିବାକୁ। ଯାହା ଚର୍ଚ୍ଚା ପାଇଲି ଆପଣମାନେତ ସବୁ ଦେଖିଲେ, ଜାଣିଲେ। ଘର କଥାଗୁଡ଼ା ଆଉ କେତେ କହିବି ?" ନରୋତ୍ତମ ଦାସକହେ, ପୃ-୧୨୦। ଏହା ହେଉଛି ସ୍ୱୟଂ ନାଟ୍ୟକାରଙ୍କର ଉକ୍ତି। କାରଣ ନାଟକ ଆରମ୍ଭ ପୂର୍ବରୁ ସେ କହିଛନ୍ତି—ମୋ'ର ଯାହା କରିବାର କଥା, ତାହା ନରୋତ୍ତମ ଦାସ କହୁଥିବାରୁ ମୁଁ ନୀରବ ରହିଲି।

—୦—

ଅଧ୍ୟାପିକା: ଓଡ଼ିଆ ବିଭାଗ
ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧା

(ଇସ୍ତାହାର- ୪୫ରେ ପ୍ରକାଶିତ)

Digitized by PPRACHIN, SOA

ରାମଚନ୍ଦ୍ର ମିଶ୍ରଙ୍କ ସୃଷ୍ଟି ସମୀକ୍ଷା

ଶ୍ରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ପ୍ରତ୍ୟେକ ସୃଷ୍ଟି ସମାଜ ମଧ୍ୟରୁ। ସେଗୁଡ଼ିକର ବ୍ୟାପ୍ତି ଏବଂ ବିସ୍ତୃତି ମଧ୍ୟ ସେହି ସମାଜରୁ। ସମସାମୟିକ ସମାଜ, ତାର ବିଚିତ୍ର ରୂପ ବିଭବ, କ୍ରୋଧ ଉଦାରତା, ନିଷ୍ଠୁରତା, ପ୍ରେମ, ପ୍ରତାରଣା, ତ୍ୟାଗ ଆଉ ସ୍ୱାର୍ଥପରତାର ବର୍ଣ୍ଣାଢ଼୍ୟ ଛବି ତାଙ୍କର ନାଟକାବଳୀରେ ସ୍ଥାନ ପାଇଛି। ବିଷୟବସ୍ତୁ, ଚରତ୍ର ତଥା ପରିବେଶ ନିମନ୍ତେ ନାଟ୍ୟକାର ବାହାରକୁ ଦୃଷ୍ଟି ପକାଇ ନାହାନ୍ତି। ପ୍ରତ୍ୟେକ ଓଡ଼ିଆ ହୋଇଛି ତାଙ୍କର ଚରିତ୍ର, ପ୍ରତ୍ୟେକ ପରିବାରର ହସକାନ୍ଦ ହୋଇଛି ତାଙ୍କ ନାଟକର ବିଷୟ ଏବଂ ପରିଶେଷରେ ଗ୍ରାମ ଠାରୁ ନଗର ଜୀବନ ଏ ସମସ୍ତ ପରିବେଶ ରୂପେ ତାଙ୍କର ନାଟକରେ ସ୍ଥାନ ପାଇଛି।

ନାଟ୍ୟକାର ଶ୍ରୀ ମିଶ୍ରଙ୍କର ନାଟକ ସଂଖ୍ୟା ପ୍ରାୟ ୨୮/୩୦ ହେବ। ସେଗୁଡ଼ିକ ମୁଖ୍ୟତଃ ଚାରୋଟି ଶ୍ରେଣୀଭୁକ୍ତ। ଯଥା :– (କ) ସାମାଜିକ ତଥା ପାରିବାରିକ ନାଟକ (ଖ) ଉପନ୍ୟାସର ନାଟ୍ୟରୂପ (ସାମାଜିକ) (ଗ) ଚରତ୍ରଧର୍ମୀ ନାଟକ (ଘ) ବେତାର ନାଟିକାବଳୀ

(କ) ସାମାଜିକ ତଥା ପାରିବାରିକ ନାଟକ :– (୧) ଅଭିମାନ– ୧୯୪୨ (୨) ମୂଲିଆ– ୧୯୪୫-୧୯୪୬ (୩) ଘରସଂସାର– ୧୯୫୦ (୪) ମଉଡ଼ମଣି– ୧୯୫୨ (୫) ସାଇପଡ଼ିଶା– ୧୯୫୩ (୬) ଭାଇଭାଉଜ– ୧୯୫୪ (୭) ମମତା– ୧୯୫୫ (୮) ସେବିକା– ୧୯୫୫ (୯) ଚାବୁକ୍– ୧୯୫୮ (୧୦) ପୁଆଣିଘର– ୧୯୬୨ (୧୧) ମ୍ୟାନେଜର– ୧୯୬୮ (୧୨) ଗୋଧୂଳିଲଗ୍ନ– ୧୯୬୮ (୧୩) ନରୋତ୍ତମ ଦାସ କହେ– ୧୯୬୯ (୧୪) ନାଟକ ରୀତିମତ– ୧୯୫୩ (୧୫) ମୃତ ଆସାମୀ

(ଖ) ଉପନ୍ୟାସ'ରୁ ନାଟ୍ୟରୂପ (ସାମାଜିକ)– (୧) ପରପୁରୁଷ– ବିଭୂତି ପଟ୍ଟନାୟକଙ୍କର ଉପନ୍ୟାସ 'ପରପୁରୁଷ'୧୯୬୮ (୨) କିସ ପୁଣି ଦେଖା ନ ଯାଏ– ପ୍ରଫୁଲ୍ଲ ନାୟକଙ୍କ ଉପନ୍ୟାସ 'ବଙ୍ଗୁଲୀ ଗଡ଼ାଏ ଲୁହ'– ୧୯୭୨

(ଗ) ଚରତ୍ରଧର୍ମୀ ନାଟକ– (୧) କବିସୂର୍ଯ୍ୟ– ୧୯୪୭

(ଘ) ବେତାର ନାଟିକାବଳୀ– (୧) ପ୍ରବାସୀ (୨)ପ୍ରତୀକ୍ଷା

(କ) (୧) ଅଭିମାନ– କଟକରେ ପଢୁଥିବା ସମୟରେ ଶ୍ରୀମିଶ୍ର 'ଓଡ଼ିଶାଥିଏଟର୍ସ' ଦ୍ୱାରା ମଞ୍ଚସ୍ଥ ବହୁ ନାଟକ ଦେଖିବାର ସୁଯୋଗ ପାଆନ୍ତି। ସେତେବେଳକୁ କାଳୀବାବୁ ନାଟ୍ୟକାର ଭାବରେ ପ୍ରତିଷ୍ଠା ଲାଭ କରି ସାରିଲେଣି। ତାଙ୍କ ନାଟକ ଗୁଡ଼ିକ ଦର୍ଶକଙ୍କର ଉଚ୍ଛ୍ୱସିତ ପ୍ରଶଂସା ଲାଭ କରି ସଫଳତାର ଚରମ ସୀମାକୁ ଉନ୍ନୀତ ହେଉଥାଏ। କାଳୀବାବୁଙ୍କ ନାଟକର ଆଶାତୀତ ସଫଳତା, ସାମୁଏଲ୍ ସାହୁ (ବାବି)ଙ୍କ ଅଜସ୍ର

Digitized by PPRACHIN, SOA

ପ୍ରେରଣା ପ୍ରାରମ୍ଭିକ ଜୀବନରେ କବିତା, ଗଳ୍ପ ତଥା ଉପନ୍ୟାସ ରଚନାକାରୀ ଶ୍ରୀମିଶ୍ରଙ୍କୁ ନାଟକ ଲେଖା ପ୍ରତି ପ୍ରୋତ୍ସାହନ ଯୋଗାଏ। ସୁଖର କଥା, କାଳୀବାବୁଙ୍କ ପ୍ରତିଷ୍ଠିତ 'ଓଡ଼ିଶା ଥିଏଟର୍ସ'ର ମୃତ୍ୟୁ ବରଣ କାଳରେ ତାହାର ପ୍ରତିପକ୍ଷ ହିସାବରେ 'ଭାରତୀ ଥିଏଟର୍ସ' ମୁଣ୍ଡଟେକି ଉଠିଲା ଓ ଏହା ପରେ ପରେ ପ୍ରତିଷ୍ଠିତ ହେଲା 'ଅନ୍ନପୂର୍ଣ୍ଣା-ବି-ଗ୍ରୁପ୍'-। ରାମଚନ୍ଦ୍ର ଅତ୍ୟନ୍ତ ଦୁଃସାହାସିକ ପଦକ୍ଷେପ ଗ୍ରହଣ କରି ୧୯୪୨ ମସିହାରେ ଲେଖନ୍ତି 'ଭାରତୀ ଥିଏଟର୍ସ' ଦ୍ୱାରା ଭାରତୀ ପେଣ୍ଡାଲ୍ ରଙ୍ଗମଞ୍ଚରେ ଅଭିନୀତ ହୋଇଥିବା ତାଙ୍କର ପ୍ରଥମ ସାମାଜିକ ନାଟକ 'ଅଭିମାନ', ପରିପକ୍ୱ ନାଟ୍ୟକୃତିର ଅଭାବ ହେତୁ ଏହା ସାର୍ଥକ ସୃଷ୍ଟିର ଗୌରବ ଶ୍ରୀମିଶ୍ରଙ୍କୁ ଦେଇପାରିନାହିଁ। ପୁଣି ବର୍ତ୍ତମାନ ପର୍ଯ୍ୟନ୍ତ ତାହା ମୁଦ୍ରିତ ନ ହୋଇ ଥିବାରୁ ଆଲୋଚନାର ପରିଧି ଭିତରକୁ ମଧ୍ୟ ଆସିନାହିଁ।

(୨) ମୂଳିଆ– ଏହା ପରେ ୧୯୪୫/୧୯୪୬ ମସିହାରେ 'ଅନ୍ନପୂର୍ଣ୍ଣା– ବି ଗ୍ରୁପ୍'ର ଦ୍ୱିତୀୟ ଅବଦାନ ରୂପେ ଜନ୍ମନିଏ ବହୁ ଆଲୋଚିତ ନାଟ୍ୟକାର ଶ୍ରୀମିଶ୍ରଙ୍କର ଦ୍ୱିତୀୟ ସାମାଜିକ ନାଟକ 'ମୂଳିଆ'। ଏହା ଏକାଦି କ୍ରମେ ୧୧୨ ରାତି ଅଭିନୀତ ହୋଇ ଓଡ଼ିଆ ନାଟ୍ୟ ଜଗତରେ ଏକ ବିପ୍ଳବ ସୃଷ୍ଟି କରିଥିଲା। 'ମୂଳିଆ' ମଞ୍ଚସ୍ଥ ହେବା ପରେ ତାହାର ସଫଳତା ଜନ ସାଧାରଣଙ୍କ ହୃଦୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରେ ଏବଂ ଦର୍ଶକଙ୍କୁ ସ୍ତମ୍ଭିତ କରେ। ତେବେକେ ଶ୍ରୀମିଶ୍ରଙ୍କର 'ମୂଳିଆ'ର ସୃଷ୍ଟି ସଂପର୍କ ନେଇ ସନ୍ଦେହ ପ୍ରକାଶ କରନ୍ତି। ଅନେକେ ମତ ଦିଅନ୍ତି କାଳୀବାବୁଙ୍କ ଅପ୍ରକାଶିତ ପାଣ୍ଡୁଲିପି ସାମୁଏଲ ବାବୁ ନେଇ ଯାଇଛନ୍ତି। ପରେ ଶ୍ରୀମିଶ୍ର ତାହାକୁ ସାମାନ୍ୟ ଅଦଳ ବଦଳ କରି ମୂଳିଆ ନାମରେ ପ୍ରକାଶ କରିଛନ୍ତି। ମାତ୍ର ଏ ମନ୍ତବ୍ୟ ଯଥାର୍ଥ ନୁହେଁ।[୧] ଏ ମନ୍ତବ୍ୟ ବିପକ୍ଷରେ ଆଲୋଚକ ଅଧ୍ୟାପକ ନାରାୟଣ ଶତପଥୀ ଲେଖିଛନ୍ତି–"ଏହା କାଳୀବାବୁଙ୍କର ମୂଳ ପାଣ୍ଡୁଲିପିର ସଂସ୍କାର ନୁହେଁ। କାରଣ– (i) କାଳୀବାବୁଙ୍କ କୌଣସି ନାଟକର ବିଷୟ ବସ୍ତୁ ଏବଂ ଚରିତ୍ର ଚିତ୍ରଣ 'ମୂଳିଆ' ଅନୁରୂପ ନୁହେଁ। (ii) ପରନ୍ତୁ ଶ୍ରୀ ମିଶ୍ରଙ୍କର ବହୁ ନାଟକର ଚରିତ୍ର ଏବଂ ବିଷୟବସ୍ତୁ ପ୍ରାୟ ଏହି ଧରଣର। (iii) ଏତତ୍ ବ୍ୟତୀତ ଏପରି ହୋଇଥିଲେ କାଳୀବାବୁ ମିଶ୍ରଙ୍କ ନାଟକରେ ମୁଖବନ୍ଧ ଲେଖିବାକୁ ସମ୍ମତି ପ୍ରଦାନ କରି ନଥାନ୍ତେ।(iv) 'ମୂଳିଆ' ଶ୍ରୀମିଶ୍ରଙ୍କର ନିଜସ୍ୱ ସୃଷ୍ଟି। ହେଲେ 'ମୂଳିଆ'ର କଥାବସ୍ତୁ ସାମୁଏଲ୍ ବାବୁଙ୍କ ଠାରୁ ସେ ସଂଗ୍ରହ କରିଥିଲେ। ହୁଏତ ସେହି କାରଣରୁ ସାମୁଏଲ୍ ବାବୁଙ୍କୁ 'ମୂଳିଆ'ର ଯୁଗ୍ମ ଲେଖକ ଭାବରେ ସ୍ୱୀକାର କରିଛନ୍ତି।" 'ଅନ୍ନପୂର୍ଣ୍ଣା- ବି ଗ୍ରୁପ୍'ର ପରିଚାଳକ ଲିଙ୍ଗରାଜ ନନ୍ଦ 'ମୂଳିଆ'କୁ ମଞ୍ଚସ୍ଥ କରିଥିଲେ। 'ମୂଳିଆ' ନାଟକର ବିଷୟ ବସ୍ତୁ ଆଧୁନିକ ସମାଜ ଜୀବନରୁ ଗୃହୀତ। ଆଧୁନିକ ଇଂରେଜୀ ଶିକ୍ଷାର କୁପ୍ରଭାବ ଓ ସାମାଜିକ ପରିବର୍ତ୍ତନର ପୃଷ୍ଠଭୂମିରେ ନାଟକଟି ରଚିତ। ପାଶ୍ଚାତ୍ୟ ଶିକ୍ଷାଲାଭ କରିଥିବା ଉଚ୍ଚ ଶିକ୍ଷିତ ଯୁବକର ନୈତିକ ସ୍ଖଳନର ଚିତ୍ର ନାଟକଟିରେ ପ୍ରତିଫଳିତ। ମଞ୍ଚସ୍ଥ ହେବାପରେ 'ମୂଳିଆ'ର ଆଶାତୀତ ସଫଳତା ନାଟ୍ୟକାରଙ୍କୁ ବହୁ ଭାବରେ ଅନୁପ୍ରାଣିତ ଓ ଉତ୍ସାହିତ କରିଛି।

Digitized by PPRACHIN, SOA

ବିଷୟବସ୍ତୁ– ବୃଦ୍ଧ ସନାତନ ସାମଲର ବଡ଼ପୁଅ ନନ୍ଦ। ତା'ର ପରିଶ୍ରମ ଓ ଉଦ୍ୟମ ସେହି ପରିବାରଟିକୁ ମୂଲିଆରୁ କୃଷକ ଶ୍ରେଣୀକୁ ଉନ୍ନୀତ କରି ପାରିଥିଲା। ମାତ୍ର ବଡ଼ଭାଇ ନନ୍ଦ, ସାନଭାଇ ରାଜକିଶୋରକୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରେରଣ କରେ ସହରକୁ। ଫଳରେ ଛୋଟ ଭାଇର ଉଚ୍ଚଶିକ୍ଷା ବାବଦକୁ ସର୍ବସ୍ୱ ହରାଇବାକୁ ହୁଏ ନନ୍ଦକୁ, ନିଜକୁ ମୂଲିଆ କରି। ଉଚ୍ଚଶିକ୍ଷା ପ୍ରାପ୍ତ ରାଜକିଶୋର ନିଜ ଗ୍ରାମର କଣ୍ଟ୍ରୋଲ୍ ବ୍ୟବସାୟୀ ଟାଉଟର୍ ଧଡ଼ି ମହାପାତ୍ରର ଚକ୍ରାନ୍ତରେ ଓକିଲ କୁଞ୍ଜବିହାରୀଙ୍କ ଆଶ୍ରୟ ପାଇ ଓକିଲ କନ୍ୟା କଳ୍ପନାକୁ ଲାଭ କରିବା ଆଶାରେ ସେ ଭୁଲିଯାଏ ନିଜ ପରିବାରକୁ ଅର୍ଥାତ୍ ପିତା ସନାତନ, ପିତୃପ୍ରତିମ ବଡ଼ଭାଇ ନନ୍ଦ ଏବଂ ମାତୃସମା ଭାଉଜକୁ। ଆଉ ଭୁଲିଗଲା ଗୋଟିଏ ନିଷ୍ପାପ, ସରଳ କିଶୋରୀକୁ ଯିଏ ତାର ମଙ୍ଗଳ କାମନାରେ ନିତିଦିନ ତୁଳସୀ ମୂଳରେ ପ୍ରଦୀପ ଜାଳୁଥିଲା। ଉଚ୍ଚ ଶିକ୍ଷିତ ରାଜକିଶୋର କଳ୍ପନାକୁ ନେଇ ଯେଉଁ କଳ୍ପନାର ସୌଧ ଗଢ଼ିଥିଲା, କଳ୍ପନାର ପ୍ରେମିକ କୁମାରଠାରୁ ରାଜକିଶୋରର ପ୍ରକୃତ ଅବସ୍ଥା ଜାଣିବା ପରେ ଓକିଲ ପତ୍ନୀଙ୍କ ବିରୋଧ ଓ କନ୍ୟାର ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନରେ ତାହା ଭୁଷୁଡ଼ି ପଡ଼ିଛି। ହତାଶ ଓ ଅନୁଶୋଚନାରେ ଜର୍ଜରିତ ହୋଇ ସେ ପୁଣି ନିଜର ପରିବାର ମଧ୍ୟକୁ ଫେରି ଆସିଛି। ନନ୍ଦ ଫେରି ପାଇଛି ତା'ର ସାନଭାଇକୁ। ଧଡ଼ି ମାହାପାତ୍ର 'ସର'କୁ ବିବାହ କରିବାକୁ ଯାଉଥିଲା ବେଳେ କିଳାପୋତେଇ ଅଭିଯୋଗରେ ଗିରଫ ହୋଇ ଯାଇଛି ଏବଂ ରାଜୁ ସରକୁ ବିବାହ କରିଛି।

କଣ୍ଟ୍ରୋଲର ସୁଯୋଗ ନେଇ ଧଡ଼ି ମହାପାତ୍ର ପରି ସମାଜରେ ନିମ୍ନଶ୍ରେଣୀର ବ୍ୟକ୍ତିମାନଙ୍କର କିପରି ଉନ୍ନତି ଘଟିଛି ଏଥିରେ ତାର ଚିତ୍ର ଦେଖିବାକୁ ମିଳୁଛି। ଜାତି, କୁଟୁମ୍ବ ଓ ଦ୍ୱାର ଶୂନ୍ୟ ରେଙ୍ଗୁନ୍‌ବାସୀ ଓଡ଼ିଆ ପଞ୍ଚୁ ଓ ବୀରା ପ୍ରଭୃତି ଯୁବକମାନେ ଓଡ଼ିଶାକୁ ଫେରି ଆସି ପେଟପାଇଁ କିପରି ଚୋରିବୃତ୍ତି ଅବଲମ୍ବନ କରିଛନ୍ତି। ତହିଁରୁ ଲବ୍ଧ ଧନରେ ପଞ୍ଚୁ ଓ ବୀରା ଅସହାୟ ଦୁଃଖୀ, ଦରିଦ୍ର, ଅନାଥ ଓ ରୋଗୀମାନଙ୍କୁ ସାହାଯ୍ୟ କରିଛନ୍ତି ଏବଂ କଳାବଜାରୀ ଧଡ଼ିମହାପାତ୍ର ଘର ଲୁଣ୍ଠନ କରି କଣ୍ଟ କବଲାଗୁଡ଼ିକ ଉଦ୍ଧାର କରି ସାମଲ ପରିବାରକୁ ଫେରାଇ ଦେଇଛନ୍ତି। ଚୌର୍ଯ୍ୟ ବୃତ୍ତିର ଆବରଣ ତଳେ ଏମାନଙ୍କ ହୃଦୟରେ ଯେ ମନୁଷ୍ୟତାର ଫଲ୍‌ଗୁ ପ୍ରବାହିତ ହେଉଛି ତାହା ଦେଖାଇବାରେ ନାଟ୍ୟକାର କୁଣ୍ଠା ପ୍ରକାଶ କରିନାହାନ୍ତି।

ଓକିଲ କୁଞ୍ଜବିହାରୀଙ୍କ ପରିବାର ଏକ ପକ୍ଷରେ ମିଷ୍ଟର ରାୟ ପ୍ରାଚୀନ ପନ୍ଥି ହୋଇ ଥିବାବେଳେ ଅପର ପକ୍ଷରେ କନ୍ୟା କଳ୍ପନା ଏବଂ ପତ୍ନୀ ମିସେସ୍ ରାୟ ଆଧୁନିକ ରୁଚି ସମ୍ପନ୍ନ। ଏହିଠାରେ ନାଟ୍ୟକାର ପ୍ରାଚୀନ ଓ ଆଧୁନିକ ସଭ୍ୟତାର ସଂଘର୍ଷ ଦେଖାଇ ପରିଶେଷରେ ଆଦର୍ଶବାଦର ବିଜୟ ଘୋଷଣା କରାଇଛନ୍ତି।

ଆଭିମୁଖ୍ୟ– ଏହି ନାଟକଟିରେ ନାଟ୍ୟକାର ଆଧୁନିକ ସମାଜର ଜ୍ୱଳନ୍ତ ଚିତ୍ର ପ୍ରଦାନ କରିଛନ୍ତି। ଆଧୁନିକ ଉଚ୍ଚଶିକ୍ଷିତ ଯୁବକ ଅହମିକା ପରବଶ ହୋଇ ଗୁରୁଜନମାନଙ୍କୁ କିପରି ଅବମାନନା କରେ ଓ ନିଜକୁ ପ୍ରେମିକ ସଜାଇ କିପରି ସାମାଜିକ ଚାଲିଚଳନ ଓ ଲୌକିକତା ମୁଣ୍ଡରେ ପଦାଘାତ କରିବାକୁ ପଶ୍ଚାତ୍‌ପଦ ହୁଏନା, ତାହାର ଏକ ନିର୍ମମ ତଥା ବାସ୍ତବ ଚିତ୍ର ନାଟକଟିରେ ଦେଖିବାକୁ ମିଳେ।[୨]

Digitized by PPRACHIN, SOA

(୩) ଘର ସଂସାର– ତା'ପରେ ୧୯୫୦ ମସିହାରେ ପ୍ରକାଶ ପାଏ ନାଟ୍ୟକାରଙ୍କ ପାରିବାରିକ ନାଟକ 'ଘରସଂସାର', ଏକାନ୍ନବର୍ତ୍ତୀ ପରିବାରର କ୍ରମ ବିବର୍ତ୍ତନ ଓ ସମସାମୟିକ ସମାଜରେ ଗାନ୍ଧୀବାଦର ପ୍ରଭାବ ଉପରେ ଏ ନାଟକଟି ଆଧାରିତ। 'ଅନ୍ନପୂର୍ଣ୍ଣା -ବି'ଗ୍ରୁପ୍' ଦ୍ୱାରା ତା୫-୧୧-୫୦ ରିଖରେ ପ୍ରଥମେ ଏହି ନାଟକଟି ଅଭିନୀତ ହୁଏ। ଏହାର ପୃଷ୍ଠଭୂମି ବାଲେଶ୍ୱର। ପାଶ୍ଚାତ୍ୟ ଶିକ୍ଷାର କୁପରିଣାମ ଶିକ୍ଷିତ ଯୁବକ ଯୁବତୀଙ୍କର ସ୍ୱଇଚ୍ଛାର ବିବାହ, ଶିକ୍ଷିତା ଯୁବତୀଙ୍କର ସ୍ୱେଚ୍ଛାଚାରିତାର ଚରମ ପରିଣତି, ଏକାନ୍ନବର୍ତ୍ତୀ ପରିବାରରେ ଅବକ୍ଷୟର ଚିତ୍ର ନାଟକଟିରେ ସଫଳ କଳାଗତ ରୂପ ଲାଭ କରିଛି। 'ପଞ୍ଚାୟତିରାଜ'ର ଉଲ୍ଲେଖ କରି ଅବହେଳିତ ପୁରପଲ୍ଲୀରେ ତାର ଉପଯୋଗିତା ଲୋକଙ୍କୁ ଅବହିତ କରିବାର ପ୍ରଚେଷ୍ଟା ଅଭିନନ୍ଦନୀୟ।

ବିଷୟବସ୍ତୁ– ରଘୁନାଥପୁର ଓ ଚଣ୍ଡୀପୁର ଗାଁ ଦୁଇଟି ଲଗାଲଗି ଅବସ୍ଥିତ। ବହୁ ପ୍ରାଚୀନ କାଳରୁ ଏହି ଦୁଇଟି ଗାଁ ମଧ୍ୟରେ ମାଲିମୋକଦ୍ଦମା ଲାଗି ରହିଥିଲା। ରଘୁନାଥପୁରିଆ କିମ୍ବା ଚଣ୍ଡୀପୁରିଆ କେହି କାହା ଗାଁକୁ ଯିବା ଆସିବା କରନ୍ତି ନାହିଁ। ମୋଟ ଉପରେ ପରସ୍ପର ମଧ୍ୟରେ ପଡୁ ନଥିଲା କହିଲେ ଚଳେ। ରଘୁନାଥପୁରର ପୁରୋଧା ଥା'ନ୍ତି ଜମିଦାର ହରିଶଙ୍କର ମହାପାତ୍ର ଏବଂ ଅପର ପକ୍ଷରେ ଚଣ୍ଡୀପୁରର ଥାନ୍ତି ମଦନ ଚୌଧୁରୀ ଓ ଅନାଦି ଦାସ। ଦୁଇପକ୍ଷ ଗଣ୍ଡଗୋଳରେ ନ୍ୟାୟକୁ ବଜାୟ ରଖିବାକୁ ଯାଇ ମଦନ ଚୌଧୁରୀଙ୍କର ମୃତ୍ୟୁ ହୁଏ। ତାଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ। ବଡ଼ପୁଅ ଗୋପବନ୍ଧୁ ଚୌଧୁରୀ ବାପାଙ୍କ ପରି ଜଣେ ବିଶିଷ୍ଟ ଲୋକ ହୋଇ ପାରିଛନ୍ତି ତାଙ୍କ ଆସନର ଯଥୋଚିତ କାର୍ଯ୍ୟ କରି। ସାନପୁଅ 'ବିନୋଦ' ଚୌଧୁରୀ ଏମ୍.ଏ.ପାଶ୍ ଏବଂ ଝିଅ 'ରତି' ସ୍କୁଲରେ ପଢୁଥାଏ। ତେଣେ ହରିଶଙ୍କର ମହାପାତ୍ର ତାଙ୍କର ଗୋଟିଏ ବୋଲି ଅଲିଅଳି ପଢୁଆ ଝିଅକୁ ବିଲାତ ଫେରନ୍ତା ଜୋଇଁ ମି: ବର୍ମାଙ୍କ ସହିତ ବିବାହ ଦେବା ପାଇଁ ସମସ୍ତ ବନ୍ଦୋବସ୍ତ କରି ଶେଷରେ ନିରାଶ ହୁଅନ୍ତି ଜୋଇଁ ନଆସିବାରୁ। ଆଦର୍ଶବାଦୀ ଗୋପ ଚୌଧୁରୀ ମହାପାତ୍ର ବଂଶ ଚୌଧୁରୀ ବଂଶ ନେତୃତ୍ୱରେ ରଘୁନାଥପୁର ଓ ଚଣ୍ଡୀପୁର ମଧ୍ୟରେ ଲାଗି ରହିଥିବା ଗ୍ରାମ୍ୟ ବିବାଦର ସମାଧାନ ପାଇଁ ମହାପାତ୍ରଙ୍କ କନ୍ୟା ବିବାହର ନିମନ୍ତ୍ରଣ ରକ୍ଷା କରି ବିବାହ ଉତ୍ସବରେ ଯୋଗ ଦିଅନ୍ତି। ଘଟଣା ଚକ୍ରରେ ପଡ଼ି ବାଧ ହୋଇ ତଥା ଡ଼ାକ୍ତର ଦୀନବନ୍ଧୁଙ୍କର ଅନୁରୋଧରେ ଗୋପବାବୁ 'ଶାରଦା'କୁ ବିବାହ କରିଛନ୍ତି ଓ ଏହାର ପ୍ରତିବାଦ ଗୋପବନ୍ଧୁଙ୍କ ମାତା ତରାମଣି, ଅନାଦି ଦାସ, ମଙ୍ଗୁ ମହାନ୍ତି ତଥା ଅନ୍ୟାନ୍ୟ ଗ୍ରାମବାସୀ କରିଛନ୍ତି। ପରିସ୍ଥିତିର ଚାପରେ ଗୋପ ଓ ଶାରଦା ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ପୁଣି ଗୋପର ସାନଭାଇ 'ବିନୋଦ' ସହରୀ ପରିବେଶରେ ବଢ଼ିଥିବା ପ୍ରଫେସର ମହାନ୍ତିଙ୍କ ଉଚ୍ଚଶିକ୍ଷିତା ଆଧୁନିକା କନ୍ୟା 'ଅନୀମା'କୁ ବିବାହ କରିଛି। ନାରୀ ସ୍ୱାଧୀନତା ନାମରେ ଆଧୁନିକା ଅନୀମାର ସ୍ୱେଚ୍ଛାଚାରିତା ପ୍ରାଚୀନ ପରଂପରାଗତ ଗୋପର ସଂସାରରେ ସୃଷ୍ଟି କରିଛି ସଂଘର୍ଷ। ସଂଘର୍ଷ ଚରମ ସୀମାରେ ପହଞ୍ଚିଛି ଯେତେବେଳେ କୁମାରୀ ଜୀବନର ପୁରୁଷ ବନ୍ଧୁ ମି:ବର୍ମାଙ୍କ ସନ୍ତୋଷ ବିଧାନ ପାଇଁ ଆଧୁନିକା ଅନୀମା ନିଜ ନଣନ୍ଦ 'ରତି'ର

Digitized by PPRACHIN, SOA

ଅନିଚ୍ଛା ସତ୍ତ୍ୱେ ତାକୁ ବାଧ କରିଛି ଗୀତ ଗାଇବା ପାଇଁ। ପ୍ରାଚୀନପନ୍ଥୀ ବଡ଼ବୋହୂ ଶାରଦାର ବିରୋଧକୁ ଭ୍ରୂକ୍ଷେପ ନକରି ଅନୀମା ଅଧିକ ସ୍ୱେଚ୍ଛାଚାରିଣୀ ହୋଇଉଠିଛି ଏବଂ ନିଜ ସ୍ୱାମୀ ବିନୋଦକୁ ପ୍ରଭାବିତ କରି ଚାକିରୀ ଅନ୍ୱେଷଣରେ ପଠାଇଛି। ବିନୋଦ ରୋଗ ଶଯ୍ୟାରେ ପଡ଼ିଥିବା ଅବସ୍ଥାରେ ଶାଶୁଙ୍କ ବାରଣ ସତ୍ତ୍ୱେ ପୁରୁଷବନ୍ଧୁ ମି:ବର୍ମାଙ୍କ ପାର୍ଟିରେ ଯୋଗଦେବା ପାଇଁ ଡାକ ବଙ୍ଗଳାକୁ ଯାଇ ସେ ପ୍ରତାରିତା ହୋଇଛି। ଏହାପରେ ବିନୋଦ ଓ ଶାରଦାଙ୍କ ପବିତ୍ର ସଂପର୍କକୁ ସନ୍ଦେହ ଚକ୍ଷୁରେ ଦେଖି ସେମାନଙ୍କୁ ଭର୍ତ୍ସନା କରିଛି ଏବଂ ବିନୋଦଠାରୁ ଆଘାତ ପାଇ ବିଷପାନ କରିଛି। ଶାରଦା ତଥା ଡାକ୍ତର ଦୀନବନ୍ଧୁଙ୍କ ସେବା ଯତ୍ନରେ ସୁସ୍ଥ ହେବାପରେ ଅନୀମାର ଚକ୍ଷୁରୁ ଆଧୁନିକତାର ଅନ୍ଧପୁଟୁଳି ଖସି ପଡ଼ିଛି ଏବଂ ନିଜର ଦୋଷ ସ୍ୱୀକାର କରିଛି ଗୋପ, ଶାରଦା, ତାରାମଣି ଓ ବିନୋଦଙ୍କ ପାଖରେ। ଆଦର୍ଶବାଦୀ ଗୋପ ଚୌଧୁରୀର ବଳିଷ୍ଠ ବ୍ୟକ୍ତିତ୍ୱର ସ୍ପର୍ଶରେ ଶ୍ୱଶୁର ହରିଶଙ୍କର ମହାପାତ୍ରଙ୍କର ହୃଦୟ ପରିବର୍ତ୍ତନ ହୋଇଛି। ଖଳ ଚରିତ୍ର 'ମଙ୍ଗୁମହାନ୍ତି' ଏବଂ 'ଅନାଦି ଦାସ' ଆଇନ ଆଗରୁ ଖସିଯାଇ ପାରି ନାହାନ୍ତି। ମଙ୍ଗୁମହାନ୍ତି ନିଜର ଅପକର୍ମ ପାଇଁ ପୋଲିସ ହସ୍ତରେ ହସ୍ତାନ୍ତରିତ ହୋଇଛନ୍ତି ଏବଂ ଅନାଦି ଦାସ କୃତକର୍ମ ପାଇଁ ଅନୁଶୋଚନା କରି ଗ୍ରାମବାସୀଙ୍କ ନିକଟରେ କ୍ଷମାଭିକ୍ଷୁ ହୋଇଛନ୍ତି। ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ଓ ରୁଚିର ଉପାସକ ମି:ବର୍ମା ଓଡ଼ିଆ ଘରର କୁଳବଧୂ 'ଶାରଦା'ଙ୍କ ବ୍ୟକ୍ତିତ୍ୱରେ ନାରୀର ପ୍ରକୃତ ସ୍ୱରୂପ ଦେଖି ତଟସ୍ଥ ହୋଇ ଜୀବନର ଗତି ବଦଳାଇଛନ୍ତି।

ଆଭିମୁଖ୍ୟ– (i) 'ଘରସଂସାର'ରେ ସମାଜର ବହୁବିଧ କୁସଂସ୍କାର ବିରୁଦ୍ଧରେ ଅଭିଯାନ କରି ନିରାମୟ ସମାଜ ଗଠନ ପାଇଁ ଲେଖକଙ୍କର ପ୍ରୟାସ ଦର୍ଶକ ମାତ୍ରକେ ସ୍ପଷ୍ଟଭାବେ ହୃଦଙ୍ଗମ କରିଥାନ୍ତି। ଏଥିରେ ଶିକ୍ଷିତ ଓ ଅଶିକ୍ଷିତ ଜୀବନର ଦ୍ୱନ୍ଦ୍ୱ ରୂପାୟିତ। ନିର୍ଭୀକଭାବେ ସେ ଏଥିରେ ଗ୍ରାମ ପଞ୍ଚାୟତ ବ୍ୟବସ୍ଥାର ସମାଲୋଚନା କରିଛନ୍ତି।.....ବାପୁଜୀ ଓ ବିନୋବାଙ୍କର ସର୍ବୋଦୟ ଚିନ୍ତାଧାରା ଏଥିରେ ପ୍ରତିଫଳିତ।[୩]
(ii) ସମାଜର ପରିବର୍ତ୍ତନ ଆଣିବାକୁ ହେଲେ ଆମର ଆଦର୍ଶକୁ ଆଖି ଆଗରେ ରଖି ଆମ ଘରସଂସାର ସଜାଡ଼ିବାକୁ ହେବ। ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ସହ ଗାନ୍ଧୀବାଦୀ ଆଦର୍ଶର ସଂଘର୍ଷ ଏ ନାଟକରେ ପରୋକ୍ଷରେ ଦର୍ଶିତ। ଆମ ସାଧାରଣ ଜୀବନରେ ହିନ୍ଦୁ ପରିବାରର ଆଦର୍ଶ ଓ ନ୍ୟାୟର ପରାକାଷ୍ଠା କିପରି କମିଯାଉଛି ତାର ଏକ ଚିତ୍ର ନାଟ୍ୟକାର ଏଠାରେ ଉପସ୍ଥାପିତ କରିଛନ୍ତି।[୪]

(୪) ମଉଡ଼ମଣି– ୧୯୫୨ ମସିହାରେ 'ମଉଡ଼ମଣି' ନାଟକ ପ୍ରକାଶ ପାଏ। 'ଅନ୍ନପୂର୍ଣ୍ଣା ବି'ଗ୍ରୁପ୍' ଦ୍ୱାରା ତା ୧୨-୫-୫୨ରିଖରେ ପ୍ରଥମେ ଅଭିନୀତ ହୁଏ। ତା ୧୯-୯-୫୨ରିଖରେ କାଳିବାବୁ 'ମଉଡ଼ମଣି' ନାଟକର ମୁଖବନ୍ଧରେ ଲେଖିଛନ୍ତି– ''.....ବିଷୟବସ୍ତୁ କାଲର କଥାବସ୍ତୁ କାଲର କଥାରୁ ବାଛି ନେଇଛନ୍ତି ନାଟ୍ୟକାର।... ବଚନିକା ଗହଳି ଭିତରେ ବହୁ ଜାଗାରେ ଭାଷା ଖଞ୍ଜିବାରେ ରାମବାବୁଙ୍କ ବିନ୍ଧାଣୀ ପଣିଆ ଫୁଟି ପାରିଛି। ... ଦୃଶ୍ୟ ପରିକଳ୍ପନାରେ ଭାବନା ଅଛି। ଭାବଧାରା କୁହୁଡ଼ିତଳେ ମୁହଁ ଛପା ଦେଇନାହିଁ। ...ରାମବାବୁ ଓ ତାଙ୍କ ପ୍ରଚେଷ୍ଟା ଭିତରେ ଦେଶ ଜାତି ଆଉ ସାହିତ୍ୟକୁ କିଛିଦାନ କରିବା ଭଳି ମାଲମସଲା ଅଛି ବୋଲି ମୋର ବିଶ୍ୱାସ...

Digitized by PPRACHIN, SOA

ବିଷୟବସ୍ତୁ– ଗଡ଼ଜାତ ମିଶ୍ରଣ ପରେ ସୁବିଧାବାଦୀ ରାଜାମାନେ ସାଧାରଣ ମଣିଷ ଭିତରୁ ନିଜର ମୁନଫା ଉଠେଇବା ଚେଷ୍ଟାକରି ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିଛନ୍ତି। ଏଭଳି ଏକ କାହାଣୀକୁ ପୃଷ୍ଠଭୂମିରେ ରଖି ନାଟ୍ୟକାର 'ମଉଡ଼ମଣି' ରଚନା କରିଛନ୍ତି।

(୫) ସାଇପଡ଼ିଶା– 'ସାଇପଡ଼ିଶା' ନାଟ୍ୟକାର ମିଶ୍ରଙ୍କର ଏକ ପାରିବାରିକ ନାଟକ। ଏହା ୧୯୫୩ ମସିହାରେ ପ୍ରକାଶିତ ଓ 'ଅନ୍ନପୂର୍ଣ୍ଣା– ବିଗ୍ରୁପ୍' ଦ୍ୱାରା ଅଭିନୀତ। ଆଧୁନିକ ସାର୍ଥକେନ୍ଦ୍ରିକ ଅହଂ ସର୍ବସ୍ୱ ମନ, ପ୍ରାଚୀନ-ପରଂପରା ପରିବର୍ଦ୍ଧିତ ସାଇପଡ଼ିଶାର ଅକୃତ୍ରିମ ସ୍ନେହ ସୌହାର୍ଦ୍ଧ୍ୟରେ କିପରି ଅଯଥା ଅଶାନ୍ତି ପରିସ୍ଥିତି ସୃଷ୍ଟି କରିଥାଏ, ତାର ବାସ୍ତବ ଚିତ୍ର ଦେଖିବାକୁ ମିଳେ ଏହି ନାଟକଟିରେ।

ବିଷୟବସ୍ତୁ– ଦୁଇଜଣ ଅନ୍ତରଙ୍ଗ ବନ୍ଧୁ। ଜଣେ ଅବସର ପ୍ରାପ୍ତ ପୋଲିସ ଅଫିସର 'ଶଙ୍କର' ଓ ଅନ୍ୟଜଣେ ଉଚ୍ଚଶିକ୍ଷା ପ୍ରାପ୍ତ ଶିକ୍ଷକ 'ନିମେଇ'। ମାତ୍ର ସାଂପ୍ରତିକ ଜୀବନଧାରାରେ ଦୁଇଜଣଙ୍କ ଆଦର୍ଶ ସଂପୂର୍ଣ୍ଣ ପରିପନ୍ଥୀ। ଏଇ ଦୁଇଟି ପରିବାରର ଦୈନନ୍ଦିନ ଘଟଣାକୁ କେନ୍ଦ୍ରକରି ନାଟକଟି ରଚିତ। ପରିସ୍ଥିତିର କ୍ରୀଡ଼ନକ ସାଜି ବଂଧୁ ଶତ୍ରୁ ହୁଏ, ଶତ୍ରୁ ପୁଣି ବଂଧୁ ପାଲଟିଯାଏ। ପଡ଼ିଶା ଘରର ଅକୃତ୍ରିମ ସ୍ନେହ ସୋହାଗରେ ସୃଷ୍ଟି ହୁଏ ବିଦ୍ୱେଷ, ଅସୂୟା ଓ ଅଶାନ୍ତି।

ଆଧୁନିକ ସଭ୍ୟତାରେ ପରିବର୍ଦ୍ଧିତା ଶଙ୍କରବାବୁଙ୍କ ପତ୍ନୀ ନିରୂପମାଙ୍କ ସ୍ୱାର୍ଥକେନ୍ଦ୍ରିକ ଅହଂସର୍ବସ୍ୱ ସନ୍ଦେହୀମନ ବିଭେଦର ପ୍ରାଚୀର ସୃଷ୍ଟି କରିଛି। ଜମିଦାରୀ ଉଚ୍ଛେଦ ପରେ ଜମିଦାର ସିରସ୍ତାରୁ ବିଦାୟ ନେଇ ତହସିଲଦାର 'ଭଜହରି' ଗ୍ରାମ ସ୍କୁଲର ପ୍ରେସିଡ଼େଣ୍ଟ ହୋଇ ନୂତନ ସିରସ୍ତା ମେଲେଇ ବସିଛନ୍ତି ଏବଂ ଉଭୟ ପରିବାର ମଧ୍ୟରେ ସଂଘର୍ଷ ସୃଷ୍ଟିରେ ସୁଯୋଗ ପାଇଛନ୍ତି। ଅନ୍ୟ ଦିଗରେ ନିମେଇବାବୁଙ୍କ ପୁଅ 'ଗୁଣ'କୁ କେନ୍ଦ୍ରକରି ଶଙ୍କରବାବୁଙ୍କ ଦୁଇକନ୍ୟା ମଧ୍ୟରେ ଭଲ ପାଇବାର ପ୍ରତିଯୋଗିତା ହୋଇଛି। ବିଦ୍ୱେଷର ସଜନାଗଛ ଓ ଭଜହରିଙ୍କ ଅପପ୍ରଚାରକୁ କେନ୍ଦ୍ରକରି ଶଙ୍କର ବାବୁଙ୍କ ପତ୍ନୀ ନିରୂପମା ନିମେଇବାବୁଙ୍କୁ କେବଳ ଦ୍ୱାର ବନ୍ଦ କରିନାହାନ୍ତି, ନିଜର କନ୍ୟାମାନଙ୍କୁ ମଧ୍ୟ ନିମେଇବାବୁଙ୍କ ଘରକୁ ଯିବାପାଇଁ ବାରଣ କରିଛନ୍ତି। ଶିକ୍ଷକ ନିମେଇବାବୁ ସ୍କୁଲ ପାଣ୍ଠିରୁ ନିଜ ବନ୍ଧୁ ଶଙ୍କରଙ୍କ ଘରତୋଳାରେ ଖର୍ଚ୍ଚର ଭରଣା ପାଇଁ ନିଜ ବଂଶ ମର୍ଯ୍ୟାଦାର ପଦକ ସୁନାବଳାକୁ ଭଜହରିଙ୍କ ନିକଟରେ ବନ୍ଧା ପକାଇଛନ୍ତି। ମାତ୍ର ଅବସ୍ଥା ଚକ୍ରରେ ଏଇ ବଳାଟି ବିକ୍ରୀ ସୂତ୍ରରେ ନିରୂପମାଙ୍କ ହସ୍ତଗତ ହୋଇ ନୃତ୍ୟର ପୁରସ୍କାର ସ୍ୱରୂପ ତାଙ୍କର କନ୍ୟା 'ଶୈଳଜା'ଙ୍କ କରମଣ୍ଡନ କରିଛି। ଶିକ୍ଷକ ନିମେଇବାବୁ ନିଜବନ୍ଧୁ ଶଙ୍କରବାବୁଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ନିଜ ସମ୍ମାନକୁ ବଳି ଦେଇଛନ୍ତି। ବନ୍ଧୁର ଏତାଦୃଶ ନିଷ୍କପଟ ମମତାରେ ପ୍ରୀତ ହୋଇ ଅବସର ପ୍ରାପ୍ତ ପୋଲିସ ଅଫିସର ଓ ତାଙ୍କ ପତ୍ନୀ ନିରୂପମା କନ୍ୟା 'ଶୈଳଜା'କୁ ଘରକୁ ବୋହୂ ଭାବେ ପଠାଇବାକୁ ପ୍ରତିଶ୍ରୁତି ଦେଇ ଉଭୟ ପରିବାର ମଧ୍ୟରେ ସୌହାର୍ଦ୍ଧ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛନ୍ତି।

Digitized by PPRACHIN, SOA

ଆଭିମୁଖ୍ୟ– ସଂଶୟ (ସନ୍ଦେହ) ଉପରେ ପ୍ରତ୍ୟୟ(ବିଶ୍ୱାସ)ର, ଘୃଣା ଉପରେ ପ୍ରେମର ବିଜୟ ପ୍ରତିଷ୍ଠା କରାଯାଇ ନାଟକରେ ଏକ ସନାତନ ମୂଲ୍ୟବୋଧର ଆବାହନ କରାଯାଇଛି ।[୫]

(୬) ଭାଇଭାଉଜ– ନାଟ୍ୟକାର ମିଶ୍ରଙ୍କର ଅନ୍ୟତମ ଅନବଦ୍ୟ ରଚନା । 'ଭାଇ ଭାଉଜ' ୧୯୫୪ ମସିହାରେ ଲିଖିତ ଓ ଅନ୍ନପୂର୍ଣ୍ଣା-ବି'ଗ୍ରୁପ୍ ଦ୍ୱାରା ତା ୧୦-୧-୫୪ ରିଖରେ ପ୍ରଥମେ ଅଭିନୀତ । ଏଥିରେ ଦୁର୍ନୀତିଗ୍ରସ୍ତ ସମାଜର ଚିତ୍ର ରୂପରେଖ ପାଇଛି । କାହାଣୀର ବିସ୍ତାର ଘଟିଛି ତିନିପୁରୁଷ ମଧ୍ୟ ଦେଇ । ପ୍ରଥମ ପୁରୁଷରେ ସଞ୍ଚୟ, ଦ୍ୱିତୀୟ ପୁରୁଷରେ ଭୋଗ ଏବଂ ତୃତୀୟ ପୁରୁଷରେ ଶୂନ୍ୟତା– ଏହି ଆଦିମ ବିଶ୍ୱାସ ଉପରେ ନାଟକଟିର ପ୍ରସ୍ତୁତି । ଏହାର ବଳିଷ୍ଠ କାହାଣୀ, ସଫଳ ନାଟକୀୟତା, ଚାରିତ୍ରିକ ବୈଶିଷ୍ଟ୍ୟ ଏହାକୁ ଅକୁଣ୍ଠିତ ଗୌରବର ଅଧିକାରୀ କରିଛି । ନାଟକର ଚଳଚ୍ଚିତ୍ର ରୂପ ଓ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ହେବାରେ ଏହାର ଲୋକପ୍ରିୟତା ଅନୁମେୟ । ନାରୀର ପତି ପରାୟଣତା, ମା'ର ମମତା, ସ୍ୱାମୀର ସନ୍ଦେହ, ଭାଉଜର ଶ୍ରଦ୍ଧା, ଭାଇର ଭକ୍ତି, ତ୍ୟାଗ ଓ ତିତିକ୍ଷାର ଅପୂର୍ବ ଚିତ୍ରଣ ଏହାକୁ ଆଶାତୀତ ସଫଳତା ଆଣି ଦେଇଛି । ରୁଚିମନ୍ତ, ମାର୍ଜିତ ସଂଳାପ ଓ ଯଥାଯଥ ଚରିତ୍ର ଚିତ୍ରଣ ନାଟକଟିର ସଫଳତାର ଅନ୍ୟତମ କାରଣ ।

ନାଟକଟିରେ ଅଛନ୍ତି ରାମଙ୍କ ପରି ସତ୍ୟନିଷ୍ଠ ମହୀ ପ୍ରଧାନ, ତ୍ୟାଗ ଓ ଆଦର୍ଶର ଚରିତ୍ର ଲକ୍ଷ୍ମଣ ପରି କର୍ମଯୋଗୀ ଭାଇଗ, ସୀତାପରି ଧୈର୍ଯ୍ୟଶୀଳା ଦୁଃଖୀ ଏବଂ ରାବଣ ପରି ଲାଳସାଗ୍ରସ୍ତ ଯୋଗୀ ସାଉକାର । ଏହିସବୁ ଚରିତ୍ରକୁ ନେଇ ସତ୍ୟ ସହିତ ମିଥ୍ୟାର, ତ୍ୟାଗ ସହିତ ଭୋଗର ଆଉ ଆଦର୍ଶ ସହିତ ଅନାଦର୍ଶର ସଂଘର୍ଷ ହୋଇଛି ।

ବିଷୟବସ୍ତୁ– ମହୀ ଓ ଭାଇଗ ଭାଇ ଭାଇ । ଯଦିଓ ଗୋଟିଏ ମା ପେଟରୁ ସେ ଦୁହିଁଙ୍କର ଜନ୍ମର ନୁହେଁ, ତଥାପି ସେ ଏକା ମା ପେଟରୁ ଜାତ ଦୁଇ ଭାଇଙ୍କଠାରୁ ଅଧିକ ଘନିଷ୍ଠତା ଥାଇ ଗୁଜୁରାଣ ମେଣ୍ଟାଇଥାନ୍ତି । ଗାଁର ସାଉକାରଟି ଏମାନଙ୍କ ପରି ମଳିମୁଣ୍ଡିଆ ମୂର୍ଖ ଚଷାଭୂଷାଙ୍କୁ ଠକି ବେଶ୍ ଦୁଇ ପଇସା ହାତ ପଇଠ କରୁଥାଏ, ଟଙ୍କା କରଜ ଦେଇ ହ୍ୟାଣ୍ଡନୋଟ୍ ଲେଖି । ଥରେ ମହୀ ଓ ଭାଇଗଙ୍କୁ ମଧ୍ୟ ତାର ଦ୍ୱାରସ୍ଥ ହେବାକୁ ପଡ଼ିଥିଲା 'ଦୁଃଖୀ' ସହିତ 'ମହୀ'ର ବିବାହବେଳେ ଟଙ୍କା କରଜ ପାଇଁ । ଦୁଃଖୀ ଉପରେ ନଜର ଥାଏ ସାହୁକାରର ପୋଷ୍ୟପୁତ୍ର ଯୋଗୀର । ଥରେ ତୋଟା ଭିତରେ ଦ୍ୱିପ୍ରହରରେ ଯୋଗୀ ଓ ଅଇଁଠା ମେଳ ହାଇ ଦୁଃଖୀକୁ ଟଣା ଓଟାରା କଲାବେଳେ ମହୀ, ଯୋଗୀ ବେକରେ ଗାମୁଛା ପକାଇ କହିଥିଲା ଯେ ଆଉ ଦିନେ ସେପରି ନ କରିବାକୁ । ଏହି ରାଗ ମନେ ରଖିଥାଏ ଯୋଗୀ କିପରି ସୁବିଧା ପଡ଼ିଲେ ଦାଉ ସାଧିବ । ବୁଢ଼ା ସାହୁକାର ମଧ୍ୟ ଏହି କଥାକୁ ଆଖି ଆଗରେ ରଖି ଗୋଟିଏ ଧଳା କାଗଜରେ ମହୀର ଦସ୍ତଖତ ନେଇ ଯାଇ

Digitized by PPRACHIN, SOA

ତାର ବିବାହ କାଳକେ ଟଙ୍କା କରଜ ଦିଏ ମହୀକୁ। କୌଶଳରେ ଯୋଗୀ ବୁଢ଼ା ଠାରୁ ଏହି କାଗଜ ଖଣ୍ଡି ହାତପୈଠ କରିନେଇ ଯନ୍ତାଙ୍କ ଦିନ ରାତି ନ ପାହୁଣୁ ମହୀ ବିଲରେ ହଳ ପୁରାଏ ଓ ଏ ଖବର ପାଇ ମହୀ ବିଲକୁ ଯାଏ ଓ ସେଠାରେ ଗଣ୍ଡଗୋଳ ହୁଏ। ଏହାରି ଭିତରେ ପାଖ ଗାଁରୁ ଯୋଗୀ ସପକ୍ଷରେ ଆସିଥିବା ବାଉରୀମାନଙ୍କ ମଧ୍ୟରୁ କେହି ଜଣେ ବୁଢ଼ା ସାହୁକାର ମୁଣ୍ଡକୁ ପିଟିଦିଏ। ହେଲେ ମହୀ ଖୁନୀ ଆସାମୀ ହୋଇ ଦଶବର୍ଷ ସକାଶେ ଜେଲ ଯାଏ। ଇତି ମଧ୍ୟରେ ଦୁଃଖୀର ଗୋଟିଏ ପୁଅ ଜନ୍ମ ହୁଏ, ନାମ ତାର ଭରତ। ଗଣି ଗଣି ଦଶବର୍ଷ ବହୁ ନିନ୍ଦା ଅପବାଦ ଦୁଃଖକଷ୍ଟ ସହି ଭାଇଗ, ଦୁଃଖୀ ଓ ଭରତ ଗାଁରେ ପଡ଼ି ରୁହନ୍ତି। ଏହା ଭିତରେ ସାନ ସାଉକାର ଯୋଗୀ ଭରତ, ଭାଇଗ ଓ ଦୁଃଖୀ ଉପରେ ଅକଥନୀୟ ଅତ୍ୟାଚାର କରେ। ଏପରିକି ପରିଶେଷରେ ଜେଲ୍‌ରୁ ଫେରିବାପରେ ମହୀକୁ ମଧ୍ୟ ଭୁଲ୍ ଧାରଣା ଦିଏ ଭାଇଗ ଓ ଦୁଃଖୀଙ୍କ ସଂପର୍କ ନେଇ। ଫଳରେ ମହୀ ଦୁଃଖୀ ଓ ଭାଇଗ ଉପରେ ଅବିଶ୍ୱାସ କରେ। ହେଲେ ଭାଇଗ ସବୁ ସହି ଦୁଃଖୀ ଭାଉଜକୁ ପାଖରେ ରଖି ଭରତକୁ ପାଠ ପଢ଼ାଇ ମଣିଷ କରାଏ। ଏଣେ ମହୀ ଜଜ୍‌ଙ୍କ ଘରେ ରହି (ଗାଡ଼ି ଦୁର୍ଘଟଣା ପରେ) ତାଙ୍କ ଝିଅ 'ସବିତା'ର ଯତ୍ନ ନିଏ। ସୁମିତ୍ରାଙ୍କ ଅନିଚ୍ଛାସତ୍ତ୍ୱେ 'ସବିତା' ହୁଏ ଡାକ୍ତରାଣୀ, ଏଣେ 'ଭରତ' ମଧ୍ୟ ହୁଏ ଜଣେ କୃଷି ବିଶାରଦ। ଉଭୟେ ଦୁଃଖୀ ଦରିଦ୍ରଙ୍କ ସେବାରେ ମନୋନିବେଶ କଲା ସମୟରେ ପରସ୍ପର ପ୍ରତି ଆସକ୍ତ ହୋଇ ପଡ଼ନ୍ତି। କିନ୍ତୁ ଯଦିଓ ଏକଥାରେ ଜଜ୍ ରାଜି ଥିଲେ, ସୁମିତ୍ରା କିନ୍ତୁ ଭରତର ସମସ୍ତ ପରିଚୟଟା ନ ଜାଣି ରାଜି ହୋଇ ପାରୁ ନଥିଲେ। ଘଟଣାକ୍ରମେ ଭରତ ସହିତ ମହୀର, ମହୀ ସହ ଦୁଃଖୀର, ଓ ପରିଶେଷରେ ଏମାନଙ୍କ ସହ ଭାଇଗର ମିଳନ ହୋଇଛି। ପରେ ସବିତା, ନିଧି, ଜଜ୍, ସୁମିତ୍ରା ଏମାନଙ୍କ ସହ ମିଳିତ ହୋଇ ଏକ ଆଦର୍ଶ ଗ୍ରାମ ଗଠନରେ ସମସ୍ତେ ଲାଗି ପଡ଼ିଛନ୍ତି। ଯୋଗୀ ନିଜର ଅପକର୍ମ ଯୋଗୁଁ କୋଷବ୍ୟାଧିଗ୍ରସ୍ତ ହୋଇଛି। ଗାଁର ସମସ୍ତେ ତାକୁ ଘୃଣା କରିଛନ୍ତି, ଏପରିକି ତାର ଅତି ଆପଣାର ଅଇଁଠାଖିଆ ଗୋଡ଼ାଣିଆ ଅଇଁଠା ବି ତାକୁ ଶେଷରେ ନପଚାରି ଚାଲି ଗଲା ବେଳେ ସର୍ପ ଦଂଶନରେ ଇହଧାମ ତ୍ୟାଗ କରିଛି। ଇତିମଧ୍ୟରେ ଥରେ ମହୀ, ଭାଇଗ ଖାଇବା ବେଳେ ଯୋଗୀ ଯାଇ ସେଠାରେ ପହଞ୍ଚିଛି ଓ ଦୁଃଖୀ ହାତରୁ ଭାତ ଖାଇଛି ନିଜର ପାପକର୍ମରୁ ଫଳିଥିବା ବ୍ୟାଧିରୁ ମୁକ୍ତି ପାଇବା ପାଇଁ।

ଆଭିମୁଖ୍ୟ—(i)ଆଦର୍ଶବାଦୀ ଜଜ୍ ସାହେବଙ୍କ ସରକାରୀ ଚାକିରୀରୁ ଅବ୍ୟାହତି ନେବା ପ୍ରସଙ୍ଗ ଓ ମାନସିକ ପ୍ରତିକ୍ରିୟା ମଧ୍ୟରେ ଆମ ଦେଶର ନ୍ୟାୟାଳୟଗୁଡ଼ିକ ଯଥାର୍ଥ ନ୍ୟାୟ ଦେବାକୁ କିପରି କ୍ରମେ ଅକ୍ଷମ ହୋଇ ପଡ଼ୁଛନ୍ତି, ତା'ର ସୂଚନା ଦେଇଛନ୍ତି।[୬]
(ii)ଖାଦ୍ୟ ଆଉ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ନଗରର ଶ୍ୱାସରୁଦ୍ଧକାରୀ ପରିବେଶ ତ୍ୟାଗ କରି ପଲ୍ଲୀ କୋଳକୁ ଫେରିଯିବା ନିମନ୍ତେ ଏଥିରେ ଆହ୍ୱାନ ଦିଆଯାଇଛି।[୭]
(iii)ସାନ ସାଉକାର ଯୋଗୀ ଓ ତା'ର ସହଯୋଗୀ ଅଇଁଠାକୁ ନ୍ୟାୟାଳୟ ଦଣ୍ଡଦେବାକୁ ଅକ୍ଷମ ହୋଇଥିବାରୁ ଆଦର୍ଶବାଦୀ ନାଟ୍ୟକାର ସେମାନଙ୍କୁ ଦୈବଦଣ୍ଡର ସମ୍ମୁଖୀନ କରାଇଛନ୍ତି। କର୍ମଫଳର ଭୀଷଣତା ଲକ୍ଷ୍ୟକରି ଯୋଗୀ ସାଉକାରର ପୁତ୍ର ନିଧିର

Digitized by PPRACHIN, SOA

ଯେପରି ହୃଦୟ ପରିବର୍ତ୍ତନ ହୋଇଛି ତାହା ମଧରେ ନାଟ୍ୟକାର ଭବିଷ୍ୟତ ସୁସ୍ଥ ସମାଜର ସୂଚନା ଦେଇଛନ୍ତି ।[୮]

(୭) ମମତା– ୧୯୫୫ ମସିହାରେ ପ୍ରଖ୍ୟାତ ଆଧୁନିକ ନାଟ୍ୟକାର ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ରଙ୍କର ଅନ୍ୟତମ ସଫଳ ଲୋକପ୍ରିୟ ସାମାଜିକ ନାଟକ 'ମମତା' ପ୍ରକାଶ ପାଏ । ତା୨୦-୧୧-୫୫ ରିଖରେ ଅନ୍ନପୂର୍ଣ୍ଣା ବି'ଗ୍ରୁପ୍ ମଞ୍ଚରେ ଅଭିନୀତ ହୋଇଛି ।

ଉତ୍କଳର ଅର୍ଥନୈତିକ ଇତିହାସରେ ଗତ ବନ୍ୟାବିପ୍ଳବ ଯେଉଁ ସମର ଦୁନ୍ଦୁଭି ବଜାଇଥିଲା ତାହାର ମନ୍ଦ୍ରଧ୍ୱନି ମାଧମରେ ନାଟ୍ୟକାର ଉଦାର ମାନବିକତା, ସହନଶୀଳତା, ସଂଗଠନପ୍ରିୟ ସମୂହ କଲ୍ୟାଣ କାମନା ପ୍ରଭୃତିର ଉଦ୍ରେକ କରିବାକୁ ଚେଷ୍ଟା କରିଛନ୍ତି ଏବଂ ସଫଳକାମ ମଧ ହୋଇଛନ୍ତି ।

ବିଷୟବସ୍ତୁ– ସମାଜସେବୀ ସାନପୁଅ ମାଧବର ବିବାହ ପରେ ମଝିଆଁ ପୁଅ ଓକିଲ 'ପ୍ରବୋଧ'ର ସମ୍ଭୋଗ ଲାଳସୀ ମନ ଶ୍ୱଶୁର ବାଉରୀବନ୍ଧୁ ଓ ପତ୍ନୀ ମାୟାର ପ୍ରରୋଚନାରେ ଆତ୍ମସୁଖ ପାଇଁ ପିତାମାତା, ଭାଇ ଓ ପୁତୁରାର ସ୍ନେହ ମମତାକୁ ଏଡ଼ିଦେଇ ବୃଦ୍ଧ ଯାଦବବାବୁଙ୍କ ପରିବାରରେ ଯେଉଁ ଝଡ଼ ସୃଷ୍ଟି କରିଛି ତାର ବାସ୍ତବ ଚିତ୍ରକୁ ନେଇ 'ମମତା' ନାଟକ ରଚିତ । ଯାଦବବାବୁଙ୍କ ସାନପୁଅ ମାଧବ ୧୯୪୧ ମସିହା ଭାରତଛାଡ଼ ଆନ୍ଦୋଳନରେ ଶହୀଦ ହୋଇଥିବା ବଡ଼ ଭାଇ ବିପ୍ଳବୀ ସୁବୋଧର ଆଦର୍ଶରେ ଅନୁପ୍ରାଣିତ । ଶିକ୍ଷା ସମାପ୍ତି ପରେ ଗ୍ରାମର ନାଇଟ୍ ସ୍କୁଲର ଅବୈତନିକ ଶିକ୍ଷକ ଭାବେ କର୍ମ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ସେବାରେ ନିଜକୁ ନିୟୋଜିତ କରିବା ବ୍ରତ ଗ୍ରହଣ କରିଛି ମାଧବ । ମାତ୍ର ମଝିଆଁ ଭାଇ ପ୍ରବୋଧ 'ଆଗ ଘରକଥା, ପରେ ପରକଥା, ତାପରେ ଦେଶକଥା' କହି ସେବାବ୍ରତର ବିରୋଧ କରିଛି ଏବଂ ଏକ ନିଶ୍ଚିତ ଆୟର ପନ୍ଥା ଧରିବାକୁ ମାଧବକୁ, ନିର୍ଦ୍ଦେଶ ଦେଇଛି । ମାତ୍ର ମାଧବ 'ସ୍ୱାର୍ଥପର ପରି ନିଜେ ବଞ୍ଚିବାରେ ମହତ୍ତ୍ୱ ନାହିଁ, ଅଛି ଅନ୍ୟମାନଙ୍କୁ ବଞ୍ଚାଇ ନିଜେ ବଞ୍ଚିବାରେ' ଏହି ଆଦର୍ଶରେ ଅନୁପ୍ରାଣିତ । ଫଳରେ ଭାଇ ଭାଇ ମଧରେ ସୃଷ୍ଟି ହୋଇଛି ଆଦର୍ଶଗତ ଦ୍ୱନ୍ଦ୍ୱ । ଆଦର୍ଶଗତ ଦ୍ୱନ୍ଦ୍ୱ ପରିଣତି ହୋଇଛି ବ୍ୟକ୍ତିଗତ ମନୋମାଳିନ୍ୟରେ । ବ୍ୟକ୍ତିଗତ ମନୋମାଳିନ୍ୟ ଶେଷରେ ଏହିପରି ସ୍ତରରେ ପହଞ୍ଚିଛି ଯେତେବେଳେ ପ୍ରବୋଧ ସାନଭାଇ ମାଧବ ଉଦ୍ଦେଶ୍ୟରେ ବନ୍ଧୁକ ଉତ୍ତୋଳନ କରିଛି । ମାୟାର ହାରଚୋରୀ ବ୍ୟାପାରରେ ପ୍ରବୋଧ ନିଜ ପୁତୁରା ସୁବାସକୁ ଦୋଷୀ ସାବ୍ୟସ୍ତ କରି ଭୀଷଣ ପ୍ରହାର କରିବା ଫଳରେ ସୁବାସ ଘରଛାଡ଼ି ଚାଲି ଯାଇଛି । ପରେ ଶାଳକ କାହ୍ନୁ ହାର ଚୋରିକରିଥିବା ଜାଣି ଏବଂ ବିଧବା ଭାଉଜ ଓ ସାନଭାଇ ମାଧବର ପୁତ୍ର ସୁବାସ ପାଇଁ ମାନସିକ ଅସ୍ଥିରତା ଅନୁଭବ କରି ତାର ହୃଦୟରେ ପରିବର୍ତ୍ତନ ଆସିଛି । ଶ୍ୱଶୁର ବାଉରୀବନ୍ଧୁ ବନ୍ୟାପାଣ୍ଠି ତୋଷରପାତ କରିବା ଦୋଷରେ ଆଇନର ସମ୍ମୁଖୀନ ହୋଇଛନ୍ତି । ପ୍ରବୋଧ ନିଜର ଭୁଲ୍ ବୁଝି ପାରିଛି ଏବଂ ବାପା, ମା, ଭାଇ ଓ ଭାଉଜଙ୍କ ଅକପଟ ସ୍ନେହ ମମତା ନିକଟରେ ତାର ସମ୍ଭୋଗ

Digitized by PPRACHIN, SOA

ଲାଳସା ମଣିଷକୁ କିପରି ଅନ୍ଧ କରିଦିଏ ଏବଂ ପରିବାରର ଅକପଟ ସ୍ନେହ ମମତାରେ କିପରି ପ୍ରକୃତ ସୁଖ ନିହିତ ତାହା ନାଟ୍ୟକାର ଆଲୋଚ୍ୟ ନାଟକଟିରେ ପରିବେଷଣ କରିଛନ୍ତି। ଓଡ଼ିଶାର ବନ୍ୟା ସମସ୍ୟା ଏବଂ ସାନପୁଅ ମାଧବ ଓ ତାର ସ୍ତ୍ରୀ ବାସନ୍ତୀର ଆଦର୍ଶ ସେବାଧର୍ମ ନାଟକର ଶିଳ୍ପୀଶକୁ ଅଧିକ ପ୍ରଭାପ ଶାଳୀ କରିଛି।

ଆଭିମୁଖ୍ୟ– ସନ୍ଦେହ, ଅବିଶ୍ୱାସ ଓ ସାର୍ଥପରତା ସହିତ ପ୍ରତ୍ୟୟ, ବିଶ୍ୱାସ ଏବଂ ଉଦାରତାର ଏକ ସମାନ୍ତରାଳ ଚିତ୍ରଣ ଏଥିରେ ଅଙ୍କିତ ହୋଇଛି। ବାସ୍ତବତା ଉପରେ ଆଦର୍ଶବାଦର ବିଜୟ ପ୍ରତିଷ୍ଠା ହିଁ ନାଟ୍ୟକାରଙ୍କ ଲକ୍ଷ୍ୟ।[୯]

(୮) ସେବିକା– ପ୍ରଣୟିନୀ ଓ ପରିଣୀତାର ମାନସିକ ଦ୍ୱନ୍ଦ୍ୱ ଭିତରେ 'ସେବିକା' ନାଟକଟି ରଚିତ। 'ଅନ୍ନପୂର୍ଣ୍ଣା ବି'ଗ୍ରୁପ୍' ଦ୍ୱାରା ତା୪-୫-୫୫ରିଖରେ ଅଭିନୀତ ହୋଇ ପରେ ପ୍ରକାଶ ପାଏ। ଏଥିରେ ନାଟ୍ୟକାର ନାରୀର ସମ୍ଭୋଗଲାଳସା ମନର ଶୋଚନୀୟ ପରିଣତିର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗୋଟିଏ ଅନ୍ଧ ଓ ତାର ପତ୍ନୀ-ଗଳ୍ପାଂଶ ପରିବେଷଣରେ ଆଦର୍ଶ ନାରୀଧର୍ମ ଓ ସଂସାରଧର୍ମର ପ୍ରତିଷ୍ଠା କରିଛନ୍ତି। ଆଦର୍ଶବାଦୀ ବିକାଶ ଓ ବାସ୍ତବବାଦିନୀ ଜୟନ୍ତୀର ମାନସିକ ଦ୍ୱନ୍ଦ୍ୱର ସଫଳ ରୂପାୟନ ନାଟକଟିକୁ ଏକ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରିପାରିଛି।

ବିଷୟବସ୍ତୁ– ବାଳକୃଷ୍ଣ ବାବୁଙ୍କ ଯୁବତୀ କନ୍ୟା ଜୟନ୍ତୀ ସମୁଦ୍ରରେ ବୁଡ଼ି ଯାଉଥିବା ସମୟରେ ଅଧ୍ୟାପକ ବିକାଶ ଚୌଧୁରୀ ନିଜ ଜୀବନକୁ ବିପଦାପନ୍ନ କରି ଉଦ୍ଧାର କରିଛନ୍ତି। ଫଳରେ ଉଭୟଙ୍କର ଘନିଷ୍ଠତା ବଢ଼ିଛି, କିନ୍ତୁ ପରେ ଗବେଷଣାଗାରରେ ଆକସ୍ମିକ ଦୁର୍ଘଟଣାରେ ବିକାଶର ଅନ୍ଧତ୍ୱ, ଜୟନ୍ତୀର ଏକ ଚକ୍ଷୁ ବିଷାରଦଙ୍କ ସହିତ ବିବାହ ପରେ ତାଙ୍କରି ଚିକିତ୍ସାଧୀନ ବିକାଶ ସହିତ ଜୟନ୍ତୀର ସାକ୍ଷାତ। ବିକାଶର ବାପା ଗଗନବିହାରୀ ଚୌଧୁରୀଙ୍କ ଉଚ୍ଚ ଆଶା ଓ ମମତାମୟୀ ମାତାଙ୍କର ଅସ୍ଥିରତା ଲକ୍ଷ୍ୟ କରି ଡକ୍ଟର ଦାସ ବିକାଶର ସେବା ଶୁଶ୍ରୁଷାର ଭାର ନିଜ ପତ୍ନୀ ଜୟନ୍ତୀ ଉପରେ ନ୍ୟସ୍ତ କରନ୍ତି। ଏହାପରେ ଅଧ୍ୟାପକ ବିକାଶ ଓ ପରିଣୀତା ଜୟନ୍ତୀଙ୍କ ମାନସିକ ଦ୍ୱନ୍ଦ୍ୱର ପ୍ରକାଶ କରାଯାଇଛି ନାଟକଟିରେ। ବିଶେଷତଃ ପ୍ରଣୟିନୀ ଜୟନ୍ତୀ ଓ ପରିଣୀତା ଜୟନ୍ତୀ ମନର ଦ୍ୱୈତରୂପ ପ୍ରକାଶ ଏବଂ ମାନସିକ ଅସୁସ୍ଥତାର ରୂପାୟନ ଏତେ ପ୍ରଭାବଶାଳୀ ହୋଇଛି ଯେ, ତାହା ଯେକୌଣସି ପାଠକ ଓ ଦର୍ଶକଙ୍କୁ ଅଭିଭୂତ କରିବ।

ଆଭିମୁଖ୍ୟ– ଆଦର୍ଶବାଦୀତା ହେଉଛି ନାଟ୍ୟକାର ମିଶ୍ରଙ୍କ ସୃଷ୍ଟିଭୂମିର ସବୁଠାରୁ ବଳିଷ୍ଠ ଫସଲ।...ବଧୂ ଆଉ ପ୍ରଣୟିନୀ ଜୟନ୍ତୀ ମଧ୍ୟରୁ ବାହାରି ଆସିଛି ନାରୀର ଚିରନ୍ତନ ସେବିକା ରୂପଟି ଯାହାର କୌଣସି ଜାତି ନାହିଁ କି ଧର୍ମ ନାହିଁ।[୧୦]

(୯) ଚାବୁକ୍– ନାଟକଟିର ପ୍ରଥମ ଅଭିନୟ ହୁଏ ତା୯-୨-୫୮ରିଖରେ ଅନ୍ନପୂର୍ଣ୍ଣା ବି'ଗ୍ରୁପରେ। ଏହା ଏକ ଦୁର୍ନୀତିଗ୍ରସ୍ତ ପାରିବାରିକ ଚିତ୍ର ସମ୍ବଳିତ ନାଟକ।

Digitized by PPRACHIN, SOA

ବିଷୟବସ୍ତୁ– ଏକ ଭାବପ୍ରବଣ ମୁହୂର୍ତ୍ତରେ ଶତ୍ରୁଘ୍ନ ବଳୀୟାର ସିଂ ମୃତ ପାଇକରାୟଙ୍କ ନିକଟରେ ସତ୍ୟ କରିଥିଲେ ତାଙ୍କ ଝିଅ 'କନକ' ସହିତ ନିଜପୁତ୍ର 'ଜୟନ୍ତ'ର ବିବାହ ଦେବେ। ମାତ୍ର ଜୟନ୍ତ ଦାସ ସାହେବଙ୍କ ଝିଅ 'ତନୁଜା' ପ୍ରତି ଆକୃଷ୍ଟ ହୁଏ। ବଳିୟାର ସିଂ କିନ୍ତୁ ସତ୍ୟର ଅପଲାପ କରିବାକୁ ଚାହାନ୍ତି ନାହିଁ। ଦାସ ସାହେବଙ୍କ ଚକ୍ରାନ୍ତରେ ଜୟନ୍ତ କେଉଁଠାରେ ଚାକିରୀ ପାଏନାହିଁ। ଏଣେ କନକ ମଧ ଗ୍ରାମ ଛାଡ଼ି ସହରକୁ ଆସେ। ଜୟନ୍ତ ସଂପାଦିତ 'ଚାବୁକ୍' ସମ୍ବାଦପତ୍ର ଦାସ ସାହେବଙ୍କ କୁକୀର୍ତ୍ତି ବିସ୍ତୃତଭାବେ ପ୍ରକାଶ କରେ। ଦାସ ସାହେବଙ୍କ ପ୍ରେରିତ ଗୁଣ୍ଡା ହାତରେ ଜୟନ୍ତ ଆହତ ହୁଏ। ଏହାପରେ ପିତା ସହିତ ପୁତ୍ରର ଓ ସ୍ତ୍ରୀ ସହିତ ସ୍ୱାମୀର ମିଳନ ଘଟେ ଏବଂ ଏକ ଆଦର୍ଶ ସମାଜ ଗଠନର ସୂଚନା 'ମୈତ୍ରୀମହଲ' ସାହାଯ୍ୟରେ ଦିଆଯାଇ ନାଟକଟିର ସମାପ୍ତି ଘଟେ।

ଆଭିମୁଖ୍ୟ– ବଚନ ବଦ୍ଧ ବ୍ୟକ୍ତି ଜୀବନ କାଳ ମଧରେ ଶତ ସହସ୍ର ଝଡ଼ଝଞ୍ଜା ଆସିଲେ ମଧ ସେ ତାର ସତ୍ୟ ଭ୍ରଷ୍ଟ କରି ନଥାଏ।

(୧୦) ପୁଆଣି ଘର– ନାଟକର ଅଭିନୟ ତା୩୦-୫-୬୨ ରିଖରେ 'ଅନ୍ନପୂର୍ଣ୍ଣା-ଏଗ୍ରୁପ୍' ଦ୍ୱାରା ପ୍ରଥମେ ମଞ୍ଚସ୍ଥ ହୁଏ। ଏହା ଏକ ଦୁର୍ନୀତିଗ୍ରସ୍ତ ପଲ୍ଲୀ ଜୀବନର ଚିତ୍ର। ଆଧୁନିକ ସମାଜରେ ନାରୀ ନିଜର ମର୍ଯ୍ୟାଦା ନିଜେ ରକ୍ଷା କରିବାକୁ ସକ୍ଷମ ନହେଲେ ନିଜକୁ ପ୍ରତିଷ୍ଠା କରି ପାରିବ ନାହିଁ। ଏଇ ଆଦର୍ଶକୁ ସୁନା ଓ ବାଣୀ ଚରିତ୍ର ମାଧମରେ ନାଟ୍ୟକାର ମିଶ୍ର ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି।

ବିଷୟବସ୍ତୁ– ନଷ୍ଟ ଚରିତ୍ର ନବଘନ ହୀନ ଉପାୟରେ ଅର୍ଥ ଉପାର୍ଜ୍ଜନ କରିବା ପାଇଁ ପଲ୍ଲୀବାଳା ଚନ୍ଦ୍ରା, ତାରା ଓ ଶଶୀକୁ ଲୋକ ଦେଖାଣିଆ ବିବାହ କରି ମହେଶ ବାବୁଙ୍କ ପ୍ରରୋଚନାରେ କଲିକତା ନେଇ ଯାଇଛି। ଶେଷରେ ବିଧବା ସୁନାର ବାଳ୍ୟବନ୍ଧୁ ପୁନିକୁ କଲିକତା ନେବାପାଇଁ ଅପଚେଷ୍ଟା କରୁଥିବା ସମୟରେ ସୁନା ନିଜ ପୁଅ ମାଧବ ସହିତ ପୁନିର ବିବାହ ସମ୍ପନ୍ନ କରି ନବଘନର ସମସ୍ତ ଚକ୍ରାନ୍ତକୁ ପଣ୍ଡ କରି ଦେଇଛି। ଗ୍ରାମ ଯୁବକ ଶଙ୍କରର ପ୍ରରୋଚନାରେ ମାଧବ ନିଜମାତା ଓ ପତ୍ନୀଙ୍କର ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନ କରି ଅଭିମାନରେ ଘରଛାଡ଼ି ଶଙ୍କର ସହିତ କଲିକତା ଯାଇଛି ଏବଂ ସେଠାରେ ନବଘନ ଓ ମହେଶ ରାୟଙ୍କ କୌଶଳରେ ଦିନ ମଜୁରିଆ ଭାବେ ଜୀବନ କଟାଇଛି। ଏଣେ ସୁନାର ସଂସାରରେ ସୃଷ୍ଟି ହୋଇଛି ବିପର୍ଯ୍ୟୟ। ଏଇ ଅବସରରେ ନବଘନ ଗ୍ରାମକୁ ଆସି ମାଧବର ଚରିତ୍ର ସଂପର୍କରେ ଅପପ୍ରଚାର କରି ସୁନାର ବିଶ୍ୱାସଭାଜନ ହୋଇଛି ଓ ପୁନିକୁ ମାଧବ ସହିତ ଭେଟ କରାଇଦେବ ବୋଲି ତାକୁ କଲିକତା ନେବାକୁ ଚେଷ୍ଟା କରିଛି। ମାତ୍ର ସୁନା ତାକୁ ଭତ୍ସନା କରି ତଡ଼ି ଦେଇଛି। କଲିକତାରେ ଶଶୀ, ନବଘନ ଓ ମହେଶରାୟଙ୍କ ସମସ୍ତ ଚକ୍ରାନ୍ତରେ ଉପେକ୍ଷିତା ଚନ୍ଦ୍ରା ଓ ତାରା ଠାରୁ ସବୁ ଜାଣି ପାରି ସଚେତନ ହୋଇଛି ଏବଂ ଯଥା ସମୟରେ ନିଜର ମର୍ଯ୍ୟାଦା ରକ୍ଷା କରିବାକୁ ସକ୍ଷମ ହୋଇ ପାରିଛି। ପରିସ୍ଥିତିର ଚାପାରେ ନବଘନ ଶଶୀର ପାଣିଗ୍ରହଣ କରିଛି ଏବଂ ତାର ହୃଦୟ ପରିବର୍ତ୍ତନ ହୋଇଛି। ଶେଷରେ ପୁନି ସହିତ ମାଧବର ପୁନଃର୍ମିଳନ ହୋଇଛି।

Digitized by PPRACHIN, SOA

ଆଭିମୁଖ୍ୟ– ଚକ୍ରାନ୍ତ, ସନ୍ଦେହ, ଅବିଶ୍ୱାସ ଆଉ ଲାମ୍ପଟ୍ୟ ସହିତ ସହନଶୀଳତା, ପ୍ରଣୟ, ସ୍ନେହ, ମମତା ଏବଂ ଚରିତ୍ରବତ୍ତାର ଭିତ୍ତିଭୂମି ଉପରେ ଗଢ଼ିଉଠିଛି 'ପୁଅଆଣିଘର' ନାଟକ ।[୧୧]

(୧୧) ମ୍ୟାନେଜର– ଏହି ନାଟକଟି 'ଅନ୍ନପୂର୍ଣ୍ଣା-ବିଗ୍ରୁପ୍' ଦ୍ୱାରା ମଞ୍ଚସ୍ଥ ହୋଇ ସାରିବା ପରେ ୧୯୬୮ ମସିହାରେ ଆମ୍ଭ ପ୍ରକାଶ କରିଛି। ନାଟକଟିର ଆରମ୍ଭ ହୋଇଛି ଏକ ପାରିବାରିକ ସତ୍ୟ ଉପରେ ।
ବିଷୟବସ୍ତୁ– ଜମିଦାର ବୈକୁଣ୍ଠନାଥ, ନିଜର ଏକମାତ୍ର କନ୍ୟା ସୁଷମା ନିମନ୍ତେ ନିଜ ପର ଲୋକଗତା ସ୍ତ୍ରୀଙ୍କ ମନୋନୀତ ପାତ୍ର ସୁରେନ୍ଦ୍ରକୁ ଅସ୍ୱୀକାର କରି ନିଜେ ପାଳିଥିବା ପ୍ରତାପ ନାମକ ଜଣେ ଅଜ୍ଞତାକୁଶଳ ଯୁବକକୁ ମନୋନୀତ କରନ୍ତି। ପ୍ରତାପ କିନ୍ତୁ ଯଥାର୍ଥରେ ଜଣେ ଲମ୍ପଟ ଆଉ ଅତ୍ୟାଚାରୀ ରୂପେ ଖୁବ୍ ଶୀଘ୍ର ପରିଚିତ ହୋଇଯାଏ। ଆଦର୍ଶବାଦୀ ସୁରେନ୍ଦ୍ର ସହିତ ତାହାର ମାନସିକ ସଂଘର୍ଷ ଅଚିରେ ଗୁରୁତର ଆକାର ଧାରଣ କରେ। କେବଳ ସୁରେନ୍ଦ୍ର ଉପରେ ପ୍ରତିଶୋଧ ନେବା ପାଇଁ ପ୍ରତାପ ତା'ର ଭଉଣୀ କୁସୁମକୁ ଅପହରଣ କରି ନେଇ କଲିକତା ପଠାଇ ଦେବାର ଚକ୍ରାନ୍ତ କରେ ଏବଂ ଏଣେ ସୁଷମା ସହିତ ବିବାହର ଆୟୋଜନରେ ଲାଗେ। ବିବାହ କିନ୍ତୁ ହୋଇ ପାରେ ନାହିଁ। ଗନ୍ଧର୍ବର ପ୍ରଚେଷ୍ଟାରେ ପ୍ରତାପର ସମସ୍ତ ଚକ୍ରାନ୍ତ ବାହାରେ ପ୍ରକାଶିତ ହୋଇଯାଏ। ଶେଷରେ ପ୍ରତାପ ସହିତ କୁସୁମର ଓ ସୁରେନ୍ଦ୍ର ସହିତ ସୁଷମାର ବିବାହରେ ନାଟକଟି ଶେଷ ହୁଏ।
ଆଭିମୁଖ୍ୟ– ମାନବିକତାର ପ୍ରତିଷ୍ଠା ହେଉଛି ନାଟକଟିର ମୂଳଲକ୍ଷ୍ୟ।... ମାନବିକତା ସହିତ ଅମାନବିକତାର ସଂଘର୍ଷରେ ଆଦର୍ଶବାଦର ବିଜୟ ପ୍ରତିଷ୍ଠା ।[୧୨]

(୧୨) ଗୋଧୂଳିଲଗ୍ନ– ଏହି ନାଟକଟିର ପ୍ରଥମ ନାମ ଥିଲା 'ଅସ୍ତରାଗ'। ଏହା ୧୯୫୪ ମସିହାରେ S.C.B.Medical College, Cuttackର ନାଟ୍ୟ ସଂସ୍ଥା ଦ୍ୱାରା ପ୍ରଥମେ ମଞ୍ଚସ୍ଥ ହୋଇଥିଲା। ପରେ ଏହାର ନାମକୁ 'ଗୋଧୂଳି ଲଗ୍ନ' ନାମରେ ନାମିତ କରାଯାଇ ୧୯୬୮ ମସିହାରେ ଛପାଗଲା।

ଏହାର ଉପଜୀବ୍ୟ ହେଲା, ଜୀବନ ଯାତ୍ରାରେ ଖଣ୍ଡିଏ ବିଶ୍ୱ ବିଦ୍ୟାଳୟର ଡିଗ୍ରୀର ଖଣ୍ଡେ ଛିଣ୍ଡା କାଗଜ ଠାରୁ ମୂଲ୍ୟହୀନ। ଏହାର କଳାତ୍ମକ ରୂପ 'ଗୋଧୂଳି ଲଗ୍ନ' ହତ୍ୟା, ଚକ୍ରାନ୍ତ ବ୍ୟର୍ଥତା ପରିପୂର୍ଣ୍ଣ ଏହି ନାଟକଟିରେ ବିଂଶ ଶତାବ୍ଦୀର ପୁଞ୍ଜିଭୂତ ବେଦନା ପ୍ରମୂର୍ତ୍ତ ହୋଇଛି।
ବିଷୟବସ୍ତୁ– କିରାଣୀ ସଦାନନ୍ଦ ବାବୁ ସହରରେ ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ (ସୁବାଷ) ଓ ଗୋଟିଏ ଝିଅ (ରମା)କୁ ନେଇ ଭଡ଼ା ଘରେ (ବ୍ୟବସାୟୀ ଦୀନବନ୍ଧୁ ବାବୁ) ରହୁଥାନ୍ତି। ସେ ତାଙ୍କର ଉପାର୍ଜିତ ଅର୍ଥରେ ପୁଅଟିକୁ M.A. First class first କରି ପାରିଛନ୍ତି, ହେଲେ ସେ ଚାକିରୀ କରିପାରି ନାହିଁ। ଏହି ପୁଅର ପାଠ ପଢାଇବା

Digitized by PPRACHIN, SOA

ପାଇଁ ଏବଂ ସ୍ତ୍ରୀ ପୋଡ଼ିଯାଇ ପଡ଼ିଲାବେଳେ ଔଷଧ ପାଇଁ ସଦାନନ୍ଦ ବାବୁ ଦୀନବନ୍ଧୁଙ୍କ ଠାରୁ କିଛି କିଛି ଟଙ୍କା ଧାର ଆଣିଥିଲେ। ଅସୁବିଧାରେ ପଡ଼ି ସଦାନନ୍ଦବାବୁ ତାକୁ ପରିଶୋଧ କରିପାରି ନଥିଲେ। ଏଣେ ଦୀନବନ୍ଧୁ ବାବୁ ନିଜ ଝିଅ ସୁଷମାକୁ ସୁବାଷ ସହିତ ବିବାହ ଦେବାକୁ ଇଚ୍ଛାକରି ଏହି ଟଙ୍କା ଅସୁଲ କରିବେ ଏବଂ ସେମାନଙ୍କୁ ତାଙ୍କ ଭଡ଼ା ଘରୁ ଉଠାଇ ଦେବେ। ମା'ଙ୍କର ଶୁଦ୍ଧ କ୍ରିୟା ପାଇଁ ଟଙ୍କା ଯୋଗାଡ଼ କରିବାକୁ ଯାଇ ସୁବାଷ ଦୀନବନ୍ଧୁଙ୍କ ପାଖରେ ତାଙ୍କ ମାଆର ସମସ୍ତ ଅଳଙ୍କାର ଦେଇ କିଛି ଟଙ୍କା ପାଇଲେ, ହେଲେ ଏହି ଅଳଙ୍କାରକୁ ଏକ ହଜାର ଟଙ୍କାରେ ଦୀନବନ୍ଧୁ ବାବୁ ମି: ପଟ୍ଟନାୟକଙ୍କ ଝିଅ ବାସନ୍ତୀକୁ ଦେଇ ଦେଲେ। ବାସନ୍ତୀର ଚିତ୍ତରେ ସୁବାଷ। ସୁବାଷକୁ ବାସନ୍ତୀ ଓ ବାସନ୍ତୀକୁ ସୁବାଷ ଭଲ ପାଆନ୍ତି। ହେଲେ ଏହା ମି: ପଟ୍ଟନାୟକଙ୍କୁ (ଧନୀ, ବଡ଼ ବ୍ୟବସାୟୀ, ମିଲ୍ ମାଲିକ ପସନ୍ଦ ନ ହେବାରୁ ପ୍ରଥମେ ଅପମାନିତ କରି ସେ ସୁବାଷକୁ ତଡ଼ି ଦେଇଥିଲେ। ଏଣେ ରମାକୁ ଡାକ୍ତର ଗିରୀଶ (ସୁବାଷର ବନ୍ଧୁ) ଭଲ ପାଏ ଏବଂ ରମା ମଧ ଗିରୀଶକୁ। ସୁବାଷର ମାଆ ପୋଡ଼ି ହୋଇ ମଲାପରେ ସଦାନନ୍ଦବାବୁ ବେମାର ପଡ଼ିଲେ ଓ ଏମାନଙ୍କ ଜୀବନଯାପନ କଷ୍ଟମୟ ହେବାକୁ ଲାଗିଲା। ଅଭାବରେ ପଡ଼ି ଦିନେ ରମା ତାର ହାତ ସୁନା ଚୁଡ଼ିକୁ ଗିରୀଶକୁ ବିକ୍ରୀ କରିବାକୁ ଦେଇଥିଲା, ହେଲେ ସେ ତାକୁ ନ ବିକି କିଛି ଦିନ ପରେ ସେ ଦୁଇଟି ଓ ଆଉ ନୂଆ ଦୁଇଟି ଆଣି ରମାକୁ ଦେଲାବେଳେ ସୁବାଷ ତାହା ଦେଖି ଗିରୀଶକୁ ଅପମାନିତ କରିଛି। ହେଲେ ଏପରି ଭାବରେ ରମା ଓ ଗିରୀଶ ଦୁହେଁ ପରସ୍ପରଠାରୁ ବିଚ୍ଛେଦ ହୋଇ ରହିବାରେ ରମା ରୋଗଶଯ୍ୟାରେ ପଡ଼ିଛି ଓ ଗିରୀଶ ତାଙ୍କ ଘରକୁ ଆସି ନାହିଁ। କିନ୍ତୁ ପରିଣାମରେ ରମା ମରିଛି। ଯେତେବେଳେ ସୁବାଷ ତାର ଭୁଲ୍ ବୁଝି ପାରିଛି। ତେଣେ ଦୀନବନ୍ଧୁ ବାବୁ ସଦାନନ୍ଦବାବୁଙ୍କ ଠାରୁ ସମସ୍ତ ସଂପର୍କ ତୁଟାଇଛନ୍ତି ସେମାନଙ୍କୁ ଘରୁ ତଡ଼ି ଦେଇ। ପୁଣି ମି: ପଟ୍ଟନାୟକଙ୍କଠାରୁ ନିରାଶ ହୋଇ ଫେରିଛନ୍ତି ପୁଅ ପ୍ରଫୁଲ୍ଲର ବିବାହ ପ୍ରସ୍ତାବ ବାସନ୍ତୀ ସହିତ କରିବାକୁ ଯାଇ ସମୟକ୍ରମେ ମିଲ୍ ଶ୍ରମିକ ଧର୍ମଘଟ କରିଛନ୍ତି। ମି. ପଟ୍ଟନାୟକଙ୍କୁ ଛାଡ଼ି ଅନ୍ୟାନ ସମସ୍ତ ଅଂଶୀଦାର ସେମାନଙ୍କର ଅଂଶ ଦୀନବଂଧୁଙ୍କୁ ବିକ୍ରୀ କରି ଦେଇଛନ୍ତି (୧୦ଭାଗ)। ଆଉ ୬ ଭାଗ ସେୟାର ମି: ପଟ୍ଟନାୟକଙ୍କର। ଏହା ଭିତରେ ସୁବାଷ ମିଲ୍ କାର୍ଯ୍ୟରେ ନିଯୁକ୍ତି ପାଇ ମଧ ଧର୍ମଘଟକୁ ସମ୍ଭାଳି ନ ପାରି ଚାଲି ଯାଇଛି ଓ ପରେ ଦୀନବଂଧୁ ଆସିଛନ୍ତି ତାଙ୍କର ପୂର୍ବ ଲକ୍ଷ୍ୟ ହାସଲ କରିବାକୁ। ମି: ପଟ୍ଟନାୟକ ଏଥିରେ ରାଜି ହୋଇ ପରେ ଆତ୍ମହତ୍ୟା କରିଛନ୍ତି। ଶେଷରେ ବାସନ୍ତୀ ସୁବାଷଙ୍କ ଘରକୁ ଯାଇ ରହିଛି।

ଆଭିମୁଖ୍ୟ— ବିଶ୍ୱ ବିଦ୍ୟାଳୟ ସର୍ବୋଚ୍ଚ ଡ଼ିଗ୍ରୀଧାରୀ ଜୀବନରେ ପରାଜୟର ବେଦନା, ବିଂଶ ଶତକର ଦୁରାରୋଗ୍ୟ Complex (ବ୍ୟାଧି)।[୧୩]

(୧୩) ନରୋତ୍ତମ ଦାସ କହେ— ୧୯୬୯ ମସିହାରେ ଲିଖିତ ଓ ପ୍ରକାଶିତ ସାମାଜିକ ନାଟକ 'ନରୋତ୍ତମ ଦାସ କହେ' ସଂପୂର୍ଣ୍ଣ ନୂତନ ସ୍ୱାଦ ଓ ଭିନ୍ନ ଶୈଳୀର

Digitized by PPRACHIN, SOA

ଅର୍ଥାତ୍ ବ୍ୟଙ୍ଗଧର୍ମୀ ନାଟକ। 'ଅନ୍ନପୂର୍ଣ୍ଣା-ଏ ଗ୍ରୁପ୍' ଦ୍ୱାରା ଏହା ପ୍ରଥମେ ଅଭିନୀତ। ମୁଖବନ୍ଧରେ ନାଟ୍ୟକାର ଶ୍ରୀମିଶ୍ର ଲେଖିଛନ୍ତି "ମୋର ଯାହା କହିବାର କଥା, ତାହା ନରୋତ୍ତମ ଦାସ କହୁଥିବାରୁ ମୁଁ ନୀରବ ରହିଲି।"

ବର୍ତ୍ତମାନ ସମାଜରେ ଦୁର୍ନୀତି ଯେପରି ପ୍ରଚ୍ଛନ୍ନ ବିସ୍ତାର କରିଛି, ତାହାର ଏକ ସଫଳ ଆଲେଖ୍ୟ ଏଥିରେ ଦେଇଛନ୍ତି ନାଟ୍ୟକାର। ଦୁର୍ନୀତିର ପଥରୁଦ୍ଧ କରିବା ଲାଗି ସରକାରୀ ଓ ବେସରକାରୀ ସ୍ତରରେ ସବୁପ୍ରକାର ଉଦ୍ୟମ ହେଉଛି ସତ; କିନ୍ତୁ ତାହା ଦୁର୍ନିବାର ଗତିରେ ଆଗେଇ ଚାଲିଛି। ଏହି ଦୁର୍ନୀତିକୁ ନାଟ୍ୟକାର ତ୍ରିମୁଖୀ ପ୍ରତିନିଧିମୂଳକ ଚରିତ୍ର ଯଥା:—ମି: ଦାସ, ଲାଞ୍ଚଖୋର ଶାସକଗୋଷ୍ଠୀର, ଯାଦବ ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ ଗୋଷ୍ଠୀର ତଥା ମାଧବ ଧୂର୍ତ୍ତ ରାଜନୈତିକ ଗୋଷ୍ଠୀର ଦରିଆରେ ସାମ୍ପ୍ରତିକ କାଳର ସମସ୍ତ ପ୍ରକାର ସାମାଜିକ ବ୍ୟାଧିକୁ ନାଟକରେ ଏକତ୍ରୀତ କରିଛନ୍ତି।

ବିଷୟବସ୍ତୁ— ଅବସର ପ୍ରାପ୍ତ ଶିକ୍ଷକ ନରୋତ୍ତମ ଦାସ ଏକ ପ୍ରତିନିଧିମୂଳକ ଚରିତ୍ର। ମଣିଷ ଚରିତ୍ର ସମ୍ପର୍କରେ ମହାପୁରୁଷ ନରୋତ୍ତମ ଦାସ ଯାହା କହିଥିଲେ ତାହା ନାଟକର ନାୟକ ନରୋତ୍ତମ ଦାସ ନିଜର ବଡ଼ଶଳା ଉଚ୍ଚପଦସ୍ଥ ଆୟକର ଅଫିସର ମି: ଦାସ, ମଝିଆ ଶଳା ଲକ୍ଷ୍ମୀ ଟ୍ରେଡ଼ର୍ସ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଯାଦବବାବୁ ଏବଂ ସାନଶଳା ରାଜନୈତିକ ନେତା ଏମ୍. ଏଲ.ଏ. ମାଧବଙ୍କର କ୍ରିୟା କଳାପରୁ ବେଶ୍ ଉପଲବ୍ଧ କରି ପାରିଛନ୍ତି। ରାଘବାନନ୍ଦ ଓରଫ୍ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ମି:ଦାସଙ୍କ ବଙ୍ଗଳାରେ ପହଞ୍ଚି ନରୋତ୍ତମ ଦାସ ମିସେସ୍ ଦାସ ଓ ହିନ୍ଦୁସ୍ଥାନ ଟ୍ରେଡ଼ର୍ସର ଏଜେଣ୍ଟ ଶ୍ୟାମଳବାବୁଙ୍କ ଯୁଗ୍ମ ନୃତ୍ୟରତ ଅବସ୍ଥାରେ ଦେଖି ଅନ୍ୟ କାହା ଘରକୁ ପଶି ଆସିଛନ୍ତି ବୋଲି ଆଶଙ୍କା କରିଛନ୍ତି। ମାତ୍ର ପରେ ସେ ଯାହା ଆବିଷ୍କାର କରିଛନ୍ତି ସେଥିରେ ବିସ୍ମୟାଭୂତ ହୋଇପଡ଼ିଛନ୍ତି। ସାନଶଳା ରାଜନୈତିକ ନେତା ମାଧବର ଉପସ୍ଥିତି ପରିସ୍ଥିତିକୁ ସହଜ କରିଛି। ମାଧବ ସହିତ ଆଲୋଚନାରୁ ସେ ଜାଣିପାରିଛନ୍ତି ଯେ ହିନ୍ଦୁସ୍ଥାନ ଟ୍ରେଡ଼ର୍ସର ଏଜେଣ୍ଟ ଶ୍ୟାମଳବାବୁ ଟ୍ୟାକ୍ସ ଫାଙ୍କିବା ପାଇଁ ମିସେସ୍ ଦାସଙ୍କୁ ପଟେଇ ରଖିବାକୁ ଚେଷ୍ଟା କରୁଛି। କାରଣ ତଳିଆ କର୍ମଚାରୀମାନଙ୍କ ଉପରେ ହାକିମମାନେ ଯେପରି ହୁକୁମ ଜାରି କରନ୍ତି, ହାକିମଙ୍କ ଘରଣୀ ଉପରେ ସେହିପରି ହୁକୁମ ଜାରି କରନ୍ତି। ଗଜାନନ ଆଣ୍ଡ କୋ. ନିର୍ବାଚନରେ ମାଧବଙ୍କୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ମି: ଦାସଙ୍କ ଠାରୁ ସମସ୍ତ ସୁବିଧା ପାଇବା ପାଇଁ ମାଧବ ସହିତ ମୋଟା ଟଙ୍କା ଧରି ପହଞ୍ଚିଛନ୍ତି।

ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କର ଖର୍ଚ୍ଚ ଫର୍ଦ୍ଦ ପ୍ରଭୃତି ସେମାନଙ୍କର ରୋଜଗାର ଠାରୁ ଯଥେଷ୍ଟ ଉପରେ। ମାସିକ ଦରମାରେ ତାହା ଭରଣା ହେବାର ଆଶା ନଥାଏ। ସାମାଜିକ ଓ ପାରିବାରିକ ସ୍ତରରେ ସମ୍ଭୋଗ ପିପାସା ଓ ଆତ୍ମସୁଖ କିପରି ଅନ୍ଧ କରିଛି ତାହା ଜାଣିପାରି ଭିଣୋଇ ନରୋତ୍ତମ ଦାସ ଶାଳକ ମି.ଦାସଙ୍କୁ ପ୍ରଭାବିତ କରି ଘରେ ଖର୍ଚ୍ଚକାଟର ବ୍ୟବସ୍ଥା ପାଇଁ ଚେଷ୍ଟା କରିଛନ୍ତି। ମାତ୍ର ମିସେସ୍ ଦାସ ଓ ଶ୍ୟାମଳବାବୁ ଏଥିରେ କ୍ଷୁବ୍ଧ ହୋଇ ନରୋତ୍ତମ ଦାସଙ୍କୁ ଲକ୍ଷ୍ମୀ ଟ୍ରେଡ଼ର୍ସର ଏଜେଣ୍ଟ ଭାବରେ ଲାଞ୍ଚ ଦେଇଥିବା ମିଥ୍ୟା ଅଭିଯୋଗରେ ଜେଲ ହାଜତକୁ ପଠାଇ ଦେଇଛନ୍ତି। ବଡ଼ ଭାଇଙ୍କଠାରୁ ନିଜ ବ୍ୟବସାୟ ପ୍ରତିଷ୍ଠାନ ଲକ୍ଷ୍ମୀ ଟ୍ରେଡ଼ର୍ସ

Digitized by PPRACHIN, SOA

ପାଇଁ କିଛି ସୁବିଧା କରି ନ ପାରିବାରୁ ଯାଦବ ଓ ତାଙ୍କ ପତ୍ନୀ ଲକ୍ଷ୍ମୀ ଏଇ ସୁଯୋଗରେ ମି. ଦାସ, ମି. ଶ୍ୟାମଳ ଓ ମିସେସ୍ ଦାସଙ୍କୁ ଉଚିତ ଶିକ୍ଷା ଦେବାପାଇଁ ଟଙ୍କା ବଳରେ ନରୋତ୍ତମ ଦାସଙ୍କୁ କେବଳ ମୁକ୍ତ କରି ନାହାନ୍ତି, ସାନଭାଇ ରାଜନୈତିକ ନେତା ମାଧବଙ୍କୁ ଏମ.ଏଲ.ଏ ଓ ପରେ ମନ୍ତ୍ରୀ କରିବା ପାଇଁ ମଧ ଚେଷ୍ଟା କରିଛନ୍ତି। ମାଧବର ନିର୍ବାଚନ ଖର୍ଚ୍ଚ ପାଇଁ ରେଲୱେ ଗୋଦାମରୁ ମାଲ ନ ଛଡ଼ାଇ ସହରରେ ଚିନିର କୃତ୍ରିମ ଅଭାବ ସୃଷ୍ଟି କରି ଚିନିଦର ବଢ଼ାଇ ଦିଆଯାଇଛି ଏବଂ ଅଟାରେ ପୋକରା ମକା ଓ ତେନ୍ତୁଳି ମଞ୍ଜିର ଚୁନା ମିଶାଯାଇ ଚଢ଼ା ଦାମ୍‌ରେ ବିକ୍ରି କରାଯାଇଛି। ଅପର ପକ୍ଷରେ ସାନଶଳା ମାଧବ ଗଜାନନ କମ୍ପାନୀର ଚାନ୍ଦା ଟଙ୍କାରେ ନିର୍ବାଚନ ବୈତରଣୀ ପାରି ହେବାପାଇଁ ନିଜ ବଡ଼ ଭାଇ ମି. ଦାସଙ୍କୁ ବ୍ଲାକ୍ ମେଲିଂ କରି କମ୍ପାନୀ ପାଇଁ ସୁବିଧା କରାଇ ପାରିଛନ୍ତି। ମାଧବର ଇନ୍ଦ୍ରିୟ ଲାଳସାର ଶରବ୍ୟ ହୋଇ ଅସହାୟା ଯୁବତୀ 'ଭାରତୀ' ମାତୃତ୍ୱ ବରଣ କରିଛି। ମାତ୍ର ନିର୍ବାଚନ ପୂର୍ବରୁ ଓ ପରେ ଆତ୍ମସୁଖ ଓ ଆତ୍ମସମ୍ମାନ ପାଇଁ ନେତା ମାଧବ ଭାରତୀର ପତ୍ନୀତ୍ୱକୁ ଅସ୍ୱୀକାର କରି ଆତ୍ମହତ୍ୟାର ବାଟ ବତାଇ ଦେଇଛି। ନିର୍ବାଚନ ପରେ ମନ୍ତ୍ରୀତ୍ୱ ପାଇଁ ଦଳ ବଦଳାଇବାକୁ ମଧ ଉଦ୍ୟମ କରିଛନ୍ତି। ମାଧବର ନୀତିହୀନତା ଓ ନୀଚ ସ୍ୱଭାବର ବିରୋଧ କରି ଭିଣୋଇ ନରୋତ୍ତମ ଦାସ ଶେଷରେ ମାଧବର ଆଘାତରେ ଆହତ ହୋଇଛନ୍ତି। ମି. ଦାସଙ୍କ ନାମରେ ଗଜାନନ କମ୍ପାନୀ ଖାତାରେ ଥିବା ମୋଟା ଟଙ୍କାର ସୂତ୍ରଧରି ଭିଜିଲାନ୍ସ ବିଭାଗ କେସ୍ କରିବା ଫଳରେ ସେ ଚାକିରୀରୁ ବରଖାସ୍ତ ହୋଇଛନ୍ତି। ନିର୍ବାଚନ ଖର୍ଚ୍ଚ ତୁଲାଇବା ପାଇଁ ଲକ୍ଷ୍ମୀ ମିଲ୍ ଯେତେବେଳେ ପ୍ରତି ଦଶବସ୍ତା ଅଟାରେ ଏକ ବସ୍ତା ପୋକରା ମକା ଓ ଏକବସ୍ତା ତେନ୍ତୁଳି ମଞ୍ଜି ଗୁଣ୍ଡ ମିଶାଇ ବଜାରକୁ ଛାଡ଼ିଛନ୍ତି। ସେତେବେଳେ ନରୋତ୍ତମ ଦାସ ଏହାର ପ୍ରତିବାଦ କରିଛନ୍ତି। ନିଜର ଅପକର୍ମ ପାଇଁ ଲକ୍ଷ୍ମୀଦେବୀ ଯେଉଁ ଯୁକ୍ତି ବାଢ଼ିଛନ୍ତି ସେଥିରୁ ସ୍ୱାଧୀନ ଭାରତର ଲାଭଖୋର ବ୍ୟବସାୟୀମାନଙ୍କ ଚିନ୍ତାଧାରାକୁ ସହଜରେ ଅନୁମେୟ କରିହୁଏ। ତାଙ୍କର ଯୁକ୍ତି "ବନ୍ୟା, ବାତ୍ୟା, ମରୁଡ଼ି ପ୍ରପୀଡ଼ିତ ଲୋକଙ୍କର ଖାଦ୍ୟ ପଦାର୍ଥରେ ପୋକରା, ଗଣ୍ଠିଆ ବାଛିବା ଗୋଟାଏ ବିଳାସ— ଯେଉଁ ଦେଶରେ ଲୋକେ ନୋଟ ବଦଳରେ ଭୋଟ ଦିଅନ୍ତି, ସେଠି ଲୋକେ ଅନ୍ୟ କ'ଣ ଆଶା କରିପାରିବା।" ନିର୍ବାଚନରେ ମାଧବଙ୍କୁ ଜୟଲାଭ କରିବା ପରେ ବିଭିନ୍ନ ସୁବିଧାବାଦୀ ବ୍ୟବସାୟ ପ୍ରତିଷ୍ଠାନ ଫୋନ୍ ଯୋଗେ ଅଭିନନ୍ଦନ ଜଣାଇଛନ୍ତି। ମାତ୍ର ହିନ୍ଦୁସ୍ତାନ ଟ୍ରେଡ଼ର୍ସର ଏଜେଣ୍ଟ ମି. ଶ୍ୟାମଳ, ମି. ଦାସ ଚାକିରୀରୁ ସସ୍‌ପେଣ୍ଡ ହେବା ଜାଣି ତାଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇ ନିର୍ବାଚିତ ପ୍ରତିନିଧି ମାଧବଙ୍କଠାରୁ ବ୍ୟବସାୟଗତ ଫାଇଦା ଉଠାଇବା ପାଇଁ ନିଜେ ଅଭିନନ୍ଦନ ଜଣାଇବାକୁ ଆସି ମିସେସ୍ ଦାସଙ୍କ ଦ୍ୱାରା ଅପମାନିତ ହୋଇ ଫେରି ଯାଇଛନ୍ତି।

ଅଭିମୁଖ୍ୟ— ବଡ଼ ବଡ଼ ଆଦର୍ଶର କଥା କହି ଜନତାଙ୍କୁ ଠକୁଥିବା ନେତାଙ୍କର ଅସଲ ସ୍ୱରୂପକୁ ଚିହ୍ନାଇ ଦେବା ନାଟ୍ୟକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ।[୧୪]

Digitized by PPRACHIN, SOA

(୧୪) ନାଟକ ରୀତିମତ (୧୯୫୩)— ଏହି ନାଟକ ଲେଖା ଓ ମଞ୍ଚସ୍ଥ କରିବାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କର ଉତ୍ସାହ ଭୁଲିବାର ନୁହେଁ। ମେଡ଼ିକାଲ କଲେଜର ଛାତ୍ରଛାତ୍ରୀମିଳି ଏକତ୍ର ସେ ନାଟକ ପରିବେଷଣ କରିଥିଲେ ସାମୁଏଲ୍ ସାହୁଙ୍କ ନିର୍ଦ୍ଦେଶନାରେ। ଏହି ନାଟକଟି ଯେଉଁ ଅନୁଷ୍ଠାନ ଉଦ୍ଦେଶ୍ୟରେ ଲିଖିତ, ତାହାର ଅବହାୱା ସହିତ ବେଶ୍ ମେଳ ହୋଇ ପାରିଲା। ସେତେବେଳେ ଏହି ନାଟକର କୌଣସି ନାମ କରଣ କରା ନ ଯାଇ ରଖାଯାଇଥିଲା। 'ନାଟକ' ଏହାଦ୍ୱାରା କେହି କେହି ଭାବିଲେ ଏହା ଏକ ଅନାମିକା ନାଟକ। ତେଣୁ ସେ ଦୋଷ କଟାଇବାକୁ ବର୍ତ୍ତମାନ ଏହାର ନାମକରଣ କରାଗଲା "ନାଟକ ରୀତିମତ" ଏହାର ପ୍ରଥମ ମୁଦ୍ରଣ ୧୯୮୧ରେ ଓ ପରବର୍ତ୍ତୀ ମୁଦ୍ରଣ ୧୯୮୫ ମସିହାରେ।

ବିଷୟବସ୍ତୁ— ମୁଖ୍ୟତଃ ବିଷୟ ପ୍ରାଚୀନ କୁସଂସ୍କାର ଜନିତ ରୋଗୀକୁ ଚିକିତ୍ସା କରିବା ପଦ୍ଧତି ଓ ନୂତନ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା ଏହି ଦୁଇଟିର ତୁଳନାତ୍ମକ ଅଧ୍ୟୟନ ମାତ୍ର। ପରିଣତି ସ୍ୱରୂପ ଆଜିର ଉନ୍ନତିମୂଳକ ଚିକିତ୍ସା ପ୍ରଣାଳୀର ଜିତାପଟ୍ଟ ହୋଇଛି।

ଏହି ନାଟକଟିରେ ମୋଟରେ ୧୨ଟି ପୁରୁଷ ଓ ୩ଟି ନାରୀ ଚରିତ୍ର ସ୍ଥାନ ପାଇଛି। ବିଷୟବସ୍ତୁର ପଟଭୂମି ହୋଇଛି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କୁ ନେଇ ଗଢ଼ି ଉଠିଥିବା "ଡ୍ରାମାଟିକ୍ ସୋସାଇଟି"। ନାଟକର ପରିଣତି ହୁଏ ଆଧୁନିକ ଡ଼ାକ୍ତରୀ ଚିକିତ୍ସାରେ ରୋଗୀ ସାଧନାର ଆରୋଗ୍ୟ ଲାଭ ଏବଂ ଉଦୟ ସହିତ ସାଧନାର ମିଳନ।

ଆଭିମୁଖ୍ୟ—(i) ପୂର୍ବେ ନାରୀମାନେ ଅଭିନୟ କରିବାକୁ ପଛାଉଥିଲେ, ଏବେ ଆମର ଖାନ୍ଦାନୀ ପରିବାରର ଝିଅମାନେ ମଧ୍ୟ ନାଟକରେ ଅଂଶ ଗ୍ରହଣ କରିବାକୁ ଆଗେଇ ଆସିଲେଣି। (ନାଟକ ରୀତିମତି, ପୃଷ୍ଠା-୨)

(ii) ଜଣେ ଭଲ ଡ଼ାକ୍ତର ହେବାକୁ ହେଲେ, ଡ଼ାକ୍ତର ଜୀବନରେ ଦୟା, ଦୟାରୁ ମାୟା ଓ ଶେଷକୁ ମମତା ଲଗାଇ ବସିଲେ ତୁମେ ସବୁ କାର୍ଯ୍ୟରେ ଅକୃତକାର୍ଯ୍ୟ ହେବ। (ପୃଷ୍ଠା-୭)

(iii) ଏ ପଲ୍ଲୀ ସମାଜର କୁସଂସ୍କାର ଜନିତ ପ୍ରାଚୀନ ଚିକିତ୍ସା ପଦ୍ଧତି ଗୁଡ଼ିକ ମଧ୍ୟରେ ରହି ଆମେ ଆମର ମନଟା ମଧ୍ୟ କୁସଂସ୍କାର ବ୍ୟାଧିଗ୍ରସ୍ତ କରିଦେଇଛି। (ପୃଷ୍ଠା-୨୭)

(iv) ଯେତେସବୁ ସାଧାରଣ ଚରିତ୍ରଗୁଡ଼ିକ ଅଛନ୍ତି, ତାରି ଉପରେ ଭରାଦେଇ ଗଢ଼ି ଉଠନ୍ତି ହିରୋ ଓ ହିରୋଇନ୍ ଏବଂ ସମସ୍ତଙ୍କର ଏକତ୍ର ଉତ୍କୃଷ୍ଟ ଅଭିନୟ ଉପରେ ନିର୍ଭର କରେ ନାଟକଟିର ସଫଳତା। (ପୃଷ୍ଠା-୪୬)

(v) ସାମାଜିକ ନାଟକ ମଧ୍ୟରେ ପ୍ରାଚୀନ ପୁରାଣ ଚରିତ୍ରଗୁଡ଼ିକର ଅବତାରଣା— ଉଦୟକୁ କହିଛି ସାଧନା ଅଭିମାନରେ ଯେତେବେଳେ ସେ ଜାଣି ପାରିଛି ଉଦୟ ସହିତ ସୁଚିତ୍ରାର ସଂପର୍କ। କାରଣ ନାରୀ ଖୁବ୍ ସ୍ୱାର୍ଥାନ୍ୱେଷୀ। "କଣ ରାମଚନ୍ଦ୍ରଙ୍କର ୧୪ ବର୍ଷ ବନ ଗମନଠାରୁ କଠିନ। ସାବିତ୍ରୀର ସ୍ୱୟଂ ଯମରାଜାର ଅନୁସରଣଠାରୁ ନିର୍ମମ କିମ୍ବା ପଞ୍ଚୁପାଣ୍ଡବଙ୍କର ସହଗାମିନୀ ଦ୍ରୌପଦୀର ସାଧନାଠାରୁ ଆହୁରି ଅସାଧ ?" (ପୃଷ୍ଠା-୮୩)

Digitized by PPRACHIN, SOA

(୧୫) ମୃତ ଆସାମୀ– (ପ୍ରଥମ ପ୍ରକାଶ-୧୯୮୧)– ଏହା ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଗୋଟିଏ ସାମାଜିକ ନାଟକ। ସେ ନିଜେ ସ୍ୱୀକାର କରିଛନ୍ତି—"କୋର୍ଟ ରୁମ୍‌ର ନୁହେଁ ଏହା, ଏକ ନାଟକ।"

ବିଷୟବସ୍ତୁ— ରୂପଶ୍ରୀ ଅଭିନେତ୍ରୀ ତଥା ନର୍ତ୍ତକୀ ଉର୍ବଶୀ ଜଣେ ବିଦେଶୀ ଗୁପ୍ତଚର। ସେ ବଙ୍ଗୋପସାଗର ଉପକୂଳର ସୁରକ୍ଷା ବିଷୟରେ ଗୁପ୍ତତଥ୍ୟ ସଂଗ୍ରହ କରିବାପାଇଁ ନିଯୁକ୍ତି ପାଇଥିଲେ। ସେ ପ୍ରାୟ ସବୁବେଳେ 'ହୋଟେଲ ଆଭିଜାତ୍ୟ'ରେ ରହି ଏହିସବୁ କାର୍ଯ୍ୟ ସମ୍ପାଦନ କରୁଥିଲେ। ହୋଟେଲର ମ୍ୟାନେଜର ଓ କୁମାର ମହାପାତ୍ର ତାଙ୍କୁ ଭଲରୂପେ ଜାଣନ୍ତି। କୁମାର ମହାପାତ୍ରଙ୍କ ପ୍ରତି ତାଙ୍କର ଖୁବ୍ ମମତା ଥିଲା ଏବଂ ସେ ତାଙ୍କୁ ଅନ୍ତରର ସହିତ ଭଲ ପାଇ ବସିଲେ। ହେଲେ ଏଥିରେ କୌଣସି ପ୍ରକାର ଦୁର୍ବଳତାର ସ୍ଥାନ ନଥିଲା। ମୁଁ ଯେଉଁ କାର୍ଯ୍ୟ ପାଇଁ ନିଯୁକ୍ତ ହୋଇଥିଲି, ତାହା ସଫଳତାର ସହିତ ସଂଗ୍ରହ କରି ମୋ ଦେଶକୁ ପଠାଇ ସାରିଛି।

'ହୋଟେଲ ଆଭିଜାତ୍ୟ'ରେ ଗୋଟିଏ ହତ୍ୟା ଘଟଣାର ହତ୍ୟାକାରୀ ଭାବେ କୁମାର ମହାପାତ୍ରଙ୍କୁ ଆରେଷ୍ଟ କରାଯାଏ ଏବଂ କୋର୍ଟରେ ତାଙ୍କର ବିଚାର ହୁଏ। ମହାପାତ୍ରଙ୍କ ଓକିଲ ଥାନ୍ତି ବାରିଷ୍ଟର ଧର୍ମାନନ୍ଦ ଓ ସରକାରୀ ଓକିଲ ଭୂତନାଥ। ବିଚାର ପଥରେ ବହୁ ସାକ୍ଷ୍ୟ ନିଆଗଲା। ଏପରିକି କୁମାର ମହାପାତ୍ରଙ୍କ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦିଅନ୍ତି। ଶେଷରେ ଜଣା ଯାଉଥାଏ ସତେ କଅଣ କୁମାର ମହାପାତ୍ର ନର୍ତ୍ତକୀ ଉର୍ବଶୀଙ୍କର ହତ୍ୟାକାରୀ। ବିଚାରର ଶେଷ ଦିବସରେ ବାରିଷ୍ଟର ଧର୍ମାନନ୍ଦ ସୁନନ୍ଦାଦେବୀଙ୍କର ନର୍ତ୍ତକୀ ଉର୍ବଶୀଙ୍କ ନିକଟକୁ ସ୍ୱହସ୍ତଲିଖିତ ପତ୍ର କୋର୍ଟରେ ଦାଖଲ କରାଯାଇଛି ଓ ନିଜେ ଉର୍ବଶୀ ଭାରତୀୟ C.I.D. ମାନଙ୍କୁ ଆତ୍ମଗୋପନ ପୂର୍ବକ ଆସି ସ୍ୱଶରୀରରେ କୋର୍ଟରେ ଉପସ୍ଥିତ ହୋଇ ପ୍ରକୃତ ସତ୍ୟର ପ୍ରକାଶ କରି ଦେଇଛନ୍ତି ଏବଂ କୁମାର ମହାପାତ୍ର ହତ୍ୟା ଅପରାଧରୁ ମୁକ୍ତ ହୋଇଛନ୍ତି ଓ ଭାରତୀୟ ପୋଲିସ ଗୁପ୍ତଚର ଉର୍ବଶୀଙ୍କୁ arrest କରିବା ପୂର୍ବରୁ ଦୁଇଟି ହାତରେ ଦୁଇଟି ପିସ୍ତଲ ଧରି କହିଲେ—" ମୋତେ କ୍ଷମା କରିବେ, ଜଜ୍ ସାହେବ! ପୁଣି ମୋର ମନର ମଣିଷକୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ତାଙ୍କ ସହିତ ମୋର ସାକ୍ଷାତ ହୋଇ ପାରିଛି ଓ ତା'ରି ସାମନାରେ ମୋର ଶେଷ ହେଲେ, ବିଶ୍ରାମ ପାଇପାରିବି। Bye......Bye କୁମାର ବାବୁ କହୁ କହୁ ପିସ୍ତଲ ଗର୍ଜି ଉଠିଲା ଏବଂ ଦେଖୁ ଦେଖୁ ଉର୍ବଶୀର ମର ଶରୀର ତଳେ ଲୋଟି ପଡ଼ିଲା। (ମୃତ ଆସାମୀ, ପୃଷ୍ଠା-୯୯)

ଆଭିମୁଖ୍ୟ—(i) ଆପତ୍ତି କିଛି ଥିଲେ ମଧ୍ୟ ଆମ ଦେଶର ଝିଅବୋହୂ କଅଣ ପାଟି ଫିଟେଇ କିଛି କହନ୍ତି? ପୃଷ୍ଠା-୧୬।

(ii) ରାଗ....ହିଂସା....କେଉଁ ସ୍ତ୍ରୀ ଚାହିଁବ ତା'ର ସ୍ୱାମୀ ଅନ୍ୟ ସ୍ତ୍ରୀ ସହିତ ସଂପର୍କ ରଖୁ। ପୃଷ୍ଠା-୫୬।

(iii)ଜଣେ ଭାରତୀୟ ନାରୀ କର୍ତ୍ତବ୍ୟ ତା'ସ୍ୱାମୀ ପ୍ରତି କରିବାରେ ମୁଁ ଏତେ ଟିକିଏ ବି ତ୍ରୁଟି କରିନାହିଁ। ସେ ମୋତେ ଘୃଣା କରି ପାରିନ୍ତି। କିନ୍ତୁ ମୁଁ ତାଙ୍କୁ ମୋ ମନ ମନ୍ଦିରରେ ଏବେ ମଧ୍ୟ ପୂଜା କରୁଛି। ପୃଷ୍ଠା-୮୦।

Digitized by PPRACHIN, SOA

(iv)ସ୍ୱାମୀ ସ୍ତ୍ରୀକୁ ସନ୍ଦେହ କରିବ, ପିତା ପୁତ୍ରକୁ ସନ୍ଦେହ କରିବ-ମାତା କନ୍ୟାକୁ ସନ୍ଦେହ କରିବ- ମୁନିବ ଚାକରକୁ ସନ୍ଦେହ କରିବ-ଗୁରୁ ଶିଷ୍ୟକୁ ସନ୍ଦେହ କରିବ। ଏହା କ'ଣ ଏ ଯୁଗର ଏକମାତ୍ର ପନ୍ଥା। ପୃଷ୍ଠା-୧୧୦।

(ଖ) ଉପନ୍ୟାସର ନାଟ୍ୟରୂପ

(୧) ପରପୁରୁଷ— 'ପରପୁରୁଷ' ଜନପ୍ରିୟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ଉପରେ ଆଧାରିତ। ୧୯୬୮ ମସିହାରେ ଏହା ପ୍ରକାଶ ପାଇଛି। 'ଅନ୍ନପୂର୍ଣ୍ଣା-ବି ଗ୍ରୁପ୍' ଦ୍ୱାରା ପ୍ରଥମେ ତା ୧୭-୧-୬୮ ରିଖରେ ମଞ୍ଚସ୍ଥ ହୋଇଛି। ସ୍ୱାମୀ-ସ୍ତ୍ରୀର ସଂପର୍କ ଦୈନନ୍ଦିନ ଘଟଣା ଉପରେ ଗଢି ଉଠେ। ସନ୍ଦେହର କୀଟ ତାକୁ କିପରି ଛାରଖାର କରେ, ଏହି ହେଲା ନାଟକର ମୁଖ୍ୟ କଥା।

ବିଷୟବସ୍ତୁ— ବିଭୂତି ପଟ୍ଟନାୟକଙ୍କ ସାମାଜିକ ଉପନ୍ୟାସ 'ପରପୁରୁଷ'ର ନାଟ୍ୟରୂପ ଦେଇଛନ୍ତି ନାଟ୍ୟକାର ରାମଚନ୍ଦ୍ର ମିଶ୍ର।

ଶିକ୍ଷିତ ଦିବାକର ମହାପାତ୍ରଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ସ୍ତ୍ରୀଙ୍କ ଭଗିନୀ ବନାନୀ ସାମନ୍ତରାୟ, କିରାଣୀ ଶ୍ୟାମଳ ସାମନ୍ତରାୟଙ୍କ ସ୍ତ୍ରୀ। ଉଭୟେ ଗ୍ରାଜୁଏଟ୍। ଶ୍ୟାମଳ ସାମନ୍ତରାୟଙ୍କ ଗୋଟିଏ ବୋଲି ପୁଅ, ନାମ ତାର ବାବୁନି। କଟକ ସହରରେ କିରାଣୀ ଚାକିରୀ କରି ଶ୍ୟାମଳ ବାବୁ ଘରଭଡ଼ାରେ ରହିଥାନ୍ତି କିରାଣୀ (ଅବସରପ୍ରାପ୍ତ) ନବଘନବାବୁଙ୍କ ମୁଖ୍ୟ ପଦ୍ମାଗୃହ ସହ ସଂଲଗ୍ନ ଗୋଟିଏ ଦୋବଖରା ବିଶିଷ୍ଟ ଖଞ୍ଜା ଗୃହରେ ଓ ଅପର ଖଞ୍ଜାରେ ରୁହନ୍ତି ମାଜିଷ୍ଟ୍ରେଟ୍ ବିମଳବାବୁ, ତାଙ୍କ ସ୍ତ୍ରୀ ମଣିମାଳା ଓ କନ୍ୟା ବାବୁଲୀ। ସମୟକ୍ରମେ ପିଲାଦୁଇଟି ମଧ୍ୟରେ ଘନିଷ୍ଠତା ବଢେ ଓ ଏମାନଙ୍କ ଜନ୍ମେଇ ବିବାହରେ ଶ୍ୟାମଳବାବୁ ଅନୁପସ୍ଥିତ ଘଟଣାଚକ୍ରକୁ ବଦଳାଇ ଦିଏ। ବାଧ ହୋଇ ନିଜେ ବିମଳବାବୁ ଶ୍ୟାମଳବାବୁଙ୍କ ପାଖକୁ ଆସନ୍ତି ନିଜକୁ ଦୋଷୀ କହି କ୍ଷମା ମାଗି ନେବା ପାଇଁ ମାତ୍ର ଫଳ ହୁଏ ଓଲଟା। ଏଠାରେ ବନାନୀ ସହିତ ତାଙ୍କର ଦେଖା ସାକ୍ଷାତ ହୁଏ ଏବଂ ପରମୁହୂର୍ତ୍ତରେ ସେ ବେହୋସ ହୋଇ ପଡ଼ନ୍ତି ନିଜ ଘରକୁ ଫେରିଯାଇ। ଏହି ଘଟଣାରୁ ଶ୍ୟାମଳ ମନରେ ସନ୍ଦେହ ଜନ୍ମେ ଓ ସେଠାରୁ ସେ ଘର ବଦଳାଇ ଅନ୍ୟତ୍ର ଚାଲି ଯାଆନ୍ତି। ମାତ୍ର ସେଠିକାର ପରିବେଶ ଶ୍ୟାମଳଙ୍କୁ ବିରକ୍ତିକର ହୁଏ, ପୁଣି ୟୁସୁପ୍ ମିଆଁର ଆଗମନ ସୃଷ୍ଟିକରେ ଶ୍ୟାମଳ ମନରେ ଦ୍ୱିତୀୟ ସନ୍ଦେହ। ଫଳତଃ ପୁଣି ଗୃହ ସ୍ଥାନାନ୍ତରିତ ହୁଏ। ଶ୍ୟାମଳବାବୁଙ୍କ ଅଫିସର ବିଜୟକେତନ ବାବୁ (ଚରିତ୍ରହୀନ)ଙ୍କ ସ୍ତ୍ରୀ ଶୁଭ୍ରା। ସ୍ତ୍ରୀ ଥାଇ ମଧ୍ୟ ସେ ଅପର ସ୍ତ୍ରୀ ପ୍ରତି ଆସକ୍ତ ଥାନ୍ତି ସଦା ସର୍ବଦା। ଥରେ ସିନେମା ଟିକେଟ୍ ପାଖାପାଖି ମିଳେ ଶ୍ୟାମଳ ବାବୁଙ୍କୁ ତାଙ୍କ ସହିତ। ମାତ୍ର ଅଫିସରଙ୍କ ନିକଟସ୍ଥ ଆସନ ଦେଖିବାକୁ ଯାଆନ୍ତି ନାହିଁ। ହେଲେ ବହୁଦିନ ଧରି ଇନକ୍ରିମେଣ୍ଟ ତଥା ପ୍ରମୋସନଟା ପଡ଼ି ରହିବାରୁ ତାଙ୍କୁ ସ୍ୱଗୃହକୁ ପାଛୋଟି ଆଣନ୍ତି ଓ ବନାନୀଙ୍କୁ ବାଧ କରନ୍ତି ତାଙ୍କ ସହିତ ଅବାଧ ମିଳାମିଶା କରିବାକୁ ତାର ଅନିଚ୍ଛାସତ୍ତ୍ୱେ। ଏପରିକି ନିଜପୁଅ ରୋଗ ଶଯ୍ୟାରେ ଥାଇ କିଛି ନ ପାଉଥିଲେ ମଧ୍ୟ ସେ ବଡ଼ ହାକିମଙ୍କ ସେବାଯତ୍ନରେ ତତ୍ପର ଥାନ୍ତି। ଉପଯୁକ୍ତ ସେବା ଯତ୍ନ, ଔଷଧପତ୍ର ଓ ଖାଇବା

Digitized by PPRACHIN, SOA

ପଥ୍ ଅଭାବରେ ଏବଂ ବାବୁଲୀକୁ ଝୁରି ଝୁରି ତାର ମୃତ୍ୟୁ ହୁଏ। ଏଥିରେ ବନାନୀ ଭାଙ୍ଗି ପଡ଼ନ୍ତି। ହେଲେ ଶ୍ୟାମଳ ତା'ର ବିଉସନରେ ଥିବା ନିର୍ମଳା ସହିତ କ୍ରମେ ଘନିଷ୍ଠତାକୁ ବଢ଼ାଇ ଚାଲିଥାଏ। ଇତ୍ୟବସରରେ ନଷ୍ଟ ଚରିତ୍ର ବିଜୟକେତନର ଶିକାର ହୁଅନ୍ତି ବନାନୀ ହେଲେ ପାପ ଶୂନ୍ୟା। କିନ୍ତୁ କାପୁରୁଷ ଶ୍ୟାମଳ ଚକ୍ଷୁରେ ତାହାନିଏ ଅନ୍ୟରୂପ (ତୃତୀୟ ସନ୍ଦେହ)। ଏହିଠାରେ ଶ୍ୟାମଳ ଓ ବନାନୀଙ୍କ ବିଚ୍ଛେଦ ହୁଏ। ଫଳରେ ଦିବାକରବାବୁ ବନାନୀକୁ ନେଇ ଆସନ୍ତି ନିଜ ଘରକୁ। ଅନ୍ୟଠାରେ ବିବାହ କରିବାର ମନୋଭାବ ନେଇ ସେ ପ୍ରସ୍ତାବ ଉଠାନ୍ତି ନିଜ ସ୍କୁଲର ସେକ୍ରେଟାରୀ ପ୍ରଥମ ପତ୍ନୀ ହରାଇଥିବା ମନମୋହନ ବାବୁଙ୍କ ସହିତ। ତାଙ୍କର 'କୁନା' ବୋଲି ଗୋଟିଏ ପୁଅ ଯେ କି ବନାନୀକୁ ତାର ମା' ପରି ଭଲପାଏ। ଶ୍ୟାମଳ ଛାଡ଼ପତ୍ରକୁ ସାବ୍ୟସ୍ତ କରିବା ପାଇଁ କୋର୍ଟର ଆଶ୍ରୟ ନିଏ। ଏଣେ ବହୁ ଅନିଚ୍ଛା ସତ୍ତ୍ୱେ ଦିବାକରବାବୁ ଓ ମନମୋହନ ବାବୁ ଶ୍ୟାମଳ ବିପକ୍ଷରେ ଲଢ଼ିବାକୁ ଠିକ୍ କରନ୍ତି ଏବଂ ବିମଳ ବାବୁ ପ୍ରଥମ ସାକ୍ଷ୍ୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ବନାନୀ ସପକ୍ଷରେ। ତେଣେ ନିର୍ମଳା ସହିତ ସଂପର୍କକୁ କେନ୍ଦ୍ରକରି କୁଚକ୍ରୀ ବିଜୟକେତନ ଶ୍ୟାମଳକୁ ମାଡ଼ଦେଇ ନାଳରେ ପକାଇ ଦେଇଥାଏ। ଗଁ ଗଁ ହେଉଥିବା ଅବସ୍ଥାରେ ୟୁସିଫ୍ ମିଆଁ ତାକୁ ଆଣି ବନାନୀ ପାଖରେ ପହଞ୍ଚାଇ ଦିଏ। ଶେଷରେ ଶ୍ୟାମଳ ନିଜର ଦୋଷ ସ୍ୱୀକାର କରେ ଓ ଦୁହେଁ ସେମାନଙ୍କର ପୁରୁଣା କାଳିମାକୁ ଧୋଇଧାଇ ଅଷ୍ଟମ ବିବାହ ଶତବାର୍ଷିକର ଉତ୍ସାହର ସହିତ ପାଳନ କରନ୍ତି ଆତ୍ମାକୁ ଆତ୍ମା ବିନିମୟ କରି।

ଆଭିମୁଖ୍ୟ— ମାନସିକ ବିକାରଗ୍ରସ୍ତ ରୁଗ୍ଣ ଚିନ୍ତାଧାରା ପୀଡ଼ିତର ଅହଂକାରମତ ଅର୍ଥାତ୍ ହୀନମନ୍ୟତା ମଣିଷକୁ ନୀଚ ତଥା ଘୃଣ୍ୟ କରିଥାଏ।[୧୫]

(୨) କିସ ପୁଣି ଦେଖା ନ ଯାଏ— ନାଟକ 'କିସ ପୁଣି ଦେଖାନଯାଏ' ଶ୍ରୀ ପ୍ରଫୁଲ୍ଲ ନାୟକଙ୍କ 'ବଗୁଲୀ ଗଡ଼ାଏ ଲୁହ' ଉପନ୍ୟାସର ନାଟ୍ୟରୂପ। ଏହା ପ୍ରକାଶ ପାଏ ୧୯୭୨ ମସିହାରେ ଏବଂ 'ଅନ୍ନପୂର୍ଣ୍ଣା ଏ-ଗ୍ରୁପ୍' ଦ୍ୱାରା ଅଭିନୀତ ହୁଏ। ପ୍ରେମ ବିବାହ ଆଉ ତାର ପରିଣତି- ଏହାହିଁ ଦେଖାଇ ଦେବା ନାଟ୍ୟକାରଙ୍କ ମୁଖ୍ୟ ଲକ୍ଷ୍ୟ।

ବିଷୟବସ୍ତୁ— ମହେନ୍ଦ୍ର ନଗରର ଜମିଦାରୀ ବିହୀନ ଜମିଦାର 'ବାହୁବଳେନ୍ଦ୍ର'। ତାଙ୍କର ବହୁଦିନର ବିଶ୍ୱସ୍ତ ଚାକର 'ସନିଆ' ଓ ମାଜିଷ୍ଟ୍ରେଟ୍ 'ରଜତ' ତାଙ୍କର ପୁଅ। ଅନିରୁଦ୍ଧ ଦାସଙ୍କର କନ୍ୟା (ଶିକ୍ଷିତା) ଅଧ୍ୟାପିକା ତଥା ଅତ୍ୟାଧୁନିକା 'କାକଳୀ', 'ରଜତ'ର ସ୍ତ୍ରୀ। ପ୍ରଫେସର ବଳବନ୍ତରାୟ ଜଣେ ଅଧ୍ୟାପକ ଏବଂ 'କାକଳୀ'ର ବନ୍ଧୁ। 'ମିଷ୍ଟର ନାୟକ' ବିଶିଷ୍ଟ କଣ୍ଠଶିଳ୍ପୀ ଓ 'ମିସ୍ ରାୟ' ନୃତ୍ୟ ଶିଳ୍ପୀ। ଦୁହେଁ ବିବାହ ନ କରି ମଧ୍ୟ ଆତ୍ମୀୟ।

ଆବାଲ୍ୟରୁ ମାତୃହୀନ ରଜତକୁ ବାହୁବଳେନ୍ଦ୍ର ଜୀବନ ଦେଇ ଭଲ ପାଉଥିଲେ। ଫଳରେ ସେ ଖୁବ୍ ଅଝଟ ଥିଲେ। ହେଲେ ରଜତ ତାଙ୍କ କଥାରୁ ବାହାରି ଯିବେ। ଏ ବିଶ୍ୱାସ ତାଙ୍କର ନ ଥିଲା। ସେ ରକ୍ଷଣଶୀଳ ଥିଲେ, ତେଣୁ ତାଙ୍କ ପ୍ରସ୍ତାବିତ ଜାଗାରେ ପୁଅର ବିବାହ କରିବାକୁ ସେ ସ୍ଥିର କରିଥିବା ସମୟରେ ତାଙ୍କ ପୁଅ

Digitized by PPRACHIN, SOA

ଗୋଟିଏ ଟେଲିଗ୍ରାମ୍ ପଠାଏ ବିବାହ ସଂବାଦ ଦେଇ। ମାନେ ଏଥି ମଧ୍ୟରେ ରଜତ, କାକଳୀ ନାରଧାରୀ ଏକ ଅଧ୍ୟାପିକାକୁ ବିବାହ କରିଛି। କାକଳୀର ପିତା ଖୁବ୍ ଅପ୍‌ଟୁଡେଟ୍ ମନୋଭାବ ପୋଷଣ କରି ନିଜ କନ୍ୟାର ଅନ୍ୟ ସହିତ ଅବାଧ ମିଳାମିଶା ଖୁବ୍ ପସନ୍ଦ କରୁଥିଲେ। ନିଜ କନ୍ୟାର ରଜତ ସହିତ ବିବାହ ସଂବାଦ ପାଇ ସେ ବ୍ୟସ୍ତ ହୋଇ ନାହାନ୍ତି କି ବିବାହ ପରେ ବନ୍ଧୁ ବଳବନ୍ତରାୟଙ୍କ ମିଳାମିଶାକୁ ବାସନ୍ଦ କରି ନାହାନ୍ତି। ରଜତର ରଂଜନ ବୋଲି ପୁଅଟିଏ ହୋଇଛି। ତାକୁ ଦେଖିବାକୁ ସନିଆ ବାଧ କରି ବାହୁ ବଳେନ୍ଦ୍ରକୁ ରଜତ ରହୁଥିବା ଜାଗାକୁ ଆଣିଛି ହେଲେ ପରେ ଅପମାନିତ ହୋଇ ବୁଢା ଜମିଦାର ଓ ସନିଆ ଚାଲି ଯାଇଛନ୍ତି ଏବଂ ରଜତ ମଧ୍ୟ ଏହି ପୁଅର ଅସୁବିଧା ଓ ବଳବନ୍ତ ରାୟ ସହ ଅବାଧ ମିଳାମିଶା ଓ ପିକ୍‌ନିକ୍ ଯିବାକୁ ନାପସନ୍ଦ କରି ପ୍ରତିବାଦ କରିବା ଯୋଗୁଁ ପରସ୍ପରଙ୍କୁ ପରସ୍ପର ଠାରୁ ବିଚ୍ଛେଦ ହେବାକୁ ପଡ଼ିଛି। ପରେ ରଜତ ମିଷ୍ଟର ନାୟକ ଓ ମିସ୍ ରାୟଙ୍କ ପାଖରେ ରହିଛନ୍ତି। ଚାକିରୀ ଓ ନିଜ ଘରଦ୍ୱାର ଛାଡ଼ି କାକଳୀ ବଳବନ୍ତ ରାୟଙ୍କ ସହିତ ଖୋଲା ଖୋଲି ଭାବରେ ମିଶି ଯାଇଛି। ଏଣେ ରଜତ ମଦ୍ୟପ ହେବାକୁ ଗଲାବେଳେ ପୁତ୍ର ରଂଜନ ରୋଗ ଶଯ୍ୟାରେ ପଡ଼ିଛି। ରଂଜନର ରୋଗରେ ଅତିଶୟ ପୀଡ଼ିତ ହେବାର ଦେଖି କାକଳୀ ରଜତ ପାଖକୁ ଯାଇଛି ଓ ନିରାଶ ହୋଇ ଫେରି ପୁତ୍ରର ମୃତ୍ୟୁ ସଂବାଦ ପାଇ ଅତି ମାତ୍ରାରେ ଭାଙ୍ଗି ପଡ଼ିଛି ଏପରିକି ବଳବନ୍ତ ରାୟର ମଧ୍ୟ ତାକୁ ଗ୍ରହଣ କରିନାହାନ୍ତି। ତାର ରୋଗଗ୍ରସ୍ତା ଦେହକୁ ଦେଖି ପରେ ସନିଆ ଆସି କାକଳୀକୁ ସାହାଯ୍ୟ କରିଛି ଓ ପରିଶେଷରେ ରଜତ ମଧ୍ୟ ଆସିଛି। ସନିଆ ରଂଜନକୁ ଆଣି ମାତା, ପିତା ଓ ପୁତ୍ରର ମିଳନ କରି ଦେଇଛି ଯେତେବେଳେ କାକଳୀ ଅତ୍ୟନ୍ତ ରୋଗାଗ୍ରସ୍ତା ଓ ରଜତ କାଶି କାଶି ରକ୍ତ ବାନ୍ତି କରୁଛି।

ଆଭିମୁଖ୍ୟ— ଆଜିର ମଣିଷର ସଂପର୍କ କେବଳ ସ୍ୱାର୍ଥର ଭିତ୍ତିରେ ଦଣ୍ଡାୟମାନ। ମଣିଷ ପ୍ରତି ତୀବ୍ର ଘୃଣା ଆଉ ଅବିଶ୍ୱାସକୁ ପୁଞ୍ଜିକରି ସମସ୍ତ ପ୍ରକାରର ସମସ୍ୟାକୁ ସମ୍ମୁଖୀନ ହେବାକୁ ହୁଏ।[୧୬]

(ଗ) ଚରିତ୍ର ଧର୍ମୀ ନାଟକ—

(୧) କବିସୂର୍ଯ୍ୟ:-(୧୯୪୭)– ନାଟ୍ୟକାର ଶ୍ରୀମିଶ୍ରଙ୍କ ଜୀବନୀମୂଳକ ନାଟକ 'କବିସୂର୍ଯ୍ୟ' ୧୯୪୯ରେ ପ୍ରକାଶ ପାଇଲା। ମାତ୍ର ତାହା ତା ୪-୯-୭୨ ରିଖରେ 'ଅନ୍ନପୂର୍ଣ୍ଣା ଏ'ଗ୍ରୁପ୍' ଦ୍ୱାରା ଅଭିନୀତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଥିଲା। ଏହା 'କବିସୂର୍ଯ୍ୟ ବଳଦେବ ରଥ'ଙ୍କ ଜୀବନୀକୁ ଉପଜୀବ୍ୟ କରି ରଚିତ। ଏଥିରେ ଅଲୌକିକ ତାକୁ ସ୍ଥାନ ଦେଇଥିଲେ ହେଁ ଓଡ଼ିଶାର ରାଜନୈତିକ ଓ ସାମାଜିକ ଚିତ୍ର ପରିବେଷଣରେ ସିଦ୍ଧହସ୍ତ ତାର ପରିଚୟ ଦେଇଛନ୍ତି। କବିସୂର୍ଯ୍ୟଙ୍କ କବି ପ୍ରତିଭାର ସୂଚନା ଦେବାକୁ ଯାଇ ନାଟକରେ କବି ରଚିତ ଯେଉଁ ସଂଗୀତ ଗୁଡ଼ିକର ସଂଯୋଜନା କରାଯାଇଛି, ତାହା ନାଟ୍ୟକାର ମିଶ୍ରଙ୍କ ନିର୍ବାଚନ ଦକ୍ଷତା, ରସିକତା ଓ ଚାତୁରୀର ପରିଚୟ ଦିଏ।

Digitized by PPRACHIN, SOA

ଗଡ଼ଜାତ ରାଜବଂଶମାନଙ୍କର ସଂଗୀତ ଚର୍ଚ୍ଚା ବିଷୟରେ ନାଟ୍ୟକାର ପିଲାଦିନରୁ ଅବହିତ ଥିଲେ। କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ ଚମ୍ପୂ'ର ଗୀତିମୟତା ଓ ମାନବିକ ଆବେଦନ ଯୋଗୁଁ ପ୍ରତି ଓଡ଼ିଆ ପ୍ରାଣରେ ଭାବାବେଗ ସୃଷ୍ଟି କରିଥିଲା। ନାଟ୍ୟକାର କହିଛନ୍ତି— "କବିସୂର୍ଯ୍ୟଙ୍କର ପ୍ରେମମୟୀ ସଂଗୀତ ଝଙ୍କାରର ମୋହନୀୟ ସ୍ପର୍ଶରେ ମୁଁ ସେଥିରେ ଅନୁଭବ କରୁଥିଲି ଯେପରି ନିତ୍ୟବସନ୍ତ।" ଏଇ ନିତ୍ୟବସନ୍ତର ଅନୁଭବରୁହିଁ ଶ୍ରୀମିଶ୍ର 'କବିସୂର୍ଯ୍ୟ' ରଚନାର ପ୍ରେରଣା ଲାଭ କରନ୍ତି। ଏଥିପୂର୍ବେ କାଳୀବାବୁ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ନାଟ୍ୟରୂପ ପ୍ରଦାନ କରିଥିଲେ। ମହାପୁରୁଷଙ୍କ ଜୀବନୀକୁ ନେଇ ନାଟକ ରଚନାର ପରମ୍ପରା ସୃଷ୍ଟି ହୋଇଥିଲା କାଳୀବାବୁଙ୍କ ଠାରୁ 'ଅତିବଡ଼ୀ ଜଗନ୍ନାଥ ଦାସ' ଓ 'ଜୟଦେବ' ନାଟକକୁ ନେଇ। ଏହାପରର ଚରିତଧର୍ମୀ ନାଟକର 'କବିସୂର୍ଯ୍ୟ ପ୍ରକାଶ ପାଇଲା।

(ଘ) ବେତାର ନାଟିକାବଳୀ—

(୧) ପ୍ରବାସୀ— (Read at the Seminar of playwrights and feature writers at Calcutta on 25.2.59)

'ପ୍ରବାସୀ' ଗୋଟିଏ ସାମାଜିକ ତଥା ପାରିବାରିକ ଏକାଙ୍କିକା। ଏଥିରେ ଥିବା ପୁରୁଷ ଭୂମିକାଗୁଡ଼ିକ ହେଲେ —(୧) ବିଶ୍ବବାବୁ— ଅବସର ପ୍ରାପ୍ତ କର୍ମଚାରୀ, (୨) ଜୟନ୍ତ—ବିଶ୍ବବାବୁଙ୍କ ପୁଅ ଓ ଉଚ୍ଚଶିକ୍ଷିତ , (୩) ରଘୁ— ଦୁଧବାଲା। ପୁଣି ସ୍ତ୍ରୀ ଚରିତ୍ର ଗୁଡ଼ିକ ହେଲେ— (୧) ସୁମିତ୍ରା— ବିଶ୍ବବାବୁଙ୍କ ସ୍ତ୍ରୀ, (୨) ଉମା— ବିଶ୍ବବାବୁଙ୍କ ଝିଅ ଓ ଉଚ୍ଚଶିକ୍ଷିତା, (୩) ଇଲା— ଆଧୁନିକ ଶିକ୍ଷିତା ଝିଅ ଓ ଜୟନ୍ତର ପ୍ରେମିକା।

ବିଷୟବସ୍ତୁ— ବିଶ୍ବବାବୁ ଜଣେ ସରକାରୀ କର୍ମଚାରୀ ଥିଲେ। ସେ ଗୋଟିଏ ଜାଗାରେ ଦୀର୍ଘ ୨୫ ବର୍ଷ ରହିଲା ପରେ ସେଠିକାର ଲୋକ, ପରିବେଶ ତଥା ଚାଲିଚଳଣ ସହିତ ପୂରାପୂରି ମଜ୍ଜି ଗଲେଣି ଓ ସର୍ବୋପରି ସେ ସ୍ଥାନ ପ୍ରତି ଅତୀବ ମମତା ବଢ଼ିଯାଇଛି ଯଦିଓ ସେ ସେଠିକାର ଜଣେ ପ୍ରବାସୀ। ଅର୍ଥାତ୍ ତାଙ୍କର ନିଜର ଗାଁ ଅନ୍ୟ ରାଜ୍ୟରେ। ଚାକିରୀରୁ ଅବସର ପରେ ନିଜ ଗାଁକୁ ଫେରି ଯିବା ପାଇଁ ଜିଦ୍ ଧରି ବସନ୍ତି ବିଶ୍ବବାବୁଙ୍କ ପତ୍ନୀ ସୁମିତ୍ରାଦେବୀ। ସମସ୍ତ ବ୍ୟବସ୍ଥା ହୋଇ ସାରିଥିଲେ ବି ସେମାନେ ସ୍ବଦେଶକୁ ଫେରି ପାରି ନଥିଲେ। କାରଣ ବିଶ୍ବବାବୁ କୁହନ୍ତି — "ଅତୀତରେ ଦେଶର ଏହି ଯୁବକ ଯୁବତୀଙ୍କ ସାହାଯ୍ୟରେ ସୃଷ୍ଟି ହୁଏ ଏକ ମହା ଭାରତୀୟ ଭାଷା— ଏକ ମହାନ୍ ମହାଭାରତୀୟ ଜାତି .....ଏ ଦେଶର ଇତିହାସ ନୂତନ ଭାବେ ଲେଖା ହେବ ସେଇମାନଙ୍କ ଦ୍ଵାରା.... ଏଇ ମାଟିର ମଣିଷ ହେଇ, ଏଇ ମାଟି ଉପରେ ଠିଆ ହୋଇ ଆଉ ଆମେ କହିବା ନାହିଁ ଆମେ ପ୍ରବାସୀ। (ପୃଷ୍ଠା-୨୭)

(୨) ପ୍ରତୀକ୍ଷା— 'ପ୍ରତୀକ୍ଷା' ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଗୋଟିଏ ସାମାଜିକ ତଥା ପାରିବାରିକ ଏକାଙ୍କିକା। ଏଥିରେ ପୁରୁଷ ଚରିତ୍ରରେ ଅଛନ୍ତି (୧) ଅଜିତ୍—

Digitized by PPRACHIN, SOA

ବାସନ୍ତୀର ସ୍ୱାମୀ ଓ ଏକାଙ୍କିକାଟିର ନାୟକ, (୨) ସାଧୁ- ଅଜିତ୍ ବାବୁଙ୍କ ଘରର ଚାକର। ପୁଣି ସ୍ତ୍ରୀ ଚରିତ୍ର ଗୋଟିଏ, ସେ ବାସନ୍ତୀ, ଅଜିତ୍‌ବାବୁଙ୍କ ଧର୍ମପତ୍ନୀ ଓ ଏକାଙ୍କିକାଟିର ନାୟିକା।

ବିଷୟବସ୍ତୁ— ଅଜିତ୍‌ବାବୁ ଜଣେ କୋର୍ଟ କର୍ମଚାରୀ। ଅଫିସ କାର୍ଯ୍ୟପରେ ଯଦି କେଉଁଦିନ ଅଜିତ୍‌ବାବୁଙ୍କର ଘରକୁ ଫେରିବାରେ ଯେତିକି ବିଳମ୍ବ ହୁଏ, ସେଦିନ ତାଙ୍କର ଧର୍ମପତ୍ନୀ ବାସନ୍ତୀଙ୍କର ଦୁର୍ଭାବନାଗୁ ସେତିକି ବଢିଯାଏ।

ଦିନକର ଘଟଣା। ଅଜିତ୍ ବାବୁ ଅଫିସରୁ ଫେରିର ସିଧା ସଳଖ ବଜାରକୁ ଚାଲି ଯାଇଥିଲେ କିଛି ଜିନିଷପତ୍ର ଘର ପାଇଁ ଯଥାର୍ଥରେ ସ୍ତ୍ରୀଙ୍କ ପାଇଁ ଆଣିବାକୁ। (୧) କିଆ ପତର ପକା ମାଣିଆବନ୍ଧି ଶାଢ଼ୀ ଏବଂ ତାକୁ ମେଳ କଲାପରି ବ୍ଲାଉଜ୍, (୨) ଏଇଟି ଗୋଟିଏ ସଦ୍ୟ ପ୍ରକାଶିତ ଉପନ୍ୟାସ 'ଛଳନାମୟୀ'। ଏଇ ବହିଟି ମନ ଧ୍ୟାନ ଦେଇ ବାସନ୍ତୀ ଦେବୀ ପଢି ଯାଉଥାଆନ୍ତି ଏବଂ ବେଳେ ବେଳେ ଉଠି ପଡ଼ି ମନକୁ ମନ କ'ଣ ଗୁଡ଼େ କହି ଯାଉଥାଆନ୍ତି, ଶେଷରେ ହଠାତ୍ କଅଣ ହେଲା କେଜାଣି ସେ ଖୁବ୍ ଶୀଘ୍ର ବାହାରକୁ ବାହାରି ପଡ଼ିଲେ, କଳାହାଣ୍ଡିଆ ମେଘ ସାଙ୍ଗକୁ ତୋଫାନ ମାଡ଼ି ଆସୁଥିଲେ ମଧ । କିଛି ସମୟ ପରେ ଏ ବିଷୟ ଅଜିତ୍ ବାବୁଙ୍କ କାନକୁ ଯାଇଛି। ସେ ଏଣେ ନାନା ଦୁର୍ଭାବନାରେ ଦହଗଞ୍ଜ ହେଉଥାନ୍ତି। ଅଜିତ୍ ବାବୁ ବର୍ଷାତି ଆଉ ଟୋପିଟି ଧରି ସ୍ତ୍ରୀଙ୍କୁ ଅନୁସରଣ କରିବାକୁ ଉଦ୍ୟତ ହେଲାବେଳକୁ ବାସନ୍ତୀ ଦେବୀ ପାଣିରେ ସୁତୁରୁତୁ ହୋଇ ଘରକୁ ଠିକ୍ ସେତିକିବେଳେ ଆସିଛନ୍ତି।

ପରେ ପରେ ବାସନ୍ତୀ ଦେବୀଙ୍କୁ ଥଣ୍ଡା ଏବଂ ଜ୍ୱର ସାଙ୍ଗକୁ କାଶ ମଧ ବଢ଼ି ଯାଇଛି। ଅତ୍ୟଧିକ କାଶ ଆସୁଥିଲେ ମଧ ବାସନ୍ତୀ ଦେବୀ ତାକୁ ଚାପି ରଖିବାକୁ ପ୍ରଯତ୍ନ କରୁଥାନ୍ତି। ମନେହୁଏ, ଔପନ୍ୟାସିକଙ୍କ ସହିତ ବୋଧେ ବାସନ୍ତୀ ଦେବୀଙ୍କର ପୂର୍ବରୁ ସଂପର୍କ ରହିଥିଲା; ଯାହାକୁ ସେ ଉପନ୍ୟାସ ମାଧମରେ ପରିପ୍ରକାଶ କରିଛନ୍ତି। ଏହାହିଁ ଦୁହିଁଙ୍କ ମନରେ ସନ୍ଦେହର ପାଚେରୀ ସୃଷ୍ଟି କରିଛି ସ୍ୱାମୀ ତଥା ସ୍ତ୍ରୀ ଦୁହିଁଙ୍କର ସେହି ଅନାବିଳ ସ୍ନେହକୁ ଧ୍ୱଂସ ବିଧ୍ୱସ୍ତ କରି।

ଆଭିମୁଖ୍ୟ— (୧) କିମିତି ବୁଝିବି? ସାଧୁ କ'ଣ ବାହାସାହା ହେଇଚି। ନା ଦେଶ ବିଦେଶ କରିଛି ଯେ ତା ବଅସରେ ଇମିତି କଥା ଅଙ୍ଗେ ନିଭେଇଚି ଯେ ସେ ବୁଝି ପାରିବ। ପୃଷ୍ଠା-୩

(୨) ସ୍ତ୍ରୀ, ତାର ସ୍ୱାମୀ ଛଡ଼ା ଏ ଦୁନିଆରେ ଆଉ କାହାକୁ ଭଲ ପାଇବା କେବେ ସମ୍ଭବ ହୋଇପାରେ। (ପୃଷ୍ଠା-୧୧)

(୩) ଓହୋ — ଧନ୍ୟ ତୁମେ ନାରୀ— ବୁକୁ ଫାଟିଯିବ ପଛେ ତୁଣ୍ଡ ଫିଟିବ ନାହିଁ। ଫୁଲ ପରି ନରମ ଅଥଚ ପଥରଠୁ ବଳି ସହଣି। ମନ ଭିତରେ ନରମ ଅଥଚ ସହିବା ଗୁଣରେ ଏକାବେଳେ ଲୁହାପଥର। ପୃଷ୍ଠା-୨୨।

ଅଧ୍ୟାପକ ସର୍ବେଶ୍ୱର ଦାସଙ୍କ 'ନାଟକ ବିଚାର' ପୁସ୍ତକର ମୁଖବନ୍ଧରେ ଡଃ. ମାୟାଧର ମାନ୍‌ସିଂହ ଓଡ଼ିଆ ନାଟକର ଓ ଦର୍ଶକମାନଙ୍କର ରୁଚି ବିଷୟରେ ଉଲ୍ଲେଖ କରି ଉଚ୍ଚକୋଟିର ନାଟ୍ୟଶୈଳୀ ସଂପର୍କରେ ଯେଉଁ ସୂଚନା ଦେଇଛନ୍ତି, ତାହା ଶ୍ରୀଯୁକ୍ତ ମିଶ୍ରଙ୍କ

Digitized by PPRACHIN, SOA

ନାଟକ ବିଚାର କାଳରେ ବିଶେଷ ଉଲ୍ଲେଖ ଯୋଗ୍ୟ। ତାଙ୍କ ବିଚାରରେ "ଆମ ଦେଶର ଅଧିକାଂଶ ଦର୍ଶକ ଓ ଅଧିକାଂଶ ନାଟ୍ୟକାରଙ୍କ ଧାରଣା ଯେ, ନାଚ, ଗୀତ ତଥା ନବଙ୍ଗ— ଏଇ ହେଲା ନାଟକ। ନାଟକ ଯେ ଉଚ୍ଚ ସାମାଜିକ ଆଦର୍ଶ ଚାରିତ୍ରିକ ସଂଘର୍ଷ ଓ ମନସ୍ତତ୍ତ୍ୱର ମୁକୁର ଏବଂ ଏଥିପାଇଁ ଯେଉଁ ଉଚ୍ଚକୋଟୀର ସିଦ୍ଧହସ୍ତତା ଆବଶ୍ୟକ, ତାହା ନାଟକୀୟ ରସ ଗ୍ରହଣର ଆଦ୍ୟତତ୍ତ୍ୱ ରୂପେ ଗ୍ରହଣ ନକଲାଯାଏ ଆମ୍ଭମାନଙ୍କର ରଙ୍ଗମଞ୍ଚର ଉନ୍ନତି ଅସମ୍ଭବ। "ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକାବଳୀ ମଧ୍ୟରେ ଡଃ ମାନସିଂହଙ୍କ ବିଚାର ଧାରାର କେତୋଟି ଦିଗ ପରିଲକ୍ଷିତ ହୁଏ। ସେ ତାଙ୍କର ନାଟକ ଗୁଡ଼ିକରେ କେବଳ ଓଡ଼ିଆ ସମାଜ ଜୀବନର ଚିତ୍ର ଅଙ୍କନ କରି ନାହାନ୍ତି, ଉଚ୍ଚ ସାମାଜିକ ଆଦର୍ଶ ପ୍ରତିଷ୍ଠା କରିବା ଦିଗରେ ମଧ ଉଦ୍ୟମ କରିଛନ୍ତି। ତାଙ୍କର ପ୍ରତ୍ୟେକ ସାମାଜିକ ନାଟକର ବିଷୟବସ୍ତୁ ଗ୍ରାମ ଓ ସହର ପୃଷ୍ଠଭୂମି ଉପରେ ପରି କଳ୍ପିତ।

—o—

୧. ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଏକ ଅଧୟନ— ଇସ୍ତାହାର, ଲେଖକ— ହୃଷୀକେଶ ପଣ୍ଡା, (ଏପ୍ରିଲ୍— ଜୁନ୍, ୧୯୮୦) ସଂପାଦନା - ଡଃ ନିତ୍ୟାନନ୍ଦ ଶତପଥୀ, ପୃଷ୍ଠା-୭୯।

୨. ଯୁଗେ ଯୁଗେ ନାଟ୍ୟ ସାହିତ୍ୟ, ବୀର କିଶୋର ଦାସ, ପୃଷ୍ଠା- ୨୦୫

୩. ଯୁଗେ ଯୁଗେ ନାଟ୍ୟ ସାହିତ୍ୟ, ବୀର କିଶୋର ଦାସ, ପୃଷ୍ଠା -୨୦୫।

୪. ଓଡ଼ିଆ ସାମାଜିକ ନାଟକ, ନିରୂପମା ମିଶ୍ର, ପାଠଚକ୍ର ପ୍ରବନ୍ଧାବଳୀ (୩ୟ ଖଣ୍ଡ) ଓଡ଼ିଆ ବିଭାଗ, ବାଣୀ ବିହାର ୧୯୭୫, ପୃଷ୍ଠା -୭।

୫. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା –୧୬୪

୬. ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ନବକିଶୋର ପୃଷ୍ଟି, ସୃଷ୍ଟି ଓ ସମୀକ୍ଷା, ୧୯୭୪-୭୫, ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ସମାଜର ମୁଖପତ୍ର, ପୃଷ୍ଠା- ୫୮

୭. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା- ୧୬୫।

୮. ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ନିବକିଶୋର ପୃଷ୍ଟି, ସୃଷ୍ଟି ଓ ସମୀକ୍ଷା, ୧୯୭୪-୭୫, ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ସମାଜର ମୁଖପତ୍ର, ପୃଷ୍ଠା-୫୮।

୯. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା- ୧୬୬।

୧୦. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା-୧୬୬।

୧୧. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା-୧୬୮

୧୨. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା -୧୬୨।

୧୩. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା-୧୬୯।

୧୪. ନାଟ୍ୟକାର ରାମଚନ୍ଦ୍ରଃ ଏକ ଅଧ୍ୟୟନ, ହୃଷିକେଶ ପଣ୍ଡା, ଇସ୍ତାହାର, ୧୯୮୦, ପୃଷ୍ଠା-୮୭।

୧୫. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଡଃ. ହେମନ୍ତ କୁମାର ଦାସ, ପୃ-୧୬୮ ।)

୧୬. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଡଃ. ହେମନ୍ତ କୁମାର ଦାସ, ପୃଷ୍ଠା-(୧୭୦)

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ର : ଏକ ଅଧ୍ୟୟନ

ଡଃ. ହୃଷୀକେଶ ପଣ୍ଡା

ଓଡ଼ିଆ ନାଟ୍ୟ-ସାହିତ୍ୟର ଇତିହାସରେ କେତୋଟି କାଳଜୟୀ ପୃଷ୍ଠା ରଚନା କରିବାରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ୱୀକୃତ। ଶ୍ରୀ ମିଶ୍ର ଜଣେ ଜୀବନବାଦୀ ସମାଜ ସଚେତନ ଶିଳ୍ପୀ। ସାଂପ୍ରତିକ ସମାଜ ଜୀବନର ଏକ ଅବକ୍ଷୟର ସ୍ୱରୂପ ତାଙ୍କ ଶିଳ୍ପୀ-ମାନସରେ ଧରା ଦେଇଛି। ଏ ପରିପ୍ରେକ୍ଷୀରେ ସ୍ରଷ୍ଟା ନିଜସ୍ୱ ଭୂମିକା ସ୍ଥିର କରି ନେଇଛନ୍ତି। ସଂସ୍କାରଶୀଳ ମନର ବ୍ୟଂଗଶାଣିତ ଦୃଷ୍ଟି କଳାଗତ ରୂପ ନେଇଛି ପ୍ରତିଟି ନାଟକରେ। ସମାଜ ଜୀବନରୁ ବିଷବୃକ୍ଷର ମୂଳୋତ୍ପାଟନ କରି ସମାଜକୁ ଅମୃତଫଳ ଦାନ କରିବାର ଆକୁଳ ଜିଜ୍ଞାସା ପ୍ରତିଟି ନାଟକରେ ପ୍ରଚ୍ଛନ୍ନ।

ଶ୍ରୀ ମିଶ୍ରଙ୍କର ସମସ୍ତ ନାଟକରେ ନାଟ୍ୟିକ ବିକାଶର ଏକ ସୁଚିନ୍ତିତ ଧାରା ପରିଦୃଶ୍ୟ। ସୃଷ୍ଟି ସମୂହ ପର୍ଯ୍ୟାୟକ୍ରମେ କଳାଗତ ସାଫଲ୍ୟ ଲାଭ କରିଛି। କଥାବସ୍ତୁ ଆହରଣ, ସଂଳାପ ସଂଯୋଜନା ଓ ଚରିତ୍ର ଚିତ୍ରଣରେ ଅନୁଭୂତିର ଆତ୍ମଦର୍ଶନ ସାର୍ଥକ କଳାକୃତିର ରୂପ ନେଇଛି। ସମକାଳୀନ ସାମାଜିକତା ସୃଷ୍ଟିମାନସର ପରିପୁଷ୍ଟି ପାଇଁ ଏକାନ୍ତ ଦାୟୀ। ଏ ପରିପ୍ରେକ୍ଷୀରେ ନାଟ୍ୟକାର ଶ୍ରୀ ମିଶ୍ରଙ୍କ ସମସ୍ତ ସୃଷ୍ଟିର ପର୍ଯ୍ୟାୟକ୍ରମ ଆଲୋଚନା ଅପରିହାର୍ଯ୍ୟ ମନେହୁଏ।

(ଖ)

ଦଶପଲ୍ଲାର 'କୁଞ୍ଜବନଗଡ଼'ରେ ୧୯୨୦ ମସିହା ଅକ୍ଟୋବର ୧୨ ତାରିଖରେ ଶ୍ରୀ ମିଶ୍ରଙ୍କର ଜନ୍ମ। ପିତା ବିଦ୍ୟାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଲ୍ୟଶିକ୍ଷା ସମାପ୍ତ କରି, ଉଚ୍ଚଶିକ୍ଷା ନିମନ୍ତେ ଯା'ନ୍ତି ବାଣପୁର। ବାଣପୁରର ନିସର୍ଗ ସୁନ୍ଦର ପରିବେଶ ଭିତରେ ଅଧ୍ୟୟନ କାଳରେ ସାହିତ୍ୟ ସୃଷ୍ଟି ପ୍ରତି ଆଗ୍ରହ ଜନ୍ମେ। ଏ ସମୟରେ ଶ୍ରୀ ମିଶ୍ର, ଗୋଦାବରୀଶ ମିଶ୍ର ଓ ଗୋଦାବରୀଶ ମହାପାତ୍ରଙ୍କ ପରି ଦୁଇ ମହାନ ପ୍ରତିଭାର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଲାଭ କରନ୍ତି। ପ୍ରଥମେ କବିତା ରଚନା ପ୍ରତି ଆକୃଷ୍ଟ ହୁଅନ୍ତି; ପରେ ଗଳ୍ପ ଓ ଉପନ୍ୟାସ। ଶେଷରେ ନାଟକ। ତାଙ୍କ ସୃଷ୍ଟିମାନସର ପ୍ରଥମ କଳିକା 'କୋରକ' ନାମରେ ପ୍ରକାଶ ପାଏ। ପରେ ଉପନ୍ୟାସ 'ବିବାହିତା'। ରେଭେନ୍‌ସା କଲେଜରେ ବି.ଏ. ଓ ମଧୁସୂଦନ ଆଇନ କଲେଜରେ ବି.ଏଲ. ଅଧ୍ୟୟନ କାଳରେ 'ଓଡ଼ିଶା ଥିଏଟରସ' ଦ୍ୱାରା ମଞ୍ଚସ୍ଥ ବହୁ ନାଟକ ଦେଖିବାର ସୁଯୋଗ ପାନ୍ତି। ସେତେବେଳକୁ କାଳୀବାବୁ ନାଟ୍ୟକାର ଭାବରେ ପ୍ରତିଷ୍ଠା ପାଇ ସାରିଲେଣି। ତାଙ୍କ ନାଟକ ଗୁଡ଼ିକ ଦର୍ଶକଙ୍କର ଉଚ୍ଛ୍ୱସିତ ପ୍ରଶଂସା ଲାଭ କରି ସଫଳତାର ଚରମସୀମାକୁ ଉନ୍ନୀତ ହେଉଥାଏ। କାଳୀବାବୁଙ୍କ ନାଟକର ଆଶାତୀତ ସଫଳତା, ସାମୁଏଲ ସାହୁ (ବାବି)ଙ୍କ ଅଜସ୍ର ପ୍ରେରଣା ଶ୍ରୀ ମିଶ୍ରଙ୍କୁ ନାଟକ

Digitized by PPRACHIN, SOA

ସୃଷ୍ଟିରେ ଆଗ୍ରହ କଲା । ତାଙ୍କ ନାଟ୍ୟକାର ଜୀବନ ଆରମ୍ଭ ହୁଏ ୧୯୪୨ରୁ । 'ଅଭିମାନ' ପ୍ରଥମ ନାଟକ ଭାବରେ ଜନ୍ମ ନିଏ । ମାତ୍ର ପରିପକ୍ୱ ନାଟ୍ୟକୃତିର ଅଭାବ ହେତୁ 'ଅଭିମାନ' ସାର୍ଥକ ସୃଷ୍ଟିର ଗୌରବ ଶ୍ରୀ ମିଶ୍ରଙ୍କୁ ଦେଇପାରେ ନାହିଁ । ଏହାପରେ ୧୯୪୫ ମସିହାରେ ଜନ୍ମନିଏ ବହୁ ଆଲୋଚିତ ନାଟକ 'ମୂଳିଆ' । 'ମୂଳିଆ' ମଞ୍ଚସ୍ଥ ହେବାପରେ ଜନସାଧାରଣଙ୍କ ହୃଦୟରେ ତୀବ୍ର ଆଲୋଡ଼ନ ସୃଷ୍ଟିକରେ । 'ମୂଳିଆ'ର ଅପ୍ରତ୍ୟାଶିତ ସଫଳତା ଦର୍ଶକଙ୍କୁ ସ୍ତମ୍ଭିତ କରେ । କେତେକ ଶ୍ରୀ ମିଶ୍ରଙ୍କର ସୃଷ୍ଟି 'ମୂଳିଆ'ର ସତ୍ୟତା ଉପରେ ସନ୍ଦେହ ପ୍ରକାଶ କରନ୍ତି । ଅନେକେ ମତ ଦିଅନ୍ତି କାଳୀବାବୁଙ୍କ ଅପ୍ରତ୍ୟାଶିତ ପାଣ୍ଡୁଲିପି ସାମୁଏଲବାବୁ ନେଇ ଯା'ନ୍ତି । ଶ୍ରୀ ମିଶ୍ର ପରେ ତାହାକୁ ସାମାନ୍ୟ ଅଦଳବଦଳ କରି 'ମୂଳିଆ' ନାମରେ ପ୍ରକାଶ କରନ୍ତି । ମାତ୍ର, ଏ ମନ୍ତବ୍ୟ ଯଥାର୍ଥ ନୁହେଁ । ଏ ମନ୍ତବ୍ୟ ବିପକ୍ଷରେ ଆଲୋଚକ ଅଧ୍ୟାପକ ନାରାୟଣ ଶତପଥୀ ଲେଖିଛନ୍ତି, ''ଏହା କାଳୀବାବୁଙ୍କ ମୂଳ ପାଣ୍ଡୁଲିପିର ସଂସ୍କରଣ ନୁହେଁ । କାରଣ, (୧) କାଳୀବାବୁଙ୍କ କୌଣସି ନାଟକର ବିଷୟବସ୍ତୁ ଏବଂ ଚରିତ୍ର ଚିତ୍ରଣ 'ମୂଳିଆ' ଅନୁରୂପ ନୁହେଁ । (୨) ପରନ୍ତୁ, ଶ୍ରୀ ମିଶ୍ରଙ୍କର ବହୁ ନାଟକର ଚରିତ୍ର ଏବଂ ବିଷୟବସ୍ତୁ ପ୍ରାୟ ଏହି ଧରଣର । (୩) ଏତଦ୍‌ବ୍ୟତୀତ ଏପରି ହୋଇଥିଲେ କାଳୀବାବୁ ଶ୍ରୀ ମିଶ୍ରଙ୍କ ନାଟକରେ କେବେ ମୁଖବନ୍ଧ ଲେଖିବାକୁ ରାଜି ହୋଇ ନଥାନ୍ତେ'' । 'ମୂଳିଆ' ଶ୍ରୀ ମିଶ୍ରଙ୍କର ନିଜସ୍ୱ ସୃଷ୍ଟି । ତେବେ 'ମୂଳିଆ'ର କଥାବସ୍ତୁ ସାମୁଏଲବାବୁଙ୍କ ଠାରୁ ସେ ସଂଗ୍ରହ କରିଥିଲେ । ହୁଏତ ସେହି କାରଣରୁ ସାମୁଏଲ ବାବୁଙ୍କୁ ମୂଳିଆର ଯୁଗ୍ମଲେଖକ ଭାବରେ ଶ୍ରୀ ମିଶ୍ର ସ୍ୱୀକାର କରିଛନ୍ତି । ଅନ୍ନପୂର୍ଣ୍ଣା 'ବି' ଗ୍ରୁପର ପରିଚାଳକ ଲିଙ୍ଗରାଜ ନନ୍ଦ 'ମୂଳିଆ'କୁ ମଞ୍ଚସ୍ଥ କରିଥିଲେ । 'ମୂଳିଆ' ନାଟକର ବିଷୟବସ୍ତୁ ଆଧୁନିକ ସମାଜ ଜୀବନରୁ ଗୃହୀତ । ଆଧୁନିକ ଇଂରେଜୀ ଶିକ୍ଷାର କୁ ପ୍ରଭାବ ଓ ସାମାଜିକ ପରିବର୍ତ୍ତନର ପୃଷ୍ଠଭୂମିରେ ନାଟକଟି ରଚିତ । ପାଶ୍ଚାତ୍ୟ ଶିକ୍ଷା ଲାଭ କରିଥିବା ଉଚ୍ଚଶିକ୍ଷିତ ଯୁବକର ନୈତିକ ସ୍ଖଳନର ଚିତ୍ର ନାଟକଟିରେ ପ୍ରତିଫଳିତ । ମଞ୍ଚସ୍ଥ ହେବାପରେ 'ମୂଳିଆ'ର ଆଶାତୀତ ସଫଳତା ନାଟ୍ୟକାରଙ୍କୁ ବହୁଭାବରେ ଅନୁପ୍ରାଣିତ ଓ ଉତ୍ସାହିତ କରିଛି । 'ମୂଳିଆ'ର ସଫଳତା ଦେଖି ଅନ୍ନପୂର୍ଣ୍ଣା ଏ' ଗ୍ରୁପ୍‌ର ପରିଚାଳକ ମଞ୍ଚ ଶ୍ରୀ ବାଉରୀବନ୍ଧୁ ମହାନ୍ତି ଅନ୍ୟ ଏକ ନାଟକ ଲେଖିବାକୁ ତାଙ୍କୁ ଅନୁରୋଧ କଲେ । ଫଳତଃ ଜନ୍ମନେଲା 'କବିସୂର୍ଯ୍ୟ (୧୯୪୬) ।

ଗଡ଼ଜାତ ରାଜବଂଶମାନଙ୍କର ସଙ୍ଗୀତ ଚର୍ଚ୍ଚା ବିଷୟରେ ନାଟ୍ୟକାର ପିଲା ଦିନରୁ ଅବହିତ ଥିଲେ । କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ଗୀତିମୟତା ଓ ମାନବିକ ଆବେଦନ ଯୋଗୁଁ ପ୍ରତି ଓଡ଼ିଆ ପ୍ରାଣରେ ଭାବାବେଗ ସୃଷ୍ଟି କରିଥିଲା । ନାଟ୍ୟକାର କହିଛନ୍ତି, ''କବିସୂର୍ଯ୍ୟଙ୍କ ପ୍ରେମମୟୀ ସଙ୍ଗୀତ ଝଙ୍କାରର ମହନୀୟ ସ୍ପର୍ଶରେ ମୁଁ ସେଥିରେ ଅନୁଭବ କରୁଥିଲି ଯେପରି ନିତ୍ୟବସନ୍ତ'' । ଏଇ ନିତ୍ୟବସନ୍ତର ଅନୁଭବରୁହିଁ ଶ୍ରୀ ମିଶ୍ର 'କବିସୂର୍ଯ୍ୟ' ରଚନାର ପ୍ରେରଣା ଲାଭ କରନ୍ତି । ଏଥିପୂର୍ବେ କାଳୀବାବୁ

Digitized by PPRACHIN, SOA

'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ନାଟ୍ୟରୂପ ପ୍ରଦାନ କରିଥିଲେ। ମହାପୁରୁଷଙ୍କ ଜୀବନୀକୁ ନେଇ ନାଟକ ରଚନାର ପରମ୍ପରା ସୃଷ୍ଟି ହୋଇଥିଲା କାଳୀବାବୁଙ୍କ ଠାରୁ। କାଳୀବାବୁଙ୍କ 'ଅତିବଡ଼ୀ ଜଗନ୍ନାଥଦାସ' ଓ 'ଜୟଦେବ' ନାଟକ ଓଡ଼ିଶା ଥିଏଟରସ୍ ଦ୍ୱାରା ଅଭିନୀତ ହୋଇ ଦର୍ଶକ ହୃଦୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାପରର ଜୀବନୀମୂଳକ ନାଟକ 'କବିସୂର୍ଯ୍ୟ' ୧୯୪୯ରେ ପ୍ରକାଶ ପାଇଲା। ମାତ୍ର ପୂର୍ବରୁ ତା୪-୯-୪୬ ରିଖ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ଦ୍ୱାରା ନାଟକଟି ମଞ୍ଚସ୍ଥ ହୋଇଥିଲା। 'କବିସୂର୍ଯ୍ୟ' ମଞ୍ଚସ୍ଥ ହେବାପରେ ତତ୍କାଳୀନ 'ନବୀନ' ପତ୍ରିକାରେ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ମତ ଦେଇଥିଲେ, "ମୂଳିଆ ଲେଖି ରାମଚନ୍ଦ୍ର ବାବୁଙ୍କର ଯେତିକି ସୁଖ୍ୟାତି ହୋଇଥିଲା, 'କବିସୂର୍ଯ୍ୟ' ଲେଖି ତାଙ୍କର ସୁଖ୍ୟାତି ଆହୁରି ବଢ଼ି ଯାଇଛି ନିଶ୍ଚୟ ......" ତା୭-୭-୪୮ରିଖ ଦୈନିକ ସମାଜ ଲେଖିଥିଲେ "......ମହାପୁରୁଷମାନଙ୍କ ଜୀବନୀ ନେଇ ନାଟକ ଲେଖିବା ଦିଗରେ ଏହା ଯଥେଷ୍ଟ ସାହାଯ୍ୟ କରିବ......" ନାଟକଟି କବିସୂର୍ଯ୍ୟଙ୍କ ଜୀବନୀ ଓ ପ୍ରତିଭା ଉପରେ ଆଧାରିତ ହେଲେହେଁ ସୂକ୍ଷ୍ମ ରାଜନୀତିର ସ୍ପର୍ଶ ଲାଗିଥିଲା। ତା୧୭-୭-୪୭ ରିଖ ଦୈନିକ 'ଆଶା'ର ସଂପାଦକ ମନ୍ତବ୍ୟ ଦେଇଥିଲେ..... ନାଟକଟିରେ ରାଜନୀତିର ଯେଉଁ ସୂକ୍ଷ୍ମ ସ୍ପର୍ଶ ଲାଗିଛି ତାହା ଲେଖକର ବାହାଦୂରୀ........'।

ତେବେ ସମାଲୋଚକର ପୁରୋଦୃଷ୍ଟିରେ 'କବିସୂର୍ଯ୍ୟ' ନାଟକର ବହୁ ଦୋଷ ଦୁର୍ବଳତା ଧରାପଡ଼େ। ଲଳିତା ବଳଦେବ; ଚନ୍ଦ୍ରା ଓ କବିର ସଂଳାପରେ ଅପରିପକ୍ୱ ଲେଖନୀର ଦୁର୍ବଳତା ପରିଲକ୍ଷିତ ହୁଏ। ସମ୍ଭବତଃ ନାଟ୍ୟକାରଙ୍କର ତାରୁଣ୍ୟର ଉଲ୍ଲାସ ଏ ସମସ୍ତ ନାଟକରେ ସଂକ୍ଷେପରେ ପ୍ରକାଶ ପାଇଛି। ଉଦାହରଣ ସ୍ୱରୂପ, "ଫୁଲରୁ ମଧୁ ପାନ କରିବା ଯେପରି ଭ୍ରମରର ଧର୍ମ, ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା କବିର ଧର୍ମ, ମୁଁ ମୋର ଧର୍ମ ପାଳନ କରୁଛି ମାତ୍ର"....."ଯିବାପରେ ଆସିବା ଏଇ ଆଶାନେଇ ମୋତେ ବଞ୍ଚିରହିବାକୁ ହେବ ଚନ୍ଦ୍ରକଳା। ଚନ୍ଦ୍ର କୃପା କରେ ବୋଲି କୁମୁଦ ଫୁଟିପଡ଼େ," କିମ୍ୱା "ଆଚ୍ଛା କହିପାର କବି! ମିଳନ ସମ୍ଭବ ହୁଏ କେବେ? କବି— "ପାଇବାଟା ଯେତେବେଳେ ପୂର୍ଣ୍ଣ ବୋଲି ମନେହୁଏ"। ଇତ୍ୟାଦି—। ନାଟକର ମଞ୍ଚମୂଲ୍ୟ ଅନେକ ହ୍ରାସ ପାଇଛି। ବଳଦେବ କାଳୀଙ୍କୁ କ୍ଷୀର ମାଗିବା ମାତ୍ରେ କାଳୀଙ୍କ ସ୍ତନରୁ କ୍ଷୀର ବୋହିବା, ଧ୍ୟାନ ସଙ୍ଗେ ସଙ୍ଗେ ବର୍ଷା ହେବା, ରାମଚନ୍ଦ୍ର ଦେବଙ୍କ ବକ୍ତୃତାଧର୍ମୀ ଦୀର୍ଘ ସଂଳାପ ଏ ସମସ୍ତ ନାଟକର ମଞ୍ଚମୂଲ୍ୟ ନଷ୍ଟ କରିଛି। ତା'ପରେ ୧୯୫୦ରେ ପ୍ରକାଶ ପାଏ ପାରିବାରିକ ନାଟକ 'ଘର ସଂସାର'। ଏକାନ୍ନବର୍ତ୍ତୀ ପରିବାରର କ୍ରମବିବର୍ତ୍ତନ ଓ ସମସାମୟିକ ସମାଜରେ ଗାନ୍ଧିବାଦର ପ୍ରଭାବ ଉପରେ ଏ ନାଟକଟି ଆଧାରିତ। 'ଘରସଂସାର' ନାଟକର ପୃଷ୍ଠଭୂମି ବାଲେଶ୍ୱର। ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ନାଟକଟି ପ୍ରଥମେ ଅଭିନୀତ ହୁଏ ତା ୫-୧୧-୫୦ ରିଖ। ନାଟ୍ୟକାରଙ୍କ ମତରେ "ନିଜ ଘରକୁ ସଜାଡ଼ିଲେ ବାହାରର ସଂସାର ଅନାୟାସରେ ସଜାଡ଼ି ହୋଇଯିବ"। କେତେକ ସାଧାରଣ ଚରିତ୍ର କେତେକ ଅତିସାଧାରଣ ଦୈନନ୍ଦିନ ଘଟଣା ଘେନି ରୂପାୟିତ। ପାଶ୍ଚାତ୍ୟ ଶିକ୍ଷାର

Digitized by PPRACHIN, SOA

କୁପରିଣାମ ଶିକ୍ଷିତ ଯୁବକ ଯୁବତୀଙ୍କର ଜାତି-ବିବାହ, ଶିକ୍ଷିତା ଯୁବତୀର ସ୍ୱେଚ୍ଛାଚାରିତାର ଚରମ ପରିଣତି, ଏକାନ୍ନବର୍ତ୍ତୀ ପରିବାରର ଅବକ୍ଷୟର ଚିତ୍ର ନାଟକଟିରେ ସଫଳ କଳାଗତ ରୂପ ଲାଭ କରିଛି। "ଲୋକ ରାଜତନ୍ତ୍ର ଓ ଅମଲା ତନ୍ତ୍ରକୁ ସହଜ ଭାବରେ ଗ୍ରହଣ କରି ନେବାକୁ ପ୍ରସ୍ତୁତ ନୁହନ୍ତି"। ହିନ୍ଦୁ ପରିବାରରେ ନାରୀର ଆଦର୍ଶ ହିଁ ଆଗ, ତେଣୁ ଗୋପ କହିଛି, "ହିନ୍ଦୁ ନାରୀର ସେବା ଯତ୍ନ ଓ ଆତ୍ମବଳିରେ ଗଢ଼ି ଉଠେ ତା'ର ସ୍ୱର୍ଗର ସଂସାର, ସେ ବଞ୍ଚି ରହେ ଅନ୍ୟକୁ ବଞ୍ଚାଇବା ପାଇଁ। "ଚାକର ମୁଖର ହେଲେ ଘର ଭାଙ୍ଗେ"।

ଏକ ଉଚ୍ଛୃଙ୍ଖଳିତ ଭଗ୍ନ ପରିବାରକୁ ଯୋଡ଼ି ଦେବାର ଆକୁଳତା ସ୍ପଷ୍ଟ। ମାର୍ଜିତ ସଂଳାପ, ଯଥାଯଥ ଚରିତ୍ର ଚିତ୍ରଣ ଓ ବଳିଷ୍ଠ କାହାଣୀ 'ଘର ସଂସାର'କୁ ଅନବଦ୍ୟ ସୃଷ୍ଟିର ସ୍ୱୀକୃତି ଦାନ କରିପାରିଛି। ତେବେ ଗାନ୍ଧିବାଦର ବାସ୍ତବ ରୂପରେଖ ଦେବାରେ ନାଟ୍ୟକାର ଅସଫଳ ହୋଇଛନ୍ତି, "ପଞ୍ଚାୟତରାଜ"ର ଉଲ୍ଲେଖ କରି ଅବହେଳିତ ଦୂର ପଲ୍ଲୀରେ ତା'ର ଉପଯୋଗିତା ପ୍ରତି ଲୋକଙ୍କୁ ଅବହିତ କରିବାର ପ୍ରଚେଷ୍ଟା ଅଭିନନ୍ଦନୀୟ, ମାତ୍ର ତାହା ଆଲୋଚ୍ୟ ନାଟକର ଗତି ପ୍ରବାହକୁ ପ୍ରତିହତ କରିଛି। ଗୋପଙ୍କ ଘରକୁ ସାରଦା ଆସିବା ପରେ ଘଟଣା ପ୍ରବାହ ଶିଥିଳ ହୋଇ ଆସିଛି, କେତେକ ଅନାବଶ୍ୟକ ଉପଘଟଣା (Sub plot) ଯୋଡ଼ି ମୁଖ୍ୟ ଘଟଣାକୁ ଗ୍ରନ୍ଥିମୋଚନ ଆଡ଼କୁ ଟାଣି ନେବାର ଉଦ୍ୟମ ହୋଇଛି।

୧୯୫୨ ମସିହାରେ 'ମଉଡ଼ମଣି' ନାଟକ ପ୍ରକାଶ ପାଏ ଓ ତାହା ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ତା୧୨-୫-୫୨ ରିଖରେ ଅଭିନୀତ ହୁଏ। ତା୧୯-୯-୫୨ ରିଖରେ କାଳୀବାବୁ 'ମଉଡ଼ମଣି' ନାଟକର ମୁଖବନ୍ଧରେ ଲେଖିଛନ୍ତି ".....ବିଷୟ ବସ୍ତୁ କାଳର କଥାରୁ ବାଛି ନେଇଛନ୍ତି ନାଟ୍ୟକାର। ....ବଚନିକା ଗଢ଼ଣି ଭିତରେ ବହୁ ଜାଗାରେ, ଭାଷା ଖଞ୍ଜିବାରେ ରାମବାବୁଙ୍କ ବିନ୍ଧାଣୀ ପଣିଆ ଫୁଟି ପାରିଛି। ....ଦୃଶ୍ୟ ପରିକଳ୍ପନାରେ ଭାବନା ଅଛି, ଭାବଧାରା କୁହୁଡ଼ି ତଳେ ମୁହଁ ଛପା ଦେଇନାହିଁ। ....ରାମବାବୁ ଓ ତାଙ୍କ ପ୍ରଚେଷ୍ଟା ଭିତରେ ଦେଶ ଜାତି ଆଉ ସାହିତ୍ୟକୁ କିଛି ଦାନ କରିବା ଭଳି ମାଲ ମସଲା ଅଛି ବୋଲି ମୋର ବିଶ୍ୱାସ..."।

ଗଡ଼ଜାତ ମିଶ୍ରଣ ପରେ ସୁବିଧାବାଦୀ ରାଜାମାନେ ସାଧାରଣ ମଣିଷ ଭିତରୁ ନିଜର ମୁନାଫା ଉଠାଇବା ଚେଷ୍ଟାକରି ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିଛନ୍ତି। ଏଭଳି ଏକ କାହାଣୀକୁ ପୃଷ୍ଠଭୂମିରେ ରଖି ନାଟ୍ୟକାର 'ମଉଡ଼ମଣି' ରଚନା କରିଛନ୍ତି। 'ମଉଡ଼ମଣି'ର ଦୃଶ୍ୟସଜ୍ଜା ଅଳ୍ପ, ସଂଳାପ ବୁଦ୍ଧୀଦୀପ୍ତ ଓ ସଂକ୍ଷିପ୍ତ। ଶ୍ରୀ ମିଶ୍ରଙ୍କ ପ୍ରର୍ଯ୍ୟାୟ କ୍ରମେ ପ୍ରକାଶିତ ନାଟକ ଗୁଡ଼ିକ ମଧ୍ୟରେ ଏଥିରେ ଏକ ଉତ୍ତରଣ ଓ ବିକାଶର ଧାରା ସ୍ପଷ୍ଟ ସୂଚିତ। ସଂଳାପ, କାହାଣୀ, ଚରିତ୍ର ସବୁ ଗୁଡ଼ିକ ଭିତରେ ପରିପୂର୍ଣ୍ଣ ସ୍ରଷ୍ଟା ମାନସର ବୁଦ୍ଧିଦୀପ୍ତ ବିକାଶ ସଫଳ କଳାରୂପ ଧାରଣ କରିଛି।

୧୯୮୪ରେ ଲିଖିତ 'ଭାଇଭାଉଜ' ଶ୍ରୀ ମିଶ୍ରଙ୍କର ଅନ୍ୟତମ ଅନବଦ୍ୟ ରଚନା। ଏହାର ବଳିଷ୍ଠ କାହାଣୀ, ସଫଳ ନାଟକୀୟତା ଚାରିତ୍ରିକ ଓ ବୈଶିଷ୍ଟ୍ୟ ଏହାକୁ

Digitized by PPRACHIN, SOA

ଅକୁଣ୍ଠିତ ଗୌରବର ଅଧିକାରୀ କରିଛି। ନାଟକର ଚଳଚ୍ଚିତ୍ର ରୂପ ଓ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ହେବାରେ ଏହାର ଲୋକପ୍ରିୟତା ଅନୁମେୟ। ନାରୀର ପତି ପରାୟଣତା, ମା'ର ମମତା, ସ୍ୱାମୀର ସନ୍ଦେହ, ଭାଉଜର ଶ୍ରଦ୍ଧା, ଭାଇର ଭକ୍ତି, ତ୍ୟାଗ ଓ ତିତିକ୍ଷାର ଅପୂର୍ବ ଚିତ୍ରଣ 'ଭାଇ-ଭାଉଜ'କୁ ଆଶାତୀତ ସଫଳତା ଆଣି ଦେଇଛି। ରୁଚିମନ୍ତ ମାର୍ଜିତ ସଂଳାପ ଓ ଯଥାଯଥ ଚରିତ୍ର ଚିତ୍ରଣ, ନାଟକଟିର ସଫଳତାର ଅନ୍ୟତମ କାରଣ। ''ପତ୍ର କୁଡ଼ିଆ ଦୁଆରେ ଜଗି ବସିଛି ଭାଉଜ, ଶ୍ରୀରାମଙ୍କ ଫେରିବା ବାଟକୁ ଚାହିଁ—'' ତ୍ୟାଗ ଓ ଆଦର୍ଶର ଚରିତ୍ର ଭାଇଗ। ପରିସ୍ଥିତିର ସଂଘାତ, ମାନସିକ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ମଧ୍ୟରେ କଥାବସ୍ତୁ ଗତିଶୀଳ। ନାଟକ ଭିତରେ ଶ୍ରୀ ମିଶ୍ର ଗୋଟିଏ ପ୍ରଶ୍ନ ରଖିଛନ୍ତି, ଆମ ଦେଶରେ ପ୍ରଚଳିତ ଥିବା ଫୌଜଦାରୀ ଆଇନ ସମାଜ ଗଠନରେ ସହାୟକ କି? ଅନ୍ୟାୟ ଅବିଚାରରେ ଶୀର୍ଷ ସମାଧି ଉପରେ ନ୍ୟାୟର ବୈଜୟନ୍ତୀ ଉଡ଼ାଇବା ନାଟ୍ୟକାରଙ୍କ ଚରମ ଲକ୍ଷ୍ୟ। ତେଣୁ ସେ ଜଜ୍ ସାହେବଙ୍କ ମୁହଁରେ କୁହାଇଛନ୍ତି, ''... ସମାଜର ନୀତି ଶୃଙ୍ଖଳା ରଖିବା ନିମିତ୍ତ ଯେଉଁ ଅନୁଷ୍ଠାନ ଗୁଡ଼ିକ ରହିଛି, ତା'ର ପରିବର୍ତ୍ତନ ପାଇଁ କୌଣସି ପ୍ରଚେଷ୍ଟା ନାହିଁ। ସେଇଥି ପାଇଁ ସମାଜର ସ୍ୱାସ୍ଥ୍ୟକର ଉନ୍ନତିରେ ବାଧା ପଡ଼ୁଛି, ସମାଜ ଦୁର୍ବଳ ହୋଇ ପଡୁଛି। ....' ତୃତୀୟ ଅଙ୍କରେ ଅତ୍ୟଧିକ ଭାବ ପ୍ରବଣତା ଜନିତ ଦୋଷ ଓ ତ୍ରୁଟି ନାଟ୍ୟକାର ସ୍ୱୀକାର କରିଛନ୍ତି।

ଅନୁଭୂତିର ଆତ୍ମ ଦର୍ଶନହିଁ ନାଟ୍ୟକଳା, ଏ ଦୃଷ୍ଟିରୁ ଶ୍ରୀ ମିଶ୍ରଙ୍କର 'ଘରସଂସାର' ଓ 'ଭାଇଭାଉଜ' ନାଟକ ସହିତ ଇବ୍‌ସନଙ୍କ 'The Wild Duck' ନାଟକର ଭାବଗତ ସାମ୍ୟ ପରିଲକ୍ଷିତ ହୁଏ। ୧୯୫୪ରେ ଲିଖିତ 'ଭାଇ ଭାଉଜ' ପ୍ରକାଶ ପାଇଲା ୧୯୬୫ରେ; ଏହାହିଁ ଏ ସାହିତ୍ୟ ପାଇଁ ଅତ୍ୟନ୍ତ କ୍ଷୋଭର ବିଷୟ। ପରବର୍ତ୍ତୀ ନାଟକ 'ସାଇପଡ଼ିଶା'। ଦୁଇଜଣ ଅନ୍ତରଙ୍ଗ ବନ୍ଧୁ। ଜଣେ ଉଚ୍ଚଶିକ୍ଷା ଲାଭକରି ହୁଏ ଶିକ୍ଷକ, ଅନ୍ୟ ଜଣେ ପୋଲିସ ଅଫିସର। ମାତ୍ର ସାଂପ୍ରତିକ ଜୀବନ ଧାରାରେ ଦୁଇଜଣଙ୍କ ଆଦର୍ଶ ସମ୍ପୂର୍ଣ୍ଣ ପରିପନ୍ଥୀ, ନିମାଇଁ ଓ ଶଙ୍କରଙ୍କର ଦୈନନ୍ଦିନ ଜୀବନର ଘଟଣାକୁ ନେଇ ନାଟକଟି ରଚିତ। ପରିସ୍ଥିତିର କ୍ରୀଡ଼ନକ ସାଜି ବନ୍ଧୁ ଶତ୍ରୁ ହୁଏ, ଶତ୍ରୁ ପୁଣି ବନ୍ଧୁ ପାଲଟି ଯାଏ। ପଡ଼ିଶା ଘରର ଅକୃତ୍ରିମ ସ୍ନେହ ସୋହାଗରେ ସୃଷ୍ଟିହୁଏ ବିଦ୍ୱେଷ, ଅସୂୟା ଓ ଅଶାନ୍ତି। ନାଟକଟି ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ମଧ୍ୟ ଅଭିନୀତ।

ପ୍ରଣୟିନୀ ଓ ପରିଣୀତାର ମାନସିକ ଦ୍ୱନ୍ଦ୍ୱ ଭିତରେ 'ସେବିକା' ନାଟକ ରଚିତ। ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ଦ୍ୱାରା ତା ୪-୫-୫୫ ରିଖରେ ଅଭିନୀତ ହୋଇ ପରେ ପ୍ରକାଶ ପାଏ। ସେହିବର୍ଷ ନାଟ୍ୟକାରଙ୍କ ଅନ୍ୟତମ ସଫଳ ଲୋକପ୍ରିୟ ନାଟକ 'ମମତା' ପ୍ରକାଶ ପାଏ। ଅନ୍ନପୂର୍ଣ୍ଣା 'ବି' ରଙ୍ଗମଞ୍ଚରେ ତା୨୦-୧୧-୧୯୫୫ ରିଖରେ ଅଭିନୀତ ହୁଏ। ନାଟକଟି ମଞ୍ଚସ୍ଥ ହେବା ପରେ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ଲେଖିଥିଲେ,

Digitized by PPRACHIN, SOA

''ପ୍ରଖ୍ୟାତ ଆଧୁନିକ ନାଟ୍ୟକାର ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ରଙ୍କର 'ମମତା' ନାଟକ ଦେଖି ପ୍ରୀତ ହେଲି। ମନେହେଲା ରାମଶଙ୍କରଙ୍କ 'ବିଷମୋଦକ' ଠାରୁ ଏ ପର୍ଯ୍ୟନ୍ତ ଓଡ଼ିଆ ସାମାଜିକ ନାଟକର ଯେଉଁ କ୍ରମ ବିକାଶ ସଂଘଟିତ ହୋଇ ଆସିଛି, ଏ ନାଟକଟି ତହିଁର ଚୂଡ଼ାନ୍ତ ପରିଣତି। ଉତ୍କଳର ଅର୍ଥନୈତିକ ଇତିହାସରେ ଗତ ବନ୍ୟା ବିପ୍ଳବ ଯେଉଁ ସମର ଦୁନ୍ଦୁଭି ବଜାଇଥିଲା ତାହାର ମନ୍ଦ୍ରଧ୍ୱନି ମାଧ୍ୟମରେ ନାଟ୍ୟକାର ଉଦାର ମାନବିକତା, ସହନଶୀଳତା, ସଂଗଠନ ପ୍ରିୟ ସମୂହ କଲ୍ୟାଣ କାମନା ପ୍ରଭୃତିର ଉଦ୍ରେକ କରିବାକୁ ଚେଷ୍ଟା କରିଛନ୍ତି। ସଫଳ କାମ ମଧ୍ୟ ହୋଇଛନ୍ତି''। 'ମମତା' ସ୍ୱାର୍ଥ ପ୍ରଣୋଦିତ ଅଂଶୀଦାର ମାନଙ୍କର ଏକ ପାରିବାରିକ ନାଟକ। ବୃଦ୍ଧ ଯାଦବ ବାବୁଙ୍କ ପରିବାରରେ ସମୃଦ୍ଧି ବାଉରୀବନ୍ଧୁଙ୍କ ଘରଭାଙ୍ଗିବାର ଷଡ଼ଯନ୍ତ୍ର ଓ ବିଫଳତା, ପ୍ରବୋଧ ଭୁଲ୍ ବୁଝିପାରି ପିତା ମାତାଙ୍କ ନିଷ୍କଳଙ୍କ ସ୍ନେହ ନିକଟରେ ମଥାନତ କରି କ୍ଷମା ଭିକ୍ଷା ମାଗିବା, ରିଲିଫ୍ ବାଣ୍ଟିବା ନାମରେ ମନ୍ତ୍ରୀଙ୍କର ଅର୍ଥ ଆତ୍ମସାତ କରିବା ଆଦି ଘଟଣାରେ ନାଟକର ବିଷୟ ବସ୍ତୁ ସଂଗଠିତ। ତ୍ୟାଗ ଓ ଆଦର୍ଶର ଚରିତ୍ର ମାଧବ। ପ୍ରଚଳିତ ସମାଜ ବ୍ୟବସ୍ଥାର ଘୋର ବିରୋଧୀ ନାଟ୍ୟକାର। ଆଦର୍ଶର ଡିଣ୍ଡିମ ବଜାଇ ଶୋଷଣ କରୁଥିବା ନେତାଙ୍କୁ ବିଦ୍ରୂପ କରି ଶ୍ରୀ ମିଶ୍ର ଲେଖିଛନ୍ତି, ''ନେତା ଯେ ନିଏ। ତେଣୁ ଆଜିର ମଣିଷ ଆଜିର ନେତୃତ୍ୱ ଅପେକ୍ଷା ମାଧବର ନେତୃତ୍ୱ ଚାହେଁ।'' ଆଲୋଚ୍ୟ ନାଟକର ସଂଳାପ ଉଚ୍ଚକୋଟୀର ଓ ଭାବଗର୍ଭକ। ''ଖାତିର ପାଇବ ବୋଲିତ ଘର ଛାଡ଼ି କଚିରୀକି ଯାଇଛ, କଚିରୀ କାମ ତୁଟିଯାଉ ତା'ପରେ ସିନା ଘରେ ଖାତିର ପାଇବା କଥା ଉଠିବ''। ବାଉରୀ—''ଦେଖବାବୁ, କଥାରେ କଥାରେ ଅତି ବେଶୀକେ ହାତା ହାଡି ହୁଅ ପଛକେ ଏ ଅହିଂସା ଯୁଗରେ ବନ୍ଧୁକ ଉଠାଅ ନାହିଁ।'' କିମ୍ବା 'ଏଇଟା ବିଜ୍ଞାପନର ଯୁଗ, ବିନା ବିଜ୍ଞାପନରେ କେହି ଉପରକୁ ଉଠିପାରେନି।'' ଏ ବଢ଼ି ମଗୁଡ଼ିର ସୁଯୋଗ ନେଇ କିଏ ହୁଏତ ଭୋଟ୍‌ର ବିହନ ବୁଣିଛି, ହେଲେ, ଆମେ ଟଙ୍କାର ଫସଲ କାଟୁଛୁ।'' ସମାଲୋଚକର ଦୃଷ୍ଟିରେ, ''ମମତା ଲେଖକଙ୍କ କୃତିତ୍ୱ-ବଲ୍ଲରୀର ହେଉଛି ଏକ ମନୋରମ ମଞ୍ଜରୀ।''

ଏହାପରେ 'ଚାବୁକ' (୧୯୫୮) ପୁଆଣିଘର (୧୯୬୨), ମ୍ୟାନେଜର (୧୯୬୨) ଗୋଧୂଳିଲଗ୍ନ (୧୯୬୮) ନରୋତ୍ତମଦାସ କହେ (୧୯୬୯) କିସ ପୁଣି ଦେଖାନଯାଏ (୧୯୭୨) ପରପୁରୁଷ (୧୯୭୫) ପ୍ରକାଶିତ।

'ଚାବୁକ' ଦୁର୍ନୀତି ଗ୍ରସ୍ତ ପାରିବାରିକ ଚିତ୍ର ସମ୍ବଳିତ ନାଟକ। ଦୁର୍ନୀତିଗ୍ରସ୍ତ ପଲ୍ଲିଜୀବନର ଚିତ୍ର 'ପୁଆଣି ଘର' (ତା ୩୦।୫।୬୨ ରିଖ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ) ଜୀବନ ଯାତ୍ରାରେ ଗୋଟିଏ ବିଶ୍ୱ ବିଦ୍ୟାଳୟର ଡ଼ିଗ୍ରୀ ଖଣ୍ଡିଏ ଛିଣ୍ଡା କାଗଜଠାରୁ ମୂଲ୍ୟହୀନ। ଏହାର କଳାତ୍ମକ ରୂପ ନାଟକ ଗୋଧୂଳି ଲଗ୍ନ। ପ୍ରଫୁଲ୍ଲ ନାୟକଙ୍କ ଲୋକପ୍ରିୟ ଉପନ୍ୟାସ 'ବଗୁଲୀ ଝରାଏ ଲୁହ'ର ସାର୍ଥକ ନାଟ୍ୟ ରୂପ 'କିସପୁଣି ଦେଖା ନଯାଏ' (୧୯୭୨)। ନାଟକର ମୁଖବନ୍ଧରେ ଶ୍ରୀ ମିଶ୍ର ଲେଖିଛନ୍ତି ''ପ୍ରଫେସର ବଳବନ୍ତ ରାୟ ଭୂମିକାରେ ଅଭିନୟ କରୁଥିବା ପ୍ରଖ୍ୟାତ ଅଭିନେତା

Digitized by PPRACHIN, SOA

ଶ୍ରୀମାନ ବିଭୂତିଙ୍କର (ନାଟକର ଯେଉଁ ସ୍ଥାନରେ ତାଙ୍କର ଅଭିନୟ ଶେଷ 'ପ୍ରସ୍ଥାନ' ଲେଖା ସରିଚି, ଠିକ୍ ସେହି ସମୟରେ ସେହି ସ୍ଥାନରେ). ହୃଦ ସ୍ପନ୍ଦନ ବନ୍ଦ ହୋଇ ଯିବାରୁ ମୃତ୍ୟୁ ଘଟିଛି। ଫଳତଃ ନାଟକର ଅବଶିଷ୍ଟାଂଶ ସଫଳ ଭାବେ ଲେଖି ପାରିନାହାନ୍ତି। 'ପରପୁରୁଷ' ଜନପ୍ରିୟ ବିଖ୍ୟାତ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଏକ ଗଳ୍ପ ଉପରେ ଆଧାରିତ। ହୀନମନ୍ୟତା ମଣିଷକୁ କିପରି ନୀଚ ଓ ଘୃଣ୍ୟ କରିପାରେ ତାହାହିଁ ନାଟକରେ ପ୍ରତିପାଦିତ।

୧୯୬୯ ମସିହାରେ ଲିଖିତ ଓ ପ୍ରକାଶିତ 'ନରୋତ୍ତମ ଦାସ କହେ' ସଂପୂର୍ଣ୍ଣ ନୂତନ ସ୍ୱାଦ ଓ ଭିନ୍ନ ଶୈଳୀର ନାଟକ। ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ଦ୍ୱାରା ପ୍ରଥମେ ଏହା ଅଭିନୀତ। ମୁଖବନ୍ଧରେ ଶ୍ରୀ ମିଶ୍ର ଲେଖିଛନ୍ତି, "ମୋର ଯାହା କହିବାର କଥା ତାହା ନରୋତ୍ତମ ଦାସ କହୁ ଥିବାରୁ ମୁଁ ନୀରବ ରହିଲି।" ସାଂପ୍ରତିକ ସମାଜ ଜୀବନର ଦ୍ୱେଷ, ଅସୂୟା ବଡ଼ ହେବାର ମୋହ, ଆଭିଜାତ୍ୟର ବୃଥା ଆସ୍ଫାଳନ; ଲାଞ୍ଚ ମିଛ, ଭଣ୍ଡାମି, ଧପ୍‌ପାବାଜି କରି ସାଧାରଣ ଧନଜୀବନକୁ ଧ୍ୱଂସପଥକୁ ଟାଣି ନେବାର ହୀନ ଚକ୍ରାନ୍ତ ଆଦର୍ଶର ନିର୍ମୋକ ପିନ୍ଧି ଦରିଦ୍ର ଜନତାର ସର୍ବସ୍ୱ ଅପହରଣ, ବିବାହର ଦ୍ୱାହି ଦେଇ ନାରୀକୁ ଦେହ ଭୋଗର ପଣ୍ୟ କରିବା ଓ କ୍ରୀତଦାସୀର ଶୃଙ୍ଖଳ ବେଷ୍ଟିତା କରିବା ସମସ୍ତ ପାଶବିକ ପ୍ରକୃତିର ନାରକୀୟ ଲୀଳାରେ ସମାଜ ଆଜି କ୍ୟାନସର ଗ୍ରସ୍ତ। ଏସବୁକୁ ଉପଜୀବ୍ୟ କରି ନାଟକ ନରୋତ୍ତମ ଦାସ କହେ' ରଚିତ। ନରୋତ୍ତମ ଦାସ ଏକ ପ୍ରତିନିଧିମୂଳକ ଚରିତ୍ର। ମହାଭାରତର ବେଲାଳସେନ ପରି ସେ ସମସ୍ତ ପ୍ରତ୍ୟକ୍ଷ କରୁଛି। ନରୋତ୍ତମ ଦାସ ସମାଜର ଦୋଷ ଦୁର୍ବଳତାକୁ ଗଭୀର ଭାବରେ ଅନୁଧ୍ୟାନ କରିଚାଲିଛି ଓ ନିରପେକ୍ଷ ନିର୍ଭୀକ ସମାଲୋଚନା ମଧ୍ୟ କରୁଛି। ସେ ପୁଣି ଏକ ନିରହଙ୍କାର ଦୟାର୍ଦ୍ର ସରଳ ବିଶ୍ୱାସୀ ଗ୍ରାମ୍ୟ ସ୍କୁଲ ଶିକ୍ଷକ। ଅଥଚ ନିର୍ଦ୍ଦୋଷ ଏଇ ମଣିଷଟି ଅନ୍ୟାୟ ଅବିଚାରର ଶରବ୍ୟ ହୋଇଛି। ପ୍ରହାର ଖାଇଛି, କାରାବରଣ କରିଛି। ସତେ ଯେପରି ସାରା ଦେଶଟା ଅନ୍ୟାୟ ଅବିଚାର ଅବିବେକିତାର ରାହୁ ଗ୍ରାସରେ ପଡ଼ିଛି। ତେଣୁ କୋଟି କୋଟି ନିରୀହ ନିଷ୍କଳଙ୍କ ସରଳ ବିଶ୍ୱାସୀ ନିର୍ଦ୍ଦୋଷ ନରୋତ୍ତମ ଦାସ ପ୍ରତି ମୁହୂର୍ତ୍ତରେ ନିଷ୍ପେଷିତ ନିପୀଡ଼ିତ ହେଉଛନ୍ତି। କୋଟି କୋଟି ଭାରତୀୟ ନାରୀତ୍ୱର ପୂଜାଫୁଲ ଅକାଳରେ ଭୂଲୁଣ୍ଠିତ ହେଉଛି। ସମସ୍ତେ ପ୍ରତ୍ୟକ୍ଷ କରୁଛନ୍ତି। ଅନୁଭବ କରୁଛନ୍ତି। ମାତ୍ର ପ୍ରତିବାଦ କରିବାର ସାମର୍ଥ୍ୟ କିମ୍ବା ସାହାସ କାହାର ନାହିଁ। ଆଜି ଦେଶର କଳୁଷିତ ରାଜନୀତି ଦୁରାରୋଗ୍ୟ ବ୍ୟାଧି ଭଳି ସଂକ୍ରମିତ ହୋଇଛି ପରିବାର ମଧ୍ୟକୁ। ନାରୀର ପବିତ୍ର ହୃଦୟରେ ମଧ୍ୟ ଲାଞ୍ଚ ମିଛ କଳାବଜାରୀର କୁତ୍ସିତ ମନୋଭାବ ଦୃଢ଼ ଆସନ ଜମାଇ ଦେଲାଣି। ମାନବିକତା ଓ ନୈତିକ ମୂଲ୍ୟବୋଧ ହଜି ଗଲାଣି। ତେଣୁ ମଣିଷ ମନରେ ଆଜି ଦ୍ୱନ୍ଦ୍ୱ 'ଯାଦବ ମୋର ଭାଇ, ତାର ସ୍ଥାନ ଏଇ କୋଳରେ। ଲକ୍ଷ୍ମୀ ଟ୍ରେଡ଼ର୍ସର ମାଲିକ ଯାଦବ, ତା'ର ସ୍ଥାନ ମୋ ବଙ୍ଗଳାର ଫାଟକ ପାଖରେ * * "। ସାଂପ୍ରତିକ ସମାଜରେ ଏକ ସଂଭ୍ରାନ୍ତ ବଂଶର ବଧୂ ଦୁଇଟି

Digitized by PPRACHIN, SOA

ସନ୍ତାନର ଜନନୀ ହୋଇ ମଧ୍ୟ ପରପୁରୁଷର ପ୍ରେମ ପାଇଁ କୁମାରୀ ହେବାକୁ ଚାହେଁ। ଏ ପରିପ୍ରେକ୍ଷୀରେ ନରୋତ୍ତମ ଦାସ ଭଳି ଚରିତ୍ର ମାନେ ମନେ କରନ୍ତି, "ତୁମେ ସବୁ ଯାହା କୁହ, ଏ ଯୁଗକୁ ଏ ଜେଲଟା ଆମ ପାଇଁ ନିରାପଦ ସ୍ଥାନ।" "ନୋଟ୍ ନିଅ ଭୋଟ ଦିଅ" ର ଗୋଳକ ଧନ୍ଦା ଭିତରେ ସାଧାରଣ ମଣିଷ ତା'ର ବିବେକ ବୁଦ୍ଧି ହରାଇ ବସୁଛି, ଅତିଷ୍ଠ ହୋଇ ଉଠୁଛି। ବିଦ୍ରୋହର ଉପଲବ୍ଧି ଥିଲେ ହେଁ ଉତ୍ତେଜନା ନାହିଁ। ଅନ୍ତରର ପ୍ରେରଣା ଥିଲେ ହେଁ ବାହାରେ ପ୍ରକାଶର ସୁଯୋଗ ନାହିଁ। ବିଦ୍ରୋହ ଆଜିର ସମାଜରେ ଅର୍ଥହୀନ। କାରଣ, ଭାରତୀ ଭଳି ନାରୀଙ୍କ ମନରେ ଆଜି ପ୍ରଶ୍ନ "ପୁରୁଷ ଯଦି ନାରୀର ମର୍ଯ୍ୟାଦା ଦେଇ ଜାଣିନି, ସ୍ୱାମୀ ଯଦି ସ୍ତ୍ରୀର ମର୍ଯ୍ୟାଦା ଦେଇ ଶିଖିନି, ସେଠି ବିଦ୍ରୋହର ମୂଲ୍ୟ କ'ଣ ଅପା ? ତେଣୁ ନରୋତ୍ତମ ଦାସ ଶେଷରେ କହିବାକୁ ବାଧ୍ୟ ହୋଇଛି, "ମାନଇଜତ ! ମାନଇଜତର ସଂଜ୍ଞା ମଧ୍ୟ ଏମାନେ ବଦଳେଇ ଦେଲେଣି। ଏମାନେ ପୁଣି ଲେଖିବେ ନୂଆ ଗୀତା, ନୂଆ ଭାଗବତ, ସୃଷ୍ଟି କରିବେ ନୂଆ ପୁରାଣ, ହଁ ଏମାନେ ଦେବେ ଦେଶକୁ ନେତୃତ୍ୱ । + +" ସାଧାରଣ ଜୀବନର ଏକ ପ୍ରବଚନ ପ୍ରଚଳିତ ଅଛି, "ନରୋତ୍ତମ ଦାସ କହେ କୋନ୍‌ଶାଲା ଭାଇ ନହେ" ଆଲୋଚ୍ୟ ନାଟକରେ ଶ୍ରୀ ମିଶ୍ର ସେହିକଥା କହିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ମଜାରକଥା ନରୋତ୍ତମ ଦାସ କେବେହେଲେ ସେ କଥା ନିଜ ମୁହଁରେ କହିନାହିଁ। ମାତ୍ର ଦର୍ଶକ ନାଟକ ଦେଖିଲା ବେଳେ ଓ ସଂଳାପ ଶୁଣିଲାବେଳେ ବୁଝିପାରେ ନରୋତ୍ତମ ଦାସ କହିବାକୁ ଚାହୁଁଛି 'କୋନ ଶାଲା ଭାଇ ନହେ'। ନାଟକର ନାମକରଣ ସହିତ କାହାଣୀ ଓ ଚରିତ୍ର ସୁନ୍ଦର ଭାବରେ ସଂଯୋଜିତ ଓ ପରିକଳ୍ପିତ। 'A doll's house' ନାଟକରେ ନାଟ୍ୟକାର ଯେପରି ନିପୀଡ଼ିତା ନାରୀପ୍ରତି ସହାନୁଭୂତି ଦେଖାଇବାକୁ ଚେଷ୍ଟା କରିଛନ୍ତି, ଆଲୋଚ୍ୟ ନାଟକରେ ଶ୍ରୀ ମିଶ୍ର ଭାରତୀ ପ୍ରତି ସେହିପରି ସହାନୁଭୂତି ଦେଖାଇବାକୁ ଚେଷ୍ଟା କରିଛନ୍ତି। ମାତ୍ର ଘଟଣା ପ୍ରବାହ ମୁଖ୍ୟତଃ ରାଜନୀତିକୁ ଆଶ୍ରୟ କରି ଗଡ଼ି ଚାଲିଛି। ବଡ଼ ବଡ଼ ଆଦର୍ଶର କଥା କହି ଜନତାଙ୍କୁ ଠକୁଥିବା ନେତାଙ୍କର ଅସଲ ସ୍ୱରୂପକୁ ଚିହ୍ନାଇ ଦେବା ନାଟ୍ୟକାରଙ୍କ ଉଦ୍ଦେଶ୍ୟ। ବାସ୍ତବବାଦ (Realism) ର ପ୍ରବର୍ତ୍ତକ ନରୱେର ବିଖ୍ୟାତ ନାଟ୍ୟକାର ଇବ୍‌ସନ୍ (୧୮୨୮)ଙ୍କ ନାଟକ 'The Enemy of the people'ର କଥାବସ୍ତୁ ସହିତ ଆଲୋଚ୍ୟ ନାଟକର ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଶ୍ରୀ ମିଶ୍ରଙ୍କ ନାଟକ ଗୁଡ଼ିକୁ (୧) ପାରିବାରିକ (ଅଭିମାନ, ମମତା, ଘରସଂସାର, ଭାଇଭାଉଜ, ସାଇପଡ଼ିଶା, ପୁଅାଣିଘର) (୨) ସାମାଜିକ (ମୂଲିଆ, ସେବିକା, ଗୋଧୂଳିଲଗ୍ନ, ଚାବୁକ, ମ୍ୟାନେଜର) ଓ (୩) ରାଜନୈତିକ ନାଟକ (ନରୋତ୍ତମ ଦାସ କହେ) ଏପରି ଶ୍ରେଣୀ କରଣ କରାଯାଇ ପାରେ। ତେବେ, ଲକ୍ଷ୍ୟ କରିବାର କଥା, କଥାବସ୍ତୁ ଗତାନୁଗତିକ ହେଲେହେଁ ସବୁ ନାଟକରେ ସାମାଜିକ ଚେତନାର ଏକ ଅନ୍ତର୍ଗତ, ଅବିଚ୍ଛିନ୍ନ ପ୍ରବାହ ରହିଛି। ଶ୍ରୀ ମିଶ୍ରଙ୍କ ସୃଷ୍ଟିର ସମୀକ୍ଷା କାଳରେ ତତ୍‌କାଳୀନ ଦେଶର ରାଜନୀତି ଓ ସାମାଜିକତାର

Digitized by PPRACHIN, SOA

ପୃଷ୍ଠଭୂମି ଉପରେ ଆଲୋକପାତର ଆବଶ୍ୟକତା ରହିଛି। କାରଣ, 'No author can claim himself to be absolutely Original/The past tradition and present development are bound to influence him where he sits down to write' (T.S.Eliot)

ଶ୍ରୀ ମିଶ୍ରଙ୍କ ଜନ୍ମ (୧୯୨୦) ବେଳକୁ ଓଡ଼ିଶାରେ ଗାନ୍ଧିଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନ ଚାଲିଥାଏ। ଏ ସମୟକୁ ଭାରତର ମୁକ୍ତି ସଂଗ୍ରାମର ବୀଜ ଯେପରି କ୍ରମଶଃ ଅଙ୍କୁରିତ ହୋଇଛି, ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କରେ ସମାଜବାଦର ଧାରା ସେହିପରି ଜନମାନସକୁ ଆନ୍ଦୋଳିତ କରିଛି। ବିଶ୍ୱଯୁଦ୍ଧ କାଳରେ 'ରୁଷ ବିପ୍ଲବ' (୧୯୧୭) ସମଗ୍ର ବିଶ୍ୱ ସାହିତ୍ୟରେ ସମାଜ ବାଦର ଚିନ୍ତାକୁ ସଂକ୍ରମିତ କରିଛି। ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇଯାଇଛି। ଫରାସୀ ସାହିତ୍ୟରେ ଲୁଇ ଆରାଗଁ, ହଙ୍ଗେରୀୟ ସାହିତ୍ୟରେ ଲୁକାଚ, ଇଟାଲିର ଆର୍ଣ୍ଣଷ୍ଟ ଫିସାର ଗ୍ୟାରୋଜି, ଇଂରାଜୀ ସାହିତ୍ୟରେ ରାଲ୍ଫ ଫକ୍ସ, ରୁଷିଆର ସୋଲ୍‌କୋଭଙ୍କ ସୃଷ୍ଟିରେ ସମାଜବାଦର ସ୍ୱର ଉଚ୍ଚାରିତ ହୋଇଛି। ୧୯୭୦ରେ ସୋଲକଭ୍‌ଙ୍କ ରଚିତ ଉପନ୍ୟାସ "And quiet flows the Don' ନୋବେଲ ପୁରସ୍କାର ଲାଭ କରିଛି, ଯେଉଁଥିରେ 'ଡ଼ନ୍' ନଦୀ କୂଳର ଅତ୍ୟାଚାରିତ 'କସାକସ୍' ମାନଙ୍କ ଜୀବନ କାହାଣୀର ମର୍ମସ୍ପର୍ଶୀ କରୁଣ ଚିତ୍ର ଫୁଟିଉଠିଛି। ସୋଭିଏତ ରୁଷରେ "ରାଷ୍ଟ୍ରନିୟନ୍ତ୍ରିତ ଲେଖକ ସମିତି" ଗଠିତ ହୋଇଛି। ଫଳତଃ ସମଗ୍ର ବିଶ୍ୱ ସାହିତ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି ହୋଇଛି ତାହା କ୍ରମଶଃ ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି। ପ୍ରେମଚାନ୍ଦ, ଶରତଚନ୍ଦ୍ର, ଦ୍ୱିଜେନ୍ଦ୍ର ଲାଲ, ମୋହନ ରାକେଶ ପ୍ରମୁଖଙ୍କ ସାହିତ୍ୟରେ ତା'ର ପ୍ରବର୍ତ୍ତନ ଦେଖାଦେଇଛି। କ୍ରମଶଃ ଏହା ପ୍ରାଦେଶିକ ସାହିତ୍ୟକୁ ପ୍ରଭାବିତ କରିଛି। ଲେଖକମାନେ ସାଧାରଣ ମଣିଷର ପ୍ରାତ୍ୟହିକ ଜୀବନର ହର୍ଷବିଷାଦ ଲୁହ-ଲହୁର କାହାଣୀକୁ ନେଇ ନୂତନ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିଛନ୍ତି। ନାଟକ ଲୋକ-ଶିକ୍ଷା ବା ଗଣଶିକ୍ଷାର ପ୍ରକୃଷ୍ଟ ମାଧ୍ୟମ। ତେଣୁ ନାଟକ ମଧ୍ୟ ଏହି ଭାବ ଧାରାରେ ଋଦ୍ଧିମନ୍ତ ହୋଇଛି। ନାଟ୍ୟକାର ଶ୍ରୀ ରାମଚନ୍ଦ୍ର ମିଶ୍ର ସମାଜବାଦର ଧାରାରେ କିଛିଟା ପ୍ରଭାବିତ ହୋଇଛନ୍ତି। ପୂର୍ବରୁ କାଳୀବାବୁଙ୍କ ନାଟକ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ। ସ୍ୱାଧୀନତା ପୂର୍ବବର୍ତ୍ତୀ ନାଟକ ଗୁଡ଼ିକରେ ସମାଜ ଜୀବନର ଅର୍ଥନୈତିକ ଓ ରାଜନୈତିକ ସଂକଟ ରୂପାୟିତ ହୋଇ ନଥିଲା। ରାଜତନ୍ତ୍ରର ପ୍ରଭାବ, ପାରିବାରିକ ଭୁଲ ବୁଝାମଣା, ସାମାଜିକ କୁସଂସ୍କାର ଗ୍ରାମ୍ୟ କନ୍ଦଳ ଓ ଅଶାନ୍ତି, ଏହି ସମସ୍ୟା ଗୁଡ଼ିକ ଥିଲା ନାଟକର ବିଷୟବସ୍ତୁ। ଏଭଳି ସମସ୍ୟା ଜଡ଼ିତ ନାଟକ ମଧ୍ୟ ଆଦୃତ ହେଉଥିଲା। ସମ୍ଭବତଃ ଶ୍ରୀ ମିଶ୍ରଙ୍କ ପ୍ରଚଳିତ ସମାଜ ବିରୁଦ୍ଧରେ ଲେଖନୀ ଚଳାଇ ସମାଜକୁ ସଂସ୍କୃତି ସଂପନ୍ନ ଓ ପରିମାର୍ଜିତ କରିବାକୁ ଇଚ୍ଛା ପୋଷଣ କରିଥିଲେ।

ସ୍ୱାଧୀନତା ପରେ ରାଜନୀତି ଓ ଅର୍ଥନୀତିର ସଂକଟ ସଂକ୍ରାମକ ବ୍ୟାଧି ରୂପରେ ସମାଜଜୀବନକୁ ଗ୍ରାସ କରିଛି। ଶ୍ରୀ ମିଶ୍ର ଇବ୍‌ସନଙ୍କ ଦ୍ୱାରା ପରୋକ୍ଷରେ

Digitized by PPRACHIN, SOA

ପ୍ରଭାବିତ ହେଲେହେଁ The Enemy of the peopleଅନୁସରଣରେ 'ନରୋତ୍ତମ ଦାସ କହେ' ନାଟକ ଲିଖିତ ନୁହେଁ। 'ନରୋତ୍ତମ ଦାସ କହେ' ୧୯୬୯ ମସିହାରେ ରଚିତ। ସେତେବେଳେ ଦେଶର ଆଭ୍ୟନ୍ତରୀଣ ପରିସ୍ଥିତି ନୈରାଶ୍ୟ ଜନକ ଓ ଅଧିକ ସଂକଟ ପୂର୍ଣ୍ଣ। କଂଗ୍ରେସରେ ବିଭାଜନ; ବିଧାୟକ ମାନଙ୍କର ଘନଘନ ଦଳ ପରିବର୍ତ୍ତନ, ସରକାରୀ ଓ ବ୍ୟବସାୟୀ ଗୋଷ୍ଠୀର ପ୍ରଭାବ ଏବଂ ଶିକ୍ଷକ ପରି ନିରୀହ ନାଗରିକର ଅବସ୍ଥା, ଏ ସବୁର ପ୍ରତିଫଳନ 'ନରୋତ୍ତମ ଦାସ କହେ' ନାଟକରେ ସ୍ପଷ୍ଟ। ତେଣୁ ନାଟ୍ୟକାରଙ୍କ ମୌଳିକତା ସ୍ୱୀକାର୍ଯ୍ୟ। ତେବେ ଶ୍ରୀମିଶ୍ର କଥା ଶିଳ୍ପୀ ଶରତ ଚାଟାର୍ଜୀଙ୍କ 'ଜୀବନ କନ୍ୟା' ଦ୍ୱାରା ପ୍ରଭାବିତ ହୋଇଛନ୍ତି। କିନ୍ତୁ ଅନ୍ୟର କୃତିକୁ ନିଜସ୍ୱ କରିବାର ଚେଷ୍ଟା ବା ଅନୁକରଣ କରିବାର ଧୃଷ୍ଟତା ଏଥିରେ ପରିଦୃଷ୍ଟ ହୁଏ ନାହିଁ। ସ୍ୱାଧୀନତାର ତିରିଶବର୍ଷ ପରେ ମଧ ଆମସମାଜ ଜୀବନ ଆଶାନୁରୂପ ପରିବର୍ତ୍ତିତ ହୋଇନାହିଁ। ତେଣୁ ଆଜି ମଧ ଶ୍ରୀ ମିଶ୍ରଙ୍କ ନାଟକ ଗୁଡ଼ିକ ବିଶେଷ ଆଦୃତ ଓ ଅଦ୍ୟାବଧି ଓଡ଼ିଶାର ପାରଂପରିକ ନାଟ୍ୟ ସାହିତ୍ୟରେ ଏକ ଏକ ମାଇଲ ଖୁଣ୍ଟି।

ଶ୍ରୀ ମିଶ୍ରଙ୍କ ନାଟକ ଗୁଡ଼ିକ ମୁଖ୍ୟତଃ ପେଷାଦାର ରଂଗମଞ୍ଚ ଉଦ୍ଦେଶ୍ୟରେ ଲିଖିତ। ପୁଣି ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟରେ କାମଚଳା ରଂଗମଞ୍ଚ ମାନଙ୍କରେ ଯେପରି ଅଭିନୀତ ହୋଇପାରେ ସେଥିପାଇଁ ଅଳ୍ପ ଦୃଶ୍ୟସଜ୍ଜା ସାଧାରଣଚିତ୍ର ସ୍ୱଳ୍ପ ମଞ୍ଚୋପକରଣ ବ୍ୟବହାର କରିଛନ୍ତି। ତେଣୁ ତାଙ୍କ ନାଟକ ଗାଁ ଗହଳିରେ ମଞ୍ଚସ୍ଥ ହେବା ସୁବିଧାଜନକ। ପ୍ରତିଟି ନାଟକରେ ଗଭୀର ଆଶାବାଦ ସୁସ୍ପଷ୍ଟ। ଶ୍ରୀମିଶ୍ର ପ୍ରତ୍ୟକ୍ଷ ଭାବେ ମଞ୍ଚ ସହିତ ଜଡ଼ିତଥିବାରୁ ନାଟକ ଗୁଡ଼ିକର ଅଭିନୟ କୌଶଳ ପ୍ରତି ଗୁରୁତ୍ୱ ଆରୋପ କରିଛନ୍ତି। ଚରିତ୍ରାନୁରୂପ ସଂଳାପ ସଂଯୋଜିତ ହୋଇଛି। ଦର୍ଶକମାନଙ୍କ ରସ ଓ ରୁଚିବୋଧ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତେଣୁ ସମାଲୋଚକର ଦୃଷ୍ଟିରେ "A nation is known through its stage" ଏ ଉକ୍ତି ଓଡ଼ିଶାର ବିଭିନ୍ନ ରଂଗମଞ୍ଚରେ ଅଭିନୀତ ନାଟ୍ୟକାର ଶ୍ରୀ ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଗୁଡ଼ିକରେ ସାର୍ଥକ ହୋଇ ପାରିଛି। ଓଡ଼ିଆ ସମାଜ ଜୀବନର ବିଭିନ୍ନ ଚିତ୍ର ତାଙ୍କ ନାଟକାବଳୀରେ ଯେପରି ଉତ୍‌କୀର୍ଣ୍ଣ ହୋଇଛି ତହିଁରୁ ପ୍ରାଚୀନ ପରଂପରା ପୁଷ୍ଟ ଓ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ପ୍ରଭାବିତ ଓଡ଼ିଆ ସମାଜକୁ ଚିହ୍ନିବାରେ ଅସୁବିଧା ହୁଏ ନାହିଁ। ନାଟକର ସାହିତ୍ୟିକ ମର୍ଯ୍ୟାଦା ଓ ଉଦ୍ଦେଶ୍ୟ ସଂପର୍କରେ ପ୍ରାଚ୍ୟ ପାଶ୍ଚାତ୍ୟ ନାଟ୍ୟ ତତ୍ତ୍ୱ ପ୍ରଣେତାଗଣ ଯେଉଁ ଅଭିମତ ପ୍ରକାଶ କରିଛନ୍ତି ନାଟ୍ୟକାର ମିଶ୍ର ତା'ର ପୋଷକତା କରିଛନ୍ତି" (ସୃଷ୍ଟି ଓ ସମୀକ୍ଷା —୬୫/୬୬)

ନାଟ୍ୟକାରଙ୍କର ଅଦ୍ୟାବଧି ୨୨ ଖଣ୍ଡି ନାଟକ ପ୍ରକାଶିତ, ୭/୮ଟି ଅପ୍ରକାଶିତ। ତାଙ୍କର ଲେଖନୀ ବର୍ତ୍ତମାନ ମଧ ସୃଜନଶୀଳ। ତେଣୁ, ଭବିଷ୍ୟତରେ ତାଙ୍କ ଲେଖନୀ କେଉଁ ରୂପ ଧାରଣ କରିବ ପରବର୍ତ୍ତୀ ସମୀକ୍ଷା ତାର ଉତ୍ତରଦେବ।

[୧୯୮୦, ଇସ୍ତାହାର—୧୦ ସଂଖ୍ୟାରୁ ସଂଗୃହୀତ]

—o—

Digitized by PPRACHIN, SOA

ରାମଚନ୍ଦ୍ର ମିଶ୍ରଙ୍କ ବେତାର ନାଟକ

ଡଃ. ଜୟନ୍ତ କୁମାର ଦାସ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟକାରମାନଙ୍କ ମଧ୍ୟରେ ଶ୍ରୀ ରାମଚନ୍ଦ୍ର ମିଶ୍ର ଅଗ୍ରଜ ତୁଲ୍ୟ। ଶ୍ରୀ ମିଶ୍ର ମୁଖ୍ୟତଃ ପେଷାଦାର ମଞ୍ଚର ନାଟ୍ୟକାର। ସେ ପୁଣି କବିଚନ୍ଦ୍ର ନାଟ୍ୟଧାରାର ଅନୁଗତ ରୂପେ ଓଡ଼ିଶାରେ ପରିଚିତ। 'ଅଭିମାନ' ତାଙ୍କର ପ୍ରଥମ ମଞ୍ଚ ନାଟକ, ଯାହା ସେ କାଳରେ 'ଭାରତୀ ଥିଏଟର୍ସ' ଦ୍ୱାରା ଅଭିନୀତ ହୋଇଥିଲା। ତା'ପରେ ସେ ନିରବଚ୍ଛିନ୍ନ ଭାବରେ ନାଟକ ଲେଖି ନବପ୍ରତିଷ୍ଠିତ ଅନ୍ନପୂର୍ଣ୍ଣା ମଞ୍ଚରେ ସେ ସବୁର ଅଭିନୟ କରାଇଥିଲେ। 'ମୂଲିଆ', 'କବିସୂର୍ଯ୍ୟ', 'ଘରସଂସାର', 'ସାଇପଡ଼ିଶା', 'ଭାଇ ଭାଉଜ', 'ମମତା', 'ପୁଆଣିଘର', ପ୍ରଭୃତି ପ୍ରାୟ ବତ୍ରିଶଟି ନାଟକ ଏବଂ ଚୌଦଟି ଏକାଙ୍କିକା ସେ ରଚନା କରିଛନ୍ତି। ଏସବୁ ମଞ୍ଚସ୍ଥ ହୋଇଥିଲା। କିଛି ଆକାଶବାଣୀରୁ ପ୍ରଚାରିତ ମଧ ହୋଇଥିଲା। ଆକାଶବାଣୀ ପାଇଁ ସେ ସ୍ୱତନ୍ତ୍ର ଭାବରେ ଖୁବ୍‌ବେଶୀ ନାଟକ ଲେଖି ନାହାନ୍ତି। ଏହାଛଡ଼ା ତାଙ୍କର ଦୁଇଟି ଏକାଙ୍କିକା ପ୍ରତୀକ୍ଷା ଏବଂ ପ୍ରବାସୀ ଯଥାକ୍ରମେ ଦିଲ୍ଲୀ (୧୯୫୮) ଏବଂ କଲିକତା (୧୯୫୯) ଠାରେ ଆକାଶବାଣୀ ପକ୍ଷରୁ ଆୟୋଜିତ ଉତ୍ସବରେ ପଠିତ ହୋଇଥିଲା। ଉଭୟ ପରେ କଟକ କେନ୍ଦ୍ରରୁ ପ୍ରଚାରିତ ମଧ ହୋଇଥିଲା। ତାଙ୍କର ବେତାର ନାଟକଗୁଡ଼ିକ ମଧ୍ୟରେ 'ପ୍ରତୀକ୍ଷା' (୨୬-୯-୫୯) 'ପଡ଼ୋଶୀ' (୨୯-୨-୬୦), 'ପ୍ରବାସୀ' (୧୬-୧୧-୬୩), 'ଆବିଷ୍କାର' (୧୫-୮-୭୦) ପ୍ରଭୃତି ପ୍ରଧାନ। 'ମୂଲିଆ' (୨୨-୫-୫୯), 'ଘରସଂସାର' (୨୪-୯-୬୨) 'କବିସୂର୍ଯ୍ୟ' (୩-୨-୬୮), 'ଭାଇ ଭାଉଜ' (୧୪-୧୨-୭୨) ପ୍ରଭୃତି ମଞ୍ଚ ନାଟକର ବେତାର ରୂପ ମଧ ପ୍ରଚାରିତ ହୋଇଛି।

ପ୍ରଥମ ବେତାର ନାଟକ 'ପ୍ରତୀକ୍ଷା'ରେ ସେ ନାୟିକା ବାସନ୍ତୀକୁ ପ୍ରେମ ତ୍ରିଭୁଜର ଅନ୍ଧ ଗଳିରେ ସ୍ଥାପନ କରି ତାହାର ମାନସିକ ସଂଘର୍ଷର ବିଶ୍ଳେଷଣ କରିଛନ୍ତି। ଅଜିତ ଏବଂ ବାସନ୍ତୀର ବୈବାହିକ ଜୀବନ ମସୃଣ ଛନ୍ଦରେ ଗଡ଼ି ଚାଲିଥିଲା, ଯେଉଁଠି ପ୍ରଥମ ଛନ୍ଦପତନ ଘଟାଇଛି ଗୋଟିଏ ଉପନ୍ୟାସ। ବାସନ୍ତୀ ଜୀବନର ପ୍ରଥମ ପୁରୁଷ ମନୋଜ ତହିଁରେ ସେମାନଙ୍କ ପ୍ରଣୟ କାହାଣୀର ବିକୃତ ରୂପଟିକୁ ଚିତ୍ରିତ କରିଥିବାର ଦେଖି ବାସନ୍ତୀ ଅସ୍ଥିର ହୋଇ ପଡ଼ିଲା ଏବଂ ପରିଣାମ ହେଲା ଆତ୍ମହତ୍ୟା। ଅଜିତ ଦ୍ୱାରା ସେ ମନୋଜ ନିକଟକୁ ସନ୍ଦେଶ ଦେଇଛି, "ମନୋଜବାବୁଙ୍କ ସଙ୍ଗରେ ଦେଖାହେଲେ କହିବ, ବାସନ୍ତୀ ତାଙ୍କୁ ତା'ର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କିପରି ଭଲ ପାଇଥିଲା। ଏବେ ବି ମୁଁ ତାଙ୍କରି ଅପେକ୍ଷାରେ— ଏତିକି ମୋର ଭିକ୍ଷା ଅଜିତ୍ ବାବୁ- ଏତିକି ଭିକ୍ଷା— ତା' ନହେଲେ ଯେ ମୁଁ ପୂର୍ଣ୍ଣ ମୁକ୍ତି ଅଧିକାରିଣୀ ହୋଇ ନପାରେ—" ନାରୀ ଯେ ତା'ର ଜୀବନର ପ୍ରଥମ ପୁରୁଷ ନିମନ୍ତେ ପାପପୁଣ୍ୟ ନ୍ୟାୟ ଅନ୍ୟାୟ ଗଣନା କରେ ନାହିଁ, ବାସନ୍ତୀ ହେଉଛି ତା'ର ପ୍ରମାଣ। ଏହାର ଚରିତ୍ର ବେତାରର ପ୍ରୟୋଜନକୁ ଆଖିରେ ରଖି ତିନୋଟି ମଧ୍ୟରେ ସୀମାବଦ୍ଧ କରି ରଖାଯାଇଛି। ଚରିତ୍ର ଗୁଡ଼ିକ ସ୍ୱାଭାବିକ ମଧ। ତାଙ୍କର ଦ୍ୱିତୀୟ ନାଟକ 'ପଡ଼ୋଶୀ'ରେ ନୂତନ ଭାବରେ ଗଢ଼ି ଉଠୁଥିବା ଭୁବନେଶ୍ୱର ସହରର ଦୁଇ ପରସ୍ପର ବିରୋଧୀ ସ୍ୱଭାବର ପ୍ରତିବେଶୀଙ୍କର ସମସ୍ୟା ନେଇ ରଚିତ। ପ୍ରଥମ ଜଣକ ଅସତ୍ ଉପାୟର ଅର୍ଜିତ ଧନଦ୍ୱାରା ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବାବେଳେ, ସତ୍ ସ୍ୱଭାବର ଦ୍ୱିତୀୟ ବ୍ୟକ୍ତି ସରଳ ଜୀବନ ଧାରାରେ ହିଁ ଅଭ୍ୟସ୍ତ। ତାଙ୍କର ସ୍ତ୍ରୀ ବାହ୍ୟ ଚାକଚକ୍ୟରେ ଭୁଲି ପ୍ରଥମ ଜଣକ ପଛରେ ଧାଇଁଲେ। ସହରର ଆକର୍ଷଣ ଗ୍ରାମୀଣ ଚିନ୍ତାରେ

Digitized by PPRACHIN, SOA

ଯେଉଁ ପରିବର୍ତ୍ତନ ଘଟାଏ ଏଠାରେ ମଧ୍ୟ ତାହାହିଁ ହେଲା । ଭାଷାର ଭିନ୍ନତା କିମ୍ବା ସ୍ଥାନ ପରିବର୍ତ୍ତନ ଜଣଙ୍କୁ 'ପ୍ରବାସୀ' କରିପାରେ ନାହିଁ, ଏହା ହେଉଛି ତାଙ୍କର ତୃତୀୟ ନାଟକର କଥାବସ୍ତୁ । ଭାରତରେ ବହୁଭାଷା, ବହୁଜାତି ପୁଣି ଚଳଣିରେ ଭିନ୍ନତା ମଧ୍ୟ କିଛି କମ୍ ନୁହେଁ । ମାତ୍ର ଯେ କୌଣସି ସ୍ଥାନରେ ରହିଲେ ହେଁ ପରିବେଶ ସହିତ ନିଜକୁ ଖାପ୍ ଖୁଆଇ ନେଇପାରିଲେ କୌଣସି ସମସ୍ୟା ହୁଏ ନାହିଁ । ବହୁଦିନ ପ୍ରବାସରେ ରହି ଅବସର ଗ୍ରହଣ କରିଥିବା ଗୃହସ୍ୱାମୀ ଏବଂ ତାଙ୍କର ପରିବାରକୁ ନେଇ ଏହା ରଚିତ । ଗୃହସ୍ୱାମୀ ସ୍ୱପ୍ନ ଦେଖିଛନ୍ତି ଏକ ମହାଭାରତୀୟ ସମାଜର । ତାଙ୍କ ମତରେ "ଖାଲି ଶୁଣୁନାହିଁ ଜଉବୋଉ, ମୁଁ ଦିବ୍ୟ ଦୃଷ୍ଟିରେ ଦେଖି ପାରୁଛି, ଅଚିରେ ଦେଶର ଯୁବକ ଯୁବତୀଙ୍କ ସାହାଯ୍ୟରେ ସୃଷ୍ଟି ହେବ ଏକ ମହାନ୍ ଭାରତୀୟ ଭାଷା, ଏକ ମହାନ୍ ମହାଭାରତୀୟ ଜାତି । ଏ ଦେଶର ଇତିହାସ ଲେଖାହେବ ସେହିମାନଙ୍କ ଦ୍ୱାରା । ଏଇ ମାଟିର ମଣିଷ ହୋଇ, ଏଇ ମାଟି ଉପରେ ଠିଆ ହୋଇ ଆଉ ଆମେ କହିବା ନାହିଁ, ଆମେ ପ୍ରବାସୀ" ଜାତୀୟ ସଂହତି ପ୍ରତିଷ୍ଠା ନିମନ୍ତେ ଏହା ତାଙ୍କର ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ । "ଆବିଷ୍କାର' ନାଟକରେ ସେଇଭଳି ଭାରତୀୟ ସଂସ୍କୃତିର ମହାନତା ପ୍ରତିପାଦିତ ହୋଇଛି । ବିଦେଶୀମାନେ ଏହାର ଧର୍ମ, ଦର୍ଶନରୁ ପ୍ରଚୁର ପ୍ରେରଣା ପାଉଥିବାବେଳେ ପାଶ୍ଚାତ୍ୟ ଶିକ୍ଷାଭିମାନୀ ଭାରତୀୟ ଯେଉଁଭଳି ଭାବରେ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ କରୁଛି, ଏଥିରେ ସେଥିପ୍ରତି କଟାକ୍ଷ କରାଯାଇଛି । ଆମେରିକାରୁ ଆସିଥିବା ଗବେଷକ ଆମର ଛଳନାପୂର୍ଣ୍ଣ ଜୀବନ ଧାରାରେ ଆହତ ହୋଇଛନ୍ତି । ସେଥିପାଇଁ ଆମର ଚେତନା କିନ୍ତୁ ଜଡ଼ ।

ଚାରୋଟି ନାଟକରେ ଚାରୋଟି ଭିନ୍ନ ସମସ୍ୟାର ଅବତାରଣା କରାଯାଇଛି । ପ୍ରତ୍ୟେକରେ ଏକ ଆଦର୍ଶ ରହିଛି ଏବଂ ଉଦ୍ଦେଶ୍ୟ ମଧ୍ୟ ସ୍ଥିର ଭାବରେ ପ୍ରକାଶିତ ହୋଇଛି । ସାବଲୀଳ ଭାଷା ଏବଂ ପାତ୍ରୋପଯୋଗୀ ସଂଳାପ ଏଗୁଡ଼ିକର ବିଭବ । ମଞ୍ଚନାଟକର ଆବେଗ ପ୍ରାଧାନ୍ୟ ଏଠାରେ ମଧ୍ୟ ରହିଛି । ସରଳ କାହାଣୀ ଏବଂ ସ୍ୱଚ୍ଛ ଚରିତ୍ର ବେତାର ନିମନ୍ତେ ଉପଯୁକ୍ତ ହୋଇଛି । ତାଙ୍କର ଯେଉଁ ମଞ୍ଚ ନାଟକଗୁଡ଼ିକ ବେତାରଉପଯୋଗୀ କରାଯାଇ ପ୍ରଚାରିତ ହୋଇଥିଲା, ସେଠାରେ ମୁଖ୍ୟତଃ ନଗର ଏବଂ ପଲ୍ଲୀ ଅଞ୍ଚଳର ପୃଥକ୍ ଜୀବନ ଦର୍ଶନ ଜନିତ ସଂଘର୍ଷ ହିଁ ମୁଖ୍ୟସ୍ଥାନ ଗ୍ରହଣ କରିଥିଲା । 'ମୂଲିଆ'ର ରାଜକିଶୋର, 'ଘରସଂସାର'ର ବିନୋଦ ପ୍ରଭୃତି ଏଇ ଧରଣର ସଂଘର୍ଷମୁଖୀ ଚରିତ୍ର । ପୁଣି 'ଭାଇ ଭାଉଜ'ର ମହୀପଧାନ, ଯୋଗୀ ସାହୁକାର କିମ୍ବା ଖଳ ଚରିତ୍ର ଏ ଉଭୟ କ୍ଷେତ୍ରରୁ ସଂଗୃହୀତ । ଆଦର୍ଶବାଦୀ ନାଟ୍ୟକାର ପ୍ରତ୍ୟେକ ସଂଘର୍ଷର ପରିଣତିକୁ କିନ୍ତୁ ସୁଖାନ୍ତକ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀକାଳରେ ଦେଶରେ ଦେଖାଦେଇଥିବା ଅଜସ୍ର ସମସ୍ୟା ପ୍ରତି ନାଟ୍ୟକାର ଅତ୍ୟନ୍ତ ସଚେତନ । ଏ ସବୁର ସମାଧାନ ନିମନ୍ତେ ସେ ନିଜ ନାଟକରେ ପଥ ନିର୍ଦ୍ଦେଶ କରିଛନ୍ତି । ତାଙ୍କର ମଞ୍ଚ ନାଟକ ଗୁଡ଼ିକରେ ଯୌଥପରିବାର, ଗ୍ରାମ୍ୟ କନ୍ଦଳ, ସହରର ଆକର୍ଷଣ ପ୍ରଭୃତିର ସମସ୍ୟାଗୁଡ଼ିକ ରୂପ ପାଇଛି । ବେତାର ନାଟକରେ ମଧ୍ୟ ସେ ତାହାହିଁ କରିଛନ୍ତି । ସମସ୍ୟା ଏଠାରେ ସୁପରିକଳ୍ପିତ ଏବଂ ପରିବେଷିତ ମଧ୍ୟ । ଚରିତ୍ର ଚିତ୍ରଣରେ ମଞ୍ଚ ନାଟକର ବିସ୍ତୃତି ନାହିଁ ମାତ୍ର ସଂଳାପ କଳ୍ପନାରେ ମଞ୍ଚ ପ୍ରଭାବକୁ ଏଡ଼ାଇ ଦିଆଯାଇ ପାରିନାହିଁ । ବେତାର ନାଟକରେ ମଧ୍ୟ ସେଇ ନଗର ଗ୍ରାମ ଜୀବନର ସଂଘର୍ଷମୟୀ ଚିତ୍ର ପରିବେଷିତ ହୋଇଛି । ବେତାର ସହିତ ଶ୍ରୀ ମିଶ୍ରଙ୍କର ସମ୍ପର୍କ କିନ୍ତୁ ନିରବଚ୍ଛିନ୍ନ କିମ୍ବା ନିବିଡ଼ ନୁହେଁ ।

—o—

Digitized by PPRACHIN, SOA

ରାମଚନ୍ଦ୍ର ମିଶ୍ର : ଏକ ଆକଳନ

ଡଃ. ନାରାୟଣ ସାହୁ

ଅଶ୍ୱିନୀକୁମାର ଏବଂ କାଳୀଚରଣଙ୍କ ଲେଖନୀ ଧିମେଇ ଆସିଲା ବେଳକୁ ଓଡ଼ିଆ ନାଟ୍ୟଜଗତ ଏକ ସଂକଟର ସମ୍ମୁଖୀନ ହୋଇଥିଲା। ଏହି ସଂକଟରୁ ଓଡ଼ିଆ ନାଟକକୁ ରକ୍ଷା କରିବା ପାଇଁ ଆଗେଇ ଆସିଥିଲେ କେତେଜଣ ନାଟ୍ୟକାର। ସେମାନଙ୍କ ମଧ୍ୟରେ ଥିଲେ ତିନିଜଣ ପ୍ରଧାନ ମହାରଥି, ରାମଚନ୍ଦ୍ର ମିଶ୍ର - ଭଞ୍ଜକିଶୋର ପଟ୍ଟନାୟକ - ଗୋପାଳ ଛୋଟରାୟ। ଏହି ତିନିରଥି ହିଁ ଓଡ଼ିଆ ନାଟ୍ୟଜଗତରେ ସୁବର୍ଣ୍ଣ ଯୁଗର ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ। ଏମାନଙ୍କ ମଧ୍ୟରେ ଅଗ୍ରସାରଥି ଥିଲେ ରାମଚନ୍ଦ୍ର ମିଶ୍ର। ଭଞ୍ଜକିଶୋର ୧୯୩୯ରେ ଲେଖନୀ ଚାଳନା କରିଥିବାବେଳେ ଗୋପାଳବାବୁ ୧୯୪୬ରେ ନାଟକ ଲେଖା ଆରମ୍ଭ କରିଥିଲେ। ହେଲେ ରାମବାବୁ ୧୯୪୨ରେ ନାଟ୍ୟକାର ଜୀବନର ଶୁଭାରମ୍ଭ କରିଥିଲେ। ଗୋଟିଏ ଅବଧିରେ ଲେଖନୀ ଚାଳନା କରିଥିବା ଏହି ତିନିରଥୀଙ୍କ ମଧ୍ୟରେ ରାମବାବୁ ଥିଲେ ପ୍ରବୀଣ। ସେ ଜୀବନ ଏବଂ ଜୀବିକାର ନୂତନ ସଂଜ୍ଞା ନିର୍ଣ୍ଣୟ କରିଥିଲେ। ତାଙ୍କ ଜୀବନର ଆଦର୍ଶ ହିଁ ନାଟକର ଆଦର୍ଶ ଥିଲା। ପ୍ରଥମ ନାଟକ 'ଅଭିମାନ' ଠାରୁ ଆରମ୍ଭ କରି ଶେଷନାଟକ 'ଅର୍ଥ ଅନର୍ଥ' ପର୍ଯ୍ୟନ୍ତ ସବୁଠି ରହିଛି ମହାନ ଭାରତ ମାଟିର ଆଦର୍ଶ।

ଝାଟିମାଟିର ସ୍ରଷ୍ଟା:

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଥିଲେ ମାଟି ଓ ମମତାର ନାଟ୍ୟକାର। ଝାଟିମାଟିର ସେ ଥିଲେ ଶ୍ରେଷ୍ଠ ରୂପକାର। ଅଧିକାଂଶ ନାଟକରେ ସେ ଆମ ମାଟିର କଥା କହିଛନ୍ତି। ନିଜ ଚାରିପଟେ ବେଢ଼ି ରହିଥିବା ଝାଟିମାଟିର ଦୁନିଆ କଥା କହିଛନ୍ତି। ସାଧାରଣ ମଣିଷ ପାଇଁ ସେ ନାଟକ ଲେଖିଛନ୍ତି। ସାଧାରଣ ମଣିଷର କଥା ସେ ତାଙ୍କ ନାଟକରେ ଦେଇଛନ୍ତି। ତାଙ୍କ ନାଟକର ମଣିଷ ହେଉଛି ଏଇ ଝାଟିମାଟି ଦୁନିଆର। ତାରି ସୁଖଦୁଃଖ, ହସକାନ୍ଦକୁ ସେ ନାଟ୍ୟରୂପ ଦେଇଛନ୍ତି। ଫଳତଃ ତାଙ୍କ ନାଟ୍ୟ ସୃଷ୍ଟିରେ ଅଧିକ ଅନ୍ତରଙ୍ଗତା ପରିଲକ୍ଷିତ ହୁଏ।

ରାମଚନ୍ଦ୍ର ମିଶ୍ର ରଚନା କରିଛନ୍ତି ମୂଳିଆ, ଭାଇଭାଉଜ, ଘରସଂସାର ନାଟକ। ମୂଳିଆ ଏବଂ ଭାଇଭାଉଜ ନାଟକରେ ନାଟ୍ୟକାର ପ୍ରିୟ ମାଟିର ଜୟଗାନ କରିଛନ୍ତି। ନାଟ୍ୟକାରଙ୍କ ପାଇଁ ଜନ୍ମମାଟିର ମମତା ହିଁ ସ୍ୱର୍ଗ ହୋଇ ଦେଖାଦେଇଛି। ମାଟି ପାଇଁ, ମାଟିର ମମତା ପାଇଁ ତାଙ୍କ ଚରିତ୍ରମାନେ ପ୍ରାଣପାତ କରିବାକୁ ପଛେଇ ନାହାନ୍ତି। ମାଲିକ ଏବଂ ମୂଳିଆର ସଂଘର୍ଷକୁ ନେଇ ଗଢ଼ିଉଠିଥିଲା 'ମୂଳିଆ' ନାଟକ। ଏଥିରେ ଜୟ ହୋଇଥିଲା ମୂଳିଆର, ଖଟିଖିଆ ମେହନତି ଜନତାର, ଯେଉଁମାନେ ନିଜର ପ୍ରିୟମାଟି ପାଇଁ ମାଟିହୋଇ ଯାଇଥିଲେ। ଲହୁଲୁହ ଏକାଠିକରି ସେମାନେ ସୁନା ଫଳାଇଥିଲେ, କିନ୍ତୁ ପାଇଲେ କ'ଣ ? କେବଳ ଅଭାବ, ଅନାଟନ ଏବଂ ମନସ୍ତାପ।

Digitized by PPRACHIN, SOA

ନାଟ୍ୟକାରଙ୍କ ମତରେ— 'ମାଳିକ ମୂଳ ବନ୍ଦକରି ଭାବେ ମୂଳିଆକୁ ଖୁଆଇ ମାରିବ' କିନ୍ତୁ ଦେଶବାସୀ ତାଙ୍କର ଏହି ମୂଳିଆ ଭାଇମାନଙ୍କୁ ଉଚିତ୍ ମୂଲଦେଇ ଏହି ଯୁଗକୁ ସମ୍ମାନ ଦେଇଛନ୍ତି। 'ମୂଳିଆ'ରେ ପଲ୍ଲୀଜୀବନର ଚିତ୍ର ବେଶ୍ ସରଳ ଏବଂ ସଂହତ। ନାଟକ 'ଭାଇଭାଉଜ'ରେ ସେହି ମାଟିର କଥା କୁହାଯାଇଛି। କେଇଗୁଣ୍ଠ ଜମି ପାଇଁ ମହୀର ପରିବାର ଉଚ୍ଛନ୍ନ ହୋଇଛି। ସେହି ଜମିପାଇଁ ଭାଇଗ ଭଳି ଭାଇକୁ ମହୀ ଅବିଶ୍ୱାସ କରିଛି। ସେହି ଜମି ପାଇଁ ଯୋଗୀ ସାହୁକାର ଦୁଇଭାଇଙ୍କୁ କମ୍ ଦଣ୍ଡ ଦେଇନି। ଶେଷରେ ସେହି ଜମିର ଜୟ ହୋଇଛି। ତାରି ଉପରେ ପୁଣି ଦୁଇଭାଇ ନିଜର ଭଙ୍ଗା ସଂସାର ଯୋଡ଼ିଛନ୍ତି ଏବଂ କୁଚକ୍ରୀ ଯୋଗୀ ସାହୁକାର ସେଇଠି ନିଜର ଭୁଲ୍ ସ୍ୱୀକାର କରି ଭାତ ମୁଠିଏ ପାଇଁ ଗୁହାରି କରିଛି।

ରାମବାବୁ ଉତ୍କଳୀୟ ମାଟିର ଆଦର୍ଶ କଥା କହିଛନ୍ତି। ମାଟିକୁ ଯେ ପର କରେ, ସେ ମା'କୁ ପର କରେ। ତେଣୁ ତାର ସ୍ଥାନ ଏ ଦୁନିଆରେ ନାହିଁ। ହେଲେ ଏ ପବିତ୍ର ମାଟି ଧନୀ ନିର୍ଦ୍ଧନ, ସାଧୁ କୁଚକ୍ରୀ ସମସ୍ତଙ୍କୁ ଅଭୟ ପ୍ରଦାନ କରିଛି ଏବଂ ନିଜ ବୁକୁ ଉପରେ ଆଦରି ନେଇଛି। ଏହା ହିଁ ପ୍ରଦର୍ଶନ କରାଇବା ଥିଲା ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ମୁଖ୍ୟ ଲକ୍ଷ୍ୟ। 'ମମତା' ନାଟକରେ ମଧ୍ୟ ଏହି ମାଟିପାଇଁ ଭାତୃକଳହ ସୃଷ୍ଟି ହୋଇ ମାମଲା ଅଦାଲତ ପର୍ଯ୍ୟନ୍ତ ଯାଏ। ପୁଣି ସେହି ମାଟି ଉପରେ ଭାଇ ଭାଇର ମିଳନ ହୁଏ। 'ସାଇପଡ଼ିଶା'ରେ ସେଇ ଢ଼ିଅ ପାଇଁ ଦୁଇବନ୍ଧୁ ଶଙ୍କର ଏବଂ ନିମାଇଁଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦିଏ। ଏହି ଢିଅ ବିଶ୍ୱାସର ଭିତ୍ତିଭୂମିକୁ ଦୋହଲାଇ ଦିଏ ଏବଂ ପୁଣି ତାରି ଉପରେ ଦୁଇବନ୍ଧୁଙ୍କର ମିଳନ ଘଟେ। ଏହି ମାଟି ପାଇଁ 'ଘରସଂସାର' ନାଟକରେ ରଘୁନାଥପୁର ଏବଂ ଚଣ୍ଡୀପୁର ସାମନ୍ତ ପରିବାର ମଧ୍ୟରେ ସଂଘର୍ଷ ସୃଷ୍ଟିହୁଏ। ପୁଣି ସେହି ମାଟିର ମମତା ଉଭୟ ପରିବାରକୁ ଏକ ଅପୂର୍ବ ବନ୍ଧନରେ ଯୋଡ଼ିଦିଏ। ରାମବାବୁଙ୍କର ଅଧିକାଂଶ ନାଟକରେ ମାଟି ଏବଂ ମମତାର ଚିତ୍ର ବେଶ୍ ହୃଦ୍ୟ ଏବଂ ସ୍ୱାଦ୍ୟ

ପଲ୍ଲୀର କଥାକାର :

ନାଟ୍ୟକାର ମିଶ୍ର ଉତ୍କଳୀୟ ପଲ୍ଲୀ ଜୀବନର ଜଣେ ଶ୍ରେଷ୍ଠ ଚିତ୍ରକର। ତାଙ୍କର ପ୍ରତିଟି ନାଟକରେ ଦୁଇଟି ସଂସ୍କୃତିର ଚିତ୍ର ଦେଖାଯାଏ। ଗୋଟିଏ ହେଉଛି ପଲ୍ଲୀ ସଂସ୍କୃତି ଏବଂ ଅନ୍ୟଟି ହେଉଛି ସହରୀ ସଂସ୍କୃତି। ପଲ୍ଲୀର ଧୂଳିମାଟି, ପଲ୍ଲୀର ଆକାଶ, ପଲ୍ଲୀର ପ୍ରାଣ ପ୍ରାଚୁର୍ଯ୍ୟ - ଏ ସମସ୍ତ ପ୍ରତ୍ୟେକ ନାଟକର ଆଧାର ବିନ୍ଦୁ ହୋଇପଡ଼ିଛି। ସହରୀ ଜୀବନଠାରୁ ପଲ୍ଲୀ ଜୀବନର ନିଛକ ଚିତ୍ର ଶ୍ରୀ ମିଶ୍ରଙ୍କର ପ୍ରତ୍ୟେକ ନାଟକରେ ଦେଖାଯାଏ।

ରାମଚନ୍ଦ୍ର ମିଶ୍ରଙ୍କ ନାଟକ ମୂଳିଆ, ଭାଇଭାଉଜ, ସାଇପଡ଼ିଶା, ଘରସଂସାର, ମମତା, ପୁଅାଣିଘର, ଆଦିରେ ଗ୍ରାମ୍ୟଜୀବନର ଚିତ୍ର ଦେଖିବାକୁ ମିଳେ। ରାମବାବୁଙ୍କର ଅଧିକାଂଶ ନାଟକରେ ଗ୍ରାମ୍ୟଜୀବନର ସରଳ ପରିବେଶ ଭିତରୁ ଯୁବକଟିଏ ଯାଏ ସହରକୁ ହୁଏତ ଚାକିରୀ ଅନ୍ୱେଷଣରେ କିମ୍ବା ଶିକ୍ଷା ଲାଭ ଉଦ୍ଦେଶ୍ୟରେ। କିନ୍ତୁ ସେଠାରେ

Digitized by PPRACHIN, SOA

ସହରୀ ଜୀବନର ଚାକଚକ୍ୟରେ ସେ ଭୁଲିଯାଏ ଗାଁକୁ, ଗାଁରେ ଭଲ ପାଉଥିବା ସରଳ କିଶୋରୀଟିକୁ। ସମୟ ଆସେ ତା' ଆଖି ଆଗରୁ ମାୟାର ପରଦା ଘୁଞ୍ଚିଯାଏ। ସେ ନିଜର ଭୁଲ୍ ବୁଝିପାରେ ଏବଂ ପୁଣି ଫେରିଆସେ ତାର ପ୍ରିୟ ଗାଁ ଭୂଇଁକୁ।

'ମୂଲିଆ'— କହିଛି ଗାଁର କଥା। ଉତ୍କଳର କେଉଁ ଅଖ୍ୟାତ ପଲ୍ଲୀରୁ ଆସିଥିଲା ରାଜକିଶୋର ସହରକୁ ଉଚ୍ଚଶିକ୍ଷା ନିମନ୍ତେ। ସହରୀ ନିଶାରେ ମତୁଆଲା ହୋଇ ସେ ଭୁଲିଗଲା ନିଜର ପରିବାରକୁ, ଭାଇଭାଉଜଙ୍କ ସ୍ନେହ ମମତାକୁ ଏବଂ ଆଦରର ସରକୁ। ରାଜକିଶୋରର ପାଠପଢ଼ା ପାଇଁ ଭାଇ ନନ୍ଦ ଜମିବାଡ଼ି ବିକି ସର୍ବସ୍ୱାନ୍ତ ହୋଇଛି। ପର ମୁହୂର୍ତ୍ତରେ ରାଜକିଶୋର ନିଜର ଭୁଲ୍ ବୁଝିପାରି ଗାଁକୁ ଫେରିଛି। ଭାଇଭାଉଜଙ୍କୁ କ୍ଷମା ମାଗିଛି ଏବଂ ସରର ହାତ ଧରି ସବୁଦିନ ପାଇଁ ଗାଁ ଭୂମିକୁ ଆପଣେଇ ନେଇଛି। 'ଘରସଂସାର' ନାଟକ ହେଉଛି ରଘୁନାଥପୁର ଏବଂ ଚଣ୍ଡୀପୁର ଦୁଇଗ୍ରାମର ସଂଘର୍ଷର କାହାଣୀ। ଏଇ ଗାଁରେ ରହୁଥିବା ଦୁଇ ସାମନ୍ତ ପରିବାରର କାହାଣୀ। ଗ୍ରାମ୍ୟ ପରିବେଶରେ ପରିବର୍ଦ୍ଧିତ ନବ୍ୟଶିକ୍ଷିତ ଗୋପଚୌଧୁରୀଙ୍କ ତ୍ୟାଗ, ସହିଷ୍ଣୁତାର କାହାଣୀ ହେଉଛି ''ଘରସଂସାର'ର କଥାବସ୍ତୁ। ଗ୍ରାମ୍ୟ ଜୀବନର ସ୍ନେହସୋହାଗ, ଟାଉଟରୀ ଉଭୟ ଏକ ସାଥିରେ ଗତି କରିଛି। ଗ୍ରାମ୍ୟ କିଶୋରୀ ଶାରଦାର ଧୈର୍ଯ୍ୟ, ସେବା ମନୋବୃତ୍ତି ନାଟକର ମୁଖ୍ୟ ଆକର୍ଷଣ ହୋଇ ଦେଖା ଦେଇଛି।

'ସାଇପଡ଼ିଶା'ର ନିମାଇଁବାବୁଙ୍କ ପରିବାର ପଲ୍ଲୀସଂସ୍କୃତିର ଏକ ଜାଗ୍ରତ ପ୍ରହରୀ। ଗ୍ରାମ୍ୟ ଜୀବନର ସରଳତା, ନିରୀହତା ଏବଂ ଆଦର୍ଶବାଦକୁ ଆଧାର କରି ଏଇ ପରିବାର ସଂସ୍କାର ଅଭିମୁଖେ ଆଗେଇ ଆସିଛି। ନିମାଇଁବାବୁଙ୍କ ପୁତ୍ର ଗୁଣ ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ଗ୍ରାମ୍ୟଜୀବନକୁ ଆଦରି ନେଇଛି ଏକ ମହତ ଲକ୍ଷ୍ୟ ନେଇ। 'ଭାଇଭାଉଜ' - ନାଟକରେ ମଧ୍ୟ ଗ୍ରାମ୍ୟଜୀବନର ଚିତ୍ର ବେଶ୍ ମାର୍ମିକ। ପଲ୍ଲୀବୁକୁରେ ଦୁଇଟି ପରିବାର ହା-ହୁତାଶର କାହାଣୀ ହେଉଛି ଏଇ ନାଟକର କଥାବସ୍ତୁ। ଟାଉଟର ଯୋଗୀ ସାହୁକାର ଏବଂ ଚାଷୀ ମହୀ ଭାଇଗର କାହାଣୀକୁ କେନ୍ଦ୍ରକରି ଗଢ଼ିଉଠିଛି ନାଟକ 'ଭାଇଭାଉଜ'। ଚାଷଜମିକୁ କେନ୍ଦ୍ରକରି ଚାଷୀ ପରିବାର ଉଚ୍ଛନ୍ନ ହୋଇଛି। ଟାଉଟର ଯୋଗୀସାହୁକାର ମିଥ୍ୟା ମୋକଦ୍ଦମାରେ ଜଡ଼ିତ କରି ମହୀର ପରିବାରକୁ ରସାତଳକୁ ଠେଲି ଦେଇଛି। ଭାଇ-ଭାଇ ମଧ୍ୟରେ ସନ୍ଦେହର ବୀଜ ବପନ କରିଛି। ସବୁ ଭୁଲ୍ ବୁଝାମଣା ପୁଣି ଉଭେଇ ଯାଇଛି। ପୁନରାୟ ଭଙ୍ଗା ପରିବାର ଗଢ଼ି ଉଠିଛି ସେଇ ଗାଁ ମାଟି ଉପରେ। ଉଚ୍ଚ ଶିକ୍ଷିତ ଭରତ ଏବଂ ସବିତା ଗାଁ ମାଟିକୁ ଆଦରି ନେଇଛନ୍ତି। 'ଭାଇ ଭାଉଜ' ହେଉଛି ଗ୍ରାମ ସଂସ୍କୃତି ଉପରେ ଆଧାରିତ ରାମବାବୁଙ୍କର ସର୍ବଶ୍ରେଷ୍ଠ ନାଟକ। 'ମମତା' ନାଟକରେ ଗ୍ରାମ୍ୟ ପରିବେଶରୁ ଆରମ୍ଭ ହୋଇଛି ନାଟକ। ଭାଇ ଭାଇ ମଧରେ ସଂପର୍କ ତିକ୍ତ ହୋଇ ଚାଷଜମି ବଣ୍ଟନ ପାଇଁ ମାମଲା କୋର୍ଟ ପର୍ଯ୍ୟନ୍ତ ଯାଏ ଏବଂ ପୁଣି ସେହି ଗ୍ରାମ୍ୟ ପରିବେଶରେ ପାରିବାରିକ ମିଳନ ସଂଘଟିତ ହୁଏ।

'ଚାବୁକ୍'ରେ ସେହି ଗ୍ରାମ୍ୟ ଏବଂ ସହରୀ ସଂସ୍କୃତିର ସଂଘର୍ଷ କଥା ରହିଛି। ଉଚ୍ଚଶିକ୍ଷିତ ଜୟନ୍ତ ସହରକୁ ଯାଇଛି ଚାକିରୀ ଉଦ୍ଦେଶ୍ୟରେ। ଭୁଲି ଯାଇଛି ଗାଁର

Digitized by PPRACHIN, SOA

କିଶୋରୀ ପ୍ରେମିକା କନକକୁ ଏବଂ ପ୍ରେମ କରିଛି ଦାସ ସାହେବଙ୍କ କନ୍ୟା ତନୁଜାକୁ। ସହରର ମାୟା ଜୟନ୍ତ ଆଖିରୁ ଅନ୍ଧପୁଟୁଳି ଖୋଲିଦିଏ। ପରିଶେଷରେ ଜୟନ୍ତ ନିଜର ଭୁଲ୍ ବୁଝିପାରି କନକକୁ ଆପଣାର କରେ। 'ପୁଥାଣିଘର' ନାଟକରେ ଗ୍ରାମ୍ୟ ଯୁବକ ମାଧବ ବିବାହ କରେ ନିଷ୍ପାପ କଳିକା ପୁନିକୁ। ପୁନି ଚରିତ୍ରଟି ନିମ୍ନ ମଧ୍ୟବିତ୍ତ ପରିବାର ହେଲେ ମଧ୍ୟ ପଲ୍ଲୀ ଜୀବନର ସମସ୍ତ ଶୋଭା ତା'ଠାରେ ପ୍ରତିଫଳିତ। ମୋଟ ଉପରେ ନାଟ୍ୟକାର ମିଶ୍ରଙ୍କର ଅଧିକାଂଶ ନାଟକ ହେଉଛି ପଲ୍ଲୀ ସଂସ୍କୃତିର ଶ୍ରେଷ୍ଠ ଗାଥାକାବ୍ୟ।

ସମାଜ ସଚେତନ ଶିଳ୍ପୀ :

ରାମଚନ୍ଦ୍ର ମିଶ୍ରଙ୍କ ପ୍ରାୟ ସମସ୍ତ ନାଟକରେ ସାମାଜିକ ଅଙ୍ଗୀକାର ବେଶ୍ ସନ୍ନିହିତ। ୧୯୪୨ ରୁ ୧୯୯୨ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୦ ବର୍ଷର ଅଭିଜ୍ଞତା ତାଙ୍କୁ କମ୍ ଖୋରାକ୍ ଯୋଗାଇନାହିଁ। ମଞ୍ଚ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ଥିବା ନାଟ୍ୟକାର ମିଶ୍ର ଏକାଧାରରେ ଜଣେ ସମାଜସେବୀ, ଆଦର୍ଶ ସଂଗଠକ, ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଏବଂ ରାଜନୈତିକ ନେତା, ମହାତ୍ମାଗାନ୍ଧୀଙ୍କ ଆଦର୍ଶର ସେ ଜଣେ ଦକ୍ଷ ସମର୍ଥକ। ଏହାର ପ୍ରମାଣ ଆମେ ତାଙ୍କର ମୂଲିଆ, ଭାଇଭାଉଜ, ସାଇପଡ଼ିଶା, ଘରସଂସାର ଆଦି ନାଟକରେ ପାଉ। ସେ ଭୂଦାନ ଗ୍ରାମଦାନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ସନ୍ଥ ବିନୋବା ବାଭେଙ୍କୁ ସମର୍ଥନ କରିଥିଲେ।

ପିଲାଦିନରୁ ନାଟ୍ୟକାର ମିଶ୍ର ସ୍ୱାଧୀନ ଚେତା ଥିଲେ। ତେଣୁ ଆଇନ ବ୍ୟବସାୟକୁ ସେ ନିଜର ଜୀବିକା ରୂପେ ଗ୍ରହଣ କରିନେଇଥିଲେ। ସମାଜର ବିଭିନ୍ନ ସ୍ତରର ଲୋକଙ୍କ ସହିତ ସେ ମିଶିବାର ସୁଯୋଗ ପାଇଥିଲେ। ଖଣ୍ଡପଡ଼ା, ବାଲେଶ୍ୱରରେ ଡ଼େପୁଟି ମାଜିଷ୍ଟ୍ରେଟ ଥିଲେ। କିନ୍ତୁ ଚାକିରୀ ତାଙ୍କୁ ବାନ୍ଧି ରଖିପାରିଲା ନାହିଁ। ନାଟକର ମୋହ ଏବଂ ଚିର ଉତ୍ସିତ ସ୍ୱାଧୀନ ପ୍ରବୃତ୍ତି ତାଙ୍କୁ ଚାକିରୀ କ୍ଷେତ୍ରରୁ ନେଇଆସିଥିଲା। ୧୯୬୧ରୁ ୧୯୭୫ ପର୍ଯ୍ୟନ୍ତ ସେ ଦଶପଲ୍ଲା ପଞ୍ଚାୟତ ସମିତି ଅଧକ୍ଷ, ପୁରୀଜିଲ୍ଲା କଂଗ୍ରେସ କମିଟିର ଉପାଧକ୍ଷ, ଜିଲ୍ଲା ପରିଷଦ ଉପାଧକ୍ଷ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପଦପଦବୀ ତୁଲାଉଥିଲେ। ତେଣୁ ତାଙ୍କର କେତେକ ନାଟକରେ ଦୂଷିତ ରାଜନୀତିର ସେ କଠୋର ସମାଲୋଚନା କରିଛନ୍ତି। ଏହାର ସଫଳ ଉଦାହରଣ ହେଉଛି ନାଟକ 'ନରୋତ୍ତମ ଦାସ କହେ' ଏବଂ 'ମନ୍ତ୍ରୀଯୁଗ'। ନାଟ୍ୟକାର ମିଶ୍ର ବହୁ ଶିକ୍ଷାନୁଷ୍ଠାନ ସହିତ ସଂପୃକ୍ତ ଥିଲେ। ତାଙ୍କରି ପ୍ରଚେଷ୍ଟାରେ ପ୍ରତିଷ୍ଠିତ ହୋଇଥିଲା ଦଶପଲ୍ଲା କଲେଜ, ବାଳିକା ହାଇସ୍କୁଲ, ଗଣିଆ ହାଇସ୍କୁଲ ଇତ୍ୟାଦି। ଶିକ୍ଷାର ଭଲ ମନ୍ଦ ଦିଗ ପ୍ରତି ସେ ସଚେତନ ଥିଲେ। ତେଣୁ ଶ୍ରୀ ମିଶ୍ରଙ୍କ ଅଧିକାଂଶ ନାଟକରେ ପାଶ୍ଚାତ୍ୟ ଶିକ୍ଷାର ସମାଲୋଚନା କରାଯାଇଛି। ନବ୍ୟଶିକ୍ଷିତ ସଂପ୍ରଦାୟର ଅହେତୁକ ଆଶା ଏବଂ ଆଗ୍ରହକୁ ସେ ସମାଲୋଚନା କରିବାକୁ ପଛେଇ ଯାଇନାହାନ୍ତି।

Digitized by PPRACHIN, SOA

ତାଂକର ଅଧିକାଂଶ ନାଟକର ନାୟକଗଣ ସହରକୁ ପାଠ ପଢ଼ିବାକୁ ଆସି ସହରର ଆବାହାଓ୍ୱାରେ ବାନ୍ଧି ହୋଇପଡ଼ିଛନ୍ତି। ନାଟ୍ୟକାର ସେମାନଙ୍କ ଅନୁତାପଦଗ୍ଧ ଅନ୍ତରକୁ ଦେଖାଇବା ସଙ୍ଗେ ସଙ୍ଗେ ପୁଣି ଗାଁ ମାଟିକୁ ଫେରାଇ ନେଇଛନ୍ତି।

ଗାନ୍ଧିବାଦର ଜଣେ ଶ୍ରେଷ୍ଠ ପ୍ରବକ୍ତା ସାଜିଛନ୍ତି ନାଟ୍ୟକାର ମିଶ୍ର। ମହାତ୍ମାଗାନ୍ଧୀ ପଲ୍ଲୀବୁକୁରେ ଜୀବନ ଭରି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସେ କହୁଥିଲେ ଗାଁଗହଳିର ସାଧାରଣ ମଣିଷ ନ ଆଗେଇଲେ ଦେଶ ଆଗେଇ ପାରିବ ନାହିଁ। ତେଣୁ ସେ ବାହାର କରିଥିଲେ 'ଅନ୍ତ୍ୟୋଦୟ' ଏବଂ ପରେ ପରେ 'ସର୍ବୋଦୟ'। ଏହି 'ସର୍ବୋଦୟ' ନୀତିଦ୍ୱାରା ନାଟ୍ୟକାର ମିଶ୍ର ଯଥେଷ୍ଟ ପ୍ରଭାବିତ ହୋଇଥିଲେ। ଗାନ୍ଧିଜୀ ଶିକ୍ଷିତ ଯୁବକମାନଙ୍କୁ ଗାଁ ଗହଳିକୁ ଫେରିଯିବା ପାଇଁ ଉପଦେଶ ଦେଉଥିଲେ। "Go back to the villages"—ଏହି ମନ୍ତ୍ର ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ ନାଟ୍ୟକାର। ସେ ତାଙ୍କର ଅଧିକାଂଶ ଚରିତ୍ରକୁ ସହରର ଶିକ୍ଷିତ ପରିବେଶ ଭିତରକୁ ଟାଣି ଆଣିଛନ୍ତି। ପରେ କିନ୍ତୁ ଫେରାଇ ନେଇଛନ୍ତି ଗ୍ରାମ୍ୟ ପରିବେଶକୁ। ଗାନ୍ଧୀ ଆଦର୍ଶର ମୂଳଦୂଆ ପଡ଼ିଛି ଗାଁ ଭୂଇଁରେ। ଗାଁକୁ ଫେରିଆସିଛନ୍ତି ସବିତା, ଭରତ ଏବଂ ଜଜ୍ ସାହେବ ନୂଆ ଦୁନିଆ ଗଢ଼ିବାକୁ। ମୂଳିଆ ଏବଂ ଭାଇଭାଉଜ - ଗାନ୍ଧିଦର୍ଶନର ଶ୍ରେଷ୍ଠ ଉଦାହରଣ। ଗାନ୍ଧିବାଦର କବରକୁ ଲେଖକ ଦେଖାଇ ଦେଇଛନ୍ତି 'ନରୋତ୍ତମ ଦାସ କହେ' ନାଟକରେ। ଏଥିରେ ନରୋତ୍ତମ ଦାସଙ୍କର ଖେଦୋକ୍ତି ହେଉଛି ଲେଖକଙ୍କ ସ୍ୱୀକାରୋକ୍ତି। ମହାତ୍ମାଗାନ୍ଧୀ ପାପକୁ ଘୃଣା କରୁଥିଲେ, ପାପୀକୁ ନୁହେଁ। ଅନୁତାପ ଦ୍ୱାରା ହୃଦୟର ପରିବର୍ତ୍ତନ ଉପରେ ଗାନ୍ଧିଜୀ ଅଧିକ ଗୁରୁତ୍ୱ ଦେଇଥିଲେ। ରାମଚନ୍ଦ୍ର ମିଶ୍ରଙ୍କ ଅନେକ ଚରିତ୍ର ନିଜକୁ କୁପଥରୁ ଫେରାଇ ଆଣିଛନ୍ତି। ନିଜ ନିଜର ଅନୁତାପ ଦ୍ୱାରା ଏହି ଚରିତ୍ରଗୁଡ଼ିକ ହେଉଛନ୍ତି ଯୋଗୀସାଉକାର, କୁମାର ସାହେବ, ମହେଶ, ମି:ଦାସ, ପ୍ରତାପ ଇତ୍ୟାଦି। ହୃଦୟ ପରିବର୍ତ୍ତିତ ହୋଇଛି ଆର୍ଥିକ ସ୍ୱଚ୍ଛଳବର୍ଗଙ୍କର ମଉଡ଼ମଣି, ଭାଇଭାଉଜ, ପୁଆଣିଘର, ଚାବୁକ, ଘରସଂସାର, ମ୍ୟାନେଜର ଆଦି ନାଟକରେ।

ଆଧୁନିକ ଶିକ୍ଷାର କୁପରିଣାମ, ସଭ୍ୟତା ନାମରେ ସ୍ୱେଚ୍ଛାଚାରିତାକୁ ବ୍ୟଙ୍ଗ କରିଛନ୍ତି ନାଟ୍ୟକାର। ଅବୈଧ ପ୍ରଣୟ, ବେଶ୍ୟାଳୟ ଗମନ, ନିଶାପାନଆଦିକୁ ସମାଲୋଚନା କରିଛନ୍ତି ଲେଖକ। ଆଧୁନିକ ଶିକ୍ଷା ସଭ୍ୟତା ନାମରେ ଚାଲିଥିବା ପ୍ରହସନକୁ ସେ ବ୍ୟଙ୍ଗ କରିଛନ୍ତି। ଶିକ୍ଷାର ବାସ୍ତବ ଉପଯୋଗ କରିବାକୁ ଆଗେଇ ଆସିଛନ୍ତି କେତେଜଣ ଯୁବକ ଯୁବତୀ। ସେମାନେ ହେଲେ ଭରତ, ସବିତା, ଗୁଣ, ଗୋପ, ସୁର, ମାଧବ, ଜୟନ୍ତ। ଆଧୁନିକ ଶିକ୍ଷା କେବଳ ଡ଼ିଗ୍ରୀ ଡ଼ିପ୍ଲୋମା ଭିତରେ ରହିଯାଇଛି। ଚାକିରୀ ଅନ୍ୱେଷଣରେ ସାରାଜୀବନ ହନ୍ତସନ୍ତ ହେବାକୁ ପଡୁଛି। ଏହାକୁ ନାଟକରେ ସଫଳଭାବେ ଫୁଟାଇଛନ୍ତି ନାଟ୍ୟକାର। ପ୍ରତ୍ୟେକ ଚରିତ୍ରକୁ ଯଥାସମ୍ଭବ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି ନାଟ୍ୟକାର। ଭବିଷ୍ୟତ ଉପରେ ଅଧିକ ଆଶାବାଦୀ ହୋଇଛନ୍ତି ରାମଚନ୍ଦ୍ର ମିଶ୍ର। ସତ୍ୟ, ଶାନ୍ତି, ଅହିଂସାର ପୂଜାରୀ ଶ୍ରୀ ମିଶ୍ର ନୂତନ ପୀଢିଠାରୁ ଆଶା କରିଛନ୍ତି ନୂତନ ଗୀତା, ନୂତନ ଭାଗବତ।

Digitized by PPRACHIN, SOA

ସଂସ୍କୃତିର ଉପାସକ :

ନାଟ୍ୟକାର ମିଶ୍ର ହେଉଛନ୍ତି ମହାଭାରତୀୟ ସଂସ୍କୃତିର ଉପାସକ। ସେ 'ବସୁଧୈବ କୁଟୁମ୍ବକଂ' ନୀତିରେ ବିଶ୍ୱାସ କରିଛନ୍ତି। ତେଣୁ ସଭ୍ୟତା ସଂସ୍କୃତି ସଂପର୍କରେ 'ଭାଇଭାଉଜ' ନାଟକର ପଦେଅଧେରେ ନାଟ୍ୟକାର ମିଶ୍ର କହନ୍ତି— ''ଆମ ଦେଶର ସମାଜ ବହୁ ପୁରୁଣା, ଯାର ଚେର ବହୁତ ତଳେ, ଯା ଉପରେ ବହୁତ ଝଡ଼ଝଞ୍ଜା ବୋହି ଯାଇଛି। କିନ୍ତୁ ଯାର ସଂସ୍ଥା ଭୂଷୁଡ଼ି ପଡ଼ିନି, ସଭ୍ୟତା କହିଲେ ଆମେ ସାଧାରଣ ଭାବରେ ଯାହାବୁଝୁ, ସେଇଆ ଆମ ସମାଜର ପ୍ରକୃତ ସଭ୍ୟତା ନୁହେଁ କିମ୍ବା ଏତେଦିନର ପୁରୁଣା ସଂସ୍ଥାକୁ ଭାଙ୍ଗି ଆମର ଏଇ ସାଧାରଣ ସଭ୍ୟତା ଛାଞ୍ଚରେ ନୂଆ କରି ଗଢ଼ାଯାଇ ନ ପାରେ।''

ନାଟ୍ୟକାର ଭାରତୀୟ ସଂସ୍କୃତିର ଉପାସକ। ସେ ଏକ ମୈତ୍ରୀମୟ ସମାଜଗଠନର ସ୍ୱପ୍ନ ଦେଖୁଛନ୍ତି। ଏଇ ସମାଜ ଗଢ଼ି ଉଠିଛି ଗାଁ ଭୂଇଁରେ। ଏହି ସମାଜର ଶ୍ରେଷ୍ଠ ପ୍ରବକ୍ତା ହେଉଛନ୍ତି ଜଜ୍ ସାହେବ, ଭରତ, ସବିତା। 'ଭାଇଭାଉଜ' ନାଟକରେ ଏହି ସାମ୍ୟବାଦୀ ସମାଜ ଗଠନ ପାଇଁ ନାଟ୍ୟକାର ଆହ୍ୱାନ କରିଛନ୍ତି। ଜଜ୍ ସାହେବଙ୍କ ଭିତରେ ସେ ନିଜେ ଆତ୍ମପ୍ରକାଶ ଲୋଡ଼ିଛନ୍ତି। ରାମାୟଣର ସଂସ୍କୃତି ସ୍ଥାନ ନେଇଛି 'ଭାଇଭାଉଜ'ରେ। ଫଳତଃ ମହୀ-ଭାଇଗ ଏବଂ ଦୁଃଖୀ ସେହି ମାନଦଣ୍ଡରେ ଗଢ଼ି ଉଠିଛନ୍ତି। 'ଚାବୁକ୍'ରେ ମୈତ୍ରୀମହଲର ଉଦ୍ୟମରେ ନୂଆ ସମାଜ ଗଠନରେ ଆଗେଇ ଆସିଛି ଅନୁତପ୍ତ ଜୟନ୍ତ। 'ସାଇପଡ଼ିଶା' ନାଟକରେ ପଲ୍ଲୀସଂସ୍କୃତିର ଜୟଗାନ କରାଯାଇଛି। ସୁ ଏବଂ କୁ ପ୍ରବୃତ୍ତିର ସଂଘର୍ଷକୁ ଦେଖାଇ ଦିଆଯାଇ ମୈତ୍ରୀମୟ ସମାଜ ଗଠନର ସ୍ୱପ୍ନକୁ ସମର୍ଥନ କରାଯାଇଛି। 'ସର୍ବେ ଭବନ୍ତୁ ସୁଖିନଃ'— ହୋଇଛି ଏହି ନାଟକର ଆଦର୍ଶ। ବାସ୍ତବରେ- ଏହା ହେଉଛି ବୈଦିକ ସଂସ୍କୃତିର ଆଦର୍ଶ। 'ଘରସଂସାର'ର ଗୋପ ଚୌଧୁରୀ ପଳାୟନବାଦୀ ନୁହଁନ୍ତି। ସମସ୍ତ ଗରଳପାନ କରି ସେ ନୀଳକଣ୍ଠ ସାଜିଛନ୍ତି କେବଳ ସାଂସ୍କୃତିକ ମୂଲ୍ୟବୋଧର ପୁନରୁତ୍ଥାନ ପାଇଁ। ଦୀର୍ଘଦିନର ଝଗଡ଼ା ମେଣ୍ଟିଯାଇ ଏକ ନୂତନ ଜୀବନର ଆରମ୍ଭ ହୋଇଛି। 'ନରୋତ୍ତମ ଦାସ କହେ'ରେ ନରୋତ୍ତମ ହେଉଛନ୍ତି ପୁରାତନ ଭାରତୀୟ ସଂସ୍କୃତିର ଉପାସକ। ତାଙ୍କ ନୀତି ଉପହସିତ ହେଲେ ମଧ୍ୟ ନରୋତ୍ତମଦାସ ଦବିଯାଇନାହାନ୍ତି। କୌଣସି ପ୍ରାପ୍ତିର ଆଶା ନରଖି ସେ ଆଗେଇ ଚାଲିଛନ୍ତି ନିର୍ବିକାର ଭାବେ ଅହିଂସାର ଜୈତ୍ର ବୈଜୟନ୍ତୀ ଉଡ଼ାଇ।

ଆମ ସମାଜ ଆମ ସଂସ୍କୃତି ବିବାହକୁ ଏକ ପବିତ୍ର ଅନୁଷ୍ଠାନ ରୂପେ ସ୍ୱୀକୃତି ଦେଇଛି। ନିର୍ମଳ ହୃଦୟବତ୍ତା ଏବଂ ଚାରିତ୍ରିକ ଶୁଦ୍ଧତା ଉପରେ ନାଟ୍ୟକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ତାଙ୍କର କେତେକ ଚରିତ୍ର କୁପଥରେ ଅର୍ଥାତ୍ ବେଶ୍ୟାସକ୍ତ, ନିଶାସକ୍ତ ହେଲେ ମଧ୍ୟ ପରବର୍ତ୍ତୀ କାଳରେ ସେମାନେ ନିଜ ନିଜର ଭୁଲ ବୁଝିପାରିଛନ୍ତି। ପୁଣି ଫେରି ଆସିଛନ୍ତି ପୁରୁଣା ମୂଲ୍ୟବୋଧ ପାଖକୁ...ପାରଂପାରିକ ମୂଲ୍ୟବୋଧର ଦୁନିଆକୁ। ଭାରତୀୟ ପରଂପରାର ନାଟ୍ୟକାର ଜଣେ ଦୃଢ଼ ସମର୍ଥକ। ତେଣୁ ତାଙ୍କର ଅଧିକାଂଶ ଚରିତ୍ର ଆଦର୍ଶବାଦୀ ହୋଇପଡ଼ିଛନ୍ତି। ଏହି ଚରିତ୍ରମାନେ ସମ୍ବେଦନଶୀଳ। ଅହିଂସା, ଏକତା, ସଂଯମ, ଶାନ୍ତି, ସହିଷ୍ଣୁତା ହୋଇଛି ଏମାନଙ୍କର ଭୂଷଣ।

Digitized by PPRACHIN, SOA

ପରଂପରାକୁ ଅନୁସରଣ କରି ନାଟ୍ୟକାର ଦାମ୍ପତ୍ୟ ଜୀବନର ନୂତନ ସଂଜ୍ଞା ନିରୂପଣ କରିଛନ୍ତି। ସଂପର୍କର ବିଶ୍ଳେଷଣ କରି ସେ ଚିହ୍ନାଇ ଦେଇଛନ୍ତି ଭାରତୀୟର ଅନ୍ତରାତ୍ମାକୁ। ପତିପତ୍ନୀର ପବିତ୍ର ସଂପର୍କ ଉପରେ ନାଟ୍ୟକାର ଆସ୍ଥାବାନ୍। 'ଧର୍ମରୁ ଜୟ—ପାପରୁ କ୍ଷୟ'—ଏହି ନୀତି ଅନୁସରଣ କରିଛନ୍ତି ନାଟ୍ୟକାରଙ୍କ ସମସ୍ତ ନାଟକ। ନାରୀ ବିଶେଷତଃ ହିନ୍ଦୁ ନାରୀର ସେବାଯତ୍ନ, ପାତିବ୍ରତ୍ୟ ଆଦିକୁ ସେ ଜାବୁଡ଼ି ଧରିଛନ୍ତି। କାରଣ ଏହା ଆମ ସଂସ୍କୃତିର ମୂଳମନ୍ତ୍ର। ବିଶ୍ୱାସ ଉପରେ ଆସ୍ଥା ସ୍ଥାପନ କରିଛନ୍ତି ନାଟ୍ୟକାର। ଶେଷରେ ସେହି ବିଶ୍ୱାସର ବିଜୟ ହୋଇଛି ଘରସଂସାର, ସାଇପଡ଼ିଶା, ଭାଇଭାଉଜ, ମୂଳିଆ, ଚାବୁକ୍ ଆଦି ନାଟକରେ। ଏକାନ୍ନବର୍ତ୍ତୀ ପରିବାର ଉପରେ ଅଧିକ ଆସ୍ଥାଶୀଳ ହୋଇଛନ୍ତି ନାଟ୍ୟକାର। ଏଠି ସ୍ୱାର୍ଥପରତା, ଘୃଣାର ସ୍ଥାନ ନାହିଁ। ଏହି ଏକାନ୍ନବର୍ତ୍ତୀ ପାରିବାରିକ ସଂସ୍କୃତିର ଜୟଗାନ କରାଯାଇଛି ଭାଇଭାଉଜ, ମୂଳିଆ, ଘରସଂସାର, ମମତା ଆଦି ନାଟକରେ। ଶ୍ରୀ ମିଶ୍ର ବିଶ୍ୱାସ କରିଛନ୍ତି ତ୍ୟାଗ ଉପରେ। ତେଣୁ ତାଙ୍କ ଚରିତ୍ରମାନେ ଭୋଗରେ ବିଶ୍ୱାସୀ ନୁହଁନ୍ତି। ବ୍ୟକ୍ତିତ୍ୱର ନୂତନ ସଂଜ୍ଞା ନିରୂପଣ କଲେ ମଧ ପାରିବାରିକ ଜୀବନ ବୋଧକୁ ନିଜର ଆଦର୍ଶ ଭାବେ ଲେଖକ ଗ୍ରହଣ କରିଛନ୍ତି।

ଭବିଷ୍ୟତର ଦ୍ରଷ୍ଟା :

ନାଟ୍ୟକାର କେବଳ ସ୍ରଷ୍ଟା ନୁହେଁ, ସେ ଆଗାମୀ ଭବିଷ୍ୟତକୁ ନିଜର ତୃତୀୟ ନୟନରେ ଦେଖିପାରିଥାଏ। ଆବଶ୍ୟକ ମନେକଲେ ସମାଜ ପାଇଁ, ମଣିଷ ପାଇଁ ଚେତାବନୀ ଦେଇଯାଇଥାଏ। ନାଟ୍ୟକାର ମିଶ୍ରଙ୍କ ନାଟକଗୁଡ଼ିକ ଜନ୍ମ ନେଇଥିଲା ତାଙ୍କ ନିଜସ୍ୱ ଅନୁଭୂତିରୁ। ଅଭିଜ୍ଞତାର କଷଟି ତାଙ୍କୁ ଜଣେ ଦିବ୍ୟଦ୍ରଷ୍ଟାର ଆସନ ଦେଇଥିଲା। ବୟସ ନାଟ୍ୟକାରଙ୍କୁ ଆଗେଇ ନେଇଥିଲା, କିନ୍ତୁ ନାଟ୍ୟକାର ମିଶ୍ର ସମୟର ପ୍ରାଣସ୍ପନ୍ଦନ ସହିତ ଭାସି ଚାଲିଥିଲେ। ତା' ନହେଲେ ମୃତ୍ୟୁ ପୂର୍ବରୁ ସେ କେବେ 'ମନ୍ତ୍ରୀଯୁଗ', 'ଅର୍ଥ ଅନର୍ଥ' ସୃଷ୍ଟି କରିପାରି ନଥାନ୍ତେ। ମୃତ୍ୟୁ ଶଯ୍ୟାରେ ମଧ 'ପାଞ୍ଚଏକର ଜମି' ନାଟକର ଗ୍ରାଫ୍ କେବେ ଅଙ୍କନ କରିପାରି ନଥାନ୍ତେ।

ବ୍ୟକ୍ତି, ପରିବାର, ବିଶ୍ୱ ମଧରେ ଥିବା ସମ୍ପର୍କକୁ ନିଜ ନାଟକରେ ମର୍ମରିତ କରିଛନ୍ତି ନାଟ୍ୟକାର ମିଶ୍ର। ସଂପର୍କ ଏଠି ତାଙ୍କ ପାଇଁ କେବଳ ଏକ ସଂଯୋଗର ସେତୁ ହୋଇ ରହିନାହିଁ, ପରନ୍ତୁ ହୋଇ ଯାଇଛି ଏକ ଆଦର୍ଶର ମାପକାଠି। ନାଟ୍ୟକାରଙ୍କ ଅନେକ ଚରିତ୍ର ଗୀତାର ଭାବକୁ ଅନୁସରଣ କରି ଫଳପ୍ରାପ୍ତିର ଆଶା ରଖିନାହାନ୍ତି। ଏହି ଚରିତ୍ର ଗୁଡ଼ିକ କାଳରେ କଷଟିରେ ବେଶ୍ ଉଜ୍ଜ୍ୱଳ ହୋଇ ରହିଛନ୍ତି। ସେମାନେ ହେଲେ ଭାଇଗ, ଗୋପଚୌଧୁରୀ, ଗୁଣ, ନରୋତ୍ତମଦାସ ପ୍ରମୁଖ।

ଯୁଗ ଆଗେଇଛି। ସମୟ ବଦଳି ଚାଲିଛି। ତା' ସାଥିରେ ପାଦମିଳାଇ ଚାଲିଛନ୍ତି ନାଟ୍ୟକାର ମିଶ୍ର। କିନ୍ତୁ ଛାଡ଼ି ପାରିନାହାନ୍ତି ନିଜର ଐତିହ୍ୟ, ସଂସ୍କୃତି ଏବଂ ପରଂପରାକୁ। ସମୟର ଆହ୍ୱାନରେ ସେ ନରୋତ୍ତମ ଦାସଙ୍କୁ ଆଣିଛନ୍ତି। କିନ୍ତୁ ନରୋତ୍ତମ ଦାସ କ'ଣ ଏ ଲାଞ୍ଚ ମିଛର ଦୁନିଆରେ ତିଷ୍ଠିପାରିଛି? ତଥାପି ନରୋତ୍ତମଦାସ ନିଜର

Digitized by PPRACHIN, SOA

ମୂଲ୍ୟବୋଧକୁ ବିସର୍ଜନ ଦେଇ ନାହାନ୍ତି। ଅପମାନିତ ହୋଇଛନ୍ତି, ମାଡ଼ଗାଳି ଖାଇଛନ୍ତି କିନ୍ତୁ ପରିବାରକୁ ପୁଣି ଥରେ ଶୃଙ୍ଖଳିତ କରିବାକୁ ଚେଷ୍ଟା କରିଛନ୍ତି। ସ୍ରଷ୍ଟା ଦିବ୍ୟଦ୍ରଷ୍ଟା ନ ହେଲେ ଜଣେ ନରୋତ୍ତମ ଦାସ ସୃଷ୍ଟି କରିପାରେ ନାହିଁ। ନରୋତ୍ତମ ଦାସ ଭିତରେ ଶ୍ରୀ ମିଶ୍ର ନିଜର ସର୍ମନ୍ ଶୁଣାଇଛନ୍ତି, ଅର୍ଥାତ୍ ନାଟ୍ୟକାର ନିଜ କଥା କହିଛନ୍ତି। ପରିବାର କଥା କହିଛନ୍ତି। ତାଙ୍କ ଚାରିପଟେ ବେଢ଼ି ରହିଥିବା ପରିବେଷ୍ଟନୀ କଥା କହିଛନ୍ତି।

'ଗାନ୍ଧିବାଦ'କୁ ଆଧୁନିକ ସମାଜରେ ଯେଭଳି ପ୍ରହସନ ଧର୍ମୀ କରାଯାଇଛି ବା ଉଦର ପୋଷଣାର୍ଥେ ସ୍ୱାର୍ଥସିଦ୍ଧିର ଉପାୟ ଭାବେ ଅବଲମ୍ବନ କରାଯାଉଛି, ତାର ଏକ ନିଛକ ଉଦାହରଣ 'ନରୋତ୍ତମ ଦାସ କହେ'ର ସୁବିଧାବାଦୀ ଧୂର୍ତ୍ତ ରାଜନୀତିଜ୍ଞ 'ମାଧବ'। ଆଧୁନିକ ସମାଜ ପାଇଁ, ରାଜନୀତି ପାଇଁ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପାଇଁ ଏହି ମାଧବମାନେ ସବୁବେଳେ କଣ୍ଟକ ସଦୃଶ। ଏହାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସୂଚାଇ ଦେଇଛନ୍ତି ନାଟ୍ୟକାର। 'ମନ୍ତ୍ରୀଯୁଗ'ର ତିନୋଟିଯାକ ଛୋଟନାଟକ 'ଆଶାନିରାଶା', 'ମନ୍ତ୍ରୀଆସିବେ' ଏବଂ 'ଭୋଟ ସଂସାର'ରେ ଆଜିର ରାଜନୀତିର ଛକାପଞ୍ଝା ରୂପକୁ ନାଟ୍ୟକାର ଦେଖାଇ ଦେଇଛନ୍ତି। ରାଜନୀତି ଏକ ସୁବିଧାଜନକ ବ୍ୟବସାୟ— ଏହାକୁ ବ୍ୟଙ୍ଗ କରିଛନ୍ତି ଶ୍ରୀ ମିଶ୍ର। ଏଥିରେ ମାତୃତନ୍ତ୍ରଠାରୁ ଆରମ୍ଭକରି ପଞ୍ଚାୟତ ଇଲେକ୍‌ସନ ପର୍ଯ୍ୟନ୍ତ ସମସ୍ତ ସାଂପ୍ରତିକ ଚିତ୍ର ପ୍ରଦତ୍ତ ହୋଇଛି। ଏହି ପୁସ୍ତକର ମୁଖବନ୍ଧରେ ବେଣୁଧର ରାଉତ କହନ୍ତି— "ମନ୍ତ୍ରୀ ଆସିବେ" ଛୋଟ ନାଟକରେ ମନ୍ତ୍ରୀ ଅନୁପସ୍ଥିତ। କେତେବେଳେ ଆସି ପହଞ୍ଚିବେ— ନିର୍ଦ୍ଦିଷ୍ଟ ଜଣାନାହିଁ। କିନ୍ତୁ ତାଙ୍କର ପାଖଲୋକ ସଦାନନ୍ଦ ଦାସ ମନ୍ତ୍ରୀଙ୍କ ସଭାରେ ଲୋକ ଗହଳି ପାଇଁ ଯାନବାହାନ ବ୍ୟବସ୍ଥା ଏବଂ ଖାଇବାପିଇବାର ବନ୍ଦୋବସ୍ତ କରିଛନ୍ତି। ବିଭିନ୍ନ ସମଚରିତ୍ର ଲୋକଙ୍କଠାରୁ ଉପଲବ୍ଧ ଘାତପ୍ରତିଘାତ ସତ୍ତ୍ୱେ ସେ ଚାଲାଖି ଓ ଛଳନାର ଆଶ୍ରୟରୁ ସବୁ ଧୋଇନେଇ ପାରୁଛନ୍ତି। "ମନ୍ତ୍ରୀଯୁଗ"ର ତିନୋଟି ଯାକ ନାଟକ ବେଶ୍ ବ୍ୟଞ୍ଜନାଧର୍ମୀ। ସାଂପ୍ରତିକ ସମାଜର ବିକ୍ଷୁବ୍ଧ ମାନସିକତା ଉପରେ ଏହି ନାଟକ ଦଣ୍ଡାୟମାନ।

ଉପସଂହାର :

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ହେଉଛନ୍ତି ଜଣେ ଯଥାର୍ଥ ସମାଜ ସଚ୍ଚେତନ ଶିଳ୍ପୀ। ସେ ନାଟକ ଲେଖିନାହାନ୍ତି, ଲେଖିଛନ୍ତି ବିଂଶ ଶତାବ୍ଦୀର ଯନ୍ତ୍ରଣା ଜର୍ଜରିତ ମାନବାତ୍ମାର ଜୀବନକାବ୍ୟ। ଓଡ଼ିଆ ନାଟ୍ୟଜଗତ ତାଙ୍କ ପାଇଁ ଗର୍ବ କରିବ। କାରଣ ତାଙ୍କ ନାଟକରୁ ଓଡ଼ିଆମିର ପରିଚୟ ମିଳେ। କେହି ଯଦି ପ୍ରଶ୍ନକରେ ଓଡ଼ିଆ ନାଟକର ସ୍ଥିତିକୁ ନେଇ, ତେବେ ନିଃସନ୍ଦେହରେ ରାମଚନ୍ଦ୍ର ମିଶ୍ରଙ୍କ ନାଟକଗୁଡ଼ିକୁ ଦେଖାଇ ଦିଆଯାଇ ପାରିବ। ଓଡ଼ିଆର ଜୀବନଜିଜ୍ଞାସା, ଚାଲିଚଳଣି, ପାରଂପରିକ ମୂଲ୍ୟବୋଧକୁ ଶ୍ରୀ ମିଶ୍ର ନିଖୁଣ ଭାବେ ଚିତ୍ରଣ କରିଛନ୍ତି ତାଙ୍କ ଦୃଶ୍ୟକାବ୍ୟ ଗୁଡ଼ିକରେ। ଚଳନ୍ତି ଚେତନାର ସେ ଥିଲେ ଜଣେ ଜୀବନ୍ତ ଗାଥାକାର। ତାଙ୍କର ଅକାଳ ବିୟୋଗ, ଓଡ଼ିଶାର ନାଟ୍ୟଜଗତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟିକଲା, ତା'ର ପରିପୂରଣ ଅସମ୍ଭବ।

—o—

Digitized by PPRACHIN, SOA

ନରୋତ୍ତମ ଦାସ କହେ— ଏକ ଆଲୋଚନା

ଡଃ କୃଷ୍ଣଚରଣ ସାହୁ

ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ନାଟ୍ୟକାର। ବହୁ ସାମାଜିକ ନାଟକ ଲେଖି ସେ ଯଶସ୍ୱୀ। ଆଲୋଚ୍ୟ 'ନରୋତ୍ତମ ଦାସ କହେ' ନାଟକଟିରେ ନରୋତ୍ତମ ଦାସ ନାମକ ଜଣେ ଅବସର ପ୍ରାପ୍ତ ଶିକ୍ଷକ, ତାଙ୍କ ସ୍ତ୍ରୀଙ୍କ ତିନିଜଣ ଭାଇ ଓ ସେମାନଙ୍କ ସ୍ତ୍ରୀ ମୁଖ୍ୟ ଚରିତ୍ର ଭାବେ ଗୃହୀତ। ତିନିଜଣ ଭାଇଙ୍କ ମଧ୍ୟରୁ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ, ଜଣେ ବିଶିଷ୍ଟ ବ୍ୟବସାୟୀ ଓ ଜଣେ ରାଜନୈତିକ ନେତା। ତିନିଜଣଯାକ ତିନୋଟି ଧନ୍ଦା କରୁଥିଲେ ହେଁ ଗୋଟିଏ ଲକ୍ଷ୍ୟ ନେଇ ସମସ୍ତେ ପରିଚାଳିତ। ସେହି ଲକ୍ଷ୍ୟଟି ହେଲା ଅର୍ଥ ଓ କ୍ଷମତା। ଏଥିପାଇଁ ସାଧାରଣରେ ବିବେଚିତ ନୀତି ଓ ନିୟମକୁ ସେମାନେ ଜଳାଞ୍ଜଳି ଦେଇଛନ୍ତି।

ନାଟକର ନରୋତ୍ତମ ଦାସଙ୍କ ନାମ ମଧ୍ୟରେ ଅଛି ଅତୀତ ଯୁଗର ଜଣେ ବିଶିଷ୍ଟ ପଦାବଳୀ ଲେଖକ ଓ ଓଡ଼ିଶାର କୀର୍ତ୍ତନ ଜଗତରେ ସୁପରିଚିତ ବିଶିଷ୍ଟ ବେଙ୍ଗଲୀ ବୈଷ୍ଣବ 'ନରୋତ୍ତମ ଦାସ'ଙ୍କ ସ୍ମୃତି। ତାଙ୍କ ନାମ ସହିତ ଜଡ଼ିତ ଏକ ପ୍ରବଚନ ମଧ୍ୟ ଓଡ଼ିଶାରେ ବେଶ୍ ସୁପରିଚିତ। ସେହି ପ୍ରବଚନଟି ହେଲା, ''ନରୋତ୍ତମ ଦାସ କହେ, କୋନ ଶାଳା ଭାଲୋ ନହେ''। ନରୋତ୍ତମ ଦାସଙ୍କ ଏହି ଉକ୍ତିଟି ଆଧୁନିକ ଯୁଗରେ ଅର୍ଥ ଓ କ୍ଷମତାଲୋଲୁପୀ ଚରିତ୍ରମାନଙ୍କ ପାଇଁ ଖାପ୍ ଖାଇଯାଇଛି। ନାଟ୍ୟକାରଙ୍କ ନାଟକର ଏହାହିଁ ମୁଖ୍ୟ ପ୍ରେରଣା ସ୍ରୋତ।

ବଡ଼ ଭାଇ ମି. ଦାସଙ୍କ ସ୍ତ୍ରୀ ବନ୍ଦନା ଓ ମଝିଆଁ ଭାଇ ଯାଦବଙ୍କ ସ୍ତ୍ରୀ ଲକ୍ଷ୍ମୀ ସେମାନଙ୍କ ସ୍ୱାମୀଙ୍କ ଅପେକ୍ଷା ଅଧିକ ଚତୁର ଓ ପ୍ରଭାବଶାଳୀ। ତେବେ ଏଥିରେ ବି ପାର୍ଥକ୍ୟ ଅଛି। ବନ୍ଦନା ଏକ ସ୍ୱପ୍ନବିଭୋରା ନାରୀ। ଦୁଇଟି ସନ୍ତାନର ମା ହେଲେବି ସନ୍ତାନମାନଙ୍କ ଦାୟିତ୍ୱରୁ ନିଜକୁ ମୁକ୍ତ କରି ଅବିବାହିତା ନାରୀ ପରି ଅନ୍ୟ ପୁରୁଷଙ୍କ ସହ ମୁକ୍ତଭାବେ ମିଶିବା, ସଙ୍ଗୀତ ଅଭ୍ୟାସ କରିବା, ମଦ୍ୟପାନ କରିବା, ଡୁଏଟ୍ ନୃତ୍ୟ ପ୍ରତି ଆଗ୍ରହୀ ହେବା, ସାଂସ୍କୃତିକ ଉତ୍ସବ ନାଁରେ ବିଦେଶ ଯିବାର ସ୍ୱପ୍ନ ଦେଖିବା, ଅତିଥିମାନଙ୍କୁ ଡିନର୍‌ରେ ଆପ୍ୟାୟିତ କରିବା ପାଇଁ ମୁକ୍ତ ହସ୍ତରେ ଖର୍ଚ୍ଚ କରିବା, ନିଜ ଗୃହକୁ ପାଶ୍ଚାତ୍ୟ କାଇଦାରେ ସଜେଇବା, ଅଫିସିଆଲ କାର୍ଯ୍ୟରେ ସ୍ୱାମୀଙ୍କୁ ପ୍ରଭାବିତ କରି ବହୁ କାର୍ଯ୍ୟ କରେଇନେବା ଇତ୍ୟାଦି ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ। ଆଧୁନିକ ଯୁଗର ଅଫିସରଙ୍କ ସ୍ତ୍ରୀଭାବେ ତାଙ୍କ ଚରିତ୍ରଟି ବେଶ୍ ଆମୋଦପ୍ରଦ।

ଲକ୍ଷ୍ମୀ ଦେବୀ ଯାଦବଙ୍କର ସ୍ତ୍ରୀ। ତାଙ୍କ ଆଗମନରେ ଯାଦବବାବୁଙ୍କ ଘରେ ପ୍ରକୃତ ଲକ୍ଷ୍ମୀ ପ୍ରବେଶ କରିଥିବା ତାଙ୍କର ଦୃଢ଼ ବିଶ୍ୱାସ। ସେଥିପାଇଁ ତାଙ୍କ ପ୍ରତିଷ୍ଠାନର ଟ୍ରେଡ୍ ମାର୍କ ହେଲା ତାଙ୍କ ସ୍ତ୍ରୀଙ୍କ ଫଟୋ ଚିତ୍ର। ଲକ୍ଷ୍ମୀଦେବୀ ଅଳ୍ପ ଶିକ୍ଷିତା ହେଲେବି ବ୍ୟବସାୟୀ ବୁଦ୍ଧି ଅତି ପ୍ରଖର। କେତେବେଳେ କେଉଁ ଜିନିଷ ବିକିଲେ ବେଶୀ ଲାଭ ହେବ, ଅପମିଶ୍ରଣ କରି କିପରି ଜିନିଷରୁ ଅଧିକ ମୂଲ୍ୟ ନିଆଯାଏ, ରାଜନୈତିକ ନେତାମାନଙ୍କୁ କିପରି ବଶ କରାଯାଏ, ଚାନ୍ଦା ଦେବା ନାଁରେ କିପରି ନେତାଙ୍କୁ କିଣାଯାଏ, ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ ପ୍ରତିଷ୍ଠାନକୁ କିପରି ପ୍ରତିଯୋଗିତାରେ ପରାଜିତ କରାଯାଏ— ଏସବୁ ବିଷୟରେ ଲକ୍ଷ୍ମୀଦେବୀଙ୍କ ପରାମର୍ଶ

Digitized by PPRACHIN, SOA

ଉପରେ ହିଁ ଯାଦବବାବୁ ତଥା ଲକ୍ଷ୍ମୀଟ୍ରେଡ଼ରସ୍ ଚଳୁଥିଲା । ତାଙ୍କ ବୁଦ୍ଧି ଆଗରେ ବନ୍ଦନାଦେବୀଙ୍କୁ ବହୁଥର ଅପମାନିତ ହେବାକୁ ପଡୁଥିଲା । ଟଙ୍କା ବଳରେ ସେ ଅସମ୍ଭବକୁ ସମ୍ଭବ କରି ପାରୁଥିଲେ ।

ସାନ ଭାଇ ମାଧ ରାଜନୈତିକ ନେତା । ଗୋଟିଏ ପୁତ୍ର ସନ୍ତାନର ପିତା ହେଲେବି ସେ ଅବିବାହିତ । ଗୋଟିଏ ସରଳା ଗ୍ରାମ୍ୟ ବାଳିକାର ସର୍ବସ୍ୱ ହରଣକରି ବି ସେ ସଦମ୍ଭେ କହିପାରେ, ‘‘ତୁମେ ତାକୁ ଡାକି ପଚାରି ବୁଝନ, ବାଜା ବାଜିଥିଲା, ନା ରୋଷଣୀ ଜଳିଥିଲା । ନା ବେଦୀ ପଡ଼ିଥିଲା ? ସେ ସବୁ ନ ହେଲା ଏବେ, କୋଉ ପୁରୋହିତ ମନ୍ତ୍ର ପଢ଼ି ଆମ ଦୁହିଁଙ୍କର ହାତ ମିଳେଇ ଦେଇଥିବ ? ଏମାନେ ଯାହା ସଭାରେ ଭାଷଣ ଦିଅନ୍ତି, କାମରେ ତାହା କରିନ୍ତି ନାହିଁ । ଆଜି ଗଜାନନ ଏଣ୍ଡ କଂପାନୀ ପାଇଁ ସୁପାରିଶ କରନ୍ତି ତ କାଲି ଗୋଟା ସୁଦ୍ଧା ଲକ୍ଷ୍ମୀ ଟ୍ରେଡ଼ରସ୍‌ର । ଏହି ସବୁ ସୁବିଧାବାଦୀ ନେତାଙ୍କୁ ନେଇ ଏ ଦେଶ ଚଳେ । କଳାକୁ ଧଳା କରିବାରେ ଏମାନେ ଧୁରନ୍ଧର । ଭାରତୀ କେବେ କେଉଁ ଦୁର୍ବଳ ମୁହୂର୍ତ୍ତରେ ମାଧବ ବାବୁଙ୍କ ଜାଲରେ ଧରା ପଡ଼ିଥିଲେ ବି ଆଜି ସେ ନିରୁପାୟା, ଆଶ୍ରୟହୀନା । ତା’ ପାଖରେ ପ୍ରମାଣ ନାହିଁ କି ନାମାଙ୍କିତ ଅଙ୍ଗୁରୀୟ ନାହିଁ ।

ସହର ଭିତରେ ଏହିସବୁ ଲୀଳା ଚାଲୁଥିବାବେଳେ ଅବସର ପରେ ନରୋତ୍ତମ ବାବୁ ଆସି ପହଞ୍ଚିଛନ୍ତି । ପ୍ରଥମେ ବଡ଼ ଭାଇଙ୍କ ରାଜ ପ୍ରାସାଦରେ ସେଠାରେ ଶ୍ୟାମଳ ଓ ବନ୍ଦନା ଦେବୀଙ୍କ ଡୁଏଟ୍ ନାଚ, ଗୀତ, ସମ୍ଭାଷଣ ଓ ଡ଼ିନର୍ ଦେଖି ଓ ସେ ସବୁ ବିଷୟରେ ରୋକ୍‌ଠୋକ୍ କଥା କହି, ଶେଷକୁ ଶ୍ୟାମଳ ଓ ବନ୍ଦନା ଦେବୀଙ୍କ ଜାଲରେ ଧରାପଡ଼ି ଜେଲ ଯାଇଛନ୍ତି । ଆବଶ୍ୟକ, ଅତି ଆବଶ୍ୟକ ଓ ଅନାବଶ୍ୟକର ତାଲିକା ତିଆରି କରି ମି. ଦାସଙ୍କ ଘରର ଗୁମରକୁ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି । ଲକ୍ଷ୍ମୀ ଟ୍ରେଡ଼ରସ୍ ଓ ମାଧବ ବାବୁଙ୍କ ଚରିତ୍ରର ମୁଖା ଖୋଲିଛି ମଧ୍ୟ ତାଙ୍କରି ଦ୍ୱାରା । ଜଣେ ଆଗନ୍ତୁକ ଭାବେ ଦୁଇଜଣଙ୍କ ଘରେ କିଛି କିଛି ଦିନ ରହି ତିନି ଭାଇଙ୍କ କାର୍ଯ୍ୟ କଳାପର ରହସ୍ୟ ଉଦ୍‌ଘାଟନ କରି, ସେ ହୋଇଛନ୍ତି ନାଟକର ମୁଖ୍ୟ ଚରିତ୍ର ଓ ତାଙ୍କ କଥା ସବୁ ପଦାବଳୀର ନରୋତ୍ତମ ଦାସଙ୍କ ପରି ଜୀବନର ବହୁ ସତ୍ୟକୁ ଉଦ୍‌ଘାଟନ କରିବାରେ ସମର୍ଥ ହୋଇଛି । ନାଟ୍ୟକାର ଏପରି ଏକ ଶକ୍ତିଶାଳୀ ଚରିତ୍ରକୁ ପରିବେଷଣ କଲାବେଳେ, ତାଙ୍କ ସଂଳାପକୁ ପୁରାଣ ଓ ପ୍ରବଚନରେ ବିମଣ୍ଡିତ କରିଛନ୍ତି ।

ତାଙ୍କ ଭାଷାରେ ମି. ଦାସଙ୍କ ଘର ଏକ ଆଖଡ଼ା ଘର, ମାଧବାବୁ ଏକ ବାବନା ଭୂତ, ବନ୍ଦନାଦେବୀ ହେଲେ, ରାଇ ବିନୋଦିନୀ, ଶ୍ୟାମଳବାବୁ ‘ନଟବର ରସିକ ନାଗର ଶ୍ୟାମ, ଆଉ ମି.ଦାସ ନିଜେ ଚନ୍ଦ୍ରସେଣା । ଅବସ୍ଥା ଚକ୍ରରେ ପଡ଼ି ବିଶ୍ୱ ବିଦ୍ୟାଳୟର କୃତୀଛାତ୍ର କିପରି ସମାଜରେ ‘‘ସ୍ମାରଂ ସ୍ମାରଂ ସ୍ୱଗୃହଂ ଚରିତଂ ଦାରୁଭୂତୋ ମୁରାରି’ରେ ପରିଣତ ହୋଇ ନିରୁପାୟ ହୋଇଯାଏ, ସେହିପରି ଗୋଟିଏ ଚରିତ୍ର ମି.ଦାସ । କଥାରେ କହନ୍ତି ନି, ନାକ କାଟିଲେ ପାଟିରେ ରକ୍ତ ପଡ଼େ । ଲକ୍ଷ୍ମୀଦେବୀ ହେଲେ ସିପାହୀ ବିଦ୍ରୋହର ‘ଲକ୍ଷ୍ମୀ ବାଈ’ । ସାହାସର ସହିତ ଯୁଦ୍ଧ କ୍ଷେତ୍ରରେ ଝାସ ଦେବା ତାଙ୍କ ପ୍ରକୃତି । ଭାରତୀର ଦୁର୍ବଳ ମନ ହେଲା, ‘ଝୋଟକୁ ନିଆଁ’ । ଆଉ ଯାଦବବାବୁ ହେଲେ ‘କରାଣ୍ଡିକୁ ଲୋଭ କରି ବାଳିଆ ମାଡ଼ି ବସିବା ଲୋକ’ ଓ ଶେଷରେ ସମସ୍ତଙ୍କ ଉପରେ ମନ୍ତବ୍ୟ ଦେଇ ନାଟକର ଯେଉଁ ଉପସଂହାର କରାଯାଇଛି ତାହା ହେଲା, ‘‘ମାନ୍ ଇଜତ’’ । ମାନ୍ ଇଜତର ସଂଜ୍ଞା ମଧ ଏମାନେ

Digitized by PPRACHIN, SOA

ବଦଳେଇ ଦେଲେଣି। ଏମାନେ ପୁଣି ଲେଖିବେ ନୂଆ ଗୀତ, ନୂଆ ଭାଗବତ, ସୃଷ୍ଟି କରିବେ ନୂଆ ପୁରାଣ। ହୁଃ, ଏମାନେ ଦେବେ ଦେଶକୁ ନେତୃତ୍ୱ।

କେବଳ ନରୋତ୍ତମ ଦାସଙ୍କ ସଂଳାପରେ ଯେ ନାଟ୍ୟକାର ପୁରାଣ ଓ ପ୍ରବଚନ ରଖିଥିଲେ ତାହା ନୁହେଁ, ସବୁ ଚରିତ୍ର ଏପରିକି ଗୋପୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଏହି ଶକ୍ତି ସହିତ ପରିଚିତ। ଆବଶ୍ୟକ ପଡ଼ିଲାବେଳେ ସମସ୍ତେ ଏଥିରୁ ଗୋଟିଏ, ଦୁଇଟି ଉଚ୍ଚାରଣ କରିଥିଲେ ବି ନରୋତ୍ତମଙ୍କର କଥାରେ ଏହା ଯେପରି ଛୁରୀ ଧାର ପରି ଶାଣିତ, ତାହା ଅନ୍ୟ ଚରିତ୍ରରେ ଦେଖିବାକୁ ମିଳେ ନାହିଁ।

ପାରମ୍ପରିକ ନାଟକ ଢାଞ୍ଚାରେ 'ନରୋତ୍ତମ ଦାସ କହେ' ନାଟକଟି ରଚିତ ହୋଇଥିଲେ ବି, ଆଧୁନିକ ଯୁଗକୁ ବିଶ୍ଳେଷଣ କରିବାରେ ଏହା ଏକ ସଫଳ ନାଟକ। ବଡ଼ ବଡ଼ ହାକିମଙ୍କ ଅର୍ଥ ନିଶା, କ୍ଲବ ଘର, ଲାଞ୍ଚ ଗ୍ରହଣ, ବ୍ୟବସାୟୀ ସଂସ୍ଥାର ଏଜେଣ୍ଟମାନଙ୍କ କାମ ଆଦାୟର କୌଶଳ, ବ୍ୟବସାୟରେ ଲାଭ ପାଇଁ ଅକାତରରେ ଅର୍ଥ ବ୍ୟୟ କରିବାଠାରୁ ଖବର କାଗଜରେ ସମ୍ବାଦ ଛପେଇବା ପର୍ଯ୍ୟନ୍ତ ସବୁଥିରେ ପ୍ରବେଶ, ଆବଶ୍ୟକ ହେଲେ ଚରିତ୍ର ସଂହାର, ବ୍ୟବସାୟୀମାନଙ୍କର ଲୋକଙ୍କୁ ପ୍ରତାରିତ କରିବାର ବିଭିନ୍ନ ଉପାୟ, ଲୋକଙ୍କୁ ଠକି ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ରିଲିଫ୍ ପାଣ୍ଠିକୁ ଦାନ ଦେଇ ଦାନୀ ହେବାର ଛଳନା, ଅପମିଶ୍ରଣ କରି, ଅଧିକ ଦାମରେ ବିକି ସଚ୍ଚୋଟ ହେବାର ଅଭିନୟ, ଟଙ୍କାରେ ନେତାମାନଙ୍କୁ ଭୋଟ ବେଳେ କିଣି ସେମାନଙ୍କଠାରୁ ସୁବିଧା ହାସଲ, ରାଜନୈତିକ ନେତାମାନଙ୍କର ଅନୈତିକ ଚରିତ୍ର, ଲୋକଙ୍କୁ ପ୍ରତାରିତ କରି ଭୋଟ ନେଇ ପାଞ୍ଚ ବର୍ଷ ପରେ କାଣିଆ କପିଳା ଭେଟ, ଦେଶ ସେବାକୁ ଭୋଟ ରାଜନୀତିରେ ପରିବର୍ତ୍ତନ, ଇତ୍ୟାଦି ବହୁ ଚିତ୍ର ଏଥିରୁ ଦେଖିବାକୁ ମିଳିଥାଏ। ଆଧୁନିକ ସମାଜରେ ଏହି ତିନୋଟି ଗୋଷ୍ଠୀ ପ୍ରକୃତରେ ପ୍ରଭାବଶାଳୀ। ଉଚ୍ଚପଦସ୍ଥ କର୍ମଚାରୀ, ରାଜନୈତିକ ନେତା ଓ ବ୍ୟବସାୟୀ ଏମାନେହିଁ ଲୋକଙ୍କୁ ଚରାନ୍ତି। ଅର୍ଥ ଓ କ୍ଷମତା ବଳରେ ଏମାନେ ଅନ୍ୟାୟକୁ ନ୍ୟାୟ କରନ୍ତି। ଭାରତୀ ପରି ଅଜ୍ଞ, ନିରୀହ, ଦୁର୍ବଳ ଓ ଅସହାୟ ଚରିତ୍ର ସବୁ ଏମାନଙ୍କ ଚକ୍ରାନ୍ତରେ ନିଃଶେଷ ହୋଇଯାନ୍ତି। ନାଟ୍ୟକାର ଆଧୁନିକ ଯୁଗର ଏହି ନଗ୍ନ ସତ୍ୟକୁ ଦର୍ଶକଙ୍କ ସମ୍ମୁଖରେ ରଖିବାକୁ ସମର୍ଥ ହୋଇଛନ୍ତି। ପାରମ୍ପରିକ ଶୈଳୀରେ ରଚିତ ହୋଇ ଥିଲେବି, ଉପସ୍ଥାପନାରେ ନରୋତ୍ତମ ଦାସ ଚରିତ୍ର ଏ ସୂତ୍ରଧାର ବା ନିୟତି ପରି ରହସ୍ୟ ଉଦ୍‌ଘାଟନ କରିବାରେ ସିଦ୍ଧହସ୍ତ। ଭଙ୍ଗା ଲୁଗାର ଚିରା ଫଟା ଜାଣିବା ପାଇଁ ଯେପରି ପରସ୍ତ ପରସ୍ତ ଖୋଲି ଶେଷରେ ସମସ୍ତ ଲୁଗାକୁ ଖୋଲି ଗ୍ରାହକ ସମ୍ମୁଖରେ ରଖି ଦିଆଯାଏ, ସେହିପରି ନରୋତ୍ତମ ଦାସ ପ୍ରଥମ ପରସ୍ତ ଖୋଲିଛନ୍ତି, ବଡ଼ଭାଇ ମି.ଦାସଙ୍କ ଘରୁ ଓ ଶେଷ ପରସ୍ତ ଖୋଲିଛନ୍ତି ଭାରତୀର ଅସହାୟ ଭାବେ ମୃତ୍ୟୁ ବରଣରେ। ଯେତେବେଳେ ସମାଜ-ଲୁଗାର ସବୁ ପରସ୍ତ ଖୋଲିଯାଇଛି, ସେତେବେଳେ ଦର୍ଶକ ଦେଖିଛି— ଲୁଗାଟାଯାକ ଚିରା। ନଷ୍ଟ ଭ୍ରଷ୍ଟ ସମାଜର ଏହି ଚିତ୍ର ଦେଖି ସେ ଆନନ୍ଦ (ଅନ୍ୟର ଦୋଷ ଦେଖିବାର ଆନନ୍ଦ) ପୁଣି ବିଷାଦ ସେ (ନିଜକୁ ପରୀକ୍ଷା କରିବାର ବିଷାଦ) ଭାବ ନେଇ ସେ ଘରକୁ ଫେରି ଆସେ।

ଆଧୁନିକ ସମାଜର ସଫଳ ଚିତ୍ରଣ କରି ନାଟ୍ୟକାର କେବଳ 'ନରୋତ୍ତମ ଦାସ କହେ' ନାଟକରେ ନୁହେଁ, ଅନ୍ୟ ନାଟକର ମଧ୍ୟ ଯଶସ୍ୱୀ ହୋଇ ପାରିଛନ୍ତି

—o—

Digitized by PPRACHIN, SOA

ଅର୍ଥ ଅନର୍ଥ : ଏକ ଅର୍ଥାନ୍ତର

ଡଃ ଶରତ ଚନ୍ଦ୍ର ପ୍ରଧାନ

'ଗୁଣ ଅନୁକ୍ରମେ କରୁଥିବୁ ପୂଜା

କବିକୁତ ଜନଙ୍କୁ କୃପଣ ନୋହିବୁଟି ମହାରାଜା'— ସାରଳାଦାସ ଶାନ୍ତି ପର୍ବରେ ଯୁଧିଷ୍ଠିରଙ୍କ ପ୍ରତି ଭୀଷ୍ମାଚାର୍ଯ୍ୟଙ୍କର ଏହାଥିଲା ନିର୍ଦ୍ଦେଶ। ଦୃଶାନ୍ତରକୁ ଚାଲିଯାଉଥିବା ମଣିଷଟି ଉତର ପୁରୁଷକୁ ସୂଚେଇ ଦେଇଥିଲା ଜୀବନର ସ୍ଥିତି ଓ କବି ସମ୍ପର୍କରେ। ଉତର କାଳରେ ହୁଏତ ପୂଜ୍ୟପୂଜାର ବ୍ୟତିକ୍ରମ ଘଟିବ। କବି ଲେଖକଙ୍କୁ ସମାଦର ମିଳିବ ନାହିଁ। ଏଣୁ ମନ୍ତ୍ରଦ୍ରଷ୍ଟାଙ୍କର ଏହାଥିଲା ଚେତାବନୀ।

ଦେଖିବସିଲେ ଆଜୀବନ ସାରସ୍ୱତସ୍ରଷ୍ଟାଙ୍କୁ ଆମେ ଜୀବନକାଳ ମଧ୍ୟରେ ଯଥୋଚିତ ସମ୍ମାନ ଦେଉନା। ଗୁଣ ଅନୁକ୍ରମେ ତାଙ୍କର ପୂଜା କରୁନା। ଆମେ କେବଳ କୃପଣ ହୋଇଥାଉ। ଓଡ଼ିଶାରେ ଏହା ବିଡମ୍ବିତ ଅବବୋଧ ନିଶ୍ଚୟ।

ଆଜୀବନ ସାରସ୍ୱତ ସେବକ ସୁପଠ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଅନ୍ତିମ ସୃଷ୍ଟି 'ଅର୍ଥ ଅନର୍ଥ'। ଏହା ତାଙ୍କ ସ୍ରଷ୍ଟା ଜୀବନର ଶେଷ ଫୁଲ। ସେ ମୃତ୍ୟୁ ସହ ଲଢୁଥିଲାବେଳେ ଏହି ଅମ୍ଳାନ ଫୁଲଟି ଓଡ଼ିଆ ପାଠକ ଓ ନାଟ୍ୟମୋଦୀଙ୍କୁ ଦେଇ ଯାଇଛନ୍ତି। ଏଥିରେ ସେ ଜୀବନର ବୃହତ୍ତର ଅର୍ଥ ଖୋଜିଛନ୍ତି। ଅନୁଭବ କରିଛନ୍ତି— 'ସବୁଧର୍ମ କର୍ମର ମୂଳ ହେଲା ଟଙ୍କା। ଘଟଣାକ୍ରମେ ସୂଚେଇ ଦିଅନ୍ତି ଯେ ଅର୍ଥ ସର୍ବସ୍ୱ ସମାଜରେ ମଣିଷର ସ୍ଥାନ ନାହିଁ। ଅର୍ଥ ହିଁ ତାର ଗତି ମୁକ୍ତି, ସବୁକିଛି। ତଥାପି ମଣିଷପଣିଆ ହଜେନା। ନାନା ପ୍ରତିବନ୍ଧକ ସତ୍ତ୍ୱେ ତାହା ମୋତି ମାଣିକ୍ୟ ପରି ଝଟକେ; ଅନ୍ତଃସଲିଳା ଫଲଗୁପରି ବାଟ ଖୋଜେ। ମଣିଷ ଜାତିକୁ ଉର୍ଦ୍ଧ୍ୱମୁଖ କରେ। ବଞ୍ଚିବାର ନୂତନ ରାହା ଯୋଗାଇ ଦିଏ। ବସ୍ତୁତଃ ଶୁଚିସ୍ନାତ ମଣିଷର ମନ୍ତ୍ରଗାୟକ ରାମଚନ୍ଦ୍ର ମିଶ୍ର 'ଅର୍ଥ ଅନର୍ଥ' ଭିତରେ ମଣିଷର ଅର୍ଥାନ୍ତର ଖୋଜନ୍ତି। ଜୀବନର ବୃହତ୍ତର ସଂଜ୍ଞା ଅର୍ଥ କୁଣ୍ଠିତ ହେଲେହେଁ ମାନବତାହିଁ ତାର ପ୍ରାଣଭୂମି।

'ଅଭିମାନ'ରୁ 'ଅର୍ଥ ଅନର୍ଥ' ମଧ୍ୟରେ ଅନେକ ଦିନର ବ୍ୟବଧାନ। ପ୍ରଥମଟି ରାମଚନ୍ଦ୍ରଙ୍କ ସାଧନାର ଆଦ୍ୟ ସଂକେତ ଓ ଅନ୍ୟଟି ତାଙ୍କର ନାଟ୍ୟ ଚେତନାର ଅନ୍ତିମ ସ୍ୱାକ୍ଷର। ପ୍ରଥମଟିରେ ଥିଲା ସମ୍ଭାବନା ଓ ପ୍ରତିଶ୍ରୁତି। ଶେଷଟିରେ ଅଛି ଅନୁଭୂତିର ମାର୍ମିକ ଅବବୋଧ ଓ ବିବର୍ତ୍ତିତ ଜୀବନ ଦୃଷ୍ଟି। ଇତି ମଧ୍ୟରେ ଓଡ଼ିଆ ନାଟକର ରୂପ ଓ ରଙ୍ଗରେ ଅନେକ ପରିବର୍ତ୍ତନ ଘଟିଛି। ନବନାଟ୍ୟ ଧାରାର ଆଲୋଡ଼ନ ଓଡ଼ିଶାର ରଙ୍ଗମଞ୍ଚକୁ ବେଶ ପ୍ରଭାବିତ କରିଛି। ମାତ୍ର ରାମଚନ୍ଦ୍ରଙ୍କ ନିଜସ୍ୱ ଦୃଷ୍ଟି ଏହି ନବନାଟ୍ୟର ଜୁଆରରେ ଭିନ୍ନଗାମୀ ହୋଇନାହିଁ। ଓଡ଼ିଶାର ଜୀବନ ଓ ପରିପାର୍ଶ୍ୱକୁ ନେଇ ସେ ନାଟକ ରଚନା କରିବାରେ ବ୍ରତୀ ହୋଇଛନ୍ତି। ସେ ବର୍ତ୍ତମାନ ଉପରେ ଠିଆହୋଇ ସେ ଅତୀତ ଓ ଭବିଷ୍ୟତକୁ ନିରେଖି ନିରେଖି ଦେଖିଛନ୍ତି। ପଲ୍ଲୀର ସୁରଭିତ ପରିବେଶ, ନଗର କୈନ୍ଦ୍ରିକ ଜୀବନଯାତ୍ରା, ସ୍ୱାଧୀନତା ପରବର୍ତ୍ତୀ

Digitized by PPRACHIN, SOA

ବିବିଧ ସମସ୍ୟା କୌଣସିଟି ତାଙ୍କ ଦୃଷ୍ଟିପଥରୁ ବାଦ ଯାଇନାହିଁ। ଅନାବିଳ ପ୍ରେମ, ତ୍ୟାଗ ଓ ସହିଷ୍ଣୁତାର ବାର୍ତ୍ତା ସେ ପ୍ରଚାର କରିଛନ୍ତି। ଅନ୍ୟ ଭାଷାରେ କହିଲେ ମାନବତାର ଜୟଗାନ ହିଁ ତାଙ୍କ ନାଟ୍ୟାବଳୀର ମୂଳ ପୁଞ୍ଜି ହୋଇ ଉଠିଛି।

ସମୟ ବଦଳି ଯାଇଛି। ଦେଶ ସ୍ୱାଧୀନ ହୋଇଛି ସତ ରାମରାଜ୍ୟ ଗଠନର ସ୍ୱପ୍ନ ବିଡ଼ମ୍ବିତ ହୋଇଛି। କୃଷିଭିତ୍ତିକ ସମାଜର ମୂଳଦୁଆ ଦୋହଲି ଯାଇଛି। ନୀତି, ନ୍ୟାୟ, ସତ୍ୟ ଓ ଧର୍ମର ସଂଜ୍ଞା ବଦଳି ଯାଇଛି। ଜନସେବା ବ୍ୟକ୍ତି ସେବାର ରୂପ ଗ୍ରହଣ କରିଛି। ରାଜନୀତି ଭ୍ରଷ୍ଟାଚାର ଓ ବ୍ୟଭିଚାରର କେନ୍ଦ୍ରଭୂମି ପାଲଟି ଯାଇଛି। ମଣିଷ କ୍ରମଶଃ ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଛି। ପଲ୍ଲୀ ସମାଜ ସହରଜୀବନର ଚାକଚକ୍ୟ ଆଡ଼କୁ ପ୍ରଲୁବ୍ଧ ହୋଇଛି। ଶିକ୍ଷା ଓ ଔଦ୍ୟୋଗିକ ବିକାଶ ନାରୀ ଓ ପୁରୁଷର ଚେତନା ସ୍ତରରେ ପରିବର୍ତ୍ତନ ଆଣିଛି। ପୁରୁଷ ସହିତ ସମାନ ଅଧିକାର ଲାଭ କରିବାର ବାସନା ନାରୀକୁ ନୂତନ ବ୍ୟକ୍ତିତ୍ୱର ଅଧିକାରିଣୀ କରାଇଛି। ଆତ୍ମମର ପ୍ରିୟତା, ସ୍ୱେଚ୍ଛାଚାରିତା, ବୃଥାଦମ୍ଭ, ଅହମିକା ଆଦି ସାମାଜିକ ଦୁଷ୍ଟବ୍ରଣ ପାରମ୍ପରିକ ମୂଲ୍ୟବୋଧ ଉପରେ କୁଠାରଘାତ କରିଛି। ଯୁବ ସଂପ୍ରଦାୟ ନୈତିକ ଅବକ୍ଷୟର ଅତଳଗହ୍ୱର ଆଡ଼କୁ ଧୀରେ ଧୀରେ ଆଗେଇ ଚାଲିଛି। ନୈତିକତା ଓ ଆଧ୍ୟାତ୍ମିକତାର ଭିତ୍ତିଭୂମି ଦୋହଲି ଯାଇଛି। ଜୀବନରେ ସାରଲ୍ୟ କ୍ରମଶଃ ବିଲୁପ୍ତ ହୋଇଛି। ଅର୍ଥନୈତିକ ଦୁରବସ୍ଥା ଯୁବ ପୀଢ଼ିକୁ ସମସ୍ୟାର ଚକ୍ରବ୍ୟୂହ ମଧ୍ୟରେ ଅତି ଅସହାୟ ଭାବରେ ଠିଆ କରାଇଦେଇଛି। ବାସ୍ତବତାର ବାହୁ ବନ୍ଧନରୁ କେହି ମୁକ୍ତି ପାଇ ପାରୁନାହାନ୍ତି। ଏପରି ଏକ ସମସ୍ୟା ସଂକୁଳ ପରିସ୍ଥିତିରେ ଜୀବନର ଅଭିଜ୍ଞତାକୁ ପାଥେୟ କରି 'ଅର୍ଥ ଅନର୍ଥ'ର ପରିକଳ୍ପନା। ସମାଜର ରୂଢ଼ ବାସ୍ତବତା, ଅସଫଳତାର ଅଂଧାରୀ ମୂଲକରେ ଘୂରିବୁଲୁଥିବା ଅସହାୟ ଯୁବପ୍ରାଣର ମୁକ୍ତିପାଇଁ ଆକୁଳ ପ୍ରୟାସ, ଆଜିର ସମାଜ ଓ ତାର କୁତ୍ସିତାକୁ ସେ ଏଥିରେ ବିଶ୍ଳେଷଣ କରିଛନ୍ତି। ଅନୁଭୂତିର ଗହଣର ସ୍ତରରେ ସେ ଯାହା ଦେଖିଛନ୍ତି, ଯାହା ଅଙ୍ଗେ ନିଭେଇଛନ୍ତି ତାକୁ ସେ ରୂପ ଦେଇଛନ୍ତି। ଜଣେ ସଚେତନ ସ୍ରଷ୍ଟା ଭାବରେ ସେ ଆଜିର ସମାଜ ଓ ଆଜିର ମଣିଷକୁ ପଚାରିଛନ୍ତି। ଏ ଯୁଗର ସମାଜ ପୂରାପୂରି ଅର୍ଥ ସର୍ବସ୍ୱ ଅର୍ଥ ବିହୀନ ଲୋକର ଏ ସମାଜରେ ସ୍ଥାନ ନାହିଁ (ଅର୍ଥ ଅନର୍ଥ— ପୃ୬୧)। ଅର୍ଥହିଁ ଅନର୍ଥର କାରଣ ହୋଇଛି। ସମାଜରେ ଅର୍ଥ ପାଲଟି ଯାଇଛି ଏକ ଶକ୍ତିଶାଳୀ ଆୟୁଧ। ଅର୍ଥପାଇଁ ବ୍ୟକ୍ତି ଅନୀତି ଓ ଭ୍ରଷ୍ଟାଚାରର ଆଶ୍ରୟ ନେଇଛି। ଅର୍ଥତନ୍ତ୍ରର କୁଣ୍ଡଳୀ ଭିତରେ ରକ୍ତଗତ ସଂପର୍କ କିମ୍ବା ସାମାଜିକ ସଂପର୍କ କ୍ରମଶଃ ତିକ୍ତ ହୋଇଯାଇଛି। ସବୁ ଧର୍ମ କର୍ମର ମୂଳ ହେଉଛି ଟଙ୍କା। ତେଣୁ 'ଅର୍ଥ ଅନର୍ଥ'ର ଅନ୍ତିମ ଦୃଶ୍ୟରେ ନାୟକ ମନୁ ପ୍ରକାଶ କରିଛି— 'ଦୁନିଆଟାକୁ ଦେଖୁଥିଲି— ମାୟା ମମତା ସ୍ନେହପ୍ରୀତି ସବୁ ଲୋକ ଦେଖାଣିଆ। ସବୁଠି ପଇସାର ଖେଳ— ବଡ଼ ବଡ଼ ଶେଠ, ମହାଜନ ଜୁଆପାଲି ମେଲେଇ ବସିଛନ୍ତି— ଆଖିକି ନିଦ ନାହିଁ, ପେଟକୁ ଭୋକ ନାହିଁ— ରାତିକେ ବଡ଼ ଲୋକ, ରାତି ପାହିଲେ ଦାଣ୍ଡର ଭିକାରୀ — (ଅ: ଅ: ପୃ ୯୬)।

Digitized by PPRACHIN, SOA

'ଅର୍ଥ ଅନର୍ଥ' ରଚନାପୂର୍ବରୁ ନାଟ୍ୟକାରଙ୍କ ଦୃଷ୍ଟିଭଙ୍ଗୀ ମାର୍ଜିତ ହୋଇଗଲାଣି। ମୂଲ୍ୟବୋଧ ଉପରେ ତାଙ୍କର ପ୍ରଚଣ୍ଡ ଆସ୍ଥା ଓ ବିଶ୍ୱାସ ଥିଲେହେଁ ଜୀବନଦୃଷ୍ଟି ତାଙ୍କର ପରିବର୍ତ୍ତିତ। ଫଳରେ ଅର୍ଥ ଅନର୍ଥ ପରି ଭିନ୍ନ ସ୍ୱାଦର ନାଟକ ରଚନା କରିବାକୁ ସେ ଆଗେଇ ଆସିବା ସ୍ୱାଭାବିକ। ନାଟକଟି ତେରଟି ଦୃଶ୍ୟ ସମ୍ବଳିତ। ଅନୁଭୂତି, ଅଭିଜ୍ଞତା ଓ ସୃଜନ ଶକ୍ତିର ଏହା ଏକ ସମନ୍ୱିତ ରୂପ।

ପଲ୍ଲୀ ଅଞ୍ଚଳର ଜଣେ ସାଧାରଣ କୃଷକ କୁଳମଣି। ମାଟିର ମଣିଷର ବରଢ଼ୁ ବା ଭାଇ ଭାଉଜର ମହୀ ବା ମୂଳିଆର ନନ୍ଦ ଭଳି ମାଟିହିଁ ତାର ଜୀବନ, ମାଟିହିଁ ତାର ସ୍ୱର୍ଗ। ସହରୀ ସଭ୍ୟତାର ମୋହିନୀ ମାୟା ତାର ସରଳ ପ୍ରାଣକୁ ସ୍ପର୍ଶ କରି ପାରିନାହିଁ। ତାରି ଅନୁଗତା ସ୍ତ୍ରୀ ତାରା ଓ ଭାଇ ମନୁ ପିତୃମାତୃହୀନ ଭାଇପ୍ରତି ଭାଇ ଭାଉଜର ଦରଦ ଅସୀମ। ମନୁ ଶିକ୍ଷିତ ହୋଇ ବି 'ଭାଇଙ୍କ ଆଗରେ ମୂଷା'। ସେ ଭାତୃଭକ୍ତ। ପ୍ରାଥମିକ ଜୀବନ ଯୁଦ୍ଧରେ ମନୁ ପରାଜିତ ସୈନିକ। ନୂତନ ସଭ୍ୟତାର ମନ୍ଦିର କାନ୍ଥରେ ଧକ୍କାଖାଇ ସସମ୍ମାନେ ସେ ପଛଘୁଞ୍ଚା ଦେଇଛି। ସମାଜର ସବୁସ୍ତରରେ ସେ ଦେଖିଛି ଟଙ୍କାର ଖେଳ। ତେଣୁ ଟଙ୍କାର ସନ୍ଧାନରେ ସେ ଲାଗିଛି। କଳିଙ୍ଗ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏମ.ଡ଼ି ମି: ସିଂହଙ୍କ ସହ ବନ୍ଧୁତ୍ୱ ସୂତ୍ରରେ ସେ ଆବଦ୍ଧ ହୋଇଛି। ନ୍ୟାୟ ଅନ୍ୟାୟର ଭେଦଭାବ ସେ ଭୁଲି ଯାଇଛି। ତଥାପି ଗୋବିନ୍ଦ ଚନ୍ଦ୍ର ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର'ର ନାୟକ କାଉଲ ପରି ମନୁ ଏକ ବିବାଦୀୟ ବ୍ୟକ୍ତିତ୍ୱ। କାଉଲ ମଦ୍ୟପ ଜୁଆଡ଼ି, ବେଶ୍ୟାସକ୍ତ; ହେଲେ ତା ଭିତରେ ଛପି ରହିଥିଲା ଏକ ଉଦାର ମାନବବାଦୀ ଚେତନା, ମନୀଷାକୁ ବଞ୍ଚାଇବାକୁ ଯାଇ ସେ ସର୍ବସ୍ୱାନ୍ତ ହୋଇଛି ସତ ହେଲେ ଦାନର ପ୍ରତିଦାନ ସ୍ୱରୂପ ସେ ମନୀଷାର ଉପରେ ଅଧିକାର ଚାହିଁର କରିନାହିଁ। ଅନୁରୂପ ଭାବରେ ମନୁ ଶିକ୍ଷିତ, ଚୋରା କାରବାରରେ ଲିପ୍ତ, ଭଦ୍ର, ବିନୟୀ ଓ ଗ୍ରାମର ଉନ୍ନତି କରିବାହିଁ ତାର ସ୍ୱପ୍ନ। ଗ୍ରାମ୍ୟ ଜୀବନରେ କୋଟ କଚେରୀ ଦ୍ୱନ୍ଦ୍ୱ ସଂଘର୍ଷକୁ ସେ ପସନ୍ଦ କରେନା। ତେଣୁ ସେ ଯୋଗୀକୁ କହିଛି— 'ଏ ଯୁଗରେ କେହି କାହାକୁ ଜବତ କରି ପାରିବେନି ଯୋଗୀ ଦାଦି— ଗତ ଯୁଦ୍ଧରେ ଜର୍ମାନୀ ଜାପାନ ବୋମା ମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲେ— ବର୍ତ୍ତମାନ ସେମାନେ ପୃଥିବୀର ବଡ଼ଶକ୍ତି। ପାଚେରୀ ପଡ଼ି ଜର୍ମାନ ଦି' ଭାଗ ହୋଇଥିଲା— ସେ ପାଚେରୀ ରହିଲା ? ଏକାଗାଁର ଲୋକ କାଲି ପୁଣି ଭାଇ ଭାଇ ହେବ— କୋର୍ଟ କଚେରୀକୁ ଯାଇ ଖାଲି ରାଗ ରୋଷଟା ବଢ଼ାଇବ ସିନା— ନାଁ କଣ କହୁଚ ମଉସା—'' (ଅ: ଅ: ପୃ୧୯) କାଉଲ ଶୁଣାଇଥିଲା ମାନବିକତାର ଜୟଗୀତି; ମାତ୍ର ମନୁ କଲ୍ୟାଣକାମୀ ଜନତାର ଜୀବନ୍ତ ବିଗ୍ରହ। ଗ୍ରାମର ଆର୍ଥିକ ଉନ୍ନତି କଳ୍ପେ ପାହାଡ଼ତଳ ଟାଙ୍ଗିରେ ଧାନକଳ, ସୂତାକଳ ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଡାକ୍ତରଖାନା ସେ ବସାଇଛି। ମି: ସିଂହଙ୍କ ଅର୍ଥ ଓ ତାର ବୁଦ୍ଧି ଫଳରେ ଗ୍ରାମର ଆର୍ଥିକ ବିକାଶ ସାଧିତ ହୋଇଛି। କିନ୍ତୁ ପରିଣତି ବିଷମୟ ହୋଇଛି। କଞ୍ଚା ପଇସା ହାତକୁ ଆସିବାରୁ ଯୋଗୀଭଳି ସରଳ ଗ୍ରାମବାସୀ ମଦ୍ୟପ ହୋଇଛନ୍ତି। ମନୁ ମନରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ସେ କ୍ରମଶଃ

Digitized by PPRACHIN, SOA

ଅସହାୟ ହୋଇପଡ଼ିଛି। ଅସାଧୁ ସରକାରୀ କର୍ମଚାରୀ, ଦଲାଲ ଓ ଅସାମାଜିକ ଲୋକଙ୍କ ଉପରେ ନିର୍ଭର କରି ଚଳିବା ବା ଅବିଶ୍ୱାସ ଓ ସଂଦେହର ଘନ କୁହେଳୀ— ରାଜନୀତି ମଧ୍ୟକୁ ପ୍ରବେଶ କରିବାକୁ ସେ ଚାହିଁନାହିଁ। ଯୌବନରେ ପାଦ ଦେଇ ସେ ଯେଉଁ ନୂତନତ୍ୱକୁ ଆବାହନ କରୁଥିଲା ତାହାକ୍ରମେ ହତାଶାର ଚୋରା ବାଲିରେ ନିଶ୍ଚିହ୍ନ ହେବାକୁ ବସିଛି। ଫଳତଃ ମି: ସିଂହକୁ କହିଛି 'ତୁମର ଟଙ୍କା ଓ ବିଶ୍ୱାସ ମୋର ସାହସରେ ଅଦମ୍ୟ ସିଂହବଳ ଆଣିଦେଲା। ହେଲେ ଆଜି କାହିଁକି ମୋର ସେ ସାହସ କମି କମି ଆସିଛି'' (ପୃ: ୫୮)।

ଅପର ପକ୍ଷରେ ଗୁଣ ସ୍ୱାର୍ଥ ସର୍ବସ୍ୱ ଜନତାର ପ୍ରତିନିଧି। ଅର୍ଥ ଓ ପ୍ରତିପତ୍ତି ପାଇଁ ନ୍ୟାୟ ଅନ୍ୟାୟକୁ ସେ ମାନେ ନା। ନିଜ କନ୍ୟା ଜଳି ପାଇଁ ସେ କେତେବେଳେ ମନୁ ଓ କେତେବେଳେ ବିକ୍ରମକୁ ପସନ୍ଦ କରିଛି ମିଲ୍ ଓ ଡାକ୍ତରଖାନାର ମାଲିକ ହେବାର ହୀନ ଚକ୍ରାନ୍ତ ନେଇ ସେ ଗୁଣ୍ଡା ଲଗାଇ ମନୁକୁ ରକ୍ତାକ୍ତ କରିଛି। ମନୁ ସ୍ମୃତିଶକ୍ତି ହରାଇ ବସିଛି। ବନ୍ଧୁ ମି: ସିଂହଙ୍କ ଅର୍ଥ, ଜଲିର ସେବା, ଭାଇ ଭାଉଜର ପ୍ରାର୍ଥନା ଫଳରେ ମନୁର ସ୍ମୃତିଶକ୍ତି ପୁନଃ ଉଜ୍ଜୀବିତ ହୋଇଛି। ଶରାହତ ପକ୍ଷୀପରି ସେ ନୀଡ଼କୁ ଫେରି ଆସିଛି ଭାଇ ଭାଉଜ ପାଖରେ ସବୁଦିନ ରହିବା ଲାଗି ସେ ଆଗ୍ରହ ପ୍ରକାଶ କରିଛି। କୁଳର ସଂଳାପ ମାଧ୍ୟମରେ କୁହାଯାଇଛି — 'ମନୁ— ତୁ କୁଆଡ଼େ ଯିବୁ— ଏକା ନାଡ଼ି ଦି' ଖଣ୍ଡ— ତୋର ଜାଗା ଏହି ଛାତି ଉପରେ, ଦେଖ ଏ ଯାଏ, ମୋ ବାହା ଦିଟାରେ କେତେ ବଳ ସେଥିରେ କଣ ମୁଁ ତୋତେ ପୋଷି ପାରିବିନି ? ସଂବେଦନଶୀଳ ଦର୍ଶକ ହୃଦୟରେ ଭାତୃତ୍ୱବୋଧର ଏକ ସ୍ନେହ ଶୀତଳ ପ୍ରଲେପ ବୋଳିଦିଏ। ମନୁର ଅନୁରୋଧ କ୍ରମେ ଜଲି ଓ ମି: ସିଂହ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ସିଂହ ଓ ମହାନ୍ତି ପରିବାର ମଧ୍ୟରେ ଥିବା ଶତ୍ରୁତା ବନ୍ଧୁତାରେ ପରିଣତ ହୁଏ। ତାଙ୍କର ଅନ୍ୟାନ୍ୟ ନାଟକ ଭଳି ଏଥିରେ ମଧ୍ୟ ସତ୍ୱ ସହ ତମର, ତ୍ୟାଗ ସହ ଭୋଗର ସଂଘର୍ଷ ସୃଷ୍ଟି କରାଯାଇ ସତ୍ୟ ଓ ନ୍ୟାୟର ଜୟଗାନ କରାଯାଇଛି।

ସାଂପ୍ରତିକ କାଳର ପ୍ରାଣସ୍ପନ୍ଦନର ଶୈଳ୍ପିକ ପରିଣତି ଓ ନାଟ୍ୟରୂପ ହେଉଛି 'ଅର୍ଥ ଅନର୍ଥ'। ସମସ୍ୟାର ଘନଘଟା ମଧ୍ୟରେ ଅତିଷ୍ଠ ନାଟ୍ୟ ମାନସ ବୃହତ୍ତର ସାମାଜିକ ସ୍ୱାର୍ଥର ସ୍ୱପ୍ନ ଦେଖିଛି। ଆଜିର ସମାଜ ବିପର୍ଯ୍ୟସ୍ତ, ଆଧ୍ୟାତ୍ମିକତା ଅବଲୁପ୍ତ। ସହରାମୁଖୀ ଗ୍ରାମୀଣ ଜନତା ସଂଧ୍ୟାରେ ସହରରୁ ଫେରିଲେ ଆଲୋଚନା କରେ— 'ଏ ଯୁଗର ଶାସନ ଭାଗବତ' ବିଷୟରେ। ହାତେ ଜମି ପାଇଁ ମାଧିଆପରି ସରଳ ଚରିତ୍ର ଭାଇକୁ ହାଣିବାକୁ ପଛାଇ ଯାଏ ନା। ଚୋର, ଡକାଏତଙ୍କ ହାତରେ ରହିଯାଏ ଶାସନର ଚାବିକାଠି। ଭବିଷ୍ୟତରେ ସେମାନେ ପୁଣି ବନିଯାନ୍ତି ଏମ୍.ଏଲ୍.ଏ, ମନ୍ତ୍ରୀ। ଗ୍ରାମ୍ୟ ସଭ୍ୟତାର ଧ୍ୱଂସସ୍ତୂପ ଉପରେ ଗଢ଼ି ଉଠେ ଶଠତା ଓ ପ୍ରତାରଣାର ସହରୀ ସଭ୍ୟତା, ତେଣୁ ଗୁଣ ପରି ସରଳ କୃଷକ ପ୍ରକାଶକରେ— ''ନଟା ? ଜଙ୍ଗଲ ? ଆଉ କାହିଁ ? ସବୁ ସଫା— ସବୁ ସହର ହେଇଯିବ- ବାଘ ଭାଲୁତକ ନନ୍ଦନକାନନ ଯିବେ— ଏଥର ଦେଖିବ ସହରୀ ବାଘ, ସହରୀ ଭାଲୁ'' (ଅ: ଅ: ପୃ:୪)

Digitized by PPRACHIN, SOA

ରକ୍ଷକ ଭକ୍ଷକ ସାଜୁଛି। ଏ ପ୍ରକାର ସାମାଜିକ ଅବକ୍ଷୟରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ବାଦ ପଡ଼ିନାହିଁ। ସାର ପଡ଼ିଶାରେ ଯେଉଁ ନାଟ୍ୟକାର ଉଚ୍ଚଶିକ୍ଷିତ ଗୁଣକୁ ପଲ୍ଲୀ ଭୂଇଁରେ ଶିକ୍ଷକ ରୂପେ ଠିଆ କରାଇଥିଲେ ଆଜି ସେହି ସ୍ରଷ୍ଟାମାନସ ମନୁ ମୁହଁରେ ପ୍ରଶ୍ନ କରିଛି— 'ସ୍କୁଲରେ ପାଠ ନ ପଢ଼ାଇ ଟିଉସନ କରିବା, ଟିଉସନ ପିଲାଙ୍କୁ ପରୀକ୍ଷା ପ୍ରଶ୍ନ ବତାଇ ଦେବା, ଶେଷକୁ ପରୀକ୍ଷା ଖାତାରେ ନମ୍ବର ବଢ଼ାଇ ପାଶ୍ କରାଇବା କେଉଁ ଧର୍ମ କହିଲ ଭାଇ'' (ଅ: ଅ: ପୃ ୧୪)।

ସଭା ସମିତିର ଆଡ଼ମ୍ବର ପ୍ରିୟତା ବୃଦ୍ଧି ପାଇଛି। ନାରୀ ସମାଜ ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଆସନ ଦଖଲକରି ପୁରୁଣା ପ୍ରଥାକୁ ଏଥିପାଇଁ ପୃଥିବୀ ବିଖ୍ୟାତ ଟାଟା କମ୍ପାନୀ ଇସ୍ପାତ ଉତ୍ପାଦନ ସଙ୍ଗେ ସଙ୍ଗେ ଚିଲିକାର ଚିଙ୍ଗୁଡ଼ି ଚାଷକୁ ମନ ବଳାଇଛି।

ରାମଚନ୍ଦ୍ର ମିଶ୍ରଙ୍କ ଚରିତ୍ରଗୁଡ଼ିକ ଅନେକତ୍ର ନାମରେ ଅଲଗା ହେଲେହେଁ ଆତ୍ମାରେ ଏକ। ସମାନ ଆଦର୍ଶ ଓ ନୀତିକୁ କେନ୍ଦ୍ରକରି କେତେକ ଚରିତ୍ର ଘୂର୍ଣ୍ଣାୟମାନ। ଫଳରେ କୁଳମଣି ଓ ତାରା ଭଳି ଭାଇ ଭାଉଜ, ଗୁଣ ପରି ଅର୍ଥଗୃଧ୍ନୁ ଖଳନାୟକ କିମ୍ବା ବଡ଼ବାବୁ, ପାଣ୍ଡୁ, ଯୋଗୀପରି ଚରିତ୍ର ଚିତ୍ରଣରେ ନାଟ୍ୟକାରଙ୍କ ସ୍ୱାତନ୍ତ୍ର୍ୟ 'ଅର୍ଥ ଅନର୍ଥ'ରେ ବାରିହୁଏ। ସବୁପ୍ରକାର ଛଳନା ଓ ପ୍ରତାରଣାର ଭିତିଭୂମି ଉପରେ ଏକ ସୁନ୍ଦର ସମାଜ ଗଠନର ପରିକଳ୍ପନାରେ ବିଭୋର ନାଟ୍ୟମାନସ ମନୁ ଚରିତ୍ରକୁ ଆଶ୍ରୟ କରିଛି। ଅବିଶ୍ୱାସ, ଘୃଣା, ଈର୍ଷା ସ୍ୱବିରତା ବିରୁଦ୍ଧରେ ସେ କେବଳ ନିଷ୍ଫଳ ସ୍ଲୋଗାନ ଶୁଣାଇ ନାହିଁ, ତାରୁଣ୍ୟର ଉଦ୍ଦାମତା ନେଇ ପୋଡ଼ାମାଟିରେ ସବୁଜ ସ୍ୱପ୍ନ ବୁଣିଦେବାକୁ ସେ ଆଗେଇ ଆସିଛି। ତାର ମତ 'ସମସ୍ତେ ଧରାଧରି ହୋଇ ଚାଲିବାକୁ ପଡ଼ିବ— ଯୁଗ ବଦଳି ଯାଉଚି— (ଅ: ଅ: ପୃ୨୦)। ବିକ୍ରମ ଶିକ୍ଷିତ, ମନୁର ବନ୍ଧୁ ସେ ସ୍ପଷ୍ଟବାଦୀ। ଲାଭ ସହ ସମାଜର ଉନ୍ନତି ତାର କାମନା। ନାୟିକା ତଳି ଓ ସୁଶ୍ରୀ ଶିକ୍ଷିତା ପ୍ରଗତିଶୀଳା। ନାରୀ ସ୍ୱାଧୀନତାର ସେ ପକ୍ଷପାତୀ। ଟାଉନ ମହିଳା ସଙ୍ଘରେ ଜଣେ ସୁଦକ୍ଷା ସଭାନେତ୍ରୀ। ପୁରୁଷ ସହ ଅବାଧ ମିଳାମିଶା କରିବାରେ ତାର ଆପତ୍ତି ନାହିଁ। ସଂକୀର୍ଣ୍ଣତାଠାରୁ ବହୁ ଦୂରରେ ତାର ସ୍ଥାନ। ତଥାପି ଭୋଗ ସର୍ବସ୍ୱତା ସେ ଏକ ଆଡମ୍ବରୀ ପ୍ରତିମା ନୁହେଁ। ଅର୍ଥ ପାଇଁ ସେ ଦେହର ନିରାଜନା କରିନାହିଁ 'ଶବବାହକମାନେ'ରେ ଅଜନ୍ତା, 'ଅରଣ୍ୟ ଫସଲ'ର ବେବୀ, 'କ୍ଲାନ୍ତ ପ୍ରଜାପତି'ର ରଶ୍ମି ପରି ନାରୀ ଚରିତ୍ର ବାସ୍ତବ ହୋଇ ପାରନ୍ତି କିନ୍ତୁ ଓଡ଼ିଶାର ପାଣି ପବନରେ ବଢ଼ିଥିବା ତଳି ଆତ୍ମିକ ସ୍ତରରେ ଭୋଗ ଅପେକ୍ଷା ତ୍ୟାଗକୁ ବଡ଼ ବୋଲି ଭାବିଛି। ତେଣୁ ମନେ ମନେ ବିକ୍ରମକୁ ଚାହୁଁଥିଲେହେଁ ପିତାର କୁକର୍ମ ପାଇଁ ସେ ଅନୁତପ୍ତା। ସେଥିପାଇଁ ତଳି କହେ— ମୋ ମନ କଥା ମୁଁ ତମ ଆଗରେ ସ୍ପଷ୍ଟ କହିଦେବାକୁ ଚାହେଁ ବାବା, ଆବଶ୍ୟକ ପଡ଼ିଲେ ଜୀବନର ବାକି ସମୟତକ, ମନୁବାବୁଙ୍କ ସେବା କରିବାରେ ମୁଁ କେବେହେଲେ ପଶ୍ଚାତ୍‌ପଦ ହେବିନାହିଁ।''

Digitized by PPRACHIN, SOA

ନାଟକର ସଂଳାପ ପାତ୍ରାନୁସାରୀ। ଗ୍ରାମୀଣ ଜୀବନର ସ୍ୱଭାବସୁଲଭ ଅଭିବ୍ୟକ୍ତିକୁ ପ୍ରକାଶ କରିବାକୁ ଯାଇ ସେ ଢଗ ଓ ପ୍ରବଚନର ଆଶ୍ରୟ ନେଇଛନ୍ତି। ସ୍ଥାନେ ସ୍ଥାନେ ସଂଳାପ ଶ୍ଳେଷାତ୍ମକ ଓ ଭାବ ଗର୍ଭକ ହୋଇ ପାରିଛି। ଉଦାହରଣ ସ୍ୱରୂପ —

କୁଞ୍ଜ— ହଁ, ଏଇଟା ହେଲା ସାର କଥା— ଲାଲ ଟହ ଟହ ପାଚିଲା ଫଳ ଦେଖି କାଉ ଯଦି ଖୁମ୍ପେ ମାରିଲା, ତେବେ କାହର ଦୋଷ କଣ ?

ତାରା— ନାଇଁ, ଫଳଟା ପାଚିଲା ବୋଲି ଦୋଷ।

କୁଞ୍ଜ— ସବୁ ଦୋଷ ଜଗୁଆଳିର, ଜଗୁଆଳି ଢିଲା କଲେ କାଉ ତ ଖୁମ୍ପିବେ। (ଅ: ଅ: ପୃ ୪୭)

ପରିଶେଷରେ ଏତିକି କୁହାଯାଇ ପାରେଯେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଜଣେ ଜୀବନ ସୁହାଗୀ ଶିଳ୍ପୀ। ନିଃସଙ୍ଗତାର ନିର୍ଜନ ଅପନ୍ତରା ଦୀପ ବା ଅବଚେତନର ଆରଣ୍ୟକ କ୍ଷୁଧା ଅପେକ୍ଷା ସେ ଭଲ ପାଇଛନ୍ତି ଆମର ଜୀବନ ଓ ପରିପାର୍ଶ୍ୱକୁ। ଆଦର୍ଶ ସମାଜର ସ୍ୱପ୍ନ ହିଁ ତାଙ୍କର ମନୋଭୂମିରେ ଖେଳି ବୁଲୁଥିଲା। ଫଳରେ ଅର୍ଥ ଅନର୍ଥର ଚରିତ୍ରମାନେ ଅପରିଚିତ ମନେ ହୁଅନ୍ତି ନାହିଁ। ସେମାନେ ସମାଜ ମୁକୁରରେ ବାରମ୍ବାର ପ୍ରତିବିମ୍ବିତ ହେଉଥାନ୍ତି। ଏ ନାଟକର କଥାବସ୍ତୁ ବି ସମାଜରୁ ଗୃହୀତ। ତଥାପି ବାସ୍ତବିକତା ଅପେକ୍ଷା ନାଟକଟି ଅଧିକ ଆଦର୍ଶାୟିତ ବୋଲି ମନେହୁଏ। ଏଣୁ 'ଅର୍ଥ ଅନର୍ଥ' ପାରମ୍ପରିକ ରୀତିରେ ଲିଖିତ ହେଲେହେଁ ସୁସ୍ଥ ସମାଜ ଗଠନର ଏକ ସାରସ୍ୱତ ସ୍ୱପ୍ନ ନିଶ୍ଚୟ।

ଏ ରୂପେ ଦେଖିଲେ ରାମଚନ୍ଦ୍ରଙ୍କ ନାଟକାବଳୀରେ ସର୍ବତ୍ର ଏକ ସମାଜନିଷ୍ଠତା ପ୍ରକଟିତ। ସେ ଆଦର୍ଶାୟିତ ସମାଜ ଓ ଚେତନାର ମୁଗ୍ଧ ଗାୟକ। ମହାଭାରତର ବିଦୁରପରି ତାଙ୍କର ମାନସିକତା। ଆଜିର ସମାଜ କୌରବପ୍ରଭ, ସେ ଏଠି ଆତଯାତ ହୁଅନ୍ତି ଅଥଚ ଧର୍ମ ରାଜ୍ୟର ସ୍ୱପ୍ନ ଦେଖନ୍ତି। ପାଣ୍ଡବ କିପରି ଧର୍ମରାଜ୍ୟ ସୃଷ୍ଟି କରିବେ ତାର ଅନୁଚିନ୍ତାରେ ବିଭୋର ଥାନ୍ତି। ସାରଳା ଦାସଙ୍କ ପରିକଳ୍ପନାରେ ବିଦୁରଙ୍କ ଜ୍ୟୋତି ମିଶି ଯାଇଥିଲା ଯୁଧିଷ୍ଠିରଙ୍କ ତନୁରେ। ଠିକ ସେହିପରି ରାମଚନ୍ଦ୍ରଙ୍କ ସ୍ରଷ୍ଟାମାନସର ପୁଣ୍ୟଚେତନା ଦୀପ୍ତ ହୋଇଥିଲା ତାଙ୍କର ନାଟ୍ୟ ସମ୍ଭାରରେ। ବସ୍ତୁତଃ ଶ୍ରୀ ମିଶ୍ର ଥିଲେ ଶୁଚିସ୍ନାତ ପୁଣ୍ୟବାହୀ ଚିନ୍ତାଧାରାର ରୂପକାର। ତାଙ୍କର ଶେଷ କୃତି 'ଅର୍ଥ ଅନର୍ଥ'ରେ ମଧ୍ୟ ସେ ଜୀବନର ଶୁଭ୍ରିମାକୁ ଚିହ୍ନଟ କରିଛନ୍ତି। ଏଣୁ ଅର୍ଥ ଅନର୍ଥ ନାଟକରେ ଅର୍ଥାନ୍ତରକୁ ଖୋଜାଯିବା ଅହେତୁକ ନୁହେଁ।

—o—

ପ୍ରଫେସର, ଓଡ଼ିଆ ବିଭାଗ
ଜ୍ୟୋତିବିହାର

Digitized by PPRACHIN, SOA

'ଭାଇ ଭାଉଜର'ର ଦୃଷ୍ଟି-ଦର୍ଶନ

ଡଃ. ଆଶୁତୋଷ ପଟ୍ଟନାୟକ

ଓଡ଼ିଆ ନାଟ୍ୟ ଆକାଶରେ 'ଭାଇଭାଉଜ' ନାଟକ ଏକ ଅମ୍ଳାନ ଦ୍ୟୁତି। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଅନ୍ୟ ନାଟକ ତୁଳନାରେ ଏ ନାଟକର କିଛିଟା ସ୍ୱାତନ୍ତ୍ର୍ୟ ରହିଛି। ନାଟକଟି ୧୯୫୪ ମସିହାରେ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ହୁଏ। ରାମଚନ୍ଦ୍ର ମିଶ୍ରଙ୍କ ସାମାଜିକ ବା ପାରିବାରିକ ନାଟକଗୁଡ଼ିକ ମଧ୍ୟରେ ଏ ନାଟକର ସ୍ଥାନ ସର୍ବାଗ୍ରେ। ଏକ ମହାଭାରତୀୟ ସଂସ୍କୃତିର ବାର୍ତ୍ତା ବହନ କରି ଏ ନାଟକ ଓଡ଼ିଆ ନାଟ୍ୟଦିଗନ୍ତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବାଛି ନେଇଛି।

ପ୍ରତ୍ୟେକ ନାଟକ ପଛରେ ଏକ ସାମାଜିକ ପାଣିପାଗ ରହିଥାଏ। 'ଭାଇଭାଉଜ'ନାଟକ ଲେଖାହେଲା ବେଳକୁ ଦୁଇଦୁଇଟି ବିଶ୍ୱଯୁଦ୍ଧର ଅବସାନ ହୋଇଛି। ବିଶ୍ୱଯୁଦ୍ଧ ସିନା ସରି ଯାଇଛି, ହେଲେ ତାର ପ୍ରଳୟଙ୍କରୀ ବିଭୀଷିକାର ଶେଷ ହୋଇନାହିଁ। ବିଶ୍ୱଶାନ୍ତି ପାଇଁ ଚତୁର୍ଦ୍ଦିଗରେ ଶୁଭିଛି ଆର୍ତ୍ତଚିତ୍କାର। ୧୯୪୭ରେ ଭାରତ ସ୍ୱାଧୀନ ହେଲା। ଭାରତବାସୀ କେବଳ ରାଜନୈତିକ ସ୍ୱାଧୀନତା ପାଇଲେ। ହେଲେ ଅର୍ଥନୈତିକ ସ୍ୱାଧୀନତା ଲାଭ କରିପାରିଲେ ନାହିଁ। ଭାରତବର୍ଷରେ ଆର୍ଥିକ ଭାରସାମ୍ୟର ମାନଦଣ୍ଡ ଦୋହଲିଗଲା। ଫଳରେ ସୃଷ୍ଟି ହେଲେ ଥିଲାବାଲା ଏବଂ ନଥିଲାବାଲା ଦୁଇଟି ଶ୍ରେଣୀ। ଗୋଟିଏ ପଟେ ରହିଲେ ପୁଞ୍ଜିପତି, ଜମିଦାର, ସାହୁକାର ଏବଂ ଅନ୍ୟପଟେ ରହିଲେ ନିରନ୍ନ ଦରିଦ୍ର ଜନତା। ଏହି ଶ୍ରେଣୀ ସଂଘର୍ଷକୁ ନାଟକରେ ରୂପ ଦେଇଛନ୍ତି ନାଟ୍ୟକାର ରାମଚନ୍ଦ୍ର ମିଶ୍ର। ଭାଇଭାଉଜ ନାଟକ ହେଉଛି ଦୁଇଟି ଗୋଷ୍ଠୀର ସଂଘର୍ଷ, ଦୁଇଟି ଶକ୍ତିର ସଂଘର୍ଷ ଉପରେ ଆଧାରିତ। ନାଟକର ଦଲାଲ, କୁଚକ୍ରୀ ଗୋଷ୍ଠୀରେ ରହିଛନ୍ତି ବୁଢା ସାଉକାର, ଯୋଗୀ ସାଉକାର, ଚାଟୁକାର ଅଇଁଠା। ଶୋଷିତ ଶ୍ରେଣୀରେ ଅଛନ୍ତି ମହୀ, ଭାଇଗ, ଦୁଃଖୀ - ଦରିଦ୍ର କୃଷିଜୀବୀ ପରିବାର।

ସ୍ୱାଧୀନତା ପରେ ପରେ ଭାରତବର୍ଷରେ ଯେଉଁ ଆର୍ଥିକ ସଙ୍କଟ ଦେଖାଦେଲା, ତାର ଫାଇଦା ଉଠାଇଲେ ଥିଲାବାଲା ଗୋଷ୍ଠୀ। ସରଳ ବିଶ୍ୱାସୀ କୃଷକ ପରିବାର ସର୍ବସ୍ୱାନ୍ତ ହେଲା। ଏ ଘଟଣା ସମସ୍ତ ଆଞ୍ଚଳିକ ଭାଷାର ସାହିତ୍ୟରେ ରୂପନେଲା। ବିଶେଷ କରି ଉପନ୍ୟାସ, ନାଟକ ଏହାକୁ ଅଧିକ ମର୍ମରିତ କରି ଗଢ଼ି ତୋଳିଲେ। ସବୁଠୁଁ ଏହା ବେଶି ପ୍ରାଞ୍ଜଳ ଭାବେ ରୂପ ନେଲା ନାଟକରେ। କାରଣ ଲୋକବୃତ୍ତର ଅନୁସରଣ କରିବା ହେଲା ନାଟକର ଧର୍ମ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସରେ ଯାହା ରହିଛି, କାଳୀ ଚରଣ ପଟ୍ଟନାୟକଙ୍କ 'ଭାତ' ନାଟକରେ ତାହାହିଁ ରହିଛି। ତାହାହିଁ ରହିଛି ରାମଚନ୍ଦ୍ର ମିଶ୍ରଙ୍କ 'ଭାଇଭାଉଜ' ନାଟକରେ। ୧୯୫୦ରୁ ୬୦ ମଧ୍ୟରେ ଏହା ହିଁ ଥିଲା ଏକ ଜ୍ୱଳନ୍ତ ସମସ୍ୟା। ଭାତର ସମସ୍ୟା, ହାତର ସମସ୍ୟା - ଏହାହିଁ ଥିଲା ନାଟକର ସମସ୍ୟା। ରାମଚନ୍ଦ୍ର ମିଶ୍ର ତାଙ୍କର ସମସ୍ତ ନାଟକ ଏହି ସମସ୍ୟାକୁ ରୂପ ଦେଇଛନ୍ତି, ମୂଲିଆ, ଘରସଂସାର, ସାଇପଡ଼ିଶା, ମଣ୍ଡଳମଣି, ଭାଇ ଭାଉଜ ଏ ସମସ୍ତ ନାଟକ ସେଇ ଗୋଟିଏ କଥାକୁ ଦୋହରାଇଛନ୍ତି।

ରାମଚନ୍ଦ୍ର ମିଶ୍ରଙ୍କ ନାଟକର ସାମାଜିକତା ବାସ୍ତବମୁଖୀ। ଏ ଦୃଷ୍ଟିରୁ 'ଭାଇ ଭାଉଜ' ଏକ ସଫଳ ସୃଷ୍ଟି। ସାହିତ୍ୟର ଧର୍ମ ହେଉଛି ସମାଜକୁ ମାର୍ଜିତ କରିବା।

Digitized by PPRACHIN, SOA

ନାଟକର ଏହି ଉଦ୍ଦେଶ୍ୟକୁ ସଫଳ କରିବା ଲାଗି ଆଗେଇ ଆସିଛନ୍ତି ଭାଇଗ, ମହୀ, ଭରତ, ସବିତା, ଜଜ୍‌ସାହେବ ଆଦି ଚରିତ୍ର। ସାଉକାର, ଅଇଁଠା, ଯୋଗୀ ଆଦି ଦୁଷ୍ଟ ଚରିତ୍ର ମାଧ୍ୟମରେ ନାଟ୍ୟକାର 'ସୁ' ଏବଂ 'କୁ' ପ୍ରବୃତ୍ତିର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି। ରାମବାବୁ ବିଶ୍ୱାସ କରିଛନ୍ତି 'ଅତିଦର୍ପେ ହତ ଲଙ୍କା' ସିଦ୍ଧାନ୍ତରେ। ତେଣୁ ତାଂକ ନାଟକ ଦୋଷୀକୁ ଦଣ୍ଡ ଦେବା ପାଇଁ ଆଗେଇ ଆସିଛି। ସତ୍ୟ - ଧର୍ମର ଜୟଗାନ ହିଁ ସାହିତ୍ୟର ଲକ୍ଷ୍ୟ। 'ଭାଇଭାଉଜ' ଏ ଦୃଷ୍ଟିରୁ ଗଭୀର ରେଖାପାତ କରେ। ପ୍ରଜାପୀଡ଼କ ଅତ୍ୟାଚାରୀ ଚରିତ୍ର ଯୋଗୀ ସାଉକାର ଏବଂ ଅଇଁଠାର ପତନ ଘଟିଛି ବିଧି ନିର୍ଦ୍ଦିଷ୍ଟ ବିଧିରେ। ଧର୍ମର ଜୟ ହୋଇଛି। ପାପର କ୍ଷୟ ହୋଇଛି। କଥାବସ୍ତୁ ପରିବେଷଣରେ ନାଟ୍ୟକାର ନୀତିନିଷ୍ଠ ହୋଇ ପଡ଼ିଛନ୍ତି। ''ଯେ ପାଞ୍ଚେ ପର ମନ୍ଦ - ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ' — ଏହି ଭାଗବତ ବାଣୀରେ ବିଶ୍ୱାସ ରଖିଛନ୍ତି ନାଟ୍ୟକାର। ଦୁଷ୍ଟବ୍ରଣ ସାଉକାର, ଯୋଗୀ, ଅଇଁଠାର ମୂଳୋତ୍ପାଟନ ଘଟିଛି। ମହୀର ଭଂଗା ପରିବାର ପୁଣି ଯୋଡ଼ି ହୋଇଯାଇଛି ପୂର୍ବଭଳି।

ରାମବାବୁ ଜଣେ ଆଦର୍ଶବାଦୀ ନାଟ୍ୟକାର। ସେ ରାମରାଜ୍ୟରେ ବିଶ୍ୱାସ ରଖିଛନ୍ତି। ନାଟକରେ ରାମାୟଣ ମିଥ୍‌କୁ ସେ ସ୍ଥାନ ଦେଇଛନ୍ତି। ମହୀ, ଭାଇଗ ଏବଂ ଦୁଃଖୀ ହେଉଛନ୍ତି ରାମାୟଣର ରାମ-ଲକ୍ଷ୍ମଣ-ସୀତା। 'ଭାଇ ଭାଉଜ' - ନାଟକରେ ଭାଇଗର ତ୍ୟାଗ, ନିଷ୍ଠା ଏବଂ ଆଦର୍ଶ ଚରମସୀମାରେ ପହଞ୍ଚିଛି। ରାମାୟଣର ଆଦର୍ଶ ହୋଇଛି ନାଟକର ଆଦର୍ଶ ଏବଂ ପ୍ରକାରାନ୍ତରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଆଦର୍ଶ। ନାଟ୍ୟକାରଙ୍କ ସ୍ୱପ୍ନ, ରାମ ରାଜ୍ୟର ପ୍ରତିଷ୍ଠା, ଏକ ଆଦର୍ଶ ସମାଜର ଗଠନ, ଏହି ଆଦର୍ଶ ସମାଜର ସ୍ୱରୂପ ସେ ଜଜ୍ ସାହେବଙ୍କ ଉକ୍ତି ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ନାଟ୍ୟକାର ନିଜ ନାମର ସାର୍ଥକତା ପ୍ରଦାନ କରିଛନ୍ତି ତାଙ୍କ ନାଟକରେ।

ନାଟ୍ୟକାର ମିଶ୍ର ଅଧିକ ମାତ୍ରାରେ ଆଦର୍ଶବାଦୀ ହୋଇ ପଡ଼ିଛନ୍ତି। ତାଙ୍କ ସମୟରେ ବିଶେଷ ଘଟଣା ହେଉଛି — ବିଶ୍ୱଯୁଦ୍ଧ ଏବଂ ତଜ୍ଜନିତ ପରିଣାମ, ଅସ୍ପୃଶ୍ୟତା ନିବାରଣ, ସାମ୍ୟବାଦୀ ସମାଜ ଗଠନ, ମହାତ୍ମାଜୀଙ୍କ ଅହିଂସାନୀତି, ବିଶ୍ୱଭ୍ରାତୃତ୍ୱ, ରାମରାଜ୍ୟ ପରିକଳ୍ପନା, ବେକାରର ସମସ୍ୟା, ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା। ନାଟ୍ୟକାର ନିଜେ ଜଣେ ଆଡ଼ଭୋକେଟ୍ ହୋଇ ଥିବାରୁ ବିଚାର ବିଭାଗରେ ସଂସ୍କାର ପାଇଁ ସେ ମତପୋଷଣ କରିଛନ୍ତି। ଜଜ୍‌ର ପଦବୀ ଏକ ପବିତ୍ର ପଦବୀ ହୋଇଥିବାରୁ ଏହାର ଅମର୍ଯ୍ୟାଦା କରିବା ଉଚିତ୍ ନୁହେଁ। ତେଣୁ ବିଚାର ବିଭାଗରେ ଆବଶ୍ୟକୀୟ ସଂସ୍କାରର ପାଇଁ ସେ ସ୍ୱର ଉତ୍ତୋଳନ କରିଛନ୍ତି। ଜଜ୍ ସାହେବଙ୍କ ସାମ୍ୟାବାଦୀ ସମାଜଗଠନର ସ୍ୱପ୍ନ ଭିତରେ ରହିଛି ଅତିମାତ୍ରାରେ ଆଦର୍ଶରର ଛାପ। ନାଟକ 'ଭାଇଭାଉଜ'ର ଛତ୍ରେ ଛତ୍ରେ ଗୁମୁରି ଉଠୁଛି ଆଦର୍ଶର ଗନ୍ଧ।

ବିପ୍ଲବରର ବାର୍ତ୍ତାବହ ଯୁଗେ ଯୁଗେ ସାଜି ଆସିଛି ସାହିତ୍ୟ। ଏ ଦୃଷ୍ଟିରୁ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାଇଭାଉଜରେ ନାଟ୍ୟକାରର ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିପ୍ଳବର ସୂତ୍ରପାତ କରିଛନ୍ତି, ଏକ କୃଷିଭିତ୍ତିକ ସମାଜଗଠନର ସ୍ୱପ୍ନ ଦେଖିଛନ୍ତି ନାଟ୍ୟକାର। ଏଠି ଛୋଟବଡ଼, ବିଚାରପତି ଚାଷୀର ସମସ୍ତେ ସମାନ। ଧନୀ ନିର୍ଦ୍ଧନ ଗୋଟିଏ ସ୍ଥାନରେ ରହିଛନ୍ତି। ଜଜ୍ ସାହେବ ସପରିବାର ଚାଲି ଆସିଛନ୍ତି ମହୀର ଗାଁକୁର ସବୁଦିନା ପାଇଁ। ଏଇଠି ଭରତ ଗଢ଼ିବ ଆଦର୍ଶ କୃଷିଭିତ୍ତିକ ସମାଜ

Digitized by PPRACHIN, SOA

ଏବଂ ସବିତା ହେବ ଆଦର୍ଶ ସେବିକା। କୃଷିର ଏବଂ ସ୍ୱାସ୍ଥ୍ୟ - ଉଭୟ ସମସ୍ୟାର ସମାଧାନ ହୋଇ ପାରିବ।

ସାହିତ୍ୟ ଜାତିଧର୍ମ ବର୍ଣ୍ଣରେ ବିଶ୍ୱାସ କରେନା। ଭାଇଭାଉଜରେ ନାଟ୍ୟକାର ସାର୍ବଜନୀନ ପୀଠ ଭାବେ ବାଛିନେଇଛନ୍ତି ଠାକୁରାଣୀପୀଠକୁ। ଏଇଠି ଯତ୍ରାଳରେ ସବୁଜାତିର ଧନୀ ନିର୍ଦ୍ଧନ ସମସ୍ତେ ଭାଗନେବେ। ନିଜ ନିଜର ସଖ୍ୟ ଅନୁଯାୟୀ ସାହାଯ୍ୟ ପ୍ରଦାନ କରିବେ। ନାଟ୍ୟକାର ମିଶ୍ର ଅନ୍ୟାୟ, ଅତ୍ୟାଚାର, ମନୋମୁଖୀ ଶାସନର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବୁଢ଼ା ସାଉକାର ଏବଂ ଯୋଗୀ ସାଉକାର ଅନ୍ୟାୟ ତଥା ଲୋଲୁପ ଦୃଷ୍ଟିର ବିରୋଧ କରିବାକୁ ଆଗେଇ ଆସିଛନ୍ତି ମହୀ, ଭାଇଗ ଭଳି ସାଧାରଣ ଚାଷୀ। ଦୁର୍ନୀତିଗ୍ରସ୍ତ ବିଚାର ବିଭାଗକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ନାଟ୍ୟକାର। ଅର୍ଥହିଁ ନିମନ୍ତ୍ରଣ କରୁଛି ଆଇନ୍‌କୁ, ନ୍ୟାୟକୁ। ଏ ପ୍ରଶ୍ନ ଦୃଢ଼ତାର ସହିତ ଉଠାଇଛନ୍ତି ନାଟ୍ୟକାର- "ମୁଁ ପଚାରୁଛି ଚୋର, ଡକାୟତ, ଖୁଣୀ, ଲୋକଙ୍କ ଖଳ ବୁଦ୍ଧିର ଦମନ ପାଇଁ ଯେମିତି ଜେଲ୍, କଳାପାଣି, ଫାଶୀଖୁଣ୍ଟର ସୃଷ୍ଟି, ସେଇମାନଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରୁଥିବା ନିରୀହ ଲୋକମାନଙ୍କୁ ଧ୍ୱଂସ ମୁଖରୁ ଫେରାଇ ଆଣିବା ପାଇଁ କିଛି ବ୍ୟବସ୍ଥା କରାଯାଇଛି କି?" ଜଜ୍ ସାହେବ ଚରିତ୍ର ଭିତରେ ଆତ୍ମପ୍ରକାଶ ଲୋଡ଼ିଛନ୍ତି ନିଜେ ନାଟ୍ୟକାର।

ନାଟ୍ୟକାର ମୋଟ ୧୪ଟି ପୁରୁଷ ଏବଂ ୫ଟି ନାରୀ ଚରିତ୍ରକୁ ନେଇ 'ଭାଇଭାଉଜ' ନାଟକ ରଚନା କରିଛନ୍ତି। ନାଟକର ନାୟକ-ନାୟିକା ହେଉଛନ୍ତି ଭାଇଗ ଓ ଦୁଃଖୀ। ମୁଖ୍ୟ ଚରିତ୍ରକୁ ପରିପୁଷ୍ଟ କରିଛନ୍ତି ମହୀ, ଅଇଁଠା, ନିଧି, ଭରତ, ଜଜ୍, ସବିତା, ସୁମିତ୍ରା ଆଦି ଗୌଣ ଚରିତ୍ର। ନାଟକର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଚରିତ୍ର ହେଉଛନ୍ତି ଯୋଗୀ ସାହୁକାର ଏବଂ ତାର ସହଯୋଗୀ ଅଇଁଠା। ତେବେ ନାଟ୍ୟକାର ମହୀ, ଭାଇଗ ଏବଂ ଦୁଃଖୀକୁ ନେଇ ତାଙ୍କର ନାଟ୍ୟତ୍ରିଭୂଜ ରଚନା କରିଛନ୍ତି। ନାଟକରେ ଭାଇଗ ଚରିତ୍ରର ତ୍ୟାଗ, ନିଷ୍ଠା ଏବଂ ଆଦର୍ଶ ଏହାକୁ ଏକ ଉଜ୍ଜ୍ୱଳ ତଥା ଉଦାର ଚରିତ୍ରରେ ପରିଣତ କରିଛି। ଖଳ ଚରିତ୍ରର ପରିସର ମଧ୍ୟରେ ଦେଖାଯାନ୍ତି ବୁଢ଼ା ସାହୁକାର, ଯୋଗୀ ସାହୁକାର ଏବଂ ଅଇଁଠା। ପୂଜକ, ଟେମୀ, ପୋ:ଇ, କନେଷ୍ଟବଲ, ନିଧି ଆଦି ଚରିତ୍ର ନାଟକରେ ସ୍ୱଳ୍ପ ସମୟ ପାଇଁ ଆସିଥିଲେ ହେଁ ଏମାନେ ସଂପୂର୍ଣ୍ଣ ଅନାବଶ୍ୟକ ନୁହଁନ୍ତି।

'ଭାଇ ଭାଉଜ' ନାଟକରେ ସଙ୍ଗୀତ ସ୍ଥାନ କାଳ ଏବଂ ପାତ୍ରାନୁଯାୟୀ ହୋଇ ପାରିଛି। ଚରିତ୍ରିକ ମହତ୍ତ୍ୱ ପ୍ରତିପାଦନ, ମାନସିକତାର ପରିସ୍ଫୁଟନ, ପରିବେଶକୁ ଅଧିକ ସ୍ପଷ୍ଟ କରିବାରେ ସଙ୍ଗୀତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କାଳୀବାବୁଙ୍କ ସଙ୍ଗୀତ ନାଟକଟିର ମାଧୁର୍ଯ୍ୟକୁ ଆହୁରି ଅଧିକ ପରିବର୍ଦ୍ଧିତ କରିଛି। ନାଟକର କଥାବସ୍ତୁ ତିନୋଟି ଅଙ୍କ ଏବଂ ୧୮ଟି ଦୃଶ୍ୟରେ ସୀମାବଦ୍ଧ। ନାଟକର କ୍ରୀଡ଼ାକ୍ଷେତ୍ର ହେଉଛି ଉଭୟ ଗ୍ରାମ ଏବଂ ସହର। ପ୍ରେକ୍ଷାଳୟରେ ଦର୍ଶକମାନଙ୍କୁ ତିନିଘଣ୍ଟା କାଳ ବସାଇବା ପାଇଁ ସବୁପ୍ରକାର ଚେଷ୍ଟାକରିଛନ୍ତି ନାଟକରେ। ନାଟକର କାହାଣୀ, ଚରିତ୍ର, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଙ୍ଗୀତ, ସଂଳାପ, ନାଟ୍ୟଗତି, ତଥା ମଞ୍ଚ ଉପସ୍ଥାପନା କୌଶଳ ସର୍ବତୋଭାବରେ ଉଚ୍ଚକୋଟୀର ହୋଇଛି। ମୋଟ ଉପରେ 'ଭାଇଭାଉଜ' ହେଉଛି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଏକ ଆଦର୍ଶ ଏବଂ ଉଚ୍ଚକୋଟୀର ସୃଷ୍ଟି।

Digitized by PPRACHIN, SOA

ରାଜନୀତିର ନୂଆ ଚର୍ଯ୍ୟାପଦ : ମନ୍ତ୍ରୀଯୁଗ

ଡଃ ରତ୍ନାକର ଚଇନି

ରାଜନୀତି ସଚେତନତା ଭାରତୀୟ ଜୀବନକୁ ବହୁ ବିଳମ୍ବରେ ସ୍ପର୍ଶ କରିଛି। ଏ ଦେଶ ବିଦେଶୀ ଶାସନ-ନିଗଡ଼ରୁ ମୁକ୍ତ ହେବାପରେ, ଭୟଭୀତ ହୋଇ ଜଡ଼ ଭଳିଥିବା ସାଧାରଣ ଆତ୍ମାଗୁଡ଼ିକ ମୁକ୍ତ ସୂର୍ଯ୍ୟାଲୋକ ଦେଖିବାର ପ୍ରୟାସୀ ହୋଇଛି, କ୍ରୀଡ଼ାବତୀ ଗ୍ରାମବଧୂ ସଦୃଶ। ଏଇ ଗ୍ରାମବଧୂ ଥରେ ଓଢ଼ଣା କାଢ଼ି ପଦାକୁ ଆସିଛି ତ ଆଉ ଓଢ଼ଣାଦେବା ଆବଶ୍ୟକ ମନେ କରିନି; ଏବଂ ଅତ୍ୟାଧୁନିକା ବିଦେଶିନୀ ସାଜି, ବିଦେଶିନୀମାନଙ୍କୁ ଚମକାଇ ଦେଇଛି ତାହାର ରୀତିନୀତି ଢ଼ଙ୍ଗ ଢ଼ାଙ୍ଗରେ। ଏହାହିଁ ତ ଭାରତୀୟ ରାଜନୀତି; ଯାହାକୁ ସୁଧାରିବାର ଶକ୍ତି ଏବେ କାହାରି ହାତରେ ନାହିଁ।

ରାଜନୀତି ହିଁ ଆଜି ଆମ ପ୍ରଗତିର ବଡ଼ଦାଣ,— ରାଜନୀତି ହିଁ ଆମ ଜୀବନଧାରାର ମହାମନ୍ତ୍ର। ରାଜନୀତି ଦ୍ୱାରା ଏ ଦେଶର ପ୍ରତିଭା ପୂଜା କରାଯାଏ। ରାଜନୀତି ନଥାଇ ଆଜି ଭାରତୀୟ କର୍ମ କିଛି ହୋଇପାରୁ ନାହିଁ। ସହରରୁ ଗ୍ରାମ ପର୍ଯ୍ୟନ୍ତ, ଜନପଦରୁ ରାଜପଥ ଯାଏ ସବୁଠି ରାଜନୀତିର ରଥ ଆଗରେ। ପଛରେ ଚାଲିଥାନ୍ତି ପଟୁଆରର ପାରିଷଦ ସାଜି ଏ ଦେଶର ତଥାକଥିତ ବୁଦ୍ଧିଜୀବୀ ମେଣ୍ଢାମାନେ। ଏ ଦେଶର ବୁଦ୍ଧିଜୀବୀମାନେ ହେଲେ ଦ୍ୱିତୀୟ ଶ୍ରେଣୀ ନାଗରିକ। ଏମାନେ ରାଜନୀତିକ ଅଶ୍ୱଙ୍କ ପଛରେ ଥିବା ଖଚର। ଏକଥା ଏମାଟିର ଚେତନାଶୀଳ ଆତ୍ମା, କ୍ରାନ୍ତିଦ୍ରଷ୍ଟା ସ୍ରଷ୍ଟାମାନେ ଅନୁଭବ କରିଆସିଛନ୍ତି ବହୁ ଆଗରୁ। କିନ୍ତୁ ତାଙ୍କ କଥା ଶୁଣୁଚି କିଏ ? ଏ ଦେଶର ସାହିତ୍ୟିକ ଓ ବୈଜ୍ଞାନିକମାନଙ୍କ କୀର୍ତ୍ତି ଓ କୃତିତ୍ୱ ସମ୍ବାଦପତ୍ରରେ ସ୍ଥାନ ପାଏନାହିଁ;— ସ୍ଥାନପାଏ ରାଜନୀତିକ ଭୂରିଶ୍ରବାମାନଙ୍କର ବାଚାଳତା। କାରଣ ଏହା ପରା 'ମନ୍ତ୍ରୀଯୁଗ'। ଆଗେ ରାଜାଥିଲେ, ତେଣୁ ରାଜଧାନୀ ଥିଲା। ଏବେ ମନ୍ତ୍ରୀ ଯୁଗରେ 'ରାଜଧାନୀ'ର ନାମ 'ମନ୍ତ୍ରୀଧାନୀ' କରିଦେବା ଉଚିତ ବୋଲି ଅନେକ ବିଚାର କଲେଣି।

ଏଭଳି ଅନେକ କିଛି ଗଭୀରଭାବେ ଅନୁଭବ କରିଥିଲେ ଓଡ଼ିଆ ନାଟ୍ୟସାହିତ୍ୟର ପିତାମହ ଭୀଷ୍ମତୁଲ୍ୟ ବିଶିଷ୍ଟ ନାଟ୍ୟ-ରଥୀ ରାମଚନ୍ଦ୍ର ମିଶ୍ର। ଓଡ଼ିଆ ସାହିତ୍ୟରେ ରାମଚନ୍ଦ୍ର ମିଶ୍ରଙ୍କ ଭଳି ଜନଜୀବନର ନିବିଡ଼ ସଂପର୍କରୁ ଅନୁଭୂତି ସାଉଁଣି ଆଣିଥିବା ସ୍ରଷ୍ଟା ବିରଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ସେ ଜାଣିଥିଲେ ଏ ଦେଶର ରାଜନୀତି କ'ଣ ?— ସ୍ୱାଧୀନତା ପରେ ସେ ମଧ୍ୟ ଜାଣିଲେ କ୍ଷମତା-ରାଜନୀତିର ନୂତନ ରୂପ କ'ଣ ? ଏହାଛଡ଼ା ଗ୍ରାମ୍ୟ-ଜୀବନକୁ ନିଜର ଅବଲମ୍ବନ ରୂପେ ଗ୍ରହଣ କରି ନେଇଥିବା ଏହି ସ୍ରଷ୍ଟା, ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତଙ୍କ ବିକଶମାନ ଜୀବନଧାରାକୁ ଜାଣିବାର ବଳିଷ୍ଠ ସୁଯୋଗ ପାଇଥିଲେ। ତାଙ୍କ ପାଖରେ ଗ୍ରାମ-ଜୀବନ ଯେଭଳି ପରିଚିତ ଥିଲା,

Digitized by PPRACHIN, SOA

ସହରୀ ଜୀବନ ଥିଲା ସେହିଭଳି ସୁପରିଚିତ। ନିଜେ ନିର୍ବାଚନୀ ଗୋଳଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ଜଣେ ଆହତ ସେନାନୀ। ତେଣୁ ପଙ୍କିଳ ରାଜନୀତିର ଝଟକା ଖାଇଥିବା ଜଣେ ଅନୁଭୂତିସିଦ୍ଧ ଯୋଗୀ ଭଳି, ସେ ରାଜନୀତିର ପୃଷ୍ଠପଟରେ ରଚନା କରିଯାଇଛନ୍ତି କେତୋଟି ନାଟକ— 'ଘର ସଂସାର' ଓ 'ନରୋତ୍ତମ ଦାସ କହେ' ଇତ୍ୟାଦି। ତେବେ ସେସବୁ 'ମନ୍ତ୍ରୀଯୁଗ' ଭଳି ପ୍ରତ୍ୟକ୍ଷ ରୂପ ପାଇନଥିଲେ। 'ମନ୍ତ୍ରୀଯୁଗ' ସମ୍ଭବତଃ ଅପେକ୍ଷା କରିଥିଲା ଜୀବନର ଚରମ ମୁହୂର୍ତ୍ତକୁ ଆତ୍ମପ୍ରକାଶ କରିବାଲାଗି।

'ମନ୍ତ୍ରୀଯୁଗ'ରେ ତିନୋଟି ନାଟକ ଅଙ୍ଗୀଭୂତ ହୋଇଛି। 'ଆଶା ନିରାଶା' 'ମନ୍ତ୍ରୀ ଆସିବେ' ଓ 'ଭୋଟ ସଂସାର'। ଜୀବନର ସ୍ୱର୍ଣ୍ଣସନ୍ଧ୍ୟାରେ ଉପନୀତ ହୋଇ ଓଡ଼ିଶାର ଏହି ବରେଣ୍ୟ ନାଟ୍ୟକାର ରଚନା କରିଛନ୍ତି ଏଇ ନାଟକ ତିନୋଟିକୁ। ଯେତେବେଳେ ସେ ବ୍ୟାଧିଗ୍ରସ୍ତ, ନାନାଦି କାରଣରୁ ତାଙ୍କ ଚଳଚଞ୍ଚଳତା ଯେତେବେଳେ ବାଧାପ୍ରାପ୍ତ, ସେତିକିବେଳେ ସମାଜରେ କ୍ୟାନ୍ସର ବେମାରି ଭଳି ଆଚ୍ଛାଦିତ ହୋଇ ଜୀବନଧାରାକୁ ପ୍ରଭାବିତ କରୁଥିବା କୁଟିଳ ରାଜନୀତିକୁ ସେ ଭଲଭାବେ ଲକ୍ଷ୍ୟ କରିଛନ୍ତି। ଗାନ୍ଧୀବାଦର ଅନ୍ୟତମ ପ୍ରବକ୍ତା ଶ୍ରୀଯୁକ୍ତ ମିଶ୍ର ନିଜ ଜୀବନ କାଳ ଭିତରେ ଲକ୍ଷ୍ୟକରିଛନ୍ତି ଭାରତ ଭୂମିରେ ଗାନ୍ଧୀବାଦର ଅପମୃତ୍ୟୁ। ସ୍ୱାର୍ଥବାଦୀ ମଣିଷଗୁଡ଼ାକ ଗାନ୍ଧୀଟୋପି ପିନ୍ଧି ତାଙ୍କ ଆଗରେ ସାଲୁବାଲୁ ହୋଇଛନ୍ତି। କେତେବେଳେ ସେ ସଦାନନ୍ଦ, ନିତ୍ୟାନନ୍ଦ ବା ଯୁବନେତା ସାଜିଛନ୍ତି ତ କେତେବେଳେ ସେ ଭୋଟଭିକାରୀ ମିସେସ୍ ଲିଲି ରାଉତରାୟ ହୋଇଆସି ଉଭାହୋଇଛନ୍ତି। କ୍ଷମତା ରାଜନୀତିର ପଶାଖେଳରେ ଜିତାପଟ ନେବାପାଇଁ ସେମାନେ ନାନା ହୀନପନ୍ଥାର ଆଶ୍ରୟ ନେଇଛନ୍ତି। ଏସବୁକୁ ପସନ୍ଦ କରିପାରି ନାହାନ୍ତି ସମାଜ-ସଚେତନ-ଶିଳ୍ପୀ ରାମଚନ୍ଦ୍ର ମିଶ୍ର। ଜୀବନରେ ସେ ଆଦର୍ଶବାଦର ଅନୁସାରୀ ଥିଲେ। ଆଦର୍ଶବାଦ ପକ୍ଷହୀନ ଜଟାୟୁ ଭଳି ବିତ୍‌ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡ଼ି ଛଟପଟ ହେବା ସେ ସହି ପାରିନାହାନ୍ତି। ତେଣୁ ଜୀବନର ଶେଷ ଅବସ୍ଥାରେ ତୀବ୍ର ଦରଦ ଭରି ସେ ରଚନା କରିଛନ୍ତି ଏଭଳି ଏକ ରାଜନୀତିକ ବ୍ୟବଚ୍ଛେଦଧର୍ମୀ ନାଟକ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ସ୍ୱାଧୀନତାର ପ୍ରାକ୍‌କାଳରୁ ଗତକାଲି ପର୍ଯ୍ୟନ୍ତ ଅବିରାମ ଭାବରେ ନାଟକ ଲେଖି ଚାଲିଥିଲେ। ଏକ ବିସ୍ତୀର୍ଣ୍ଣ ପ୍ରଲମ୍ବିତ କ୍ୟାନ୍‌ଭାସ ହେଉଛି ତାଙ୍କର ସୃଜନ କଳାକ୍ଷେତ୍ର। ଏଇ ଦୀର୍ଘ ସମୟ ଭିତରେ ଭାରତୀୟ ମଣିଷଙ୍କ ଜୀବନଧାରା ବହୁଭାବରେ ପରିବର୍ତ୍ତିତ ହୋଇଛି ନାନାଦି ରାଜନୀତିକ କାରଣକୁ ଅବଲମ୍ବନ କରି। ରାଜନୀତିର ଧାରା ମଧ୍ୟ ବଦଳିଛି ବିଶ୍ୱ ପରିପ୍ରେକ୍ଷୀରେ ବହୁ ଘାତପ୍ରତିଘାତର ଦ୍ୱାହି ଦେଇ। ପ୍ରାଥମିକ କାଳର ଆଦର୍ଶବାଦ ପରବର୍ତ୍ତୀ କାଳର ସ୍ୱାର୍ଥବାଦରେ ରୂପାନ୍ତରିତ ହୋଇଛି। ନାଟ୍ୟକାର ସେହି ଉଭୟ ଦୃଶ୍ୟକୁ ସମାହାର କରି ରଚନା କରିଛନ୍ତି 'ଭୋଟ ସଂସାର'। ନୀତି ଆଦର୍ଶ ଓ ସତ୍‌ପଥକୁ ପରିହାର କରି ଆଜିର ଜନତା ଦେବା-ନେବା ଓ କ୍ଷମତା କନ୍ଦଳର ପନ୍ଥାକୁ ଶ୍ରେୟ ମନେ କରୁଛନ୍ତି। ରାଜନୀତିକ

Digitized by PPRACHIN, SOA

ଧପ୍‌ପାବାଜିରେ 'ମାଡ଼ତତ୍ତ୍ୱ' କିପରି ଛଳନାର ଓ ଅପାରଗତାର ଏକ ଚମତ୍କାର ଆୟୁଧ ତାହା ନାଟ୍ୟକାରଙ୍କ ଦୃଷ୍ଟିରୁ ବାଦ ଯାଇନାହିଁ।

ସରକାରୀ କର୍ମଚାରୀମାନେ ଅଧିକାଂଶ ଦୁର୍ନୀତିଗ୍ରସ୍ତ ଓ ଲାଞ୍ଚଖୋର। ସେମାନେ ନିଜ ବୁଦ୍ଧିବିଦ୍ୟାରେ ନେତାଙ୍କୁ ଉଚିତ-ଅନୁଚିତର ମାର୍ଗ ପ୍ରଦର୍ଶନ ନ କରି. ଓଲଟି ତୋଷାମଦ କରି ନିଜ ନିଜର ସ୍ୱାର୍ଥ ସାଧନ କରି ଚାଲିଛନ୍ତି। ଚମତ୍କାର ଉଦାହରଣଟିଏ ଏଠାରେ ଉପସ୍ଥାପନ କରାଯାଇପାରେ :—

''ଲିଲି— କେତେ ବର୍ଷ ହେବ ଏଠି ବୁକ୍ ହେଲାଣି ?

ବିଡ଼ିଓ— ପଚିଶିରୁ ଊର୍ଦ୍ଧ୍ୱହେବ।

ଲିଲି— ଆପଣ ଏଠି କେତେବର୍ଷ ରହିଲେଣି ?

ବିଡ଼ିଓ— ସାତ ପୂରି ଆଠ ଚାଲିଲା।

ଲିଲି— ତଥାପି ଆପଣ ଏଠି ରହିବାକୁ ଚାହାନ୍ତି।

ବିଡ଼ିଓ— କେହି ରିଲିଭର ଆସନ୍ତି ନାହିଁ; ତେଣୁ ବାଧହୋଇ—

ଲିଲି— ଟ୍ରାନ୍‌ସଫର କ୍ୟାନ୍‌ସେଲ କରିବାକୁ ଆପଣ ମନ୍ତ୍ରୀଙ୍କ ପାଖରେ ରିପ୍ରେଜେଣ୍ଟ କରିଛନ୍ତି ପରା ?

ବିଡ଼ିଓ— ମାଡ଼ାମ୍, ଆପଣ ଟିକିଏ ଚେଷ୍ଟା କଲେ—''

କେବଳ ସରକାରୀ କର୍ମଚାରୀ ନୁହନ୍ତି, ଆମ ପାରିବାରିକ ଜୀବନବୃତ୍ତ ମଧ୍ୟ କଳଙ୍କିତ ହୋଇଯାଇଛି ରାଜନୀତିର ପଙ୍କିଳ ଆବର୍ତ୍ତରେ। ନିଜର ଫାଇଦା ପାଇଁ ଗୋଟିଏ ପରିବାରର ଲୋକେ ବହୁଧା ବିଭକ୍ତ ହୋଇ ବିଭିନ୍ନ ରାଜନୀତି ଦଳର ଛତାତଳେ ଆଶ୍ରୟ ନେଉଛନ୍ତି। ପରିଣତି ଯାହା ହେଲେ ବି ତାଙ୍କର ଲାଭ। ମାତ୍ର ଲାଭ ଖୋଜୁ ଖୋଜୁ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଚି ଆମର ନିମ୍ନ ମଧ୍ୟବିତ୍ତ ରାଜନୀତି-ଚତୁର ପରିବାରମାନଙ୍କୁ। ଏହାର ଉଦାହରଣ ଦେବାକୁ ଯାଇ ନାଟ୍ୟକାର ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ ଓ ପରେ କ୍ଷମତା-ରାଜନୀତିର ଚତୁର ଚରିତ୍ର ସୁବାସଙ୍କୁ ଆଣି ଥୋଇଛନ୍ତି ଆମମାନଙ୍କ ସାମ୍ନାରେ। ପ୍ରଥମେ 'ଆଶା' ପର୍ଯ୍ୟାୟରେ ସଫଳ ନାୟକ 'ସୁବାସ' ପରେ 'ନିରାଶା' ପର୍ଯ୍ୟାୟରେ ବିଫଳତାର ଇସ୍ତାହାର ମନ୍ତ୍ରୀ ସୁବାସ ବାବୁ। ତେଣୁ ନାଟକର ପରିଣତିରେ ସେ ନିଜେ କହି ଉଠିଚି— ''ଶୁଣିଲ, ପୁଅ ଛାତ୍ର ଜନତା ସହିତ ସାମିଲ ହୋଇ ବାପାଙ୍କର ଇସ୍ତଫା ଦାବୀ କରୁଛି— ଆଉ ସ୍ତ୍ରୀ ମଧ୍ୟ ବିଦ୍ରୋହୀ ଗୋଷ୍ଠୀର ନେତାଙ୍କ ସହିତ ଖୁବ୍ ଘନିଷ୍ଠ ସହଯୋଗ ରକ୍ଷା କରିଛନ୍ତି''। କ୍ଷମତା-ରାଜନୀତିରେ ଚଞ୍ଚଳତା, ପ୍ରବଞ୍ଚନା, ଛଳନା ଓ ବିଶ୍ୱାସଘାତକତା ଆଦି ଆୟୁଧ ଗୁଡ଼ିକର ଭୂମିକା ଖୁବ୍ ଗୁରୁତ୍ତ୍ୱପୂର୍ଣ୍ଣ। ଯୁଗେ ଯୁଗେ ରାଜଶକ୍ତି ନିକଟରେ ଏହା ଥିଲା; ଏବେ ଗଣଶକ୍ତି ପାଖରେ ତାହା ମଧ୍ୟ ପ୍ରମୁଖ ଭୂମିକା ନେଇଛି।

'ପ୍ରତିଶ୍ରୁତି' ରାଜନୀତିକ ଜୀବନର ଏକ ଅବ୍ୟର୍ଥ ଔଷଧ। ଲୋକଙ୍କ ପାଖରେ ନିଜର ପାରିଲାପଣିଆ ଉପସ୍ଥାପନ କରିବାପାଇଁ ଯେତେଇଚ୍ଛା ସେତେ ପ୍ରତିଶ୍ରୁତି ଦେଇଯାଅ।

Digitized by PPRACHIN, SOA

ଝିଟିପିଟି ଲାଙ୍ଗୁଡ଼ ଭଳି ସେ ଚାଲିଗଲାପରେ ସେସବୁ ପ୍ରତିଶ୍ରୁତି ସେଇଠି ରହିଯାଉ। ପୁଣି ପାଞ୍ଚବର୍ଷ ପରେ ସାମ୍ନା କରିବାକୁ ହେଲେ ବିରୋଧୀ ଦଳ ମୁଣ୍ଡରେ ଅଠାବୋଳି ଦିଅ। ଏହାଛଡ଼ା ଭାରତର ଶିକ୍ଷିତ ତଥା ଅଶିକ୍ଷିତ ବେକାର ଯୁବକ-ଯୁବତୀଙ୍କ ସଂଖ୍ୟା ତ ବିଶ୍ୱରେ ସର୍ବାଧିକ। ସେମାନଙ୍କୁ କିଛି କାମ ଜୁଟାଇ ଦେବାର ପ୍ରତିଶ୍ରୁତି ଦେଇ ତୁମର ଗୋଡ଼ାଣିଆଁ କରିବାର। ଯୁବତୀମାନଙ୍କୁ ଚାକିରୀ ଦେବାର ପ୍ରଲୋଭନ ଦେଖାଇ ତାଙ୍କ ଦେହଭୋଗ କରିପାର ସଦାନନ୍ଦ ଭଳି। ଉପରିକ ନେତାଙ୍କୁ ଖୁସି କରାଇବା ପାଇଁ ଏଇ ହତଭାଗିନୀମାନଙ୍କୁ ପ୍ରୟୋଗ କରି ପାର। ପରିଶେଷରେ ରାଜନୀତିକ ହିଂସ୍ର ପଶୁଙ୍କ ଦ୍ୱାରା ଧର୍ଷିତା ଓ ଲୁଣ୍ଠିତା ହୋଇ ଭୁବନେଶ୍ୱର ମାଳି ସାହିର ଦେହଜୀବୀନୀ ନର୍କକୁଣ୍ଡକୁ ଠେଲି ଦେଇପାର— ଠିକ୍ ମାଳତୀର ଝିଅ କାଞ୍ଚନ ଭାଗ୍ୟରେ ଘଟିଥିବା ଘଟଣା ଭଳି। ଏ ସମସ୍ତ ଘଟଣା ପ୍ରବୀଣ ସାହିତ୍ୟକ ରାମଚନ୍ଦ୍ର ମିଶ୍ରଙ୍କ ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ତାଙ୍କ ନାଟକର ଅନ୍ୟତମ ନାୟକ ସଦାନନ୍ଦ ଜନତା ଦରବାରରେ ଏ ବିଷୟରେ ସଫେଇ ଦେବାକୁ ଯାଇ କହିଛି— "ଆପଣମାନେ ବିଚାର କରନ୍ତୁ। ଏ ବିଷୟରେ କେତେ ହଇଚଇ; ଖବର କାଗଜରେ କେତେ କଥା ବାହାରିଲା। ମୁଁ ଗୋଟାଏ ଅନାଥିନୀ ଝିଅପାଇଁ ଆଶ୍ରୟ ବ୍ୟବସ୍ଥା କରିଦେଲି। ଶେଷରେ ମୋ ମୁଣ୍ଡରେ ଅଠାବୋଳିବାକୁ ମଧ୍ୟ ଲୋକ ଛାଡ଼ୁ ନାହାନ୍ତି। ଏହା ପଛରେ ଗୋଟାଏ ବିରାଟ ଚକ୍ରାନ୍ତ ଅଛି। ମୋତେ ଜଣାପଡୁଛି, ଏଥିରେ ପୂରାପୂରି ରାଜନୀତି ପଶିଗଲାଣି;—ମୋତେ ଯେମିତି ଜଣା ପଡୁଛି, ଏ ଦେଶରେ ଖାଇବା, ପିଇବା, ଶୋଇବା ସବୁଥିରେ ରାଜନୀତି"। ରାଜନୀତିର ଦ୍ୱାହିଦେଇ ଅନ୍ୟମାନଙ୍କ ପାଖରେ ଏକ ଜଟିଳ ଜାଲ ବିଛାଇବାର ଏହା ଏକ ଚମତ୍କାର ରାଜନୀତିକ ଶୈଳୀ।

ରାଜନୀତିର ଏଇ କୁରୁକ୍ଷେତ୍ରରେ ଆଦର୍ଶ ଓ ସଚ୍ଚୋଟ ବ୍ୟକ୍ତିଙ୍କର ଅବସ୍ଥା କ'ଣ ତାହାକୁ ଚିତ୍ରଣ କରିବାରେ ନାଟ୍ୟକାର ପଛାଇ ନାହାନ୍ତି। 'ଭୋଟ ସଂସାର' ନାଟକରେ 'ନଟବର' ଚରିତ୍ର ଭିତରେ ସ୍ୱୟଂ ନାଟ୍ୟକାର ଥାଇ ସତେ ଯେମିତି ନିଜ କଥାଗୁଡ଼ିଏ କହିଯାଇଛନ୍ତି। ନଟବରର ସଫଳତା ଆଉ କେହି ଜାଣୁ ବା ନ ଜାଣୁ ଜାଣିଥିଲେ ତାଙ୍କ ପତ୍ନୀ ଶଙ୍କର ବୋଉ। ମାତ୍ର ସେଦିନ କ୍ଷମତା-କନ୍ଦଳରେ ଆହତ ହୋଇଥିବା ଶଙ୍କର ବୋଉ ସ୍ୱାମୀ ବିରୁଦ୍ଧରେ ପାଟି ଖୋଲିଥିଲେ। ତା'ପରେ ତାଙ୍କ ମୁହଁରୁ ବାହାରି ପଡ଼ିଥିଲା ତାଙ୍କ ଅନ୍ତରର ଅକୁହା ବେଦନାତକ।—"ତମେ ସେଦିନ ଖବର କାଗଜଟାଏ ଦେଖାଇ କହିଲନି, ଶଙ୍କର ବୋଉ! ଏଥର ତମ ପାଲି ପଡ଼ିଲା।— ଏତେବେଳକୁ କାହିଁକି କହୁଚ ପାଟିଟା ବିଭ୍ରାଟ ହୋଇଗଲା। ଯାଉ, ଆମର କୋଉ ସମ୍ମାନଟା ବଢ଼ିଗଲା ଯେ—!! ସବୁ କଥା ଆରମ୍ଭ କରିଦବ, ଅସଲ ବେଳକୁ କେତେ ନୀତି ନିୟମ....ସେମିତି ସେଦିନ କହିଲ, ସରକାର ସଂଗ୍ରାମୀ ପେନ୍‌ସନ କରିଦେଲେ;— ମୁଁ କହିଲି ଦରଖାସ୍ତଟେ ଦିଅ। କହିଲେ କ'ଣ ଜାଣିଚୁ ଶଙ୍କର।— ଚାକିରିଆ ପେନ୍‌ସନ ପାଆନ୍ତି— ଆମେ କ'ଣ ସ୍ୱାଧୀନତା ସଂଗ୍ରାମ କରିଥିଲୁ ଭତା ପାଇବାକୁ? ଯାକୁ ଲାଜ ଲାଗିଲା। ହଜାର ହଜାର ଲୋକ ସତମିଛ

Digitized by PPRACHIN, SOA

କହି ଭରା ପାଇଲେ— ତମ ପରେ ପରେ ବ୍ୟାଗଧରି ଯିଏ ବୁଲୁଥିଲେ, ତମଠୁଁ ସାର୍ଟିଫିକେଟ ନେଇ ଭରାପାଇ, ଏବେ ଛାଟଘର କଲେଣି;— ଆଉ ତମେ ନୀତି ନିୟମକୁ ଯାବୁଡ଼ି ଧରିଥାଅ''। ଆଜିର ବାସ୍ତବ ଜୀବନରେ ସତ୍ୟ-ଆଦର୍ଶ-ନୀତି ଆଦିର ଅପମୃତ୍ୟୁ ଘଟିଛି; ଏ ସବୁକୁ ଯିଏ ଧରିରଖି ମୂଲ୍ୟବୋଧ ସପକ୍ଷରେ ସ୍ୱର ଉତ୍ତୋଳନ କରୁଚି, ସିଏ ଏ ସମାଜର ନିର୍ବୋଧ ରୂପେ ପରିଚିତ ହେଉଛି। ରାଜନୀତିରେ ମୂଲ୍ୟବୋଧର ସ୍ଥାନ ନାହିଁ। ତେଣୁ ନଟବରଙ୍କ ପତ୍ନୀ ଯାହା ଯାହା କହିଛନ୍ତି ତାହା ଅପ୍ରିୟ ସତ୍ୟ।

ଗଣତାନ୍ତ୍ରିକ ଧାରାରେ 'ଲୋକଶକ୍ତି' ସବୁଠାରୁ ଅଧିକ ଶକ୍ତିଶାଳୀ। କୌଣସି ବ୍ୟକ୍ତି ନିଜ ମର୍ଜିରେ ଯାହା ଇଚ୍ଛା ତାହା କରିପାରିବ ନାହିଁ। ଏକଥା ସତ ହେଲେ ମଧ୍ୟ ଆଜିର ପରିବର୍ତ୍ତିତ ପରିସ୍ଥିତିରେ ତାହା ଚରମ ସତ୍ୟ ହୋଇ ଆଉ ନାହିଁ। ଲୋକଶକ୍ତିକୁ ପରିବର୍ତ୍ତନ କରାଯାଇପାରୁଛି; ଲୋକଶକ୍ତିକୁ ଅତି ଚତୁରତାର ସହିତ କିଣାଯାଇ ପାରୁଛି। ଆଜିର 'ଲୋକ' ଏକ ସୁବିଧାବାଦୀ ସ୍ୱାର୍ଥ ସର୍ବସ୍ୱ ବ୍ୟକ୍ତିଙ୍କର ସମାହାର ହୋଇଥିବାରୁ ସେମାନଙ୍କର ପ୍ରକୃତ ସାମର୍ଥ୍ୟ ଅପଚୟ ହେଉଛି। ସେଥିପାଇଁ 'ଭୋଟସଂସାର'ରେ ନାଟ୍ୟକାର ରାଉତରାୟଙ୍କ ମୁହଁରେ କହିଛନ୍ତି—''ଲୋକ। କେଉଁ ଲୋକଙ୍କର କଥା କହୁଚ? ଦଶଟଙ୍କିଆ ନୋଟ ଦେଖିଲେ ଯେଉଁମାନେ ଏପାଖ ସେପାଖ ହେଇ ପାରନ୍ତି?— କାଲି ମିଟିଂ ପାଖକୁ ଆସ· ସେଇ ଭଳିଆ କେତେ ଲୋକ ତମେ ଦେଖି ପାରିବ। ତେବେ ମୁଁ ଯାଉଚି ଶଙ୍କର ବାବୁ, ମୋ କଥାଟି ଭାବି ଦେଖ— ନହେଲେ ହୁଏତ ପଛରେ ପସ୍ତାଇବାକୁ ପଡ଼ିବ''। ଅର୍ଥନୀତିର ବଜାରରେ ସତ୍ୟପ୍ରତି ସମର୍ଥନ ଜଣାଇବାର ମୋହ ବନ୍ଧି ରହିଥିଲେ ବି କିଛି ଗୋଟା ସୁବିଧା ପାଇଗଲା ପରେ ଅସତ୍ୟ ସପକ୍ଷରେ ମତଦେବା ଆମ ଲୋକଚରିତ୍ରର ଏକ ବିଶେଷ ଅବିଗୁଣ ରହିଛି। ନାଟ୍ୟକାର ମିଶ୍ର ଲୋକ ଚରିତ୍ରର ଏହି ଦିଗ ପ୍ରତି ସଚେତନ। ତେଣୁ ସେ ଏ ନାଟକରେ କୌଣସି ଗୋଟାଏ ପରିଣତି ଆଣି ନାହାନ୍ତି— ଯାହା ସ୍ୱାଭାବିକ ଭାବେ ଆଣିବା ତାଙ୍କର ଚିରନ୍ତନ ଅଭ୍ୟାସ।

ପରିବର୍ତ୍ତିତ ନାଟ୍ୟଶୈଳୀ ସହିତ ପାଦ ମିଳାଇ ନାଟ୍ୟକାର ମିଶ୍ର ଏଇ ନାଟକରେ ଏକ ନୂତନ ପରିଣତିର ଇଙ୍ଗିତ ଦେଇଛନ୍ତି। ସମାଜର ଦ୍ରୁତ ପରିବର୍ତ୍ତନଶୀଳ ଲୋକଶକ୍ତିକୁ ସେ ଠିକ୍ ଭାବେ କଳନା କରି କିଛି ଗୋଟାଏ ନିର୍ଦ୍ଦିଷ୍ଟ ମତରେ ବାନ୍ଧି ହୋଇଯିବାକୁ ଇଚ୍ଛା କରିନାହାନ୍ତି। ଏକ ସର୍ବକାଳୀନ ବିଚାରପାଇଁ ସେ ମୁକ୍ତ ରଖିଛନ୍ତି ତାଙ୍କ ନାଟକର ବାଣୀକୁ। ସେ କେବଳ ସୂଚନା ଦେଇ କହିଛନ୍ତି— ''ଆଜ୍ଞା, ମୁଁ ନାଟକର ଚରିତ୍ର ନୁହେଁ। ଏହାପରେ ଘଟଣାର ପ୍ରବାହ ବଡ଼ ଦ୍ରୁତ। ଲୋକଙ୍କ ଦରବାରରୁ କଥାଗଲା ପୋଲିସକୁ— ପୋଲିସରୁ ବିଚାରଳୟକୁ। ଭାବନ୍ତୁ ନାହିଁ Law and order ବନ୍ଦରେ— କାଗଜର ଭୋଟ ବନ୍ଦ ହୋଇଗଲା। ଭୋଟ ଯଥାରୀତି ଚାଲିଛି; କିନ୍ତୁ ଲୋକେ ଭୀତତ୍ରସ୍ତ— ଭୋଟକେନ୍ଦ୍ର ଶୂନସାନ୍। ତଥାପି ଭୋଟ ଗଣତି ହେବ। କିଏ ଜିତିବ ଆପଣମାନେ କହିବେ। କାରଣ ଆପଣମାନେ ନିଜକୁ ଏହି ଘଟଣା-ପ୍ରବାହରୁ

Digitized by PPRACHIN, SOA

ମୁକ୍ତ ବୋଲି ଭାବି ପାରିବେ ନାହିଁ। ଏଥିରେ ଆପଣଙ୍କ କାଣ୍ଡିଡେଟ୍ ଜିତୁ— କିଛି ଯାଏ ଆସେ ନାହିଁ; ମାତ୍ର ଗୋଟିଏ ପ୍ରଶ୍ନ ଆପଣମାନେ ବିଚାର କରିବେ— "ଆମ ଗଣତନ୍ତ୍ର ଆଗେଇଛି ନା ପଛେଇଛି ?" ପ୍ରତିକାର ଆପଣମାନଙ୍କ ହାତରେ— ନମସ୍କାର"। 'ଭୋଟ ସଂସାର'ର ଏହି ପରିଣତି ଓଡ଼ିଆ ନାଟ୍ୟସାହିତ୍ୟ ପାଇଁ ଏକ ଅଭିନବ ସନ୍ଦ। ଯୁଗଧାରାକୁ ଲକ୍ଷ୍ୟ କରି ନାଟ୍ୟକାର ଏଇଠି ଶେଷ କରିଦେଇଛନ୍ତି ତାଙ୍କ ନାଟକର ସଂଳାପ ସବୁକୁ। ବାସ୍ତବରେ ଏ ନାଟକ ଏଇଠି ସରିନାହିଁ— ଯେପରି ଭୋଟ ସରିନାହିଁ କି ଭୋଟ ଗଣତି ସରିବାର ଶେଷ ସଙ୍କେତ ମିଳୁନାହିଁ। ଆଦର୍ଶବାଦ ଓ ଗାନ୍ଧୀବାଦର ନିଷ୍ଠାପର ପୂଜାରୀ ରାମଚନ୍ଦ୍ର ମିଶ୍ର ଜୀବନରେ ଅନ୍ତିମ ଶଯ୍ୟାରେ ପିତାମହ ଭୀଷ୍ମଙ୍କ ଭଳି ଏହି ସତ୍ୟାନୁଭୂତିକୁ ଛାଡ଼ିଯାଇଛନ୍ତି ଆମମାନଙ୍କ ପାଇଁ।

ବ୍ୟବସାୟିକ ରଙ୍ଗମଞ୍ଚରେ ନିଜକୁ କଳାକାରମାନଙ୍କ ସହିତ ସାମିଲ କରି ରଖିଥିବା ନାଟ୍ୟକାର ପ୍ରାଚୁର୍ଯ୍ୟର ନନ୍ଦନକାନନ ମନେ କରିଥିଲେ ଓଡ଼ିଶାର କଳା ସାମ୍ରାଜ୍ୟକୁ। ତାଙ୍କରି ଜୀବନ କାଳ ଭିତରେ ତାଙ୍କର ଏହି ସୁନ୍ଦର ଧାରଣା ବଦଳି ଗଲା। ପରୀକ୍ଷା-ନିରୀକ୍ଷାର ଲାବରେଟୋରୀରେ ନିଜକୁ ଖୋଜି ପାଇଥିଲେ ମଧ୍ୟ ଖୁବ୍ ଅଣନିଃଶ୍ୱାସୀ ବୋଧ କରିଥିଲେ ସେ। ମଞ୍ଚମୃତ୍ୟୁ ସମୟରେ ତାଙ୍କର ନାଟ୍ୟପ୍ରେମୀ ଆତ୍ମା ନୀରବ ରହି ପାରି ନଥିଲା। ସବୁ କାଳ ସହିତ, ସବୁ ଧାରା ସହିତ ନିଜକୁ ଖାପ ଖୁଆଇ ଆଣିବାର ସଫଳ ଚେଷ୍ଟା କରି ଆସିଥିବା ଏହି ନାଟ୍ୟକାର ଜୀବନର ଅନ୍ତିମ ଶଯ୍ୟାରେ ନୀରବ ରହିବା ଉଚିତ ମନେ କରିନାହାନ୍ତି। ସମକାଳୀନ ଓଡ଼ିଶାରେ 'ମାତୃତନ୍ତ୍ର' 'ମହିଳା କୋଟା', 'ପଞ୍ଚାୟତି ରାଜ' ଆଦି ନବ ନବ ବିସ୍ଫୋରଣକୁ ସେ ଭଲଭାବେ ଶୁଣି ପାରିଛନ୍ତି ଏବଂ ସଚେତନଶୀଳ ସ୍ରଷ୍ଟା ଭାବରେ ତାହାର ଯଥାର୍ଥ ଜବାବ ଦେବାପାଇଁ ଚେଷ୍ଟା କରିଛନ୍ତି। 'ମନ୍ତ୍ରୀଯୁଗ'ରେ ସେ ସବୁର ମଧୁର ପ୍ରତିଫଳନ ଦେଖିବାକୁ ମିଳୁଚି। ପ୍ରତିଟି ପରିବର୍ତ୍ତିତ ମୋଡ଼ରେ ସତ୍ୟଦ୍ରଷ୍ଟା ସେନାନୀ ଭଳି ଉଭାହୋଇ ସେ କିଛି କହିବାର ବଳିଷ୍ଠ ଦାବୀ ଉପସ୍ଥାପନ କରି ଆସିଛନ୍ତି। ତାଙ୍କ କଥା କେହି ଶୁଣୁ ବା ନ ଶୁଣୁ ସେ କହିବାକୁ ବଦ୍ଧ ପରିକର। ବାସ୍ତବରେ ଲକ୍ଷ୍ୟ କରିବାକୁ ଗଲେ, ତାଙ୍କ କଥାର ହିଁ ସତ୍ୟତା ପ୍ରମାଣିତ ହୋଇଛି ଏବଂ ସେ ସବୁବେଳେ ପ୍ରଥମ ଧାଡ଼ିର ସେନାନୀ ହୋଇ ଆଗରେ ଚାଲି ଆସିଛନ୍ତି। 'ମନ୍ତ୍ରୀଯୁଗ' ଲେଖି ସେ ପ୍ରମାଣ କରି ଦେଇ ଯାଇଛନ୍ତି ତାଙ୍କ ମତ ଓ ତାଙ୍କ ଚିନ୍ତାଧାରା ହିଁ ଠିକ୍—ତାହାହିଁ ଓଡ଼ିଆ ନାଟ୍ୟ ସାହିତ୍ୟର ଅଗ୍ରଗାମୀ ନାଟ୍ୟଧାରା

—o—

ଶ୍ରୀ ନିକେତନ
ବାଦାମବାଡ଼ି, କଟକ—୧୨

Digitized by PPRACHIN, SOA

ଚରିତ ନାଟକ- "କବିସୂର୍ଯ୍ୟ"

ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ

ଚରିତ ନାଟକ ଲେଖିବା ଖୁବ୍ କଷ୍ଟସାଧ୍ୟ ବ୍ୟାପାର। ଯେ କୌଣସି ବ୍ୟକ୍ତିର ଜୀବନକୁ ଅବିକଳ ଭାବେ ନାଟକୀୟ ସଂଳାପ ମାଧ୍ୟମରେ ବର୍ଣ୍ଣନା କରିଗଲେ ତାହା ନଟକ ପଦବାଚ୍ୟ ହେବନାହିଁ। ସାମାଜିକ ପ୍ରତିଷ୍ଠା ସଂପନ୍ନ ଯେ କୌଣସି ବ୍ୟକ୍ତିର ବିସ୍ତୃତ ଜୀବନର କେବଳ ମାତ୍ର ସଂଘର୍ଷମୟ ଅଂଶଟିକୁ ନିର୍ବାଚନ କରି ତାହାକୁ ନାଟକରେ ସଜାଇବାକୁ ପଡ଼ିବ। ସେ ଭିତରେ ଅଳୀକ କଳ୍ପନାର ସ୍ଥାନ ନାହିଁ। ଜୀବନକୁ ଅବିକଳ ରଖି ପ୍ରକାଶଭଙ୍ଗୀ ଓ ଆକର୍ଷଣୀୟ ଶକ୍ତି ଦ୍ୱାରା ଜୀବନର କ୍ରମ ପରିଣତିର ରହସ୍ୟ ଉଦ୍‌ଘାଟନ କରିବା ପ୍ରୟୋଜନ। ମହାନ୍ ବ୍ୟକ୍ତିମାନଙ୍କର ଜୀବନର ଏକ ଏକ ମୁଖ୍ୟ ଉଦ୍ଦେଶ୍ୟ ଥାଏ। ସେହି ଉଦ୍ଦେଶ୍ୟର ସଫଳତା ଯୋଗୁଁ କିଏ ଧର୍ମନେତା, କିଏ ରାଷ୍ଟ୍ରନାୟକ ଅଥବା କିଏ ଶ୍ରେଷ୍ଠ ସାହିତ୍ୟିକର ପର୍ଯ୍ୟାୟକୁ ଉନ୍ନୀତ ହୁଅନ୍ତି। ନାଟ୍ୟକାରକୁ ସେହି ଉଦ୍ଦେଶ୍ୟରେ ନିବିଡ଼ ଅନୁଭୂତିକୁ ଆବିଷ୍କାର କରି ତାହାକୁ ଜୀବନର ବହୁବିଧ ଘାତ ପ୍ରତିଘାତ ମାଧ୍ୟମରେ ଦୃଶ୍ୟ ପରେ ଦୃଶ୍ୟ ସଜାଇ ପୂର୍ଣ୍ଣତା ପଥରେ ବିକାଶ କରାଇବାକୁ ପଡ଼େ। ଅଥଚ ଅନେକଙ୍କର ଧାରଣା ଯେ କୌଣସି ଜୀବନ ଚରିତକୁ ସହଜ କଥାରେ ସଂଳାପମୟ ଆକାରରେ ରୂପାନ୍ତରିତ କରିପାରିଲେ ତାହା ନାଟକ ହୋଇ ଉଠେ। ଏପରି ଭାବେ ରୂପଦାନ କରାଯାଇଥିବାରୁ ଅନେକ ନାଟକ ବ୍ୟର୍ଥସୃଷ୍ଟିରେ ପରିଣତ ହୋଇଛି। ସାଧାରଣ ନାଟକ ରଚନାରେ ଯେଉଁ ନିୟମ ପଦ୍ଧତି ରହିଛି, ସେଗୁଡ଼ିକ ଚରିତ ନାଟକ ସମ୍ବନ୍ଧରେ ମଧ ବିଶେଷଭାବେ ପ୍ରଯୁଜ୍ୟ।

ଓଡ଼ିଆ ଚରିତ ନାଟକ ଉପରେ ଦୃଷ୍ଟିପାତ କଲେ ଜଣାପଡ଼େ ଯେ ପ୍ରଥମତଃ ଧର୍ମ ପ୍ରଚାରକ ଓ ଧର୍ମ କ୍ଷେତ୍ରରେ ପ୍ରଭାବଶାଳୀ ମହାନ୍ ବ୍ୟକ୍ତିମାନଙ୍କର ଜୀବନ ଲୀଳାକୁ ନେଇ ଚରିତ ନାଟକ ରଚନା କରାଯାଇଛି। ରାମଶଙ୍କରଙ୍କ 'ଚୈତନ୍ୟ ଲୀଳା' ହେଉଛି ମହାପୁରୁଷ ଚୈତନ୍ୟଙ୍କ ଜୀବନୀ, ଶ୍ରୀକ୍ଷେତ୍ରରେ ତାଙ୍କର ବୈଷ୍ଣବ ଧର୍ମ ପ୍ରଚାର ଓ ଅନ୍ୟାନ୍ୟ ଘଟଣା ସମ୍ବଳିତ ନାଟକ। କବିଚନ୍ଦ୍ର କାଳୀଚରଣ, ଶାରଳା ଦାସ, ଜୟଦେବ ଏବଂ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୀବନୀକୁ ନେଇ ତିନିଖଣ୍ଡ ନାଟକ ଲେଖିଛନ୍ତି। ଏ ତିନି ଜଣ ମହାକବି ଧର୍ମକ୍ଷେତ୍ରରେ ମହାପୁରୁଷଭାବେ ପ୍ରତିଷ୍ଠା ଲାଭ କରିବା ସଙ୍ଗେ ସଙ୍ଗେ କାବ୍ୟ ଓ ପୁରାଣ କ୍ଷେତ୍ରରେ ଅସାମାନ୍ୟ ସାହିତ୍ୟକୃତି ଯୋଗୁଁ ମଧ ପ୍ରତିଷ୍ଠା ଲାଭ କରି ପାରିଛନ୍ତି। ସେମାନଙ୍କ ଜୀବନ ଚରିତ ମାଧମରେ ଓଡ଼ିଆ ଜାତିର ଗୌରବଗାନ ନାଟ୍ୟକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ

Digitized by PPRACHIN, SOA

ହୋଇପଡ଼ିଛି। ଚରିତ ନାଟକ ରଚନା କ୍ଷେତ୍ରରେ କବିଚନ୍ଦ୍ର କାଳୀଚରଣଙ୍କ କୃତିତ୍ୱ ଅସାଧାରଣ। ଓଡ଼ିଆ ଜାତୀୟ ଚରିତ୍ରକୁ ଏପରି ବର୍ଣ୍ଣୋଜ୍ଜ୍ୱଳଭାବେ ଫୁଟାଇବାକୁ ଏପର୍ଯ୍ୟନ୍ତ କୌଣସି ନାଟ୍ୟକାର ସମର୍ଥ ହୋଇପାରି ନାହାନ୍ତି। ତୃତୀୟ ପର୍ଯ୍ୟାୟରେ ଯୁଗସ୍ରଷ୍ଟା କବିମାନଙ୍କୁ ନେଇ ମଧ୍ୟ ଚରିତ ନାଟକ ଲିଖିତ ହୋଇଛି। କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସମ୍ପର୍କରେ ମନୋରଞ୍ଜନଙ୍କ 'କବି ସମ୍ରାଟ ଉପେନ୍ଦ୍ରଭଞ୍ଜ' ଦେବେନ୍ଦ୍ର କୁମାର ସିଂହଙ୍କ 'ଭଞ୍ଜକବି' ରଜତ କୁମାର କରଙ୍କର 'କବି ସମ୍ରାଟ' ନାଟକ ଲିଖିତ ହୋଇଛି। ରାମଚନ୍ଦ୍ର ମିଶ୍ର କବିସୂର୍ଯ୍ୟ ବଳଦେବଙ୍କ ଜୀବନ ଚରିତକୁ ଉପଜୀବ୍ୟ କରି 'କବିସୂର୍ଯ୍ୟ' ନାଟକ ଲେଖିଛନ୍ତି। ନୀଳକଣ୍ଠ ପଟ୍ଟନାୟକ 'କବିସୂର୍ଯ୍ୟ ବଳଦେବ ରଥ' ନାଟକ ମଧ୍ୟ ରଚନା କରିଛନ୍ତି। ଚତୁର୍ଥତଃ ବୀର ପୁରୁଷଙ୍କର ଜୀବନ ସମ୍ବଳିତ କେତେକ ନାଟକ ମଧ୍ୟ ରହିଛି। ସେଗୁଡ଼ିକରୁ ଅନେକ ସମ୍ପୂର୍ଣ୍ଣ ଐତିହାସିକ ନାଟକର ପର୍ଯ୍ୟାୟଭୁକ୍ତ। କିନ୍ତୁ ସୁରେନ୍ଦ୍ରସାଏଙ୍କ ଉପରେ ରଚିତ ପ୍ରଭାତ ମୁଖାର୍ଜୀଙ୍କ 'ସୁରେନ୍ଦ୍ର ସାଏ' ଶ୍ରଦ୍ଧାକର ସୁପକାରଙ୍କ 'ସୁରେନ୍ଦ୍ର ସାଏ' ନାଟକ ଗୁଡ଼ିକ ପ୍ରାୟ ଜୀବନୀ ମୂଳକ।

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଶିଳ୍ପୀମାନଙ୍କ ମଧ୍ୟରୁ ଉପେନ୍ଦ୍ର ଭଞ୍ଜଙ୍କ ପରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୀବନ ଚରିତ, ଦୁଇଟି ଚରିତ ନାଟକର ଉପଜୀବ୍ୟ ହୋଇଛି। ରାମଚନ୍ଦ୍ର ମିଶ୍ରଙ୍କ 'କବିସୂର୍ଯ୍ୟ' ମଞ୍ଚଗତ ସଫଳତା ଦୃଷ୍ଟିରୁ ଏବଂ ନୀଳକଣ୍ଠ ପଟ୍ଟନାୟକ 'କବିସୂର୍ଯ୍ୟ ବଳଦେବ ରଥ' କବି ଜୀବନୀର ବସ୍ତୁନିଷ୍ଠ ଉପସ୍ଥାପନ ଦୃଷ୍ଟିରୁ ଆଲୋଚନୀୟ।

ରାମଚନ୍ଦ୍ର ମିଶ୍ର ମୁଖ୍ୟତଃ ସାମାଜିକ ନାଟ୍ୟକାର ଭାବରେ ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ। ତାଙ୍କ ନାଟକଗୁଡ଼ିକ ସାଧାରଣତଃ ମନୋରଞ୍ଜନ ଧର୍ମୀ ହୋଇଥିବାରୁ ବହୁ ଦର୍ଶକଙ୍କର ଗଭୀର ଆଗ୍ରହ ଲାଭକରି ପାରିଛି। ଶ୍ରୀଯୁକ୍ତ ମିଶ୍ର ମୂଳରୁ 'ଅନ୍ନପୂର୍ଣ୍ଣା' ପରି ଏକ ପୁରାତନ ପେଷାଦାର ରଙ୍ଗମଞ୍ଚ ସହିତ ସଂପୃକ୍ତ ରହିଥିବାରୁ ସୁଗଠିତ ତଥା ଦର୍ଶକମାନଙ୍କର ରୁଚି ଅନୁକୂଳ ନାଟକ ଲେଖିବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ପାରିଛି। ଆଲୋଚ୍ୟ 'କବିସୂର୍ଯ୍ୟ' ନାଟକଟି ଅନ୍ନପୂର୍ଣ୍ଣା ଥିଏଟର ଦ୍ୱାରା ବହୁଦିନ ଧରି ଅଭିନୀତ ହୋଇ ଦର୍ଶକମାନଙ୍କର ଅକୁଣ୍ଠ ପ୍ରଶଂସାଭାଜନ ହୋଇପାରିଥିଲା।

ନାଟକ ରଚନା କରିବା ସମୟରେ ନାଟ୍ୟକାର ରାମଚନ୍ଦ୍ର ଦର୍ଶକମାନଙ୍କୁ ଯଥେଷ୍ଟ ଖୋରାକ ଯୋଗାଇବା ପାଇଁ ଉତ୍କଣ୍ଠାପୂର୍ଣ୍ଣ କଥାବସ୍ତୁ ମଧ୍ୟରେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ସଂଯୋଜନା କରିଛନ୍ତି। ଏହି ନାଟକ ଦେଖିବା ପରେ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଅକୁଣ୍ଠ ପ୍ରଶଂସା ଢାଳି ଯାଇଛନ୍ତି। ତାଙ୍କର ଏହି ମତାମତଟି 'ନବୀନ' ରେ ପ୍ରକାଶିତ ହୋଇଥିଲା ବୋଲି 'କବିସୂର୍ଯ୍ୟ' ନାଟକର ପ୍ରଥମରେ ଦିଆଯାଇଥିବା ମତାମତରୁ ସୂଚନା ମିଳେ। 'ଉତ୍କଳର ବରେଣ୍ୟ କବି କବିସୂର୍ଯ୍ୟଙ୍କୁ ଏତେ ସୁନ୍ଦର ଭାବେ ନାଟ୍ୟାକାରରେ ରୂପ ଦେଇପାରିଥିବାରୁ ଲେଖକଙ୍କୁ ଶତ ଧନ୍ୟବାଦ ନ ଦେଇ ରହିପାରିବି ନାହିଁ। ନାଟକଟିର ପରିକଳ୍ପନା,

Digitized by PPRACHIN, SOA

ଭାଷା, ଭାବ ଓ ଚରିତ୍ର ଚିତ୍ରଣ ସର୍ବସୁନ୍ଦର ହୋଇଛି। କବିସୂର୍ଯ୍ୟଙ୍କ କବି ପ୍ରତିଭାର ଅନୁସାରିଣୀ ନାରୀ ଚରିତ୍ର ଦିଓଟି-ଲଳିତା ଓ ଚନ୍ଦ୍ରକଳା ଅତି ସୁନ୍ଦରଭାବେ ପରିସ୍ଫୁଟ ହୋଇପାରିଛି। ଲେଖକଙ୍କର ରଚନାକୁ ଅନ୍ନପୂର୍ଣ୍ଣା ଥିଏଟର ପାର୍ଟି ସୁନ୍ଦର ଭାବରେ ଅଭିନୟ କରି ଯଥେଷ୍ଟ କୃତିତ୍ୱ ଅର୍ଜନ କରିପାରିଛନ୍ତି। ଏହି ପ୍ରଶଂସା ସୂଚକ ମନ୍ତବ୍ୟ ଜଣେ ସଚେତନ ଦର୍ଶକ ନିକଟରୁ ପାଇବା ବାସ୍ତବିକ ଭାଗ୍ୟର କଥା।

କବିସୂର୍ଯ୍ୟ ନାଟକଟି ପଣ୍ଡିତ କୁଳମଣି ଦାସଙ୍କ ସମ୍ପାଦିତ କବିସୂର୍ଯ୍ୟଙ୍କ ଗ୍ରନ୍ଥାବଳୀ ଓ ଜୀବନ ଚରିତରୁ ସଂଗୃହୀତ। ଏଥିରେ କବିସୂର୍ଯ୍ୟଙ୍କ ଜୀବନ ବୃତ୍ତାନ୍ତ ଯେପରିଭାବେ ବର୍ଣ୍ଣିତ, ତାହାକୁ ଅବିକଳ ରଖିବାକୁ ନାଟ୍ୟକାର ଚେଷ୍ଟା କରିଛନ୍ତି। ନାଟକ ମଧ୍ୟରେ କେବଳ ଅନ୍ଧ ଓ ଲଳିତା ଦୁଇଟି କାଳ୍ପନିକ ଚରିତ୍ର। ନାଟକରେ ଅନ୍ଧ ଚରିତ୍ରର କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନାହିଁ। କିନ୍ତୁ ଲଳିତାର ଭୂମିକା ନାଟକ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଛି। ଲଳିତା ମୂଳରୁ କବି ବଳଦେବଙ୍କ କବିମାନସୀ, ପ୍ରେରଣାଦାତ୍ରୀ। ପୁଣି କବି ବଳଦେବଙ୍କୁ ବାହାରେ ପରିଚିତ କରିବାରେ ଲଳିତାର କବିସୂର୍ଯ୍ୟ-ସଙ୍ଗୀତ-ଅନୁସାରୀ ଓଡ଼ିଶୀ ନୃତ୍ୟ ଛନ୍ଦ ମୁଖ୍ୟତଃ ଦାୟୀ। ଲେଖକ କବିସୂର୍ଯ୍ୟ, ଜଳନ୍ତର ରାଜା, ଆଠଗଡ଼ ରାଜା, ପୁରୀ ରାଜା ଏବଂ ଚନ୍ଦ୍ରକଳାର ଚରିତ୍ର ଚିତ୍ରଣରେ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି। କବିସୂର୍ଯ୍ୟଙ୍କ ଜୀବନୀକୁ ନାଟକର ପାଞ୍ଚଟି ଅଙ୍କରେ ପାଞ୍ଚଭାଗରେ ବିଭକ୍ତ କରାଯାଇଛି। ପ୍ରଥମର ଅଂଶରେ କବିସୂର୍ଯ୍ୟଙ୍କର ବାଲ୍ୟକାଳ, ଦ୍ୱିତୀୟ ଅଂଶରେ ଯୌବନରେ କବିଙ୍କର ପ୍ରଂଶସା ଲାଭ, ତୃତୀୟ ଅଂଶରେ ଜଳନ୍ତରରୁ କବିଙ୍କର ନିର୍ବାସନ, ଚତୁର୍ଥ ଅଂଶରେ ଆଠଗଡ଼ ରାଜ୍ୟର ରାଜକବି ଭାବରେ ସମ୍ମାନ ଓ ପରେ ନିର୍ବାସନ, ପଞ୍ଚମ ଅଂଶରେ ପୁରୀ ମନ୍ଦିରରେ ଗଜପତିଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତି ତଥା ସମସ୍ତ ଆତ୍ମୀୟସ୍ୱଜନଙ୍କର ସହ ମଧୁର ମିଳନରେ ନାଟକଟି ପରିସମାପ୍ତି ଲାଭ କରିଛି। ଉପରୋକ୍ତ ବିଭିନ୍ନ ଅଂଶଗୁଡ଼ିକ କବିଙ୍କ ଉତ୍‌ଥାନ -ପତନମୟ ଜୀବନଚିତ୍ର ବହନ କରିଅଛି ତୃତୀୟ ଓ ଚତୁର୍ଥ ଅଙ୍କ ଶେଷରେ କବି ଯଥାକ୍ରମେ ଜଳନ୍ତର ଓ ଆଠଗଡ଼ ରାଜ୍ୟରୁ ଯେପରି ଭାବେ ବିତାଡ଼ିତ ହୋଇଛନ୍ତି, ତାହା ଦର୍ଶକମାନଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରେ। ନାଟକଟି କୁଳମଣି ଦାସଙ୍କର ରଚିତ ଜୀବନ ଚରିତକୁ ସମ୍ପୂର୍ଣ୍ଣ ଅନୁସରଣ କରିଛି। ଏପରିକି କବିଙ୍କୁ ପରୀକ୍ଷା କରାଯାଇଥିବା ଶ୍ଳୋକଟି ଏବଂ ଗଜପତି ଦ୍ୱାରା ପ୍ରଦତ୍ତ ସନନ୍ଦକୁ ମଧ୍ୟ ନାଟ୍ୟକାର ଅବିକଳ ଭାବେ ଉଦ୍ଧାର ନ କରି ଛାଡ଼ି ନାହାନ୍ତି।

ଏହି ନାଟକରେ ଆମ୍ଭେମାନେ ଗୋଟିଏ ବିଶେଷତ୍ୱ ଲକ୍ଷ୍ୟ କରୁ ଯେ କବିସୂର୍ଯ୍ୟଙ୍କ ଜୀବନୀ ପ୍ରଖ୍ୟାପନ ଛଳରେ ଲେଖକ ଏକ ସାଂସ୍କୃତିକ ବିପ୍ଳବର ଚିତ୍ର ଦେଇଛନ୍ତି, ମଧ୍ୟଯୁଗୀୟ ରାଜ ଦରବାରମାନଙ୍କରେ ସଂସ୍କୃତ ଏବଂ ମାତୃଭାଷାକୁ ନେଇ ଯେଉଁ ପ୍ରବଳ ଆଲୋଡ଼ନ ସୃଷ୍ଟି ହୋଇଥିଲା, ତାର ଏକ ସ୍ପଷ୍ଟ ଚିତ୍ର ନାଟକଟିରେ ଦେଖିବାକୁ ମିଳେ।

Digitized by PPRACHIN, SOA

ପୁରୀ ରାଜସଭାରେ ପଣ୍ଡିତମାନେ ମାତୃଭାଷାର ଘୋର ନିନ୍ଦା କଲାବେଳେ କବିସୂର୍ଯ୍ୟ ସୁଲଳିତ ରାଧାକୃଷ୍ଣ ପ୍ରେମ ସମ୍ବଳିତ ସଙ୍ଗୀତ ରଚନା କରି ଓଡ଼ିଆ ଭାଷାରର ସମ୍ମାନ ପ୍ରତିଷ୍ଠିତ କରାଇଛନ୍ତି। ଶେଷରେ ସଂସ୍କୃତ ଭାଷା, ଅପେକ୍ଷା ମାତୃଭାଷା ସମସ୍ତଙ୍କ ଦ୍ଵାରା ଅଧିକଭାବେର ଆଦୃତ ହୋଇଛି। ମାତୃଭାଷା ପ୍ରତି ଗଭୀର ଆସକ୍ତି କବିସୂର୍ଯ୍ୟଙ୍କର ଏହି ସଂଳାପରେ ପରିସ୍ଫୁଟ। "ବାଲ୍ୟକାଳୁ ବାପ ମା'ଙ୍କଠାରୁ ଯେଉଁ ଭାଷା ଶିଖିଛି, ସେହି ଭାଷାର ରଚନାରେ କବିତାର ମାଧୁରୀ ବଢେ। ମୁଁ ଉତ୍କଳୀୟ, ଉତ୍କଳୀୟ ଭାଷାରେ ବିଶେଷତଃ ମୋର ମାତୃଭାଷାରେ କବିତା ରଚନା କରି ମୁଁ ନିଜକୁ ଗୌରବାନ୍ୱିତ ମନେକରେ।" କବିସୂର୍ଯ୍ୟଙ୍କ ପରି ଜଣେ କୃତବିଦ୍ୟ ସଂସ୍କୃତିଜ୍ଞ ପଣ୍ଡିତ ଏହି କାରଣରୁ ବୋଧହୁଏ ମାତୃଭାଷା ପ୍ରତିର ଗଭୀର ଭାବେ ଶ୍ରଦ୍ଧାନ୍ୱିତ ହୋଇଛନ୍ତି। ଗଜପତିଙ୍କ କଣ୍ଠରେ ମଧ ମାତୃଭାଷା ପ୍ରୀତିର ସେହି ଅପୂର୍ବ ନିଦର୍ଶନ ଦେଖିବାକୁ ମିଳେ। "ମାତୃଗର୍ଭରୁ ଜନ୍ମଗ୍ରହଣ କରି ପ୍ରଥମେ ଯେଉଁ ଭାଷାରେ କଥା କହିବାକୁ ଶିଖୁଁ ତା'ଠାରୁ ସରସ ଓ ମଧୁର ଭାଷା ଆଉ କ'ଣ ହୋଇପାରେ। ମାତୃଭୂମିର କଲ୍ୟାଣ କାମନା କରିବାକୁ ହେଲେ ପ୍ରଥମେ ମାତୃଭାଷାର ପ୍ରସାର ଦରକାର। ଯେଉଁ ଦିନଠାରୁ ଆମ ଦେଶର ଲୋକେ ମାତୃଭାଷାରୁ ଭୁଲିବାକୁ ବସିଲେଣି, ହେୟ କରିବାକୁ ଶିଖିଲେଣି, ସେହି ଦିନଠାରୁ ଏ ଦେଶର ଅଧଃପତନ ଘଟିଛି, ଜାତିର ଅଧଃପତନ ଘଟିଛି।"

ଉପରୋକ୍ତ ସଂଳାପ ଭିତରେ ନାଟ୍ୟକାରର ଯେପରି ଆତ୍ମପ୍ରକାଶ କରି ମାତୃଭାଷା ସପକ୍ଷରେ ଯୁକ୍ତି ବାଢିଛନ୍ତି, ତାହା ସ୍ୱାଗତ ଯୋଗ୍ୟ, କବିସୂର୍ଯ୍ୟ ଆଦି ବିଶିଷ୍ଟ କବିମାନଙ୍କର ଯଦି ଦେଶର ଏ ଘଡ଼ି ସନ୍ଧି ମୁହୂର୍ତ୍ତରେ ଆବିର୍ଭାବ ନ ହୋଇଥାନ୍ତା, ଶିକ୍ଷିତ କାବ୍ୟମୋଦୀ ସମାଜ ଭିତରେ ତାର ସ୍ଥାନ ପ୍ରତିଷ୍ଠିତ କରିପାରି ନଥାନ୍ତା। ଯାହା ଫଳରେ ଆମର ସାହିତ୍ୟିକ ବିକାଶର ସଂପୂର୍ଣ୍ଣ ପ୍ରତିହିତ ହୋଇଥାନ୍ତା। କିନ୍ତୁ ଏ ଦେଶରେ ସାହିତ୍ୟିକମାନଙ୍କ ଗଭୀର ମାତୃଭାଷା ପ୍ରୀତି ଯୋଗୁଁ ଆଜି ଓଡ଼ିଆ ସାହିତ୍ୟର ପ୍ରଭୂତ ଉନ୍ନତି ଦେଖାଦେଇଛି। ସଂସ୍କୃତ ଓ ମାତୃଭାଷାର ଦ୍ୱନ୍ଦ୍ୱ ସଂଘର୍ଷର ଏକ ସଫଳ ଚିତ୍ର ଏହି ନାଟକ ଭିତରେ ଦେବାର ଚେଷ୍ଟା କରିଥିବାରୁ ନାଟ୍ୟକାର ବାସ୍ତବିକ ପ୍ରଶଂସାର୍ହ।

—୦—

Digitized by PPRACHIN, SOA

‘ନାଟକ ରୀତିମତ’ର ଆଲୋଚନା

ଅଧ୍ୟାପକ ସୁଧାକର ଦାଶ

ନିର୍ଦ୍ଦିଷ୍ଟ ଭାବରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କୁ ଦୃଷ୍ଟିଦେଲେ ନାଟକ ଇତିହାସର ଯେଉଁ ଅଧ୍ୟାୟଟି ଉନ୍ମୋଚିତ ହୁଏ, ସେଇଟି ଓଡ଼ିଆ ନାଟକର ଆଧୁନିକ ପର୍ବ। ପ୍ରାକ୍ ରାମଚନ୍ଦ୍ରଙ୍କ ସମୟରେ ଶେଷ ନାଟ୍ୟକାର କବିଚନ୍ଦ୍ରଙ୍କ ନାଟକ ଓ ତାର କିୟତ୍ ପୂର୍ବର ନାଟ୍ୟକାର ଅଶ୍ୱିନୀ କୁମାରଙ୍କ ନାଟ୍ୟରୀତି ସେ ସମୟ ବେଳକୁ ପୁରୁଣା ହୋଇ ଆସୁଥିଲା। ପ୍ରଚଳିତ ଅଭିନୟ ରୀତିରେ ଅଭ୍ୟସ୍ତ ଦର୍ଶକ ଅଧିକ କିଛି ନୂତନତା ଆଶା କରୁଥିଲେ। ଏହିପରି ଏକ ପ୍ରୟୋଜନୀୟତାକୁ ଧରି ଆଧୁନିକ ପର୍ବର ଆରମ୍ଭ ହୁଏ। ଆଧୁନିକ କଥା ବସ୍ତୁକୁ ନେଇ କବିଚନ୍ଦ୍ର ସେପର୍ଯ୍ୟନ୍ତ ଯେଉଁ ସବୁ ନାଟକ ରଚନା କରି ସାରିଥିଲେ ସେ ସବୁଥିରେ ଆଧୁନିକତା ଥିଲେ ମଧ ନାଟ୍ୟକାରଙ୍କ ତା’ ସହିତ କୌଣସି ପ୍ରତ୍ୟକ୍ଷ ସଂପର୍କ ନଥିଲା।

ଏତଦ୍‌ବ୍ୟତୀତ ଆଲୋଚ୍ୟ ସମୟଟି ଓଡ଼ିଶାର ସାମାଜିକ ଜୀବନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ କହିଲେ ଅଧିକ ଠିକ୍ ହେବ। କାରଣ ଏ ସମୟକୁ ସହର ବା ନଗର ଜୀବନ ଓ ତା'ର ଅଭିରୁଚି ଓଡ଼ିଶାର ଗ୍ରାମାଞ୍ଚଳ ଗୁଡ଼ିକୁ ଏପରି ପ୍ରଭାବିତ କରୁଥିଲା ଯେ, ଗ୍ରାମ୍ୟ ଲୋକଙ୍କ ଦୃଷ୍ଟିଭଂଗୀ ଯେତିକି ଯେତିକି ସହରାଭିମୁଖୀ ହେଉଥିଲା, ସେତିକି ସେତିକି ସେମାନଙ୍କ ଅଭିରୁଚିରେ ନୂତନତା ଦେଖା ଦେଉଥିଲା। ଏପରି ଏକ ସମୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଆସିଲେ ଆଧୁନିକ ପର୍ବର ପ୍ରଥମ ନାଟ୍ୟକାର ଭାବେ। ଦର୍ଶକୀୟ ଚାହିଦାକୁ ଆଖି ଆଗରେ ରଖି ସହର ତଥା ନୂତନ ଆଧୁନିକ ଘଟଣାକୁ ଭିତ୍ତିକରି ଅନୁରୂପ ନାଟକ ମାନ ରଚନା କଲେ। ଆହୁରି ମଧ ଏ ସମୟ ବେଳକୁ ଓଡ଼ିଶା ଥିଏଟର୍ସ ବିଭିନ୍ନ କାରଣ ନେଇ ଏକ ଦୁର୍ବଳ ସ୍ଥିତିରେ ପହଞ୍ଚି ସାରିଥିଲା। ଓଡ଼ିଶା ଥିଏଟର୍ସ ଦୁର୍ବଳ ହୋଇ ଯାଇଥିଲେ ମଧ ବ୍ୟବସାୟିକ ରଂଗମଂଚ ଅଭିବୃଦ୍ଧିରେ ଯେଉଁ ପ୍ରେରଣା ଯୋଗାଇ ଦେଲା ତଦ୍ଦ୍ୱାରା ଅନେକ ରଂଗମଂଚ ଆତ୍ମପ୍ରକାଶ କଲା। ବସ୍ତୁତଃ ରଂଗମଂଚର ଚାହିଦାନୁସାରେ ନାଟ୍ୟକାର ଓ ନୂତନ ନାଟକର ପ୍ରୟୋଜନ ଦେଖାଦେଲା।

ଏହିପରି ଏକ ପୃଷ୍ଠଭୂମିରେ ନାଟ୍ୟକାର ମିଶ୍ର ଯେଉଁ ନାଟକ ରଚନା କଲେ ତାହା ଦର୍ଶକଙ୍କୁ ନୂତନ ଖୋରାକ ଦେଲେ ମଧ ପ୍ରାଥମିକ ପର୍ଯ୍ୟାୟରେ ଶ୍ରୀ ମିଶ୍ର କାଳୀଚରଣଙ୍କ ଦ୍ୱାରା ପ୍ରଭାବିତ। ଚାଳିଶ-ଉତ୍ତର ଓଡ଼ିଆ ନାଟ୍ୟ ସାହିତ୍ୟରେ ରାମଚନ୍ଦ୍ର ମିଶ୍ର ବହୁଭାବରେ ପ୍ରତିଷ୍ଠିତ ହେବାପାଇଁ ବସ୍ତୁତଃ ନାଟ୍ୟକାରଙ୍କ ସମସାମୟିକ ସାମାଜିକ ତଥା ସାହିତ୍ୟିକ ପୃଷ୍ଠଭୂମିକୁ ଦାୟୀ କରାଯାଇ ପାରେ। ସାଧାରଣ ଜନତାଙ୍କର ସହର କୈନ୍ଦ୍ରିକ ଦୃଷ୍ଟିକୋଣ ହିଁ ନାଟ୍ୟକାରଙ୍କୁ ସ୍ୱାଗତ କରିଥିଲା। ‘‘ଦର୍ଶକ ଯୁଗେ ଯୁଗେ ନୂତନତାର ପକ୍ଷପାତୀ। ତେଣୁ ଅଶ୍ୱିନୀ କୁମାରଙ୍କ ଗାଣିତିକ ସୂତ୍ର କିମ୍ବା

Digitized by PPRACHIN, SOA

କାଳୀଚରଣଙ୍କ ମଜଲିସ୍ ଭାଷା କୌଣସିଟା ଦର୍ଶକଙ୍କୁ ବାନ୍ଧିରଖି ପାରୁ ନଥିଲା[୧]। ସହରାଭିମୁଖୀ ଚିନ୍ତାଧାରା ଜନିତ ମଧ୍ୟବିତ୍ତ ପରିବାର ମାନଙ୍କରେ ଦେଖା ଦେଇଥିବା ପାରିବାରିକ ସଂଘର୍ଷ ଓ ସାଂସ୍କୃତିକ ସଂଘର୍ଷର ଆଧାରରେ ଶ୍ରୀମିଶ୍ରଙ୍କ ସମସ୍ତ ନାଟକ ରଚିତ। ୧୯୪୦ ପରଠାରୁ ନିରବଚ୍ଛିନ୍ନ ଭାବରେ ନାଟ୍ୟକାର ଅଧିକ ପ୍ରତିଷ୍ଠିତ ହୋଇ ୧୯୫୦/୫୩ ବେଳକୁ ତା'ର ଶୀର୍ଷକୁ ଛୁଇଁ ସାରିଥିଲେ। ଓଡ଼ିଆ ନାଟକର ଆଧୁନିକ ପର୍ବରେ ନାଟ୍ୟକାର ଯେଉଁ କଥାବସ୍ତୁ ଓ ଆଦର୍ଶକୁ ନେଇ ନାଟକମାନ ରଚନା କଲେ ତାହା ତାଙ୍କୁ ଉପଯୁକ୍ତ ସଫଳତା ଦେବାରେ ସାହାଯ୍ୟ କରିଥିଲା। ନିର୍ଦ୍ଦିଷ୍ଟ ଭାବରେ ନାଟ୍ୟକାରଙ୍କ ଦୃଷ୍ଟି କୋଣଟି ଏହିଠାରେ ନିହିତ ରହିଛି। କାରଣ ସେ ନାଟକ କ୍ଷେତ୍ରରେ ଦେଖା ଦେଇଥିବା ପ୍ରକୃତ ଅଭାବକୁ ଦେଖିଥିଲେ। ଅନ୍ୟପକ୍ଷରେ ପାଶ୍ଚାତ୍ୟ ସଭ୍ୟତାର ବହୁଳ ପ୍ରଭାବ କ୍ରମଶଃ ଓଡ଼ିଆ ଜନମାନସକୁ ପ୍ରଭାବିତ କରୁଥିଲେ ମଧ୍ୟ ପାଶ୍ଚାତ୍ୟ କଥାବସ୍ତୁ କିମ୍ବା ନାଟ୍ୟାଦର୍ଶକୁ ଗ୍ରହଣ ନକରି ସେ ଉଭୟ ସହର ଓ ଗ୍ରାମର ସମସ୍ୟା, ଜୀବନଯାପନ ପ୍ରଣାଳୀ ପ୍ରତି ଦୃଷ୍ଟି ଦେଲେ। କାରଣ ସେ ଜାଣିଥିଲେ ଯେ ନାଟକ ଆତ୍ମକେନ୍ଦ୍ରିକ ନୁହେଁ। ନାଟ୍ୟକାର ଓ ନାଟକର ଦୃଷ୍ଟିକୋଣକୁ ସବୁବେଳେ ସମସାମୟିକ ସମାଜ ଜୀବନ ଓ ପାରିପାର୍ଶ୍ୱିକ ଅବସ୍ଥା ନିୟନ୍ତ୍ରଣ କରିଥାଏ। ନାଟକର ଆଦର୍ଶ ଭାବରେ ଜୀବନର ଯେଉଁସବୁ ଦାର୍ଶନିକ ଦୃଷ୍ଟିଭଂଗୀଗୁଡ଼ିକୁ ନାଟ୍ୟକାର ଚୟନ କରିଥାଏ ସେ ସବୁ ସମୟସାପେକ୍ଷ। ତେଣୁ ଭିନ୍ନ ଏକ ସମୟ ବା ପରିବେଶରେ ପୂର୍ବ ଆଦର୍ଶ ନିଜର ସ୍ୱାତନ୍ତ୍ର୍ୟ ଧରି ରଖିପାରେ ନାହିଁ। ରାମଚନ୍ଦ୍ର ମିଶ୍ରଙ୍କ ଦୃଷ୍ଟି ସର୍ବଦା କେନ୍ଦ୍ରୀଭୂତ ହେଲା ନିଜସ୍ୱ ପରିବେଶରେ। ତେଣୁ ନାଟକର ବହିଃ ରୂପରେ ଯେଉଁ ପରିବର୍ତ୍ତନ ତାଙ୍କ ସମୟ ବେଳକୁ ଦେଖାଦେଇଥିଲା ତାହାନାଟ୍ୟକାରଙ୍କୁ ପ୍ରଭାବିତ କରିଥିଲେ ମଧ୍ୟ କଥାବସ୍ତୁ ଓ ନାଟ୍ୟାଦର୍ଶରେ ସେ ଥିଲେ ମୌଳିକ।

ନାଟ୍ୟକାରଙ୍କ ଆଗରେ ଏକ ବଳିଷ୍ଠ ପରିବେଶ ଓ ପୃଷ୍ଠ ଭୂମି ଥିଲା। ଯାହାକୁ ନେଇ ସେ ବହୁ ନାଟକ ରଚନା କରିଛନ୍ତି। ମାତ୍ର ଆଲୋଚ୍ୟ "ନାଟକ ରୀତିମତ" ଏମିତି ଏକ ପୃଷ୍ଠ ଭୂମିରୁ ଜନ୍ମ ହୋଇନାହିଁ। ନାଟକ ରଚନା କରିବାର ଉଦ୍ଦେଶ୍ୟରେ ନାଟ୍ୟକାର ଏହାକୁ ରଚନା କରିନାହାନ୍ତି। ବରଂ କେତେକ ବନ୍ଧୁଙ୍କ ଅନୁରୋଧରେ ଆବଶ୍ୟକତାକୁ ପୂରଣ କରିବାପାଇଁ ଏହା ରଚନା କରିଥିଲେ। ଫଳରେ ଏହାର କଥାବସ୍ତୁ ବିଶେଷ ବଳିଷ୍ଠ ହୋଇ ପାରିନାହିଁ। ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ନାଟ୍ୟ ସଂସଦର ସେକ୍ରେଟାରୀ ବନ୍ଧୁ ଜଗତ୍ ମୋହନ ସୁବୁଦ୍ଧିଙ୍କ ଅନୁରୋଧରେ ସେ ଏହାକୁ ରଚନା କରିଥିଲେ। ପୁଣି ତାଙ୍କର ଭାଇଭାଉଜ ନାଟକ ଲେଖା ମଝିରେ ଖୁବ୍ କମ୍ ସମୟ ମଧ୍ୟରେ ଅର୍ଥାତ୍ ସାତଦିନ ମଧ୍ୟରେ ଏହା ରଚିତ ହୋଇଥିଲା। ନିଜେ ନାଟ୍ୟକାର ଏ ସଂପର୍କରେ କହନ୍ତି—"ତା'ପରେ ଡ଼ାକ୍ତରୀ କଲେଜ୍ ପାଇଁ ଡାକ୍ତରୀ ବିଷୟଥିବା ଲେଖାଟିଏ ଭଲ ହୁଅନ୍ତା ଭାବି ତା ୧୮-୧୧-୧୯୫୩ ରିଖ, ସକାଳ ବେଳା ଅନ୍ନପୂର୍ଣ୍ଣା ଥିଏଟର୍ ରିହାର୍‌ସାଲ୍ ପରେ ଏହି ନାଟକ ଆରମ୍ଭ କଲି ଏବଂ ଏକା ନିଶ୍ୱାସରେ ପ୍ରାୟ ୨୦ ମିନିଟ ସମୟ ଗଲାପରେ କିଛିଟା ଲେଖା ହୋଇଗଲା। ମନରେ ସାହସ ଆସିଲା। ପ୍ରତିଦିନ ଦ୍ୱିପ୍ରହରେ ଏହି ନାଟକ ଲେଖା

Digitized by PPRACHIN, SOA

ହୁଏ ସଂଜ୍ଞବେଳେ ଶ୍ରୀମାନ୍ ସୁବୁଦ୍ଧି କିମ୍ବା ତାଙ୍କର ବଂଧୁ ଆସି ଯାହା ଲେଖା ହୋଇଥାଏ ତାକୁ ନେଇଯାନ୍ତି।।''[୨] ଯଦିଓ ଡ଼ାକ୍ତରୀ କଲେଜ୍ ନାଟ୍ୟସଂସଦର ଚାହିଦା ପୂରଣ ଉଦ୍ଦେଶ୍ୟରେ ଏହା ଲେଖାଯାଇଥିଲା, ତଥାପି ଏହାକୁ ନାଟ୍ୟକଳା ଦୃଷ୍ଟିରୁ ଦୁର୍ବଳ ନାଟକ କୁହାଯାଇ ପାରିବ ନାହିଁ। ଖୁବ୍ କମ୍ ସମୟରେ ରଚନା କରାଯାଇଥିଲେ ମଧ୍ୟ ନାଟକୀୟ ଆବେଦନ ଏହାର ବଳିଷ୍ଠ। ନାଟ୍ୟକାର ନାଟକ ରଚନା ସମୟରେ ଡ଼ାକ୍ତରୀ କଲେଜ୍‌କୁ ଖାପ୍ ଖାଇଲା ଭଳି ଏକ ଘଟଣାକୁ ନାଟକର ଅନ୍ତସ୍ଥଳରେ ଥୋଇଛନ୍ତି। ତାହାକୁ କେନ୍ଦ୍ରକରି ନାଟକର କଥାବସ୍ତୁ ଓ ଚରିତ୍ରମାନେ ଗତିଶୀଳ। ନାୟିକା ଓ ନାୟକ ଉଭୟଙ୍କୁ ବାଦ୍ ଦେଲେ କଥାବସ୍ତୁ ସହିତ ପ୍ରତ୍ୟକ୍ଷ ସଂପର୍କ ଅନ୍ୟଚରିତ୍ରମାନଙ୍କର ନାହିଁ। କଥାବସ୍ତୁ ବା ଗଳ୍ପାଂଶ ସ୍ୱଳ୍ପ ସତ୍ତ୍ୱେ ଏହା ଗତିଶୀଳ ନୁହେଁ। ନାଟ୍ୟକାରଙ୍କ ସମୟରେ ଓଡ଼ିଶାର ରନ୍ତଲେଇ ଠାରେ ଘଟିଥିବା ଏକ ମର୍ମନ୍ତୁଦ ଘଟଣାର ସୂଚନା ନାଟକରେ ରହିଛି। ଅବଶ୍ୟ ନାୟିକା ଚରିତ୍ରଟି ରନ୍ତଲେଇର ଏହି ଦୁର୍ଘଟଣା ଭିତରୁ ହିଁ ଆସିଛି। ଏଇ ସୀମିତ କଥାବସ୍ତୁ ତତ୍କାଳୀନ ଓଡ଼ିଶାର ଏକ ସମସ୍ୟା ତଥା ଜନମାନସର ଅଂଧ ବିଶ୍ୱାସକୁ ଆଖି ଆଗକୁ ଆଣେ। ବସ୍ତୁତଃ ଦେଖିବାକୁ ଗଲେ ଏହି ମର୍ମନ୍ତୁଦ ଘଟଣାର କୌଣସି ଚିତ୍ର ନାଟକ ଭିତରେ ନାହିଁ। ମାତ୍ର ନାଟକର ପୃଷ୍ଠପଟରେ ସମଗ୍ର କଥାବସ୍ତୁଟିକୁ ନିୟନ୍ତ୍ରଣ କରୁଛି ରନ୍ତଲେଇର ଏହି ଘଟଣା। ନାଟକଟିର ଆତ୍ମିକ ଆବେଦନ ଦୃଷ୍ଟିରୁ ଏତିକି କୁହାଯାଇ ପାରେ ଯେ, ନାଟ୍ୟକାର ନିଶ୍ଚିତ ଭାବରେ ଏହାକୁ ରଚନା କରିଥିଲେ, ଅଭିନୟ ପାଇଁ ଦେଖାଦେଇଥିବା ଅସୁବିଧା କୁ ଦୂର କରିବା ପାଇଁ। ନାଟକ ରଚନା ପଛରେ ବଂଧୁଙ୍କର ଅନୁରୋଧ, ନାଟ୍ୟ ସଂସଦର ପ୍ରେରଣା ଯେତିକି କାମ କରୁଛି ନାଟ୍ୟକାରଙ୍କର ପରୀକ୍ଷା କରିବାର ମନୋବୃତ୍ତି ସେତିକି ଅଛି। ନାଟ୍ୟକାର ଯେ ଜଣେ ବଳିଷ୍ଠର ତଥା ସଫଳ ନାଟ୍ୟକାର ତାହା ଏଥିରୁ ପ୍ରମାଣିତ ହୁଏ। କାରଣ ନାଟକଟିର ଆତ୍ମିକ ଆଦର୍ଶ ଅପେକ୍ଷା ଆଙ୍ଗିକ ଆବେଦନ ଅଧିକ ତୀବ୍ର। ଏହା ନାଟକର ଆଙ୍ଗିକରେ ଏକ ପରୀକ୍ଷା କହିଲେ ଅତ୍ୟୁକ୍ତି ହେବନାହିଁ। ଯେଉଁ ସ୍ୱପ୍ନ ଓ ସାମାଜିକତା ବହୁ ଭାବରେ ପରିପୁଷ୍ଟ କରିଛି। ଯାହା ପ୍ରତ୍ୟେକ ସଫଳ ସାହିତ୍ୟ ସ୍ରଷ୍ଟାଙ୍କ କ୍ଷେତ୍ରରେ ଘଟିଥାଏ, ସେଥିରୁ ନାଟ୍ୟକାର ଶ୍ରୀ ମିଶ୍ର ବା ବାଦ୍ ଯାଆନ୍ତେ କିପରି। ଏ ସଂପର୍କରେ T.S.Eliot କହନ୍ତି—"No author can claim himself to be absolutely original. The past tradition and present development are bound to influence him where he sits to write." ଏଲିଅଟଙ୍କ ଏହି ମତକୁ ବିଚାରକୁ ନେଇ ଆଲୋଚନା କଲେ ଜଣାଯିବ ନାଟ୍ୟକାର ଶ୍ରୀ ମିଶ୍ର ନାଟକ ରଚନା କଲାବେଳେ ସ୍ୱତଃ ତାର ସୃଜନ ଦୃଷ୍ଟି ଅତୀତର ପରଂପରା ଓ ତାତ୍କାଳିକ ସାମାଜିକତା ଉପରେ ନିବଦ୍ଧ ହୋଇଥାଏ। ଯାହା ନାଟକ ରୀତିମଚ କ୍ଷେତ୍ରରେ ପରିଲକ୍ଷିତ ହୁଏ।

ଏତଦ୍‌ବ୍ୟତୀତ ନାଟକ ରୀତିମତ ପାଇଁ ଅନୁରୋଧ ଆସିଥିଲେ ମଧ୍ୟ ଅନୁରୋଧକୁ ଏଡ଼େଇ ନ ପାରି ନାଟ୍ୟକାର ଏହାକୁ ରଚନା କରିଛନ୍ତି ବୋଲି ଯେ ଏହାର

Digitized by PPRACHIN, SOA

କଥାବସ୍ତୁ ବଳିଷ୍ଠ ହୋଇ ପାରିନାହିଁ, ସେମିତି ନୁହେଁ। ବରଂ ଖୁବ୍ ବ୍ୟସ୍ତତା ଭିତରେ ଥାଇ ଶ୍ରୀମିଶ୍ର ଏହାକୁ ରଚନା କରିଛନ୍ତି। ଏହାଛଡ଼ା ନାଟ୍ୟକାରଙ୍କ ସମୟ ବେଳକୁ କାଳୀଚରଣଙ୍କୁ ଆଶ୍ରୟ କରି ଗଢ଼ିଉଠିଥିବା ଓଡ଼ିଶା ଥିଏଟର୍ସ ବହୁ ଦୁର୍ବଳ ହୋଇ ସାରିଥିଲା। ଓଡ଼ିଶା ଥିଏଟର୍ସର ଦୁର୍ବଳ ସ୍ଥିତିକୁ ଭିତ୍ତିକରି ହେଉ ବା ତାର ପ୍ରେରଣାରେ ହେଉ ଓଡ଼ିଶାରେ ପେଷାଦାରୀ ରଂଗମଂଚ ଗୁଡ଼ିଏ ମୁଣ୍ଡ ଟେକିଥିଲେ। ଏହି ନୂତନ ପେଷାଦାରୀ ରଂଗମଂଚରେ ବାସ୍ତବ ନାଟକ ଦେଖିବାର ଦର୍ଶକୀୟ ଚାହିଦା ଅନୁସାରେ ପ୍ରଚୁର ନାଟକ ରଚନା କରାଯାଇ ପାରୁନଥିଲା। ତେଣୁ ଏଇ ପରିପ୍ରେକ୍ଷୀରେ ନାଟ୍ୟକାରଙ୍କ ପାଖକୁ ଅନୁରୋଧ ଆସିବାଟା କିଛି ଅବାସ୍ତବ ନୁହେଁ। ତାଙ୍କର ପ୍ରାୟ ନାଟକ ଏହିପରି କେତେକ ପେଷାଦାରୀ ରଂଗମଂଚର ଅନୁରୋଧରେ ରଚିତ ହୋଇଛି। ତାର ଅର୍ଥ ନୁହେଁ ସେ ସବୁ ନାଟକ ଗୁଡ଼ିକ ନାଟକୀୟ ଆବେଦନ ଦୃଷ୍ଟିରୁ ଦୁର୍ବଳ। ଅନୁରୋଧ କେବେ ନାଟକ ରଚନାକୁ ନିୟନ୍ତ୍ରଣ କରୁ ନଥିଲା। ତାଙ୍କର ଅନ୍ୟରଚନା ଗୁଡ଼ିକୁ ଦୃଷ୍ଟିପାତ କଲେ ଜଣାଯାଏ ସେଗୁଡ଼ିକ ଅନୁରୋଧ ପରେ ରଚିତ ହୋଇ ଆଦୃତି ଲାଭ କରି ପାରିଛି। ଏ ଦୃଷ୍ଟିରୁ 'ନାଟକ ରୀତିମତ' ଏକ ବଳିଷ୍ଠ ନାଟକ। ଏହିଠାରେ ଏ ନାଟକ ସଂପର୍କରେ ଗୋଟିଏ କଥା କହିଲେ ଭୁଲ୍ ହେବ ନାହିଁ ଯେ, ଯଦିଓ ଏହା ନାଟ୍ୟକାରଙ୍କ ଏକ ଭିନ୍ନ ସ୍ୱାଦ ନେଇ ଆତ୍ମ ପ୍ରକାଶ କରିଛି ତଥାପି ଅଧିକାଂଶ ଆଲୋଚକମାନେ ରାଚଚନ୍ଦ୍ର ମିଶ୍ରଙ୍କ ନାଟ୍ୟକୃତିର ଆଲୋଚନା କାଳରେ ଏହାକୁ ଆଲୋଚନାର ଅନ୍ତର୍ଭୁକ୍ତ କରି ନାହାନ୍ତି। ୧୯୩୫ ପୂର୍ବରୁ ନାଟ୍ୟକାର ଯେତେ ଖଣ୍ଡ ନାଟକ ରଚନା କରିଛନ୍ତି ସେମାନଙ୍କଠାରୁ ଏ ନାଟକର ଗୁଣାତ୍ମକ ଓ ଆଙ୍ଗିକ ମୂଲ୍ୟ ନିଶ୍ଚିତ ଅଧିକ। ଆଲୋଚ୍ୟ ନାଟକର ପୂର୍ବରୁ ଏବଂ ପରବର୍ତ୍ତୀ ପ୍ରାୟ ଅଧିକାଂଶ ନାଟକରେ ଗତାନୁଗତିକତା ଦେଖା ଦେଇଛି। ମାତ୍ର ଏହା ଏକ ବ୍ୟତିକ୍ରମ। ଗତାନୁଗତିକତା ଥିଲେ ମଧ୍ୟ ସାମାଜିକ ସଚେତନତା ରହିଛି ବୋଲି ସମାଲୋଚକମାନେ ସ୍ୱୀକାର କରିଛନ୍ତି ମାତ୍ର ଗତାନୁଗତିକତା ଦର୍ଶାଇଛନ୍ତି। "ତେବେ ଲକ୍ଷ୍ୟ କରିବାର କଥା, କଥାବସ୍ତୁ ଗତାନୁଗତିକ ହେଲେ ହେଁ, ସବୁ ନାଟକରେ ସାମାଜିକ ଚେତନାର ଏକ ଅନ୍ତର୍ଗତ, ଅବିଚ୍ଛିନ୍ନ ପ୍ରବାହ ରହିଛି।[୩] ମାତ୍ର ଆଲୋଚ୍ୟ ନାଟକ ଗତାନୁଗତିକ ନୁହେଁ। ନାଟ୍ୟକାରଙ୍କ ନାଟ୍ୟଧାରାଠାରୁ ନିରାପଦ ଦୂରତ୍ୱ ରଖି ଏ ନାଟକଟି ତାଙ୍କର ଏକ ସ୍ୱାତନ୍ତ୍ର ଧାରାର ପରିଚୟ ଦିଏ। ଏହାର ସ୍ୱତନ୍ତ୍ର ସ୍ୱାଦ ଅଛି। ତତ୍କାଳୀନ ଓଡ଼ିଆ ନାଟକ ପରିପ୍ରେକ୍ଷୀରେ ଏହାକୁ ନିଶ୍ଚିନ୍ତ ପରୀକ୍ଷା କୁହାଯିବ।

୧୯୮୧ ରେ ପ୍ରକାଶିତ ଏହି ନାଟକ ଏହାର ବହୁ ପୂର୍ବରୁ ରଚିତ ହୋଇ ସାରିଥିଲା। ଏହାର ପ୍ରଥମ ନାମ ଥିଲା "ନାଟକ"। ପରବର୍ତ୍ତୀ ସମୟରେ ନାଟ୍ୟକାର ଏହାକୁ ବଦଳାଇ ଦେଇଛନ୍ତି। ରନ୍ତଳେଇଠାରେ ଉପୁଜିଥିବା ଭୟଙ୍କର ପରିସ୍ଥିତି ଓ ହଜାର ହଜାର ଲୋକଙ୍କର ମୃତ୍ୟୁ ଏବଂ ସେଇ ମହାଶ୍ମଶାନ ଭିତରୁ ଉଦ୍ଧାର ପାଇଥିବା ସାଧନା ନାଟକର ମୁଖ୍ୟ ନାୟିକ। ଡ଼ାକ୍ତର ଉଦୟଙ୍କ ସହିତ କଥୋପକଥୋନ ଭିତର ଦେଇ ଦର୍ଶକ କଥା ବସ୍ତୁର ଅନ୍ତସ୍ଥଳରେ ଥିବା ପ୍ରେମର ପ୍ରଭାବକୁ

Digitized by PPRACHIN, SOA

ଅନୁଭବ କରେ। ପ୍ରେମକୁ ନେଇ ନାୟକ ନାୟିକାଙ୍କ ମଧ୍ୟରେ ସାମାନ୍ୟ ଅଭିମାନ, ଭୁଲ୍ ବୁଝାମଣା ଆଦିର ସାମାନ୍ୟ ସ୍ପର୍ଶ କଥାବସ୍ତୁକୁ କିଛିଟା ସ୍ୱାଭାବିକ୍ କରିବା ସଂଗେ ସଂଗେ ସଫଳତା ଆଣି ଦେଇଛି। ଏ ସବୁର ଊର୍ଦ୍ଧ୍ୱରେ ନାଟକଟିର ଆଂଗିକ ଆଦର୍ଶ ଆଲୋଚନାର ଅପେକ୍ଷା ରଖେ। ନାଟକଟି ବାହ୍ୟତଃ ଯେତିକି ସହଜ ଓ ହାଲୁକା ଜଣାଯାଏ ସମାଲୋଚକର ଦୃଷ୍ଟିରେ ତାହା ନୁହେଁ। ନାଟକଟି ରଚନା କରିବାରେ ଶ୍ରୀମିଶ୍ର ନାଟକୀୟ ଉତ୍କଣ୍ଠାର ଶୀର୍ଷାରୋହଣ କରିଛନ୍ତି। ଶ୍ରୀ ମିଶ୍ରଙ୍କର ଏ ନାଟକ ରଚନା ବେଳକୁ ୧୯୫୦ ରେ ମନୋରଂଜନ ନବନାଟ୍ୟଧାରାରେ ନାଟକ ରଚନା କରି ସାରିଲେଣି। ତଥାପି ନାଟ୍ୟକାର ନୂତନ ଧାରା ଦ୍ୱାରା ପ୍ରଭାବିତ ହୋଇ ନାହାଁନ୍ତି। କାରଣ ନୂତନ ନାଟ୍ୟଧାରାରେ ପ୍ରତିଷ୍ଠିତ ସମସ୍ତ ନାଟକରେ ବାସ୍ତବ ଜୀବନ କଥା ବିଭିନ୍ନ ପ୍ରତୀକ, ମଂଚଶୈଳୀ ଓ ବାଦ ଜରିଆରେ ପ୍ରକାଶ କରୁଥିଲେ ମଧ୍ୟ ପାଠକୀୟ ଆବେଦନ କମ୍‌ଥିଲା। ପାରଂପରିକ ନାଟକ ପରି ନାଟ୍ୟୋତ୍କଣ୍ଠା ଏ ସବୁଥିରେ ଦେଖାଯାଏ ନାହିଁ। "ସମସ୍ୟା ପ୍ରଧାନ ନାଟକ ବା ଯଥାର୍ଥବାଦୀ ନାଟକ ଦର୍ଶକ ପ୍ରାଣରେ ଗୋଟିଏ ଅଦ୍‌ଭୁତ ମୋହ ଜାଗ୍ରତ କରାଉଥିଲା। ଦର୍ଶକ ଭାବୁଥିଲା—'ଏହାପରେ କ'ଣ ହେବ? ଏହି ଉତ୍କଣ୍ଠା ଉଭୟ ନାଟକରେ ଦେଖିବାକୁ ମିଳେ ନାହିଁ।"[୪] ଏସବୁ ଦୃଷ୍ଟିରୁ ପାରଂପରିକ ନାଟକର ଦର୍ଶକୀୟ ଆବେଦନ ବେଶି। ଉତ୍କଣ୍ଠାହିଁ ନାଟକର ସଫଳତା ପାଇଁ ଅଧିକ ଦାୟୀ। ଉତ୍କଣ୍ଠାକୁ ଶେଷ ପର୍ଯ୍ୟନ୍ତ ଧରି ରଖିବା କମ୍ ଆଶ୍ଚର୍ଯ୍ୟର କଥା ନୁହେଁ। ମନେହୁଏ ନାଟ୍ୟକାରଙ୍କ ନାଟକ ରଚନା କରିବାର ଉତ୍କଣ୍ଠା ଭିତରୁ ହିଁ ଦର୍ଶକୀୟ ଉତ୍କଣ୍ଠା ସ୍ୱତଃ ସୃଷ୍ଟି ହୋଇଛି। ଏ ଉତ୍କଣ୍ଠା କଥା ବସ୍ତୁରେ ନୁହେଁ। ବରଂ ଶ୍ରୀମିଶ୍ରଙ୍କର ବର୍ଣ୍ଣନା ଓ ଉପସ୍ଥାପନା ଶୈଳୀର ଚାତୁରୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ନାଟକଟିର ଶେଷ ଦୃଶ୍ୟ ପରେ ମଧ୍ୟ ଦର୍ଶକ ଆଉ କିଛି ଆଶା କରେ। ପ୍ରକୃତ ନାଟକ ଦେଖିବାର ଲାଳସା ଦମନ କରି ନପାରି ଯବନିକା ପତନ ପରେ ମଧ୍ୟ ପ୍ରେକ୍ଷାଳୟରେ ବସିରହେ। ସଂପୂର୍ଣ୍ଣ ଦର୍ଶକୀୟ ଅବରୋଧର ବାହାରେ ନାଟକଟିକୁ ଏପରି ଗତିଶୀଳତା ଦେଇଛନ୍ତି ଯେ, ନାଟକ ସରିଲାପରେବି କେହିଜାଣି ପାରୁ ନାହାଁନ୍ତି ସରିଲା ବୋଲି। ଏଣୁ ସଂପୂର୍ଣ୍ଣ ନାଟକଟି ଦର୍ଶକଙ୍କୁ କେବଳ ନାଟକର ପୂର୍ବ ପ୍ରସ୍ତୁତି ପରିଲାଗେ। ମାତ୍ର ଏଇ ପ୍ରସ୍ତୁତି ଭିତରେ ହିଁ ନାଟ୍ୟକାର ତାଙ୍କର ସମସ୍ତ ବକ୍ତବ୍ୟ ବାଢ଼ି ସାରିଛନ୍ତି। ଉତ୍କଣ୍ଠାନୁସାରେ ସଂଳାପ ସଂଯୋଜନା କରାଯାଇଛି। ଅବଶ୍ୟ ପାରଂପରିକ ସଂଳାପ ତଥାପି ଅର୍ଥପୂର୍ଣ୍ଣ। ରବୀନ୍ଦ୍ରାନୁରୂପ ସଂଳାପ ଭିତର ଦେଇ ନାଟ୍ୟ ମାନସକୁ ଜାଣିହୁଏ। ଉଦୟ (ମୁଖ୍ୟଚରିତ୍ର) ର ସଂଳାପରେ ନାଟ୍ୟକାର ଯାହା କହିବାକୁ ଚାହିଁଛନ୍ତି ତାହା ନାଟକର ମୁଖ୍ୟ ଲକ୍ଷ୍ୟ ତଥା ନାଟ୍ୟକାରଙ୍କ ଗଭୀର ଆଶାବାଦର ସ୍ପଷ୍ଟ ଚିତ୍ର। ସମାଜର ପ୍ରଚଳିତ ସମସ୍ତ ସମସ୍ୟା ଓ ଅଂଧବିଶ୍ୱାସର ଅନ୍ଧାର ଭିତରେ ସେଇ ଚରିତ୍ରଟି ଦେଖୁଚି ଆଲୋକ। ଆଲୋକର ସଂଧାନରେ ଆଗେଇଯିବାରେ ପ୍ରତିଶ୍ରୁତିବଦ୍ଧ ଏଇ ଚରିତ୍ରର ସଂଳାପ ଗୁଡ଼ିକ ଗଭୀର ଅର୍ଥଦ୍ୟୋତକ। ଯେତେବେଳେ ଦର୍ଶକ ଉଦୟକୁ ଦେଖେ, ଏକ ଅନିଶ୍ଚିତ ବାତାବରଣ ସୃଷ୍ଟି କରୁଥିବା

Digitized by PPRACHIN, SOA

କେତେକ ହାଡ଼ କଙ୍କାଳ ଗହଣରେ ଏକ ଥଣ୍ଡା ଗଛତଳେ। ଭାସି ଆସୁଚି ବିଭିନ୍ନ ଚାହାଳ୍ୟର ସ୍ୱର। ସ୍ୱରର ପ୍ରତିକ୍ରିୟାରେ ଉଦୟ ପ୍ରକାଶ କରିଛି—

"ଉଦୟ – ନା– ନା– ମା'ର ଆଖିର ଲୁହ ମୁଁ ପୋଛି ଦେବି..ତାର କାନ୍ଦଣା।

ସ୍ୱର – ପାରିବ ?

ଉଦୟ – କାହିଁକି ପାରିବିନି ? ମୁଁ ଯୁଗର ଉଦ୍ଦାମ ଶକ୍ତି– ମୁଁ ନିର୍ଭୀକ– ଉତିଷ୍ଠତ– ଜାଗ୍ରତ।

ସ୍ୱର – ଭୋକିଲା ମୁହଁରେ ଦାନା ଦେଇପାରିବ ?

ଉଦୟ – ଭୋକିଲା ହୋଇ କେହି ରହିବେ ନାହିଁ।

ସ୍ୱର – ଅତ୍ୟାଚାର

ଉଦୟ – ଲୋପହେବ

ସ୍ୱର – ଲୁଣ୍ଠନ

ଉଦୟ – ଦୃଢ଼ହସ୍ତରେ ଦମନ କରାଯିବ।।" [୫]

ଉଦୟ ପରି ଏକ ଚରିତ୍ର ଯାହାଭିତରେ ନାଟ୍ୟକାର ଖଞ୍ଜି ଦେଇଛନ୍ତି ଗଭୀର ଆଶା, ଅଂଧାରକୁ ସାମନା କରିବାର ସାହସ। ଏସବୁ ନାଟକର ଆଦର୍ଶର ସୂଚନା ଦେଇଥାଏ। ନାଟକଟିରେ ପ୍ରତିଟି ଚରିତ୍ରର ଭୂମିକା ଅପରିହାର୍ଯ୍ୟ। ଦର୍ଶକର ଭାବାନୁରୂପ ସଂଳାପ ନାଟକଟିକୁ ଅଧିକ ସଫଳ କରି ପାରିଛି। ପରଂପରା ପ୍ରତି ସମଧିକ ଦୃଷ୍ଟି ରଖି ସେ ନୂତନତାକୁ ଗ୍ରହଣ କରିଛନ୍ତି। ତେଣୁ ପାରଂପରିକ ନାଟକର ବିଶିଷ୍ଟ ଅଙ୍ଗ ଭାବେ ସଂଗୀତକୁ ସେ ବାଦଦେଇ ନାହାଁନ୍ତି। ଯଦିଓ ନାଟକଟିରେ ସଂଗୀତ ରଖାଯାଇନାହିଁ, ତଥାପି ସଂଗୀତ ସଂଯୋଜନା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଦେଶ କରିଛନ୍ତି। ସମସ୍ତ ପ୍ରକାର ପାରଂପରିକତାକୁ ବଜାୟ ରଖି ଏକ ସ୍ୱତନ୍ତ୍ର ସ୍ୱାଦର ନାଟକ ରଚନା କରିବାକୁ ଶ୍ରୀମିଶ୍ର ଏଇଠି ଧାରା ବାହାରକୁ ଅର୍ଥାତ ଗତାନୁଗତିକତାରୁ ବାହାରକୁ ଛିଟିକି ଆସିଛନ୍ତି। କହିବା ବାହୁଲ୍ୟ ଭାଇଭାଉଜ ଓ ନାଟକ ରୀତିମତ ଏକା ସମୟରେ ଲେଖା ହୋଇଥିଲେ ମଧ୍ୟ ଦୁଇଟି ଯାକର ରଚନା ଶୈଳୀ ଓ ଆବେଦନ ପୃଥକ୍ ପୃଥକ୍। ସବୁଠାରୁ ବଡ଼ କଥା ହେଉଛି ଦର୍ଶକ ଓ ଅଭିନେତା ଉଭୟଙ୍କୁ ସେ ଏକ ସରଳ ରେଖାରେ ଅବସ୍ଥାପିତ କରାଇଛନ୍ତି। ନାଟକଟି ସେଇଠି ତାର ସ୍ୱାତନ୍ତ୍ର ଦାବୀ କରେ ଯେଉଁଠି ଦର୍ଶକ ଓ ଅଭିନେତାର ମାନସିକତା ଗୋଟିଏ ବିନ୍ଦୁରେ ମିଶିଯାଆନ୍ତି। ଦୃଶ୍ୟ କାବ୍ୟ ହେତୁ ଦର୍ଶକ ସହିତ ପ୍ରତ୍ୟକ୍ଷ ସଂପର୍କ ନାଟକର ରହିଛି। ହେଲେ ମଧ୍ୟ ଏ ନାଟକର ଦର୍ଶକ ନାଟକଟିର ଆରମ୍ଭରୁ ଶେଷଯାଏ ପ୍ରତିଟି ଦୃଶ୍ୟ ସହିତ ସଂପର୍କୀତ। ଦର୍ଶକ ନିଜେ ମଂଚ ଉପରକୁ ନ ଆସିଥିଲେ ମଧ୍ୟ ଦର୍ଶକର ମାନସିକ ସ୍ଥିତି ସହ ସଂପର୍କ ରଖି ଚରିତ୍ରମାନେ ଆତ୍ମପ୍ରକାଶ କରିଛନ୍ତି। ଚରିତ୍ରମାନଙ୍କର ସଂଳାପ ହିଁ ଦର୍ଶକୀୟ ଉତ୍କଣ୍ଠାର ପ୍ରତ୍ୟୁତ୍ତର। ପାରଂପରିକ ନାଟ୍ୟଧାରାର ଏଇ ସଫଳ ସ୍ରଷ୍ଟା ପରୀକ୍ଷା (experiment) କରିବାର ଧାରାଠାରୁ ଯଥେଷ୍ଟ ଦୂରରେ ଥିଲେ ମଧ୍ୟ ଏହା ପାରଂପରିକ ଦୃଷ୍ଟିଠାରୁ ଭିନ୍ନ। ନାଟ୍ୟକାରଙ୍କ ସମୟ ବେଳକୁ ଷଷ୍ଠ ଦଶକରେ ଓଡ଼ିଆ ନାଟକ

Digitized by PPRACHIN, SOA

ପାଶ୍ଚାତ୍ୟ ପ୍ରଭାବକୁ ଗ୍ରହଣ କରିନେଇ ନାଟକର ଆଂଗିକ (Form)ରେ ଯେଉଁ ପରିବର୍ତ୍ତନକୁ ମାନି ନେଇଥିଲା ତାହା ନାଟ୍ୟକାରଙ୍କ ଷଷ୍ଠ ଦଶକ ବେଳର ନାଟକରେ ମଧ୍ୟ ଦେଖାଯାଏ ନାହିଁ। ପୃଷ୍ଠଭୂମି ଭାବରେ ସେ ଯାହା ଗ୍ରହଣ କରିଥିଲେ ତାହା ସଂପୂର୍ଣ୍ଣ ଦେଶୀ ପରିବେଶ। ନବନାଟ୍ୟଧାରା ପରି ଶ୍ରୀମିଶ୍ର କୌଣସି ପରୀକ୍ଷା କରିନାହାନ୍ତି ସତ ତଥାପି ନାଟକ ରୀତିମତ ସେଇ ସମୟ ପାଇଁ ଏକ ସ୍ୱତଃ ପରୀକ୍ଷା ହୋଇଯାଇଛି। ଏଥିପାଇଁ ପାଶ୍ଚାତ୍ୟ ନାଟ୍ୟାଦର୍ଶର ପ୍ରେରଣା କାମକରି ନାହିଁ। ନାଟ୍ୟ ଦୃଷ୍ଟିର ଗଭୀରତା ଭିତରୁ ରୀତିମତର ଧାରାଟି ଜନ୍ମ ନେଇଛି। ନାଟ୍ୟକାର ଥିଲେ ଭାରତୀୟ ତଥା ଓଡ଼ିଶୀ ସଂସ୍କୃତିର ପକ୍ଷପାତୀ।

''ତଥାପି ନାଟ୍ୟକାର ସର୍ବଦା ତାଙ୍କ ନାଟକ ଗୁଡ଼ିକରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ଅପେକ୍ଷା ଭାରତୀୟ ସଂସ୍କୃତିର ପକ୍ଷପାତୀ। ସଭ୍ୟତା ଓ ସଂସ୍କୃତି ଅପେକ୍ଷା ଭାରତୀୟ ସଂସ୍କୃତିର ମହାନତା ପ୍ରକାଶ କରି ସ୍ୱାଭିମାନର ପରିଚୟ ଦେଇଥିବା ଲକ୍ଷ୍ୟ କରାଯାଇ ପାରେ।''[୬] ଏ ଦୃଷ୍ଟିରୁ ରୀତିମତକୁ ସ୍ୱାଧୀନତା ପରବର୍ତ୍ତୀ ପରୀକ୍ଷା ଭାବରେ ଗ୍ରହଣ କରାଯିବ ନାହିଁ। ତଥାପି ଏକ ସ୍ୱତନ୍ତ୍ର ରଚନା। ଏ ସ୍ୱାତନ୍ତ୍ର୍ୟ ନାଟକର କଥା ବସ୍ତୁରେ ଯେତିକି ନାହିଁ, ସେତିକି ଅଛି ଅଂଗ ପରିପାଟୀରେ। ନାଟ୍ୟକାର ପରିବେଶ ଓ ମଂଚକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କାରଣ ପ୍ରଥମତଃ ଅନୁରୋଧ ଆସିଥିଲା ମେଡ଼ିକାଲ କଲେଜ୍ ନାଟ୍ୟ ସଂସଦ ତରଫରୁ। ସେମାନଙ୍କୁ ଖାପ୍ ଖୁଆଇଲା ପରି କଥାବସ୍ତୁଟିଏ ନେଲେ ଭଲ ବୋଲି ଏଇ କଥା ବସ୍ତୁକୁ ସେ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବେ ମଂଚ ସହିତ ଜଡ଼ିତ ଥିବାର ନାଟକ ଗୁଡ଼ିକର ଅଭିନୟ କୌଶଳ ପ୍ରତି ଗୁରୁତ୍ୱ ଆରୋପ କରିଛନ୍ତି। ଦର୍ଶକ ମାନଙ୍କ ରସ ଓ ରୁଚିବୋଧ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସମାଲୋଚକ ସର୍ବେଶ୍ୱର ଦାସ ତାଙ୍କ ସଂପର୍କରେ କହିଛନ୍ତି — ତାଙ୍କ ନାଟକ ଗୁଡ଼ିକରେ ସାହିତ୍ୟିକ ମର୍ଯ୍ୟାଦା ସଂଗେ ମଂଚୋପଯୋଗିତାର ସୁମଧୁର ସମନ୍ୱୟ ହୋଇଛି। ଗଠନ କୌଶଳ ଦୃଷ୍ଟିରୁ ତାହାଙ୍କ ନାଟକ ଗୁଡ଼ିକର ବିଶେଷ ନୂତନତ୍ୱ ନଥିଲେ ମଧ୍ୟ ବିଷୟବସ୍ତୁର ନିର୍ବାଚନ, ଉପସ୍ଥାପନା ଓ ଚରିତ୍ର ଚିତ୍ରଣରେ ତାଙ୍କର କୃତିତ୍ୱ ପ୍ରଶଂସନୀୟ।''[୭] ଉକ୍ତ ମତାମତରୁ ଜଣାଯାଏ ସମାଲୋଚକ ଶ୍ରୀ ଦାସ ସତେଯେପରି ନାଟ୍ୟକାରଙ୍କ ସଫଳ ଦିଗ ଗୁଡ଼ିକୁ ସ୍ୱୀକାର କରିବାକୁ ଆଗ୍ରହୀ ନୁହଁନ୍ତି। ଯଦିଓ ସେ କହିଛନ୍ତି ଯେ ନାଟକ ଗୁଡ଼ିକରେ ସାହିତ୍ୟିକ ମର୍ଯ୍ୟାଦା ରହିଛି ତଥାପି ଗଠନ କୌଶଳ ଦୁର୍ବଳ ଜଣାଇଛନ୍ତି। ମାତ୍ର ଯେତେଦୂର ଅନୁମାନ୍ ଶ୍ରୀ ଦାସ କୁଣ୍ଠାର ସହିତ ନାଟ୍ୟକାର ପ୍ରଶଂସନୀୟ ବୋଲି ଲେଖିଛନ୍ତି। ନାଟକ ରୀତିମତ ର ଉପସ୍ଥାପନା ଚରିତ୍ର, ସଂଳାପ ଏବଂ ସର୍ବୋପରି ମଂଚୋପଯୋଗିତାକୁ ଦେଖିଲେ ଜଣାଯାଏ ଯେ ସର୍ବେଶ୍ୱର ଦାସଙ୍କ ଉପରୋକ୍ତ ମତାମତ ଠାରୁ ନାଟ୍ୟକାର ଯଥେଷ୍ଟ ଦୂରରେ ଅଛନ୍ତି।

Digitized by PPRACHIN, SOA

ନାଟ୍ୟକାରଙ୍କ ସମୟ ବେଳକୁ ଓଡ଼ିଶାରେ ସୌଖିନ ରଂଗମଂଚ ଗୁଡ଼ିକରେ ଯଥେଷ୍ଟର ବିକାଶ ହୋଇଥିଲା। ତଥାପି ନାଟ୍ୟକାର ଏ ରଂଗମଂଚ ସହିତ ଜଡ଼ିତ ନଥିଲେ। ଏ ପ୍ରକାର ରଂଗମଂଚରେ ଅଭିନୀତ ହେଉଥିବା ନାଟକ ଗୁଡ଼ିକ ଥିଲା ନବନାଟ୍ୟ ଧାରାର। ପାରଂପରିକତା ଓ ନୂତନତା ମଧ୍ୟରେ ସମନ୍ୱୟ ରଖି ଯେଉଁ, କଥାବସ୍ତୁମାନ ନିଜ ନାଟକରେ ଶ୍ରୀ ମିଶ୍ର ଗ୍ରହଣ କରିଥିଲେ ସେତେବେଳେ ତାହା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଉଭୟ ସହର ଓ ଗ୍ରାମର ଚିତ୍ର ସେ ଉପସ୍ଥାପିତ କଲେ। କହିବା ବାହୁଲ୍ୟ ତତ୍‌କାଳୀନ ଓଡ଼ିଆ ଦର୍ଶକ ନବନାଟ୍ୟ ଧାରା ସହିତ ଏତେଟା ଅଭ୍ୟସ୍ତ ନଥିଲା। ଏହା ସହିତ ନାଟ୍ୟକାର ଆଧୁନିକତା ବା ନୂତନତା ନାମରେ ଉଚ୍ଛୃଙ୍ଖଳତାକୁ ଆଦୌ ଗ୍ରହଣ କରିପାରିନଥିଲେ। ପ୍ରାୟ ନାଟକ ଗୁଡ଼ିକରେ ସେ ଗଳ୍ପାଂଶ ଅପେକ୍ଷା ଚରିତ୍ର ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏପରିକି ଏକ ମାନସିକତା ତଥା ସାହିତ୍ୟିକ ପରିବେଶ ମଧ୍ୟରେ ''ରୀତିମତ'' ଏକ ବ୍ୟତିକ୍ରମ। ଏହି ବ୍ୟତିକ୍ରମ ନାଟ୍ୟକାରଙ୍କ ପରଂପରାଧର୍ମୀତା ତଥା ନୂତନତାର ସ୍ୱାକ୍ଷର ଧରି ଆତ୍ମ ପ୍ରକାଶ କରିବା ସହିତ ଶ୍ରୀ ମିଶ୍ରଙ୍କର ଗଭୀର ନାଟ୍ୟ ଦୃଷ୍ଟିର ପରିଚୟ ଦିଏ। ଏ ନାଟକଟିରେ ନା ଚରିତ୍ର ଉପରେ ନା ଗଳ୍ପାଂଶ ଉପରେ ଗୁରୁତ୍ୱ ଦେଇଛନ୍ତି ନାଟ୍ୟକାର, ବରଂ ନାଟକ ରଚନା କରିବାର ସ୍ୱତଃସ୍ଫୂର୍ତ୍ତତା ଭିତରୁ ଏପରି ଭାବରେ ନାଟକଟିଏ ବାହାରି ଆସିଛି, ଯାହାର ଉଚ୍ଚକୋଟୀର ଆଙ୍ଗିକ ଆଗରେ ଚରିତ୍ର ଓ ଗଳ୍ପଭାଗ ଗୌଣ ହୋଇ ଯାଇଛି। ଏତିକି କହିଲେ ଯଥେଷ୍ଟ ହେବ ଯେ, ପ୍ରଚଳିତ ନାଟ୍ୟରୀତି ପ୍ରତି ଯେତେବେଳେ ସାଧାରଣ ଦର୍ଶକ ବୀତସ୍ପୃହ, ସେତିକିବେଳେ ପରଂପରାକୁ ଅସ୍ୱୀକାର ନକରି ଅଥଚ ପ୍ରଚଳିତ ନାଟ୍ୟଧାରାରେ ପରିବର୍ତ୍ତନ ଘଟାଇ ତାଙ୍କର ସଂସ୍କାରିତ ଲେଖନୀ ଯାହା ସବୁ ଲେଖିଗଲେ ତାର ସର୍ବଶ୍ରେଷ୍ଠ ନିଦର୍ଶନ ''ନାଟକ ରୀତିମତ''॥

—o—

୧. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା - ହେମନ୍ତ କୁମାର ଦାସ - ପୃ- ୧୫୬
୨. ''ନାଟକ ରୀତିମତ'' — ନାଟକଲେଖାର କଥା - ପୃ -'ଖ'।
୩. ରାମଚନ୍ଦ୍ର ମିଶ୍ର ଏକ ଅଧ୍ୟୟନ – ହୃଷୀକେଶ ପଣ୍ଡା -'ଇସ୍ତାହାର -୧୦' ପୃ-୮୭
୪. ଉତ୍କଳ ନାଟ୍ୟ ପରଂପରା—ରତ୍ନାକର ଚଇନି - ପୃ -୨୭
୫. ''ନାଟକ ରୀତିମତ'' - ପୃ - ୮୨
୬. ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ ଭାରତୀୟ ସଂସ୍କୃତି- ବିଜୟଲକ୍ଷ୍ମୀ ସ୍ୱାଇଁ- 'ଇସ୍ତାହାର-୪୫' ପୃ-୫୨
୭. ଓଡ଼ିଆ ନାଟ୍ୟ ସାହିତ୍ୟ — ସର୍ବେଶ୍ୱର ଦାସ - ପୃ -୧୮୨

Digitized by PPRACHIN, SOA

'ଘର ସଂସାର'—ଏକ ବିଶ୍ଲେଷଣ

ଡଃ ସଚ୍ଚିଦାନନ୍ଦ ମିଶ୍ର

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ 'ଘର ସଂସାର' ଏକ ସାମାଜିକ ପାରିବାରିକ ନାଟକ। ଭାରତୀୟ ଚଳଣିର ପାରଂପାରିକ ମୂଲ୍ୟବୋଧ ଭିତ୍ତିରେ ଆଦର୍ଶ ସମାଜ ଜୀବନ ଗଠନ ଏବଂ ଶୃଙ୍ଖଳିତ, ତ୍ୟାଗଭିତ୍ତିକ ପରିବାରର ମହତ୍ତ୍ୱ ପ୍ରତିଷ୍ଠା ହିଁ ନାଟକର ଆଭିମୁଖ୍ୟ। ସମାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଘର। ପ୍ରଥମେ ନିଜ ଘରକୁ ଠିକ୍ ଭାବରେ ସଜାଡ଼ି ପାରିଲେ ସଂସାରର ସମସ୍ୟା ଅକ୍ଲେଶରେ ଦୂର ହୋଇ ପାରିବ ବୋଲି ନାଟ୍ୟକାରଙ୍କ ଦୃଢ଼ବିଶ୍ୱାସ। ପ୍ରାଚୀନ ମୈତ୍ରୀ ବନ୍ଧନର ଅଭାବ ଏବଂ ପାଶ୍ଚାତ୍ୟ ଶିକ୍ଷା-ସଭ୍ୟତାର ଅନ୍ଧ ଅନୁକରଣ ଫଳରେ ଆମ ସାମାଜିକ ଓ ପାରିବାରିକ ଜୀବନରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଛି ତାହାର ନିରାକରଣ ନିମିତ୍ତ ନାଟ୍ୟକାର 'ଘରସଂସାର' ନାଟକରେ ଯତ୍ନଶୀଳ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତୀୟ ଜନଜୀବନରେ ଈର୍ଷା, ଦ୍ୱେଷ, ଲୋଭ ଅହଙ୍କାର ଓ ସ୍ୱାର୍ଥ ସର୍ବସ୍ୱ ବସ୍ତୁବାଦୀ ମନୋବୃତ୍ତି ବହୁ ରୂପରେ ପ୍ରକାଶ ପାଇ ସାମୂହିକ ବିକାଶକୁ ପ୍ରତିହତ କରିଛି। ସେବା, ତ୍ୟାଗ, ସ୍ନେହ, ମମତା ଓ ପରୋପକାର ଆଦି ଭାରତୀୟ ଶାଶ୍ୱତ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା କରି ଏକ ସୁସ୍ଥ ସୁନ୍ଦର ପରିବାର ଗଠନ ଉପରେ ନାଟ୍ୟକାର ଗୁରୁତ୍ୱ ଆରୋପ କରିଛନ୍ତି। ସମାଜ ଓ ପରିବାରର ପାରଂପାରିକ ଚଳଣିକୁ ଧ୍ୱଂସ କରିନୁହେଁ, ପରିବର୍ତ୍ତନ ଦ୍ୱାରାହିଁ ଏହା ସମ୍ଭବ ହୋଇପାରେ ବୋଲି ନାଟ୍ୟକାର 'ଘରସଂସାର' ନାଟକରେ ଆଶ୍ୱାସନାର ବାଣୀ ଶୁଣାଇଛନ୍ତି। ପ୍ରାଚୀନ ଓ ନବୀନର ସଂଘର୍ଷ ମଧ୍ୟରେ ପ୍ରାଚୀନ ଆଦର୍ଶ ବୋଧ ହିଁ ଏଥିରେ ପ୍ରତିଷ୍ଠାଲାଭ କରିଛି। ନାଟ୍ୟକାରଙ୍କ ଆଦର୍ଶ ରୂପାୟନର ଆନ୍ତରିକ ନିଷ୍ଠା ଏବଂ ନାଟ୍ୟଶିଳ୍ପରୀତିର ସଫଳ ସଂଯୋଜନା ହେତୁ 'ଘରସଂସାର' ନାଟକଟି ଦର୍ଶକର ଚିତ୍ତବୃତ୍ତିକୁ ଗଭୀର ଭାବରେ ଆଲୋଡ଼ିତ କରିଛି।

ନାଟ୍ୟାଚାର୍ଯ୍ୟ କାଳୀଚରଣଙ୍କ ଯୁଗରେ ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ରାମଚନ୍ଦ୍ର ମିଶ୍ର ଜଣେ ସର୍ବାଧିକ ଲୋକପ୍ରିୟ ନାଟ୍ୟକାର ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। କାଳୀଚରଣଙ୍କ ପ୍ରବର୍ତ୍ତିତ ନୂତନ ନାଟ୍ୟ ଧାରାରେ ସେ ଅନୁପ୍ରାଣିତ। ସମକାଳୀନ ସମସ୍ୟା ଓ ସଂଘର୍ଷର ରୂପାୟନ, କୃତ୍ରିମ କଳ୍ପନା ବିଳାସର ପରିହାର ପଲ୍ଲୀ ପରିବେଶର ସଫଳ ରୂପାୟନ। ଅନୁଭୂତିଜ କଥୋପକଥନ ରୀତିର ସଂକ୍ଷିପ୍ତ ଅଥଚ ବଳିଷ୍ଠ ପ୍ରଭାବଶାଳୀ ଗଦ୍ୟ ସଂଳାପ ସୃଷ୍ଟି, ସଂକ୍ଷିପ୍ତ ଅଙ୍କ ଓ ଦୃଶ୍ୟ ସଂଯୋଜନା, ସରଳ, ନିରାଡ଼ମ୍ବର ମଞ୍ଚସଜ୍ଜା, ସୀମିତ ସମୟ ମଧ୍ୟରେ ନାଟକକୁ ପ୍ରଦର୍ଶନ କରାଇବାର କୌଶଳ, ସ୍ୱାଭାବିକ ଚରିତ୍ର ରୂପାୟନ, ସର୍ବୋପରି ଅଭିନୟକଳା ଓ ନାଟ୍ୟଶିଳ୍ପ ରୀତିର ସମନ୍ୱୟ ସାଧନ ଦିଗରେ ନାଟ୍ୟକାର ମିଶ୍ର କବିଚନ୍ଦ୍ର କାଳୀଚରଣଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ନାଟ୍ୟକାର ମିଶ୍ର ନାଟକର ଆଙ୍ଗିକ ଗଠନରେ କାଳୀଚରଣ

Digitized by PPRACHIN, SOA

ପ୍ରଦର୍ଶିତ ମାର୍ଗ ଅବଲମ୍ବନ କରିଥିବା ସ୍ଥଳେ ଆତ୍ମିକ ରସ ଚେତନା ଉଦ୍‌ଘାଟନରେ ଚଳିତ ଶତାବ୍ଦୀର ଚତୁର୍ଥ ଦଶକ ମଧ୍ୟରେ ଓଡ଼ିଆ ନାଟ୍ୟ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ଅଶ୍ୱିନୀ କୁମାରଙ୍କ ଆଦର୍ଶକୁ ଆପଣାର କରିଛନ୍ତି। ନାଟକରେ ସେ ଭାରତୀୟ ସଂସ୍କୃତିର ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ଦ୍ୱନ୍ଦ୍ୱ ସଂଘର୍ଷ ମୂଳକ ବୃତ୍ତ ପରିକଳ୍ପନା ଏବଂ ନାଟକୀୟ ଗାମ୍ଭୀର୍ଯ୍ୟ ସୃଷ୍ଟିରେ ସେ ନାଟ୍ୟ ଭାରତୀ ଅଶ୍ୱିନୀ କୁମାରଙ୍କ ପନ୍ଥା ଅବଲମ୍ବନ କରିଛନ୍ତି। ତେବେ ନାଟ୍ୟକାର ରାମଚନ୍ଦ୍ରମିଶ୍ରଙ୍କ ସମସ୍ୟା ଓ ଆଦର୍ଶ ରୂପାୟନର ଧାରା କଳ୍ପନା ଏବଂ ଆବେଗ ପ୍ରବଣତାକୁ ବାଦଦେଇ ଆନ୍ତରିକ ନିଷ୍ଠାରେ ପୁଷ୍ଟ ହୋଇଛି। ସେ ଆଦର୍ଶର ସ୍ୱପ୍ନରେ ଏକ ମୈତ୍ରୀମୟ ସମାଜ ଏବଂ ଶୃଙ୍ଖଳିତ ତ୍ୟାଗପୂତ ପରିବାରର ପରିକଳ୍ପନା କରିଥିଲେ ହେଁ ତାହା ଅସ୍ୱାଭାବିକ ପ୍ରଚାରଧର୍ମୀ ନୁହେଁ। ତାଙ୍କ ସୃଷ୍ଟିରେ ଆଦର୍ଶବାଦର ସ୍ୱର ଆନ୍ତରିକତାରେ ଧ୍ୱନିତ, ତାଙ୍କ ନାଟକରେ ଆଦର୍ଶ ସହିତ ବାସ୍ତବତାର ସଂଘର୍ଷ ଘଟି ଆଦର୍ଶର ବିଜୟ ବୈଜୟନ୍ତୀ ଉଡ଼ିଛି। ନାଟ୍ୟକାରଙ୍କର ଏହି ଆଦର୍ଶବାଦୀ ଦୃଷ୍ଟିଭଙ୍ଗୀକୁ ଦୁଃଖ ଦୈନ୍ୟଭରା ସମସ୍ୟା ପୀଡ଼ିତ ଦର୍ଶକର ମନ ଉପେକ୍ଷା ନ କରି ସହଜ ଭାବରେ ଗ୍ରହଣ କରିନେଇଛି। ମହାଯୁଦ୍ଧୋତ୍ତର ଅସ୍ଥିର ପରିବେଶରେ ଗାନ୍ଧୀ ଆଦର୍ଶ ପ୍ରଭାବିତ ଓଡ଼ିଶାର ସାଧାରଣ ଜନତା ନାଟ୍ୟକାରଙ୍କ ରାମରାଜ୍ୟର ସମ୍ଭାବ୍ୟ ପରିବର୍ତ୍ତନରେ ବିଶ୍ୱାସ ସ୍ଥାପନ କରିଛି। ଦର୍ଶକ ଏହାକୁ କାଳ୍ପନିକ ରାମ ରାଜ୍ୟ ବୋଲି ଗ୍ରହଣ ନ କରି ଦୁଃଖ, ନୈରାଶ୍ୟର ସମ୍ଭାବ୍ୟ ପରିବର୍ତ୍ତନର ସ୍ୱର ଏଥିରୁ ଶୁଣି ପାରିଛି। ଅଶ୍ୱିନୀ କୁମାର ଓ କାଳୀ ଚରଣଙ୍କ ନାଟକରେ ଏକ ଧରଣର ଆଦର୍ଶ, ପ୍ରତୀୟ ବା ସମସ୍ୟାର ନକଲି ରୂପ ଦେଖି ବିତୃଷ୍ଣ ହୋଇପଡ଼ିଥିବା ଦର୍ଶକ ରାମଚନ୍ଦ୍ରଙ୍କ ନୂତନ ନାଟ୍ୟ ରୀତିରେ ସ୍ୱାଭାବିକ ଭାବରେ ଆକୃଷ୍ଟ ହୋଇ ପଡ଼ିଛି।

'ଘରସଂସାର' ନାଟକର କଥାବସ୍ତୁର ସ୍ୱାଧୀନୋତ୍ତର ଓଡ଼ିଶାର ସାମାଜିକ ଜୀବନରୁ ଗୃହୀତ। ଏହାର ବ୍ୟାପ୍ତି ଓ ପରିଣତି ଦର୍ଶାଇବାକୁ ଯାଇ ନାଟ୍ୟକାର ବାହାରର ବିଷୟବସ୍ତୁ, ଚରିତ୍ର ବା ପରିବେଶ ଆଡ଼କୁ ନଜର ଦେଇ ନାହାନ୍ତି। ଆମ ସମାଜ ଓ ପରିବାରରୁ ହିଁ ସବୁ ଉପାଦାନ ଗୃହୀତ। ଆମ ପଲ୍ଲୀ ଓ ସହରୀ ଜୀବନର ସୁଖ-ଦୁଃଖ ହିଁ 'ଘରସଂସାର' କଥା ବସ୍ତୁ। ଗାଉଁଲୀ ଅଶିକ୍ଷିତ ଜନସାଧାରଣ, ଅର୍ଦ୍ଧଶିକ୍ଷିତ ଟାଉଟର, ମହାଜନ, ଆଧୁନିକ ଶିକ୍ଷା ପ୍ରାପ୍ତ ଯୁବକ-ଯୁବତୀ, ଶିକ୍ଷିତ ଅଭିଜାତ ଶ୍ରେଣୀ ଏବଂ ଗାନ୍ଧୀ ଆଦର୍ଶରେ ଦୀକ୍ଷିତ ଆଦର୍ଶବାଦୀ ଚରିତ୍ର ରୂପାୟନରେ ନାଟ୍ୟକାରଙ୍କ ସ୍ୱାଭାବିକ ଦୃଷ୍ଟିକୋଣ ଓ ଆନ୍ତରିକ ନିଷ୍ଠା ପରିଦୃଷ୍ଟ ହୁଏ। ଗ୍ରାମ ଓ ନଗର ଜୀବନର ଅନୁଭୂତିଜ ବର୍ଣ୍ଣନାରେ ନାଟକଟି ରସୋଜ୍ଜ୍ୱଳ। ଅନ୍ୟର ପ୍ରଭାବରେ ତାହା ଅସ୍ୱଚ୍ଛ ନୁହେଁ କି ଧାର୍ କରିବାର ଦୈନ୍ୟବୋଧ ଏଥିରେ ନାହିଁ। ପୁରୁଣାକୁ ନୂଆ ଭାବରେ ଉପସ୍ଥାପନ କରିବାରେ ନାଟ୍ୟକାରଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ରହିଛି ଏବଂ ଆନ୍ତରିକ ନିଷ୍ଠାରେ ତାହା ଉଜ୍ଜ୍ୱଳ ହୋଇଛି।

Digitized by PPRACHIN, SOA

ଚଣ୍ଡୀପୁର ଓ ରଘୁନାଥପୁର ମଧ୍ୟରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ବିବାଦ କୌଣସି ଉଚ୍ଚ ଆଦର୍ଶପାଇଁ ନୁହେଁ। ଗୋଟିଏ ଜମିର ମାଲିକାନା ସମ୍ବନ୍ଧକୁ କେନ୍ଦ୍ରକରି ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ଗୋଟିଏ ପଟରେ ଧନଶାଳୀ ଜମିଦାର ମହାପାତ୍ର ଏବଂ ଅନ୍ୟ ପକ୍ଷରେ ଆଦର୍ଶବାଦୀ ମଦନ ଚୌଧୁରୀ। ମହାପାତ୍ର ଚାହିଁଥିଲେ ଛଳ-ବଳ-କୌଶଳରେ ଲୋକଙ୍କୁ ନିଜ ଅକ୍ତିଆରକୁ ଆଣିବାକୁ ଏବଂ ମଦନ ଚୌଧୁରୀ ଚାହିଁଥିଲେ ସତ୍ୟ, ନ୍ୟାୟ ଓ ଧର୍ମରେ ଲୋକମାନଙ୍କୁ ବଶ କରିବାର ପାଇଁ। ଏହାରି ମଧ୍ୟରେ ସଂଘର୍ଷ ଘଟି ମଦନ ,ଚୌଧୁରୀଙ୍କୁ ଜୀବନର ବଳୀଦାନ ଦବାକୁ ପଡ଼ିଛି। ମଦନ ଚୌଧୁରୀଙ୍କ ମୃତ୍ୟୁ ପାଇଁ ଜମିଦାର ମହାପାତ୍ରଙ୍କୁ ସାଧାରଣ ଜନତା ଦାୟି କରୁଥିଲେ ହେଁ ସେମାନେ ମହାପାତ୍ରଙ୍କର ବିଜୟ ଘଟିଛି ବୋଲି କହିଥାନ୍ତି। ମାତ୍ର ମହାପାତ୍ର ସେହି ଦିନରୁ ନିଜର ଚରମ ପରାଜୟ ଘଟିଛି ବୋଲି ବିଚାର କରିଥାନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଦୁଇ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ଅନାଦି ଦାସ ଓ ମଙ୍ଗୁ ପରି ଗ୍ରାମର ଟାଉଟରମାନେ ଏହି ବିବାଦକୁ ତେଜାଇ ରଖୁଛନ୍ତି। ଆଦର୍ଶବାଦୀ ପିତାଙ୍କର ଯଥାର୍ଥ ଦାୟାଦ ଗୋପ ଚୌଧୁରୀ ହତୋତ୍ସାହ ହୋଇ ପଡ଼ି ନାହାନ୍ତି; ବରଂ ଦ୍ୱିଗୁଣ ଉତ୍ସାହରେ ଆଦର୍ଶ ମୁଖୀ କାର୍ଯ୍ୟ କରି ଚାଲିଛନ୍ତି। ସେ ଏହି ଅସମାହିତ ସମସ୍ୟାର ସ୍ଥାୟୀ ସମାଧାନ ଚାହିଁଛନ୍ତି। ସେଥିପାଇଁ ପୂର୍ବ ଶତ୍ରୁତା ସତ୍ତ୍ୱେ ସେ ମହାପାତ୍ରଙ୍କ ଝିଅ ବିଭାଘର ନିମନ୍ତ୍ରଣ ରକ୍ଷା କରି ରଘୁନାଥ ପୁର ମହାପାତ୍ରଙ୍କ ଘରେ ପହଞ୍ଚିଛନ୍ତି। ବିଲାତ ଫେରନ୍ତା ବର ମି:ବର୍ମା ଗାଉଁଲୀ ଝିଅ ମହାପାତ୍ରଙ୍କ କନ୍ୟା ଶାରଦାକୁ ଶେଷ ମୁହୂର୍ତ୍ତରେ ବିବାହ କରିବାକୁ ନ ଆସି ଉପେକ୍ଷା କରିବାରୁ ଡ଼ାକ୍ତର ବନ୍ଧୁଙ୍କ ଅନୁରୋଧରେ ଉଦାରବାଦୀ ଗୋପ ଗୋଟିଏ ଆଭିଜାତ୍ୟ ପୂର୍ଣ୍ଣ ବଂଶର ମର୍ଯ୍ୟାଦା ରକ୍ଷା ଏବଂ ମହାପାତ୍ରଙ୍କ ଜୀବନରକ୍ଷା ପାଇଁ ଆଗେଇ ଆସିଛନ୍ତି। ପ୍ରତିଶୋଧ ନେବାର ଚରମ ସୁଯୋଗକୁ ଉପେକ୍ଷାକରି ସେ ଶାରଦାକୁ ବିବାହ କରିଛନ୍ତି। ଗୋପ ନିଜର ଉଦାରତାରେ ମହାପାତ୍ରଙ୍କର ଜୀବନ ରକ୍ଷା ପାଇଁ ବ୍ୟାକୁଳ ହୋଇ ପଡ଼ିଛନ୍ତି। ଏହି ବୁନିଆଦ ବଂଶର ମର୍ଯ୍ୟାଦା ରକ୍ଷା ପାଇଁ ସେ ଶାରଦାଙ୍କୁ ବିବାହ କରିଛନ୍ତି ଗୋଟିଏ ସର୍ତ୍ତରେ। ସର୍ତ୍ତଟି ହେଲା, ମହାପାତ୍ରଙ୍କ ଖାନଦାନୀର ଚିହ୍ନବର୍ଣ୍ଣ ଯେପରି ତାଙ୍କ ଏକମାତ୍ର ଅଲିଅଳ କନ୍ୟା ସହିତ ଚଣ୍ଡୀପୁରର ସୀମାସ୍ପର୍ଶ ନ କରେ। ଏକମାତ୍ର ଶାରଦାହିଁ ତାଙ୍କର ପ୍ରାପ୍ତି। ଧନିକର ଧନ ଓ ସର୍ପର ବିଷ ମଧ୍ୟରେ ସେ ତଫାତ୍ ଦେଖୁ ନାହାନ୍ତି। ଉଭୟଙ୍କ ଚୋଟ ମଣିଷକୁ ସମାନ ଭାବରେ ଘାରେ। କେଳା ସର୍ପକୁ ପୋଷି ଖେଳାଇବା ପୂର୍ବରୁ ସାବଧାନତା ସହିତ ତାହାର ବିଷ ଦାନ୍ତକୁ ନଷ୍ଟ କରିଦେଇଥାଏ। ସେହିପରି ଧନଶାଳୀ ମହାପାତ୍ରଙ୍କ ଅଲିଅଳ କନ୍ୟାକୁ ଘରେ ସ୍ଥାନ ଦେବାପୂର୍ବରୁ ଧନିକର ଗର୍ବ ଅହଙ୍କାରର ବିଷଦାନ୍ତ ସେ ଭାଙ୍ଗି ଦେବାକୁ ଚାହିଁଛନ୍ତି। ମାନବିକତାର ଆହ୍ୱାନରେ ଗୋପ ମିଥ୍ୟା ଅହମିକା, ଦ୍ୱେଷ ଓ ଫମ୍ପା ମର୍ଯ୍ୟାଦାକୁ ବଳିଦେଇ ଶାରଦାକୁ ବିବାହ କରିଛି। ଏହାର ସୁଯୋଗ ନେଇ ମଙ୍ଗୁ, ଅନାଦିଙ୍କଭଳି ଗ୍ରାମର ସ୍ୱାର୍ଥାନ୍ୱେଷୀ ଟାଉଟରମାନେ ଗୋପ ନାମରେ

Digitized by PPRACHIN, SOA

କୁଚକ୍ରାନ୍ତ ରଚନା କରି ନିଜ ସ୍ୱାର୍ଥସିଦ୍ଧିରେ ଲାଗି ପଡ଼ିଛନ୍ତି। ଅନ୍ୟ ପକ୍ଷରେ ନବବଧୂ ଶାରଦା ନିଜ ନମ୍ର ମଧୁର ଗୁଣରେ ପରିବାରର ସମସ୍ତଙ୍କୁ ଆପଣାର କରିବାରେ ସଫଳ ହୋଇଛି। ଗୋପ ଚୌଧୁରୀଙ୍କ ଘରେ ଶାନ୍ତି ବିରାଜମାନ କରିଛି। ପୁନଶ୍ଚ, ଗୋପ ଚୌଧୁରୀଙ୍କ ସାନଭାଇ ବିନୋଦର ବିବାହ କଟକ ସହରରେ ପ୍ରଫେସର ମହାନ୍ତିଙ୍କ ଆଧୁନିକ ଶିକ୍ଷିତା କନ୍ୟା ଅନିମା ସହିତ ସଂପନ୍ନ ହେବାପରେ ପାରିବାରିକ ଅଶାନ୍ତିର ସୂତ୍ରପାତ ହୋଇଛି। ବ୍ୟକ୍ତି ସ୍ୱାଧୀନତା, ତଥା ଆଧୁନିକତା ନାମରେ ଅନିମାର ସ୍ୱେଚ୍ଛାଚାରିତା ଏବଂ ଭୋଗ ସର୍ବସ୍ୱ ସ୍ୱାର୍ଥପରତା ପ୍ରାଚୀନ ପରଂପରା ପୁଷ୍ଟ ଚୌଧୁରୀ ପରିବାରରେ ଛନ୍ଦକୁଞ୍ଚା ସୃଷ୍ଟି କରିଛି। ଗୋପ ପରିବାରର ପ୍ରାଚୀନ ଭାରତୀୟ ଜୀବନାଦର୍ଶ ସହିତ ଅନିମାଙ୍କ ପାଶ୍ଚାତ୍ୟ ଭୋଗ ସର୍ବସ୍ୱ ଚିନ୍ତାଧାରାର ସଘର୍ଷରୁ ଏହାର ସୃଷ୍ଟି। ଆଜିର ଆଧୁନିକତା ପାଶ୍ଚାତ୍ୟ ସଭ୍ୟତାର ଏକ ନକଲି ଛାଞ୍ଚ, ଏହାକୁ ହିଁ ଜୀବନର ମହତ୍ ଆଦର୍ଶ ବୋଲି ଗ୍ରହଣ କରିଛନ୍ତି ଅନିମା, କିନ୍ତୁ ହିନ୍ଦୁନାରୀର ସେବା, ଯତ୍ନ ଓ ଆତ୍ମବଳୀରେ ଯେ ତାର ଘର ସଂସାର ସ୍ୱର୍ଗର ସୁଖ-ଶାନ୍ତି ପ୍ରଦାନ କରେ—ଏହି ବାର୍ତ୍ତା ଅନିମାଙ୍କ ପାଖରେ ପହଞ୍ଚି ପାରିନାହିଁ। ହିନ୍ଦୁନାରୀ ବଞ୍ଚେ ଅନ୍ୟକୁ ବଞ୍ଚାଇବା ପାଇଁ; ସେ ହସି ହସି ଦୁଃଖ ସହେ ଅନ୍ୟକୁ ସୁଖୀ କରିବା ପାଇଁ-ଏହି ଆଦର୍ଶର ଏକନିଷ୍ଠ ପୂଜାରିଣୀ ଶାରଦା। ଶାରଦାଙ୍କ ତ୍ୟାଗ ପୂତ ସାଧନା ନୂତନ ପଥର ସନ୍ଧାନ ଦିଏ ଏବଂ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହୁଏ। ଶାରଦାଙ୍କ ଯୋଗୁ ବିଲାତ ଫେରନ୍ତା ଉଚ୍ଚ ସରକାରୀ କର୍ମଚାରୀ ମି.ବର୍ମାଙ୍କ ଜୀବନଧାରା ମଧ ବଦଳିଯାଏ। ନାଟକର ପରିଣତିରେ ପ୍ରାଚ୍ୟ ସଂସ୍କୃତିର ବିଜୟ ଘଟେ। ନାଟକରେ ପ୍ରଦର୍ଶିତ କେତେକ ଚରିତ୍ରର ରୂପ ପରିବର୍ତ୍ତନ ନାଟ୍ୟକୀୟ ହେଲେ ମଧ ବିଶ୍ୱାସ ଯୋଗ୍ୟ ମନେହୁଏ। ସାମାଜିକ ନ୍ୟାୟ ଅନ୍ୱେଷଣରୁ ନାଟକର ଆରମ୍ଭ ଏବଂ ତାହାର ପ୍ରତିଷ୍ଠାରେ ନାଟକର ପରିସମାପ୍ତି। ସମସ୍ୟା ସାଧନାର ଇଙ୍ଗିତ କଳ୍ପନା ବିଳାସର ଫଳ ହୋଇ ନ ରହି ବାସ୍ତବତାର ନିକଟବର୍ତ୍ତୀ ହୋଇଛି।

ଆଦର୍ଶବାଦୀ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ମୂଲିଆ, ଭାଇ ଭାଉଜ, ସାଇ ପଡ଼ିଶା ଆଦି ନାଟକ ପରି ଘରସଂସାରରେ ମଧ ଏକ ସୁନ୍ଦର ତ୍ୟାଗ ପୂତ ପରିବାର ଏବଂ ପରସ୍ପର ପ୍ରତି ସହାନୁଭୂତିଶୀଳ ମୈତ୍ରୀ ବନ୍ଧନ ଯୁକ୍ତ ପଲ୍ଲୀ ସମାଜର ସ୍ୱପ୍ନ ଦେଖିଛନ୍ତି। ସେ ଘରସଂସାରରେ ପଲ୍ଲୀ ଓ ସହର ଜୀବନକୁ ରୂପାୟିତ କରିଥିଲେ ହେଁ ପଲ୍ଲୀ ଜୀବନ ଚିତ୍ରଣରେ ଅଧିକ ନିଷ୍ଠା ପ୍ରଦର୍ଶନ କରିଛନ୍ତି। ସହରୀ ଜୀବନରେ କୃତ୍ରିମତା ଓ କଳୁଷ କାଳିମା କ୍ରମେ ଗ୍ରାମ୍ୟ ଜୀବନକୁ ସଂପ୍ରସାରିତ ହୋଇ ଆସି ପ୍ରାଚୀନ ମୂଲ୍ୟବୋଧ ଭିତ୍ତିକ ଜୀବନଧାରାକୁ ଧ୍ୱଂସ କରୁଛି। ଫଳରେ ଗ୍ରାମ୍ୟ ତା ସରଳ ଜୀବନ ଓ ପାରିବାରିକ ଆଦର୍ଶ ବୋଧ କ୍ରମେ ଭୁଷୁଡ଼ି ପଡ଼ିବାରେ ଲାଗିଛି। ପଲ୍ଲୀ ପ୍ରାଣ ନାଟ୍ୟକାର ରାମଚନ୍ଦ୍ରଙ୍କ ମନରେ ଏହା ଗଭୀର ଆଘାତ ଦେଇଛି। ଏହାର ପ୍ରତିକ୍ରିୟାରୁ ତାଙ୍କ ନାଟକ ଗୁଡ଼ିକ ସୃଷ୍ଟି। ତେଣୁ ଗ୍ରାମ ଓ ସହର ଜୀବନର ସଂଘର୍ଷ ଉପସ୍ଥାପନ ମଧରେ ନାଟ୍ୟକାରଙ୍କର ପଲ୍ଲୀ ଜୀବନ ପ୍ରତି ଅଧିକ ମମତାବୋଧ

Digitized by PPRACHIN, SOA

ପ୍ରକାଶ ପାଇଛି। ଘର ସଂସାରର ମଙ୍ଗୁ, ଅନାଦି ପରି କେତେକ ଟାଉଟର ଶ୍ରେଣୀର ଲୋକଙ୍କ ଦ୍ୱାରା ପଲ୍ଲୀ ଜୀବନ କଳୁଷିତ ହୋଇ ପଡ଼ିଛି। ଭାରତର ବିଚାର ସଂସ୍ଥା ଏବଂ ପଞ୍ଚାୟତ ରାଜ ବ୍ୟବସ୍ଥାର ସୁଫଳ ଦରିଦ୍ର ଅଶିକ୍ଷିତ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ଦଲାଲ ଗୋଷ୍ଠୀଙ୍କ ପ୍ରତାରଣା ଓ ଶଠତା ଫଳରେ ଏହି ଜନସ୍ୱାର୍ଥ ରକ୍ଷାକାରୀ ଅନୁଷ୍ଠାନ ଅଜ୍ଞ ଜନତାର ସାମାଜିକ ଅର୍ଥ ନୈତିକ ଜୀବନ ବିପର୍ଯ୍ୟୟର କାରଣ ହେଉଛି। ଏପରି ଶୋଷଣ, ପ୍ରତାରଣା ଅଜ୍ଞତା ଏବଂ ଦାରିଦ୍ର୍ୟରୁ ସାଧାରଣ ଜନତାଙ୍କୁ ରକ୍ଷାକରିବା ପାଇଁ ଗୋପ ଚୌଧୁରୀଙ୍କ ପରି ଶିକ୍ଷିତ ଆଦର୍ଶବାଦୀ ଯୁବକମାନେ ଏବେ ଦୃଢ଼ ସଙ୍କଳ୍ପ ହୋଇ ଆଗେଇ ଆସିଛନ୍ତି। ଗାନ୍ଧୀ ଆଦର୍ଶବାଦୀ ଯୁବକ ଗୋପ ଚୌଧୁରୀ ଗାଁ ଭୂଇଁର ସେବାକୁ ଜୀବନର ବ୍ରତଭାବରେ ଗ୍ରହଣ କରିନେଇଛନ୍ତି। ନିଜ ଆଦର୍ଶରେ ଅଟଳ ରହି ପିତାଙ୍କର ଶେଷ ଇଚ୍ଛା ମାନବ କଲ୍ୟାଣ ଅଭିଳାଷକୁ ପୂର୍ଣ୍ଣ କରିବାପାଇଁ ସେ ଦୃଢ଼ ସଂକଳ୍ପ ହୋଇଛନ୍ତି। ଗ୍ରାମର ସ୍ୱାର୍ଥାନ୍ୱେଷୀ ପ୍ରତିକ୍ରିୟାଶୀଳ ଗୋଷ୍ଠୀର ତୀବ୍ର ବିରୋଧ ଏବଂ ପରିବାର ମଧ୍ୟରେ ବସ୍ତୁବାଦୀ ଭୋଗ ସର୍ବସ୍ୱା ଆଧୁନିକ ଉଚ୍ଚଶିକ୍ଷିତା ଭ୍ରାତୃବଧୂ ଅନିମାଙ୍କ ସ୍ୱେଚ୍ଛାଚାରିତାରେ ମ୍ରିୟମାଣ ହୋଇମଧ ଗୋପ ପ୍ରିୟଜନଙ୍କ ମମତା ତୁଟାଇ ଅନ୍ୟତ୍ର ଚାଲି ଯିବାକୁ ଚାହିଁ ନାହାନ୍ତି। ନିଜ ଘର ଓ ଘର ଚାରିପଟେ ଥିବା କ୍ଷୁଦ୍ର ସଂସାରର ମୂକ ବଧିର ଗରିବ ଜନତାଙ୍କ ସେବା ଏବଂ ସମୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ନିଜର ପରମ କର୍ତ୍ତବ୍ୟ ବୋଲି ସେ ବିଚାର କରିଛନ୍ତି। ପାରିବାରିକ ଜୀବନରେ ବ୍ୟତିବ୍ୟସ୍ତ ହୋଇ ସହରକୁ କର୍ମ କ୍ଷେତ୍ରଭାବରେ ଗ୍ରହଣ କରିବା ପାଇଁ ବାଧ ହେଉଥିବା ଉଚ୍ଚଶିକ୍ଷିତା ସାନଭାଇ ବିନୋଦକୁ ଉପଦେଶ ଦେଇ ଗୋପ କହନ୍ତି—'ତୋର ପ୍ରକୃତ କର୍ମକ୍ଷେତ୍ର ଏଇ ଘର' ଆଗେ ଏଇ ସଂସାରକୁ ସଜାଡ଼ିବାକୁ ଶିଖ। ତାହେଲେ ତୁମ ବାଟ ତୁମେ ଆପେ ଆପେ ଖୋଜି ପାଇବ। ଏଘରେ କଣ ନାହିଁ? ଦାନ, ଧର୍ମ, ଦୟା, ସେବା, ତ୍ୟାଗ, ପ୍ରେମ ଓ ଶାନ୍ତିର ଅଫୁରନ୍ତ ପ୍ରବାହ ଛୁଟି ଚାଲିଛି। ତାରି ଭିତରେ ନିଜକୁ ଭସାଇ ଦେଇ ପାରିଲେ ମଙ୍ଗଳମୟଙ୍କର ଆଶୀର୍ବାଦ ପାଇ ପାରିବ। ଅଜ୍ଞାନ ଅନ୍ଧକାର ମଧ୍ୟରେ ପଥହରାମାନଙ୍କ ସେବା ଧର୍ମକୁ ଗୋପ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି। 'ମାଟିର ମଣିଷ' ଉପନ୍ୟାସର ଆଦର୍ଶବାଦୀ ବରଜୁଙ୍କ ସହିତ ଗୋପ ଚୌଧୁରୀଙ୍କ ଅନେକ ସାମ୍ୟ ରହିଛି। ଉଭୟେ ଗାନ୍ଧୀ-ବିନୋଦଙ୍କ ଆଦର୍ଶ ପନ୍ଥୀ। ପାରିବାରିକ ବନ୍ଧନ ମଧ୍ୟରେ ରହି ଉଭୟ ଦାରିଦ୍ର୍ୟ, ଅଜ୍ଞତା ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମଶୀଳ ଏବଂ ବିରୁଦ୍ଧ ଶକ୍ତିର ଆଘାତକୁ ଅମ୍ଳାନ ବଦନରେ ସହ୍ୟ କରିଛନ୍ତି। ଏପରି ସଂଗ୍ରାମରେ ସେମାନେ ଭାଙ୍ଗି ପଡ଼ିନାହାନ୍ତି କି ପରାଜୟର ଗ୍ଲାନିରେ ଦଗ୍ଧ ହୋଇ ନାହାନ୍ତି। ପାରିବାରିକ ଓ ସାମାଜିକ ସ୍ତରରେ ସେମାନଙ୍କ ସଂଗ୍ରାମ ଶେଷ ପର୍ଯ୍ୟନ୍ତ ସଫଳ ହୋଇଛି। ଆଦର୍ଶବାଦୀ ବରଜୁ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ନିଃସ୍ୱଭାବରେ ଗୃହ ତ୍ୟାଗୀ ହୋଇଥିବାବେଳେ ଗୋପ ଚୌଧୁରୀ କୋଟି ନିରନ୍ନ କଙ୍କାଳର କରୁଣ କ୍ରନ୍ଦନ ଶୁଣି ନାଟକର ସମାପ୍ତି ବେଳକୁ ଗୃହତ୍ୟାଗୀ ହୋଇ ଦରିଦ୍ର ଜନତାର ସେବାରେ ନିଜକୁ ନିୟୋଜିତ କରିବାକୁ ସିଦ୍ଧାନ୍ତ ନେଇଛନ୍ତି। ଗାର୍ହସ୍ଥ୍ୟ ଜୀବନର ପରିସର ମଧ୍ୟରେ ଉଭୟ ଅଶାନ୍ତିର ହଳାହଳ ପାନ କରି ସମୂହ

Digitized by PPRACHIN, SOA

କଲ୍ୟାଣ ପାଇଁ ଶିବ ସାଜିଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ତାଙ୍କ କର୍ତ୍ତବ୍ୟ ନିଷ୍ଠା ବ୍ୟାପକ ପରିବେଶକୁ ସଂପ୍ରସାରିତ ହୋଇଛି। ବିରୁଦ୍ଧ ଶକ୍ତି ତାଙ୍କ ନିକଟରେ ନତ ମସ୍ତକ ହୋଇଛି। ବାସ୍ତବବାଦୀ ପରିବେଶରେ ଗୋପ ଚୌଧୁରୀଙ୍କ ଆଦର୍ଶବାଦୀ ଦୃଷ୍ଟି କୋଣ ମ୍ଳାନ ପଡ଼ିନାହିଁ; ବରଂ ଏପରି ସମ୍ଭାବ୍ୟ ପରିବର୍ତ୍ତନକୁ ଜନତା ବିଶ୍ୱାସର ସହିତ ଗ୍ରହଣ କରିଛନ୍ତି। ଗୋପ ଚୌଧୁରୀଙ୍କ ନିଃସ୍ୱାର୍ଥପର ସେବା ଓ ତ୍ୟାଗର ସମନ୍ୱୟ ପ୍ରଭାବିତ ହୋଇ ଶ୍ୱଶୁର ଜମିଦାର ମହାପାତ୍ର ତାଙ୍କ ସକଳ ସମ୍ପତ୍ତି ଜନ ମଙ୍ଗଳ କାର୍ଯ୍ୟ ପାଇଁ ଦାନ କରି ଦେଇଛନ୍ତି। ସ୍ୱାମୀ ଆଦର୍ଶର ଅନୁଗାମିନୀ ଶାରଦାଙ୍କ ଉଦାର ବ୍ୟକ୍ତିତ୍ୱ, ସ୍ନେହ ସହାନୁଭୂତିଶୀଳ— ସେବା ତ୍ୟାଗଭିତ୍ତିକ ଚରିତ୍ରର ପ୍ରଭାବରେ ଏବଂ ସଂସ୍କୃତି ସଚେତନ ଗୌରବ ବୋଧର ଆକର୍ଷଣରେ ବିଲାତ ଫେରନ୍ତା ଉଚ୍ଚ ସରକାରୀ କର୍ମଚାରୀ ମି:ବର୍ମା ଏବଂ ଆଧୁନିକ ସଭ୍ୟତାର ସ୍ତାବକତା କରୁଥିବା ଉଚ୍ଚଶିକ୍ଷିତା ଅନିମାଙ୍କ ଜୀବନଧାରାରେ ବିରାଟ ପରିବର୍ତ୍ତନ ଆସିଛି। ଭାରତୀୟ ପାରଂପରିକ ଜୀବନଧାରା ପ୍ରତି ସେମାନେ ସଚେତନ ହୋଇ ପଡ଼ିଛନ୍ତି। ଫଳରେ ସାମାଜିକ ସଂହତି ଏବଂ ସହିଷ୍ଣୁତାର ଉଜ୍ଜ୍ୱଳ ରୂପ ନାଟକରେ ପ୍ରତିଷ୍ଠା ପାଇଛି। ଭାରତୀୟ ଯୌଥପରିବାର ଆଦର୍ଶ ଏବଂ ପ୍ରାଚୀନ ମୂଲ୍ୟବୋଧ ଭିତ୍ତିକ ଜୀବନଧାରାର ବଳିଷ୍ଠ ପ୍ରକାଶ ମଧ୍ୟରେ ନାଟକର ସୌନ୍ଦର୍ଯ୍ୟ ନିହିତ। ନାଟକର ଘଟଣାଗତ ଦ୍ୱନ୍ଦ୍ୱ, ସଂଘର୍ଷ ଏବଂ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତି ପାଦନ ଆଦି ଏହି ଭାବାଦର୍ଶକୁ କେନ୍ଦ୍ରକରି ଗତିଶୀଳ।

'ଘରସଂସାର' ନାଟକରେ ନାଟ୍ୟକାର ମିଶ୍ରଙ୍କ ଦର୍ଶନ ରକ୍ଷଣଶୀଳ ନ ହେଲେ ମଧ୍ୟ ସନାତନ ଆର୍ଯ୍ୟ ଆଦର୍ଶ ହିଁ ପ୍ରତିଷ୍ଠା ପାଇଛି। ପ୍ରାଚ୍ୟ ଓ ପାଶ୍ଚାତ୍ୟର ଆଦର୍ଶ ସଂଘର୍ଷରୁ ପ୍ରାଚ୍ୟ ସଂସ୍କୃତିର ବିଜୟ ଘଟିଛି। ସଚେତନ ପ୍ରୟାସୀ ନାଟ୍ୟକାର ଏହି ପୁସ୍ତକର ''ପଦେ ଅଧେ'' ଲେଖିବା ଅବସରରେ ସ୍ୱୀକାରୋକ୍ତି ଦେଇ କହନ୍ତି—''ଗୋଟିଏ ଗୋଟିଏ କ୍ଷୁଦ୍ର ଗୃହ ଆମ ସମାଜ ତଥା ଦେଶର ଗୋଟିଏ ଗୋଟିଏ ଅଙ୍ଗ। ଜାତି ଓ ଦେଶର ଉନ୍ନତି ପ୍ରତ୍ୟେକ ଗୃହର ସର୍ବାଙ୍ଗିନ ଉନ୍ନତି ଉପରେ ନିର୍ଭର କରେ। ଜାତି କିମ୍ବା ଦେଶର ପ୍ରତ୍ୟେକ ଘର ଆଦର୍ଶ ପ୍ରତିଷ୍ଠା କରିବାର ଉପଯୁକ୍ତ କ୍ଷେତ୍ର। ସମାଜରେ ପରିବର୍ତ୍ତନ ଆଣିବାକୁ ହେଲେ ଆମର ଆଦର୍ଶକୁ ଆଖି ଆଗରେ ରଖି ଆମର ଘର ଆମର ଦୈନନ୍ଦିନ ଜୀବନର ପ୍ରତ୍ୟେକ କାର୍ଯ୍ୟ ପରୀକ୍ଷା କରି ଦେଖିବାକୁ ହେବ। ଆମ ଜାତିର ଭାଗ୍ୟ ବିପର୍ଯ୍ୟୟ ଘଟି ରାଜନୈତିକ ପରାଧୀନତା ସଙ୍ଗେ ସଙ୍ଗେ ସାମାଜିକ ଓ ମାନସିକ ପରାଧୀନତା ମଧ୍ୟ ସଂଘଟିତ ହୋଇଛି। ଏବେ ରାଜନୈତିକ ପଟ୍ଟପରିବର୍ତ୍ତନ ଘଟିଥିଲେ ହେଁ ବ୍ୟକ୍ତି ମାନସର ପରାଧୀନତା ଅତୁଟ ରହିଛି। ଏଥିପାଇଁ ବିପ୍ଳବ ଅପରିହାର୍ଯ୍ୟ। ନାଟ୍ୟକାରଙ୍କ ଭାଷାରେ—''ରାଜନୈତିକ ପରିବର୍ତ୍ତନ ଯେତେ ଦ୍ରୁତ, ମାନସିକ ଓ ସାମାଜିକ ପରିବର୍ତ୍ତନ ସେତେ କ୍ଷିପ୍ର ଗତିରେ ସମ୍ଭବ ନୁହେଁ। କିନ୍ତୁ ପରିବର୍ତ୍ତନ ସୁନିଶ୍ଚିତ ଏବଂ ସେଥିନିମିତ୍ତ ବିପ୍ଳବ ଅବଶ୍ୟମ୍ଭାବୀ। ସେଥିପାଇଁ 'ଘରସଂସାର' ନାଟକରେ ନାଟ୍ୟକାର ବିପ୍ଳବୀ ସାଜିଛନ୍ତି ବୋଲି ଅନାୟାସରେ କୁହାଯାଇ ପାରେ। ତେଣୁ ଘରସଂସାରର ସାଂପ୍ରତିକ ସମସ୍ୟାକୁ

Digitized by PPRACHIN, SOA

ନାଟ୍ୟକାର ଅନ୍ତର୍ମୁଖୀ କରି ବିଚାର କରିଛନ୍ତି। ଆର୍ଯ୍ୟ ପରଂପରାର ଆଦର୍ଶ ଭିତ୍ତିରେ ବିପ୍ଳବର ପନ୍ଥା ନିରୂପିତ। ଏହା ଯେପରି ପ୍ରଭାବଶାଳୀ, ସମାଧାନର ଇଙ୍ଗିତ ସେହିପରି ସ୍ପଷ୍ଟ ଓ ବିଶ୍ୱାସନୀୟ।

''ଘରସଂସାର' ନାଟକରେ କାହାଣୀ ଉପସ୍ଥାପନର କ୍ରମିକ ପଦ୍ଧତି ଅବଲମ୍ବନ କରାଯାଇ ନାହିଁ। କଥା ବସ୍ତୁର ଅଗ୍ରଗତି କେତେକ ଚରିତ୍ରଙ୍କ ସଂକ୍ଷିପ୍ତ ସଂଳାପ ଭିତରେ ପ୍ରାସଙ୍ଗିକ ଭାବରେ ସୂଚିତ। ମାତ୍ର ତିନୋଟି ଅଙ୍କ ଏବଂ ପ୍ରତ୍ୟେକ ଅଙ୍କରେ ଏକାଧିକ କ୍ଷୁଦ୍ର ଦୃଶ୍ୟ ମଧ୍ୟରେ ନାଟ୍ୟକାର ଚାରିତ୍ରିକ ସୌନ୍ଦର୍ଯ୍ୟ ସୃଷ୍ଟି ଏବଂ ନିଜ ଅଭିପ୍ରାୟର ବଳିଷ୍ଠ ଉପସ୍ଥାପନା ନିମିତ୍ତ ବିରୁଦ୍ଧ ଶକ୍ତିର ସଂଘର୍ଷ ପ୍ରଦର୍ଶନ କରିଅଛନ୍ତି। ପ୍ରଥମ ଅଙ୍କରେ ଗୋପ ଚୌଧୁରୀଙ୍କ ଆଦର୍ଶବାଦୀ ବ୍ୟକ୍ତିତ୍ୱ ପ୍ରତିଷ୍ଠା ସହିତ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ସଂଘର୍ଷର ପ୍ରାରମ୍ଭିକ ପ୍ରଯତ୍ନ ରହିଛି। ଦ୍ୱିତୀୟ ଅଙ୍କରେ ଏହା ବିକଶିତ ହୋଇଥିଲେ ହେଁ ଚୌଧୁରୀ ପରିବାରରେ ସୁଖଶାନ୍ତି ଆନୟନରେ ଶାରଦାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁନଶ୍ଚ, ଉଚ୍ଚ ଶିକ୍ଷିତା ନବବଧୂ ଅନିମାଙ୍କର ଏହି ଗୃହରେ ପ୍ରବେଶ କରିବା ଫଳରେ ପୁରାତନ ଓ ଆଧୁନିକତା ମଧ୍ୟରେ ସଂଘର୍ଷର ସୂତ୍ରପାତ ଘଟିଛି। ପରିବାର ଓ ସମାଜ ମଧ୍ୟରେ ଯଥାକ୍ରମେ ଆଦର୍ଶ ଏବଂ ସ୍ୱାର୍ଥଭିତ୍ତିକ ସଂଘର୍ଷର ତୀବ୍ରତା ଉପଲବ୍ଧି ହୁଏ। ତୃତୀୟ ଅଙ୍କ ଷଷ୍ଠ ଦୃଶ୍ୟରେ ଉଭୟ ସଂଘର୍ଷଶୀର୍ଷ ବିନ୍ଦୁରେ ପହଞ୍ଚି ସମ୍ଭାବ୍ୟ ପରିଣତି ଆଡ଼କୁ ଗତି କରିଛି। ଏହି ଅଙ୍କର ଦଶମ ଦୃଶ୍ୟରେ ସମସ୍ୟାର ଆଦର୍ଶ ଭିତ୍ତିକ ପରିଣତି ଘଟିଛି। ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ଶାରଦାଙ୍କ ଉଦାର ସହନଶୀଳ ବ୍ୟକ୍ତିତ୍ୱ ଦ୍ୱିତୀୟ ଓ ତୃତୀୟ ଅଙ୍କରେ ଅଧିକ ମହତ୍ତ୍ୱ ପୂର୍ଣ୍ଣ। ଗୋପ ନିମିତ୍ତ ମାତ୍ର। ତାଙ୍କ ଆଦର୍ଶର କ୍ରିୟାଶୀଳରୂପ କ୍ରମଶଃ ନାଟକଟିରେ କ୍ଷୀଣ ହୋଇ ଯାଇଥିବାପରି ମନେହୁଏ। ଏହାର ପ୍ରଶସ୍ତିଗାନ କେବଳ ସଂଳାପରେ ହିଁ ରହିଛି। ନାରୀ ଚରିତ୍ର ଚିତ୍ରଣରେ ନାଟ୍ୟକାର ଅଧିକ ସିଦ୍ଧହସ୍ତ ଥିବା ହେତୁ ଶାରଦା ଚରିତ୍ରର ମହନୀୟତାରା ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରେ। ଅନିମା ଚରତ୍ର ଦର୍ଶକଙ୍କୁ ନାଟକର ଶେଷ ପର୍ଯ୍ୟନ୍ତ ସତେଜ ରଖେ ଏବଂ ନିଜ ଗୁଣରେ ମୁଗ୍ଧ କରେ। ଚରତ୍ର ମାନଙ୍କ ମାନସିକ ଦ୍ୱନ୍ଦର ତୀବ୍ରତା ଏଥିରେ ପଲବ୍ଧ ହୁଏନାହିଁ। ବାହ୍ୟତଃ ତାହା ସ୍ପଷ୍ଟ ନୁହେଁ। ତେଣୁ ସେମାନଙ୍କ ମାନସିକ ପରିବର୍ତ୍ତନର ପଟଭୂମି ଅସ୍ୱାଭାବିକ ବୋଧହୁଏ। ବିପରୀତ ଧର୍ମୀ ଚରିତ୍ର ଓ ଆଦର୍ଶର ଚିତ୍ରଣ କରି ନାଟକକୁ ଗତିଶୀଳ କରାଇ ନିଜ ଆଭିମୁଖ୍ୟକୁ ସଫଳ ଭାବରେ ଉପସ୍ଥାପନ କରିବାରେ ନାଟ୍ୟକାରଙ୍କ କୃତିତ୍ୱ ଉଲ୍ଲେଖ ଯୋଗ୍ୟ। ନାଟ୍ୟକାରଙ୍କ ଉଦ୍ଦେଶ୍ୟ ରୂପାୟନରେ ଘର ପାଇଁ ଶାରଦା ଓ ବାହାର ପାଇଁ ଗୋପ ଚରିତ୍ରର ପରିକଳ୍ପନା। ଏହାର ସଫଳତା ପାଇଁ ବିରୋଧି ଗୋଷ୍ଠୀର ମଙ୍ଗୁ, ଅନାଦି, ମି:ବର୍ମା ଓ ଅନିମାଙ୍କ ଅବଦାନ କମ୍ ନୁହେଁ। ତେବେ ସର୍ବାଧିକ ପ୍ରତିକ୍ରିୟାଶୀଳ ଚରିତ୍ର ଅନିମାଙ୍କ କରୁଣ ମଧୁର ରୂପଟି ବେଶ୍ ଉପଭୋଗ୍ୟ। ନାଟ୍ୟକାର ନିଜ ଚରିତ୍ରମାନଙ୍କ ପ୍ରତି ସମ୍ବେଦନଶୀଳ। ସମାଲୋଚକ ମି:ବର୍ମା, ଅନିମା, ମଙ୍ଗୁ, ଅନାଦି କୌଣସି ଚରିତ୍ର ପ୍ରତି ନାଟ୍ୟକାରଙ୍କର ଘୃଣା ନାହିଁ। ମଙ୍ଗୁ, ଅନାଦି

Digitized by PPRACHIN, SOA

ସାମାଜିକ ଜୀବନର କଳଙ୍କ। ଦଣ୍ଡ ପାଇବାର ଯୋଗ୍ୟ। ମାତ୍ର ଶାସ୍ତି ବିଧାନ ସାମାଜିକ କଳଙ୍କର ଅପନୋଦରେ ସହାୟକ ହୁଏ ନାହିଁ, ବରଂ ପରିସ୍ଥିତିକୁ ଅଧିକ ଜଟିଳ କରେ। ତେଣୁ କ୍ଷମାଦ୍ୱାରା ହିଁ ଏସବୁର ସମାଧାନ କରାଯାଇପାରେ। ଏହା ହିଁ ନାଟ୍ୟକାରଙ୍କର ନାଟକୀୟ ଆଦର୍ଶ।

ବାହ୍ୟ ଦ୍ୱନ୍ଦ୍ୱ ମଧ୍ୟଦେଇ ନାଟ୍ୟକାର ମିଶ୍ର ନାଟକରେ ଘଟଣା ଓ ଚରିତ୍ରକୁ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ମଙ୍ଗୁ ଓ ଗୁଣ୍ଡୁଚିଙ୍କ ପରିବେଷିତ ହାସ୍ୟରସ ବୌଦ୍ଧିକ ନୁହେଁ, ପ୍ରଭାବଶାଳୀ ମଧ୍ୟ ନୁହେଁ। ସଙ୍ଗୀତ, ନୃତ୍ୟ, ହାସ୍ୟରସ, ସାମାଜିକ ପରିବେଶର ଚିତ୍ରଣ ଆଦି, 'ଘରସଂସାର' ନାଟକକୁ ବ୍ୟାବସାୟିକ ସଫଳତା ଆଣିଦେଇଛି। ନାଟ୍ୟକାର ସ୍ଥାନ ଓ କାଳ ପରିବେଶରୁ ପାତ୍ରମୁଖୀ ସଂଳାପର ପ୍ରୟୋଗ କରିଛନ୍ତି। ସଂଳାପରୁ ଆବେଗ ପ୍ରବଣତାକୁ ବାଦ୍ ଦେଇ ସେ ସ୍ୱାଭାବିକ କଥୋପକଥନ ରୀତିକୁ ଗ୍ରହଣ କରିଛନ୍ତି। ଅନୁଭୂତିଜ ସଂଳାପ ହିଁ ତାଙ୍କ ନାଟକର ଗୌରବ। ଗ୍ରାମୀଣ ଜନତାଙ୍କ ସରଳ ନିରାଡ଼ମ୍ବର ଭାଷା ସଭ୍ୟ ଶିକ୍ଷିତ ସହରୀ ଜୀବନରେ ଉଚ୍ଚଶ୍ରେଣୀର ଦର୍ଶନ ସୁଲଭ ଭାଷା ଏବଂ ସ୍ଥଳ ବିଶେଷରେ ବ୍ୟଞ୍ଜନାଧର୍ମୀ ଭାଷାର ପ୍ରୟୋଗ ଏହି ନାଟକରେ ରହିଛି। ତାଙ୍କ ନାଟକର ପ୍ରଭାବଶାଳୀ ଗଦ୍ୟ ଭାଷାରେ ଚମତ୍କାରିତା ଅଛି; କିନ୍ତୁ କୃତ୍ରିମତା ନାହିଁ। ତେଣୁ ତାହା ଉପଭୋଗ୍ୟ। 'ଘରସଂସାର' ନାଟକର ମଂଚସଜ୍ଜା ସରଳ ଓ ନିରାଡ଼ମ୍ବର; ଉପସ୍ଥାପନା ବ୍ୟୟ ବହୁଳ ନୁହେଁ। ସଂଯୋଜନା ଗତ ତ୍ରୁଟି ବିଚ୍ୟୁତି ନ ଥିବାହେତୁ ଏହି ତିନିଅଙ୍କର ନାଟକଟି ତିନି/ଚାରି ଘଣ୍ଟା ମଧ୍ୟରେ ଅଭିନୀତ ହୋଇପାରେ। ପଲ୍ଲୀ ଓ ସହର ସର୍ବତ୍ର ଏହା ସବୁ ଶ୍ରେଣୀର ସାମାଜିକଙ୍କୁ ଆନନ୍ଦ ଦେଇପାରେ।

ପରିଶେଷରେ ଏତିକି କୁହାଯାଇପାରେ ଯେ ସମକାଳୀନ ପରିବେଶରେ 'ଘରସଂସାର' ସମସ୍ୟାର ସମାଧାନ ନାଟ୍ୟକାର ପ୍ରାଚ୍ୟ ପରଂପରା ଓ ଗାନ୍ଧୀ ଆଦର୍ଶ ଭିତ୍ତିରେ କରାଇ ଦର୍ଶକର ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଛି। ବିଶୃଙ୍ଖଳିତ ପରିସ୍ଥିତିର ସାମ୍ଭାବ୍ୟ ପରିବର୍ତ୍ତନର ସ୍ୱର ଓ ଆଶ୍ୱାସନାର ବାଣୀ ନାଟ୍ୟକାରଙ୍କ ଆନ୍ତରିକତାରେ ପୁଷ୍ଟ ହୋଇ ଦର୍ଶକର ବିଶ୍ୱାସ ଯୋଗ୍ୟ ହୋଇ ପାରିଛି। ମନକୁ ଛୁଇଁଲା ପରି ବୃତ୍ତ ପରିକଳ୍ପନା ଆଦର୍ଶ ଚରିତ୍ର ରୂପାୟନ, ପଲ୍ଲୀଜୀବନର ବାସ୍ତବ ଚିତ୍ରଣ, ଅନୁଭୂତିଜ କ୍ଷୁଦ୍ର ସଂଳାପ, ସ୍ୱାଭାବିକ ଦ୍ୱନ୍ଦ୍ୱ ସଂଘର୍ଷ, ସହଜ ସରଳ ମଞ୍ଚ ଉପସ୍ଥାପନା ଯୋଗୁଁ ''ଘରସଂସାର'' ନାଟକ ବ୍ୟାବସାୟିକ ମଞ୍ଚସଫଳତା ହାସଲ କରିଛି। ୧୯୫୦ ମସିହା ନଭେମ୍ବର ମାସରେ ଏହି ନୂତନ ସ୍ୱାଦର ନାଟକଟି କଟକର ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ଦ୍ୱାରା ପ୍ରଥମେ ଅଭିନୀତ ହୋଇ ଦର୍ଶକମାନଙ୍କର ପ୍ରଶଂସା ଭାଜନ ହୋଇପାରିଛି।

—o—

Digitized by PPRACHIN, SOA

ମୂଳିଆ : ଏକ ମୂଲ୍ୟାୟନ

ଡଃ ପ୍ରଭାତୀ ରଥ

ନାଟକ ଏକ ରମ୍ୟକଳା। କାବ୍ୟେଷୁ ନାଟକ ରମ୍ୟଂ ବଚନିକାରେ ନାଟକର କାବ୍ୟଧର୍ମ ସ୍ୱୀକୃତ। ଏହା ଦୃଶ୍ୟ କାବ୍ୟର ପରିସରଭୁକ୍ତ। ମଣିଷର ଜୀବନଚର୍ଯ୍ୟା ହିଁ ନାଟକର ମୁଖ୍ୟ ଉପାଦାନ। ମଣିଷର ସୁଖଦୁଃଖଭିତ୍ତିକ ସମସ୍ୟା ନାଟକର ମୁଖ୍ୟଧେୟ। ଶିକ୍ଷିତ ଅଶିକ୍ଷିତ ଉଭୟ ଗୋଷ୍ଠୀ ନାଟକର ଉପଭୋକ୍ତା ଓ ଦର୍ଶକ। କେହି କେହି ନାଟକକୁ ରାଜନୀତିର ଦର୍ପଣ ଏବଂ ସତ୍ୟର ପ୍ରତିଫଳନ ଭାବରେ ଗ୍ରହଣ କରିଥାନ୍ତି। ତେବେ ନାଟକ ମୁଖ୍ୟତଃ ଯୁଗାଶ୍ରୟୀ। ଏହା ସମକାଳୀନ ଜୀବନର ପ୍ରାଣସ୍ପନ୍ଦନ ଓ ବାର୍ତ୍ତାବହ। ଏ ପରିପ୍ରେକ୍ଷୀରେ ରାମଚନ୍ଦ୍ର ମିଶ୍ରଙ୍କର 'ମୂଳିଆ' ନାଟକର ମୂଲ୍ୟାୟନ ଅହେତୁକ ନୁହେଁ।

ଓଡ଼ିଆ ନାଟ୍ୟଜଗତରେ ଶ୍ରୀ ରାମଚନ୍ଦ୍ର ମିଶ୍ର ଜଣେ ମାନ୍ୟତାପ୍ରାପ୍ତ ଯଶସ୍ୱୀ ସ୍ରଷ୍ଟା। ତାଙ୍କ ରଚିତ ମ୍ୟାନେଜର, ଅଭିମାନ, ଘର ସଂସାର, ଭାଇ ଭାଉଜ ଓ ସାଇପଡ଼ିଶା ପ୍ରଭୃତି ଓଡ଼ିଆ ନାଟ୍ୟରାଜ୍ୟର ମୋତିମାଣିକ୍ୟ। ନାଟ୍ୟକାର ମିଶ୍ର ମୁଖ୍ୟତଃ ପରମ୍ପରାନିଷ୍ଠ ଶିଳ୍ପୀ। ସେ କେବଳ ଜନଜୀବନରେ ସୁଖଦୁଃଖକୁ ନେଇ ନାଟକ ଲେଖି ବସନ୍ତି ନାହିଁ। ତାଙ୍କ ନାଟକରେ ବୃହତ୍ତର ଜନଗୋଷ୍ଠୀ ପ୍ରତି ଥାଏ ଏକ ସ୍ୱତନ୍ତ୍ର ବାର୍ତ୍ତା। ସାମାଜିକ ଆଦର୍ଶ ପ୍ରତିଷ୍ଠା ନିମନ୍ତେ ଏକ ଦୃଢ଼ ଆହ୍ୱାନ।

ଆଲୋଚ୍ୟ 'ମୂଳିଆ' ଏକ ସଫଳ ସାମାଜିକ ନାଟକ। ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ଦ୍ୱାରା ଏହା ବହୁବାର ଅଭିନୀତ ହୋଇ ଅଗଣିତ ଜନମାନସକୁ ଆକୃଷ୍ଟ କରିଆସିଛି। ପାଞ୍ଚଅଙ୍କ ବିଶିଷ୍ଟ ଏହି ନାଟକରେ କେତେକ ଦୃଶ୍ୟର ସଂଯୋଜନା ରହିଛି। ଉକ୍ତ ନାଟକରେ ନାଟ୍ୟକାରଙ୍କ ନାମ ସହ ବିଶିଷ୍ଟ ଅଭିନେତା ସାମୁଏଲ ସାହୁଙ୍କ ନାମ ମଧ ସଂଯୋଜିତ। ସାମୁଏଲ ସାହୁ (ବାବି)ଙ୍କ ସଂପର୍କରେ ନାଟ୍ୟକାର କୁହନ୍ତି- 'ନିର୍ଦ୍ଦେଶକ ହିସାବରେ ସାମୁଏଲ ସାହୁ ମୂଳିଆ ନାଟକରେ ସାମାନ୍ୟତମ ପରିବର୍ତ୍ତନ ଆଣିଥିଲେ। ନାଟକର ପଞ୍ଚମ ଅଙ୍କରେ ଥିବା ତୃତୀୟ ଦୃଶ୍ୟର ସଂଳାପ ସଂଯୋଜନାରେ ସେ ମୋତେ ସାହାଯ୍ୟ କରିଛନ୍ତି। ମାତ୍ର ଏକକ ନାଟ୍ୟକାର ହିସାବରେ ନାଟ୍ୟ ରଚନା କରିବାର ପାରଦର୍ଶିତା ତାଙ୍କଠାରେ ନ ଥିଲା। ଫଳରେ ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ରଚିତ କୌଣସି ନାଟକ ଆମ ଦୃଷ୍ଟିକୁ ଆସେ ନାହିଁ। ନାଟ୍ୟକାରଙ୍କ ଏ ବ୍ୟକ୍ତବ୍ୟଟି ବେଶ୍ ଯୁକ୍ତିଯୁକ୍ତ ମନେହୁଏ। ତେବେ ରାମଚନ୍ଦ୍ର ମିଶ୍ର ସାମୁଏଲ ସାହୁଙ୍କୁ ସହଯୋଗୀ ଭାବେ ଗ୍ରହଣ କରିବାରେ ନିଜର ମହାନୁଭବତାର ସୂଚନା ଦେଇଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଏକ ଅବକ୍ଷୟିଷ୍ଣୁ ସମାଜର ସାମାଜିକ ରୂପରେଖ ହିଁ ଏହି ନାଟକର ପୃଷ୍ଠଭୂମି। ସମାଜରେ ଶ୍ରେଣୀଗତ ବିଚ୍ଛେଦ, ସାମାଜିକ ସମସ୍ୟା, ଅର୍ଥନୈତିକ ସଂକଟ, ରାଜନୈତିକ ଅରାଜକତା, ସାଂସ୍କୃତିକ ଅବ୍ୟବସ୍ଥା ପ୍ରଭୃତି ଜାତୀୟ

Digitized by PPRACHIN, SOA

ପ୍ରଗତିର ଏକାନ୍ତ ଅନ୍ତରାୟ। ସାମାଜିକ ନାଟକ କେବଳ ମାନବ ଜୀବନର ଜଟିଳତାକୁ ପ୍ରକାଶ କରେ ନାହିଁ ପରନ୍ତୁ ତହିଁରେ ଏକ ସୁସ୍ଥ ସମାଜ ଗଠନର ଇଙ୍ଗିତ ଥାଏ। କ୍ରାନ୍ତଦ୍ରଷ୍ଟାଭାବେ ନାଟ୍ୟକାର ବର୍ତ୍ତମାନ ଉପରେ ଠିଆ ହୋଇ ଅତୀତକୁ ବିଶ୍ଳେଷଣ କରେ ଓ ଭବିଷ୍ୟତର ବାର୍ତ୍ତା ଦିଏ। ବର୍ତ୍ତମାନ ସହିତ ଅତୀତ ଓ ଭବିଷ୍ୟତକୁ ଗୋଟିଏ ସୂତ୍ରରେ ଗୁନ୍ଥି ନ ପାରିଲେ ନାଟ୍ୟକାର ନିଖୁଣ ସମାଜଚିତ୍ର ଦେବାକୁ କ୍ଷମ ହୁଏ ନାହିଁ।[୧] ଏ ଦୃଷ୍ଟିରୁ ରାମଚନ୍ଦ୍ରଙ୍କ ନାଟକର ପରିକଳ୍ପନା ଯଥାର୍ଥ୍ୟ ମନେ ହୁଏ— ଏ ନାଟକର ପ୍ରାରମ୍ଭରେ ନାଟ୍ୟକାର ଆମ କଥା ଶୀର୍ଷକରେ ଲେଖିଛନ୍ତି—"ମୂଲିଆ ଖଟି ଖଟି ମାଟିରେ ମାଟି ହୁଏ। କିନ୍ତୁ ତାର ମୁନାଫା ଉଠାଏ ଧନିକ। ଜଳ ଜଳ କରି ମୂଲିଆ ତାହା ଚାହିଁ ରହେ। କେବେ ତାର ସୁବିଚାର ହେବ ବୋଲି, ମାତ୍ର ଫଳ ଓଲଟା ହୁଏ। ବିଚାର ପରିବର୍ତ୍ତେ ହୁଏ ଅତ୍ୟାଚାର। ସେ ମୁହଁ ଖୋଲେ। ତେଣୁ ସଂଘର୍ଷ। ମୂଲିଆଙ୍କ ଜୟରେ ପ୍ରତିଷ୍ଠିତ ହୁଏ ଏହି କୁଲି ମୂଲିଆଙ୍କ ଯୁଗ। ଓଡ଼ିଆ ନାଟକ ଜଗତରେ ମଧ ଦିନେ ଜଳିଥିଲା ଏହି ସଂଘର୍ଷର ଅଗ୍ନି...ପରିଣତି ହେଲା ଯୁଗୋପଚିତ। ହେଲା ମୂଲିଆର ଜୟ। ସେ ଏ ଯୁଗରେ ପେଟ କାଟି ମାଲିକ ମୁହଁରେ ପଲାଉ ଓ ମାଂସ ଦେବାକୁ ନାରାଜ। ଏହି ବିଷୟକୁ ସାଫଲ୍ୟ ମଣ୍ଡିତ କରିବାକୁ ଚାଲିଥିଲା କଲମ।[୨]" ଉକ୍ତ ସ୍ୱୀକାରୋକ୍ତିରୁ ରାମଚନ୍ଦ୍ରଙ୍କର ନାଟକୀୟ ଆଭିମୁଖ୍ୟ ସୁସ୍ପଷ୍ଟ। ଯେଉଁଠାରେ କି ମଣିଷ ଜୀବନର ସ୍ୱପ୍ନ ବିଳାସୀ ଚିନ୍ତାବେଦନାର ପରିପ୍ରକାଶ ବା ଅଲୌକିକ ଉଦ୍ଭଟ ପରିକଳ୍ପନାର ବର୍ଣ୍ଣନା ନାହିଁ ବରଂ ରହିଛି ତାର ଅନ୍ତର୍ନିହିତ ସ୍ୱରୂପ ଉଦ୍‌ଘାଟନହିଁ ନାଟକର ମୂଳତତ୍ତ୍ୱ। ମଣିଷ ହିଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପ୍ରାଣବିନ୍ଦୁ। ସେହି ସମାଜ ଜୀବନର ଭିତ୍ତି ଓ ସର୍ବଶେଷ ପରିଚୟ। ମଣିଷ ସାମାଜିକ ଅନୁଷ୍ଠାନରେ ମୁଖ୍ୟ ବିଷୟ ହୋଇଥିବାରୁ ସାମାଜିକ ଜୀବନଯାତ୍ରା ସବୁକିଛି ତା ଦ୍ୱାରାହିଁ ନିୟନ୍ତ୍ରିତ ହୋଇଥାଏ। ମଣିଷର ସକଳ ପ୍ରକାର ପ୍ରଗତିକୁ ନେଇ ସାମାଜିକ କଲ୍ୟାଣ ସାଧିତ ହୁଏ।[୩]

ଗୋଟିଏ ଗରିବ କୃଷକର ପାରିବାରିକ ଜୀବନକୁ ନେଇ ମୂଲିଆ ନାଟକ ରଚିତ। ନନ୍ଦ ଓ ରାଜୁ ଦୁଇ ଭାଇ। ବଡ଼ ଭାଇ ନନ୍ଦ ସାନଭାଇ ରାଜୁକୁ ପାଠ ପଢ଼ାଇ ମଣିଷ କରିବା ନିମନ୍ତେ ସଂକଳ୍ପବଦ୍ଧ। ପାଶ୍ଚାତ୍ୟ ଶିକ୍ଷା ଲାଭ ପାଇଁ ରାଜୁ ସହରରେ ପାଠ ପଢ଼େ। ସେଥିପାଇଁ ନନ୍ଦ ଜମିବାଡ଼ି, ହଳବଳଦ ସବୁ କିଛି ବିକ୍ରୀ କରିଦିଏ। ଭାଇ, ଉଚ୍ଚଶିକ୍ଷିତ ହେବ ସମାଜରେ ପ୍ରତିଷ୍ଠିତ ହେବ ଏବଂ ସେ ହେବ ଏ କାଳର ଅଗ୍ରଗାମୀ ମଣିଷ— ଏହାଥିଲା ଗ୍ରାମ୍ୟ ମଣିଷ ନନ୍ଦର ଅଭିଳାଷ। ଏଥିରେ କେବଳ ଭାଇ ନୁହେଁ ସ୍ନେହଶୀଳ ଭାଉଜ ମଧ ସହଯୋଗ କରେ। ସେ ହୁଏ ମାତୃକଳ୍ପା ପରିବାରରେ ରାଜୁ ପାଇଁ ପରମ କଲ୍ୟାଣମୟୀ। ରାଜୁ ପ୍ରତି ତାଙ୍କର ଅସୀମ ସ୍ନେହମମତା। ସମୟ ଗଡ଼ିଚାଲେ। ରାଜୁ ସହର ସଭ୍ୟତା ସହ ନିଜକୁ ହଜେଇ ଦିଏ। ମନରେ ତାର ରଙ୍ଗ ଲାଗେ। ସେ ଅନେକ ସ୍ୱପ୍ନ ଦେଖେ। ସହରୀ ପରିବେଶ ପ୍ରତି ତାର ମୋହମୁଗ୍ଧ ମନଟି ଲାଖିଯାଏ। ଯୁବସୁଲଭ ଉଦ୍ଦାମତ

Digitized by PPRACHIN, SOA

ନେଇ ବହୁ ରଙ୍ଗୀନ ସ୍ୱପ୍ନ ଦେଖେ। କଳ୍ପନା କରି ଚାଲେ। ଧୀରେ ଧୀରେ ତାର ଜନ୍ମଭୂମି ପଲ୍ଲୀଠାରୁ ସେ ଦୂରେଇ ଯାଏ। ଭାଇ ଭାଉଜ ଆଉ ଯେତେ ସ୍ନେହ ସୋହାଗକୁ ସେ ଭୁଲି ଯାଏ। ବାଲ୍ୟ ସଙ୍ଗୀନ ପ୍ରେମିକା ସର ପ୍ରତି ସେ ବିମୁଖ ହୋଇ ଉଠେ। ସହର ବାସିନୀ ଓକିଲ କୁଞ୍ଜବିହାରୀ ବାବୁଙ୍କ କନ୍ୟା କଳ୍ପନା ତା'ର ମନକୁ ଆଚ୍ଛନ୍ନ କରିଦିଏ। କଳ୍ପନାକୁ ନେଇ କଳ୍ପଲୋକର ସ୍ୱପ୍ନଦେଖେ। କ୍ରମେ ଗାଁର ଟାଉଟର ଧଡ଼ି ମହାପାତ୍ରର ପ୍ରରୋଚନାରେ ରାଜୁ ପ୍ରଭାବିତ ହୋଇ ଗାଁକୁ ଆସେ ଭାଇ ଭାଗ ପାଇଁ। ବଡ଼ ଭାଇ ନନ୍ଦ ପ୍ରତିବାଦ କରେ ନାହିଁ। କିନ୍ତୁ ଧଡ଼ି ମହାପାତ୍ରର ସ୍ୱାର୍ଥ ପରାୟଣତା ଧରାପଡ଼େ। ଫଳରେ ରାଜୁର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଏ। ଅପର ପକ୍ଷରେ କଳ୍ପନାର ପୁରୁଷ ବନ୍ଧୁ କୁମାର ରାଜୁକୁ ସବୁ କଥା ସୂଚେଇ ଦିଏ। ନାନା ଉପଦେଶ ଦେଇ ବସେ। କଳ୍ପନା ଓ ରାଜୁ ମଧ୍ୟରେ ଭାବଗତ ବ୍ୟବଧାନ ଦେଖାଦିଏ। ରାଜୁର ସ୍ୱପ୍ନସୌଧ ଭାଙ୍ଗିପଡ଼େ। ସେ ଅନୁତାପ ଦଗ୍ଧ ହୋଇ ଗାଁକୁ ଫେରିଆସେ। ପରିଶେଷରେ ସେଇ ବାଗ୍‌ଦତ୍ତା ପଲ୍ଲୀ ସିମନ୍ତିନୀ ସର ସହ ରାଜୁର ମିଳନ ହୁଏ। ତା'ର ପରିଣତି ଘଟେ ବିବାହରେ। ବସ୍ତୁତଃ ଏ ନାଟକର ପରିଣତି ମିଳନାନ୍ତକ।

"ମୂଲିଆ" ନାଟକଟି ଗୋଟିଏ ପରିବାରକୁ ନେଇ ଗଢିଉଠିଛି। "ଘରସଂସାର" ପରି ଏଠି ମଧ୍ୟ ନାଟ୍ୟକାରଙ୍କ ସମାଜ ସଚେତନ ଦୃଷ୍ଟିଭଙ୍ଗୀ କୁଟୁମ୍ବକେନ୍ଦ୍ରିକ। ସମାଜର ନିମ୍ନତମ ଏକକ ପରିବାର। ବ୍ୟକ୍ତିରୁ ପରିବାର ଏବଂ ପରିବାରରୁ ହିଁ ସମାଜର ପ୍ରଗତି। ଭାରତୀୟ ଜୀବନ ଧାରାରେ ପରିବାର ହିଁ ସମାଜର ଜୀବନପୀଠ। ଏହା ସାମାଜିକ ନିୟନ୍ତ୍ରଣର ମୁଖ୍ୟ ସଂସ୍ଥା। ସଂସ୍କୃତିର ରକ୍ଷାକବଚ ସାମାଜିକ ପ୍ରବହମାନତାର ସୁବିଧାଜନକ ଗତିପଥ ନିର୍ଦ୍ଧାରଣରେ ଏହା ସହାୟକ।[୪] ବିଭିନ୍ନ ସାମାଜିକ ସମସ୍ୟାର ଉପସ୍ଥାପନ ଏବଂ ତା'ର ସମାଧାନର ପନ୍ଥା ରାମଚନ୍ଦ୍ରଙ୍କ ନାଟକର ଏକ ଆକର୍ଷଣୀୟ ବିଷୟ। ତାଙ୍କ ମତରେ ବ୍ୟକ୍ତିକୁ ନେଇ ଘର। ଘର ସଜାଡ଼ି ହେଲେ ସମାଜ ସଜାଡ଼ି ହୋଇଯିବ। ସମାଜ ସୁଧୁରିଗଲେ ଦେଶ ସୁଧରିଯିବ।[୫] ଯଦିଓ ଆଧୁନିକତା ମଣିଷର ପାରିବାରିକ ଜୀବନରେ ବିପର୍ଯ୍ୟୟ ସୃଷ୍ଟି କରିଛି ତଥାପି ପାରମ୍ପରିକ ମୂଲ୍ୟବୋଧ ଶକ୍ତିଶାଳୀ ହୋଇ ରହିଛି। ଆଜି ମଧ୍ୟ ସମାଜର ଅନ୍ୟାନ୍ୟ ଦିଗ ଅପେକ୍ଷା ପରିବାର ନିମିତ୍ତ କର୍ତ୍ତବ୍ୟବୋଧ ଅଧିକ ସମ୍ମାନିତ ହୋଇଥାଏ। ଏହା ନାଟ୍ୟକାରଙ୍କ ଜୀବନବାଣୀ।

ପରମ୍ପରାମାନ୍ୟତା ହିଁ ଆଧୁନିକ କବି ଶିଳ୍ପୀର କାଳୋତ୍ତୀର୍ଣ୍ଣ ହେବାର କଷ୍ଟିପଥର। ଏ ଦୃଷ୍ଟିରୁ ବିଚାର କଲେ ରାମଚନ୍ଦ୍ର ମିଶ୍ର ଜଣେ ସମର୍ଥ ଶିଳ୍ପୀ। ପରମ୍ପରା ପ୍ରୀତି ତାଙ୍କ ନାଟ୍ୟରଚନାର ଅନ୍ୟତମ ମୌଳ ଲକ୍ଷ୍ୟ। କୌଣସି ପାରମ୍ପରିକ ନୀତନିୟମକୁ ବୟାନ କରିବା ପାଇଁ ନୁହେଁ ବରଂ ପରମ୍ପରା ବିମୁଖ ମନୋଭାବକୁ କଟୁ ସମାଲୋଚନା କରିବାରେ ସେ ଶତଜିହ୍ୱ। ତାଙ୍କ ଚରିତ୍ର ସବୁ ଗତାନୁଗତିକ ଧାରାରେ ଘୂର୍ଣ୍ଣାୟମାନ। ଫଳରେ ଆଧୁନିକ ରୁଚିବୋଧର ପ୍ରଭାବରେ ରାଜୁ ବାପା ଭାଇଙ୍କୁ ଅସମ୍ମାନ ପ୍ରଦର୍ଶନ କରିଛି।

Digitized by PPRACHIN, SOA

ବୃଥା ଅହମିକାରେ ସେ ବିପଥଗାମୀ ହୋଇଛି। ଏହି ଭାବକୁ ସୂଚେଇବା ପାଇଁ ଲେଖକ ସନାତନ ଚରିତ୍ର ମାଧ୍ୟମରେ ପ୍ରକାଶ କରଛନ୍ତି - "ନନ୍ଦିଆ, ମୁଁ ମନା କରୁଥିଲି ତାକୁ ପାଠ ପଢ଼େଇବାକୁ। ଆମ ମୂଲିଆ ଘରେ ପାଠ ଗୋଟେ କଅଣ ? ମା ! ତୁ ବି ସେତେବେଳେ ମୋ କଥା ଶୁଣିଲୁ ନାହିଁ। ଜିଦ୍‌ଧରି ପାଠ ପଢ଼େଇଲୁ। ସହର ପଠେଇଲୁ। ଏବେ ଦେଖିଲୁ ତ ? ପାଠ ପଢ଼ାର ଫଳ ?[୬]" ଏତଦ୍ ବ୍ୟତୀତ ଆଧୁନିକ ଶିକ୍ଷା ନାମରେ ସ୍ୱେଚ୍ଛାଚାରୀତାକୁ ଲକ୍ଷ୍ୟ କରି ସେ ନୀରବ ରହି ପାରି ନାହାନ୍ତି। ତେଣୁ ନାଟକରେ କୁଞ୍ଜବିହାରୀ ଚରିତ୍ର ମାଧ୍ୟମରେ କୁହାଯାଇଛି— I mean to say ଓଡ଼ିଆ ଘରେ ଏସବୁ ପାଶ୍ଚାତ୍ୟ ଧରଣର ଆଦବ୍ କାଏଦା କାହିଁକି ?[୭] ଏସବୁ ଭଲ କଥା ନୁହେଁ। ଏଠାରେ ଏକ ବିପର୍ଯ୍ୟୟମୁଖୀ ସାମାଜିକ ଚେତନା ପ୍ରତି ଲେଖକଙ୍କ ସୁଚିନ୍ତିତ ପଦକ୍ଷେପ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବସ୍ତୁତଃ ପରମ୍ପରା ଓ ଆଧୁନିକ ସଭ୍ୟତା ପ୍ରତି ଏକ ସୁସମନ୍ୱୟ ସ୍ଥାପନ କରିବା ମୂଳରେ ରାମଚନ୍ଦ୍ରଙ୍କର ସମନ୍ୱୟବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ।

'ନାଟ୍ୟକାରଙ୍କ ଚରିତ୍ର ଜଗତରେ ଉଭୟ ନାରୀ ଓ ପୁରୁଷଙ୍କ ଭୂମିକା ପରଲକ୍ଷିତ ହୁଏ। ତାଙ୍କର ଚରିତ୍ର ସମୂହ କେତେବେଳେ ଆଦର୍ଶର ପରିପ୍ରେକ୍ଷୀରେ ତ କେତେବେଳେ ବାସ୍ତବତାର କଷଟିରେ ସମୀକ୍ଷିତ। ଏଠାରେ ସମାଜତାତ୍ତ୍ୱିକ ଭାବାବେଶ ସୁସ୍ପଷ୍ଟ। ତେବେ ଚରିତ୍ର ଚିତ୍ରଣରେ ସ୍ୱାଭାବିକତା ହେଉଛି ତାଙ୍କର ନାଟକର ଉଲ୍ଲେଖନୀୟ ବୈଶିଷ୍ଟ। ନାଟକର ପ୍ରଥମ ଅଙ୍କରେ ସନାତନ ଓ ବଡ଼ ବୋହୂର ଉକ୍ତି ପ୍ରତ୍ୟୁକ୍ତି ଯେପରି ସହଜ ସରଳ ସେହିପରି ସ୍ୱାଭାବିକ। ରାଜୁର ଗାଁକୁ ଆସିବା କଥା ନେଇ ବଡ଼ ବୋହୂ ପଚାରିଛି— ଏଇ ରଜକୁ ବି ଘରକୁ ଆସିବେ ନି ? ସନାତନ— ନାଇଁ ମା ! ଖବର ପଠେଇଛି। ତେଣେ ଚାକିରୀ ଯୋଗାଡ଼ରେ ଲାଗିଛି। ବଡ଼ବୋହୂ— ଦୋଳ ପୂନେଇଁ କି ସେମିତି ଅନେଇ ଅନେଇ ପିଠାପଣା ସବୁ ବାସି ହୋଇ ଫୋପଡ଼ା ହେଲା ପଛେ ତାଙ୍କର ଦେଖା ନାହିଁ ? ବାପା। ରାଜୁ କଣ ଆମକୁ ଏକାବେଳେ ଭୁଲି ଗଲେଣି କି ?[୮] ଏହି ସଂଳାପ ଗୁଡ଼ିକରେ ସ୍ନେହ ଛଳ ଛଳ ପାରିବାରିକ ଚିତ୍ର ଫୁଟି ଉଠେ। ମଣିଷ ପରିବାର ରଜ୍ଜୁରେ ବନ୍ଧା ହୋଇ କିପରି ଧରାକୁ ସ୍ୱର୍ଗ ପରି ଆପଣେଇ ନିଏ ଏହା ତାର ନମୁନା।

ନାଟକରେ ନନ୍ଦ ଏକ ଆଦର୍ଶ ସ୍ଥାନୀୟ ଚରିତ୍ର। ପରିବାରର ସୁଖଶାନ୍ତି ପ୍ରତିଷ୍ଠାହିଁ ତାର ପରମ କାମ୍ୟ। ଏହିପରି ଚରିତ୍ରର ଅବତାରଣା କାଳରେ ଲେଖକ ମହାପୁରୁଷଙ୍କ ଦର୍ଶନ ତଥା ଜୀବନାନୁଭୂତିକୁ ଗ୍ରହଣ କରି ପରିବାରର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ଜଣେ ମାନବବାଦୀ ଶିଳ୍ପୀ ଭାବରେ କେବଳ ପୁରୁଷ ଚରିତ୍ର ନୁହେଁ ନାରୀ ଚରିତ୍ର ଚିତ୍ରଣରେ ନାଟ୍ୟକାରଙ୍କର ମନନଶୀଳତା ତଥା ଉଦାରତାର ପରିଚୟ ନିହିତ। "ମୂଲିଆ" ନାଟକରେ ବଡ଼ବୋହୂ ଏବଂ ସର ଉଭୟ ଭାରତୀୟ ନାରୀର ଭାବମୂର୍ତ୍ତିକୁ ପ୍ରତୀକିତ କରନ୍ତି। ତାଙ୍କ ପାଇଁ ନାରୀ ଏକ କଲ୍ୟାଣକାମୀ ସତ୍ତା। ସେବା, ତ୍ୟାଗ, ସହନଶୀଳତା ତାର ଜୀବନର ଭୂଷଣ। ତେଣୁ ରାଜୁକୁ କେନ୍ଦ୍ରକରି ଗଢ଼ି ଉଠିଥିବା ଅଶାନ୍ତି ମଧ୍ୟରେ

Digitized by PPRACHIN, SOA

ବଡ଼ବୋହୂ ଅବିଚଳିତ। ସେ ସର୍ବଂସହା। ସତେ ଯେପରି ପରିବାରର ସୁଖ ଶାନ୍ତି ପ୍ରତିଷ୍ଠା ନିମନ୍ତେ ତପସ୍ୟାରତା ସନ୍ୟାସିନୀଟିଏ। ନାରୀ ପୁରୁଷକୁ ନେଇ ସ୍ୱପ୍ନ ଦେଖେ। ରାଜୁକୁ ମନେ ମନେ ଗ୍ରହଣ କରି ସ୍ୱପ୍ନ ଦେଖୁଥିବା ସର ଚରିତ୍ରରେ ସୁନ୍ଦର-ଭାବେ ପ୍ରଦର୍ଶିତ।

ସାମାଜିକ ସମସ୍ୟାର ପ୍ରକୃତ ସ୍ୱରୂପ ଅଙ୍କନରେ କେବଳ ମୁଖ୍ୟ ଚରିତ୍ର ନୁହେଁ, ଗୌଣ ଚରିତ୍ରର ଭୂମିକା ମଧ୍ୟ ନାଟକରେ ଅପରିହାର୍ଯ୍ୟ। ମୂଳ କଥାବସ୍ତୁକୁ ଆଗେଇ ନେବା ପାଇଁ ଗୌଣ ଚରିତ୍ରର ଆବଶ୍ୟକତା ରହିଛି ନିଶ୍ଚୟ। ଯୁଦ୍ଧୋତ୍ତର ସମାଜର ଯଥାର୍ଥ ପ୍ରତିନିଧି ଭାବରେ ଭୋଳି ଏବଂ କୁରୁପା ଦୁଇଟି ଚରିତ୍ର ମଧ୍ୟରେ ସମାଜଚିତ୍ର ପ୍ରକଟିତ। ନାଚ ମାଷ୍ଟର, ପୋଲିସ ଇନସ୍‌ପେକ୍ଟର ପ୍ରଭୃତି ଗୌଣ ଚରିତ୍ର ନାଟକୀୟ ଉଦ୍ଦେଶ୍ୟକୁ ସଫଳ କରିବା ନିମନ୍ତେ ବିଶେଷ ସହାୟକ। ପଞ୍ଚୁ, ବୀରା, ମିସେସ୍ ରାୟ, ଧଡ଼ି ମହାପାତ୍ର ପ୍ରଭୃତି ଚରିତ୍ର ଆଧୁନିକ ମାନସିକତାର ଏକ ଏକ ପ୍ରତିମୂର୍ତ୍ତି। ଅନ୍ୟର ଉନ୍ନତିକୁ ସହ୍ୟ କରି ନ ପାରି ନିଜର ସ୍ୱାର୍ଥ ସାଧନ ଆଜିର ଅସହିଷ୍ଣୁ ମଣିଷର ପାଥେୟ। ଶ୍ରୀ ମିଶ୍ର ବହୁ ସମୟରେ ଭାରତୀୟ ଜୀବନ ଧର୍ମକୁ ନାଟକରେ ମୁଖ୍ୟ ରୂପେ ଗ୍ରହଣ କରିଛନ୍ତି। ଜଣେ ଆଇନିଜ୍ଞ ଭାବରେ ଲେଖକଙ୍କ ବହୁ ଜନଜୀବନ ସହ ନିବିଡ଼ ସଂପୃକ୍ତି ହିଁ ଉପଯୁକ୍ତ ଚରିତ୍ର ସୃଷ୍ଟି କ୍ଷେତ୍ରରେ ସାହାଯ୍ୟ କରିଛି। ଜୀବନର ପ୍ରତ୍ୟକ୍ଷଦର୍ଶୀ ଅନୁଭବ ଏବଂ ରଙ୍ଗମଞ୍ଚ ସହ ଦୀର୍ଘ ଦିନର ସମ୍ପର୍କ ତାଙ୍କ ନାଟ୍ୟକୃତି ଅକ୍ଷୟ ଯଶର ଅଧିକାରୀ କରିଛି।

ଚରିତ୍ର ଚିତ୍ରଣ କ୍ଷେତ୍ରରେ ନୁହେଁ ନାଟକୀୟ ଦ୍ୱନ୍ଦ, ଉତ୍କଣ୍ଠା ପ୍ରଭୃତି ନାଟ୍ୟଧର୍ମ ତାଙ୍କ ନାଟକରେ ସଂରକ୍ଷିତ। ଭାବଧର୍ମୀ ସଂଳାପ ଏବଂ ତାର ଉପସ୍ଥାପନଗତ କୌଶଳ ଦର୍ଶକ ପ୍ରାଣକୁ ଆକୃଷ୍ଟ କରେ । ଚରିତ୍ର ଗୁଡ଼ିକ ନାଟକୀୟ ଭାବାନୁଭୂତିକୁ ଚାକ୍ଷୁଷ କରିଦିଅନ୍ତି। ନାଟକରେ ଚାରିତ୍ରିକ ବିକାଶ ଓ ଘଟଣାର ଅଗ୍ରଗତି ସଂଳାପ ଉପରେ ସତତ ନିର୍ଭରଶୀଳ।[୯]

ଚରିତ୍ରୋପଯୋଗୀ ସଂଳାପ ସଂଯୋଜନାରେ ରାମଚନ୍ଦ୍ରଙ୍କ କୃତିତ୍ୱ ଅନନ୍ୟ। ଚରିତ୍ର ଗୁଡ଼ିକର ସାମାଜିକ ସ୍ଥିତି, ଶିକ୍ଷା ଓ ମାନସିକ ଭାବକୁ ନେଇ ତାଙ୍କର ସଂଳାପ ଏକାନ୍ତ ମାର୍ମିକ। ମୂଲିଆ ନାଟକରେ ବ୍ୟବହୃତ ସଂଳାପରୁ ତାର ଦୃଷ୍ଟାନ୍ତ ନିଆଯାଇପାରେ।

ବଡ଼ବୋହୂ- ବାପା ! ଶେଷରେ ଏଇୟା କଲ ? ରଜ ପରା ଦିନେ ଗୁହାଳୁ ଲକ୍ଷ୍ମୀକି ବିଦା କରି ଦେଲ ? କାହିଁକି ମୋତେ କହିଥିଲେ ହୋଇ ନଥାନ୍ତା। ସିଏ ବା କିମିତି କା ମଣିଷ, ହଁ ବୁଝିଲି ସେଥିପାଇଁ ସକାଳୁ ନୁଚିକରି ହାଟକୁ ଚାଲିଯାଇଛନ୍ତି।

ସନାତନ- ତତେ ଆଉ ସେ ବା କହନ୍ତା କେମିତି ? ମତେ ତ ମନାକରି ଯାଇଥିଲା, ବୋହୂକୁ କିଛି କହିବ ନାହିଁ। କଣ କରାଯିବ କହ ତ ମା ? ଆଉ ତ କିଛି ବାଟ ନଥିଲା।[୧୦]

Digitized by PPRACHIN, SOA

ଆଭିଜାତ ଶ୍ରେଣୀଠାରୁ ଆରମ୍ଭ କରି କୁଲି ମଜୁରିଆ ପର୍ଯ୍ୟନ୍ତ ବିଭିନ୍ନ ପ୍ରାତ୍ରୋପଯୋଗୀ ଭାଷା ପ୍ରୟୋଗରେ ଶ୍ରୀ ମିଶ୍ର ବେଶ୍ ଧୂରୀଣ।

ସଂଳାପ ପରି ଦ୍ୱନ୍ଦ ମଧ ନାଟକର ଅନ୍ୟତମ ବୈଶିଷ୍ଟ୍ୟ। ''ମୂଲିଆ'' ନାଟକରେ ସହରୀ ସଭ୍ୟତା ଓ ଗ୍ରାମ୍ୟ ସଭ୍ୟତା ମଧ୍ୟରେ, ରାଜୁ ଜୀବନରେ ସର ଓ କଳ୍ପନାର ଆବିର୍ଭାବ ଅନେକ ଦ୍ୱନ୍ଦ ସୃଷ୍ଟି କରିଥାଏ। କିନ୍ତୁ ଏଠାରେ ଲେଖକଙ୍କ ଏକ ପାକ୍ଷିକ ବିଚାର ଧାରା ନୁହେଁ ବରଂ ଏକ ନିରପେକ୍ଷ ଦୃଷ୍ଟୀଭଙ୍ଗୀ ନେଇ ସମସ୍ୟାର ସମାଧାନ କରିବା ଏବଂ ଏକ ସୁଦୃଢ଼ ସମାଜ ଗଠନ କରିବାରେ ସେ ଅଧିକ ଯତ୍ନଶୀଳ। ପୁନଶ୍ଚ ବହୁ ଅଭାବ ଅସୁବିଧା ମଧ୍ୟରେ ନନ୍ଦ ପରିବାରର ପରିଣତି ନିମନ୍ତେ ନାଟକରେ ଉତ୍କଣ୍ଠାର ପରିକଳ୍ପନା କରାଯାଇଛି। ଧଡ଼ି ମହାପାତ୍ରର କୁଚକ୍ରାନ୍ତ ଫଳରେ ରାଜୁର ମାନସିକ ଭାବ କୁମାର ଓ କଳ୍ପନା ମଧ୍ୟରେ ଥିବା ସଂପର୍କ। ରାଜୁ କଳ୍ପନାଠାରୁ ଫେରିଯିବା ପରେ ପରବର୍ତ୍ତୀ ଘଟଣା ନିମନ୍ତେ ଦର୍ଶକ ମନ ଉତ୍‌କଣ୍ଠିତ ହୋଇ ଉଠେ। ରାମଚନ୍ଦ୍ର ମିଶ୍ର ଜଣେ କୁଶଳୀ କଳାକାର । ତାଙ୍କର ନାଟକୀୟ ସଂଳାପ। ଦ୍ୱନ୍ଦ ପରି ନାଟକରେ ସଂଗୀତର ସଂଯୋଜନାରେ ମଧ ସଚେତନ ଦୃଷ୍ଟିର ସଂକେତ ରହିଛି। ସଂଗୀତ ବିହୀନ ନାଟକ ଦର୍ଶକ ପ୍ରାଣରେ ବିଶେଷ ରେଖାପାତ କରି ପାରେନାହିଁ। ସାଂଗୀତିକତାର ବନ୍ଧନରେ ଶବ୍ଦକୁ ଶବ୍ଦ ମିଶିଯାଏ। ଧୂସର ଶବ୍ଦମାନେ ହଠାତ୍ କାବ୍ୟାବେଗରେ ଚହଲି ଉଠନ୍ତି। ଅପାଂକ୍ତେୟ ଶବ୍ଦ ମଞ୍ଚ ଗନ୍ଧାଏ- ଭାବ ପରାଶରର ସମନ୍ୱୟରେ ରୂପାନ୍ତରିତ ହୋଇ ପଡ଼ନ୍ତି। ଯୋଜନ ଗନ୍ଧା ପାଲଟି ଯାଆନ୍ତି।[୧୧] ଆଲୋଚ୍ୟ ନାଟକରେ ସଙ୍ଗୀତର ବହୁଳ ପ୍ରୟୋଗ ନାଟକୀୟ ଅନ୍ୟସବୁ ଦିଗକୁ ଚିହ୍ନଟ କରେ। ଶ୍ରୀ ମିଶ୍ର ସଂଗୀତ ମାଧ୍ୟମରେ କେତେ ବେଳେ ନାଟକୀୟ ପରିବେଶ ସୃଷ୍ଟି କରିଛନ୍ତି ତ କେତେବେଳେ ଚରିତ୍ରର ମାନସିକତାକୁ ସୂଚିତ କରିଛନ୍ତି। ନାଟକର ପଞ୍ଚମ ଅଙ୍କର ଦ୍ୱିତୀୟ ଦୃଶ୍ୟରେ ସଂଯୋଜିତ ଭାବ ମାଧ୍ୟମରେ ଗ୍ରାମ୍ୟ କିଶୋରୀ ସରର ଚିନ୍ତାଧାରା ପ୍ରତିଫଳିତ।

ମନେ କି ପଡ଼େ ନା ସେଇ
ଫଗୁଣ ରାତିର ଝାଉଁଳା ଜହ୍ନରେ
ଦିହ ଛୁଇଁ କହିଥିଲେ ଯେ କଥା
ସେ କି ପାଣିରେ ଗିଲା ଇତ୍ୟାଦି।[୧୨]

ମୋଟାମୋଟି ଉପରେ କହିବାକୁ ଗଲେ ବିଷୟ ସଂସ୍ଥାପନ। ଚରିତ୍ର ଚିତ୍ରଣ, ଦ୍ୱନ୍ଦ, ଉତ୍କଣ୍ଠା ତ ମଧ୍ୟରେ ସାମାଜିକ ସମସ୍ୟାର ଅନୁଶୀଳନ, ସମସ୍ୟାର ସମାଧାନ ନିମନ୍ତେ ଉତ୍କୃଷ୍ଟ ମାର୍ଗ ପ୍ରଦର୍ଶନରେ ''ମୂଲିଆ'' ନାଟକର ପରିକଳ୍ପନା ବେଶ୍ ଯୁଗପୋଯୋଗୀ ନାଟ୍ୟକାରଙ୍କ ଦୃଷ୍ଟି ସ୍ଥାନେ ସ୍ଥାନେ ଭାରତୀୟ ଜୀବନ ଓ ମୂଲ୍ୟବୋଧ ପ୍ରତି ସଂବେଦନଶୀଳ। ସ୍ଥଳ ବିଶେଷରେ ଆଧୁନିକ ଜୀବନବୋଧ ପ୍ରତି ଶ୍ରୀ ମିଶ୍ରଙ୍କ ଦୃଷ୍ଟିଭଙ୍ଗୀ ଶ୍ଳେଷାତ୍ମକ। ସେ ପରମ୍ପରାକୁ କେତେବେଳେ ନାଟକୀୟ ଅଭିମୁଖ୍ୟ ଭାବରେ ଗ୍ରହଣ କରିଛନ୍ତି ତ କେତେ ବେଳେ ମହାତ୍ମାଗାନ୍ଧୀଙ୍କ ପ୍ରଚାରିତ ମହାନ୍‌ବାଣୀକୁ ଅନୁସରଣ କରିଛନ୍ତି।

Digitized by PPRACHIN, SOA

ଏ ପ୍ରସଙ୍ଗରେ ଲେଖକଙ୍କର ସ୍ୱୀକାରୋକ୍ତି ସ୍ମରଣ କରାଯାଇପାରେ। ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରି ନ ଥିଲେ ହେଁ ଗାନ୍ଧିଜୀଙ୍କର ଗ୍ରାମ ସଫେଇ, ଗ୍ରାମୋନ୍ନତି, ସୂତାକଟା ଆଦି ଅର୍ଥନୈତିକ ସଂସ୍କାର ମୂଳକ ସେବାକାର୍ଯ୍ୟ ସହ ଜଡ଼ିତ ଥିଲି। ତାପରେ ଗାନ୍ଧୀ ସାହିତ୍ୟ ମୁଁ ବହୁତ ଅଧ୍ୟୟନ କରିଛି। ମୋର ଭାବନା ରାଜ୍ୟରେ ଗାନ୍ଧୀଦର୍ଶନର ପ୍ରଭାବ ରହିଛି। ସେ ଚିନ୍ତାଧାରାର ପ୍ରତିଫଳନ ମୋର ନାଟକରେ ଦେଖାଯିବା ଅସ୍ୱାଭାବିକ ନୁହେଁ।[୧୩]

ଜୀବନରେ ଶତ ଝଡ଼ଝଂଜା ମଧ୍ୟରେ ସତ୍ୟ, ନ୍ୟାୟ ଓ ନୀତି ପଥରେ ଯାତ୍ରା କରି ଏକ ସମୃଦ୍ଧ ସମାଜ ଗଠନ ନିମନ୍ତେ ରାମଚନ୍ଦ୍ର ମିଶ୍ର ଥିଲେ ଦୃଢ ବିଶ୍ୱାସୀ ପ୍ରତ୍ୟେକ ନାଟକର ସମାଜ ଜୀବନର ଜାଗ୍ରତ ପ୍ରହରୀ। ସଚେତନ ବା ଅବଚେତନ ଭାବେ ନାଟ୍ୟକାର ଯାହା କଳ୍ପନା କରି ଲେଖେ ତାହା ତାର ମାନସିକ ଭାବ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଲେଖକଙ୍କର ବ୍ୟକ୍ତିଗତ ଅନୁଭୂତି, ସାମାଜିକ ଓ ଅର୍ଥନୈତିକ ସ୍ଥିତି, ଧାର୍ମିକ ଓ ରାଜନୈତିକ ପୃଷ୍ଠଭୂମି ତାର ସୃଷ୍ଟି ଉଦ୍ଦେଶ୍ୟକୁ ଚରିତାର୍ଥ କରିଥାଏ। ତେଣୁ ନାଟକର ବିଭିନ୍ନ ଚରିତ୍ରର କାର୍ଯ୍ୟକଳାପ ମଧ୍ୟରେ ନୀତି, ରୁଚିବୋଧ ଓ ନ୍ୟାୟହିଁ ବଳିଷ୍ଠ ହୋଇ ଉଠିଛି। ଜଣେ ସଫଳ ନାଟ୍ୟକାର କେବଳ ସମୟ ସ୍ରୋତରେ ଭାସିଯାଏ ନାହିଁ ବରଂ ତାର ଭାବାନୁଭୂତି ସମୟ ଉପରେ ଅଖଣ୍ଡ ପ୍ରଭାବ ବିସ୍ତାର କରେ। ସାମାଜିକ ଦିଗନ୍ତକୁ ପ୍ରସାରରିତ କରିଥାଏ। ବସ୍ତୁତଃ ଉକ୍ତ ନାଟକରେ ଲେଖକଙ୍କ ଦୃଷ୍ଟି ଗାନ୍ଧୀବାଦୀ ଦର୍ଶନ, ପଲ୍ଲୀ ପ୍ରୀତି, ଐତିହ୍ୟ ଅନୁରାଗ, ଭାରତୀୟ ଯୌଥ ପରିବାରର ମୂଲ୍ୟବୋଧ ସଂସ୍କୃତିର ପ୍ରତିଷ୍ଠା, ପରମ୍ପରା ପ୍ରତି ସମ୍ମାନ ବୋଧ, ଜାତୀୟ ମମତା ପ୍ରତି ନିବିଡ଼ ମମତା ପ୍ରଭୃତି ବିବିଧ ଦିଗ ପ୍ରସାରି ଯାଇଛି। ସେଥିରେ କଳ୍ପଲୋକର ଆରୋପ ନାହିଁ। କଥନଗତ ଅଳଂକରଣ ନାହିଁ, ଜଟିଳ ଭାଷା ବିନ୍ୟାସ ନାହିଁ ବରଂ ରହିଛି ସମଗ୍ର ମଣିଷ ସମାଜ ପ୍ରତି ଗଭୀର ଆନ୍ତରିକତା ଏବଂ ସମାଜ ସଫଳକାମୀ ଦୃଷ୍ଟି ଯାହାକି ଲେଖକଙ୍କ ସ୍ୱଭାବ ସୁଲଭ ଭାଷା ଓ ବ୍ୟଞ୍ଜନାରେ ରସୋତ୍ତୀର୍ଣ୍ଣ ହୋଇ ଉଠିଛି।

ଏ ଦୃଷ୍ଟିରୁ ସମୀକ୍ଷା କଲେ ରାମଚନ୍ଦ୍ର ମିଶ୍ର ଜଣେ ସମାଜ ସଚେତନ ନାଟ୍ୟଶିଳ୍ପୀ। ସେ ସମାଜର ଶିବତ୍ୱ ପ୍ରତି ଅଧିକ ଧ୍ୟାନଶୀଳ। ତାଙ୍କ ସାରସ୍ୱତ ସାଧନାଜଗତ ଏକ ସ୍ୱତନ୍ତ୍ର ବର୍ଣ୍ଣ ବିଭାରେ ମହିମାମୟ। ମାନବତାବାଦହିଁ ତାଙ୍କର ଜୀବନ ମନ୍ତ୍ର। ଏଣୁ ଓଡ଼ିଆ ନାଟ୍ୟ ଜଗତରେ ଶ୍ରୀ ମିଶ୍ରଙ୍କୁ ଜଣେ ଶୁଭକାମୀ ନାଟ୍ୟସ୍ରଷ୍ଟା ବୋଲା ଯାଇପାରେ।

The author of a play is affected conciously on unconciously by the condition under which he conveives & writes by his social and econimic status as a play write by his personal background, by his religion political position by his purpose of writing". Encyclopedia Britanical-vol IV. P. 985.

Digitized by PPRACHIN, SOA

୧- ହରିଚନ୍ଦନ ନୀଳାଦ୍ରି ଭୂଷଣ- ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା

୨- ମିଶ୍ର, ରାମଚନ୍ଦ୍ର - ମୂଳିଆ ପୃ;୨.

୩-Man is the source, the centre and the purpose of all economic political & social life. He is the foundation the end and the subject matter of all institutions through which the social life is carried on." Singh, Ramjee-Gandhi & the mordern world.

୪-Family is an important agency of social control. It is also the costodian of & surves as the natural and convenient channal of social continuity".

V. Vushan - An Introduction of Sociology P.2.70

୫- ମିଶ୍ର, ରାମଚନ୍ଦ୍ର- ଘରସଂସାର

୬- ମିଶ୍ର , ରାମଚନ୍ଦ୍ର- ମୂଳିଆ ପୃ୧୫.

୭- ତତ୍ରୈବ.

୮-ମିଶ୍ର, ରାମଚନ୍ଦ୍ର- ମୂଳିଆ

୯- The Dramatist must do every thing in dialogue As we have already seen the dialogue must both characterize and lead on towords future action, it must be progressive. Brooks C & Heilman R.B-Understanding Dramas Twelve plays. P.29.

୧୦-ମିଶ୍ର,ରାମଚନ୍ଦ୍ର-ମୂଳିଆ ପୃ:୨୦.

୧୧-ପ୍ରଧାନ, ଶରତଚନ୍ଦ୍ର- ଓଡ଼ିଆ କବିତାର ଗୀତିଧର୍ମିତା ଢେଙ୍କାଳ ୧୯୮୦

୧୨-ମିଶ୍ର , ରାମଚନ୍ଦ୍ର -ମୂଳିଆ

୧୩-ମିଶ୍ର , ରାମଚନ୍ଦ୍ର-ସାକ୍ଷାତକାର

—o—

Digitized by PPRACHIN, SOA

ମଉଡ଼ମଣି : ଏକ ବିଶ୍ଳେଷଣ

ଅଧ୍ୟାପକ ଭାଗୀରଥି ଜେନା

ଜଗନ୍ମୋହନ ଲାଲାଙ୍କଠାରୁ ଓଡ଼ିଆ ସାମାଜିକ ନାଟକର ଆରମ୍ଭ ହୋଇଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ପୁରାଣ, ଇତିହାସ ଓ କିମ୍ବଦନ୍ତୀ ସର୍ବସ୍ୱ ହୋଇପଡ଼ିଥିଲା । ଯୁଗରୁଚି ଅନୁସାରେ ସାମାଜିକ ନାଟକର ବିକଚ ବିକାଶ ସାଧିତ ହୋଇପାରିନଥିଲା । ଅବଶ୍ୟ ସ୍ଥଳବିଶେଷରେ ରାମଶଙ୍କରଙ୍କଠାରୁ ଅଶ୍ୱିନୀ କୁମାରଙ୍କ ପର୍ଯ୍ୟନ୍ତ ବହୁ ନାଟ୍ୟକାର ସାମାଜିକ ନାଟକ ରଚନା କରିବାରେ ବ୍ରତୀ ହୋଇଥିଲେ ସୁଦ୍ଧା ତାହା ଅତିନାଟକୀୟତା, କଳ୍ପନା ପ୍ରବଣତା ଓ ଉଚ୍ଛ୍ୱାସଧର୍ମିତାରେ ଭାରାକ୍ରାନ୍ତ । ସେଥିପାଇଁ ପ୍ରଚଳିତ ଭାଷା, ସମାଜ ସଚେତନତା, ଜୀବନଧର୍ମିତାର ସଫଳ ପ୍ରୟୋଗ ଓଡ଼ିଆ ନାଟକରେ ହେବାଲାଗି କାଳିଚରଣଙ୍କ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । କାଳୀଚରଣଙ୍କୁ ଓଡ଼ିଆ ନାଟକର 'ସାମାଜିକ ଯୁଗ'ର ସୂତ୍ରଧର ବୋଲାଯାଇପାରେ । ସେ ଓଡ଼ିଆ ନାଟକରେ ଆଂଗିକ ଓ ଆତ୍ମିକ ପରିବର୍ତ୍ତନ ଘଟାଇ ନୂତନତାର ପ୍ରବର୍ତ୍ତନ କରିଥିଲେ । ଏକାଧାରରେ ଲୋକଶିକ୍ଷା ଓ ମନୋରଂଜନ ପ୍ରତି ତାଙ୍କର ଦୃଷ୍ଟିଥିଲା ନିବଦ୍ଧ । କାଳୀଚରଣଙ୍କ ପରବର୍ତ୍ତୀକାଳର ନାଟ୍ୟକାରମାନେ ଖୋଜିଲେ ନୂଆ ଦିଶା, ଆଣିଲେ ଏକ ଭିନ୍ନମୋଡ଼ । କାରଣ ରାସ ପରଂପରାରୁ ଜନ୍ମ ଗ୍ରହଣ କରିଥିବା କବିଚନ୍ଦ୍ରୀୟ ସ୍ରଷ୍ଟା ମାନସ ସମୟର ପରିବର୍ତ୍ତନ ସଂଗେ ସଂଗେ ମଧ୍ୟ ସମାଲୋଚିତ ହେଲା । ସଂଗୀତର ବହୁଳତା, ହାସ୍ୟରସର ପ୍ରାଚୁର୍ଯ୍ୟ, ସମସ୍ୟାର ଉପସ୍ଥାପନା ଅପେକ୍ଷା ତରଳ ପ୍ରେମର ବର୍ଣ୍ଣନା ପରବର୍ତ୍ତୀ ନାଟ୍ୟକାରଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ । ଫଳରେ କାଳୀଚରଣଙ୍କ ନାଟ୍ୟକୃତିରେ ଦେଖାଦେଉଥିବା ଦୋଷ ଦୁର୍ବଳତାକୁ ପରିହାର କରିବା ପାଇଁ ଦୃଷ୍ଟି ଦିଆଗଲା । ଏ କ୍ଷେତ୍ରରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାମ ଏକାନ୍ତ ସ୍ମରଣୀୟ । କାଳୀବାବୁଙ୍କର 'ଗାର୍ଲସ୍କୁଲ' ନାଟକର ଅଭିନୟ ସନ୍ଦର୍ଶନ ଓ ତଦ୍‌ଜନିତ ପ୍ରତିକ୍ରିୟାରୁ ତାଙ୍କ ନାଟ୍ୟ ପ୍ରତିଭାର ସ୍ଫୁରଣ ଘଟିଥିଲା । 'ଭାରତୀ ଥିଏଟର୍ସ' ରେ ଅଭିମାନ (୧୯୪୨)ର ଅଭିନୟ କାଳୀଚରଣଙ୍କୁ ମଧ୍ୟ ଶଂକିତ କରିଦେଇଥିଲା । ଓଡ଼ିଶା ଥିଏଟର୍ସର ବିଳୟ ଓ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ର ଆତ୍ମପ୍ରକାଶ ମାଧ୍ୟମରେ ଏହି ନବାଗତ ପ୍ରତିଭା କ୍ରମେ କ୍ରମେ ବିକାଶମୁଖୀ ହୋଇଥିଲା ।

ମଣିଷର ଚିନ୍ତା ଓ କାର୍ଯ୍ୟର ଶକ୍ତି ଉତ୍ପାଦକ କର୍ମଶାଳା ପାଇଁ ନାଟକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ତେଣୁ ନାଟ୍ୟକାର ନାଟକ ରଚନା କଲାବେଳେ ଦର୍ଶକର ରୁଚି ପରିବର୍ତ୍ତନ ପ୍ରତି ଧ୍ୟାନଶୀଳ ହେବା ସଂଗେ ସଂଗେ ସମସାମୟିକ ରାଜନୀତି, ଧର୍ମଧାରଣା, ନୈତିକତା, ବୈଜ୍ଞାନିକ ଆବିଷ୍କ୍ରିୟା ଓ ଅନ୍ୟାନ୍ୟ ମତାମତଠାରୁ ଦୂରେଇ ଯାଇ ନପାରେ । ଏପରିକି ଚରିତ୍ର ଚିତ୍ରଣ ସମୟରେ ମଧ୍ୟ ତତ୍କାଳିନ ପରିବେଶ ମଧ୍ୟରେ ସେ ଆବଦ୍ଧ ରହେ । ନାଟ୍ୟକାରର ଜୀବନ ପ୍ରୀତି, ତାର ଆବେଗ, ଚରିତ୍ରହୀନତା ବା କ୍ରୂରତା

Digitized by PPRACHIN, SOA

ଏବଂ ସାଧୁତା ପ୍ରତି ଦୃଷ୍ଟିଭଂଗୀ, ସ୍ୱାଧୀନତା, ଅଧିକାର ବୋଧ ଏବଂ ଶୃଙ୍ଖଳିତ ଜୀବନ ଯାତ୍ରା ନିମିତ୍ତ ଆଗ୍ରହ କୌଣସି ମତେ ନାଟ୍ୟକାରର ନୈତିକ ଦୃଷ୍ଟିଭଙ୍ଗୀଠାରୁ ବିଚ୍ଛିନ୍ନ ରହିପାରେ ନାହିଁ। ଏହି ଦୃଷ୍ଟିକୋଣରୁ ବିଚାର କଲେ ରାମଚନ୍ଦ୍ର ନାଟ୍ୟମାନସ ଅଧିକ ପରିଚ୍ଛନ୍ନ ମନେହୁଏ। ସମସ୍ୟାର ଯଥାଯଥ ଉପସ୍ଥାପନ, ଚରିତ୍ର ଚିତ୍ରଣରେ ନୈପୁଣ୍ୟ, ଭାଷା ସଂଯୋଜନାରେ ବଳିଷ୍ଠତା, ସଂଗୀତର ସାର୍ଥକ ସମାବେଶ, ଦ୍ୱନ୍ଦ୍ୱର ଉପଯୁକ୍ତ ଉପସ୍ଥାପନା ଓ ସର୍ବୋପରି ମଞ୍ଚ ପରିକଳ୍ପନାରେ ସହଜ, ସରଳ ଦୃଷ୍ଟିଭଙ୍ଗୀ ତାଙ୍କ ନାଟକଗୁଡ଼ିକୁ ବୈଶିଷ୍ଟ୍ୟ ପ୍ରଦାନ କରିଛି। 'ଅଭିମାନ' ରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତା ମଧ୍ୟରେ ସଂଘର୍ଷ, 'ମ୍ୟାନେଜର'ରେ ଆଦର୍ଶ ଓ ବାସ୍ତବ ମଧ୍ୟରେ ଦ୍ୱନ୍ଦ୍ୱ, 'ମୂଲିଆ'ରେ ପଲ୍ଲୀ ଓ ନଗର ସଂସ୍କୃତିର ଆନ୍ତରୀଣ ସଂଘର୍ଷର ଚିତ୍ର, କବିଜୀବନୀ ସମ୍ବଳିତ ନାଟକ 'କବିସୂର୍ଯ୍ୟ' ଓ 'ଘରସଂସାର'ରେ ତ୍ୟାଗ ଓ ଭୋଗ ମଧ୍ୟରେ ସଂଘର୍ଷ ସୃଷ୍ଟିକରି ପଲ୍ଲୀ ଆତ୍ମମୁଖିତା, ସହନଶୀଳତା, ଦୟା, କ୍ଷମା, ତିତିକ୍ଷାଦେଇ ଗାନ୍ଧୀ ଦର୍ଶନର ମର୍ମବାଣୀ ପ୍ରକଟିତ ହୋଇପାରିଛି। ରାମଚନ୍ଦ୍ର ନାଟ୍ୟମାନସ ସମୟ ଓ ରୁଚିବୋଧର ପରିବର୍ତ୍ତନ ସହ ସମତାଳରେ ଗତିକରି କ୍ରମେ ଉତ୍ତରଣମୁଖୀ ହୋଇ 'ମଉଡ଼ମଣି' (୧୯୫୨) ନିକଟରେ ପହଞ୍ଚିଅଛି। ସମସାମୟିକ ସମାଜିକ ସ୍ପନ୍ଦନ ଦ୍ୱାରା ଯେ ସେ କେବଳ ପ୍ରଭାବିତ ହୋଇଛନ୍ତି ତାହାନୁହେଁ; ବଂର ଜଣେ ସାର୍ଥକ ନାଟ୍ୟକାର ହିସାବରେ ସେ ଯୁଗୀୟ ଚେତନାକୁ ମଧ ପ୍ରଭାବିତ କରିବାକୁ କ୍ଷମ ହୋଇଛନ୍ତି। ସମାଲୋଚକର ଭାଷାରେ; 'All art is thus at one and the same time a metaphor of the artist's self & a metaphor of humanity in general, since it feeds inescapably on both these sources.' ଫଳରେ ସାମାଜିକ ସମସ୍ୟାକୁ ବିଭିନ୍ନ ଦୃଷ୍ଟିକୋଣରୁ ପରୀକ୍ଷା କରି ତାର ସମାଧାନର ମାର୍ଗ ସେ ଆଦର୍ଶବାଦ ମଧ୍ୟରେ ସମାହିତ କରିଅଛନ୍ତି। ଏକ ମୈତ୍ରୀପୂର୍ଣ୍ଣ, ସୁସ୍ଥସମାଜ ଗଠନର ପରିକଳ୍ପନା ତାଙ୍କ ନାଟକରେ ପ୍ରଦାନ କରିଅଛନ୍ତି। ଅବଶ୍ୟ 'ନରୋତ୍ତମ ଦାସ କହେ' (୧୯୬୯) ସମୟକୁ ତାଙ୍କର ଏହି ଭାବଧାରା ପରିବର୍ତ୍ତିତ ହୋଇଅଛି, ତଥାପି ଆଦର୍ଶବାଦ ମଧ୍ୟଦେଇ ବାସ୍ତବତାର ରୂପ ଅଂକନ କରିବାରେ ରାମଚନ୍ଦ୍ର ନାଟ୍ୟମାନସର ସିଦ୍ଧି ସହଜରେ ଲକ୍ଷ୍ୟ କରାଯାଇପାରେ।

ରାମଚନ୍ଦ୍ର ମିଶ୍ରଙ୍କ ତିନି ଅଂକ ବିଶିଷ୍ଟ ଅନାଲୋଚିତ ନାଟକ 'ମଉଡ଼ମଣି' ଐତିହାସିକ ବା ରାଜନୈତିକ ନାଟକ ନହେଲେ ମଧ ଇତିହାସର ଭାବବଳୟ ମଧ୍ୟରୁ ଏହାର ଉଦ୍ଭବ। ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ଦ୍ୱାରା ୧୨।୯।୫୨ ରୁ ୧୭।୧୧।୫୨ ପର୍ଯ୍ୟନ୍ତ ଅଭିନୀତ ହୋଇ ଏହା ଅଶେଷ ଜନପ୍ରିୟତା ହାସଲ କରିପାରିଥିଲା। କିନ୍ତୁ ତତ୍କାଳୀନ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚକ୍ରାନ୍ତ ହେତୁ ଏହାର ପ୍ରଥମ ଅଭିନୟ ରଜନୀ ପନ୍ଦର ଦିନ ବିଳମ୍ବିତ ହୋଇଥିଲା ଓ ପ୍ରକାଶକମାନେ ମଧ ଉକ୍ତ ପୁସ୍ତକକୁ ଛାପିବାକୁ ପ୍ରଥମେ ଅସାମର୍ଥ୍ୟ ପ୍ରକାଶ କରିଥିଲେ ବୋଲି ନାଟ୍ୟକାର ମତ ପ୍ରଦାନ କରନ୍ତି। ରାଜରାଜୁଡ଼ା ଶାସନର ବିଲୟ ଓ ତଜ୍ଜନିତ ରାଜନୈତିକ ଓ ସାମାଜିକ ସମସ୍ୟାର

Digitized by PPRACHIN, SOA

ପୃଷ୍ଠଭୂମିରେ ନାଟକଟି ରଚିତ। 'ନରୋତ୍ତମ ଦାସ କହେ'ରେ ରାଜନୀତିଜ୍ଞ, ଅମଲାତନ୍ତ୍ର ଓ ବ୍ୟବସାୟିକ ଗୋଷ୍ଠୀ ବିରୁଦ୍ଧରେ ସ୍ୱରୋତ୍ତଳନ କରିବା ପାଇଁ 'ମଉଡ଼ମଣି' ସତେ ଯେପରି ପଥ ପରିଷ୍କାର କରିଦେଇଥିଲା। ରାଜଶକ୍ତିର ଭ୍ରାନ୍ତ ଅହମିକା ଓ ଛଳନାର ମୁଖା ଖୋଲିଦେଇ ରାଜରାସ୍ତା ଉପରକୁ ନେଇ ଆସି ଅଗଣିତ ଜନସାଧାରଣଙ୍କ ସହିତ ସେମାନଙ୍କୁ ସାମିଲି କରିଦେଇ ନବଜାଗରଣର ସୂତ୍ରପାତ ସେ କରିଛନ୍ତି। ଗଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜା ପ୍ରଜା ମଧ୍ୟରେ ସୀମାରେଖା ସୃଷ୍ଟିହେଲେ ସମାଜ ଜୀବନ କିପରି କଳୁଷିତ ହୋଇପଡ଼େ ତାର ଜୀବନ୍ତ ସ୍ମାରକୀ 'ମଉଡମଣି'।

ଯୁଗଯୁଗର ପୁଂଜୀଭୂତ ବେଦନା ଓ ଅଶାନ୍ତିର ପରିସମାପ୍ତି ଆଣି ଭାରତ ସ୍ୱାଧୀନ ହୋଇଛି। ଅଂଧାରୀ ଶାସନର ବିଲୋପ ଘଟିଛି। ୧୯୪୮ ସୁଦ୍ଧା ଛବିଶଟି ଗଡ଼ଜାତ ଓଡ଼ିଶା ସହିତ ସାମିଲ ହୋଇଛି; କିନ୍ତୁ ଗଡ଼ଜାତର ପ୍ରଜାକୁଳ ତଥାପି ସ୍ୱାଧୀନତାର ମଧୁ ଆସ୍ୱାଦନ କରିପାରିନାହାନ୍ତି। ରାଜ୍ୟ ଚାଲିଗଲାପରେ ଆର୍ଥନୀତିକ ସ୍ୱଚ୍ଛଳତା ପାଇଁ ରାଜ୍ୟମଣ୍ଡଳୀ ରାଜନୈତିକ ଅଧିକାର ପାଇବାକୁ ଅଧିକ ଲାଳସା ପ୍ରକାଶ କରିଛନ୍ତି। ଗଡ଼ଜାତର ଅର୍ଥନୀତି କ୍ରମେ ଭୁଷୁଡ଼ି ପଡ଼ିଛି। ରାଜା ପ୍ରଜାର ମୈତ୍ରୀପୂର୍ଣ୍ଣ ସଂପର୍କ ମଧ୍ୟରେ ସ୍ୱାର୍ଥପରତାର ମେଘନାଦ ପାଚେରୀ ମୁଣ୍ଡ ଟେକିଛି। ଲୋକମାନଙ୍କ ଅସୁବିଧା ପ୍ରତି ସେମାନେ ଦୃଷ୍ଟିଦେଇନାହାନ୍ତି। ଗୋଟିଏ ପଟରେ ରାଜଶକ୍ତିର ବିଲୟ ଓ ଅନ୍ୟପଟରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର ବିକାଶ ଏ ଉଭୟ ମଧ୍ୟରେ ସନ୍ତୁଳିତ ହୋଇଛନ୍ତି ଗଡ଼ଜାତର ପ୍ରଜାବର୍ଗ। ଏହିଭଳି ଏକ ସନ୍ଧିକ୍ଷଣରେ 'ମଉଡ଼ମଣି'ର ଜନ୍ମ। ନାଟକ ଆଲୋଚନା କରିବା ପୂର୍ବରୁ ତାର ପୃଷ୍ଠଭୂମି ସଂପର୍କରେ ଅବଗତ ହେବା ବିଧେୟ। କାରଣ '.....all plays need to be seen in relation to their historical background the theatre of the time & the general, mental & moral climate of the time.'

'ମଉଡ଼ମଣି'ର କଥାବସ୍ତୁ ସଂଯତ ଓ ମାର୍ଜିତ। ନାଟକର ପ୍ରଥମ ଦୃଶ୍ୟରୁ ହିଁ ଦ୍ୱନ୍ଦ୍ୱର ସୂତ୍ରପାତ ଘଟି ସୃଷ୍ଟିକୁ ଆବେଗ ମୁଖର କରିତୋଳିଛି। ଯଶପୁରର ଜନସାଧାରଣ ନିଜର ଉଚ୍ଛୁଡ଼ା କ୍ଷେତକୁ ବଞ୍ଚାଇବା ପାଇଁ ରାଜାଘରର ଦ୍ୱାରସ୍ଥ ହୋଇଛନ୍ତି। ରାଜାଙ୍କ ପୋଖରୀରୁ ପାଣିନେଇ ମରୁଡ଼ିର କରାଳଗ୍ରାସରୁ ଉଦ୍ଧାର ପାଇବା ତାଙ୍କର ଉଦ୍ଦେଶ୍ୟ। ପ୍ରଜାଙ୍କର ନେତୃତ୍ୱ ନେଇଛନ୍ତି ଗାନ୍ଧୀବାଦୀ ନେତା ସାଧୁ ସାନ୍ତରା; କିନ୍ତୁ ରାଜମାତାଙ୍କର ଛଳନା ଓ ପ୍ରବଞ୍ଚନାର ଶରବ୍ୟ ହୋଇ ଦୁଃଖ ଓ କ୍ଷୋଭରେ ସେ ଫେରିଆସିଛନ୍ତି। ଉଦୀୟମାନ ଯୁବନେତା ଚନ୍ଦ୍ର ଚାହିଁଛି ବିପ୍ଲବ ମାଧ୍ୟମରେ ନିଜର ଦାବି ହାସଲ କରିବାକୁ। ତାର ବକ୍ତବ୍ୟ ହେଉଛି, 'ଚଷାର ଜୀବନ କ୍ଷେତ। ତାର କ୍ଷେତ ମରିବା, ସେ ନିଜେ ମରିବା ସଂଗେ ସମାନ।' ପରବର୍ତ୍ତୀ ପର୍ଯ୍ୟାୟରେ ରାଜମାତା, ସେକ୍ରେଟେରୀ ଓ ଯମେଶ୍ୱର କବିରାଜଙ୍କ ମିଳିତ ଚକ୍ରାନ୍ତରେ ଚନ୍ଦ୍ର ଗାଁ ଛାଡ଼ିଛି। ତାର ସ୍ୱପ୍ନ, କଳ୍ପନା, ବିପ୍ଲବ ଶରତ ଆକାଶର ଭସା ବାଦଲ ପରି ଭାସିଯାଇଛି। ଗାଁବାଲାଙ୍କର ସରଳତାର ସୁଯୋଗ ନେଇ କବିରାଜ ଓ ରାଜପରିବାର ସେମାନଙ୍କୁ ଶୋଷଣ କରିଚାଲିଛନ୍ତି।

Digitized by PPRACHIN, SOA

ଅପର ପକ୍ଷରେ ମରୁଡ଼ିର ସ୍ଥାୟୀ ପ୍ରତିକାର ଲକ୍ଷ୍ୟନେଇ ସାଧୁ ସାନ୍ତରା ଏକାକୀ ଝରଣାରେ ବଂଧ ପକାଇବାକୁ ଆଗେଇ ଯାଇଛି। ସାଙ୍ଗରେ ଝିଅ ରତ୍ନ। ପରେ ତାକୁ ସାହାଯ୍ୟ କରିଛନ୍ତି ଇଂଜିନିୟର ମାନସ ରଂଜନ। ରତ୍ନ ଓ ମାନସଙ୍କ ଭଲପାଇବାକୁ ମିଥ୍ୟା ଅହମିକା ବନ୍ଦ କରିଦେଇ ପାରିନି। ତେଣୁ ରାଜକୁମାରୀ ଲିଲି ନିଜର ଭାବୀ ସ୍ୱାମୀ ଅନ୍ୟର ହୋଇଯିବା ଦେଖି ଉତ୍କ୍ଷିପ୍ତ ହୋଇଉଠିଛି। ପରେ ସବୁ ସମସ୍ୟାର ସମାଧାନ ହୋଇଛି। ଜୟଶ୍ରୀର ପ୍ରରୋଚନା, ପରାମର୍ଶ କୁମାର ସାହେବଙ୍କ ଚରିତ୍ରରେ ପରିବର୍ତ୍ତନ ଆଣିଛି। ଲିଲି ଚନ୍ଦ୍ରକୁ ବିବାହ କରିଛି। କବିରାଜଙ୍କ ସମସ୍ତ ଚାଲବାଜି ଧରାପଡ଼ିଛି। ଯଶପୁରର ମୁକୁଟ ବିହୀନ ସମ୍ରାଟ ସାଧୁ ସାନ୍ତରାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ନିକଟରେ ସମସ୍ତେ ନତମସ୍ତକ ହୋଇଛନ୍ତି। ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ନାଟକର ପରିସମାପ୍ତି। ରାଜକୁମାର ରାଜବାଟୀକୁ ଏକ ଦାତବ୍ୟ ଚିକିତ୍ସାଳୟ ପାଇଁ ଛାଡ଼ି ଦେଇଛନ୍ତି। 'ବଂଶ ଅଭିମାନ, ଧନ ଓ କ୍ଷମତାର ଯେଉଁ ବିରାଟ ପ୍ରାଚୀର ମଣିଷକୁ ମଣିଷଠାରୁ ଅଲଗା କରିରଖିଥିଲା ତା'ଭୁଷୁଡ଼ି ପଡ଼ିଛି।' ତ୍ୟାଗଦ୍ୱାରା ଏକ ନୂତନ ଜାଗରଣ ସୃଷ୍ଟିକରିବାକୁ ନାଟ୍ୟକାର ଚାହିଁଛନ୍ତି। ଭୋଗ ଉପରେ ତ୍ୟାଗର ଜୟ ହୋଇଛି। ରାଜମାତା ପାଗଳୀ ହୋଇଯାଇଛନ୍ତି।

'A drama is never really a story told to an audience, it is a story interpreted before an audience by a body of actors.' ଚରିତ୍ରମାନଙ୍କ ଦେଇ ନାଟ୍ୟକାର କାହାଣୀକୁ ପ୍ରକାଶ କରେ, ଦର୍ଶକ ହୃଦୟରେ ଆଲୋଡ଼ନ ଆଣେ, ପରିବର୍ତ୍ତନ ଓ ସମସ୍ୟାର ସମାଧାନ ପାଇଁ ଇଙ୍ଗିତ ଦିଏ। ଏହି ଦୃଷ୍ଟିରୁ ଚରିତ୍ରର ଚାରୁ ଚିତ୍ରମାଳା ହେଉଛି ମଉଡ଼ମଣି। କଥାବସ୍ତୁର ଅଗ୍ରଗତିରେ ପ୍ରତ୍ୟେକ ଚରିତ୍ରର ଭୂମିକା ଅନସ୍ୱୀକାର୍ଯ୍ୟ। ସାଧୁ ସାନ୍ତରାର ତ୍ୟାଗପୂତ ଜୀବନ ଓ ନିରଳସ ସାଧନା, ରତ୍ନ ଚରିତ୍ରର ବଳିଷ୍ଠତା, ରାଜମାତା ଚରିତ୍ର ମଧ୍ୟରେ ଗତାୟୁ ରାଜଶକ୍ତିର ସ୍ୱାର୍ଥସିଦ୍ଧି ପାଇ ପ୍ରବଳ ଆସକ୍ତି, ରଂଜନ ଚରିତ୍ର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କର ଶାରୀରିକ ଶ୍ରମ ଉପରେ ଦେଇଥିବା ଗୁରୁତ୍ୱ, ଯମେଶ୍ୱର ତଥା ସେକ୍ରେଟେରୀ ଚରିତ୍ରରେ ସ୍ୱାର୍ଥସିଦ୍ଧି ପାଇଁ ହୀନ ପ୍ରଚେଷ୍ଟା, ଏକ ବିପ୍ଳବୀ ଯୁବନେତା ହିସାବରେ ନାଟକର ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରର ଆହ୍ୱାନ ଯେଉଁଭଳି ନାଟକରେ ପ୍ରତିଫଳିତ ହୋଇଛି ସେହିଭଳି କୋଇଲି, ସୁନ୍ଦରୀ, ମାଷ୍ଟର ଚରିତ୍ରଦେଇ ଫୁଟ୍‌ପାଥ୍‌ର ଜୀବନ, ନିଧି, ବାଉା ଓ ଜୟା ଚରିତ୍ରରେ ଗାଁର ସରଳ ଜୀବନଯାତ୍ରା ଅଭିବ୍ୟଂଜିତ ହୋଇଛି। ଝଂକୀ ଓ ଭୀମା ଚରିତ୍ରଦ୍ୱାରା ହାସ୍ୟରସ ସୃଷ୍ଟି କରାଯାଇଛି। ଲିଲି ଚରିତ୍ରର ଉତ୍‌ଫୁଲ୍ଲ-ବିଷାଦ ପାଗଳାମି ଓ ରାଜମାତାଙ୍କର ଦାମ୍ଭିକତାର ଅନ୍ତରାଳରେ ଏକ ଅସହାୟ ନାରୀତ୍ୱର ଶେଷ ପରିଣତି ମାନସିକ ବିପର୍ଯ୍ୟୟରେ ସମାହିତ ହୋଇଛି। ପ୍ରାୟ ପ୍ରତ୍ୟେକ ଚରିତ୍ର ନାଟକୀୟ ବୃତ୍ତ ମଧ୍ୟରେ ହିଁ ଆବଦ୍ଧ ଓ ପରସ୍ପର ନିର୍ଭରଶୀଳ; ମାତ୍ର ରତ୍ନ ଚରିତ୍ର ଚିତ୍ରଣ ସେତେ ବଳିଷ୍ଠ ହେଲା ଭଳି ମନେହୁଏନା। ତାଙ୍କର ପରବର୍ତ୍ତୀ ନାଟକ 'ସେବିକା' ବା 'ପ୍ରତୀକ୍ଷା'ରେ ପ୍ରେମିକା ଓ ବଧୂତ୍ୱ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଦେଖାଇ

Digitized by PPRACHIN, SOA

ଦିଆଯାଇଛି ତାହା ଏଥିରେ ବିରଳ। ରତ୍ନ ଅବଶ୍ୟ ଚନ୍ଦ୍ରର ପ୍ରେମିକା ନଥିଲା; କିନ୍ତୁ ବିବାହ ପ୍ରସ୍ତାବ ଶୁଣି ତା ମନ ମୟୂରୀ ନାଚିଉଠିଥିଲା ଓ ପିଲାଦିନର ଧୂଳି ଖେଳର ସାଥୀ ଚନ୍ଦ୍ର ସ୍ୱପ୍ନରେ ସେ ବିଭୋର ହୋଇଉଠିଥିଲା। ରଂଜନକୁ ବିବାହ କଲାପରେ ଚନ୍ଦ୍ରକୁ ସେ ଅତି ନିଷ୍ଠୁର ଭାବେ କହିଛି 'ମିଛି ମିଛିକା ଖେଳଘର ଆମର ଭାଙ୍ଗିଯାଇଛି ଅଦିନିଆ ଝଡ଼ବତାସରେ, ସେ କଥା ଭୁଲିଯାଅ।'

ମଉଡ଼ମଣିରେ ପ୍ରେମଚିତ୍ର ଅଛି; ମାତ୍ର ସଂଯତ ଓ ବାସ୍ତବ। ଚନ୍ଦ୍ର ଓ ରତ୍ନର ପ୍ରେମ-କଳିକାଟି ପ୍ରସ୍ଫୁଟିତ ହେବା ପୂର୍ବରୁ ବାତ୍ୟା ବିକ୍ଷୁବ୍ଧ ହୋଇ ଝଡ଼ିପଡ଼ିଛି। ଜୟଶ୍ରୀ ଓ କୁମାର ସାହେବଙ୍କ ମଧ୍ୟରେ ଥିବା ପ୍ରେମ ଶାଶ୍ୱତ। ହିନ୍ଦୁନାରୀର କର୍ତ୍ତବ୍ୟ ଦେଇ ସେ ସ୍ୱାମୀଙ୍କୁ ଅବାଟରୁ ଫେରାଇ ଆଣିବା ଲାଗି ସାଧନାରତ। ତେଣୁ କୁମାରର ଅହମିକା ଗ୍ରସ୍ତ ମନକୁ ଚେତାବନୀ ଦେଇ ସେ କହିଛି— "ଭୟ ଦେଖାଇ ସମ୍ମାନ ଦାବି ଏ ଯୁଗରେ କ୍ଷଣସ୍ଥାୟୀ କୁମାର, ହୁଏତ ସେଥିପାଇଁ ବାପାଙ୍କ ମୃତ୍ୟୁର ଅଳ୍ପଦିନପରେ ତୁମର ମାମା ପ୍ରଭୃତି ଆମର ସେଠିକାର ଜଳବାୟୁ ମଧ୍ୟରେ ଚଳିନପାରି, ଚାଲି ଆସିଥିଲେ ତୁମର ପୂର୍ବ ରାଜପ୍ରସାଦର ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତି ମଧ୍ୟକୁ— ଯାହାର ନାମ ସ୍ମରଣ ମାତ୍ରକେ ଆନ୍ତରିକତା ନଥିଲେ ମଧ୍ୟ ଯନ୍ତ୍ର ପିତୁଳା ପରି ଲୋକେ ନତମସ୍ତକରେ ସମ୍ମାନ ଦେଖାନ୍ତି।" ରଂଜନ ଓ ରତ୍ନ ମଧ୍ୟରେ ଥିବା ପ୍ରେମ ଉଚ୍ଛୃଙ୍ଖଳ ନୁହେଁ; ବେଶ୍ ସଂଯତ ଓ ମାର୍ଜିତ। ସେମାନଙ୍କ ରୋମାଣ୍ଟିକ ପ୍ରେମଧାରାରେ ଲିଲିର ବ୍ୟାଘାତ ସୃଷ୍ଟି ବା ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲେ ସୁଦ୍ଧା ତାହା ଶେଷ ପର୍ଯ୍ୟନ୍ତ ଅକ୍ଷତ ରହିଛି ଓ ମଧୁର ମିଳନରେ ତାର ପରିସମାପ୍ତି ଘଟିଛି। ଲିଲିର ପ୍ରେମ ରୂପଜମୋହ ଉପରେ ପର୍ଯ୍ୟବସିତ। କାରଣ ରଂଜନ ଦ୍ୱାରା ପ୍ରେରିତ ଚନ୍ଦ୍ରର ଫଟୋକୁ ଦେଖି ସେ ପ୍ରକାଶ କରିଛି— 'କୁମାର ରଂଜନଙ୍କ ଆତ୍ମୀୟ, ଭେରୀ ହାଣ୍ଡସମ୍, କୁମାର ରଂଜନଙ୍କ ଅପେକ୍ଷା ଆହୁରି ସୁନ୍ଦର। (ବୁକୁରେ ଫଟୋଟାକୁ ଚାପିଧରିଲେ)'। ତଥାପି ସେ ପ୍ରେମରେ ବ୍ୟଭିଚାରର ଚିହ୍ନ ନାହିଁ। ନାଟ୍ୟକାରଙ୍କର ପରଂପରାବାଦୀ ଓ ଚେତନାଶୀଳ ମନ ପ୍ରେମ ନାଁରେ ସ୍ୱେଚ୍ଛାଚାରକୁ କେବେ ସହଜରେ ଗ୍ରହଣ କରିପାରିନାହିଁ।

ହାସ୍ୟରସ ମଉଡ଼ମଣିରେ ମୁଖ୍ୟ ସ୍ଥାନ ଗ୍ରହଣ କରିଛି। ଭୀମ ଓ କଂକୀର ଆଚରଣ ତଥା ସଂଳାପରେ ବିମଳ ହାସ୍ୟରସର ଲହରକ ପ୍ରବାହ ପ୍ରବାହିତ ହୋଇଛି। କଂକୀର ନିର୍ବୋଧ ଆଚରଣ ହାସ୍ୟରସକୁ ଚମତ୍କ ଅଭିବ୍ୟକ୍ତି ପ୍ରଦାନ କରିଛି। ମୋଟାହେବା ଲାଗି କବିରାଜଙ୍କ ମୋଦକ ଖାଇ ଖାଇ ବିରକ୍ତ ହୋଇ ମୋଦକ ସେବନ ଭୟରେ ଭୀମ ଖଟତଳେ ଲୁଚିଛି। ଏହି ସମୟରେ ସେମାନଙ୍କ କଥୋପକଥନ ବେଶ ହାସ୍ୟୋଦ୍ଦୀପକ।

'ଭୀମ- ହଁ, ସେଇ କଥା ପଚାର ଯେ, ମୁଁ ଖଟତଳେ କାହିଁକି ପଶିଥିଲି ?

କଂକୀ- ହଁ, କାହିଁକି ପଶିଥିଲ ?

ଭୀମ- ମାୟା, ମାୟା ତୁଟେଇବା ପାଇଁ, ସେପାରିକୁ ଯିବା ଲୋକ ଏ ଘର ଦ୍ୱାର, ଖଟ ବିଛଣା, ମୋଦକ, କାଳୀଗାଇ ଦୁଧ, ଏ ସବୁରେ କାହିଁକି ମାୟା ଲଗେଇବି', ଇତ୍ୟାଦି।

Digitized by PPRACHIN, SOA

ଏତଦ୍ ବ୍ୟତିତ ଭୀମ/ମନୁଆଁ, କୋଇଲି/ସୁନ୍ଦରୀ, ସେକ୍ରେଟେରୀ/କବିରାଜ ଆଦି ଚରିତ୍ର ଦ୍ୱାରା ସ୍ଥଳବିଶେଷରେ ହାସ୍ୟରସ ସୃଷ୍ଟି ହୋଇଛି।

ମଉଡ଼ମଣିରେ ଦ୍ୱନ୍ଦ୍ୱ ସଂଘର୍ଷ ସଫଳତା ଲାଭ କରିଛି। ପାଣିପାଇଁ ସାଧୁଚରଣଙ୍କ ଆକୁଳ ମିନତି ଓ କୁମାର ସାହେବ ତଥା ରାଜମାତାଙ୍କ ନାସ୍ତୀବାଣୀରୁ ଦ୍ୱନ୍ଦ୍ୱ ଆରମ୍ଭ। ରାଜମାତାଙ୍କ ଛଳନାପୂର୍ଣ୍ଣ ବ୍ୟବହାର ଓ କବିରାଜଙ୍କ ସାହାଯ୍ୟରେ ଚନ୍ଦ୍ରକୁ ଅପମାନିତ କରିବାର ଚକ୍ରାନ୍ତଦ୍ୱାରା ସଂଘର୍ଷ ଉତ୍ତରଣମୁଖୀ ହୋଇଛି। ଚନ୍ଦନଗଡ଼ର ସଂପତ୍ତି କରଗତ କରିବା ଲାଗି ଲିଲି ସହ ରଂଜନର ଓ ଜୟଶ୍ରୀ ସହିତ କୁମାରର ବିବାହ କରିବାକୁ ରାଜମାତା ଚେଷ୍ଟିତ ହୋଇଛନ୍ତି। ରଂଜନକୁ ପାଇବା ପାଇଁ ଲିଲି ଓ ରତ୍ନ ମଧ୍ୟରେ ଦେଖାଦେଇଛି ଦ୍ୱନ୍ଦ୍ୱ। ରଂଜନ ଓ ରତ୍ନର ସଂପର୍କକୁ ନେଇ ସାନ୍ତରାଙ୍କ ମନରେ ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି। ରଂଜନର ଗୃହରେ ଚନ୍ଦ୍ରର ଉପସ୍ଥିତି ସେମାନଙ୍କ ଦାମ୍ପତ୍ୟ ଜୀବନରେ ସୃଷ୍ଟିକରିଛି ସଂଶୟ। ଖଳନାୟକ ଭାବେ କବିରାଜଙ୍କ ଭୂମିକା ନାଟକର ଅଗ୍ରଗତିରେ ଯଥେଷ୍ଟ ସାହାଯ୍ୟ କରିଛି। ଏହି ଦ୍ୱନ୍ଦ୍ୱ ସଂଘର୍ଷର ପରିସମାପ୍ତି ମଧୁର ମିଳନରେ; କିନ୍ତୁ ଅନ୍ତଦ୍ୱନ୍ଦ୍ୱର ଅଭାବ ସତେ ଏହି ନାଟକରେ ଲକ୍ଷ୍ୟ କରାଯାଇପାରେ। ରତ୍ନ ବା ଲିଲି ଚରିତ୍ରରେ ଅନ୍ତର୍ଦ୍ୱନ୍ଦ୍ୱର ରୂପାୟନ ଘଟିଥିଲେ ନାଟକଟି ଆହୁରି ଜୀବନ୍ତ ହୋଇପାରିଥାନ୍ତା।

ନାଟ୍ୟକାରଙ୍କ ଭାଷା, ଶୈଳୀ ଏବଂ ସଂଳାପ ମଉଡ଼ମଣିକୁ ଜୀବନ୍ତ କରିତୋଳିଛି। ଭାଷାକୁ ଭାବବାହୀ କରିବାର ଲାଗି 'ରାମ ମଲେ ଯାହା ରାବଣ ମଲେ ସେଇଆ', ଦି ନାଆରେ ଗୋଡ଼ଦେବା, 'ଝିମିଟି ଖେଳରୁ ମହାଭାରତ ସୃଷ୍ଟି' ଆଦି ପ୍ରବଚନର ପ୍ରୟୋଗ ଚମତ୍କାର ହୋଇଛି। କାଳୀଚରଣଙ୍କ ଭଳି ପାତ୍ରୋଚିତ ସଂଳାପ ଖଂଜିବାରେ ରାମଚନ୍ଦ୍ର ଥିଲେ ଜଣେ ଅଦ୍ୱିତୀୟ ବିଜ୍ଞାଣୀ। ଘଟଣାର ଅଗ୍ରଗତି ଓ ଚରିତ୍ର ମାନଙ୍କର ବିକାଶ ସାର୍ଥକ ସଂଳାପ ସଂଯୋଜନ ଦ୍ୱାରା ହିଁ ସମ୍ଭବପର। ତାଙ୍କର ସଂଳାପ ପାତ୍ରୋମୁଖୀ ଓ ଯଥାର୍ଥ। ଏହାର ଉଦାହରଣ ମଉଡ଼ମଣିରେ ବିରଳ ନୁହେଁ। ସାଧୁ ସାନ୍ତରା ଉପରକୁ ଗୁଳି ଚଳେଇବା ଲାଗି କୁମାର ଯେତେବେଳେ ଉଦ୍ୟତ ହୋଇଛି ରାଜମାତା ସେଥିରୁ ତାକୁ ନିବୃତ୍ତ କରାଇ ଯେଉଁ ଶ୍ଳେଷୋକ୍ତି କରିଛନ୍ତି ତାହା କଳାତ୍ମକ ହୋଇପାରିଛି।

'କୁମାର- ମାମା! ଆମର ମାନ ସମ୍ମାନ ରକ୍ଷା କରିବାକୁ ହେଲେ—

ରାଜମାତା- ତା ବୋଲି ତୁ ଗୁଳି ଚଳେଇବୁ ସାଧୁ ସାନ୍ତରାଏ ପରି ଗୋଟାଏ ନିରୀହ ଚାଷୀ ଉପରେ, ଯେକି ଆମର ମାନ ସମ୍ମାନ ବଢ଼େଇବା ପାଇଁ ଧାଇଁ ଆସିଛି ଆମର ପାଖକୁ ଦୟାର ଭିକାରୀ ହୋଇ।'

ରତ୍ନ ଓ ରଂଜନ ବିଷୟକୁ ନେଇ ଯମେଶ୍ୱର କବିରାଜ ସାମନ୍ତରାର ସରଳ ମନରେ ଗରଳ ଭରିଦେଇଛି। ସେ ରଂଜନକୁ ଅବିଶ୍ୱାସ କରିଛନ୍ତି। ନନ୍ଦୀ ବଂଧ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାର ଉତ୍ତରରେ ରଂଜନ କହିଛି— 'ବେଶ୍, ମୁଁ ଚାଲିଯିବି ମଉସା, କିନ୍ତୁ ମନରେ ଦୁଃଖ ରହିଗଲା ମଉସା ଆପଣ ମତେ

Digitized by PPRACHIN, SOA

ଭୁଲ୍" ବୁଝିଲେ। ମାନସ 'ଏଠିକି ଆସିଥିଲା, ମନରେ କ୍ଷୁଧା ନେଇ ନୁହେଁ, ମଣିଷର କ୍ଷୁଧା ଘୁଞ୍ଚେଇବା ପାଇଁ, ସେ ଆସିନଥିଲା ସ୍ୱାର୍ଥର ସନ୍ଧାନରେ, ଆସିଥିଲା କର୍ତ୍ତବ୍ୟର ଆହ୍ୱାନରେ। ଆପଣଙ୍କ ମନରେ ଯେତେବେଳେ ସନ୍ଦେହ ହେଲଣି, ମୁଁ ନିଶ୍ଚୟ ଯିବି।' ଏହି ସଂଳାପର ଅନ୍ତରାଳରେ ଯେଉଁ ଗଭୀର କାରୁଣ୍ୟବୋଧ ନିହିତ ତାହା କାହାକୁ ଅଜଣା ନୁହେଁ।

ସ୍ୱାମୀଙ୍କୁ ସତ୍‌ପଥକୁ ଆଣିବା ପାଇଁ ଓ ରାଜପରିବାରର କଳଙ୍କିଲଗା ଆଭିଜାତ୍ୟକୁ ଦୂରକୁ ଫିଙ୍ଗିଦେବାଲାଗି କୁମାରସାହେବଙ୍କୁ ଜୟନ୍ତୀର ଉକ୍ତି ଯେତିକି ସଂକେତଧର୍ମୀ ସେତିକି ଭାବଗର୍ଭକ।

କୁମାର- ଆଶାକରେ ଶ୍ରୀ, ତୁମେ ତୁମର ସ୍ୱାମୀଙ୍କର ଐଶ୍ୱର୍ଯ୍ୟ ପ୍ରତିପତ୍ତିର ଭାଗୀଦାର ହୋଇ ଏ ରାଜପରିବାରର ସମ୍ମାନ ଅକ୍ଷୁର୍ଣ୍ଣ ରଖିବି।

ଜୟଶ୍ରୀ-(ହସି) ଚେଷ୍ଟା କରୁଚି କୁମାର, ଗାଡି ଯଦି ଚଢ଼ିବାକୁ ହବ ତାହାଲେ ପୂରାପୂରି ନୂଆ ଗାଡିରେ, ଆଉ ଏ ପୁରୁଣାରେ କାମ ଚଳିବନି, ବରଂ ଦୁର୍ଘଟଣାର ସମ୍ଭାବନା ବହୁତ ବେଶୀ।

ମାଷ୍ଟର ଚରିତ୍ରର ହିନ୍ଦୀ ମିଶା ଓଡ଼ିଆ ସଂଳାପ ବେଶ୍ ତାତ୍ପର୍ଯ୍ୟ ପୂର୍ଣ୍ଣ। ଏତଦ୍‌ବ୍ୟତୀତ ନାଟ୍ୟକାର ଉକ୍ତ ନାଟକରେ ସଂଳାପ କ୍ଷେତ୍ରରେ ମଧ୍ୟ ନୂତନ ପରୀକ୍ଷା କରିଛନ୍ତି । ପ୍ରତ୍ୟେକ ଦୃଶ୍ୟର ଶେଷ ସଂଳାପ ତାପର ଦୃଶ୍ୟର ଆଦ୍ୟ ସଂଳାପ ଭାବେ ଭିନ୍ନ ଅର୍ଥରେ ଆତ୍ମ ପ୍ରକାଶ କରିଛି।

ରାମଚନ୍ଦ୍ରଙ୍କ ଆଦର୍ଶବାଦୀ ଦୃଷ୍ଟିକୋଣ ମୁଖ୍ୟତଃ ଗାନ୍ଧୀବାଦୀ ଚିନ୍ତାଧାରାର ପ୍ରତିଫଳକ। ହିନ୍ଦୀ ସାହିତ୍ୟର ହରେକୃଷ୍ଣ ପ୍ରେମୀଙ୍କ ଭଳି ତାଙ୍କର ପ୍ରତ୍ୟେକ ନାଟକରେ ଆଦର୍ଶବାଦର ସ୍ୱର ପ୍ରମୁଖ। ଗାନ୍ଧୀବାଦୀ ଚିନ୍ତାଧାରା ମୂର୍ତ୍ତ ରୂପରେ ଉପଲବ୍ଧ। ତା'ଙ୍କ ଭଳି ସେ ମଣିଷର ସାଧୁତା, ସାହସ, ପବିତ୍ରତା ଓ ବୁଦ୍ଧିଦୀପ୍ତତା ଉପରେ ଗୁରୁତ୍ୱ ଦେବା ସହିତ ସମାଜ ଜୀବନରେ ସମତା ଓ ସ୍ୱଚ୍ଛନ୍ଦତା ଆଣିବା ଲାଗି ଆଗ୍ରହୀ। ତାଙ୍କ ନାଟକର କଥାବସ୍ତୁ ଚରିତ୍ର ସବୁ ଆମର ଏକାନ୍ତ ନିଜର, ଓଡ଼ିଶାର ପାଣିପବନରେ ପରିବର୍ଦ୍ଧିତ ଓ ଆମର ପରିବେଶ ସହ ଏକାତ୍ମ। ପରୀକ୍ଷା ନିରୀକ୍ଷାର ଦୁହାଇଦେଇ ପାଶ୍ଚାତ୍ୟ ନାଟକର ଦ୍ୱାରସ୍ଥ ହେବାକୁ ସେ ପସନ୍ଦ କରିନାହାନ୍ତି ବା ବିଦେଶୀ ଚାରାକୁ ଆଣି ଜୋର୍ ଜବରଦସ୍ତ ଓଡ଼ିଶା ମାଟିରେ ରୋପଣ କରିବାକୁ ଚାହିଁ ନାହାନ୍ତି। ଫଳରେ ଗତାନୁଗତିକ ଧାରାରେ ରଚିତ ହୋଇଥିଲେ ସୁଦ୍ଧା ତାଙ୍କର ନାଟକ ଆଜି ମଧ୍ୟ ଦର୍ଶକ ସଂପୃକ୍ତି ହରାଏ ନାହିଁ। ଏହା ହେଉଛି ତାଙ୍କ ନାଟକର ବୈଶିଷ୍ଟ୍ୟ। କାରଣ True drama is created by bringing life to theatre & the theatre to life. ୧୯୫୨ରେ ରଚିତ ଉକ୍ତ ନାଟକର ସାର୍ବକାଳିକ ସ୍ଥିତିକୁ ସ୍ୱୀକାର କରାଯାଇପାରେ। ବାସ୍ତବ ଓ ଆଦର୍ଶବାଦର ମଧୁର ସମନ୍ୱୟରେ 'ମଙ୍ଗଳମଣି' ପରିକଳ୍ପନା ଏକାନ୍ତ ଅଭିନନ୍ଦନୀୟ।

—o—

Digitized by PPRACHIN, SOA

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ 'ଚାବୁକ୍' — ଏକ ବିଚାର ବିମର୍ଶ।

ଡଃ. ବାବାଜୀ ଚରଣ ପଟ୍ଟନାୟକ

ଆଧୁନିକ ଓଡ଼ିଆ ନାଟକ ସାହିତ୍ୟରେ ଶ୍ରୀରାମଚନ୍ଦ୍ର ମିଶ୍ର, ଜଣେ ବହୁ ପରିଚିତ ସ୍ରଷ୍ଟା। ବୋଧହୁଏ, କାଳୀଚରଣ ପଟ୍ଟନାୟକଙ୍କ ପରେ, ଶ୍ରୀଯୁକ୍ତ ମିଶ୍ର ଥିଲେ ସବୁଠୁ ବଳି ଜନମାନସ ଆଲୋଡ଼ନକାରୀ ନାଟ୍ୟକାର। ସେ କେବଳ ବହୁତ ଗୁଡ଼ାଏ ନାଟକ ରଚନାକରି ଅଭିନୀତ କରାଇ ପାରିଥିବାରୁ ସମକାଳରେ ଯେ, ପ୍ରସିଦ୍ଧି ଓ ପ୍ରତିଷ୍ଠା ଲାଭ କରିଥିଲେ; ସେ କଥା ନୁହେଁ। ପରନ୍ତୁ ନିଘନ ସାମାଜିକ ଅନୁଭୂତି ଓ ମାନବ ପ୍ରକୃତିର ବୋଧତାକୁ ନାଟ୍ୟାୟିତ କରିବାର ଅନନ୍ୟ କଳା—ସାମର୍ଥ୍ୟ, ତାଙ୍କୁ ଧାଡ଼ିମୂଳିଆ ଓଡ଼ିଆ ନାଟ୍ୟ ରଚୟିତାଙ୍କ ମଧ୍ୟରେ ଭିନ୍ନରୂପେ ଚିହ୍ନେଇବାରେ ସାହାଯ୍ୟ କରିଥିଲା। ଖାସ୍ ସେଇଥିପାଇଁ ତାଙ୍କ ନାଟକ ପୁସ୍ତକ ସବୁ ଓଡ଼ିଆ ନାଟ୍ୟଧାରାର କାଳାନୁକ୍ରମିକ ପାହାଚକୁ ଅତିକ୍ରମ କରି, ଏବକାର ଲୋକଚେତନାକୁ ବି ଗଭିରଭାବେ ସ୍ପର୍ଶ କରି ପାରିଛି। ନାଟକର ସଫଳତା ମଞ୍ଚାଭିନୟର କୁଶଳତା ଉପରେ ନିର୍ଭର କରେ। କିନ୍ତୁ ସ୍ମୃତିରେ ସାଇତା ହୋଇ ରହି ପାରିବାର କଳାଗୌରବ ପାଇଁ ଲୋଡ଼ାହୁଏ ସଂଳାପ କାରିଗରୀର ଚାତୁରୀ। ତେଣୁ ଅନେକେ ବୋଧହୁଏ ମୋ ସହିତ ଏକମତ ହେବେ ଯେ; ନାଟ୍ୟକାର ଶ୍ରୀ ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ଯୁଗଦୃଷ୍ଟିର ସଙ୍କେତ ସହ ଯୁଗାନ୍ତର ନିମିତ୍ତ ଭାଷ୍ୟ—ବ୍ୟଞ୍ଜନାର ନିଧାନ ରହିଛି। ଏଦୃଷ୍ଟିରୁ ତାଙ୍କ ନାଟକର ସାମାଜିକ ଆବେଦନ ସବୁକାଳର ଦ୍ରଷ୍ଟା, ଶ୍ରୋତା ଓ ପାଠକ ପକ୍ଷେ ମାର୍ମିକ ହୋଇ ଆସିଛି। ଏହ ପରିପ୍ରେକ୍ଷୀରେ ତାଙ୍କର ଅପ୍ରକାଶିତ ନାଟକ—'ଚାବୁକ୍', ଆଲୋଚନୀୟ।

'ଚାବୁକ୍' — ଉଣେଇଶ ଅଠାବନ ମସିହା ଫେବୃୟାରୀ ମାସ ସାତ ତାରିଖ ରାତିରେ ଅଭିନୀତ ହୋଇଥିବା କଥା ପାଣ୍ଡୁଲିପିର ଶେଷପୃଷ୍ଠାରୁ ଜଣାଯାଏ। ସ୍ୱାଧୀନତା ପରବର୍ତ୍ତୀ କାଳରେ କଲେଜ ପଢ଼ୁଆ ଯୁବକ ଜୟନ୍ତ କୁମାର ସାମ୍ନା କରିଥିବା ଦୁର୍ଦ୍ଦଶାର ଚିତ୍ର; ଏଥିରେ ନାଟ୍ୟାୟିତ। ଗାଉଁଲି ପରିବେଶରେ ତାର ଜନ୍ମ। କୃଷି ହେଉଛି କୌଳିକ ବୃତ୍ତି। କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ତା'ଭିତରେ ସୃଷ୍ଟି କରିଛି ଅହଂକାର। ସେ ଗ୍ରାମୀଣ ଚଳଣି ସହ ନିଜକୁ ଖାପ୍ ଖୁଆଇ ପାରିନି। ପିଠା-ପଣା, କ୍ଷୀର-ଭାତ ପରିବର୍ତ୍ତେ ଗରମ ଚା ଓ ସିଗ୍ରେଟ ପ୍ରତି ସେ ଆକୃଷ୍ଟ ହୋଇଛି। ଆଚରଣ ଅପେକ୍ଷା ଭାଷଣ ସର୍ବସ୍ୱ ଉପଦେଶ ଉପରେ ଗୁରୁତ୍ୱ ଦେଉଛି। ଅପରପକ୍ଷେ ପିତା ଶତ୍ରୁଘ୍ନ ବଳୀୟାର ସିଂହ ଥିଲେ ଗାନ୍ଧୀବାଦୀ, ନିର୍ଭୀକ ଚେତା, ସତ୍ୟବାକ୍ ଓ ନିରୁଣ ଗାଉଁଲି ମଣିଷ। ତାଙ୍କ ଦେଇ ପୁଅର ଏସବୁ ଫାଜଲାମି ଦେହରେ ଯାଏ ନାହିଁ। ଚେତେଇ ଦେବାକୁ କହିନ୍ତି—''ତମେ ପାଠ ପଢ଼, ଭଲ ମଣିଷ ହୁଅ। ହେଲେ ଯୋଉ କଥା ନିଜ ଦେଇ ହେଇ ପାରିବ ନି ସେ ବିଷୟରେ ଅପରକୁ ଉପଦେଶ ଦବା ତା'ଉପରେ

Digitized by PPRACHIN, SOA

ପୁଣି ଟିପ୍‌ପଣୀ କାଟିବାର ଚେଷ୍ଟା କରନି।'' ସେ ନିଜ ପୁଅ ସହିତ ପାଇକରା ଝିଅ କନିର ବାହା କରାଇବେ ବୋଲି ଶପଥ କରିଥିଲେ। ପାଇକରା ସ୍ୱର୍ଗତ, ପୁଣି ପୁଅ ଜୟନ୍ତ, ଏଥିରେ ଅମତ। ସେ ବ୍ୟଥିତ। କିନ୍ତୁ ଯୁଗର ରୁଚି ପରିବର୍ତ୍ତନ ସଂପର୍କରେ ସେ ସଚେତନ। ଇତି ମଧ୍ୟରେ ଦେଶୀ ସାହେବ ଦାସ ସାହେବ, ତାଙ୍କ ଝିଅ ତନୁଜାର ବିବାହ ପ୍ରସ୍ତାବରେ ବଳୀୟାର ସିଂହଙ୍କୁ ଭେଟିଛନ୍ତି। ହେଲେ, ସେ ପରା ପୁରୁଣାକାଳିଆ ଛେଚାପିଟା ମଣିଷ। ସହଜେ କ'ଣ ପ୍ରତିଶ୍ରୁତିକୁ ଫାଙ୍କି ଦେଇ ପାରିବେ ? ରୋକ୍‌ଠୋକ୍‌ଭାବେ ପୂର୍ବ ଶପଥକୁ ଶୁଣାଇଛନ୍ତି। ନିରାଶରେ ଫେରିଛନ୍ତି ଦାସ ସାହେବ। ହେଲେ ପ୍ରତିଶୋଧ ପରାୟଣ ହୋଇ ଜୟନ୍ତର ଚାକିରୀ ପ୍ରାପ୍ତିରେ ବାଧକ ସାଜିଛନ୍ତି। ଭାବିଛନ୍ତି, ''ଆଧୁନିକ ଉଚ୍ଚଶିକ୍ଷିତ ଯୁବକ ତାର କୌଳିକ ବୃତ୍ତିକୁ ସମ୍ବଳକରି, ଆଧୁନିକ ସଭ୍ୟତାର ବହୁଦୂରରେ ପଲ୍ଲୀ ଗାଁରେ ତା ଜୀବନ ନିର୍ବାହ କରିବା ସମ୍ଭବ ନୁହେଁ।'' ତେଣୁ ଜୟନ୍ତ ଆପେ ଆପେ ତାଙ୍କ ଗୋଡ଼ପାଖକୁ ଆସିବ ବୋଲି ଧାରଣା କରିଛନ୍ତି। କିନ୍ତୁ ତାଙ୍କ ଧାରଣା ଅମୂଳକ ପ୍ରତିପନ୍ନ ହୋଇଛି। ଜୟନ୍ତ ଦୁଃଖ କଷ୍ଟ ଭିତରେ ଜୀବିକା ନିର୍ବାହ ପୂର୍ବକ 'ଚାବୁକ୍' କାଗଜ ସମ୍ପାଦନା କରିଛି ସିନା, ସର୍ତ୍ତଭିତ୍ତିକ ଚାକିରୀ ପାଇଁ ଦାସ ସାହେବଙ୍କ ସହ ସାଲିସ୍ କରି ନାହିଁ। ସେ ରହିଛି ମୈତ୍ରୀ ମହଲ ମେସ୍‌ରେ। କମଳ, ବିଜୟ, ବ୍ରଜ ଇତ୍ୟାଦିଙ୍କ ଗହଣରେ ନୂଆ ସମାଜ ଗଢ଼ିବାର ସ୍ୱପ୍ନ ଦେଖିଛି। ବେଳେ ବେଳେ ସେଠି ଯାଇ ଜୁଟନ୍ତି ଚରଣବାବୁ। ଗ୍ରାମ ସେବକ। ସେ ଜାଣନ୍ତି—''ଚାକିରୀ ଜୀବନରେ କ୍ୟାରେକ୍ଟର ରୋଲ୍ ନେଇ ଆରମ୍ଭ, ପେନ୍‌ସନ୍‌ରେ ସମାପ୍ତି। ଯା'ଭିତରେ ବାଲିଗରଡ଼ା ପରି ସ୍ରୋତମୁହଁରେ ଭାସିଯିବା ଛଡ଼ା ଆଉ କ'ଣ ନୂଆକଥା ଅଛି।'' ସେ ଥିଲେ ଜୟନ୍ତ ପରିବାରର ଶୁଭ ଚିନ୍ତକ।

ପରିଣତିରେ ଦାସସାହେବ ଗୁଣ୍ଡାଙ୍କ ଦ୍ୱାରା ଚାବୁକ୍ ପତ୍ରିକାର ସମ୍ପାଦକଙ୍କୁ ମାଡ଼ ମରାନ୍ତି। ମୈତ୍ରୀ ମହଲରେ ତାଙ୍କର ଚିକିତ୍ସା ଚାଲେ। ଭାଇ ସୁଦର୍ଶନଙ୍କ ବସାରୁ କନକ ଆସନ୍ତି ମୈତ୍ରୀ ମହଲକୁ। ତାଙ୍କର ସେବା ଶୁଶ୍ରୂଷାରେ ଭଲ ହୁଅନ୍ତି ଜୟନ୍ତ। ପିତା ଶତ୍ରୁଘ୍ନ ସେଠି ପହଞ୍ଚନ୍ତି। ପାଆନ୍ତି—ପୁଅ—ବୋହୂକୁ। ପୁଅର ଦୁର୍ଦ୍ଦଶାରେ ବ୍ୟଥିତ ହୋଇ କହି ପକାନ୍ତି—''ପୈତୃକ ସମ୍ପତ୍ତି ମୋର ସବୁ ଚାଲିଯାଉ—ହେଲେ ଦାସ ସାହେବଙ୍କୁ ମୁଁ ଛାଡ଼ିବି ନାହିଁ।'' ମୈତ୍ରୀ ମହଲର ଅନ୍ତେବାସୀମାନେ ତାଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ମିଳିଛି। ସମାଜର ଅଶୁଭଗ୍ରହ-ରୂପୀ ଦାସସାହେବଙ୍କ ବିରୁଦ୍ଧରେ ସଂଗ୍ରାମର ଆହ୍ୱାନ ଶୁଣାଇଛି 'ଚାବୁକ୍'। କିନ୍ତୁ ରୋମାଣ୍ଟିକ ସ୍ୱପ୍ନାନ୍ତରାଳରେ ନୂଆ ସମାଜ ଗଢ଼ିବାର ଦୃପ୍ତ ଆହ୍ୱାନ, ସ୍ୱପ୍ନଘେରା କୁହେଳି ଭଳି ନିଶ୍ଚିହ୍ନ ହୋଇ ଯାଇଛି। ବସ୍ତୁତଃ ରୋମାଣ୍ଟିକ୍-କମେଡ଼ି-ଧର୍ମୀ ନାଟକ ଭାବେ 'ଚାବୁକ୍'ର ଆବେଦନ ହୋଇଛି ପ୍ରାଣସ୍ପର୍ଶୀ।

ନାଟ୍ୟକାର ଶ୍ରୀମିଶ୍ର ଜାଣନ୍ତି; ଆମ ସଭ୍ୟତା ଓ ସଂସ୍କୃତିର ସଂକେତ ଗ୍ରାମୀଣ ଚଳଣିରେ ବିଦ୍ୟମାନ। ପୁଣି ସହରୀ ଜୀବନର ପ୍ରତାରଣା ସମ୍ପର୍କରେ ସେ ସଚେତନ ଥାନ୍ତି। ଯେପରି ମିସେସ୍ ନାୟକ ଓ ସୁଦର୍ଶନଙ୍କ କନ୍ୟା ବେବୀର ନାଚ ପ୍ରତିଯୋଗିତାରେ

Digitized by PPRACHIN, SOA

ବିଚାରକ ହୁଅନ୍ତି ମିଷ୍ଟର ଦାସ। ଅଥଚ ତତ୍‌ସଂକ୍ରାନ୍ତରେ ତାଙ୍କର ଯୋଗ୍ୟତା ନଦାରଦ। ବୋଧହୁଏ ସାଂପ୍ରତିକ ସମାଜରେ ନାଚ ପ୍ରତିଯୋଗିତାର ବିଚାରକ ହେବା ପାଇଁ କଳାକାରର ଯୋଗ୍ୟତା ଜରୁରୀ ନୁହେଁ। ସେଥିପାଇଁ ଲୋଡ଼ାହୁଏ ସରକାରୀ ପଦ-ପଦବୀ ଓ ଆର୍ଥିକ ପ୍ରତିପତ୍ତି। ବେବୀର ସଂଳାପରୁ ନାଟ୍ୟକାରଙ୍କ ତିର୍ଯକ ସମାଜ ଦୃଷ୍ଟି ପ୍ରତିପନ୍ନ ହୋଇଥାଏ—"ମିଷ୍ଟର ଦାସ ନାଚ ଗୀତ ନ ଜାଣିଲେ କ'ଣ ହେଲା? ସେଥିରେ ତାଙ୍କର ପ୍ରବଳ ଉତ୍ସାହ। ତା'ପରେ ସେ ଜଣେ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ। ଜଜ୍ ହବାକୁ ଏଇ କ'ଣ ଯଥେଷ୍ଟ ଯୋଗ୍ୟତା ନୁହେଁ।" ଚଳନ୍ତି ସମାଜର ଏବଂ ବିଧ ବେଦନାଦ୍ର ଅନୁଭୂତି ସମ୍ବନ୍ଧରେ ସମସ୍ତେ ପ୍ରାୟ ଅଳ୍ପ ବହୁତେ ସଚେତନ। ବୋଧହୁଏ ସବୁକାଳରେ ଅପଟୁ ନୃତ୍ୟଶିଳ୍ପୀ ବେବୀମାନେ ଅନଭିଜ୍ଞ ଦାସସାହେବମାନଙ୍କ ଦ୍ୱାରା ପୁରସ୍କୃତ ହୋଇ ଆସୁଛନ୍ତି। ଆସୁଥିବେ ମଧ୍ୟ।

ନାଟକରେ ସର୍ବଥା କାଳ ହେଉଛି ବର୍ତ୍ତମାନ ଓ ଚରିତ୍ର ହେଉଛି ଦ୍ୱିତୀୟ ପୁରୁଷ। ନାଟ୍ୟକାର ନିଜେ ହିଁ ପ୍ରଥମ ପୁରୁଷ। ଅଥଚ ପ୍ରଥମ ପୁରୁଷର ପ୍ରତ୍ୟକ୍ଷ ଆତ୍ମପ୍ରକାଶ ଘଟିବା ସମ୍ଭବପର ନୁହେଁ। କୌଣସି ଚରିତ୍ର ନେଇ ନାଟ୍ୟକାରର ଆତ୍ମା କଥା ପ୍ରକାଶ ପାଏ। ହେଲେ, ଦୂରଛଡ଼ା ତୃତୀୟପୁରୁଷ ଢଙ୍ଗରେ ନୁହେଁ। ବରଂ ଅନ୍ତରଙ୍ଗ ଦ୍ୱିତୀୟ ପୁରୁଷର ରୀତିରେ। ଦାସ ସାହେବଙ୍କ ସଂଳାପରୁ ଉପର୍ଯୁକ୍ତ ରୀତି ଅନୁଧେୟ — "ସରକାରୀ ନୀତି ସରକାରୀ କର୍ମଚାରୀଙ୍କ ପାଇଁ ନୁହେଁ, ମିସେସ୍ ନାୟକ। ତାହା ବେସରକାରୀ ଲୋକଙ୍କ ପାଇଁ ପ୍ରଯୁଜ୍ୟ। ସରକାରୀ କର୍ମଚାରୀଙ୍କ ସହିତ ତାର ସମ୍ପର୍କ ଥାଏ ଖୁବ୍ କମ୍।"

'ଚାବୁକ୍' ନାଟକ, ତିନୋଟି ଅଙ୍କରେ ବିଭକ୍ତ। ପ୍ରତ୍ୟେକ ଅଙ୍କରେ ଯଥାକ୍ରମେ ତିନି, ପାଞ୍ଚ ଓ ସାତଟି ଦୃଶ୍ୟ ରହିଛି। ମଞ୍ଚକଳ୍ପନାରେ ସ୍ୱଭାବସୁଲଭ ଗତାନୁଗତିକ ଧାରା ଅନୁସୃତ। ସେହି ପଦ୍ଧତିକନ୍ଧେ ସଂଗୀତ ସଂଯୋଜନା ଦୁର୍ଲକ୍ଷ୍ୟ ରହେ ନାହିଁ। ସର୍ବୋପରି ଏଥିରେ ନାଟ୍ୟକାରଙ୍କ ସମାଜ ଦୃଷ୍ଟିଗତ ପ୍ରତିକ୍ରିୟା ଓ ସମ୍ଭାବ୍ୟ ପରିଣତିର ଚିତ୍ର ଯୁକ୍ତିଯୁକ୍ତ ଭାବେ ଉପସ୍ଥାପିତ। ପରିବେଶ ଓ ପାତ୍ରୋପଯୋଗୀ ଜୀବନ୍ତ ଭାଷା ପ୍ରୟୋଗରେ ସଂଳାପ ସବୁ କାଳାତିକ୍ରମି ହୋଇଛି। ଯେପରି—' କ'ଣ ହେଉଛି ଜୟୀବୋଉ? ସକାଳଟାରୁ ତୁଣ୍ଡଟା ଫଟା କଂସା ପିଟିଲା ପରି ଶୁଭୁଛି ଯେ?' କିମ୍ୱା 'ତୋ ପମ୍ପା ମାଠିଆ ଗର୍ଜନରେ ଭାବିଚୁ ଏ ବଳୀୟାର ସିଂ ହଦେଇ ଯିବ।' ପୁଣି — 'ନ ଆସୁ, ଦୁଃଖ କ'ଣ ହାତୀ ବନସ୍ତରେ ଥିଲେ ବି ରାଜାଙ୍କର — ସେ ବଳୀୟାର ସିଂର ପୁଅ—ଦାସ ସାହେବଙ୍କର ଧନର ଦାସ ନୁହେଁ, କିମ୍ବା ତାଙ୍କ ହୁକୁମର ଚାକର ନୁହେଁ।" ଏମିତି ଅନେକ ସଂଳାପ ବହୁ ଲୋକଙ୍କ ତୁଣ୍ଡେ ତୁଣ୍ଡେ ରହି ଯାଇଛି। ଏହା କ'ଣ ରାମଚନ୍ଦ୍ର ମିଶ୍ରଙ୍କ ଶିଳ୍ପ—ଚାତୁରୀର ବାହାଦୁରୀ ନୁହେଁ। ପୁନଶ୍ଚ, ଆବେଦନ ଦୃଷ୍ଟିରୁ 'ଚାବୁକ୍' ଯେ; ସ୍ୱାଧୀନତା ପରବର୍ତ୍ତୀ କାଳର ଦେଶୀ ସାହେବଙ୍କ ଚରିତ୍ର ସଂଶୋଧନର ମହୌଷଧି — ଏକଥା ଭୁଲିଗଲେ ଚଳିବ ନାହିଁ।

—o—

Digitized by PPRACHIN, SOA